ଧରିତ୍ରୀ
DHARITRI
52 Years

ଭୁବନେଶ୍ୱର, ଶୁକ୍ରବାର, ଡିସେମ୍ବର ୨୬/୨୦୨୫ (୧୬ ପୃଷ୍ଠା) | Bhubaneswar, Friday, December 26/2025 Page 16 | ₹ 7.00

୫୨ଶ ଭାଗ ୩୩ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Rayagada & Angul | VOLUME 52 ISSUE 33 | ମୂଲ୍ୟ ₹୭/-

CureBay KAVACH
ସୁସ୍ଥ ରୁହନ୍ତୁ ଟେନସନ୍ ଛାଡ଼ନ୍ତୁ

"ମା'ରାଣ ଖାଇଲ"
₹୪୨୨ ଟଙ୍କାର କିଓର୍‌ବେ କବଚ ସହ
ଏକ ବର୍ଷ ପାଇଁ ସମ୍ପୂର୍ଣ୍ଣ ସ୍ୱାସ୍ଥ୍ୟ ସୁବିଧା
ଏଇଟା ପୁରା ସତ । ମା' ରାଣ !

CureBay for a healthier India
ସ୍କାନ୍ କରନ୍ତୁ
ଡାଉନଲୋଡ୍ CureBay ଆପ୍
GET IT ON Google Play
Available on the App Store

8335 000 999 ରେ କଲ୍ କରନ୍ତୁ , ଆପଣଙ୍କର ନିକଟସ୍ଥ CureBay eClinic ପରିଦର୍ଶନ କରନ୍ତୁ
*ନିୟମ ଏବଂ ସର୍ତ୍ତାବଳୀ ପ୍ରଯୁଜ୍ୟ।

# ଦୁର୍ଘଟଣାରେ ବସ୍ ଜଳିଗଲା: ୬ ମୃତ



**ବେଙ୍ଗାଲୁରୁ,୨୫।୧୨**

କର୍ନାଟକର ଚିତ୍ରଦୁର୍ଗ ଜିଲାରେ ଏକ ମର୍ମନ୍ତୁଦ ସଡ଼କ ଦୁର୍ଘଟଣାରେ ୬ ଜଣ ଦଗ୍ଧ ହୋଇଛନ୍ତି। ଟ୍ରକ୍‌ଟି ଡିଭାଇଡର ଡେଇଁ ଏକ ବସ୍‌କୁ ଧକ୍କା ଦେଇଥିଲା। ଫଳରେ ଘରୋଇ ସ୍ଲିପର ବସ୍‌ଟିରେ ନିଆଁ ଲାଗିଯିବା ସହ ଅନ୍ୟୁନ ୬ ଜଣ ଜଳିଯାଇ ପ୍ରାଣ ହରାଇଛନ୍ତି। ବସ୍‌ଟି ବେଙ୍ଗାଲୁରୁରୁ ଶିବମୋଗ୍ଗା ଯାଉଥିଲାବେଳେ ୪୮ ନମ୍ବର ଜାତୀୟ ରାଜପଥରେ ଦୁର୍ଘଟଣାର ସମ୍ମୁଖୀନ ହୋଇଛି। ଟ୍ରକ୍‌ଟି ବସ୍‌ର ଇନ୍ଧନ ଟାଙ୍କିକୁ ଧକ୍କା ଦେବାରୁ ତେଲ ବାହାରିଆସି ନିଆଁ ଲାଗିଯାଇଥିଲା ବୋଲି ପ୍ରାରମ୍ଭିକ ତଦନ୍ତରୁ ଜଣାପଡ଼ିଛି। ଅଳ୍ପ କେତେଜଣ ଯାତ୍ରୀ ନିଆଁରୁ ବର୍ତ୍ତିଯାଇଥିବା ପୋଲିସ ଆଇଜି ରବିକାନ୍ତ ଗୌଡ଼ା କହିଛନ୍ତି।

# ସୁରକ୍ଷା କର୍ମୀଙ୍କ ଗୁଳିରେ ମାଓବାଦୀ ଓଡ଼ିଶା ମୁଖ୍ୟ ନିହତ

କନ୍ଧମାଳ ଜିଲାରେ ମାଓବାଦୀ ମୂଳୋତ୍ପାଟନ ପାଇଁ ଜୋର୍‌ଦାର ଅଭିଯାନ ଆରମ୍ଭ ହୋଇଛି । ବୁଧବାର ରାତି ଏବଂ ଗୁରୁବାର ସକାଳେ ଜିଲାର ପୃଥକ୍ ୨ ସ୍ଥାନରେ ସୁରକ୍ଷା କର୍ମୀ ଏବଂ ମାଓବାଦୀଙ୍କ ମଧ୍ୟରେ ପ୍ରବଳ ଗୁଳି ବିନିମୟ ହୋଇଛି । ଏଥିରେ ୬ଜଣ କ୍ୟାଡର ମାଓବାଦୀଙ୍କ ମୃତ୍ୟୁ ହୋଇଛି । ସେମାନଙ୍କ ମଧ୍ୟରେ ସିପିଆଇ ମାଓବାଦୀ ସଂଗଠନର ଓଡ଼ିଶା ମୁଖ୍ୟ ତଥା ସେଣ୍ଟ୍ରାଲ କମିଟି ସଦସ୍ୟ ଗଣେଶ ଉଇକେ(୬୯) ନିହତ ହୋଇଛନ୍ତି । ତାଙ୍କ ମୁଣ୍ଡ ଉପରେ ୧ କୋଟି ୨୦ ଲକ୍ଷ ଟଙ୍କା ପୁରସ୍କାର ରାଶି ଘୋଷଣା କରାଯାଇଥିଲା । ମୃତକଙ୍କ ମଧ୍ୟରେ ୨ ଜଣ ମହିଳା ମାଓବାଦୀ ଅଛନ୍ତି । ଗଣେଶଙ୍କ ମୃତ୍ୟୁ ଦ୍ୱାରା ଓଡ଼ିଶା ମାଓବାଦୀଙ୍କ ମେରୁଦଣ୍ଡ ଭାଙ୍ଗିଯାଇଛି ବୋଲି ପୋଲିସ ଡିଜି ୱାଇ.ବି. ଖୁରାନିଆ କହିଛନ୍ତି । ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ 'X'ରେ କହିଛନ୍ତି, ନକ୍ସଲମୁକ୍ତ ଭାରତ ଗଠନ ଅଭିଯାନରେ ଆଜି ଓଡ଼ିଶା ଉଲ୍ଲେଖନୀୟ ସଫଳତା ହାସଲ କରିଛି । ସେହିପରି ଏହା ଏକ ବଡ଼ ସଫଳତା ବୋଲି ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ୍ ଶାହା କହିଛନ୍ତି ।

## ୨ ସ୍ଥାନରେ ମୁହାଁମୁହିଁ: ୬ ମାଓବାଦୀ ମୃତ



ଗଣେଶ ଉଇକେ

**ଫୁଲବାଣୀ/ତୁମୁଡିବନ୍ଧ, ୨୫।୧୨ (ରାକେଶ କୁମାର ରାଉତ/ଦୀପକ ପରାସେଠ)**

କନ୍ଧମାଳ ଜିଲା ତୁମୁଡିବନ୍ଧ ବ୍ଲକ୍ ବେଲଘର ଥାନା ପେଡମ୍ ଜଙ୍ଗଲରେ ମାଓବାଦୀ ଲୁଚି ରହିଥିବା ନେଇ ପୋଲିସ ଏବଂ ସୁରକ୍ଷା କର୍ମୀଙ୍କୁ ଗୋଇନ୍ଦା ସୂଚନା ମିଳିଥିଲା। ବୁଧବାର ରାତିରେ ସେହି ଅଞ୍ଚଳରେ ସର୍ଚ୍ଚ ଅପରେଶନ ଆରମ୍ଭ କରାଯାଇଥିଲା। ପୋଲିସକୁ ସାଦା ପୋଷାକରେ ଦେଖି ମାଓବାଦୀ ପ୍ରଥମେ ଗୁଳି ଚଳାଇଥିଲେ। ସୁରକ୍ଷା କର୍ମୀ ଏହାର ପାଲଟା ଜବାବ ଦେଇଥିଲେ। ଉଭୟ ପକ୍ଷଙ୍କ ମଧ୍ୟରେ ବହୁ ସମୟ ଧରି ଗୁଳି ବିନିମୟ ହୋଇଥିଲା। ପରେ ସର୍ଚ୍ଚ ଅପରେଶନ ବେଳେ ୨ ମାଓବାଦୀଙ୍କ ମୃତଦେହ ମିଳିଥିଲା। ମୃତକ ଦ୍ୱୟ ହେଲେ ରାୟଗଡ଼ାର ରାକେଶ ଓ ବିଜାପୁରର ଅମ୍ରିତ ବୋଲି ଜଣାପଡ଼ିଛି। ଉଭୟଙ୍କ ମୁଣ୍ଡ ଉପରେ ୨୩.୬୫ ଲକ୍ଷ ଟଙ୍କାର ପୁରସ୍କାର ରାଶି ଘୋଷଣା କରାଯାଇଥିଲା। ସେହିପରି ଚକାପାଦ ଥାନା ଅଞ୍ଚଳ ଏବଂ କନ୍ଧମାଳ-ଗଞ୍ଜାମ ସୀମାନ୍ତ ରମ୍ଭା ଜଙ୍ଗଲରେ ମାଓବାଦୀଙ୍କ ଗତିବିଧି ଚାଲିଥିବା ନେଇ ରାଜ୍ୟ ଗୋଇନ୍ଦା ବିଭାଗ ପକ୍ଷରୁ ସୂଚନା ମିଳିଥିଲା। ଏହି ଅପରେଶନ ପାଇଁ ୨୦ଟି ଏସ୍‌ଓଜି, ୨ଟି ସିଆର୍‌ପିଏଫ୍ ଏବଂ ଗୋଟିଏ ବିଏସ୍‌ଏଫ୍ ଟିମ୍‌କୁ ମିଶାଇ ୨୩ଟି ଟିମ୍ ଗଠନ କରାଯାଇଥିଲା। ଏହି ଟିମ୍ ତୁରନ୍ତ ସମ୍ପୃକ୍ତ ଅଞ୍ଚଳକୁ ଯାଇଥିଲେ। ଗୁରୁବାର ସକାଳେ ମାଓବାଦୀ ଏବଂ ସୁରକ୍ଷା କର୍ମୀ ମୁହାଁମୁହିଁ ହୋଇଥିଲେ। ଉଭୟ ପକ୍ଷଙ୍କ ମଧ୍ୟରେ ଗୁଳି ବିନିମୟ ହୋଇଥିଲା। ସର୍ଚ୍ଚ ଅପରେଶନ ବେଳେ ଆଉ ୪ ଜଣ ମାଓବାଦୀଙ୍କ ମୃତଦେହ ମିଳିଥିଲା। ସେଥିରେ ମୋଷ୍ଟ ୱାଣ୍ଟେଡ ଗଣେଶ ଉଇକେଙ୍କ ମୃତଦେହ ଥିଲା। ଗଣେଶଙ୍କ ଘର ତେଲଙ୍ଗାନା ରାଜ୍ୟ ନାଲଗୋଣ୍ଡା ଜିଲା ପୁଲେମାଲା ଗ୍ରାମ ଚେନ୍ଦୁର ମଣ୍ଡଳରେ। ସେ ଓଡ଼ିଶାରେ ମାଓବାଦୀ ଅପରେଶନର ମୁଖ୍ୟ ଥିଲେ ବୋଲି ଏଡିଜି (ଆଣ୍ଟି-ନକ୍ସଲ ଅପରେଶନ ଷ୍ଟେଟ୍ ହେଡ୍) ସଞ୍ଜୀବ ପଣ୍ଡା କହିଛନ୍ତି। ଅନ୍ୟ ୩ ଜଣଙ୍କ ମଧ୍ୟରେ ୨ ଜଣ ମହିଳା ରହିଛନ୍ତି। ସେମାନଙ୍କ ପରିଚୟ ଏ ପର୍ଯ୍ୟନ୍ତ ମିଳିପାରିନାହିଁ। ମୃତ ମାଓବାଦୀଙ୍କ ନିକଟରୁ ୨ଟି ଇନ୍‌ସାସ ରାଇଫଲ, ଗୋଟିଏ ୩୦୩ ରାଇଫଲ ଜବତ କରାଯାଇଛି। ସର୍ଚ୍ଚ ଅପରେଶନ ଏବେ ବି ଚାଲିଛି ବୋଲି କନ୍ଧମାଳ ଏସ୍‌ପି ହରିଶ ବିଶି ସୂଚନା ଦେଇଛନ୍ତି। ବିଶେଷ ସୂତ୍ରରୁ ମିଳିଥିବା ସୂଚନା ଅନୁସାରେ ଆଉ ୪ ଜଣ ମାଓବାଦୀଙ୍କ ମୃତ୍ୟୁ ହୋଇଥିବା ଜଣାପଡ଼ିଛି। ହେଲେ ପୋଲିସ ପକ୍ଷରୁ ଏହା ସ୍ପଷ୍ଟ କରାଯାଇନାହିଁ।

# ମାଛ ନେଇଯିବାରୁ ନାବାଳକଙ୍କ ଗୁପ୍ତାଙ୍ଗ କାଟିଦେଲେ

**ଏରସମା,୨୫।୧୨(ଦୀପ୍ତି ଖଣ୍ଡୁଆଳ)**

ଜଗତ୍‌ସିଂହପୁର ଜିଲା ଏରସମା ଥାନା ଅନ୍ତର୍ଗତ ଆମ୍ବିକି ଗ୍ରାମରେ ଗୁରୁବାର ଏକ ଅଭାବନୀୟ ଘଟଣା ଘଟିଛି। ମାଛ ନେଇଯିବାରୁ ଏହି ଗ୍ରାମର ଜଣେ ୧୩ ବର୍ଷୀୟ ନାବାଳକଙ୍କ ଗୁପ୍ତାଙ୍ଗ କାଟିଦିଆଯାଇଥିବା ଅଭିଯୋଗ ହୋଇଛି। ରକ୍ତାକ୍ତ ଅବସ୍ଥାରେ ତାଙ୍କୁ ଏରସମା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଛି। ଏନେଇ ପୀଡ଼ିତଙ୍କ ମା' ଥାନାରେ ଅଭିଯୋଗ କରିବା ପରେ ପୋଲିସ ମାମଲା (ନଂ.୪୬୦/୨୫) ରୁଜୁ କରିଛି।

ଉକ୍ତ ଗ୍ରାମର ନବି ଟାଙ୍ଗୁରୁ ସ୍ଥାନୀୟ ପୋଖରୀରେ ମାଛ ଧରିବା ପାଇଁ ବନିଶୀ ଲଗାଇଥିଲେ। ସମ୍ପୃକ୍ତ ନାବାଳକ ଉକ୍ତ ବନିଶୀରେ ଲାଗିଥିବା ମାଛକୁ ନେଇଯାଇଥିଲେ। ନବି ଏହା ଜାଣିବା ପରେ କ୍ଷୁବ୍ଧ ହୋଇଯାଇଥିଲେ। ସମ୍ପୃକ୍ତ ନାବାଳକଙ୍କୁ ବାଟରେ ପାଇ ତାଙ୍କୁ ମାଡ଼ ମାରିବା ସହ ଏକ ମାରଣାସ୍ତ୍ରରେ ନବି ତାଙ୍କ ଗୁପ୍ତାଙ୍ଗ କାଟି ଦେଇଥିବା ଅଭିଯୋଗରେ ଦର୍ଶାଯାଇଛି। ଏନେଇ ତଦନ୍ତ ଜାରି ରହିଛି ବୋଲି ଏରସମା ଥାନା ଅଧିକାରୀ ପ୍ରେମଜିତ ଦାସ କହିଛନ୍ତି।

**ଆଜିର ସମ୍ପାଦକୀୟ**
ଦୁଇ ଦେଶ ଲୁଟୁଛନ୍ତି

**ଏସଓଜି ଯବାନ, ଅଧିକାରୀଙ୍କ ରିସ୍କ ଆଲାଉନ୍ସ ବଢ଼ିଲା**
ପୃଷ୍ଠା-୩



ବଡ଼ଦିନ ଅବସରରେ ଭୁବନେଶ୍ୱର ସତ୍ୟନଗର ଚର୍ଚ୍ଚରେ କ୍ୟାଣ୍ଡେଲ ଜଳାଇ ପ୍ରାର୍ଥନା କରୁଛନ୍ତି ଶ୍ରଦ୍ଧାଳୁମାନେ। (ଫଟୋ: ବିକାଶ ନାୟକ)

# ୩ ଖଣିରେ ୧,୫୮୬ କେଜି ସୁନା ରହିଛି: ଖଣିମନ୍ତ୍ରୀ

**ଭୁବନେଶ୍ୱର,୨୫।୧୨(ରବିନାରାୟଣ ଜେନା)**

ପ୍ରାକୃତିକ ସମ୍ପଦରେ ଓଡ଼ିଶା ଭରପୂର। ଭାରତ କାହିଁକି, ସାରା ବିଶ୍ୱରେ କେବଳ ଓଡ଼ିଶା ଲୁହାପଥର, ମାଙ୍ଗାନିଜ ଭଳି କେତେକ ଧାତବ ପଦାର୍ଥ ପାଇଁ ନିଜସ୍ୱ ପରିଚୟ ସୃଷ୍ଟି କରିଛି ତାହା ନୁହେଁ, ଆସନ୍ତା ନୂଆବର୍ଷରେ ଓଡ଼ିଶା ସୁନା ଉତ୍ତୋଳନ କ୍ଷେତ୍ରରେ ମଧ୍ୟ ନିଜର ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିବ ବୋଲି ଇସ୍ପାତ ଓ ଖଣି ମନ୍ତ୍ରୀ ବିଭୂତି ଭୂଷଣ ଜେନା ସୂଚନା ଦେଇଛନ୍ତି।

ଏକ କାର୍ଯ୍ୟକ୍ରମ ଅବସରରେ ମନ୍ତ୍ରୀ ଜେନା କହିଛନ୍ତି, ଓଡ଼ିଶାରେ ଥିବା ସୁନା ଖଣିଗୁଡ଼ିକ ମଧ୍ୟରୁ ପ୍ରଥମ ଦଫାରେ ତିନୋଟି ସୁନା ଖଣିରୁ ସୁନା ଉତ୍ତୋଳନ ପାଇଁ ରାଜ୍ୟ ସରକାର ପ୍ରକ୍ରିୟା ଆରମ୍ଭ କରିଛନ୍ତି। ପ୍ରାକ୍ ଅନୁସନ୍ଧାନରୁ ମୟୂରଭଞ୍ଜ, ଦେବଗଡ଼ ଏବଂ କେନ୍ଦୁଝର ସୁନା ଖଣିରୁ ପାଖାପାଖି ୧,୫୮୬ କେଜି ଉତ୍ତୋଳନ ହେବାକୁ ରହିଛି। ତେବେ ଦେବଗଡ଼ ସୁନା ଖଣି ନିଲାମ ଖୁବ୍‌ଶୀଘ୍ର ହେବ। ଏଥିପାଇଁ ଆସନ୍ତା ଜାନୁଆରୀ ୩ରେ ଖଣି ବିଭାଗ ପକ୍ଷରୁ ହେବାକୁ ଥିବା ବୈଠକରେ ପୁଙ୍ଖାନୁପୁଙ୍ଖ ଆଲୋଚନା କରାଯିବ। ☞ପୃଷ୍ଠା-୪

# ପେପରଲେସ୍ ହେବ ସରକାରୀ କାର୍ଯ୍ୟ: ମୁଖ୍ୟମନ୍ତ୍ରୀ

**ଭୁବନେଶ୍ୱର,୨୫।୧୨(ସୁନିତ୍ ମିଶ୍ର)**

ବାଜପେୟୀଙ୍କ ସୁଶାସନର ମନ୍ତ୍ର ଏବଂ ମୋଦିଙ୍କ ପ୍ରଶାସନିକ ସଂସ୍କାରକୁ ପାଥେୟକରି ୧୮ ମାସର ଭାଜପା ସରକାର ଓଡ଼ିଶା ଲୋକଙ୍କ କଲ୍ୟାଣ ପାଇଁ କାର୍ଯ୍ୟରତ ରହିଛି ବୋଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କହିଛନ୍ତି। ସୁଶାସନ ଦିବସ ତଥା ପୂର୍ବତନ ପ୍ରଧାନମନ୍ତ୍ରୀ ସ୍ୱର୍ଗତ ଅଟଳ ବିହାରୀ ବାଜପେୟୀଙ୍କ ରାଜ୍ୟସ୍ତରୀୟ ଜୟନ୍ତୀ ଅବସରରେ ମୁଖ୍ୟମନ୍ତ୍ରୀ କହିଛନ୍ତି, ମୁଖ୍ୟମନ୍ତ୍ରୀ ସିଏମ୍ ଡ୍ୟାସ୍‌ବୋର୍ଡ, ଓସ୍ୱାସ୍ ବ୍ୟବସ୍ଥାକୁ ଜିଲା ଓ ବ୍ଲକ୍‌ସ୍ତର ପର୍ଯ୍ୟନ୍ତ ସମ୍ପ୍ରସାରଣ ଏବଂ ଉନ୍ନତମାନର ଚିକିତ୍ସାସେବା, ଜଳ ଯୋଗାଣ ତଥ୍ୟ ପାଇଁ ଜନସେବାରେ ସମର୍ପିତ 'ଆମ ସାଥୀ ୟୁନିଫାଏଡ୍ ହ୍ୱାଟ୍ସଆପ୍ ଚାଟ୍‌ବଟ୍'ର ଲୋକାର୍ପଣ କରାଯାଉଛି। ସିଏମ୍ ଡ୍ୟାସ୍‌ବୋର୍ଡ ଜରିଆରେ ବିଭିନ୍ନ ପ୍ରକଳ୍ପ ଓ ଯୋଜନାଗୁଡିକର ରିଅଲ୍ ଟାଇମ୍ ମନିଟରିଂ କରାଯାଇପାରିବ। 'ଆମ ସାଥୀ ୟୁନିଫାଏଡ୍ ହ୍ୱାଟ୍ସଆପ୍ ଚାଟ୍‌ବଟ୍' ଜରିଆରେ ୧୫୦ରୁ ଉର୍ଦ୍ଧ୍ୱ ଜରୁରୀ ସରକାରୀ ସେବା ଉପଲବ୍ଧ ହେବ। ଓସ୍ୱାସ୍ ସମ୍ପ୍ରସାରଣ ମାଧ୍ୟମରେ ଏଣିକି ☞ପୃଷ୍ଠା-୪

## 'ଆମ ସାଥୀ ୟୁନିଫାଏଡ୍ ହ୍ୱାଟ୍ସଆପ୍ ଚାଟ୍‌ବଟ୍'ର ଲୋକାର୍ପଣ



ସୂଚନା ଓ ଲୋକ ସମ୍ପର୍କ ବିଭାଗ ପକ୍ଷରୁ ଆୟୋଜିତ ଫଟୋଚିତ୍ର ପ୍ରଦର୍ଶନୀକୁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଉଦ୍‌ଘାଟନ କରୁଛନ୍ତି।

# ବାଂଲାଦେଶ ଫେରିଲେ ଖାଲେଦାଙ୍କ ପୁଅ

**ଢାକା,୨୫।୧୨**

## ୧୭ ବର୍ଷର ନିର୍ବାସନ ଅନ୍ତ, ଢାକାରେ ତାରିକ୍ ରହମାନଙ୍କ ବିଶାଳ ରାଲି

ଦୀର୍ଘ ୧୭ ବର୍ଷର ଆତ୍ମନିର୍ବାସନ ପରେ ବାଂଲାଦେଶର ପୂର୍ବତନ ପ୍ରଧାନମନ୍ତ୍ରୀ ଖାଲେଦା ଜିଆଙ୍କ ପୁଅ ତଥା ବାଂଲାଦେଶ ନ୍ୟାଶନାଲିଷ୍ଟ ପାର୍ଟି (ବିଏନ୍‌ପି) କାର୍ଯ୍ୟକାରୀ ସଭାପତି ତାରିକ୍ ରହମାନ ଗୁରୁବାର ସ୍ୱଦେଶ ଫେରିଛନ୍ତି। ରାଜଧାନୀ ଢାକାରେ ତାଙ୍କୁ ଭବ୍ୟ ସ୍ୱାଗତ ସମ୍ବର୍ଦ୍ଧନା ଦିଆଯାଇଛି। ଆସନ୍ତା ଫେବୃଆରୀ ୧୨ ବାଂଲାଦେଶ ପାର୍ଲାମେଣ୍ଟ ନିର୍ବାଚନ ଥିବାବେଳେ ଏହା ପୂର୍ବରୁ ରହମାନଙ୍କ ପ୍ରତ୍ୟାବର୍ତ୍ତନ ଦଳୀୟ କର୍ମୀମାନଙ୍କୁ ଉତ୍ସାହିତ କରିଛି। ଇସ୍‌ଲାମିଷ୍ଟ ପାର୍ଟି ଏବଂ ଜମାତ-ଇ-ଇସ୍‌ଲାମୀ ସେମାନଙ୍କ ସମର୍ଥନ ଭିତ୍ତିକୁ ବଢ଼ାଇବା ପାଇଁ ଉଦ୍ୟମ ଚଳାଇଥିଲେ ମଧ୍ୟ ୬୦ ବର୍ଷୀୟ ରହମାନ ଆଗାମୀ ନିର୍ବାଚନରେ ପ୍ରଧାନମନ୍ତ୍ରିତ୍ୱ ପାଇଁ ମୁଖ୍ୟ ଦାବିଦାର ଭାବେ ଉଭାହୋଇଛନ୍ତି।

ଢାକାରେ ରହମାନ ଗୁରୁବାର ଏକ ବିଶାଳ ରାଲିକୁ ଉଦ୍‌ବୋଧନ ଦେଇଛନ୍ତି। ଉକ୍ତ ରାଲିରେ ଅନେକ ଲକ୍ଷ ସମର୍ଥକ ସାମିଲ ହୋଇଥିବା ଦେଖିବାକୁ ମିଳିଥିଲା। ସେ ବାଂଲାଦେଶକୁ ନେଇ ତାଙ୍କ ସ୍ୱପ୍ନ ସମ୍ପର୍କରେ କହିବା ସହ ଦିବଂଗତ ଆମେରିକୀୟ ନାଗରିକ ଅଧିକାର ନେତା ମାର୍ଟିନ ଲୁଥର କିଙ୍ଗ୍ ଜୁନିୟରଙ୍କ ମନ୍ତବ୍ୟର ଉଲ୍ଲେଖ କରିଥିଲେ। ସେ କହିଥିଲେ, ବାଂଲାଦେଶ ଜନସାଧାରଣ ସେମାନଙ୍କ



ତାରିକ୍ ରହମାନ

ଗଣତାନ୍ତ୍ରିକ ଅଧିକାର ଏବଂ ଅଭିବ୍ୟକ୍ତି ଅଧିକାର ଫେରିପାଇବାକୁ ଚାହାନ୍ତି। ଦେଶକୁ ନେଇ ତାଙ୍କର ଏକ ଯୋଜନା ରହିଛି, ଯାହା ଜନସାଧାରଣଙ୍କ ସାମୂହିକ ସମର୍ଥନ ଉପରେ ନିର୍ଭର କରେ ବୋଲି ☞ପୃଷ୍ଠା-୪



ଶ୍ରୀମନ୍ଦିରକୁ ନେଇ ୨୦୨୫ ବେଶ୍ ଚର୍ଚ୍ଚାରେ ରହିଥିଲା। ବର୍ଷ ପ୍ରାରମ୍ଭରେ ବ୍ୟାରିକେଡ୍ ଭାଙ୍ଗି ଭକ୍ତମାନେ ମନ୍ଦିର ଭିତରକୁ ପଶିବା ଯେତିକି ଆଲୋଚନାର କେନ୍ଦ୍ରବିନ୍ଦୁ ପାଲଟିଥିଲା, ତା'ଠାରୁ ଅଧିକ ସ୍ପର୍ଶକାତର ବିଷୟ ଥିଲା ରଥଯାତ୍ରା ସମୟରେ ଦଳାଚକଟାରେ ୩ଜଣ ଭକ୍ତଙ୍କ ଜୀବନ ଯିବା। ସେହିପରି ରତ୍ନଭଣ୍ଡାର ମରାମତି କାର୍ଯ୍ୟ, ରତ୍ନ ଅଳଙ୍କାର ସ୍ଥାନାନ୍ତରଣ, ଶ୍ରୀମନ୍ଦିରରେ ୨୪ ଘଣ୍ଟିଆ ସୁରକ୍ଷା ବ୍ୟବସ୍ଥା, ପରିଚାଳନା କମିଟି ଗଠନ ଓ ହିଡେନ୍ କ୍ୟାମେରା ନେଇ ଶ୍ରୀମନ୍ଦିର ମଧ୍ୟକୁ ପ୍ରବେଶ ଆଦି ଘଟଣା ଆଲୋଚନାର ବିଷୟବସ୍ତୁ ପାଲଟିଥିଲା।

# ଶ୍ରୀମନ୍ଦିର

## ବର୍ଷକ ପରେ ଗଠନ ହେଲା ପରିଚାଳନା କମିଟି

ପୁରାତନ ପରିଚାଳନା କମିଟି କାର୍ଯ୍ୟକାଳ ଶେଷହେବାର ବର୍ଷକ ପରେ ନୂତନ କମିଟି ଅଗଷ୍ଟରେ ଗଠନ ହୋଇଥିଲା। ଆଇନ ବିଭାଗ ବିଜ୍ଞପ୍ତି ଅନୁଯାୟୀ, କମିଟିରେ ୧୦ ସଦସ୍ୟଙ୍କ ନାମ ଘୋଷଣା କରାଯାଇଥିଲା। ଏହି ସଦସ୍ୟମାନଙ୍କ ମଧ୍ୟରେ ୫ଜଣ ଭିନ୍ନ ଭିନ୍ନ ନିଯୋଗରୁ ସେବାୟତ ପ୍ରତିନିଧିଙ୍କୁ ସ୍ଥାନ ଦିଆଯିବା ସହ ପରିଚାଳନା କମିଟିରେ ମୁକ୍ତିମଣ୍ଡପ ପଣ୍ଡିତ ସଭା ତରଫରୁ ସିଦ୍ଧେଶ୍ୱର ମହାପାତ୍ରଙ୍କ ନାମ ଘୋଷଣା କରାଇଥିଲା। ମଧୁସୂଦନ ସିଂହାରୀ, ଜଗନ୍ନାଥ ପୂଜାପଣ୍ଡା, ଗଣେଶ ଦାସ ମହାପାତ୍ର, ରାମନାରାୟଣ ଗୋଚ୍ଛିକାର, କୃଷ୍ଣଚନ୍ଦ୍ର ସାମନ୍ତରାୟ, ମଠ ତରଫରୁ ରଘୁବର ଦାସ ମହାରାଜ, ପୂର୍ବତନ ସିଏଜି ଗିରିଶ ଚନ୍ଦ୍ର ମୁର୍ମୁ, ଚାର୍ଟାର୍ଡ ଆକାଉଣ୍ଟାଣ୍ଟ ଏ.କେ. ସାବତ ଏବଂ ମହେଶ କୁମାର ସାହୁଙ୍କୁ ସ୍ଥାନ ଦିଆଯାଇଛି। ସୂଚନାଯୋଗ୍ୟ, ଗତବର୍ଷ ଅର୍ଥାତ୍ ୨୦୨୪ ଅଗଷ୍ଟରେ ପୂର୍ବ ପରିଚାଳନା କମିଟିର କାର୍ଯ୍ୟକାଳ ଶେଷ ହୋଇଥିଲା।

## ରଥ ସମ୍ମୁଖରେ ଦଳାଚକଟା ଚାଲିଗଲା ୩ ଜୀବନ

ଚଳିତବର୍ଷ ମହାପ୍ରଭୁଙ୍କ ବିଶ୍ୱପ୍ରସିଦ୍ଧ ରଥଯାତ୍ରାରେ ବଡ଼ ଅଘଟଣ ଘଟିଥିଲା। ତୃତୀୟ ଦିନରେ ଅର୍ଥାତ ଜୁନ୍ ୨୯ ତାରିଖ ଭୋର ପ୍ରାୟ ୪ଟା ୨୦ରେ ଶରଧାବାଲିରେ ୩ ରଥ ସମ୍ମୁଖରେ ଦଳାଚକଟା ଯୋଗୁ ତଳେ ପଡ଼ି ୩ ଭକ୍ତଙ୍କ ଜୀବନ ଯାଇଥିବାବେଳେ ୧୨ରୁ ଊର୍ଦ୍ଧ୍ୱ ଆହତ ହୋଇଥିଲେ। ଏହି ଘଟଣା ପାଇଁ ଶ୍ରଦ୍ଧାଳୁମାନେ ପ୍ରଶାସନର



ପରିଚାଳନାଗତ ବିଫଳତାକୁ ଦାୟୀ କରିଥିବାବେଳେ ବିରୋଧୀ ଦଳଗୁଡ଼ିକ ସରକାରଙ୍କୁ ଘେରିଥିଲେ। ସରକାର ଏହି ଘଟଣାର ତଦନ୍ତ ନିର୍ଦ୍ଦେଶ ଦେଇଥିଲେ। ଉନ୍ନୟନ କମିଶନର ଅନୁ ଗର୍ଗଙ୍କୁ ତଦନ୍ତ ଦାୟିତ୍ୱ ଦିଆଯାଇଥିଲା। ସେହିପରି ସରକାର ତତ୍କାଳୀନ ଜିଲାପାଳ ସିଦ୍ଧାର୍ଥ ଶଙ୍କର ସ୍ୱାଇଁ ଏବଂ ଏସ୍‌ପି ବିନିତ ଅଗ୍ରୱାଲଙ୍କୁ ବଦଳି କରିବା ସହ ରଥ ଦାୟିତ୍ୱରେ ଥିବା ଡିସିପି ବିଷ୍ଣୁଚରଣ ପତି ଓ କମାଣ୍ଡାଣ୍ଟ ଅଜୟ ପାଢ଼ୀଙ୍କୁ ଚାକିରିରୁ ନିଲମ୍ବନ କରିଥିଲେ। ପ୍ରତ୍ୟେକ ମୃତକଙ୍କ ପରିବାରକୁ ୨୫ ଲକ୍ଷ ଟଙ୍କାର କ୍ଷତିପୂରଣ ଦିଆଯାଇଥିଲା। ଉନ୍ନୟନ କମିଶନର ଜୁଲାଇ ୩ରେ ପୁରୀ ଯାଇ ଜନଶୁଣାଣି ମାଧ୍ୟମରେ ତଥ୍ୟ ସଂଗ୍ରହ ସହ ଘଟଣାସ୍ଥଳରେ ତଦନ୍ତ ଆରମ୍ଭ କରିଥିଲେ। ପରେ ଭୁବନେଶ୍ୱରରେ ମଧ୍ୟ ମତାମତ ସଂଗ୍ରହ କରାଯାଇଥିଲା। ବିଭିନ୍ନ ପର୍ଯ୍ୟାୟରେ ମୋଟ ୨ଶହ ଜଣଙ୍କ ମତାମତ ସଂଗ୍ରହ ସହ ତଦନ୍ତ ପରେ ଜୁଲାଇ ୩୧ରେ ଉନ୍ନୟନ କମିଶନର ସରକାରଙ୍କୁ ରିପୋର୍ଟ ପ୍ରଦାନ କରିଥିଲେ। ଭିଡ଼ ନିୟନ୍ତ୍ରଣ, ପୋଲିସ ତଦାରଖ ଏବଂ ଏଆଇ ବ୍ୟବସ୍ଥାରେ ବିଫଳତା କାରଣରୁ ଏଭଳି ସ୍ଥିତି ଉପୁଜିଲା ବୋଲି ରିପୋର୍ଟରେ ଉଲ୍ଲେଖ ଥିବା ସୂଚନା ମିଳିଥିଲା। ଏହି କ୍ରମରେ ସରକାର ୭ଜଣ ବରିଷ୍ଠ ପୋଲିସ ଅଧିକାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ପାଇଁ ନିର୍ଦ୍ଦେଶ ଦେଇଥିଲେ।

## ପତିତପାବନ ବାନାରେ ପଡ଼ିଲା ଶୂନ୍ୟଗଣ୍ଠି

ମାର୍ଚ୍ଚ ୧୭ରେ ଶ୍ରୀମନ୍ଦିର ନୀଳଚକ୍ରରେ ଲାଗିଥିବା ପତିତପାବନ ବାନାରେ ଶୂନ୍ୟଗଣ୍ଠି ପଡ଼ିଥିଲା। ଏହି ଘଟଣା ଶୁଭ ସଙ୍କେତ ବୋଲି ସାଧାରଣରେ ମତ ପ୍ରକାଶ ପାଇଥିଲା। ଶୂନ୍ୟଗଣ୍ଠିକୁ ଖୋଲିବା ସହଜ ହୋଇ ନ ଥାଏ। ପୂର୍ବରୁ ନୀଳଚକ୍ରରେ ୧୫୧ ହାତିଆ ବାନା ସହ ଏକାଧିକ ବାନା ଲାଗୁଥିଲା। ଫଳରେ ବାନାଗୁଡ଼ିକରେ ଶୂନ୍ୟଗଣ୍ଠି ପଡୁଥିବା ପରିଲକ୍ଷିତ ହେଉଥିଲା। ତେବେ ନୀଳଚକ୍ରରେ ୧୪ ହାତିଆ ବାନା ଲାଗୁଥିବାରୁ କ୍ୱଚିତ ଶୂନ୍ୟଗଣ୍ଠି ପଡୁଥିବା କେତେଜଣ ସେବାୟତ ମତ ଦେଇଥିଲେ।





## ବ୍ୟାରିକେଡ୍ ଭାଙ୍ଗି ଶ୍ରୀମନ୍ଦିରରେ ଧସେଇ ପଶିଲେ ଭକ୍ତ

ଇଂଲିଶ ନବବର୍ଷ ୨୦୨୫ର ପ୍ରଥମ ଦିନରେ ମହାପ୍ରଭୁଙ୍କ ଦର୍ଶନ ପାଇଁ ପୁରୀରେ ପ୍ରବଳ ଜନସମାଗମ ହୋଇଥିଲା। ଭକ୍ତଙ୍କୁ ମାର୍କେଟଛକଠାରୁ ବ୍ୟାରିକେଡ୍ ମଧ୍ୟରେ ସିଂହଦ୍ୱାର ଦେଇ ଶ୍ରୀମନ୍ଦିରକୁ ଛଡ଼ାଯାଇଥିଲା। ସେହିପରି ଅନ୍ୟ ତିନି ଦ୍ୱାର ଦେଇ ପ୍ରସ୍ଥାନ ବ୍ୟବସ୍ଥା ହୋଇଥିଲା। ଏହାସତ୍ତ୍ୱେ ସିଂହଦ୍ୱାର ସମ୍ମୁଖ ବ୍ୟାରିକେଡ୍‌କୁ ଭାଙ୍ଗି ଭକ୍ତମାନେ ଶ୍ରୀମନ୍ଦିରରେ ଧସେଇ ପଶିଥିଲେ। ଏହି ସମୟରେ ୧୦ରୁ ଅଧିକ ଭକ୍ତ ତଳେ ପଡ଼ି ତଥା ଠେଲାପେଲା ଯୋଗୁ ଆହତ ହୋଇଥିଲେ। ଫଳରେ ପ୍ରଶାସନକୁ ସମାଲୋଚିତ ହେବାକୁ ପଡ଼ିଥିଲା।

## ୯୫ ଦିନ ଧରି ଚାଲିଲା ରତ୍ନଭଣ୍ଡାର ମରାମତି

ଶ୍ରୀମନ୍ଦିର ପ୍ରଶାସନ ଏବଂ ଛତିଶା ନିଯୋଗର ସହମତିରେ ଭାରତୀୟ ପ୍ରତ୍ନତତ୍ତ୍ୱ ସର୍ବେକ୍ଷଣ ସଂସ୍ଥା (ଏଏସ୍‌ଆଇ) ପକ୍ଷରୁ ୯୫ ଦିନ ଧରି ରତ୍ନଭଣ୍ଡାର ମରାମତି କାର୍ଯ୍ୟ ଚାଲିଥିଲା। ମୋଟ ୩୩୨ ଘଣ୍ଟା ୪୭ ମିନିଟ୍ କାର୍ଯ୍ୟ ହୋଇଥିଲା। ୫୨୦ଟି ପଥର ବଦଳାଯାଇଥିଲା। ସରକାରଙ୍କ ପକ୍ଷରୁ ବାହାର ଓ ଭିତର ରତ୍ନଭଣ୍ଡାର ଖୋଲାଯାଇ ଯାଞ୍ଚ କରାଯାଇଥିଲା। ରତ୍ନଭଣ୍ଡାରର ଅନେକ ସ୍ଥାନରେ ଫାଟ ଥିବା ଜଣାପଡ଼ିଥିଲା। ପରେ ଏଏସ୍‌ଆଇକୁ ସଂରକ୍ଷଣ ଓ ମରାମତି ଦାୟିତ୍ୱ ଦିଆଯାଇଥିଲା। ୨୦୨୪ ଡିସେମ୍ବର ୧୭ରୁ ମରାମତି କାର୍ଯ୍ୟ ଆରମ୍ଭ ହୋଇଥିଲା। ପ୍ରାୟ ୮୦ ଜଣ ବ୍ୟକ୍ତି କାର୍ଯ୍ୟରେ ନିୟୋଜିତ ଥିଲେ।





## ଦିନକ ପରେ ଶରଧାବାଲିରେ ଲାଗିଲା ୩ ରଥ

ଚଳିତବର୍ଷ ରଥଯାତ୍ରାର ଦିନକ ପରେ ସମ୍ମୁଖରେ ୩ ରଥ ଲାଗିଥିଲା। ଶ୍ରୀମନ୍ଦିର ସତ୍ତ୍ୱେ ବିଳମ୍ବରେ ରଥଟଣା ଆରମ୍ଭ ମିନିଟ୍ ପର୍ଯ୍ୟନ୍ତ ରଥଟଣା ପରେ ପ୍ରଭୁ ବଳଭଦ୍ରଙ୍କ ତାଳଧ୍ୱଜ ଆଗକୁ, ମା' ସୁଭଦ୍ରାଙ୍କ ଶରଧାବାଲିସ୍ଥିତ ଶ୍ରୀଗୁଣ୍ଡିଚା ମନ୍ଦିର ପ୍ରଶାସନ ପକ୍ଷରୁ ନୀତିନିର୍ଘଣ୍ଟ ହୋଇଥିଲା। ସନ୍ଧ୍ୟା ୭ଟା ୫୪ ବନ୍ଦ ରଖାଯାଇଥିଲା। ରଥ ମାଉସୀମା ମନ୍ଦିର ଦେବଦଳନ ରଥ ମାର୍କେଟ ଛକ ଓ ମହାପ୍ରଭୁଙ୍କ ନନ୍ଦିଘୋଷ ରଥ ସିଂହଦ୍ୱାରଠାରୁ ଟିକେ ଦୂରରେ ଅଟକି ରହିଥିଲା। ପରଦିନ ପୁଣି ରଥ ଟଣାଯାଇଥିଲା। ତିନିରଥ ଅପରାହ୍ନ ୧ଟା ୫ ପରେ ଶ୍ରୀଗୁଣ୍ଡିଚା ମନ୍ଦିର ସମ୍ମୁଖରେ ପହଞ୍ଚିଥିଲା। ପ୍ରଶାସନ ପକ୍ଷରୁ ସମନ୍ୱୟର ଅଭାବ ଓ ବଳଭଦ୍ରଙ୍କ ରଥ ମୋଡ଼ ଖାଇବା କାରଣକୁ ଏଥିପାଇଁ ଦାୟୀ କରାଯାଇଥିଲା।

## ରତ୍ନଭଣ୍ଡାରକୁ ସ୍ଥାନାନ୍ତର ହେଲା ରତ୍ନଅଳଙ୍କାର

ଜୁଲାଇରେ ସ୍ଥାୟୀ ରତ୍ନଭଣ୍ଡାର ମରାମତି ପରେ ଅସ୍ଥାୟୀ ରତ୍ନଭଣ୍ଡାରରେ ରଖାଯାଇଥିବା ଶ୍ରୀବିଗ୍ରହମାନଙ୍କ ଅଳଙ୍କାର ଓ ମୂଲ୍ୟବାନ ସାମଗ୍ରୀ ସେପ୍ଟେମ୍ବର ୨୩ରେ ସେଠାକୁ ସ୍ଥାନାନ୍ତର କରାଯାଇଥିଲା। ଏଥିପାଇଁ ୪ ଘଣ୍ଟା ସମୟ ଲାଗିଥିଲା। ଏହି ସମୟରେ ସର୍ବସାଧାରଣ ଦର୍ଶନ ବନ୍ଦ ଥିଲେ ମଧ୍ୟ ମହାପ୍ରଭୁଙ୍କ ନୀତି ଅବ୍ୟାହତ ରହିଥିଲା। ରତ୍ନଅଳଙ୍କାର ସ୍ଥାନାନ୍ତର ନେଇ ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ମାର୍ଗଦର୍ଶିକା ଜାରି ସହ ମୁଖ୍ୟ ପ୍ରଶାସକଙ୍କ ଅଧ୍ୟକ୍ଷତାରେ ୧୧ ଜଣିଆ କମିଟି ଗଠନ କରାଯାଇଥିଲା। ସେହିପରି ଚାରିଦ୍ୱାରରେ କଡ଼ା ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯାଇଥିଲା।




## ସୁରକ୍ଷାରେ ୨୪ ଘଣ୍ଟିଆ ବନ୍ଧୁକଧାରୀ କମାଣ୍ଡୋ



ମେ ମାସରେ ଏନ୍‌ଏସ୍‌ଜି କମାଣ୍ଡର ଟିମ୍ ପୁରୀ ଆସି ଶ୍ରୀମନ୍ଦିର ସୁରକ୍ଷା ନେଇ ସମୀକ୍ଷା କରିବା ସହ ପ୍ରଶାସନ ସହ ଆଲୋଚନା କରିଥିଲେ। ପରେ ଶ୍ରୀମନ୍ଦିରକୁ ଅଧିକ ସୁରକ୍ଷା ନିମନ୍ତେ ମେ ୧୨ରେ ଶ୍ରୀମନ୍ଦିର ନିକଟରେ ଏକ ସ୍ୱତନ୍ତ୍ର ବୁଲେଟ୍ ପ୍ରୁଫ୍ ରକ୍ଷକ ଗାଡ଼ି ସମେତ ୨୪ ଘଣ୍ଟିଆ ସ୍ୱତନ୍ତ୍ର ବନ୍ଧୁକଧାରୀ କମାଣ୍ଡୋଙ୍କୁ ନିୟୋଜିତ କରାଯାଇଥିଲା। ପୋଲିସ ମହାନିର୍ଦ୍ଦେଶକ ୱାଇ.ବି. ଖୁରାନିଆ ଏହି ସ୍ୱତନ୍ତ୍ର ବୁଲେଟ୍ ପ୍ରୁଫ୍ ରକ୍ଷକ ଗାଡ଼ିକୁ ଉଦ୍‌ଘାଟନ କରିଥିଲେ।

## ଜୈବିକ ଚାଉଳରେ ପ୍ରସ୍ତୁତ ମହାପ୍ରସାଦ

ଚଳିତବର୍ଷ ଆଡ଼ପମଣ୍ଡପ କୋଠ ଭୋଗରେ ମହାପ୍ରଭୁଙ୍କୁ ଜୈବିକ ଚାଉଳରେ ପ୍ରସ୍ତୁତ ଅବଢା ଭୋଗ ଲାଗି କରାଯାଇଥିଲା। ସୁଆର ମହାସୁଆର ସେବାୟତମାନଙ୍କ ଦ୍ୱାରା ଜୈବିକ ଚାଉଳରେ ମହାପ୍ରସାଦ ପ୍ରସ୍ତୁତ କରାଯାଇ ମହାପ୍ରଭୁଙ୍କୁ କୋଠଭୋଗରେ ଲାଗି କରାଯିବା ସହ ଭକ୍ତଙ୍କୁ ବିକ୍ରୟ କରାଯାଇଥିଲା। ସେହିପରି ଜୈବିକ ଚାଉଳରେ ପ୍ରସ୍ତୁତ ଚୂନାରେ ପିଠା ତିଆରି କରାଯାଇ ମହାପ୍ରଭୁଙ୍କ ନିକଟରେ ଲାଗି କରାଯାଇଥିଲା। କୋରାପୁଟର ପ୍ରଗତି ଅନୁଷ୍ଠାନ ପକ୍ଷରୁ ଶ୍ରୀମନ୍ଦିର ପ୍ରଶାସନକୁ ଉକ୍ତ ଜୈବିକ ଚାଉଳ ଯୋଗାଇ ଦିଆଯାଇଥିଲା।

## ଚିନ୍ତା ବଢ଼ାଇଲା ହିଡେନ୍ କ୍ୟାମେରା, ଡ୍ରୋନ୍

ଅଗଷ୍ଟ ୨୭ରେ ବଙ୍ଗୀୟ ଭକ୍ତ ଅରୂପ ରାୟ ହିଡେନ କ୍ୟାମେରା ନେଇ ଶ୍ରୀମନ୍ଦିରରେ ପ୍ରବେଶ କରିଥିଲେ। ସେ ଶ୍ରୀମନ୍ଦିର ଭିତରେ ଶୁଟିଂ କରୁଥିବାବେଳେ ସୁରକ୍ଷାକର୍ମୀଙ୍କ ହାତରେ ଧରାପଡ଼ିଥିଲେ। ତାଙ୍କୁ ପଚରାଉଚରା ପରେ ସିଂହଦ୍ୱାର ଥାନା ପକ୍ଷରୁ ଏକ କେସ୍ ରୁଜୁ କରାଯାଇଥିଲା। ସେହିପରି ନଭେମ୍ବର ୭ରେ ଗୁଜରାଟ ଅହମ୍ମଦାବାଦର ଭରତ ପାଣ୍ଡିଆ ଚଷମାରେ ହିଡେନ



କ୍ୟାମେରା ଖଞ୍ଜି ଶ୍ରୀମନ୍ଦିରରେ ପ୍ରବେଶ କରିଥିବାବେଳେ ଜେଟିପି ଓ କେତେଜଣ ସେବାୟତ ତାଙ୍କୁ ଧରିଥିଲେ। ତାଙ୍କୁ ସିଂହଦ୍ୱାର ପୋଲିସ ଜିମା ଦିଆଯାଇଥିଲା। ଅନ୍ୟ ଘଟଣା କ୍ରମରେ ଯାଜପୁର ଜିଲା ଜେନାପୁର ଥାନା ଅଧୀନ ଗଡ଼ମଧୁପୁର ଅଞ୍ଚଳର ଜଣେ ବ୍ୟକ୍ତି ନିୟମ ନ ମାନି ସେବାୟତ ବେଶରେ ଗର୍ଭଗୃହ ଭିତରକୁ ପ୍ରବେଶ ପାଇଁ ଉଦ୍ୟମ କରିବା ବେଳେ ଧରାପଡ଼ିଥିଲେ। ବିଭିନ୍ନ ସମୟରେ ଶ୍ରୀମନ୍ଦିର ଭିତର ଫଟୋ ଭାଇରାଲ ହେବା ସହ ଶ୍ରୀମନ୍ଦିର ଉପରେ ଡ୍ରୋନ୍ ଉଡ଼ିଥିଲା। ଜାନୁଆରୀ ୫ ଓ ଜୁନ୍ ୧ରେ ଡ୍ରୋନ ଉଡ଼ିଥିବାବେଳେ ଜାନୁଆରୀ ୧୨ ଓ ଜୁଲାଇ ୧୦ରେ ଶ୍ରୀମନ୍ଦିର ଭିତର ଫଟୋ ଉଠାଇ ସାମାଜିକ ଗଣମାଧ୍ୟମରେ ପ୍ରଘଟ କରାଯାଇଥିଲା। ଡିସେମ୍ବର ୨୧ରେ ପୁଣି ଶ୍ରୀମନ୍ଦିର ଭିତର ଫଟୋ ଭାଇରାଲ ହୋଇଥିଲା। ଡ୍ରୋନ୍ ମାଧ୍ୟମରେ ଉକ୍ତ ଫଟୋ ଉତ୍ତୋଳନ କରାଯାଇଥିବା ଜଣାପଡ଼ିଥିଲା। ଏସବୁର କାରଣ ଢିଲା ସୁରକ୍ଷା ବ୍ୟବସ୍ଥା ବୋଲି ସାଧାରଣରେ ମତ ପ୍ରକାଶ ପାଇଥିଲା।

## ରତ୍ନଭଣ୍ଡାରରେ ଗୁପ୍ତ ସୁଡ଼ଙ୍ଗ ଚର୍ଚ୍ଚା

ରତ୍ନଭଣ୍ଡାରରେ ଗୁପ୍ତ ସୁଡ଼ଙ୍ଗ ଥିବା କେତେଜଣ ସେବାୟତ କହିବା ପରେ ଏହାକୁ ନେଇ ସାରା ରାଜ୍ୟରେ ଚର୍ଚ୍ଚା ଜୋର ଧରିଥିଲା। ଏହି ସନ୍ଦେହକୁ ଦୂର କରିବା ପାଇଁ ସରକାର ରତ୍ନଭଣ୍ଡାରର ଜିପିଆର୍ ସର୍ଭେ ପାଇଁ ନିଷ୍ପତ୍ତି ନେଇଥିଲେ। ୨୦୨୪ ସେପ୍ଟେମ୍ବର ୧୮ରେ ଲେଜର ସ୍କାନିଂ ଏବଂ ଜିପିଆର୍ ସର୍ଭେ କରାଯାଇଥିଲା। ରତ୍ନଭଣ୍ଡାରରେ ଗୁପ୍ତ ସୁଡ଼ଙ୍ଗ ନ ଥିବା ସର୍ଭେରୁ ଜଣାପଡ଼ିଥିଲା। ଏହାପରେ ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ଏଏସ୍‌ଆଇକୁ ମରାମତି କାର୍ଯ୍ୟ କରିବାକୁ ଅନୁମତି ଦିଆଯାଇଥିଲା।

## ରାଧାବଲ୍ଲଭ ମଠ ଉପରୁ ଖସି ଭକ୍ତଙ୍କ ମୃତ୍ୟୁ

ଜୁଲାଇ ୬ରେ ସୁନାବେଶ ଅବସରରେ ଶ୍ରୀମନ୍ଦିର ନିକଟ ରାଧାବଲ୍ଲଭ ମଠ ଉପରୁ ଖସିପଡ଼ି ଜଗତ୍‌ସିଂହପୁର ଜିଲା ପାଟେଳୀ ଗାଁର ବାବାଜୀ ବେହେରା ନାମକ ଭକ୍ତ ଗୁରୁତର ଆହତ ହୋଇଥିଲେ। ଭୁବନେଶ୍ୱରସ୍ଥିତ କ୍ୟାପିଟାଲ ହସ୍ପିଟାଲରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ଘଟିଥିଲା। ସୁନାବେଶ ଦେଖିବା ପାଇଁ ବାବାଜୀ ତାଙ୍କ ସ୍ତ୍ରୀଙ୍କ ସହିତ ପୁରୀ ଆସିଥିଲେ। ଦୁହେଁ ରାଧାବଲ୍ଲଭ ମଠ ଉପରେ ବସି ସୁନାବେଶ ଦର୍ଶନ କରୁଥିଲେ। ଏହି ସମୟରେ ବାବାଜୀ ତଳକୁ ଖସିପଡ଼ିଥିଲେ। ମାଙ୍କଡ଼ ଗୋଡ଼ାଇବାରୁ ସେ ଭୟଭୀତ ହୋଇ ଖସିପଡ଼ିଥିବା ସନ୍ଦେହ ପ୍ରକାଶ ପାଇଥିଲା।




# ଏସ୍‌ଓଜି ଯବାନ, ଅଧିକାରୀଙ୍କ ରିସ୍କ ଆଲାଉନ୍ସ ବଢ଼ିଲା

**ଭୁବନେଶ୍ୱର, ୨୫।୧୨(ସୁନିତ୍ ମିଶ୍ର)**

ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଏସ୍‌ଓଜି ଚନ୍ଦକାର ନୂତନ ପ୍ରଶିକ୍ଷଣ ଓ ବ୍ରିଫିଂ କେନ୍ଦ୍ର ଗୁରୁବାର ଉଦ୍‌ଘାଟନ କରିଛନ୍ତି। ଏଥିରେ ଏକା ସମୟରେ ୪୦୦ ଯବାନଙ୍କୁ ପ୍ରଶିକ୍ଷଣ ପ୍ରଦାନ କରିହେବ। ଏହାସହ ମୁଖ୍ୟମନ୍ତ୍ରୀ ସେଠାରେ ଏକ ଅତ୍ୟାଧୁନିକ ଆତଙ୍କବାଦ ବିରୋଧୀ ପ୍ରଶିକ୍ଷଣ କେନ୍ଦ୍ରର ଶୁଭ ଉଦ୍‌ଘାଟନ କରିଛନ୍ତି। ଏସ୍‌ଓଜି ଓ ଅନ୍ୟ ସମ୍ପୃକ୍ତ ନକ୍ସଲ ଦମନ ସଂସ୍ଥାର ଯବାନମାନଙ୍କ ରିସ୍କ ଆଲାଉନ୍ସ (ବିପଦଜନିତ ଭତ୍ତା) ବିଷୟ ଘୋଷଣାକରି ମୁଖ୍ୟମନ୍ତ୍ରୀ କହିଛନ୍ତି, ଚଳିତ ଡିସେମ୍ବରରୁ ଆତଙ୍କବାଦ ଦମନ ଅଭିଯାନରେ ପ୍ରତ୍ୟକ୍ଷ ଭାବେ ନିୟୋଜିତ ସ୍ପେଶାଲ ଅପରେଶନ ଗ୍ରୁପ୍ ବା ଏସ୍‌ଓଜିର ଅଫିସରମାନେ ମାସିକ ସର୍ବାଧିକ ୨୫,୦୦୦ ଟଙ୍କା ଆଲାଉନ୍ସ ପାଇବେ। ଏସ୍‌ଓଜିର ସୁବେଦାର ଓ ଡେପୁଟି ସୁବେଦାରମାନେ ମାସିକ ୨୪,୦୦୦ ଟଙ୍କା, ହାବିଲଦାରମାନେ ମାସିକ ୨୦,୦୦୦ ଟଙ୍କା ଏବଂ କନ୍‌ଷ୍ଟେବଲ ଓ ସିପାହିମାନେ ମାସକୁ ୧୬,୦୦୦ ଟଙ୍କା ଭତ୍ତା ପାଇବେ। ସେହିପରି ଏସ୍‌ଓଜି ଏବଂ ଏଇଟି ଓ ଆର୍‌ସିର ଅଧିକାରୀ ଏବଂ କର୍ମଚାରୀମାନେ ପ୍ରତ୍ୟକ୍ଷ ଭାବେ ଅଭିଯାନରେ ସାମିଲ ହୋଇ ନ ଥିଲେ ମଧ୍ୟ ଟ୍ରେନିଂ ଓ ଅନ୍ୟାନ୍ୟ ଡ୍ୟୁଟିରେ ଥିଲେ ମାସିକ ସର୍ବାଧିକ ୧୨,୦୦୦ ଟଙ୍କା ପାଇବେ। ସେହିପରି ଡିଷ୍ଟ୍ରିକ୍ଟ ଭଲ୍ୟୁଣ୍ଟିଅର ଫୋର୍ସର କର୍ମଚାରୀମାନେ ମାସିକ ସର୍ବାଧିକ ୧୦,୦୦୦ ଟଙ୍କା ଏବଂ ସ୍ପେଶାଲ ଇଣ୍ଟେଲିଜେନ୍ସ ୱିଙ୍ଗ୍‌ର କର୍ମଚାରୀମାନେ ମାସିକ ସର୍ବାଧିକ ୨୦,୦୦୦ ଟଙ୍କା ଭତ୍ତା ପାଇବେ। ମୁଖ୍ୟମନ୍ତ୍ରୀ ୧୬ ଜିଲାର ୧୬ଟି ଥାନା ଗୃହ, ୭୦ଟି କ୍ୱାର୍ଟର୍ସ, ଅଫିସ ଗୃହ, ବାରାକ୍, ଅସ୍ତ୍ରାଗାର, ପ୍ରଶାସନିକ ବିଲ୍ଡିଂ ଆଦି ପ୍ରକଳ୍ପ ମଧ୍ୟ ଉଦ୍‌ଘାଟନ କରିଛନ୍ତି। ଏହି ଅବସରରେ ସେ କହିଛନ୍ତି, ଗଣତନ୍ତ୍ରରେ ହିଂସାର କୌଣସି ସ୍ଥାନ ନାହିଁ। ହିଂସାରେ ଲିପ୍ତ ସଙ୍ଗଠନ ଏବଂ ବ୍ୟକ୍ତିବିଶେଷଙ୍କୁ ସରକାର ଅତ୍ୟନ୍ତ କଠୋର ଭାବେ ଦମନ କରିବା ପାଇଁ ବଦ୍ଧପରିକର। ଆତଙ୍କବାଦୀମାନେ ଆତ୍ମସମର୍ପଣକରି ସମାଜର ମୁଖ୍ୟଧାରାରେ ସାମିଲହୋଇ ବିକାଶ ପାଇଁ ସରକାରଙ୍କ ପ୍ରଗତି ରଥରେ ସାରଥି ସାଜନ୍ତୁ ବୋଲି ମୁଖ୍ୟମନ୍ତ୍ରୀ ଆହ୍ୱାନ ଦେଇଛନ୍ତି। ରାଜ୍ୟରେ ଦୀର୍ଘ ୩ ଦଶନ୍ଧିରୁ ଊର୍ଦ୍ଧ୍ୱ ସମୟ ଧରି ଜାରି ରହିଥିବା ମାଓବାଦୀ ସମସ୍ୟାକୁ ଦମନ କରିବା ଦିଗରେ ଏସ୍‌ଓଜିର ଅବଦାନ ଅନନ୍ୟ। ୨୦୨୬ ମାର୍ଚ୍ଚ ସୁଦ୍ଧା ଦେଶରୁ ଆତଙ୍କବାଦ ଲୋପକରିବା ପାଇଁ କେନ୍ଦ୍ର ସରକାର ଯେଉଁ ଡେଡ୍‌ଲାଇନ ରଖିଛନ୍ତି ସେଥିରେ ଆମେ ସଫଳ ହୋଇ ଚାଲିଛେ। ନିକଟରେ ମାଲକାନଗିରି ଜିଲାରେ ୨୨ଜଣ ମାଓବାଦୀଙ୍କର ସମୂହ ଆତ୍ମସମର୍ପଣ ଏ ଦିଗରେ ଏକ ଉତ୍ସାହଜନକ ପଦକ୍ଷେପ। ଦେଶର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଦିଗ୍‌ଦର୍ଶନ ଓ ସ୍ୱରାଷ୍ଟ୍ର ମନ୍ତ୍ରୀଙ୍କ ରଣନୀତି ଯୋଗୁ ଦେଶ ବର୍ତ୍ତମାନ ଶାନ୍ତି ଓ ବିକାଶର ପଥରେ ଦ୍ରୁତଗତିରେ ଆଗେଇ ଚାଲିଛି।

ପୋଲିସ ବିଭାଗକୁ ଅଧିକ ଶକ୍ତିଶାଳୀ ଏବଂ କ୍ରିୟାଶୀଳ କରିବା ନିମନ୍ତେ ସରକାର ପୋଲିସ ବିଭାଗରେ ସର୍ବମୋଟ ୧୫,୩୨୬ଟି ନୂତନ ପଦବୀ ସୃଷ୍ଟି ପାଇଁ ମଞ୍ଜୁରୀ ପ୍ରଦାନ କରିଛନ୍ତି। ରାଜ୍ୟ ସରକାର ଇତିମଧ୍ୟରେ ସଂଶୋଧିତ ଆତ୍ମସମର୍ପଣ ଏବଂ ପୁନର୍ବାସ ଯୋଜନାକୁ ଅନୁମୋଦନ ପ୍ରଦାନ କରିଛନ୍ତି। ଏହି ଯୋଜନା ଅନୁଯାୟୀ, ଆତ୍ମସମର୍ପଣ କରୁଥିବା ମାଓବାଦୀମାନଙ୍କୁ ୧ କୋଟି ୨୦ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଅର୍ଥ ରାଶି ସହ ବାସଗୃହ, ଶିକ୍ଷା ସହାୟତା, ବିବାହ ସହାୟତା ଏବଂ ରୋଜଗାର ନିମନ୍ତେ ମାସିକ ୧୦,୦୦୦ ଟଙ୍କାର ଷ୍ଟାଇପେଣ୍ଡ ସହିତ ବୃତ୍ତିଗତ ତାଲିମର ସୁବିଧା ମିଳିପାରିବ। ଏହି କାର୍ଯ୍ୟକ୍ରମରେ ଡିଜିପି ଯୋଗେଶ ବାହାଦୁର ଖୁରାନିଆ, ଏଡ଼ିଜିପି ସଞ୍ଜୀବ ପଣ୍ଡା, ଏସ୍‌ଆଇଡବ୍ଲ୍ୟୁ ଡିଆଇଜିପି ଅଖିଳେଶ୍ୱର ସିଂ ପ୍ରମୁଖ ଉପସ୍ଥିତ ଥିଲେ।

**ଏସ୍‌ଓଜି ଚନ୍ଦକାର ନୂଆ ପ୍ରଶିକ୍ଷଣ ଓ ବ୍ରିଫିଂ କେନ୍ଦ୍ରର ଉଦ୍‌ଘାଟନକଲେ ମୁଖ୍ୟମନ୍ତ୍ରୀ**








# ଆଜି କ'ଣ କେଉଁଠି

**ଭୁବନେଶ୍ୱର**
- ଚତୁର୍ଦ୍ଦିବସୀୟ ସାଧନା ଶିବିର, ସ୍ଥାନ: ଶିବାନନ୍ଦ ଶତବାର୍ଷିକ ବାଳକ ବିଦ୍ୟାଳୟ, ସମୟ: ସକାଳ ୬ଟା।
- ଓଡ଼ିଶା ଖାଦ୍ୟ ମହୋତ୍ସବ, ସ୍ଥାନ: ଇଡ୍‌କୋ ପ୍ରଦର୍ଶନୀ ପଡ଼ିଆ, ସମୟ: ପୂର୍ବାହ୍ନ ୧୦ଟା।
- ଓଡ଼ିଶା ସୂଚନା ଅଧିକାର ଅଭିଯାନ ପକ୍ଷରୁ ଖବରଦାତା ସମ୍ମିଳନୀ, ସ୍ଥାନ: ଲୋହିଆ ଭବନ, ସମୟ: ପୂର୍ବାହ୍ନ ୧୧ଟା।
- ବୀର ସୁରେନ୍ଦ୍ର ସାଏ ନଗର ଉନ୍ନୟନ ପରିଷଦ ପକ୍ଷରୁ ଗଣ ଧାରଣା, ସ୍ଥାନ: ଭିଏସ୍‌ଏସ୍ ନଗର ବିଦ୍ୟୁତ୍ କାର୍ଯ୍ୟାଳୟ ସମ୍ମୁଖ, ସମୟ: ପୂର୍ବାହ୍ନ ୧୧ଟା।
- ଏକାଦଶ ତମ ବାର୍ଷିକ ଅଷ୍ଟପ୍ରହରୀ ସାଇ ନାମ ସଂକୀର୍ତ୍ତନର ନଗର ଭ୍ରମଣ ଓ ସାଂସ୍କୃତିକ କାର୍ଯ୍ୟକ୍ରମ, ସ୍ଥାନ: ବାଲିଅନ୍ତା ବ୍ଲକ ରଙ୍ଗବଜାର ନିକଟ ଇନ୍ଦ୍ରପାଳସ୍ଥିତ ଶ୍ରୀସାଇ କ୍ଷେତ୍ରପାଳ ସେବାଶ୍ରମ ପରିସର, ସମୟ: ପୂର୍ବାହ୍ନ ୧୧ଟା।
- ତ୍ରିରଙ୍ଗା କଳା ନିକେତନ ପକ୍ଷରୁ ଅଲ୍ ଇଣ୍ଡିଆ ମ୍ୟୁଜିକ୍ ଆଣ୍ଡ ଆର୍ଟ ଫେଷ୍ଟିଭାଲ୍, ସ୍ଥାନ: ଏମ୍ ଆଇ ରିକ୍ରିଏଶନ୍ କ୍ଲବ ସେଣ୍ଟର, ୟୁନିଟ୍ ୯, ସମୟ: ଅପରାହ୍ନ ୨ଟା।
- ଡିଏଭି ପବ୍ଲିକ୍ ସ୍କୁଲ ପକ୍ଷରୁ ବାର୍ଷିକ ଉତ୍ସବ, ସ୍ଥାନ: ୟୁନିଟ୍ ୮, ସ୍କୁଲ ପରିସର, ସମୟ: ସନ୍ଧ୍ୟା ୫ଟା।
- ଓଡ଼ିଶା ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ପକ୍ଷରୁ ଆନ୍ତର୍ଜାତିକ ଓଡ଼ିଶୀ ନୃତ୍ୟ ମହୋତ୍ସବ, ସ୍ଥାନ: ରବୀନ୍ଦ୍ର ମଣ୍ଡପ, ସମୟ: ସନ୍ଧ୍ୟା ୬ଟା।

**କଟକ**
- କଟକ ଜିଲା ବିଜେଡି ପକ୍ଷରୁ ବିଜୁ ପଟ୍ଟନାୟକଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ, ସ୍ଥାନ: ଆନନ୍ଦ ଭବନ, ସମୟ: ସକାଳ ୮ଟା ୩୦।
- କଟକ ଜିଲା ବିଜେଡି ପକ୍ଷରୁ ବିଜୁ ପଟ୍ଟନାୟକଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ, ସ୍ଥାନ: ବିଜେଡି କାର୍ଯ୍ୟାଳୟ, ଦୋଳମୁଣ୍ଡାଇ, ସମୟ: ସକାଳ ୯ଟା।
- କଟକ ଜିଲା ବିଜେଡି ପକ୍ଷରୁ ବିଜେଡିର ୨୭ ତମ ପ୍ରତିଷ୍ଠା ଦିବସ ପାଳନ, ସ୍ଥାନ: ସାରଳା ଭବନ, ବିଜୁ ପଟ୍ଟନାୟକ ଛକ, ସମୟ: ପୂର୍ବାହ୍ନ ୧୧ଟା।
- ମା'ବଡ଼ ବନ୍ଧିଆଣିଙ୍କ ପ୍ରସିଦ୍ଧ ମକର ଯାତ୍ରା ପାଇଁ ପ୍ରସ୍ତୁତି ବୈଠକ, ସ୍ଥାନ: ମା'ବଡ଼ ବନ୍ଧିଆଣିଙ୍କ ପୀଠ, ସୋମପଡା, ତିଗିରିଆ, ସମୟ: ପୂର୍ବାହ୍ନ ୧୧ଟା ୩୦।
- ଜିଲା ପ୍ରଶାସନ ପକ୍ଷରୁ ଜିଲା ପରାମର୍ଶ ବୈଠକ, ସ୍ଥାନ: ଜିଲାପାଳଙ୍କ ସମ୍ମିଳନୀ କକ୍ଷ, ସମୟ: ଅପରାହ୍ନ ୩ଟା।

**ଖୋର୍ଦ୍ଧା**
- ୨୨ତମ ବୋଲଗଡ଼ ମହୋତ୍ସବ ଆଶା-୨୦୨୫ ଉଦ୍‌ଘାଟନ, ସ୍ଥାନ: ମିନି ଷ୍ଟାଡିୟମ ସମ୍ମୁଖ ପଡିଆ, ସମୟ:ପୂର୍ବାହ୍ନ ୧୦ଟା।

- ବିଜେଡି ପ୍ରତିଷ୍ଠା ଦିବସ ପାଳନ, ସ୍ଥାନ: ନନ୍ଦିଘୋଷ ଭବନ, ବୋଲଗଡ଼, ସମୟ: ଅପରାହ୍ନ ୨ଟା।
- ଶରଧାପୁର ଫୁଟ୍‌ବଲ ଟୁର୍ଣ୍ଣାମେଣ୍ଟର ୨ୟ ସେମିଫାଇନାଲ ମ୍ୟାଚ୍, ସ୍ଥାନ: ଶରଧାପୁର ଖେଳପଡ଼ିଆ, ସମୟ: ଅପରାହ୍ନ ୩ଟା।

**ପୁରୀ**
- ଟୋଟୋ ଓ ଅଟୋ ମିଳିତ ମଞ୍ଚର ମାର୍ଗଦର୍ଶିକା ନେଇ ଜିଲାପାଳଙ୍କ କାର୍ଯ୍ୟାଳୟ ଘେରାଉ, ସ୍ଥାନ: ଜିଲାପାଳ ଅଫିସ୍, ସମୟ: ପୂର୍ବାହ୍ନ ୧୧ଟା।
- ମହୋଦଧି ଆରତୀ ଉତ୍ସବ ସମ୍ପର୍କିତ ବୈଠକ, ସ୍ଥାନ: ଗୋବର୍ଦ୍ଧନ ପୀଠ, ସମୟ: ଅପରାହ୍ନ ୪ଟା୩୦।

**ବାଲେଶ୍ୱର**
- ହସ୍ତଶିଳ୍ପ ଓ ହସ୍ତତନ୍ତ ପ୍ରଦର୍ଶନୀ, ସ୍ଥାନ :ସୁରଭି ପ୍ଲାଜା, ସହଦେବଖୁଣ୍ଟା, ବାଲେଶ୍ୱର, ସମୟ: ପୂର୍ବାହ୍ନ ୧୦ଟା।
- ମହମ୍ମଦପୁର ସରକାରୀ ଉଚ୍ଚ ବିଦ୍ୟାଳୟର ସୁବର୍ଣ୍ଣଜୟନ୍ତୀ ସମାରୋହ, ସ୍ଥାନ: ମହମ୍ମଦପୁର, ସିମୁଳିଆ, ସମୟ: ପୂର୍ବାହ୍ନ ୧୦ଟା।
- ରାମପ୍ରସାଦ ସରକାରୀ ଉଚ୍ଚ ବିଦ୍ୟାଳୟର ସୁବର୍ଣ୍ଣ ଜୟନ୍ତୀ ସମାରୋହ, ସ୍ଥାନ: ପାଣିନାଳ, ଚଉମୁଖ, ବାଲିଆପାଳ, ସମୟ: ପୂର୍ବାହ୍ନ ୧୦ଟା।
- ବିଜେଡିର ପ୍ରତିଷ୍ଠା ଦିବସ, ସ୍ଥାନ: ଷ୍ଟେଶନ କ୍ଲବ, ବାଲେଶ୍ୱର, ସମୟ: ପୂର୍ବାହ୍ନ ୧୧ଟା ୩୦।
- କୋଶମ୍ବ ମେଳାର ପଞ୍ଚମ ସନ୍ଧ୍ୟା, ସ୍ଥାନ: ରିଜର୍ଭ ପୋଲିସ ପଡିଆ, ବାଲେଶ୍ୱର, ସମୟ: ସନ୍ଧ୍ୟା ୬ଟା।

**ଭଦ୍ରକ**
- ପଞ୍ଚାୟତସ୍ତରୀୟ ଗ୍ରାମସଭା, ସ୍ଥାନ: ଭଗବାନପୁର ପଞ୍ଚାୟତ କାର୍ଯ୍ୟାଳୟ, ଧାମନଗର, ସମୟ: ପୂର୍ବାହ୍ନ ୧୧ଟା।
- ବିଜେଡିର ପ୍ରତିଷ୍ଠା ଦିବସ ଉତ୍ସବ, ସ୍ଥାନ: ଡିଗୀପୋଖରୀ ପଡ଼ିଆ, ବନ୍ତ, ସମୟ: ଅପରାହ୍ନ ୩ଟା।
- ନିର୍ବାଚନମଣ୍ଡଳୀ ସ୍ତରୀୟ ବିଜେଡି ପ୍ରତିଷ୍ଠା ଦିବସ ପାଳନ, ସ୍ଥାନ: କାଳୀପଡ଼ିଆ, ଧୁଷୁରୀ, ସମୟ: ଅପରାହ୍ନ ୩ଟା।
- ରାଜ୍ୟସ୍ତରୀୟ ଗୀତ ସାହିତ୍ୟ ଆସର, ସ୍ଥାନ: ହୋଟେଲ କୈରବ ସମ୍ମିଳନୀ କକ୍ଷ, ଚାନ୍ଦବାଲି, ସମୟ: ଅପରାହ୍ନ ୩ଟା।
- ଡିଏଭି ମଦନ ମୋହନ ପବ୍ଲିକ ସ୍କୁଲର ବାର୍ଷିକ ଉତ୍ସବ, ସ୍ଥାନ: ଇଚ୍ଛାପୁର, ଭଦ୍ରକ, ସମୟ: ଅପରାହ୍ନ ୪ଟା।
- ବାଣିଜ୍ୟ ମେଳାର ତୃତୀୟ ସନ୍ଧ୍ୟା, ସ୍ଥାନ: ସାମରାଇପୁର, ଭଦ୍ରକ, ସମୟ: ଅପରାହ୍ନ ୫ଟା।
- ଆଗରପଡ଼ା ମହୋତ୍ସବର ଦ୍ୱିତୀୟ ସନ୍ଧ୍ୟା, ସ୍ଥାନ: ହେମପଦ୍ମା ଗାଲାକ୍ସି, ଆଗରପଡ଼ା, ସମୟ: ସନ୍ଧ୍ୟା ୬ଟା।

**ମୟୂରଭଞ୍ଜ**
- ବିଜେଡିର ପ୍ରତିଷ୍ଠା ଦିବସ, ସ୍ଥାନ: ଜିଲା କାର୍ଯ୍ୟାଳୟ ପରିସର, ବାରିପଦା,ସମୟ: ସକାଳ ୯ଟା।

- ଧାନ ମଣ୍ଡି ଉଦ୍‌ଘାଟନ, ସ୍ଥାନ:ଚିତ୍ରଡ଼ା ଲ୍ୟାମ୍ପସ ପରିସର, ମୋରଡା,ସମୟ: ପୂର୍ବାହ୍ନ ୧୦ଟା।

**ଗଞ୍ଜାମ**
- ରଜତ ଜୟନ୍ତୀ ଉତ୍ସବ, ସ୍ଥାନ: ଖଲ୍ଲିକୋଟ ଶିଶୁ ବିଦ୍ୟା ମନ୍ଦିର, ସମୟ: ସକାଳ ୭ଟା ୧୫।

**ଢେଙ୍କାନାଳ**
- ବିଜେଡି ପ୍ରତିଷ୍ଠା ଦିବସ , ସ୍ଥାନ : ପୌରସଂସ୍ଥା ଅଡିଟୋରିୟମ, ଆରଟିଓ ଅଫିସ ପାଖ, ସମୟ : ପୂର୍ବାହ୍ନ ୧୧ଟା ୩୦।

**ଅନୁଗୋଳ**
- ରାଜ୍ୟସ୍ତରୀୟ ଅଷ୍ଟଜିଲା ଫୁଟ୍‌ବଲ ଟୁର୍ଣ୍ଣାମେଣ୍ଟର ୫ମ ଦିବସ, ସ୍ଥାନ : ଆଠମଲ୍ଲିକ ପତାକା ଖେଳପଡିଆ, ସମୟ : ଅପରାହ୍ନ ୨ ଟା ୩୦।

**ଜଗତ୍‌ସିଂହପୁର**
- ଟିପିସିଓଡିଏଲ୍ ବିରୋଧରେ ସଭା, ସ୍ଥାନ: ଜିଲାପାଳଙ୍କ କାର୍ଯ୍ୟାଳୟ ପରିସର ପଡ଼ିଆ, ସମୟ: ସକାଳ ୯ଟା ୩୦।
- ପାରାଦୀପ ନଗର ବିଜେଡି ପକ୍ଷରୁ ଦଳର ପ୍ରତିଷ୍ଠା ଦିବସ କାର୍ଯ୍ୟକ୍ରମ, ସ୍ଥାନ: ଶ୍ରମିକ ଭବନ, ମଧୁବନ, ପାରାଦୀପ, ସମୟ: ସନ୍ଧ୍ୟା ୬ଟା।

**କେନ୍ଦ୍ରାପଡ଼ା**
- କେନ୍ଦ୍ରାପଡ଼ା ଜିଲା ସାହିତ୍ୟ ସଂସଦ ବାର୍ଷିକ ଉତ୍ସବ, ସ୍ଥାନ: ଶିବାନନ୍ଦ ଆଶ୍ରମ, ଗରାପୁର, କେନ୍ଦ୍ରାପଡ଼ା ସହର, ସମୟ: ପୂର୍ବାହ୍ନ ୧୦ଟା।
- ନିର୍ବାଚନ ମଣ୍ଡଳୀସ୍ତରୀୟ ବିଜେଡି ପ୍ରତିଷ୍ଠା ଦିବସ ପାଳନ, ସ୍ଥାନ: ବିଜେଡି କାର୍ଯ୍ୟାଳୟ, କେୟାରବାଙ୍କ, ମହାକାଳପଡ଼ା, ସମୟ: ପୂର୍ବାହ୍ନ ୧୦ଟା।
- ଟାଟା ପାୱାର ବିରୋଧରେ ଜିଲା କଂଗ୍ରେସର ବିକ୍ଷୋଭ, ସ୍ଥାନ: ଜିଲାପାଳ କାର୍ଯ୍ୟାଳୟ, କେନ୍ଦ୍ରାପଡ଼ା ସହର, ସମୟ: ପୂର୍ବାହ୍ନ ୧୦ଟା।
- ବ୍ଲକସ୍ତରୀୟ ରାଜସ୍ୱ ଅଭିଯୋଗର ଶୁଣାଣି ଶିବିର, ସ୍ଥାନ: ତହସିଲ କାର୍ଯ୍ୟାଳୟ, ମାର୍ଶାଘାଇ, ସମୟ: ପୂର୍ବାହ୍ନ ୧୦ଟା।
- ବିପ୍ଳବୀ କବି ଆନନ୍ଦ ଜେନା ସ୍ମାରକୀ କ୍ରିକେଟ ଟୁର୍ଣ୍ଣାମେଣ୍ଟ, ସ୍ଥାନ- ସରସ୍ୱତୀ ଷ୍ଟାଡିୟମ, ଡାଳିକାଏନ୍ଦା, ରାଜକନିକା, ସମୟ: ପୂର୍ବାହ୍ନ ୧୦ଟା।
- ରାଜ୍ୟସ୍ତରୀୟ ଡେରାବିଶ ମହୋତ୍ସବ, ସ୍ଥାନ: ମିନି ଷ୍ଟାଡିୟମ, ଡେରାବିଶ, ସମୟ: ସନ୍ଧ୍ୟା ୬ଟା।

**ଯାଜପୁର**
- କନକ ଦୁର୍ଗା ସରକାରୀ ଉଚ୍ଚ ବିଦ୍ୟାଳୟର ସୁବର୍ଣ୍ଣ ଜୟନ୍ତୀ ଉତ୍ସବ, ସ୍ଥାନ: ବରୀ ବ୍ଲକ୍‌ର ବାଲିବିଲ, ସମୟ: ସକାଳ ୮ଟା।
- ଧର୍ମଶାଳା ବାଣୀପୀଠର ୭୮ତମ ପ୍ରତିଷ୍ଠା ଦିବସ ଓ ପୁରାତନ ଛାତ୍ରସଂସଦର ୧୫ତମ ବାର୍ଷିକ ଉତ୍ସବ, ସ୍ଥାନ: ଧର୍ମଶାଳା ବାଣୀପୀଠ ପରିସର, ସମୟ: ପୂର୍ବାହ୍ନ ୧୦ଟା।
- ରାଜ୍ୟସ୍ତରୀୟ ଯାଜପୁର ପୁସ୍ତକ ମହୋତ୍ସବ, ସ୍ଥାନ: ଯାଜପୁର ପ୍ରଶାସନିକ ଭବନ ପଡ଼ିଆ, ସମୟ: ଅପରାହ୍ନ ୪ଟା।

**ନୟାଗଡ଼**
- ଜିଲା ମହୋତ୍ସବର ୩ୟ ଦିବସ, ସ୍ଥାନ: ନୟାଗଡ଼ ମହୋତ୍ସବ ପଡ଼ିଆ, ସମୟ: ପୂର୍ବାହ୍ନ ୧୦ରୁ ରାତ୍ର ୧୨।
- ଅବସରକାଳୀନ ସମ୍ବର୍ଦ୍ଧନା, ସ୍ଥାନ:ନୀଳମାଧବ ମହାବିଦ୍ୟାଳୟ, ସମୟ:ପୂର୍ବାହ୍ନ ୧୧ଟା।

**ରାୟଗଡ଼ା**
- ବିଜେଡିର ୨୯ ତମ ପ୍ରତିଷ୍ଠା ଦିବସ, ସ୍ଥାନ: ଗୁଣପୁର ନୂତନ ବସଷ୍ଟାଣ୍ଡ, ସମୟ: ସକାଳ ୯ଟା ୩୦।
- ବିଜୁ ଜନତା ଦଳ ପ୍ରତିଷ୍ଠା ଦିବସ ଓ ସଭା, ସ୍ଥାନ: ବିଜୁ ପଟ୍ଟନାୟକ ପ୍ରତିମୂର୍ତ୍ତି ଓ ବିଜୁ ପଟ୍ଟନାୟକ ଅଡିଟୋରିୟମ, ରାୟଗଡ଼ା, ସମୟ: ପୂର୍ବାହ୍ନ ୧୦ଟା।
- ଦେଓକପୁଲିସ୍ଥିତ ଷ୍ଟୋନ କ୍ରସର ପୁନଃ କାର୍ଯ୍ୟକ୍ଷମ ପାଇଁ ପଲ୍ଲୀସଭା, ସ୍ଥାନ: ମୁନିଗୁଡ଼ା ବ୍ଲକ ଦେଓକପୁଲି ଗ୍ରାମ ପରିସର, ସମୟ: ସକାଳ ୧୦ଟା ୩୦।
- ଜିଲାସ୍ତରୀୟ ଚଇତି ମହୋତ୍ସବ ଉଦ୍‌ଘାଟନ, ସ୍ଥାନ: ରାୟଗଡ଼ା ଜିସିଡି ପଡିଆ, ସମୟ: ସନ୍ଧ୍ୟା ୬ଟା।

**ନବରଙ୍ଗପୁର**
- ପିପିଏଲ ପକ୍ଷରୁ ଚାଷୀଙ୍କୁ ମାର୍ଗ ଦର୍ଶନ, ସ୍ଥାନ: ଉମରକୋଟ, ନାୟକଗୁଡ଼ା, ସମୟ: ଅପରାହ୍ନ ୧ଟା।

**କୋରାପୁଟ**
- ବ୍ଲକସ୍ତରୀୟ ଜଳବିଭାଜିକା ମହୋତ୍ସବ, ସ୍ଥାନ: କୋଲର ପଞ୍ଚାୟତ ଦିସାରିଗୁଡା, ବୈପାରୀଗୁଡ଼ା ବ୍ଲକ୍, ସମୟ: ପୂର୍ବାହ୍ନ ୧୦ଟା।
- ଡାକ୍ତରଙ୍କ ଘଣ୍ଟିକିଆ କାର୍ଯ୍ୟବନ୍ଦ ଆନ୍ଦୋଳନ, ସ୍ଥାନ: ନନ୍ଦପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର, ସମୟ: ପୂର୍ବାହ୍ନ ୧୦ଟାରୁ ୧୧ଟା।
- ବିଜେଡିର ପ୍ରତିଷ୍ଠା ଦିବସ, ସ୍ଥାନ: ନୂଆ ହାଟପଦା, ମଲ୍ଟି ଫଙ୍କସନ୍ ହଲ୍, ସେମିଳିଗୁଡ଼ା, ସମୟ: ପୂର୍ବାହ୍ନ ୧୧ଟା।

**ମାଲକାନଗିରି**
- ସ୍ୱାମୀ ଆୟପ୍ପାଙ୍କ ଆଇ ପୂଜା, ସ୍ଥାନ: ଆୟପ୍ପାଙ୍କ ମନ୍ଦିର, ବାଲିମେଳା, ସମୟ: ସକାଳ ୬ଟା।
- ରୟାଲ ହୋମିଓ କ୍ଲିନିକ୍‌ର ମାଗଣା ସ୍ୱାସ୍ଥ୍ୟ ଶିବିର, ସ୍ଥାନ: ବାଲିମେଳା ସହରର କଲ୍ୟାଣ ମଣ୍ଡପ, ସମୟ: ପୂର୍ବାହ୍ନ ୧୦ଟା।

**ସମ୍ବଲପୁର**
- ଜିଲା ବିଜେଡି ପକ୍ଷରୁ ବିଜୁ ପଟ୍ଟନାୟକ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କାର୍ଯ୍ୟକ୍ରମ, ସ୍ଥାନ: ରେମେଡ ଛକ, ସମୟ: ସକାଳ ୯ଟା ୫୦।
- ବନ୍ଦନା ଆର୍ଟ ଆୟୋଜିତ ଦୁର୍ଗା-୩ ଚିତ୍ରକଳା ପ୍ରଦର୍ଶନୀ, ସ୍ଥାନ: ଅମୃତ ବିହାର ପରିସରସ୍ଥ ଜିଏମ୍‌ଯୁ ଆର୍ଟ ଗ୍ୟାଲେରୀ, ସମୟ: ପୂର୍ବାହ୍ନ ୧୧ରୁ ରାତି ୭ଟା।
- ଯୁବ ଉଦୟନ ଆୟୋଜିତ ବୀର ସୁରେନ୍ଦ୍ର ସାଏ ୨୮ତମ ରାଜ୍ୟସ୍ତରୀୟ ସମ୍ବଲପୁରୀ ନାଟକ ପ୍ରତିଯୋଗିତାର ତୃତୀୟ ରଜନୀ, ସ୍ଥାନ: ଝାଡୁଆପଡା ସ୍ଥିତ ଆରଣ୍ୟକ ମଞ୍ଚ, ସମୟ: ସନ୍ଧ୍ୟା ୬ଟା।
- ସମ୍ବଲପୁର ଲୋକ ମହୋତ୍ସବ ମଞ୍ଚ ଓ ପ୍ରେକ୍ଷାଳୟ କମିଟିର ବୈଠକ, ସ୍ଥାନ: ସାମ୍ବାଦିକ ଭବନ, ସମୟ: ରାତି ୭ଟା।

**ରାଉରକେଲା**
- ଅଲ୍ ଓଡିଶା ୱିଣ୍ଟର କ୍ରିକେଟ, ସ୍ଥାନ: ଡିଏଭି ଖେଳ ପଡିଆ, ସମୟ: ପୂର୍ବାହ୍ନ ୧୧ଟା।
- ବୀର ବାଲ୍ ଦିବସ ପାଇଁ ଶୋଭାଯାତ୍ରା, ସ୍ଥାନ: ଗୁରୁଦ୍ୱାରା ଗୁରୁ ସଭା, ସମୟ: ସନ୍ଧ୍ୟା ୬ଟା।
- ବହୁ ଭାଷୀନାଟକ ଓ ନୃତ୍ୟ ମହୋତ୍ସବ, ସ୍ଥାନ: ସେକ୍ଟର-୧୯, ସିଭିକ୍ ସେଣ୍ଟର, ସମୟ: ସନ୍ଧ୍ୟା ୬ଟା ୩୦।
- ସ୍ପନ୍ଦନ ବହୁ ଭାଷାଭାଷୀ ନାଟକ ଓ ନୃତ୍ୟ ଉତ୍ସବ, ସ୍ଥାନ: ସିଭିକ୍ ସେଣ୍ଟର, ସମୟ: ସନ୍ଧ୍ୟା ୬ଟା ୩୦।
- କେନ୍ଦ୍ରମନ୍ତ୍ରୀଙ୍କୁ ସ୍ୱାଗତ, ସ୍ଥାନ: ସେକ୍ଟର-୧୯ ରାଉରକେଲା ହାଉସ, ସମୟ: ରାତ୍ରି ୯ଟା।

**ସୁନ୍ଦରଗଡ଼**
- ବିଜୁ ଜନତା ଦଳ ପ୍ରତିଷ୍ଠା ଦିବସ ଅବସରରେ ପ୍ରବାଦ ପୁରୁଷ ବିଜୁ ପଟ୍ଟନାୟକଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ,ସ୍ଥାନ: ରାଣୀବଗିଚା ଛକ, ସମୟ: ପୂର୍ବାହ୍ନ୧୦ଟା ୩୦।
- ବିଜୁ ଜନତା ଦଳର ପ୍ରତିଷ୍ଠା ଦିବସ, ସ୍ଥାନ: କରମଡିହି ଦୁର୍ଗା ମଣ୍ଡପ ପଡିଆ, ସମୟ: ମଧ୍ୟାହ୍ନ ୧୨ଟା।

**ବରଗଡ଼**
- ପଲ୍ଲୀଶ୍ରୀ ମେଳା ଉଦ୍‌ଘାଟନ, ସ୍ଥାନ: କୃଷକ ବଜାର ବରଗଡ଼, ସମୟ: ସନ୍ଧ୍ୟା ୫ଟା।

**କଳାହାଣ୍ଡି**
- ଜିଲାସ୍ତରୀୟ ବିଜୁ ଜୟନ୍ତୀ ପାଳନ, ସ୍ଥାନ: ଭବାନୀପାଟଣାସ୍ଥିତ ବିଜୁ କଲ୍ୟାଣ ମଣ୍ଡପ,ସମୟ: ପୂର୍ବାହ୍ନ ୧୧ଟା।
- ଶ୍ରୀ ଗୁରୁ କୃପା ମହୋତ୍ସବ ଆରମ୍ଭ, ସ୍ଥାନ: ଭବାନୀପାଟଣା ମନ୍ଦାରବଗିଚା ପଡାସ୍ଥିତ ସରସ୍ୱତୀ ଶିଶୁ ମନ୍ଦିର, ସମୟ: ପୂର୍ବାହ୍ନ ୧୧ଟା।
- ବିଦ୍ୟୁତ୍ ସମସ୍ୟା ତଥା ଉପଭୋକ୍ତାଙ୍କ ଉପରେ ହେଉଥିବା ଅତ୍ୟାଚାର ପ୍ରତିବାଦରେ କଂଗ୍ରେସର ପ୍ରତିବାଦ ସଭା, ସ୍ଥାନ: ଭବାନୀପାଟଣାସ୍ଥିତ ଗାନ୍ଧୀ ଛକ, ସମୟ: ଅପରାହ୍ନ ୫ଟା।

**ବୌଦ୍ଧ**
- ୧୦୮ କୁଣ୍ଡୀୟ ଗାୟତ୍ରୀ ମହାଯଜ୍ଞର ଦ୍ୱିତୀୟ ଦିବସ, ସ୍ଥାନ: ବୁଢ଼ୁପାଲି, ବୌଦ୍ଧ, ସମୟ: ସକାଳ ୮ଟା।

**ଦେବଗଡ଼**
- ସର୍ବଭାରତୀୟ ବାମଣ୍ଡା କପ୍ କ୍ରିକେଟ୍ ପ୍ରତିଯୋଗିତାର ପଞ୍ଚମ ଦିବସ, ସ୍ଥାନ: ଦେବଗଡ଼ ଇନ୍ଦିରାଗାନ୍ଧୀ ଷ୍ଟାଡିୟମ, ସମୟ: ପୂର୍ବାହ୍ନ ୧୧ଟା।
- ବିଜେଡିର ପ୍ରତିଷ୍ଠା ଦିବସ ପାଳନ, ସ୍ଥାନ: ଦେବଗଡ଼ କଲେଜର ବିଜୁ ପଟ୍ଟନାୟକ ଅଡିଟୋରିୟମ, ସମୟ: ପୂର୍ବାହ୍ନ ୧୧ଟା।
- ସନ୍ଧ୍ୟା ଆଳତି, ସ୍ଥାନ: ଦେବଗଡ଼ ମଠସାହିସ୍ଥିତ ମା' କନକଦୁର୍ଗା ମନ୍ଦିର, ସମୟ: ସନ୍ଧ୍ୟା ୭ଟା।

**ସୁବର୍ଣ୍ଣପୁର**
- ୨୯ତମ ସର୍ବଭାରତୀୟ ଜୟ ଜଗନ୍ନାଥ ଲୁଡୁରପଙ୍କ କ୍ରିକେଟ କପର ଷଷ୍ଠ ଦିବସ, କ୍ୟୁସିଆଇ ଛତିଶଗଡ଼ ବନାମ ବିରାଟ କ୍ରିକେଟ ଏକାଡେମି କୋଲକତା (ୱେଷ୍ଟ ବେଙ୍ଗଲ), ସ୍ଥାନ: ଲୁଡୁରପଙ୍କ ହାଇସ୍କୁଲ ପଡିଆ, ସମୟ: ପୂର୍ବାହ୍ନ ୧୦ଟା।
- ବିଜୁ ଜନତା ଦଳର ଜିଲାସ୍ତରୀୟ ପ୍ରତିଷ୍ଠା ଦିବସ ପାଳନ, ସ୍ଥାନ: ସୁବର୍ଣ୍ଣପୁର ଟାଉନ ହଲ, ସମୟ: ପୂର୍ବାହ୍ନ ୧୦ଟା ୩୦।

**ନୂଆପଡ଼ା**
- ପ୍ରଥମ ଜୋନସ୍ତରୀୟ ୟୁନିଟ କପ୍ କ୍ରିକେଟ୍ ଦ୍ୱାଦଶ ଦିବସ, ସ୍ଥାନ: ଖଡିଆଳ ବ୍ଲକ ସାନମହେଶ୍ୱର ପଞ୍ଚାୟତ ଦେବାହାଲ ଗାଁ, ସମୟ: ପୂର୍ବାହ୍ନ ୧୦ଟା।
- ବିଜୁ ଜନତା ଦଳର ୨୯ତମ ପ୍ରତିଷ୍ଠା ଦିବସ, ସ୍ଥାନ: ପୋଲିସ ପଡ଼ିଆ ନୂଆପଡ଼ା, ସମୟ: ପୂର୍ବାହ୍ନ ୧୦ଟା।
- ୩ୟ ବିରାଟ ଆଞ୍ଚଳିକ ଧନୁଯାତ୍ରା ମହୋତ୍ସବ ଉଦ୍‌ଘାଟନ, ସ୍ଥାନ: ନୂଆପଡ଼ା ସଦର ବ୍ଲକ ସାରାବଙ୍ଗ ମିନି ଷ୍ଟାଡିୟମ, ସମୟ: ସନ୍ଧ୍ୟା ୬ଟା।

**ଝାରସୁଗୁଡ଼ା**
- ବିଶ୍ୱ ଶାନ୍ତି ମହାଯଜ୍ଞ, ସ୍ଥାନ:କୁହାକୁଣ୍ଡା ମହିମା ଆଶ୍ରମ, ଲଖନପୁର, ସମୟ:ସକାଳ ୮ଟା।
- ବିଜେଡି ପକ୍ଷରୁ ବିଜୁ ବାବୁଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କାର୍ଯ୍ୟକ୍ରମ, ସ୍ଥାନ:ବଡ଼ମାଳ, ବିଜୁ ପଟ୍ଟନାୟକ ଛକ, ସମୟ: ପୂର୍ବାହ୍ନ ୧୦ଟା।

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଏକେ କାଳୀ**
**ଘେନିଛି କାଚ କୋଚିଲା ମାଳି**
**ପିନ୍ଧିଅଛି ପୁଣି ନେଳିଆ ଶାଢ଼ି**
**ତହିଁରେ ହୋଇଛି ରାନ୍ଧଣା ପାଳି ।**

ତରୁଣୀ ବା ଯୁବତୀମାନେ ବେଶଭୂଷା ହୋଇ ଅନ୍ୟ ଆଗରେ ଦେଖେଇ ହେବାରେ ଖୁସି ଆନନ୍ଦ ପାଇଥାନ୍ତି। ତେବେ ନିଜ ରୂପ ବର୍ଣ୍ଣକୁ ଚାହିଁ ବେଶ୍ ପରିପାଟୀ ହେଲେ ଅନ୍ୟ ଆଗରେ ତାହା ସୁନ୍ଦର ଲାଗିଥାଏ। ଏପରିସ୍ଥିତିରେ ରୋଷଶାଳାରେ କାର୍ଯ୍ୟ କରୁଥିବା ଶ୍ୟାମଳବର୍ଣ୍ଣା ଯୁବତୀର ବିଚିତ୍ର ବେଶଭୂଷା ଓ ପରିପାଟୀ ପ୍ରତି ତାଚ୍ଛଲ୍ୟ କରିବା ନେଇ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

**ଏଇଲୋ ବାପ,**
**ଘରେ ପଶିଗଲା ଢମଣା ସାପ ।**

ଢମଣା ସାପ ସାଧାରଣତଃ ବିଷହୀନ ହୋଇଥାନ୍ତି। ତେଣୁ ଏହାକୁ ନେଇ ମନରେ ଭୟ ପ୍ରକାଶ କରିବା ଉଚିତ ହୋଇ ନ ଥାଏ। ମନର ଭୟ ମଣିଷକୁ ଶଙ୍କାଗ୍ରସ୍ତ କରାଉଥିବା ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ଲୋକଗୀତ - ଫ୍ରେଣ୍ଡସ ପବ୍ଲିଶର୍ସ



ଗୁରୁବାର ଅପରାହ୍ଣ ୫ଟାରେ ମହାକାଶରୁ ଉତ୍ତୋଳିତ ପାଣିପାଗର ଚିତ୍ର।

## ରାଜ୍ୟରେ ୩ ସୁନା ଖଣି ପାଇଁ ନିଲାମି ଡାକରା




## ପେପରଲେସ୍ ହେବ...

**ପ୍ରଥମ ପୃଷ୍ଠାରୁ...**

ଜିଲା ଓ ବ୍ଲକ୍‌ସ୍ତରରେ ମଧ୍ୟ ସରକାରୀ କାର୍ଯ୍ୟଗୁଡିକ ପେପରଲେସ୍ ହେବ। ଏହା ମାଧ୍ୟମରେ ରାଜ୍ୟରେ ସୁଶାସନର ବ୍ୟବସ୍ଥା ଆହୁରି ସୁଦୃଢ଼ ହେବ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ଭୁବନେଶ୍ୱର ଓୟୁଏଟି କୃଷି ଶିକ୍ଷା ସଦନଠାରେ ସୂଚନା ଓ ଲୋକ ସମ୍ପର୍କ ବିଭାଗ ପକ୍ଷରୁ ଆୟୋଜିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ମୁଖ୍ୟମନ୍ତ୍ରୀ ସ୍ୱର୍ଗତ ବାଜପେୟୀଙ୍କ ପ୍ରତି ଶ୍ରଦ୍ଧାଞ୍ଜଳି ଅର୍ପଣ କରି ଆହୁରି କହିଛନ୍ତି, ଅଟଳ ବିହାରୀ ବାଜପେୟୀ ଥିଲେ ଜଣେ ପ୍ରବୀଣ ରାଜନୀତିଜ୍ଞ, କବି, ଲେଖକ ଏବଂ ଭାରତୀୟତାର ଦାର୍ଶନିକ। ଶାସକ ଅଥବା ବିରୋଧୀ ପକ୍ଷ ରାଷ୍ଟ୍ରହିତକୁ ସେ ସବୁବେଳେ ଗୁରୁତ୍ୱ ଦେଉଥିଲେ। ସ୍ୱର୍ଣ୍ଣ ଚତୁର୍ଭୁଜ, ପ୍ରଧାନମନ୍ତ୍ରୀ ଗ୍ରାମ ସଡକ ଯୋଜନା, ସର୍ବଶିକ୍ଷା ଅଭିଯାନ, ବିତ୍ତୀୟ ଅନୁଶାସନ ପାଇଁ ଏଫ୍‌ଆର୍‌ବିଏମ୍ ଆକ୍ଟ ପ୍ରଣୟନ ଭଳି ଅନେକ ଯୁଗାନ୍ତକାରୀ ପଦକ୍ଷେପ ତାଙ୍କ ଦ୍ୱାରା ପରିକଳ୍ପିତ। ତାଙ୍କ ନିଷ୍ପତ୍ତି ଅନୁଯାୟୀ ଭୁବନେଶ୍ୱରରେ ଏମ୍ସ ଖୋଲାଯାଇଥିଲା। ୧୯୯୯ ମହାବାତ୍ୟା ସମୟରେ ଓଡ଼ିଶାର ବନ୍ଧୁ ସାଜି ଉଦ୍ଧାର, ରିଲିଫ ଆଦି କାର୍ଯ୍ୟ କରିଥିଲେ। ଓଡ଼ିଶାରେ ପ୍ରତିଷ୍ଠା ହୋଇଥିବା ଇଷ୍ଟକୋଷ୍ଟ ରେଲୱେ, ପାରାଦୀପ ତୈଳ ବିଶୋଧନାଗାର, ପାରାଦୀପ-ହରିଦାସପୁର ରେଳପଥ ପରି ମେଗା ପ୍ରକଳ୍ପଗୁଡ଼ିକରେ ତାଙ୍କ ସ୍ୱାକ୍ଷର ରହିଛି। ଏହାପରେ ସେ ସୂଚନା ଓ ଲୋକସମ୍ପର୍କ ବିଭାଗ ପକ୍ଷରୁ ଆୟୋଜିତ ଏକ ଫଟୋଚିତ୍ର ପ୍ରଦର୍ଶନୀକୁ ଉଦ୍‌ଘାଟନକରି ବୁଲି ଦେଖିଥିଲେ। ବିଭାଗ ପକ୍ଷରୁ ଅନୁଷ୍ଠିତ ବକ୍ତୃତା ଓ ଚିତ୍ରାଙ୍କନ ପ୍ରତିଯୋଗିତାର କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରିଥିଲେ। କାର୍ଯ୍ୟକ୍ରମ ପୂର୍ବରୁ ମୁଖ୍ୟମନ୍ତ୍ରୀ ଭୁବନେଶ୍ୱର ଏମ୍ସ ପରିସରରେ ଥିବା ବାଜପେୟୀଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପଗୁଚ୍ଛ ଦେଇ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ।

କାର୍ଯ୍ୟକ୍ରମରେ ଏକାମ୍ର-ଭୁବନେଶ୍ୱର ବିଧାୟକ ବାବୁ ସିଂ ଯୋଗଦେଇ କହିଛନ୍ତି, ବାଜପେୟୀ ପ୍ରଧାନମନ୍ତ୍ରୀ ଭାବେ ସୀମିତ ସମୟ ପାଇଁ ରହିଥିଲେ ମଧ୍ୟ ତାଙ୍କ କାର୍ଯ୍ୟପ୍ରଣାଳୀ ଯୋଗୁ ଆମେ ଆଜି ସୁଖ ଅନୁଭବ କରୁଛୁ। ଅନ୍ୟତମ ଅତିଥି ଭାବେ ଉନ୍ନୟନ କମିଶନର ଅନୁ ଗର୍ଗ କହିଛନ୍ତି, ଯୋଜନା ଓ କାର୍ଯ୍ୟକ୍ରମର ସୁଫଳ ସମସ୍ତଙ୍କ ପାଖରେ ପହଞ୍ଚାଇବା ହେଉଛି ସୁଶାସନର ପରିଭାଷା। ଅଭିବୃଦ୍ଧି ହାର ବଢ଼ାଇବା ପାଇଁ ସୁଶାସନ ନିହାତି ଆବଶ୍ୟକ ବୋଲି ସେ କହିଛନ୍ତି। ଶକ୍ତି ବିଭାଗର ପ୍ରମୁଖ ଶାସନ ସଚିବ ବିଶାଲ ଦେବ କହିଛନ୍ତି, ପ୍ରଶାସନିକ ବ୍ୟବସ୍ଥାକୁ ସୁଦୃଢ଼ କରିବାରେ ବାଜପେୟୀଙ୍କ ବଳିଷ୍ଠ ଭୂମିକା ରହିଥିଲା। କାର୍ଯ୍ୟକ୍ରମରେ ସୂଚନା ଓ ଲୋକସମ୍ପର୍କ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ହେମନ୍ତ ଶର୍ମା ସ୍ୱାଗତ ଭାଷଣ ଦେଇ କହିଛନ୍ତି, ସୁଶାସନ ଦିବସ ପାଳନ ଆମକୁ ସ୍ମରଣ କରାଇ ଦେଇଥାଏ, ସରକାରୀ ସେବାକୁ ଆମକୁ ଆହୁରି ଅଧିକ ଜନାଭିମୁଖୀ କରିବାକୁ ପଡିବ। ସୂଚନା ଓ ଲୋକସମ୍ପର୍କ ବିଭାଗର ଉପ ନିର୍ଦ୍ଦେଶିକା ସୁଚେତା ପ୍ରିୟଦର୍ଶିନୀ ଧନ୍ୟବାଦ ଅର୍ପଣ କରିଥିଲେ।

## ବାଂଲାଦେଶ ଫେରିଲେ...

ବିଏନ୍‌ପି କାର୍ଯ୍ୟକାରୀ ସଭାପତି କହିଛନ୍ତି। ପ୍ରିୟ ବାଂଲାଦେଶରୁ ଭାଷଣ ଆରମ୍ଭ କରିବା ସହ ତାଙ୍କ ଅନୁପସ୍ଥିତିରେ ଦଳ ପାଇଁ ଛିଡ଼ାହୋଇଥିବା ନେତା, କର୍ମୀ ଓ ନାଗରିକମାନଙ୍କୁ ଧନ୍ୟବାଦ ଜଣାଇଛନ୍ତି। ରାଲି ପରେ ରହମାନ ଏଭରକେୟାର ହସ୍ପିଟାଲ ଯାଇ ତାଙ୍କ ଅସୁସ୍ଥ ମା' ଖାଲେଦାଙ୍କୁ ଭେଟିଛନ୍ତି। ୧୭ ବର୍ଷରୁ ଊର୍ଦ୍ଧ୍ୱ ସମୟ ପରେ ବାଂଲାଦେଶରେ ମା'ପୁଅଙ୍କ ଭେଟ ହୋଇଛି। ତେବେ ଲଣ୍ଡନରେ ଉଭୟେ ଅନେକ ଥର ପରସ୍ପରକୁ ଭେଟିଥିଲେ। ରହମାନଙ୍କ ସହ ତାଙ୍କ ସ୍ତ୍ରୀ ଡ. ଜୁବାଇଦା ରହମାନ ଏବଂ ଝିଅ ଜାଇମା ରହମାନ ହିଥ୍ରୋ ଏୟାରପୋର୍ଟରୁ ଢାକାର ହଜରତ ଶାହଜଲାଲ ଅନ୍ତର୍ଜାତୀୟ ବିମାନ ବନ୍ଦର ଯିବା ସହ ହସ୍ପିଟାଲ ଯାଇଥିଲେ। ଅସୁସ୍ଥ ମା'ଙ୍କ ଆରୋଗ୍ୟ ପାଇଁ ଦେଶବାସୀ ପ୍ରାର୍ଥନା କରିବାକୁ ରହମାନ ନିବେଦନ କରିଛନ୍ତି। ଖାଲେଦା ଗତ ନଭେମ୍ବର ୨୩ରୁ ଗୁରୁତର ଅବସ୍ଥାରେ ଏଭରକେୟାର ହସ୍ପିଟାଲର କରୋନାରି କେୟାର ୟୁନିଟ୍‌ରେ ଚିକିତ୍ସିତ ହେଉଛନ୍ତି।

## ୩ ଖଣିରେ ୧,୫୮୬...

ଠିକ୍ ଭାବରେ କିପରି ନିଲାମ ହୋଇପାରିବ ଓ ସୁନା ଖଣିରୁ କଢ଼ା ଯାଇପାରିବ ତାହାକୁ ସମୀକ୍ଷାରେ ଗୁରୁତ୍ୱ ଦିଆଯିବ ବୋଲି ଖଣି ମନ୍ତ୍ରୀ କହିଛନ୍ତି। ଉଲ୍ଲେଖଯୋଗ୍ୟ, ନିକଟରେ ଶେଷ ହୋଇଥିବା ବିଧାନସଭା ଅଧିବେଶନ ଅବସରରେ ବିଧାୟକ ଚକ୍ରମଣି କହଁରଙ୍କ ଏକ ପ୍ରଶ୍ନର ଉତ୍ତରରେ ମନ୍ତ୍ରୀ କହିଥିଲେ, ରାଜ୍ୟର ଦେବଗଡ଼, କେନ୍ଦୁଝର, ମୟୂରଭଞ୍ଜ, ସୁନ୍ଦରଗଡ଼, ନବରଙ୍ଗପୁର, ଅନୁଗୋଳ, କୋରାପୁଟ, ମାଲକାନଗିରି, ସମ୍ବଲପୁର ଓ ବୌଦ୍ଧ ଜିଲାର ଅନେକ ସ୍ଥାନରେ ସୁନାଖଣି ରହିଛି। ତେବେ ଏହାର ପରିମାଣ ଏବଂ ଉତ୍ତୋଳନ ଖର୍ଚ୍ଚ ଉପରେ ଅଧିକ ଅନୁସନ୍ଧାନ କରାଯିବାର ଆବଶ୍ୟକତା ରହିଛି ବୋଲି ମନ୍ତ୍ରୀ କହିଛନ୍ତି।

## ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ** ଆଜିର ଚନ୍ଦ୍ର ପାପଗ୍ରହ ରାହୁଯୁକ୍ତ କାରଣରୁ ମାନସିକ ସ୍ଥିତି ଭଲ ରହିବ ନାହିଁ। ତଥାପି ସାମ୍ବାଦିକତା, ଏଜେନ୍ସିପ୍, ପରିବହନ, ବାଣିଜ୍ୟରେ ସଫଳତା ପାଇବେ। ପାରିବାରିକ ଜୀବନରେ ଉତ୍ଥାନ ପତନ ଲାଗିରହିଲେ ମଧ୍ୟ କୌଣସି ଅସୁବିଧା ହେବନାହିଁ। ବନ୍ଧୁଙ୍କ ସହ ମତପାର୍ଥକ୍ୟଜନିତ ସମ୍ପର୍କହାନି ଘଟିପାରେ।

**ବୃଷ** ତୃତୀୟାଧିପତିଙ୍କ ଅଶୁଭଦ୍ୱ ସଂଯୋଗ ପଡ଼ୋଶୀ କିମ୍ବା ଭଗିନୀଙ୍କ ସହ ମନାନ୍ତରର କାରଣ ହୋଇପାରେ। ଜମିଜମା କିମ୍ବା ଯାନ୍ତ୍ରିକ ଜିନିଷ କ୍ଷେତ୍ରରେ ଅର୍ଥ ବ୍ୟୟ କରିପାରନ୍ତି। ପ୍ରତିଦ୍ୱନ୍ଦ୍ୱିତାରେ ସଫଳତା କିନ୍ତୁ ଆନୁଷ୍ଠାନିକ କାମରେ ସମସ୍ୟା ସୃଷ୍ଟିର ଆଶଙ୍କା ରହିଛି। ମୂଲ୍ୟବାନ ଜିନିଷ କ୍ରୟ ସକାଶେ ବନ୍ଧୁଙ୍କଠାରୁ ଧାର କରଜ କରିପାରନ୍ତି।

**ମିଥୁନ** କର୍ମସ୍ଥାନରେ ଶନିଙ୍କ ପ୍ରଭାବରେ କାର୍ଯ୍ୟରେ ବିଳମ୍ବ ଏବଂ ଅବହେଳାରୁ ଅଭିଯୋଗର ସମ୍ମୁଖୀନ ହେବେ। ବନ୍ଧୁଗହଣରେ ରୁକ୍ଷ ଭାଷା ପ୍ରୟୋଗ ଯୋଗୁ ସମ୍ପର୍କହାନି ଘଟିପାରେ। ଯେଉଁ କ୍ଷେତ୍ରରେ ଯାହାକିଛି ନିଷ୍ପତ୍ତି ନେବେ ଶେଷ ସମୟରେ ଓଲଟ ପାଲଟ ହୋଇଯିବ। ଗୁରୁତ୍ୱପୂର୍ଣ୍ଣ କାମରେ ଉପଯୁକ୍ତ ଫଳ ପାଇବାର ଆଶା ରହିଛି।

**କର୍କଟ** ରାଶ୍ୟାଧିପ ଅଷ୍ଟମସ୍ଥ ଯୋଗୁ ଶାରୀରିକ ଅସୁସ୍ଥତାଜନିତ ମନ ଭଲ ରହିବ ନାହିଁ। କର୍ମକ୍ଷେତ୍ରରେ ସତର୍କରେ କାମ ନ କଲେ ଅନୁତାପ କରିପାରନ୍ତି। ପାରିବାରିକ ଜୀବନରେ ଶାନ୍ତି ଓ ସ୍ଥିରତା ଅବ୍ୟାହତ ରହିବ। ବନ୍ଧୁ ଗହଣରେ ଅପ୍ରିୟ ସତକଥା କହି ବିରୋଧୀ ହୋଇପାରନ୍ତି।

**ସିଂହ** କୋଣଭାବସ୍ଥ ଗ୍ରହ ପ୍ରଭାବରୁ ପ୍ରିଣ୍ଟିଂ କାରବାରରେ ଉନ୍ନତି ସାଙ୍ଗକୁ ଅଗ୍ନି ସମ୍ବନ୍ଧିତ ଯନ୍ତ୍ରପାତି ବ୍ୟବସାୟରୁ ସୁଫଳ ପାଇବେ। ଅର୍ଥଲାଭର ଯୋଗ ରହିଛି। ପୂର୍ବପରିକଳ୍ପିତ ଯୋଜନାକୁ କାର୍ଯ୍ୟକାରୀ କରିବା ପାଇଁ ନୂତନ ପଦକ୍ଷେପ ଗ୍ରହଣ କରିବେ। ପରିବାରରେ ପିଲାମାନଙ୍କ କାର୍ଯ୍ୟକଳାପକୁ ନାପସନ୍ଦ କରିପାରନ୍ତି।

**କନ୍ୟା** କର୍ମଭାବସ୍ଥ ଗୁରୁଙ୍କ ପ୍ରତି ଏକାଧିକ ଗ୍ରହଙ୍କ ଦୃଷ୍ଟିଜନିତ ପ୍ରତ୍ୟେକ କ୍ଷେତ୍ରରେ ପ୍ରତିବନ୍ଧକର ସମ୍ମୁଖୀନ ହେବେ। ସମ୍ପର୍କୀୟମାନେ ସ୍ୱାର୍ଥ ସାଧନ ପରିପ୍ରେକ୍ଷୀରେ ପାରିବାରିକ କ୍ଷେତ୍ରକୁ ସମସ୍ୟାବହୁଳ କରିପାରନ୍ତି। ସହକର୍ମୀଙ୍କ ସହ ଭାଙ୍ଗିପଡିଥିବା ସମ୍ପର୍କ ପୁଣି ଯୋଡି ହୋଇଯିବ। ଉପସ୍ଥିତ ବୁଦ୍ଧି ଖଟାଇ ପରିସ୍ଥିତିକୁ ସୁଧାରି ନେଇପାରିବେ।

**ତୁଳା** ମୁଖଭାବରେ ବୁଧଗ୍ରହ ଥିବାରୁ ଆପଣଙ୍କ କଠୋର ବାକ୍ୟାଳାପ ପ୍ରତ୍ୟେକ କ୍ଷେତ୍ରରେ ସମସ୍ୟା ସୃଷ୍ଟିର କାରଣ ହୋଇପାରେ। ବନ୍ଧୁଙ୍କ ଦ୍ୱାରା କର୍ମକ୍ଷେତ୍ରରେ ମିଥ୍ୟା ଗୁଜବ ମନକୁ ଆତଙ୍କିତ କରିପାରେ। ବ୍ୟାଙ୍କ ଲୋନ୍‌କୁ ପରିଶୋଧ କରି ଆଶ୍ୱସ୍ତି ଲଭିବେ। ବନ୍ଧୁଙ୍କ ଅନୁରୋଧ କ୍ରମେ ଦେବାର୍ଚ୍ଚନା ପାଇଁ ଦୂର ସ୍ଥାନ ଯିବାକୁ ମନ ବଳାଇ ପାରନ୍ତି।

**ବିଛା** ଗୁରୁକ୍ଷେତ୍ରସ୍ଥ ରାଶ୍ୟାଧିପ ଆରୋଗ୍ୟଲାଭ, ଚେଷ୍ଟା ସଫଳ ସାଙ୍ଗକୁ ଋଣସୂତ୍ରରେ ଅର୍ଥଲାଭ କରାଇପାରେ। ଗତକାଲିଠାରୁ ଯେଉଁ କାମରେ ହାତ ଦେଇଛନ୍ତି ସେଥିରେ କୃତକାର୍ଯ୍ୟ ହେବେ। ଲେଖାପଢ଼ା, ସାହିତ୍ୟ, ସାମ୍ବାଦିକତା ଓ ଅଭିନୟରୁ ପ୍ରଶଂସା ପାଇବେ। ଗୃହସୀମାକୁ କେନ୍ଦ୍ର କରି ବିତର୍କର ସମ୍ମୁଖୀନ ହୋଇପାରନ୍ତି।

**ଧନୁ** ଏକାଧିକ ପାପଗ୍ରହ ରାଶିରେ ଅବସ୍ଥାନ କରିଥିବାରୁ ସ୍ୱାସ୍ଥ୍ୟହାନି, କଳହ, ଧନକ୍ଷୟ ଓ ସମ୍ପର୍କ ନଷ୍ଟର ଆଶଙ୍କା ରହିଛି। କର୍ମକ୍ଷେତ୍ରରେ ଅନ୍ୟମାନଙ୍କ ଉପରେ ବିରକ୍ତ ହେବା ଉଚିତ ହେବନାହିଁ। ନୂତନ କାମର ପରିକଳ୍ପନା କରିବେ କିନ୍ତୁ ଖର୍ଚ୍ଚଭାର ଯୋଗୁ ଚିନ୍ତାପ୍ରକଟ କରିପାରନ୍ତି। ବନ୍ଧୁଙ୍କ ପରାମର୍ଶରେ ପାରିବାରିକ ସମସ୍ୟାକୁ ସୁଧାରି ନେବେ।

**ମକର** ଦ୍ୱାଦଶ ସ୍ଥାନରେ ଶୁକ୍ର ଅବସ୍ଥାନ କରିଥିବାରୁ ମଉଜ ମଜଲିସ୍‌ରେ ଦିନଟି କଟିବ। କର୍ମକ୍ଷେତ୍ରରେ ଈର୍ଷାପରାୟଣ ସହକର୍ମୀଙ୍କ ଦୌରାତ୍ମ୍ୟ ଅସହ୍ୟ ହେବ। ପରିବାରରେ ଛୋଟ କଥାଟିକୁ ଗୁରୁତ୍ୱ ନ ଦେବା କାରଣରୁ ଟେନ୍‌ସନ କମିଯିବ। ଆଲୋଚନା ପରିସରରେ ଜଣେ ବନ୍ଧୁଙ୍କ ଉପସ୍ଥିତିକୁ କେନ୍ଦ୍ରକରି ଝଗଡ଼ା ଲାଗିପାରେ।

**କୁମ୍ଭ** ରାହୁଙ୍କ କୁପ୍ରଭାବରୁ ପାରିବାରିକ ଶାନ୍ତି ଓ ସୁସ୍ଥତା ବ୍ୟାହତ ହୋଇପାରେ। ପିଲାଙ୍କ ଶିକ୍ଷାକ୍ଷେତ୍ରରେ ସମସ୍ୟା କିମ୍ବା ସ୍ୱାସ୍ଥ୍ୟହାନି କାରଣରୁ ଦୁଶ୍ଚିନ୍ତା ବୃଦ୍ଧି ପାଇପାରେ। ଜମିଜମା ସମସ୍ୟା, ବ୍ୟବସାୟ କିମ୍ବା ପରିବହନରେ ଝଗଡ଼ା ଜଟିଳ ହେବ। ଖଳଲୋକମାନଙ୍କ ଶତ୍ରୁତା ହେତୁ ନିଜ ପରିସରରେ ସମାଲୋଚିତ ହୋଇପାରନ୍ତି।

**ମୀନ** ବୃହସ୍ପତିଙ୍କ ଦୃଷ୍ଟି ପ୍ରଭାବରୁ କର୍ମକ୍ଷେତ୍ରରେ ସମ୍ମାନ ଲାଭ ଓ ପଦମର୍ଯ୍ୟାଦା ବୃଦ୍ଧି ପାଇବ। ପଡ଼ୋଶୀଙ୍କ ସହିତ ପିଲାମାନଙ୍କୁ କେନ୍ଦ୍ରକରି କଳହ ସୃଷ୍ଟି ହେବାର ଆଶଙ୍କା ରହିଛି। ନିଜ ସ୍ୱାର୍ଥକୁ ଆଖିଆଗରେ ରଖି ହଠାତ୍ ବିରୋଧୀ ପକ୍ଷ ସକ୍ରିୟ ହୋଇ ଉଠିପାରନ୍ତି। ଗୃହ କାମରେ ବ୍ୟସ୍ତ ରହି କୌଣସି ଗୁରୁତ୍ୱପୂର୍ଣ୍ଣ କାମକୁ ପାସୋରି ଦେବାର ସୂଚନା ରହିଛି।

ଆଜି ଡିସେମ୍ବର ୨୬ ତାରିଖ, ପୌଷ ଶୁକ୍ଳ ଷଷ୍ଠୀ ଶୁକ୍ରବାର। ରାଶିନକ୍ଷତ୍ର- ଶତଭିଷା/କୁମ୍ଭ, ଦିବା ଘ.୦୮.୫୯ ଗତେ ପୂର୍ବଭାଦ୍ରପଦ ନକ୍ଷତ୍ର, ଷଷ୍ଠୀର ଏକୋଦ୍ଦିଷ୍ଟ ଓ ସପ୍ତମୀର ପାର୍ବଣ ଶ୍ରାଦ୍ଧ। ସକାଳ ଘ.୦୬.୨୨ ଗତେ ଘ.୦୭.୦୬ ମଧ୍ୟେ, ଘ.୦୭.୪୯ ଗତେ ଘ.୦୯.୦୫ ମଧ୍ୟେ ଶୁଦ୍ଧଶୁଭ ବେଳା। ଦିବା ଘ.୧୦.୨୬ ଗତେ ଘ.୧୧.୪୭ ମଧ୍ୟେ ରାହୁ କାଳ।





ଅତିଥିବୃନ୍ଦ ବରଗଡ଼ ଧନୁଯାତ୍ରା ମହୋତ୍ସବ ରଙ୍ଗମହଲ ଉଦ୍‌ଘାଟନ କରୁଛନ୍ତି।

# ଓଡ଼ିଶାରେ ମାଓବାଦୀଙ୍କ ମେରୁଦଣ୍ଡ ଭାଙ୍ଗିଗଲା: ଡିଜିପି

**ଭୁବନେଶ୍ୱର,୨୫।୧୨ (ତ୍ରିନାଥ ମହାନ୍ତି)**

ଗଞ୍ଜାମ-କନ୍ଧମାଳ ସୀମାନ୍ତ ଜଙ୍ଗଲରେ ଏନ୍‌କାଉଣ୍ଟରରେ ଟପ୍ ମାଓନେତା ଗଣେଶ ଉଇକେଙ୍କ ସମେତ ୪ଜଣ ନିହତ ହୋଇଛନ୍ତି। ଏ ସମ୍ପର୍କରେ ସୂଚନା ଦେଇ ପୋଲିସ ଡିଜି ୱାଇ.ବି ଖୁରାନିଆ କହିଛନ୍ତି, ଗଣେଶ ନିହତ ହେବା ପରେ ଓଡ଼ିଶାରେ ମାଓବାଦୀଙ୍କ ମେରୁଦଣ୍ଡ ଭାଙ୍ଗିଯାଇଛି। ଗଣେଶଙ୍କ ସମେତ ୪ ଜଣ ମାଓବାଦୀଙ୍କ ନିଧନ ପୋଲିସ ପାଇଁ ବଡ଼ ସଫଳତା। ଏବେବି ସର୍ଚ୍ଚ ଅପରେଶନ ଜାରି ରହିଛି। ୨୦୨୬ ମାର୍ଚ୍ଚ ସୁଦ୍ଧା ମାଓବାଦୀ ମୂଳପୋଛ ଆମର ଲକ୍ଷ୍ୟ। ମାଓବାଦୀଙ୍କ ଆତ୍ମସମର୍ପଣ କ୍ଷେତ୍ରରେ ଆମ ରାଜ୍ୟର ପୋଲିସ ସବୁଠୁ ଶ୍ରେଷ୍ଠ। ତେଣୁ ମାଓବାଦୀ ହିଂସାପଥ ଛାଡ଼ି ମୁଖ୍ୟସ୍ରୋତରେ ସାମିଲ ହୁଅନ୍ତୁ। ଆମେ ସେମାନଙ୍କୁ ଗୋଲାପ ଦେଇ ସ୍ୱାଗତ କରିବୁ। ନିଜ ଜୀବନକୁ ନଷ୍ଟ ନ କରି ବନ୍ଧୁକ ଛାଡ଼ି ସମାଜର ମୁଖ୍ୟ ସ୍ରୋତରେ ସାମିଲ ହୁଅନ୍ତୁ। ଜଙ୍ଗଲରେ ଲୁଚି ରହି ରାଜ୍ୟ ଏବଂ ଦେଶ ବିରୋଧୀ କାର୍ଯ୍ୟ କଲେ ଏଭଳି ଭାବେ ପୋଲିସ ଗୁଳିର ଶିକାର ହେବାକୁ ପଡ଼ିବ ବୋଲି ଡିଜିପି କହିଛନ୍ତି।

# ବରଗଡ଼ ଧନୁଯାତ୍ରା, ରଙ୍ଗମହଲ ଉଦ୍‌ଘାଟିତ

**ମଥୁରାନଗରୀ,୨୫।୧୨ (ପ୍ରେମାନନ୍ଦ ଖମାରୀ)**

ବରଗଡ଼ ଧନୁଯାତ୍ରା ମହୋତ୍ସବର ଦ୍ୱିତୀୟ ଦିବସ ଗୁରୁବାରରେ ମଥୁରାନଗରୀର ଲୋକ ମଣ୍ଡପ ପଡ଼ିଆରେ ରଙ୍ଗମହଲ ଉଦ୍‌ଘାଟିତ ହୋଇଯାଇଛି। ଜିଲାପାଳ ଆଦିତ୍ୟ ଗୋୟଲ ଏହି ମଞ୍ଚକୁ ଉଦ୍‌ଘାଟନ କରିଥିଲେ। ଉଦ୍‌ଘାଟନୀ ସମାରୋହରେ ବରଗଡ଼ ବିଧାୟକ ଅଶ୍ୱିନୀ କୁମାର ଷଡ଼ଙ୍ଗୀ, ଅତାବିରା ବିଧାୟକ ନୀହାର ରଞ୍ଜନ ମହାନନ୍ଦ, ବିଜେପୁର ବିଧାୟକ ସନତ କୁମାର ଗଡ଼ତିଆ, ଏସ୍‌ପି ପି.ଏସ୍. ମୀନା, ବରଗଡ଼ ପୌରାଧ୍ୟକ୍ଷା କଳ୍ପନା ମାଝୀ ପ୍ରମୁଖ ଉପସ୍ଥିତ ଥିଲେ। ଧନୁଯାତ୍ରା ମହୋତ୍ସବ ସମିତିର ସମ୍ପାଦକ ସୁରେଶ୍ୱର ଶତପଥୀ ମଞ୍ଚ ପରିଚାଳନା କରିଥିଲେ। ରଙ୍ଗମହଲ ମଞ୍ଚର ଆବାହକ ଅକ୍ରୁର ମଲ୍ଲିକ ଧନ୍ୟବାଦ ଅର୍ପଣ କରିଥିଲେ। ରଙ୍ଗମହଲ ଉଦ୍‌ଘାଟନ ପରେ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ସାଂସ୍କୃତିକ କାର୍ଯ୍ୟକ୍ରମ ଦେଖି ବିଚଳିତ କଂସ ନିଜ ମନକୁ ଶାନ୍ତ କରିଥିଲେ। ଅନ୍ୟପଟେ କାରାଗାରରେ ବନ୍ଦୀ ଦେବକୀଙ୍କ କୋଳରେ ଶ୍ରୀକୃଷ୍ଣ ଜନ୍ମ ନେଇଥିଲେ। ବସୁଦେବ ଶ୍ରୀକୃଷ୍ଣଙ୍କୁ ଧରି ଗୋପପୁରକୁ ଯାଇଥିଲେ। ସେଠାରେ ନନ୍ଦରାଣୀ, ନନ୍ଦରାଜାଙ୍କ କୋଳରେ ଶ୍ରୀକୃଷ୍ଣଙ୍କୁ ଛାଡ଼ିଥିଲେ ଏବଂ ବିଜୁଳିକନ୍ୟାଙ୍କୁ ଧରି ବସୁଦେବ ନିଶାର୍ଦ୍ଧରେ କାରାଗାର ପ୍ରତ୍ୟାବର୍ତ୍ତନ କରିଥିଲେ।

# ଜନଜାତି କୃଷକଙ୍କୁ ସଶକ୍ତ କରିବ ରେଶମ ବିକାଶ ଯୋଜନା

## ବୟନ ଓ ହସ୍ତଶିଳ୍ପ ବିଭାଗର ସଂକଳ୍ପ

**ଭୁବନେଶ୍ୱର,୨୫।୧୨ (ରବିନାରାୟଣ ଜେନା)**

ଗ୍ରାମୀଣ ଓ ଜନଜାତି ଅଞ୍ଚଳର କୃଷକଙ୍କୁ ଆର୍ଥିକ ସଶକ୍ତ କରିବା ଲାଗି ରାଜ୍ୟ ସରକାର ପ୍ରାଥମିକତା ଦେଉଛନ୍ତି। ଏଥିପାଇଁ ସରକାରଙ୍କ ପକ୍ଷରୁ ବହୁବିଧ ଯୋଜନା କାର୍ଯ୍ୟକାରୀ ହୋଇଥିବାବେଳେ ନିକଟରେ ମୁଖ୍ୟମନ୍ତ୍ରୀ ରେଶମ ବିକାଶ ଯୋଜନା (ଏମ୍‌ଆର୍‌ଭିୱାଇ) ସେହି ଦିଗରେ ବଳିଷ୍ଠ ପଦକ୍ଷେପ ହେବ ବୋଲି ବୟନ ଓ ହସ୍ତତନ୍ତ, ହସ୍ତଶିଳ୍ପ ବିଭାଗ ପକ୍ଷରୁ ଜାରି ସଂକଳ୍ପରେ କୁହାଯାଇଛି। ବିଭାଗୀୟ ସଚିବ ଗୁହା ପୁନମ୍ ତାପସ କୁମାର ଚଳିତମାସ ୨୨ ତାରିଖରେ ଜାରି କରିଥିବା ସଂକଳ୍ପରେ ଦର୍ଶାଇଛନ୍ତି ଯେ, ଏହି ଯୋଜନାକୁ ତ୍ୱରାନ୍ୱିତ କରିବା ଲାଗି ଆଗାମୀ ୫ବର୍ଷ ମଧ୍ୟରେ ୨୭୪.୨୨ କୋଟି ଟଙ୍କାର ବଜେଟ ବ୍ୟବସ୍ଥା ରହିଛି; ଯାହା ମାଧ୍ୟମରେ ଦୁର୍ଗମ ତଥା ଆଦିବାସୀ ଅଧ୍ୟୁଷିତ ଅଞ୍ଚଳର ଚାଷୀଙ୍କ ସ୍ଥାୟୀ ଜୀବିକା ସୁଯୋଗ ସୃଷ୍ଟି ହୋଇପାରିବ।

ସଂକଳ୍ପ ଅନୁଯାୟୀ, ଭାରତରେ ବାଣିଜ୍ୟିକ ଭାବେ ୪ପ୍ରକାର ରେଶମ ଚାଷ କରାଯାଉଛି। ସେଥିମଧ୍ୟରେ ଟସର, ଏରି, ମୁଗା ଓ ମଲବେରୀ। ଏଥିମଧ୍ୟରୁ ଟସର ରେଶମ ଚାଷ ଓଡ଼ିଶାରେ ଆଦିବାସୀମାନେ ବହୁଳ ଭାବେ କରୁଥିଲେ ମଧ୍ୟ କୃଷି ଜଳବାୟୁର ପ୍ରତିବନ୍ଧକ ଯୋଗୁ ଏରି ଓ ମୁଗା ରେଶମ ଚାଷ ସଫଳ ହୋଇପାରି ନାହିଁ। ରାଜ୍ୟରେ ରେଶମ ଚାଷ ଉପରେ ୨୪ଟି ଜିଲାରେ ଅନ୍-ଫାର୍ମ ଓ ଅଫ୍-ଫାର୍ମ ଖାତାରେ ଅନେକ ହଜାର ପରିବାର ଓ ଗ୍ରାମୀଣ ଘରୋଇ ଜୀବିକାକୁ ସହାୟତା ପ୍ରଦାନ କରୁଛି; ଯେଉଁଥିରେ ୮୦%ରୁ ଅଧିକ ଘରୋଇ ଜନଜାତି ସମୁଦାୟ ଓ ବିଶେଷକରି ମହିଳାମାନଙ୍କ ସମ୍ପୃକ୍ତି ରହୁଛି।

ସଂପ୍ରତି ରାଜ୍ୟରେ ୧୨,୦୦୦ ହେକ୍ଟରରୁ ଅଧିକ ଜମିରେ ରେଶମ ଚାଷ ହେଉଛି। ଆଗାମୀ ଦିନରେ ଏହି ଚାଷକୁ କିଭଳି ତ୍ୱରାନ୍ୱିତ କରାଯାଇ ପାରିବ ଏବଂ ଆଦିବାସୀ ବର୍ଗଙ୍କୁ ଅଧିକ ଲାଭାନ୍ୱିତ କରାଯାଇପାରିବ ତାହାକୁ ଦୃଷ୍ଟିରେ ରଖି ଏହାର ବିବିଧକରଣ ଓ ଆଧୁନିକୀକରଣ ସୁନିଶ୍ଚିତ କରିବା ନିମନ୍ତେ ସରକାର ଲକ୍ଷ୍ୟ ରଖିଛନ୍ତି। ମୁଖ୍ୟମନ୍ତ୍ରୀ ରେଶମ ବିକାଶ ଯୋଜନାରେ ହୋଇଥିବା ବଜେଟ ବ୍ୟବସ୍ଥାରେ ଚାଷୀଙ୍କୁ ଉତ୍କୃଷ୍ଟ ଖେତ, ବିହନ, ରେଶମ ଚାଷୀ/ପାଳକମାନଙ୍କୁ ରେଶମ କୀଟ ପାଳନ କାର୍ଯ୍ୟକଳାପ ପ୍ରଭୃତି କରାଯାଇପାରିବ। ସେହିପରି ରାଜ୍ୟରେ କରୁଣା ସିଲ୍କ ଉତ୍ପାଦନକୁ ସରକାରୀ ପ୍ରୋତ୍ସାହନ ଯୋଗାଇବାକୁ ରହିଥିବାବେଳେ ଚାଷୀମାନଙ୍କୁ ବିବିଧ ଚାଷ ଉପରେ ସଚେତନତା ସୃଷ୍ଟି କରିବା, ତାଲିମ ଦେବା, ବାହ୍ୟ କ୍ଷେତ୍ର ପରିଦର୍ଶନ କରାଇବା ଏବଂ ଗବେଷଣା କରିବା ଦିଗରେ ମଧ୍ୟ ସହାୟତା ଯୋଗାଇ ଦିଆଯିବ ବୋଲି ସଂକଳ୍ପରେ ଉଲ୍ଲେଖ ରହିଛି।

# ମହୁମାଛି ଆକ୍ରମଣରେ ଯୁବକ ମୃତ

**କୁଚିଣ୍ଡା,୨୫।୧୨(ବିରଞ୍ଚି ଦର୍ଶୀ)**

ସମ୍ବଲପୁର ଜିଲା ମହୁଲପାଲି ଥାନା ଅଞ୍ଚଳରେ ଗୁରୁବାର ମହୁମାଛି ଆକ୍ରମଣରେ ଜଣେ ଯୁବକଙ୍କ ମୃତ୍ୟୁ ଘଟିଛି। ସେ ହେଲେ କୁଚିଣ୍ଡା ବ୍ଲକ କୁସୁମୀ ପଞ୍ଚାୟତ ବ୍ରାହ୍ମଣୀଦେଇ ଗ୍ରାମର ନୀଳାଦ୍ରି ମୁଣ୍ଡା(୨୮)। ଏ ନେଇ ପୋଲିସ ମହୁଲପାଲି ଥାନାରେ ଏକ ମାମଲା ରୁଜୁ କରି ତଦନ୍ତ କରୁଛି। ଶୁକ୍ରବାର ମୃତଦେହ ବ୍ୟବଚ୍ଛେଦ ହେବ ବୋଲି ପୋଲିସ କହିଛି। ସୂଚନା ଅନୁଯାୟୀ, ଗୁରୁବାର ବଡ଼ଦିନ ପର୍ବ ପାଳନ ଅବସରରେ ନୀଳାଦ୍ରି ଗ୍ରାମର ସାଙ୍ଗମାନଙ୍କ ସହ କୁଦରମୁଣ୍ଡା ପୋଖରୀକୁ ମାଛ ଧରିବାକୁ ଯାଇଥିଲେ। ପୋଖରୀ ହୁଡ଼ାରେ ସେମାନଙ୍କୁ ଅତର୍କିତ ଭାବେ ମହୁମାଛି ଆକ୍ରମଣ କରିଥିଲା। ଏଥିରେ ନୀଳାଦ୍ରି ଗୁରୁତର ହେବାରୁ ପରିବାର ଲୋକେ ଚିକିତ୍ସା ପାଇଁ କୁଚିଣ୍ଡା ଡାକ୍ତରଖାନାକୁ ନେଇଥିଲେ। ହେଲେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ସୂଚନାଯୋଗ୍ୟ ଯେ, ଗତବର୍ଷ ତାଙ୍କ ସ୍ତ୍ରୀଙ୍କ ମୃତ୍ୟୁ ଘଟିଛି ଏବଂ ଘରେ ତାଙ୍କର ୨ ପିଲା ଅଛନ୍ତି।



ଯିଶୁଖ୍ରୀଷ୍ଟଙ୍କର କ୍ରୁସ ଚିହ୍ନ ହେଲା- ଯୋଗ ସାଧନାରେ ପୁରୁଷ ଓ ପ୍ରକୃତିର ଦୃଢ ଓ ପୂର୍ଣ୍ଣ ମିଳନର ପ୍ରତୀକ। କିନ୍ତୁ ଅଜ୍ଞାନର ସର୍ବବିଧ ଆବର୍ଜନା ମଧ୍ୟରେ ଆମର ପତନ ହେବା ହେତୁ- ସେହି ଚିହ୍ନଟି ହେଲା ଦୁଃଖକଷ୍ଟ ଓ ଚିତ୍ତଶୁଦ୍ଧିର ପ୍ରତୀକ। **-ଶ୍ରୀଅରବିନ୍ଦ**

# ଦୁଇ ଦେଶ ଲୁଟୁଛନ୍ତି



ଅରବିନ୍ଦ ସୁବ୍ରମଣିୟନ

ସମ୍ଭବତଃ ୨୦୨୫ ବର୍ଷଟି ସମସ୍ତଙ୍କର ମନେ ରହିବ, କାରଣ ଆମେରିକାର ରାଷ୍ଟ୍ରପତି ଏହି ବର୍ଷ ବୈଶ୍ୱିକ ବାଣିଜ୍ୟ ବ୍ୟବସ୍ଥାକୁ ଶେଷ କରିଦେଇଛନ୍ତି। କନ୍ତୁ ସତ କଥା ହେଉଛି, ବିଶ୍ୱରେ ଉଭୟ ଆମେରିକା ଓ ଚାଇନାର ଆଧିପତ୍ୟ ଅତ୍ୟନ୍ତ କ୍ଷତିକାରକ ହୋଇଛି। ଆମେରିକାର ସଂରକ୍ଷଣବାଦ ବୃଦ୍ଧି ପାଇଛି ଅର୍ଥାତ ବିଦେଶୀ ସାମଗ୍ରୀ ଉପରେ ଟିକସ ଲଗାଇ ନିଜ ଦେଶର ଶିଳ୍ପକୁ ବଞ୍ଚାଇବା ଲାଗି ଚେଷ୍ଟା କରୁଛି। ଅନ୍ୟପକ୍ଷରେ ଚାଇନାର ଲାଭଖୋର ବାଣିଜ୍ୟବାଦ ବଢ଼ିବାରେ ଲାଗିଛି। ଏଭଳି ସ୍ଥିତିରେ ଏହି ଦୁଇ ଶକ୍ତି ଦ୍ୱାରା ସୃଷ୍ଟି ହେଉଥିବା ସମସ୍ୟା ବିଶ୍ୱର ଅବଶିଷ୍ଟ ଦେଶଗୁଡ଼ିକ ପାଇଁ ଯନ୍ତ୍ରଣାଦାୟକ ହୋଇଛି। ଏଥିରେ ବିଶେଷକରି ବିକାଶଶୀଳ ଦେଶଗୁଡ଼ିକ କ୍ଷତିଗ୍ରସ୍ତ ହେଉଛନ୍ତି। ଫଳରେ ଏବକାର ବୈଶ୍ୱିକ ନେତୃତ୍ୱ ପ୍ରତି କେତେକେ 'ଜି ଜିରୋ' (ଅର୍ଥାତ୍ ବିଶ୍ୱରେ କେହି ପ୍ରଭାବଶାଳୀ ନେତୃତ୍ୱ ନାହାନ୍ତି) ଧାରଣା ପ୍ରୟୋଗ କରୁଛନ୍ତି। ଏହା ମଧ୍ୟ ସ୍ପଷ୍ଟ ଯେ, ଆମେ ଏକ 'ଜି-ନେଗେଟିଭ ଟୁ(୨)' ଅର୍ଥାତ୍ ଦୁଇଟି ନକାରାତ୍ମକ ନେତୃତ୍ୱ(ଆମେରିକା ଓ ଚାଇନା)କୁ ସାମ୍ନା କରୁଛୁ। ବିଶ୍ୱସ୍ତରରେ ସାର୍ବଜନୀନ ସାମଗ୍ରୀଗୁଡ଼ିକୁ ଯୋଗାଇବା ପରିବର୍ତ୍ତେ, ଚାଇନା ଓ ଆମେରିକା ବୈଶ୍ୱିକ ଅର୍ଥ ବ୍ୟବସ୍ଥାକୁ କ୍ଷତି କରୁଛନ୍ତି। ଚାଇନାର ବାଣିଜ୍ୟବାଦ ଆମେରିକାର ସଂରକ୍ଷଣବାଦକୁ ଜନ୍ମ ଦେଇଛି। ଟ୍ରେଡ ସର୍ପଲସ୍ ( ବିଶ୍ୱରେ ରପ୍ତାନି ସାମଗ୍ରୀର ମୂଲ୍ୟ ଆମଦାନୀ ଜିନିଷର ମୂଲ୍ୟଠାରୁ ଅଧିକ ରହିବା) ସ୍ଥିତି ଆମେରିକାର ଅର୍ଥ ବ୍ୟବସ୍ଥାକୁ କ୍ଷତି କରୁଛି ବୋଲି ଟ୍ରମ୍ପ ବିଶ୍ୱାସ କରି ଟାରିଫ ଚିନ୍ତା କରିଛନ୍ତି। ତେବେ ବୃହତ୍ ଟ୍ରେଡ ସର୍ପଲସରେ ଚାଇନା ଆଗରେ ରହି ସମସ୍ୟା ସୃଷ୍ଟି କରିବା ଯୋଗୁ ଏଥିରେ ଅନେକ ଦେଶ ଶିକାର ହୋଇଛନ୍ତି।

ଏପ୍ରିଲରେ ଟ୍ରମ୍ପ୍ ବ୍ୟାପକ ଟାରିଫ ଘୋଷଣା କରିଥିଲେ ଏବଂ ପରେ ପର୍ଯ୍ୟାୟକ୍ରମେ ଏଥିରେ ପରିବର୍ତ୍ତନ କରି ସେସବୁ ଜାରି ରଖିବା ଦ୍ୱାରା ବିଶ୍ୱର ସବୁଠୁ ସଂରକ୍ଷଣବାଦୀ ଅର୍ଥ ବ୍ୟବସ୍ଥାଗୁଡ଼ିକ ମଧ୍ୟରେ ଆମେରିକା ସ୍ଥାନ ପାଇଛି। ହାରାହାରି ବିଶ୍ୱର ସବୁଠୁ ବଡ଼ ମାର୍କେଟକୁ ରପ୍ତାନି କରାଯାଉଥିବା ସମାଗ୍ରୀଗୁଡ଼ିକ ଉପରେ ଟାରିଫ ୮ଗୁଣ ଅର୍ଥାତ୍ ୨%ରୁ ୧୭% ବୃଦ୍ଧି ପାଇଗଲା। ଏହାଦ୍ୱାରା ଆମେରିକା ବଜାରରେ ସାମାଗ୍ରୀ ଉପଲବ୍ଧ ସୀମିତ ହେବା ସହ ସ୍ଥିତି ଅଧିକ ଅନିଶ୍ଚୟତା ମଧ୍ୟକୁ ଚାଲିଯାଇଛି। ଟ୍ରମ୍ପଙ୍କ ମନମୁଖି କାର୍ଯ୍ୟ ଓ ବ୍ୟକ୍ତିଗତ ସ୍ୱାର୍ଥରେ ଟାରିଫ ଏକ ସାଧନ ହେବା ଯୋଗୁ ଏଭଳି ସ୍ଥିତି ଉପୁଜିଛି। ଟ୍ରମ୍ପଙ୍କ ବ୍ୟାପକ ଟାରିଫ୍ ବୃଦ୍ଧି ବିରୋଧରେ ସୁପ୍ରିମକୋର୍ଟରେ ମକଦ୍ଦମା କରାଯିବା ପରେ କୋର୍ଟ କହିଛନ୍ତି ଯେ, ଏହା ରାଷ୍ଟ୍ରୀୟ ସୁରକ୍ଷା ପ୍ରତି ଥିବା ବିପଦ ସ୍ଥିର କରିବାରେ କାର୍ଯ୍ୟପାଳିକାର ଅଧିକାର ଉପରେ କୌଣସି ପ୍ରଶ୍ନ ଉଠାଇବ ନାହିଁ। ହେଲେ ଖରାପ ରାଜନୈତିକ କାରଣ ପାଇଁ ବ୍ରାଜିଲକୁ ଟାର୍ଗେଟ (ଅପ୍ରତ୍ୟକ୍ଷ ରୂପେ) କରିବା ପାଇଁ ସେହି କାର୍ଯ୍ୟପାଳିକା ଅଧିକାରକୁ ବ୍ୟବହାର କରାଯାଇଛି।



ଏହା ସହ ମେ'ରେ ଭାରତ-ପାକିସ୍ତାନ ସୀମା ଉତ୍ତେଜନାରେ ଶାନ୍ତି ଆଣିବାରେ ମଧ୍ୟସ୍ଥତା କରିଥିବା ଟ୍ରମ୍ପ ଯେଉଁ ବିବାଦୀୟ ଦାବି କରିଥିଲେ ତାହାକୁ ଭାରତ ଗ୍ରହଣ ନ କରିବାରୁ ସେହି କାର୍ଯ୍ୟପାଳିକା ମଧ୍ୟ ଭାରତ ଉପରେ ଅତ୍ୟଧିକ ଟାରିଫ ଲାଗୁ କରି ଦଣ୍ଡିତ କରିଛି। ରାଷ୍ଟ୍ରପତିଙ୍କ ଅଧିକାରର ଏଭଳି ଏକ ମନମୁଖି ଓ ଅସଙ୍ଗତ କାର୍ଯ୍ୟ ଉପରେ ଲଗାମ ଲଗାଇବା ନିଶ୍ଚିତ ଭାବେ କୋର୍ଟର ମୁଖ୍ୟ ଦାୟିତ୍ୱ। କିନ୍ତୁ ଯଦିବି କୋର୍ଟ ରାୟ ଟ୍ରମ୍ପଙ୍କ ବିରୋଧରେ ଯାଏ ତଥାପି ସେ ସମାନ ସଂରକ୍ଷଣବାଦ କାର୍ଯ୍ୟକ୍ରମକୁ ଅନ୍ୟବାଟରେ ଆପଣାଇବେ।

ଏହା ନିଶ୍ଚିତ ଯେ, ଅନ୍ୟ ଦେଶଗୁଡ଼ିକ ଉପରେ ଟ୍ରମ୍ପ ଲଗାଇଥିବା ଟାରିଫ୍‌ର ଆମେରିକା ଉପରେ ସିଧାସଳଖ ପ୍ରଭାବ ଏବେ ଅସ୍ପଷ୍ଟ ରହିଛି, କାରଣ ଆମେରିକା ଅର୍ଥ ବ୍ୟବସ୍ଥାରେ ବିଶେଷକରି ଏଆଇ ମାର୍କେଟର ଚାହିଦା ବୃଦ୍ଧି ପାଇବା ସହ ରପ୍ତାନି ବଢ଼ିଛି। କିନ୍ତୁ ଏହାର ପରୋକ୍ଷ ପ୍ରଭାବ ପଡ଼ିଛି, ଯାହା ଚାଇନାର ଲାଭଖୋର ବାଣିଜ୍ୟିକବାଦ (ଅଧିକ ରପ୍ତାନି ଓ କମ୍ ଆମଦାନୀ କରି ଧନୀ ଦେବା) ଦ୍ୱାରା ଅଧିକ ହେଉଛି। ଅବଶ୍ୟ ବାଣିଜ୍ୟିକବାଦ ଅନେକ ଶତାବ୍ଦୀ ଧରି ଚାଇନାର ଅର୍ଥନୀତିରେ ରହିଛି। ନିକଟରେ ଫାଇନାନ୍ସିଆଲ ଟାଇମ୍ସର ରିପୋର୍ଟରୁ ଜଣାପଡ଼ିଛି ଯେ, ଚାଇନା ଯୋଗୁ ବିଶ୍ୱ ବାଣିଜ୍ୟ ଅସମ୍ଭବ ହେଉଛି। ଏହା କୌଣସି ସାମଗ୍ରୀ ଆମଦାନୀ କରିବାକୁ ଚାହୁଁନାହିଁ, କାରଣ ସେସବୁଠାରୁ ଶସ୍ତାରେ ଓ ଭଲ ଜିନିଷ ତିଆରି କରିପାରିବ ବୋଲି ବିଶ୍ୱାସ କରୁଛି। ଏଭଳି ସ୍ଥିତି ୧୭୯୩ରେ ଦେଖିବାକୁ ମିଳିଥିଲା। ବ୍ରିଟେନ ସାମ୍ରାଜ୍ୟର ଦୂତ ଲର୍ଡ ମ୍ୟାକାର୍ଟିନେ ଚାଇନା ଗସ୍ତରେ ଯାଇ ବ୍ରିଟେନର ସାମଗ୍ରୀ ପାଇଁ ସମ୍ରାଟ କ୍ୱିୟାଙ୍ଗଲଙ୍ଗଙ୍କୁ ବୁଝାଇଥିଲେ। ଚାଇନାର ସମ୍ରାଟ କହିଥିଲେ ଯେ, ''ଆମ ସ୍ୱର୍ଗ ସଦୃଶ ସାମ୍ରାଜ୍ୟରେ ସବୁ ଜିନିଷ ପର୍ଯ୍ୟାପ୍ତ ପରିମାଣରେ ଅଛି ଏବଂ ଏହାର ସୀମା ମଧ୍ୟରେ କୌଣସି ଜିନିଷର ଅଭାବ ନାହିଁ। ସେଥିପାଇଁ ଆମ ନିଜ ଜିନିଷ ବିନିମୟରେ ବାହାରର ଉତ୍ପାଦ ଆମଦାନୀ କରିବାର କୌଣସି ଆବଶ୍ୟକତା ନାହିଁ। କିନ୍ତୁ ଚା, ସିଲ୍କ ଓ ଚାଇନାମାଟିର ଜିନିଷ ହେଉଛି ଏହି ସାମ୍ରାଜ୍ୟର ଉତ୍ପାଦ, ଯାହା ୟୁରୋପୀୟ ଦେଶଗୁଡ଼ିକ ତଥା ତୁମ ପାଇଁ ନିହାତି ଦରକାର। ଆମେ ଅନୁଗ୍ରହ କରି ଅନୁମତି ଦେଇଛୁ ଯେ, ବାଣିଜ୍ୟ ଫାର୍ମଗୁଡ଼ିକ କ୍ୟାଣ୍ଟୋନର ନିର୍ମାଣ ହେବା ଉଚିତ, ଯାହାଦ୍ୱାରା ତୁମେ ଚାହୁଁଥିବା ଜିନିଷ ଯୋଗାଇ ଦିଆଯିବ ଏବଂ ତୁମ ଦେଶ ଆମ ଲାଭରେ ଆସିପାରିବ।'' ଏବେ ମଧ୍ୟ ସମାନ ପ୍ରକାର ପ୍ରବୃତ୍ତି ଆମେ ଦେଖୁଛୁ। ଟ୍ରମ୍ପଙ୍କ ଟାରିଫ୍ ଦ୍ୱାରା ଚାଇନାର ବାଣିଜ୍ୟବାଦ ଆହୁରି ଗମ୍ଭୀର ହୋଇଛି। ଆମେରିକା ମାର୍କେଟ ଉପଲବ୍ଧତା ହ୍ରାସ ଘଟିବା ସହ ଚାଇନାର ଅଭିବୃଦ୍ଧି ମଡେଲ ଏବେ ସୁଦ୍ଧା ରପ୍ତାନି ଉପରେ ନିର୍ଭରଶୀଳ ଥିବା ହେତୁ ଚାଇନାର ବୃହତ ଶିଳ୍ପ ଅନ୍ୟତ୍ର ବିଶେଷକରି ଦକ୍ଷିଣ-ପୂର୍ବ ଏସିଆରେ ବଜାର ହାସଲ କରିବା ଉପରେ ଅଧିକ ଧ୍ୟାନ ଦେଇଛି।

ସୌମିତ୍ରୋ ଚାଟାର୍ଜୀ ଓ ମୁଁ ଉଲ୍ଲେଖ କରିଛୁ ଯେ, ବିକାଶଶୀଳ ଦେଶଗୁଡ଼ିକୁ କମ୍ ମୂଲ୍ୟର ଚାଇନା ଜିନିଷ ରପ୍ତାନି ଶୀଘ୍ର ବୃଦ୍ଧି ଘଟି ସେହି ସବୁ ଦେଶର ନିଜସ୍ୱ ଶିଳ୍ପ ପ୍ରତିଯୋଗିତାକୁ ଦୁର୍ବଳ କରିଦେଇଛି। ମଜୁରି ବୃଦ୍ଧି ଘଟିଥିବା ସତ୍ତ୍ୱେ, ଚାଇନା ଏବେସୁଦ୍ଧା ବୈଶ୍ୱିକ ରପ୍ତାନିର ବୃହତ ଅଂଶୀଦାର ହୋଇ ରହିଛି। ତେବେ ଏହା ଅଧିକ ସ୍ପଷ୍ଟ ଯେ, ଚାଇନାର ରପ୍ତାନି ବୃଦ୍ଧି କିଛି ପ୍ରାକୃତିକ ଲାଭ ଯୋଗୁ ହୋଇନାହିଁ, ବରଂ ମୁଦ୍ରା ବିନିମୟ ନୀତି ଦ୍ୱାରା ତାହାକୁ ବଜାୟ ରଖିଛନ୍ତି।

ଏହିପରି ଭାବେ ଟ୍ରମ୍ପଙ୍କ ଟାରିଫ୍ ଚାଇନାର ବାଣିଜ୍ୟବାଦକୁ ତୀବ୍ର କରିଛି। ଫଳରେ ବିକାଶଶୀଳ ଦେଶଗୁଡ଼ିକ ଚାଇନାର ଉଗ୍ର ଅଭିଯାନ କବଳରୁ ସେମାନଙ୍କ ଘରୋଇ ଶିଳ୍ପଗୁଡ଼ିକୁ ସୁରକ୍ଷା ଦେବା ଲାଗି ଆଉ ଏକ ପର୍ଯ୍ୟାୟର ସଂରକ୍ଷଣବାଦ ଚାହୁଁଛନ୍ତି। ଉଦାହରଣସ୍ୱରୂପ, ମେକ୍ସିକୋ ଏବେ ଚାଇନା ଏବଂ ଭାରତରୁ ଆମଦାନୀ କରୁଥିବା ଜିନିଷଗୁଡ଼ିକ ଉପରେ ଟାରିଫ୍ ଲଗାଇଛି। କିନ୍ତୁ ଅନ୍ୟଦେଶଗୁଡ଼ିକ ନିଜକୁ ସୁରକ୍ଷିତ ରଖିବା ପାଇଁ ଚାହୁଁଥିବାବେଳେ ଜଟିଳ ଯୋଗାଣ ଚେନ୍ ବା ଶୃଙ୍ଖଳ ଥିବା ଏବକାର ବିଶ୍ୱରେ କେବଳ ଗୋଟିଏ ଦେଶକୁ ଟାର୍ଗେଟ କରିବା କଷ୍ଟକର। ଏହା ନିଶ୍ଚିତ ଯେ, ସଂରକ୍ଷଣବାଦ ଏକ ବଡ଼ ବିଷୟ ହୋଇଯିବ। ତେବେ ନିକଟ ଭବିଷ୍ୟତରେ କ'ଣ ଘଟିବ ? ନିକଟରେ ଦେବ ପଟେଲ, ଜଷ୍ଟିନ ସାଣ୍ଡେଫୁର୍ ଓ ମୋ ଦ୍ୱାରା କରାଯାଇଥିବା ଏକ ଗବେଷଣାରୁ ଜଣାପଡ଼ିଛି ଯେ,ବିଗତ ଦଶନ୍ଧିରେ ପାଶ୍ଚାତ୍ୟ ଜୀବନକୁ ବିକାଶଶୀଳଦେଶଗୁଡ଼ିକ ଯେଭଳି ପାଗଳ ଭଳି ଅନୁସରଣ କରୁଥିଲେ ତାହା ବନ୍ଦ ହୋଇଯାଇଥିଲା। ବିକାଶଶୀଳ ଦେଶଗୁଡ଼ିକରେ ଅଭିବୃଦ୍ଧି ମାନ୍ଦା ରହିଛି। କନା, ପୋଷାକ ଓ ଫର୍ନିଚର ଭଳି କମ୍ ମୂଲ୍ୟଯୁକ୍ତ ମାନୁଫାକଚରିଂ ଉତ୍ପାଦ ହେଉଛି ବିକାଶର ଇଞ୍ଜିନ । ଯଦି ଏହା ବନ୍ଦ ହୋଇଯାଏ, ତେବେ ବିଶ୍ୱର ଅତି ଦରିଦ୍ର ଦେଶଗୁଡ଼ିକର ଗରିବମାନେ ପ୍ରଥମେ ଏହାର ପ୍ରଥମେ ଶିକାର ହେବେ ଏବଂ ଏଥିପାଇଁ ବିଶ୍ୱର ଦୁଇ ପ୍ରଭୁତ୍ୱ ବିସ୍ତାରକାରୀ ଦେଶ ଆମେରିକା ଓ ଚାଇନା ଦାୟୀ ରହିବେ। ଏହି ଦୁଇ ଦେଶ ବୈଶ୍ୱିକ ଅର୍ଥ ବ୍ୟବସ୍ଥାକୁ ଲୁଟୁଛନ୍ତି ଏବଂ ଅନ୍ୟମାନଙ୍କ ପାଇଁ ଥିବା ବାଣିଜ୍ୟ ସୁଯୋଗକୁ ସୀମିତ କରିଦେଉଛନ୍ତି।

**ସିନିଅର ଫେଲୋ, ପିଟରସନ ଇନ୍‌ଷ୍ଟିଚ୍ୟୁଟ ଫର୍ ଇଣ୍ଟରନ୍ୟାଶନାଲ ଇକୋନୋମିକ୍ସ**

## ଜୀବନର ଧାଁ ଦଉଡ଼



ସଂଗ୍ରାମ କେଶରୀ ପୃଷ୍ଟି

ବହୁତ ତରତର ବା ବ୍ୟସ୍ତ ଥିବା ମଣିଷକୁ ଦେଖି ମନରେ ଉଙ୍କିମାରେ ପ୍ରଶ୍ନଟିଏ, ଇଏ ଏତେ ବ୍ୟସ୍ତ କାହିଁକି ? କାମଟି ଧୀରେ ଧୀରେ କଲେ କ'ଣ ଚଳନ୍ତାନି! ବ୍ୟସ୍ତ ହେବାର ଆବଶ୍ୟକତା କାହିଁକି। କିନ୍ତୁ ବ୍ୟସ୍ତ ଥିବା ମଣିଷଟି ମଧ୍ୟରେ ନିଜକୁ ପରଖିଲେ ଯାଇ ଉପଲବ୍ଧି କରିହୁଏ ବାସ୍ତବତାକୁ। କାରଣ, ଏଠି ସ୍ୱପ୍ନ ଦେଖିବାକୁ ରାତି ନିଅଣ୍ଟ। କାର୍ଯ୍ୟ ସାଧନ ପାଇଁ ଜୀବନ ରାସ୍ତାରେ ଆଗକୁ ବଢ଼ିବାର ଅଛି। ପୁଣି ଯଥା ସମୟରେ କାର୍ଯ୍ୟ ସମ୍ପନ୍ନ ହେବା ବିଧେୟ। ସୁତରାଂ ତମାମ ଜୀବନ ଚାଲିଥାଏ ଧାଁ ଦଉଡ଼।

ଧାଁ ଦଉଡ଼ ହେଉଛି ଜୀବନର ଏକ ନିରନ୍ତର ପ୍ରକ୍ରିୟା। ଯାହା ମନୁଷ୍ୟକୁ କରିଥାଏ କର୍ମତତ୍ପର। ନିଜର ମୌଳିକ ଅଧିକାର ଖାଦ୍ୟ, ବସ୍ତ୍ର ଓ ବାସଗୃହ ପାଇଁ ଅନବରତ ଚାଲିଥାଏ ଏ ଯାତ୍ରା। ସୂର୍ଯ୍ୟ ଉଦୟଠାରୁ ଅସ୍ତ ପର୍ଯ୍ୟନ୍ତ କର୍ମତତ୍ପର ହୋଇଉଠେ ସାରା ଦୁନିଆ। ଉଦ୍ଦେଶ୍ୟ, ଲକ୍ଷ୍ୟ ସ୍ଥଳରେ ପହଞ୍ଚିବା। ଜୀବନର ଏହି ଚଲାପଥରେ ଅନେକ ଥର ଝୁଣ୍ଟି ପଡି-ଉଠି ଚାଲିବାକୁ ହୋଇଥାଏ। ଝୁଣ୍ଟି ପଡ଼ିଲେ ତଳେ ପଡ଼ି ଖଣ୍ଡିଆଖାବରା ହୋଇଯାଏ ଦେହ। ଯନ୍ତ୍ରଣା ଭୋଗିବାକୁ ହୋଇଥାଏ। ଏ କ୍ଷେତ୍ରରେ କିଏ ତଳୁ ଉଠାଇ ଦିଏ ତ କିଏ ପୁଣି ଅଣଦେଖା କରି ଚାଲିଯାଏ। ଏହା ଭିତରେ ବି ଦିକ୍ ଦିକ୍ ଜଳୁଥାଏ ଆଶାର ଦୀପଟିଏ। ଏଇ ତ ଜୀବନ।

ଜୀବନଟା କିନ୍ତୁ ଅବିରାମ ଗତିରେ ଚାଲିଥାଏ। ବହିଗଲା ପାଣିପରି ସବୁବେଳେ ତା' ଗତି ଆଗକୁ ଆଗକୁ। ଅନବରତ ଆଗକୁ ଯାଉଥିବା ମଣିଷ ଜୀବନରେ ସଫଳ ହୁଏ। ଅଟକିଗଲେ କାମ ବି ଅଟକି ଯାଏ। ନିଅଣ୍ଟ ପଡ଼େ ସମୟ। କାମ କିନ୍ତୁ ସରି ନ ଥାଏ। ତାକୁ କୈଣସିମତେ ସାରିବାକୁ ହେବ। ସୁତରାଂ ଧାଇଁବାକୁ ହୋଇଥାଏ। ଏ ଧାଇଁବାକୁ ନେଇ ହୁଏତ କିଏ ସମାଲୋଚନା କରିପାରନ୍ତି ମାତ୍ର ସେସବୁ ପ୍ରତି ଧ୍ୟାନ ନ ଦେଇ ଆଗକୁ ଆଗକୁ ମାଡ଼ି ଚାଲିଲେ ହିଁ ଜୀବନ ହୁଏ ସଫଳ। ଜୀବନଟା କେବେକେବେ ପାଲଟି ଯାଏ ନିରାଶାର ମରୁଭୂମି। ଯେଉଁଠି ଅନବରତ ସୃଷ୍ଟିକରେ ମରୀଚିକାର ଭ୍ରମ। ଦୂରରୁ ଆଶା ଦେଖାଏ କିନ୍ତୁ ନିରାଶ କରେ। ଶୋଷ ମେଣ୍ଟି ପାରେନା। ଫଳରେ ଭୋଗିବାକୁ ହୋଇଥାଏ ନୈରାଶ୍ୟ। ବାଟ ଚାଲିବା ବ୍ୟର୍ଥ ଯାଏ। ଅଗତ୍ୟା ନିରାଶାର ମରୁଭୂମିରେ ଏକଲା ଏକଲା ଚାଲିବାକୁ ପଡ଼ିଥାଏ। କିନ୍ତୁ ଏଇଟା ଯେ ଭୁଲ୍ ବାଟ, ଏକଥା ସମ୍ଭବତଃ ସେ ଜାଣି ନ ଥାଏ। ଫଳରେ ସଫଳତା ମିଳିବା କାଠିକର ପାଠ ହୋଇପଡ଼େ

ଜୀବନ ବାଟରେ ଯିବାକୁ ହେଲେ ମୁଖ୍ୟ କଥା ହେଉଛି, ବାଟକୁ ଜାଣିବା ଅର୍ଥାତ୍ ନିଜ ଲକ୍ଷ୍ୟ ପଥକୁ ସ୍ଥିର କରିବା। ଯେ ପର୍ଯ୍ୟନ୍ତ ଠିକ୍ ରାସ୍ତା ନ ମିଳିଛି, ସେ ପର୍ଯ୍ୟନ୍ତ ଅଧ୍ୟବସାୟ କରିବାକୁ ହେବ। ସାଧନା ଜାରି ରଖିବାକୁ ହେବ। ତୁରନ୍ତ ଫଳପ୍ରାପ୍ତି ଆଶାରେ ଅବାଟକୁ ବାଛି ନେବା ଅର୍ଥ ନିଜେ ନିଜର ବିନାଶ କରିବା। ସେଥିରେ ଗଲେ ପଶ୍ଚାତାପ କରିବା ହିଁ ସାର ହୁଏ। ସୁତରାଂ ଜୀବନର ଧାଁ ଦଉଡ଼ ଭିତରେ ନିଜ ପାଇଁ ନିଜ ପଥ ବାଛିବାର ଏକାନ୍ତ ଆବଶ୍ୟକତା ରହିଛି। ଜୀବନର ଦୈନନ୍ଦିନ ଧାଁ ଦଉଡ଼ର ପଥ ଯେ ସର୍ବଦା ନିଷ୍କଣ୍ଟକ ସେକଥା କହିହେବ ନାହିଁ। ପଥ କେବେ କଣ୍ଟକିତ ତ କେବେ ପୁଣି ପୁଷ୍ପିତ। ଲକ୍ଷ୍ୟସ୍ଥଳରେ ପହଞ୍ଚିବାକୁ ହେଲେ କଣ୍ଟାର ଆଘାତ ବି ସହିବାକୁ ପଡ଼ିଥାଏ। ଥରେ ନୁହେଁ ବାରମ୍ବାର ସହିବାକୁ ହୋଇଥାଏ ଝୁଣ୍ଟିବାର ନିର୍ମମ ଯନ୍ତ୍ରଣା। ତଥାପି ପଡ଼ି ଉଠି ଧାଇଁବାକୁ ହୋଇଥାଏ। ଅନେକ କ୍ଷେତ୍ରରେ ଏ ଆଘାତ ଥାଏ ପ୍ରାୟୋଜିତ। ଆଗକୁ ଯାଉଥିବା ମଣିଷର ଗୋଡ଼ ଟାଣି ଜଖମ କରିବାକୁ ଅନେକେ ପ୍ରସ୍ତୁତ ହୋଇ ରହିଥାନ୍ତି। ପାଦ ଖସେଇ ଦେବାକୁ ତତ୍ପର ହୋଇଉଠନ୍ତି। ଏସବୁ ଦେଖି ଡରିଗଲେ ଚଳିବ ନାହିଁ, ବରଂ ଏଥିସହିତ ଲଢ଼େଇ ଜାରି ରଖିବାକୁ ହେବ। ତା' ନ ହେଲେ ଜୀବନର ଲକ୍ଷ୍ୟ ସ୍ଥଳରେ ପହଞ୍ଚିହେବ ନାହିଁ।

ଧାଇଁବା ପଛରେ ରହିଛି ପ୍ରଚୁର ସମ୍ମୋହନ। ଅନନ୍ୟ ଆକର୍ଷଣ। ପୁଣି ସଫଳତାକୁ କରାୟତ୍ତ କରିବାର ଦୁର୍ବାର ଆକାଂକ୍ଷା। ଠେକୁଆ - କଇଁଛ ଦୌଡ଼ ପରି ମନ୍ଥର ଗତି ସମ୍ପନ୍ନ କଇଁଛର ଶେଷରେ ଘଟିଛି ଜିତାପଟ। ନିଜ ଶକ୍ତି ଉପରେ ଆସ୍ଥା ରଖି ଗର୍ବରେ ଅନ୍ଧ ହୋଇଯାଇଥିବା ଠେକୁଆକୁ ଭୋଗିବାକୁ ପଡ଼ିଛି ବିଫଳତା। ସୁତରାଂ ଆମ ଜୀବନର ଧାଁ ଦଉଡ଼ ଭିତରେ କେବଳ ନିଜର ଶକ୍ତି ଉପରେ ଭରସା ରଖିଲେ ହେବନାହିଁ। ଏଥିଲାଗି କୌଶଳର ମଧ୍ୟ ଏକାନ୍ତ ପ୍ରୟୋଜନ ରହିଛି। ନିଜ ଶକ୍ତି, ସାଧନା, ଲକ୍ଷ୍ୟ, କୌଶଳ ଓ ଆତ୍ମବିଶ୍ୱାସ ଆଧାରରେ ବାଟ ଚାଲିଲେ ଲକ୍ଷ୍ୟ ସ୍ଥଳରେ ପହଞ୍ଚିବା ସମ୍ଭବ ହୋଇପାରିବ।

**ରାଜ କିଶୋରନଗର, ଅନୁଗୋଳ**
**ମୋ: ୯୪୩୭୫୪୭୧୪୬**

## ଏଇ ଭାରତରେ

ଚାକିରି ଛାଡ଼ି ଛତିଶଗଡ଼ର ଚାଷୀ ସମୀକ୍ଷା ଚନ୍ଦ୍ରକର ଟମାଟୋ ଓ ଅନ୍ୟାନ୍ୟ ପରିବା ଚାଷକରି ଅନ୍ୟମାନଙ୍କ ପାଇଁ ଉଦାହରଣ ପାଲଟିଛନ୍ତି। ସମୀକ୍ଷା ଏମ୍‌ବିଏ ପାସ୍ କରିବା ପରେ ପୁଣେର ଏକ କମ୍ପାନୀରେ ଚାକିରି କରିଥିଲେ। ୨୦୨୧ରେ ସେ ଚାକିରି ଛାଡ଼ି ଛତିଶଗଡ଼ ରାୟପୁରର ଚାରୁମୁଦିଆ ଗାଁକୁ ଫେରି ଆସି ଚାଷ କରିବାକୁ ନିଷ୍ପତ୍ତି ନେଇଥିଲେ। ୨୦୨୩-୨୪ ବର୍ଷରେ ସେ ଏହି ଚାଷରୁ ୧.୫ କୋଟି ଟଙ୍କା ରୋଜଗାର କରିଥିଲେ। ସମୀକ୍ଷା ପ୍ରଥମେ ଏକର ପିଛା ୫୦ ଟନ୍ ଟମାଟୋ ଉତ୍ପାଦନ କରୁଥିଲେ, କିନ୍ତୁ ବର୍ତ୍ତମାନ ୫୫ ଟନ୍ ଉତ୍ପାଦନ କରୁଛନ୍ତି। ବଡ଼ କଥା ହେଉଛି ସମୀକ୍ଷା ଚାଷ କାର୍ଯ୍ୟ ପାଇଁ ୧୨୦ ଲୋକଙ୍କୁ ନିଯୁକ୍ତ କରିଛନ୍ତି। ତେବେ ଚଳିତବର୍ଷ ତାଙ୍କର ଏହି ଚାଷରୁ ଅଧିକ ଲାଭ ହେବ ବୋଲି କହନ୍ତି ଚନ୍ଦ୍ରକର। ବିଶେଷକରି ସେ ଉତ୍ପାଦିତ ଟମାଟୋକୁ ନୂଆଦିଲ୍ଲୀ, ବେଙ୍ଗାଲୁରୁ, ରାୟପୁର, ପାଟନା, କୋଲକାତା ଆଦି ସହରର ମଣ୍ଡିକୁ ପଠାଉଛନ୍ତି। ଏହା ବ୍ୟତୀତ ଟମାଟୋ ବ୍ୟତୀତ ବାଇଗଣ, କାକୁଡ଼ି, ଲାଉ ଚାଷକରି ମାର୍କେଟରେ ବିକ୍ରି କରୁଛନ୍ତ ସମୀକ୍ଷା। ସବୁଠୁ ବେଶି ୨୦ ଏକରରେ ସେ ଟମାଟୋ ଚାଷ କରିଛନ୍ତି ଏବଂ ଅଧିକ ୧୫ ଏକର ଚାଷ କରିବାକୁ ଯୋଜନା କରିଛନ୍ତି। ସମୀକ୍ଷାଙ୍କ ବାପା ଓ ଭାଇ ତାଙ୍କୁ ଚାଷ କାର୍ଯ୍ୟରେ ସାହାଯ୍ୟ କରୁଛନ୍ତି।

## ୫୦ ବର୍ଷ ତଳର ଧରିତ୍ରୀ
DHARITRI

### ୨୬ ଡିସେମ୍ବର ୧୯୭୬

- ଭାରତୀୟ କମ୍ୟୁନିଷ୍ଟ ଦଳରୁ ପଞ୍ଜାବ ରାଜ୍ୟ କାଉନସିଲ ସଭ୍ୟ କ୍ରାନ୍ତି ଅରୋରାଙ୍କ ଇସ୍ତଫା ପ୍ରଦାନ।
- ବିମାନ ବାହିନୀ ନିମନ୍ତେ ୨ଟି ସ୍କ୍ୱାର୍ଡନରେ ୨୧୨ଟି ହେଲିକପ୍ଟର କିଣାଯାଇଥିବା ନେଇ ବାଂଲାଦେଶ ସରକାରଙ୍କ ଘୋଷଣା।
- ବ୍ୟାଙ୍କକ୍ ବିମାନ ଘାଟୀର ଉତ୍ତର ଦିଗରେ ଇଜିପ୍ଟର ଗୋଟିଏ ବୋଇଙ୍ଗ ୭୦୭ ବିମାନରେ ନିଆଁ ଲାଗି ଖସିପଡ଼ିବା ଫଳରେ ୪୨ ଜଣଙ୍କ ମୃତ୍ୟୁ।

## su | do | ku
Puzzles by Srikant Ghosh

## ସୁ-ଡୋ-କୁ

| | | | | | | | | |
|---|---|---|---|---|---|---|---|---|
| | | 4 | | | | | 2 | 7 |
| | | 2 | | | | 6 | | |
| 1 | | | | | 3 | 8 | | |
| | | | 4 | 6 | | 7 | | |
| | | | | | | | | |
| | | | 1 | 2 | 5 | | 4 | |
| | 6 | 5 | | | 1 | | | |
| 2 | | | | | | 1 | 9 | |
| | 9 | | | 3 | | | 6 | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 6 | 9 | 3 | 7 | 8 | 4 | 5 | 1 | 2 |
| 2 | 1 | 8 | 6 | 5 | 3 | 7 | 9 | 4 |
| 4 | 5 | 7 | 9 | 2 | 1 | 8 | 6 | 3 |
| 7 | 8 | 1 | 4 | 6 | 5 | 3 | 2 | 9 |
| 9 | 4 | 2 | 3 | 7 | 8 | 1 | 5 | 6 |
| 5 | 3 | 6 | 1 | 9 | 2 | 4 | 8 | 7 |
| 8 | 7 | 4 | 2 | 1 | 6 | 9 | 3 | 5 |
| 1 | 6 | 9 | 5 | 3 | 7 | 2 | 4 | 8 |
| 3 | 2 | 5 | 8 | 4 | 9 | 6 | 7 | 1 |

ଗତକାଲିର ଉତ୍ତର

# ଟଙ୍କାଖିଆ ମଣିଷ



ଡ. ମନୋରଞ୍ଜନ ପ୍ରଧାନ

ପିଲାବେଳର କଥା ମନେପଡ଼େ। ସେତେବେଳେ (ଆଜକୁ ଚାଳିଶ ବର୍ଷ ପୂର୍ବେ) ବିଶେଷକରି ଗାଁ ଲୋକେ ଚାକିରି କରିବା କିମ୍ବା ବାହାର ରାଜ୍ୟକୁ ଯାଇ ଦାଦନ ଖଟିବାକୁ ପସନ୍ଦ କରୁ ନ ଥିଲେ। ହୁଏତ ଆପଣମାନେ କହିପାରନ୍ତି କି ବେଶି ପାଠ ପଢ଼ାପଢ଼ି କରି ନ ଥିଲେ ସେଥିପାଇଁ। ବାସ୍ତବରେ ବହୁ ଉଚ୍ଚଶିକ୍ଷିତ ବଡ଼ ପାଠୁଆ ମଧ୍ୟ ପୈତୃକ ଜମିଜମା ଦାୟିତ୍ୱ ନେଇ ସ୍ୱାବଲମ୍ବୀ ଜୀବନ ବିତାଇବାକୁ ପସନ୍ଦ କରୁଥିଲେ। ଫଳତଃ ପରିବାର, କୁଟୁମ୍ବ ଓ ସମାଜ ସହ ଅନ୍ତରଙ୍ଗ ସମ୍ବନ୍ଧ ରହୁଥିଲା। ବୃଦ୍ଧ କାଳରେ ମା'ବାପାଙ୍କ ସେବା ଶୁଶ୍ରୂଷା କରିପାରୁଥିଲେ। ନାତିନାତୁଣୀରେ ଘର ପୂରିଉଠୁଥିଲା। ଓଷାବ୍ରତରେ ଗାଁ ଉତ୍ସବମୁଖର ହେଉଥିଲା। ହେଲେ ବର୍ତ୍ତମାନ ପରିସ୍ଥିତି ବଦଳିଛି। ଗାଁ ଆଜି ସହରାଭିମୁଖୀ। ବିଲପଦର ପଡ଼ିଆ। ଚାଷ କରିବାକୁ କେହି ରାଜି ନୁହନ୍ତି। ମୂଲିଆ ମିଳିବା କଷ୍ଟ। କାରଣ ସମସ୍ତଙ୍କ ଇଚ୍ଛା ନଳିପେଣ୍ଟପିନ୍ଧା ବାବୁ ହେବା ପାଇଁ। ତେଣେ ଦାଦନ ଖଟିବାକୁ ଯାଇ ବାସନ ମାଜୁଥାଉ କି ମାଲିକର ବଗିଚା କାମ କରୁ ବା ଘୁଷୁରି ଜଗୁ ମାତ୍ର ଗାଁରେ ରହି ସ୍ୱାଭିମାନୀ ଓ ସ୍ୱାବଲମ୍ବୀ ହେବାକୁ କାହାର ଇଚ୍ଛା ନାହିଁ।

ସହର କଥା ନ କହିଲେ ଭଲ। ଘରେ କେବଳ ବୁଢ଼ାବୁଢ଼ୀଙ୍କ ଉପସ୍ଥିତି। ପିଲାମାନେ ରୋଜଗାର ପାଇଁ ବିଦେଶରେ। ମା'ବାପାମାନେ ଏଥିପାଇଁ ଦିନରାତି ଏକ କରିଦେଇଥିଲେ। ପିଲାମାନେ ବଡ଼ ବଡ଼ ଅନୁଷ୍ଠାନରେ ପଢ଼ିବେ ଆଉ ପୁଳାପୁଳା ଟଙ୍କା ପଠେଇଲେ ମା'ବାପା ଟଙ୍କାର ପାହାଡ଼ ଉପରେ ବସିବେ। ତାହା ହିଁ ହେଇଛି। ମାସ ପୂରିଲା ବେଳକୁ ପୁଅ ବୋହୂ, ଝିଅ ଜ୍ୱାଇଁଙ୍କ ପାଖରୁ ଟଙ୍କା ବ୍ୟାଙ୍କରେ ଜମା ହେବାରେ ଲାଗିଛି। ହେଲେ ବୁଢ଼ାବୁଢ଼ୀ ପରିଣତ ବୟସରେ ଆଉ ଗଣିପାରୁ ନାହାନ୍ତି। ପେଟକୁ ଆହାର ମୁଠାଏ ପାଇଁ ଡହଳ ବିକଳ। ଚାକରାଣୀ ଦୟାକଲେ ଖାଇବାକୁ ମିଳିବ । ତେଣେ ପୁଅ ଲଣ୍ଡନକୁ ବୋହୂ ଆମେରିକାରେ। ନାତିନାତୁଣୀଟିଏ ଦେଖିବାକୁ ବୁଢ଼ୀମାଉସୀ ଭାରି ଉଦ୍‌ବେଗ । ହେଲେ ଟଙ୍କା ରୋଜଗାରରୁ ବିରତି ମିଳିଲେ ତ! ଇଏ ହେଉଛି ଆଜିର ପାରିବାରିକ ଓ ସାମାଜିକ ଜୀବନ। ଏଠାରେ ଗୋଟିଏ ବାସ୍ତବ ସତ୍ୟ ଉପସ୍ଥାପନ କରୁଛି।

ଏକ ସାମାଜିକ କାମରେ ଆମେ କେତେଜଣ ଘର ଘର ସମ୍ପର୍କ କରୁଥିଲୁ। ଉଦ୍ଦେଶ୍ୟ ଆଜିର ସାମାଜିକ ପରିସ୍ଥିତି ଓ ପାରିବାରିକ ଜୀବନ ସମ୍ବନ୍ଧରେ ଜାଣିବା। ଦେଶ ବିଦେଶକୁ ଯାଇ ଝିଅପୁଅମାନେ ବଡ଼ ଚାକିରି କରୁଥିବା ମା'ବାପାମାନେ କିଭଳି ସୁଖ ସ୍ୱଚ୍ଛନ୍ଦରେ ଅଛନ୍ତି ତାହା ପରଖିବା ଆମର ଇଚ୍ଛା ଥିଲା। ମଜାଦାର କଥା ହେଉଛି ସବୁଠାରୁ ବେକାରିଆ, ଅଳସୁଆ, ଅକାଳ କୁଷ୍ମାଣ୍ଡ ଭଳି ଅପଶବ୍ଦ ଶୁଣିଥିବା ପିତୃମାତୃ ବୋଲକରା ବନ୍ଧୁ ଜଣେ ଆମ ସାଥିରେ ଥାଆନ୍ତି। ଭଲ ପାଠ ପଢି ସବୁ ପରୀକ୍ଷାରେ ପ୍ରଥମ ସ୍ଥାନ ଅଧିକାର କରିଥିବା ସେହି ମେଧାବୀ ଛାତ୍ର ଜଣକ ନିକଟସ୍ଥ କଲେଜର ଅଧ୍ୟାପକ ଏବଂ



ପିତୃ ଚାଷଜମିର ଜଣେ ଚାଷୀ। କେବଳ ମା'ବାପାଙ୍କ ସେବା ଶୁଶ୍ରୂଷା ପାଇଁ ଘର ଛାଡ଼ି ଗଲେନାହିଁ। ସେ ଯାହାହେଉ ଆଜି ଅନେକଙ୍କ ଆଶାବାଡି ବିଶେଷକରି ଅସହାୟ ବୃଦ୍ଧାବୃଦ୍ଧମାନଙ୍କର। ଆମେ ଯାହା ଦେଖିଲୁ ଅଧିକାଂଶ ଘରେ ରୋଗଣା, ଅସହାୟ, ଅବହେଳିତ ବୃଦ୍ଧାବୃଦ୍ଧ। ସେମାନଙ୍କ ଦୁରାବସ୍ଥା ଦେଖି ଆମେ ମର୍ମାହତ ହେଲୁ। ଟଙ୍କାର ପାହାଡ଼ ଉପରେ ବସିଥିବା ଲୋକମାନେ କିନ୍ତୁ ଖାଇବା ପାଇଁ କିଛି ନାହିଁ। ଘରେ କାମ କରୁଥିବା ମହିଳାଟିର ଦୟା, ଅନୁକମ୍ପାରେ ଯାହା ରୋଷେଇ ହେଉଛି ତାହା ଖାଇବାକୁ ପଡୁଛି। ଯେଉଁ ଦିନ ସେ ଆସିପାରୁନି ପ୍ରାୟତଃ ଭୋକରେ ରହିବାକୁ ପଡ଼େ କିମ୍ବା ଶୁଖିଲା ଖାଦ୍ୟରେ ଚଳିଯାଏ। ମାନେ ଟଙ୍କାର ପ୍ରକୃତ ମୂଲ୍ୟ କେତେ ନଗଣ୍ୟ ସେମାନଙ୍କ ବିକଳ ଅବସ୍ଥା ଦେଖିଲେ ଉପଲବ୍ଧି କରିହେବ। ହେଲେ ବନ୍ଧୁଙ୍କୁ ଦେଖି ଅନେକ ମା'ବାପା କାନ୍ଦିପକାଇଲେ। ଆମେ ଭାବୁଥିଲୁ ତୁ ଘରେ ରହି ଭୁଲ୍ କରିଛୁ। କିନ୍ତୁ ସତ୍ୟ ହେଉଛି ତୋ ମା'ବାପା ପୁଣ୍ୟ କରିଥିଲେ ସେଥିପାଇଁ ପୁଅ ବୋହୂର ସେବା ଓ ନାତିନାତୁଣୀଙ୍କ ଆଦର ଯତ୍ନ ପାଉଛନ୍ତି। ଆଉ ଆମ୍ଭେମାନେ ପାପୀ, ସେଥିପାଇଁ ବୁଢ଼ା ଶାଗୁଣା ଭଳି ପାପର ପ୍ରାୟଶ୍ଚିତ୍ତ କରୁଛି। କୋଟି କୋଟି ଟଙ୍କା ରୋଜଗାରର ନିଶା ଆମକୁ ଅନ୍ଧ କରିଥିଲା। ସେଥିପାଇଁ ପିଲାଙ୍କୁ ଦେଶବିଦେଶରେ ବଡ଼ ବଡ଼ ଚାକିରି ପାଇଁ ପ୍ରୋତ୍ସାହିତ କରିଥିଲୁ। ସେମାନଙ୍କ ଶୈଶବ ଓ ବାଲ୍ୟଜୀବନକୁ କେବଳ ପାଠ ଘୋଷାରେ ଲଗେଇ ଦେଇଛୁ। ଅଧିକ ରୋଜଗାର ପାଇଁ ପ୍ରତିଯୋଗିତା ଓ ପ୍ରତିଦ୍ୱନ୍ଦ୍ୱିତା ପାଇଁ ଉସୁକେଇବା ଛଡ଼ା ମୂଲ୍ୟବୋଧ, ଜୀବନାଦର୍ଶ ବା ଭଲ ମଣିଷ ହେବା ପାଇଁ ଦିନେ ମଧ୍ୟ ଚେଷ୍ଟା କରିନୁ। ତେଣୁ ଆମେ ଏଇ ପରିଣତ ବୟସରେ ନିଃସଙ୍ଗ ଜୀବନ ବିତାଉଛୁ। କେବଳ ସେତିକି ନୁହେଁ ପିଲାମାନେ ମଧ୍ୟ ଟଙ୍କା ପାଇଁ ପାଗଳ। ଜୀବନ ବୋଲି କିଛି ନାହିଁ। ଉଭୟେ ମାସେ ଦୁଇ ମାସରେ ଥରୁଟିଏ ମଧ୍ୟ ଭେଟଘାଟ ନାହିଁ। କି ଜୀବନ! ଅର୍ଥାତ୍ ଟଙ୍କା ଅଛି କିନ୍ତୁ ପେଟପୂରୁନି।

ସବୁକଥା ଶୁଣିବା ଓ ନିଜ ଆଖିରେ ଦେଖିବା ପରେ ଆମେ ଆଶ୍ଚର୍ଯ୍ୟ ପ୍ରକଟ କଲୁ। ଟଙ୍କାଖିଆ ମଣିଷ ଆଜି ଟଙ୍କା ପାଇଁ ସବୁକିଛି ଭୁଲିଯାଉଛି। ନୀତି, ନୈତିକତା, ଆଦର୍ଶ, ସମ୍ପର୍କ ତଥା ପରିବାର ଓ ସମାଜ ପ୍ରତି ଥିବା ଦାୟିତ୍ୱବୋଧ ମଧ୍ୟ ଭୁଲିଯାଉଛି। ଏ ଭଳି ପରିସ୍ଥିତି ଧୀରେ ଧୀରେ ଉତ୍କଟ ରୂପ ନେଉଛି। ତେଣୁ ମା'ବାପାମାନେ ନିଜ ପିଲାମାନଙ୍କୁ ଟଙ୍କା ଖଣି ନ କରି ନିଜର କର୍ତ୍ତବ୍ୟ, ଦାୟିତ୍ୱ ସହ ପରିବାର, ସମାଜ ତଥା ଦେଶ ପ୍ରତି ଥିବା ନାଗରିକବୋଧ ସମ୍ବନ୍ଧରେ ଅବଗତ କରାଇବା ସମୟର ଆହ୍ୱାନ। ହଁ ଏକଥା ମନେରଖିବା ଉଚିତ ଟଙ୍କା ମଣିଷର ଆବଶ୍ୟକତା ପୂରଣ ପାଇଁ ଦରକାର କିନ୍ତୁ ଲୋଭ ସମ୍ବରଣ ପାଇଁ ନୁହେଁ। ଟଙ୍କା ଭଲ ପଲଙ୍କ ଓ ଗଦି ଦେଇପାରିବ କିନ୍ତୁ ନିଦ ନୁହେଁ। ଟଙ୍କା ସେବିକା ନିଯୁକ୍ତି ଦେଇପାରେ କିନ୍ତୁ ପୁଅଝିଅ ଭଳି ସେବା ଦେଇପାରିବ ନାହିଁ। ଟଙ୍କା ଦେଇ ଲୋକ କିଣି ହେବ ହେଲେ ପାଖରେ ଥିବା ପରିବାର ସଦସ୍ୟ ଭଳି ଧୈର୍ଯ୍ୟ, ସାହସ, ସହଯୋଗ ଓ ଭଲ ପାଇବା ଦେଇପାରିବେ ନାହିଁ। ତେଣୁ ଟଙ୍କାଖିଆ ମଣିଷ ବେଳ ଥାଉଁ ସାବଧାନ ହେବା ଦରକାର।

**ସହକାରୀ ପ୍ରଫେସର, ବିକ୍ରମ ଦେବ ବିଶ୍ୱବିଦ୍ୟାଳୟ, ଜୟପୁର, କୋରାପୁଟ**
**ମୋ: ୯୪୩୭୯୧୪୮୧୮**

## ପାଠକ ଶ୍ରେଷ୍ଠ ବିଚାରକ

### ପ୍ରଦୂଷଣ ନିୟନ୍ତ୍ରଣ ସାର୍ଟିଫିକେଟ୍‌କୁ ଗୁରୁତ୍ୱ

ମହାଶୟ,

ପ୍ରଦୂଷଣ ନିୟନ୍ତ୍ରଣ ସାର୍ଟିଫିକେଟ ହାସଲ ପାଇଁ ସରକାର ଯେଉଁ ନିଷ୍ପତ୍ତି ଗ୍ରହଣ କରିଛନ୍ତି ତାହା ଅଭିନନ୍ଦନୀୟ। ଏହାଦ୍ୱାରା ଯାନବାହନରୁ ସୃଷ୍ଟି ହେଉଥିବା ପ୍ରଦୂଷଣକୁ ରୋକିବା ଲାଗି ସରକାର ଲକ୍ଷ୍ୟ ରଖିଛନ୍ତି। ପୂର୍ବ ସରକାର ମଧ୍ୟ କିଛି ବର୍ଷ ତଳେ ଏଇ ବ୍ୟବସ୍ଥା କରିଥିଲେ। ସେତେବେଳେ ଏହାକୁ ପାଇବା ପାଇଁ ଲୋକେ ଯେମିତି ହୀନସ୍ତା ହେଲେ, ଶେଷରେ ସରକାର ବାଧ୍ୟ ହୋଇ ବାରମ୍ବାର ସମୟ ସୀମା ବୃଦ୍ଧି କଲେ। କିନ୍ତୁ ତା' ପରେ ଆଉ ଏହା ଉପରେ ନା ସରକାର ନା ଲୋକେ କେହି ଗୁରୁତ୍ୱ ଦେଲେ ନାହିଁ। ଯାହା ଫଳରେ ପ୍ରଦୂଷଣର ବିଷ ବଢି ବଢି ଚାଲିଛି। ଦିଲ୍ଲୀ ପରି ଭୁବନେଶ୍ୱରରେ ମଧ୍ୟ ପ୍ରଦୂଷଣ ସୀମା ଟପିଲାଣି। ଇତିମଧ୍ୟରେ ଅନେକ ବର୍ଷ ବିତିଗଲାଣି ଓ ଯାନବାହନ ସଂଖ୍ୟା ମଧ୍ୟ ବହୁ ଗୁଣରେ ବୃଦ୍ଧି ପାଇଛି। କହିବାର କଥା ହେଉଛି ଏଇ ସାର୍ଟିଫିକେଟ ହାସଲ ପାଇଁ ସରକାର ବିଚାର ବିମର୍ଷ କରି ପଦକ୍ଷେପ ନିଅନ୍ତୁ। ସବୁ ପେଟ୍ରୋଲ ପମ୍ପରେ ଏଥିପାଇଁ ସତନ୍ତ୍ର କର୍ମଚାରୀ ନିଯୁକ୍ତି ଦିଆଯାଉ ଏବଂ ସମୟ ସୀମା ଆଗାମୀ ମାର୍ଚ୍ଚ ଶେଷ ପର୍ଯ୍ୟନ୍ତ ରଖାଯାଉ । ବିଭିନ୍ନ ଗଣମାଧ୍ୟମରେ ଏହାକୁ ବାରମ୍ବାର ପ୍ରଚାର ପ୍ରସାର ପାଇଁ ପଦକ୍ଷେପ ନିଆଯାଉ । ବର୍ତ୍ତମାନ ବାହାଘର ସମୟ। ଆଗାମୀ ଫେବୃଆରୀରୁ ମାର୍ଚ୍ଚ ଶେଷ ପର୍ଯ୍ୟନ୍ତ ମାଟ୍ରିକ ଓ ଯୁକ୍ତ ୨ ପରୀକ୍ଷା ଚାଲିବ। ବର୍ତ୍ତମାନ ସମସ୍ତେ ଯାନବାହନ ଉପରେ ନିର୍ଭରଶୀଳ। ଲୋକଙ୍କ ସରକାର ଲୋକଙ୍କ ପାଇଁ ବ୍ୟବସ୍ଥାକୁ ସହଜ ସରଳ କରିବାକୁ ପଦକ୍ଷେପ ନିଅନ୍ତୁ।

**-ପ୍ରାଧ୍ୟାପକ ଶ୍ରୀକାନ୍ତ ନାୟକ, ଖରସ୍ରୋତା ମହାବିଦ୍ୟାଳୟ, ସିଂହପୁର, ଯାଜପୁର**

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail: edit.dharitri@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

## ଚିରନ୍ତନୀ

କେନାଲର ଆର ପାଖେ
ତାଳବନ ଫାଁକେ ଫାଁକେ
ଧବଳିତ କାଶବନ ହସଇ
ପ୍ରତୀଚୀର କୋଳେ ରବି ଖସଇ ।
-(ଶରତ-ସନ୍ଧ୍ୟା)
-କାଳିନ୍ଦୀ ଚରଣ ପାଣିଗ୍ରାହୀ




# ସ୍କାଉଟ୍ସ ଗାଇଡ୍ସଙ୍କ ଶୃଙ୍ଖଳା, ସମ୍ପର୍କର ସେତୁବନ୍ଧ ଜାମ୍ବୋରେଟ୍

**ଖୋର୍ଦ୍ଧା,୨୫।୧୨(ପ୍ରଭାତ ପାଣିଗ୍ରାହୀ)**

ଓଡ଼ିଶା ରାଜ୍ୟ ଭାରତ ସ୍କାଉଟ୍ସ ଏବଂ ଗାଇଡ୍ସ ସଂସ୍ଥା ଆନୁକୂଲ୍ୟରେ ଖୋର୍ଦ୍ଧା ବରୁଣେଇ ଶିକ୍ଷାଞ୍ଚଳ ଅନ୍ତର୍ଗତ ରାଜ୍ୟ ତାଲିମ କେନ୍ଦ୍ରରେ ଚାଲିଥିବା ୨୦ତମ ରାଜ୍ୟ ଓ ସ୍ୱତନ୍ତ୍ର ଜନଜାତି ଜାମ୍ବୋରେଟ୍ ଗୁରୁବାର ଉଦ୍‌ଯାପିତ ହୋଇଯାଇଛି। ପିଲାଙ୍କ ମଧ୍ୟରେ ବିଭିନ୍ନ ପ୍ରତିଯୋଗିତା, ଦକ୍ଷତା, ସୃଜନଶୀଳତାର ବିକାଶ, ଶୃଙ୍ଖଳାଜ୍ଞାନ, ନେତୃତ୍ୱ, ପ୍ରାକୃତିକ ବିପର୍ଯ୍ୟୟ ମୁକାବିଲା, ଦୁଃସାହସିକ କ୍ରୀଡା, କୌଶଳ, ଜାତୀୟ ସଂହତି ଆଦି ବିଭିନ୍ନ ପ୍ରସଙ୍ଗରେ ପ୍ରଶିକ୍ଷଣ ଦିଆଯାଇଥିଲା। ଉକ୍ତ ସଙ୍ଗଠନର ରାଜ୍ୟ ମୁଖ୍ୟ କମିଶନର ତଥା ଜାତୀୟ ଉପସଭାପତି ଡ.କାଳିପ୍ରସାଦ ମିଶ୍ରଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଉଦ୍‌ଯାପନୀ ଉତ୍ସବରେ ଓଡ଼ିଶା ରାଜ୍ୟ ଭାରତ ସ୍କାଉଟ୍ସ ଏବଂ ଗାଇଡ୍ସ ସଭାପତି ଅତନୁ ସବ୍ୟସାଚୀ ନାୟକ ମୁଖ୍ୟ ଅତିଥିଭାବେ ଯୋଗଦେଇଥିଲେ। ପ୍ରାରମ୍ଭରେ ରାଜ୍ୟ ମୁଖ୍ୟ କମିଶନର ଡ. ମିଶ୍ର ସ୍ୱାଗତ ଭାଷଣରେ ଶିବିରର ଉଦ୍ଦେଶ୍ୟ ଏବଂ ସ୍କାଉଟ୍ସ ଗାଇଡ୍ସ ସଙ୍ଗଠନ ଦ୍ୱାରା କରାଯାଉଥିବା ବିଭିନ୍ନ କାର୍ଯ୍ୟକ୍ରମ ସମ୍ପର୍କରେ କହିଥିଲେ। ମୁଖ୍ୟ ଅତିଥି ନାୟକ କହିଥିଲେ ଯେ, ୨୦ତମ ରାଜ୍ୟସ୍ତରୀୟ ଜାମ୍ବୋରେଟ୍ ସ୍କାଉଟ୍ସ ଏବଂ ଗାଇଡ୍ସମାନଙ୍କ ପାଇଁ ଏକ ପ୍ରେରଣା ଦାୟକ ଏବଂ ସମ୍ପର୍କର ସେତୁ ନିର୍ମାଣ କରିବାରେ ସହାୟକ ହେବ। ସାମାଜିକ କର୍ମୀ ବିଷ୍ଣୁ ଚରଣ ନାୟକ, ଶାରୀରିକ ଶିକ୍ଷାର ସହ ନିର୍ଦ୍ଦେଶକ ଜ୍ୟୋତି ପ୍ରକାଶ ପରିଡ଼ା ଏବଂ ସହକାରୀ ରାଜ୍ୟ କମିଶନର ଦୁଃଶାସନ ସ୍ୱାଇଁ, ଭାରତ ସରକାରଙ୍କ ଯୁବ ପରାମର୍ଶଦାତା ଓମ୍ ପ୍ରିୟଦର୍ଶୀ ଛୋଟରାୟ ପ୍ରମୁଖ ସମ୍ମାନିତ ଅତିଥିଭାବେ ଉପସ୍ଥିତ ଥିଲେ। ବିଭିନ୍ନ ପ୍ରତିଯୋଗିତାର ଶ୍ରେଷ୍ଠ ବିବେଚିତ ସ୍କାଉଟ୍ସ ଗାଇଡ୍ସମାନଙ୍କୁ ଫଳକ, ପ୍ରମାଣପତ୍ର ପ୍ରଦାନ କରାଯାଇଥିଲା। ଶେଷରେ ସ୍କାଉଟ୍ସ ଏବଂ ଗାଇଡ୍ସମାନେ ନୃତ୍ୟ ପରିବେଷଣ କରି ଭାରତୀୟ ଏକତା, ସଂସ୍କୃତି ପରମ୍ପରା, ଭାଇଚାରା, ଶାନ୍ତି ମୈତ୍ରୀର ବାର୍ତ୍ତା ଦେଇଥିଲେ। ସମସ୍ତ ସ୍କାଉଟ୍ସ ଗାଇଡ୍ସ ମାଷ୍ଟର କ୍ୟାପଟେନ ରେଭର ରେଞ୍ଜରମାନେ ପରିଚାଳନା କରିଥିଲେ। ଏହି ଶିବିରରେ ରାଜ୍ୟର ସମସ୍ତ ଜିଲାରୁ ୨୫ଶହରୁ ଊର୍ଦ୍ଧ୍ୱ ଛାତ୍ରୀଛାତ୍ର ଯୋଗଦେଇଥିଲେ।



ରାଜ୍ୟସ୍ତରୀୟ ଜାମ୍ବୋରେଟ୍ ଉଦ୍‌ଯାପନୀ ଦିବସରେ ଅତିଥିଙ୍କ ଗହଣରେ ପିଲାମାନେ।

## ସୁଶାସନ ଦିବସ ପାଳିତ

**ଜଟଣୀ,୨୫।୧୨(ରବୀନ୍ଦ୍ରନାଥ ମହାକୁଡ଼)**

ଜଟଣୀ ନଗର ଭାଜପା ପକ୍ଷରୁ ଗୁରୁବାର ପୂର୍ବତନ ପ୍ରଧାନମନ୍ତ୍ରୀ ଭାରତରତ୍ନ ଅଟଳ ବିହାରୀ ବାଜପେୟୀଙ୍କ ୧୦୧ତମ ଜୟନ୍ତୀ ଏବଂ ସୁଶାସନ ଦିବସ ପାଳିତ ହୋଇଯାଇଛି। ବଡ଼ନୂଆଗାଁଠାରେ ଜଟଣୀ ନଗର ମଣ୍ଡଳର ବହୁ ଭଜପା ନେତା ଓ କର୍ମୀ ଯୋଗଦେଇ ବାଜପେୟୀଙ୍କ ଫଟୋଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣକରି ଶ୍ରଦ୍ଧାଞ୍ଜଳି ଜଣାଇଥିଲେ। ନଗର ସଭାପତି ତିରୁପତି ଶତପଥୀଙ୍କ ନେତୃତ୍ୱରେ ଅଙ୍ଗନୱାଡି କୁନି ଛାତ୍ରୀଛାତ୍ରଙ୍କୁ ଖାତା, କଲମ ଓ ବିସ୍କୁଟ ବଣ୍ଟନ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ରାଜ୍ୟ ମହିଳା ମୋର୍ଚ୍ଚା ଉପସଭାନେତ୍ରୀ ରଶ୍ମିମୟୀ ପଟ୍ଟନାୟକ, ସାଧାରଣ ସମ୍ପାଦକ ପ୍ରଦୀପ ଜେନା, ପରେଶ ପଟ୍ଟନାୟକ, ପ୍ରଶାନ୍ତ ବେହେରା, ଯୁବମୋର୍ଚ୍ଚା ସଭାପତି ତୁଷାରକାନ୍ତ ମହାନ୍ତି, ଓବିସି ମୋର୍ଚ୍ଚା ସଭାପତି ରଙ୍କନିଧି ମୁଦୁଲି, ଏସ୍‌ସି ମୋର୍ଚ୍ଚା ସଭାପତି ପ୍ରଶାନ୍ତ କାଣ୍ଡି, ସମ୍ପାଦକ କନକ ମଞ୍ଜରୀ ପ୍ରଧାନ, ସଞ୍ଜୁକ୍ତା ସାମଲ, ସୁମିତ୍ରା ବେହେରା, ଦିଲୀପ ଅଗ୍ରୱାଲ ପ୍ରମୁଖ ଯୋଗଦେଇଥିଲେ।

## ବିଳାସ ଭାରତୀ କଳା କେନ୍ଦ୍ର ପକ୍ଷରୁ ପ୍ରତିଭା ଅନ୍ୱେଷଣ କାର୍ଯ୍ୟକ୍ରମ

**ଟାଙ୍ଗୀ,୨୫।୧୨(ରଘୁନାଥ ସାହୁ)**

ଟାଙ୍ଗୀ ସଦରମହକୁମାରେ ଅବସ୍ଥିତ ବିଳାସ ଭାରତୀ କଳା କେନ୍ଦ୍ର ପକ୍ଷରୁ ରଘୁନାଥ ଦେବ ମନ୍ଦିର ପରିସରରେ ପ୍ରତିଭା ଅନ୍ୱେଷଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ମହେଶ୍ୱର ସେନାପତିଙ୍କ ସଭାପତିତ୍ୱରେ ଆୟୋଜିତ ସଭାରେ ମୁଖ୍ୟ ଅତିଥିଭାବେ ଅଧିବକ୍ତା ରମେଶ ଚନ୍ଦ୍ର ବେହେରା, ଜଗନ୍ନାଥ ସଂସ୍କୃତି ଗବେଷକ ପୂର୍ବତନ ପ୍ରାଧ୍ୟାପକ ଡ.ଚନ୍ଦ୍ରଶେଖର ଦାଶ, ପୂର୍ବତନ ଜିଲା ଶିକ୍ଷା ଅଧିକାରୀ ଲକ୍ଷ୍ମୀଧର ବେହେରା, ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ପ୍ରସନ୍ନ ଶ୍ରୀଚନ୍ଦନ, ଅଧ୍ୟାପକ ସୁଶୀଲ ମହାପାତ୍ର, ଶେଷଦେବ ରାୟ ଗୌରବ, ଅସିତ ମହାପାତ୍ର, ସୂର୍ଯ୍ୟକାନ୍ତ ନାୟକ, କିଶୋର ମହାପାତ୍ର, ଗୋପାଳ ମହାରଣା ପ୍ରମୁଖ ଅତିଥିଭାବେ ଯୋଗଦେଇ ମତବ୍ୟକ୍ତ କରିଥିଲେ। ଅନୁଷ୍ଠାନର ପ୍ରତିଷ୍ଠାତା ମାଧବ ମହାରଣା ଧନ୍ୟବାଦ ଅର୍ପଣ କରିଥିଲେ। ଲଳିତ ନାରାୟଣ ମହାପାତ୍ର କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ଟାଙ୍ଗୀ, ଚିଲିକା ଏବଂ ରଣପୁର ବ୍ଲକରୁ ମୋଟ୍ ୧୫୬ଜଣ ବିଭିନ୍ନ ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିଲେ। କୃତୀ ପ୍ରତିଯୋଗୀଙ୍କୁ ଆସନ୍ତା ଜାନୁଆରୀ ୨୩ରେ ଅନୁଷ୍ଠାନର ୨୬ତମ ବାର୍ଷିକ ଉତ୍ସବ ପାଳନ ଅବସରରେ ପୁରସ୍କୃତ କରାଯିବା ସହିତ ପ୍ରତିଷ୍ଠିତ କଳାକାରଙ୍କୁ ସମ୍ମାନିତ କରାଯିବ। ବିଚାରକ ଭାବେ ସନ୍ଧ୍ୟାରାଣୀ ମହାପାତ୍ର, ଦେବାଶିଷ ପ୍ରଧାନ, ଗୌରାଙ୍ଗ ମୁଦୁଲି, ଅଜିତ୍ ମିଶ୍ର, ପବିତ୍ର ସାହୁ, ରମେଶ ବେହେରା, ନିରଞ୍ଜନ ସାହୁ, ଦେବବ୍ରତ ମହାରଣା, ଭବାନୀ ଶଙ୍କର ମହାରଣା ପ୍ରମୁଖ ଯୋଗଦେଇଥିଲେ। ଜିତେନ୍ଦ୍ର ବିଶ୍ୱାଳ, ଧାନେନ୍ଦ୍ର ସାହୁ, ସନ୍ଧ୍ୟାରାଣୀ ବେହେରା, ନୀଳକାନ୍ତ ବିଶ୍ୱାଳ, ଶ୍ରୀନୀବାସ ସାହୁ ପ୍ରମୁଖ ସହଯୋଗ କରିଥିଲେ।

## ମହାବୀର ଚାଲେଞ୍ଜ କ୍ରିକେଟ କପ୍ ଟୁର୍ନାମେଣ୍ଟ: ସେମିରେ ଭୁବନେଶ୍ୱର

**ନିରାକାରପୁର,୨୫।୧୨(ମାନସ ଚନ୍ଦ୍ର ପଟ୍ଟନାୟକ):** ଭୁଷଣ୍ଡପୁରସ୍ଥିତ ରିଫ୍ୟୁଜ ହାଇସ୍କୁଲ ଖେଳପଡ଼ିଆରେ ଚାଲିଥିବା ମହାବୀର ଚାଲେଞ୍ଜ କ୍ରିକେଟ କପ୍ ଟୁର୍ନାମେଣ୍ଟରେ ଗୁରୁବାର ଏମସିଟି କଟକକୁ ହରାଇ କ୍ୱାଟୁମଔରେ ଏକାଦଶ ଭୁବନେଶ୍ୱର ବିଜୟୀ ହେବା ସହ ସେମିଫାଇନାଲରେ ପ୍ରବେଶ କରିଛି। ଭୁବନେଶ୍ୱରର ଶୁଭକାନ୍ତ ମ୍ୟାନ ଅଫ୍ ଦି ମ୍ୟାଚ ବିବେଚିତ ହୋଇଥିଲେ। ଅତିଥିଭାବେ ପୂର୍ବତନ ଖୋର୍ଦ୍ଧା ଉପଜିଲାପାଳ ଦେବରାଜ ସେନାପତି, କମଳକାନ୍ତ ରାୟ ଯୋଗଦେଇ ଖେଳାଳିଙ୍କୁ ଉତ୍ସାହିତ କରିଥିଲେ। ସମୀର ମଲ୍ଲିକ ଏବଂ ଶୁକଦେବ ଦାସ ମ୍ୟାଚ୍ ପରିଚାଳନା କରିଥିଲେ।

## ଶଶିଭୂଷଣ ହରିଚନ୍ଦନଙ୍କ ସ୍ମୃତିଚାରଣ

**ବାଣପୁର,୨୫।୧୨(ଦିଲୀପ କୁମାର ସ୍ୱାଇଁ)**

ଗମ୍ଭାରୀମୁଣ୍ଡା ସ୍ଥିତ ପରଶୁରାମ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ପରିସରରେ ଶଶିଭୂଷଣ ସ୍ମୃତି କମିଟି ଓ ପର୍ଶୁରାମ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ମିଳିତ ଉଦ୍ୟମରେ ଶଶିଭୂଷଣ ହରିଚନ୍ଦନଙ୍କ ୨୬ତମ ଶ୍ରାଦ୍ଧୋତ୍ସବ ଓ ପରଶୁରାମ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ୩୨ତମ ବାର୍ଷିକୋତ୍ସବ ଅଧ୍ୟକ୍ଷ ପ୍ରେମରାଜ ପ୍ରଧାନଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥିଭାବେ ପୂର୍ବତନ ବିଧାୟକ ଡା.ବିଭୂତି ଭୂଷଣ ହରିଚନ୍ଦନ, ମୁଖ୍ୟ ବକ୍ତା ବିଶିଷ୍ଟ ସ୍ତମ୍ଭକାର ପ୍ରଦ୍ୟୁମ୍ନ ଶତପଥୀ, ସମ୍ମାନିତ ଅତିଥିଭାବେ ନିଖିଳ ଉତ୍କଳ ସଂକୀର୍ତ୍ତନ ମହାସଂଘର ସଭାପତି ଶଶାଙ୍କ ଶେଖର ଚୂଡ଼ାମଣି, ଓବିସିସିର ମହାପ୍ରବନ୍ଧକ ଅତୁଲ୍ୟ ଚମ୍ପତିରାୟ, ଚିଲିକା ବ୍ଲକର ପୂର୍ବତନ ଅଧ୍ୟକ୍ଷ ଲଳିତ ମୋହନ ପଟ୍ଟନାୟକ, ଚିଲିକା ସାହିତ୍ୟ ସମାଜର ସଭାପତି ବାଳମୁକୁନ୍ଦ ଦାସ ପ୍ରମୁଖ ଯୋଗଦେଇ ସ୍ୱର୍ଗତ ଶଶୀଭୂଷଣଙ୍କ ଫଟୋଚିତ୍ରରେ ପୁଷ୍ପମାଲ୍ୟାର୍ପଣ କରିଥିଲେ। ଶଶିଭୂଷଣ ହରିଚନ୍ଦନ ସ୍ମୃତି କମିଟିର ସଭାପତି ଗୋଲୋକ ବିହାରୀ ପଟ୍ଟନାୟକ ପ୍ରାରମ୍ଭିକ ଅଭିଭାଷଣ, ଡ.ସୁରେନ୍ଦ୍ର ନାଥ ଦାସ ଅତିଥିଙ୍କ ପରିଚୟ ପ୍ରଦାନ କରିଥିଲେ। କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା।

## ବାଜପେୟୀଙ୍କ ଜୟନ୍ତୀ ଉତ୍ସବ

**ଖୋର୍ଦ୍ଧା,୨୫।୧୨(ପ୍ରଭାତ ପାଣିଗ୍ରାହୀ):** ଭାଜପା ଖୋର୍ଦ୍ଧା ନଗର ମଣ୍ଡଳ ପ୍ରତିନିଧି ଦେବବ୍ରତ ଆଚାର୍ଯ୍ୟଙ୍କ ସଭାପତିତ୍ୱରେ ପୂର୍ବତନ ପ୍ରଧାନମନ୍ତ୍ରୀ ଭାରତରତ୍ନ ଅଟଳ ବିହାରୀ ବାଜପେୟୀଙ୍କ ୧୦୧ତମ ଜୟନ୍ତୀ ପାଳିତ ହୋଇଯାଇଛି। ଆୟୋଜିତ ସଭାରେ ବୁଦ୍ଧିଜୀବୀ ପ୍ରକୋଷ୍ଠର ଆବାହକ ଗୁଣନିଧି ମହାପାତ୍ର, ଭରତ ରକ୍ଷା ମଞ୍ଚ ଖୋର୍ଦ୍ଧା ଜିଲା ସଭାପତି ମିହିର କୁମାର ବିଧାର, ଭାଜପା ଯୁବମୋର୍ଚ୍ଚା ଜିଲା କାର୍ଯ୍ୟକାରିଣୀ ସଦସ୍ୟ ମାନସ ରଞ୍ଜନ ସାହୁ, ଭାଜପା ନେତା ରାଜୀବ ଲୋଚନ ଷଡ଼ଙ୍ଗୀ, ବୁଥ ସଭପତି ମୁକେଶ କୁମାର ମହାନ୍ତି, ନାରୀ ନେତ୍ରୀ ଶ୍ରୀମା ଜଗଦେବ, କାହ୍ନୁଚରଣ ଖୁଣ୍ଟିଆ, ଆଇନଜୀବୀ ସଞ୍ଜୟ କୁମାର ଦାସ ପ୍ରମୁଖ ଉପସ୍ଥିତ ଥିଲେ। ଅଟଳଜୀ ଜଣେ ବିଚକ୍ଷଣ କୂଟନୀତିଜ୍ଞ ରାଜନୈତିଜ୍ଞ ତଥା ଆଧୁନିକ ଭାରତର ଅନ୍ୟତମ ବିନ୍ଧାଣି। ଓଡ଼ିଶାରେ ପାରଦୀପ ତୈଳ ବିଶୋଧନାଗାର, ଭୁବନେଶ୍ୱର ଏମ୍ସ, ବହୁ ପ୍ରକଳ୍ପ କାର୍ଯ୍ୟକାରୀ କରିଥିଲେ। ଜଣେ ଦୂରଦୃଷ୍ଟି ସମ୍ପନ୍ନ ବ୍ୟକ୍ତିତ୍ୱ ଭାବେ ଭାରତକୁ ବିଶ୍ୱରେ ପରମାଣୁ ଶକ୍ତି ଭାବେ ପରିଚିତ କରାଇଛନ୍ତି। ଆଜିର ଯୁବବର୍ଗ ତାଙ୍କ ଆଦର୍ଶରେ ଅନୁପ୍ରାଣିତ ହେବାକୁ ମତପ୍ରକାଶ ପାଇଥିଲା।

## କେରଙ୍ଗ ଏକାଦଶ ଫାଇନାଲରେ

**ଖୋର୍ଦ୍ଧା,୨୫।୧୨(ପ୍ରଭାତ ପାଣିଗ୍ରାହୀ):** ଶରଧାପୁର ସ୍ପୋର୍ଟ୍ସ ଆସୋସିଏଶନ (ଏସ୍‌ଏସ୍‌ଏ) ଆନୁକୂଲ୍ୟରେ ଚାଲିଥିବା ୧୬ତମ ଶରଧାପୁର କପ୍ ଫୁଟ୍‌ବଲ ଟୁର୍ନାମେଣ୍ଟରେ ଗୁରୁବାର ବଜରଙ୍ଗବାଲି କ୍ଲବ୍ ଘାଟିକିଆକୁ ୩-୧ ଗୋଲରେ ହରାଇ କେରଙ୍ଗ ଏକାଦଶ ବିଜୟୀ ହୋଇ ଫାଇନାଲରେ ପ୍ରବେଶ କରିଛି। ରେଫରି ଭାବେ ଶେଖାୱତ ଖାଁ ପରିଚାଳନା କରିଥିବା ବେଳେ ଲାଇନ୍ସରେ ସଗିର ଅହମ୍ମଦ ଏବଂ ଗିରିଶ ଚନ୍ଦ୍ର ଜାନି ସହାୟତା କରିଥିଲେ। ଅତିଥିଭାବେ ମନିଷ ସାହୁ, ଦୟାନିଧି ପାତ୍ର, ପିଣ୍ଟୁ ଠାକୁର, ମହମ୍ମଦ ଜମିଲୁର ରେହମାନ, ଲକ୍ଷ୍ମୀଧର ବଡ଼ଜେନା, ଜାପାନି ନାୟକ ପ୍ରମୁଖ ଉପସ୍ଥିତ ଥିଲେ।










# ବାଂଲାଦେଶରେ ହିନ୍ଦୁଙ୍କୁ ସୁରକ୍ଷା ଦିଅନ୍ତୁ ଭାରତ ସରକାର




ଭୁବନେଶ୍ୱର, ୨୫।୧୨ (ସୌମ୍ୟରଞ୍ଜନ ରାଉତ)

## ବିଶ୍ୱ ହିନ୍ଦୁ ପରିଷଦ ପକ୍ଷରୁ ପଦଯାତ୍ରା

ପଡ଼ୋଶୀ ବାଂଲାଦେଶରେ ହିନ୍ଦୁ ସମୁଦାୟ ଉପରେ ଚାଲିଥିବା ନିରନ୍ତର ହିଂସା, ନିର୍ଯାତନା ଓ ମାନବାଧିକାର ଉଲ୍ଲଂଘନ ବିରୋଧରେ ବିଶ୍ୱ ହିନ୍ଦୁ ପରିଷଦ ଭୁବନେଶ୍ୱର ଜିଲା ପକ୍ଷରୁ ଗୁରୁବାର ଏକ ପଦଯାତ୍ରା ଅନୁଷ୍ଠିତ ହୋଇଯାଇଛି। ଏଥିରେ ଶତାଧିକ କାର୍ଯ୍ୟକର୍ତ୍ତା ଓ ସମର୍ଥକଙ୍କ ସମେତ ବଜରଙ୍ଗ ଦଳ, ଦୁର୍ଗାବାହିନୀ, ରାଷ୍ଟ୍ରୀୟ ହିନ୍ଦୁ ସଙ୍ଗଠନ, ହିନ୍ଦୁ ଏକତା ମଞ୍ଚ ଆଦି ହିନ୍ଦୁ ସଂଗଠନର କାର୍ଯ୍ୟକର୍ତ୍ତା ଯୋଗଦେଇ ନିର୍ଯାତିତ ହିନ୍ଦୁଙ୍କ ପ୍ରତି ସମବେଦନା ପ୍ରକାଶ କରିଥିଲେ। ଭାରତ ସରକାର ଏ ଦିଗରେ ଦୃଷ୍ଟି ଦେଇ ବାଂଲାଦେଶର ହିନ୍ଦୁଙ୍କ ସୁରକ୍ଷା ସୁନିଶ୍ଚିତ କରିବା ପାଇଁ ଦାବି କରିଥିଲେ। ବିଶ୍ୱ ହିନ୍ଦୁ ପରିଷଦ ଭୁବନେଶ୍ୱର ଜିଲା ସଭାପତି ପ୍ରଦୀପ ଚନ୍ଦ୍ର ମହାନ୍ତି କହିଛନ୍ତି, ବାଂଲାଦେଶରେ ହିନ୍ଦୁଙ୍କ ଉପରେ ଘଟୁଥିବା ହିଂସା ଓ ନିର୍ଯାତନା ଗଭୀର ଚିନ୍ତାର ବିଷୟ। ଏହାକୁ ଅନ୍ତର୍ଜାତୀୟ ସମୁଦାୟ ଆଉ ନୀରବ ରହି ଦେଖିବା ଉଚିତ ନୁହେଁ। ଭାରତ ସରକାର ଏହି ବିଷୟରେ ଦୃଢ଼ କୂଟନୀତିକ ଓ ମାନବିକ ପଦକ୍ଷେପ ନେବା ଆବଶ୍ୟକ ବୋଲି ସେ ମତ ପ୍ରକାଶ କରିଥିଲେ। ପ୍ରାନ୍ତ ସଭାପତି ଡ. ପ୍ରଫୁଲ୍ଲ କୁମାର ମିଶ୍ର କହିଲେ, ହିନ୍ଦୁମାନଙ୍କ ଉପରେ ହେଉଥିବା ଅତ୍ୟାଚାର କେବଳ ଧାର୍ମିକ ସମସ୍ୟା ନୁହେଁ, ଏହା ଏକ ଗୁରୁତର ମାନବାଧିକାର ପ୍ରସଙ୍ଗ। ହିଂସା ବନ୍ଦ କରି ହିନ୍ଦୁ ସମୁଦାୟର ସୁରକ୍ଷା ସୁନିଶ୍ଚିତ କରିବା ପାଇଁ ବାଂଲାଦେଶ ସରକାର ଉପରେ ଅନ୍ତର୍ଜାତୀୟ ଚାପ ସୃଷ୍ଟି କରିବାକୁ ସେ ଆହ୍ୱାନ ଦେଇଥିଲେ। କାର୍ଯ୍ୟକ୍ରମରେ ରାଷ୍ଟ୍ରୀୟ ହିନ୍ଦୁ ସଙ୍ଗଠନର ଓଡ଼ିଶା ପ୍ରଦେଶ ଅଧ୍ୟକ୍ଷ ଡ. ସୁନୀତି ମୁଣ୍ଡ, ଉତ୍କଳ ହିନ୍ଦୁ ପରିଷଦ ସଭାପତି ଦେବାଶିଷ ନାୟକ, ବଜରଙ୍ଗ ଦଳ ସଂଯୋଜକ ପ୍ରତ୍ୟୁଷ ରାଉତରାୟ, ଦୁର୍ଗାବାହିନୀ ସଂଯୋଜିକା ସସ୍ମିତା ମଙ୍ଗରାଜ, ସୌଦାମିନୀ ରାଉତ ପ୍ରମୁଖ ଯୋଗଦେଇଥିଲେ।

# ଜୟକୃଷ୍ଣ ସାହୁ ପାଇବେ 'ଝୁମୁକା ପୁରସ୍କାର'

ଭୁବନେଶ୍ୱର, ୨୫।୧୨ (ସୌମ୍ୟରଞ୍ଜନ ରାଉତ)

ଶିଶୁ କିଶୋର ସାହିତ୍ୟ ପତ୍ରିକା 'ଝୁମୁକା' ପକ୍ଷରୁ ଶିଶୁ ସାହିତ୍ୟିକ ଜୟକୃଷ୍ଣ ସାହୁଙ୍କୁ ତାଙ୍କର ଜୀବନବ୍ୟାପୀ ସାଧନା ପାଇଁ ମର୍ଯ୍ୟାଦାଜନକ 'ଝୁମୁକା ପୁରସ୍କାର' ମିଳିବ। ଏନେଇ ପତ୍ରିକା ପକ୍ଷରୁ ଘୋଷଣା କରାଯାଇଛି। ସେହିପରି ଝୁମୁକା ପୃଷ୍ଠାର ସଫଳ ଲେଖିକା ଲହରିକା ପଟ୍ଟନାୟକ ଓ ଅଧ୍ୟାପିକା ଅପରାଜିତା ମହାରଣାଙ୍କୁ ଚଳିତବର୍ଷ 'ଝୁମୁକା ସାରସ୍ୱତ ସମ୍ମାନ', ଅନ୍ୱେଷା ମହାପାତ୍ର ଓ ଶୁଭ୍ରଜିତ୍ ଜେନାଙ୍କୁ 'ଝୁମୁକା ଶିଶୁ ଚିତ୍ରଶିଳ୍ପୀ ସମ୍ମାନ' ପ୍ରଦାନ କରାଯିବ। ଆସନ୍ତା ୨୭ ତାରିଖ ରେଡକ୍ରସ ଭବନରେ ହେବାକୁ ଥିବା ଝୁମୁକାର ୩୯ତମ ସାମ୍ବତ୍ସରିକ ସାରସ୍ୱତ ସମାରୋହରେ ଫଳକ, ଅଙ୍ଗବସ୍ତ୍ର, ମାନପତ୍ର ଓ ଉପାୟନ ଦିଆଯାଇ କୃତୀ ପ୍ରତିଭାମାନଙ୍କୁ ସମ୍ମାନିତ କରାଯିବ ବୋଲି ସମ୍ପାଦକ ମାନସ ରଞ୍ଜନ ସାମଲ ଏକ ପ୍ରେସ ବିଜ୍ଞପ୍ତିରେ ଜଣାଇଛନ୍ତି। ସମାରୋହରେ 'ଶିଶୁ ସାହିତ୍ୟରେ ଅନୁବାଦ : ସମ୍ଭାବନାର ଦିଗନ୍ତ' ଶୀର୍ଷକ ଏକ ରାଜ୍ୟସ୍ତରୀୟ ସମ୍ମାନ ଅନୁଷ୍ଠିତ ହେବ। ଅସମୀୟା ସାହିତ୍ୟିକା ଓ ଅନୁବାଦିକା ଅଜନ୍ତା ସାଇକିଆ ଦତ୍ତ ଏବଂ ବିଶ୍ୱଭାରତୀ ଶାନ୍ତିନିକେତନର ଓଡ଼ିଆ ବିଭାଗ ଅଧ୍ୟାପକ ଡ. ଇନ୍ଦ୍ରମଣି ସାହୁ ଅତିଥି ଭାବେ ଯୋଗଦେବାର କାର୍ଯ୍ୟକ୍ରମ ରହିଛି ବୋଲି ସୂଚନା ଦିଆଯାଇଛି।

# ଓଡ଼ିଆ ଖାଦ୍ୟ ରାଜ୍ୟ ବାହାରେ ମଧ୍ୟ ସର୍ବୋତ୍ତମ ପସନ୍ଦ




ଖାଦ୍ୟ ମହୋତ୍ସବର ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀଙ୍କ ସହ ଅନ୍ୟମାନେ।

ଭୁବନେଶ୍ୱର, ୨୫।୧୨ (ସୁଚିସ୍ମିତା ସାହୁ)

ଓଡ଼ିଆ ଖାଦ୍ୟ କେବଳ ଆମ ରାଜ୍ୟରେ ନୁହେଁ, ରାଜ୍ୟ ବାହାରେ ମଧ୍ୟ ସର୍ବୋତ୍ତମ ପସନ୍ଦ। ଓଡ଼ିଆ ଖାଦ୍ୟ ହେଉଛି ସଂସ୍କୃତିର ସମାହାର। ଅନ୍ୟ ରାଜ୍ୟର ଖାଦ୍ୟ ଅପେକ୍ଷା ଓଡ଼ିଆ ଖାଦ୍ୟର ଗୁଣବତ୍ତା ସବୁଠାରୁ ଅଧିକ ଓ ସମୃଦ୍ଧ। ତେବେ ପାଶ୍ଚାତ୍ୟ ଖାଦ୍ୟ ନିଶାରେ ଆମେ ପ୍ରଭାବିତ ହୋଇ ଓଡ଼ିଆର ମୌଳିକତାକୁ ଉପେକ୍ଷା କରୁଛୁ। ବାସ୍ତବରେ ଓଡ଼ିଶାର ଖାଦ୍ୟ ପରମ୍ପରା ବିରଳ ଓ ନିଆରା। ତେଣୁ ବିଶ୍ୱ ଓଡ଼ିଆ ପରିବାର ଖାଦ୍ୟ ମହୋତ୍ସବ ଆଳରେ ଏପରି ଆୟୋଜନ କରିବା ନିଶ୍ଚିତ ଭାବରେ ପ୍ରଶଂସନୀୟ ବୋଲି ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ କହିଛନ୍ତି। ବିଶ୍ୱ ଓଡ଼ିଆ ପରିବାର ପକ୍ଷରୁ ପ୍ରଦର୍ଶନୀ ପଡ଼ିଆଠାରେ ଚାଲିଥିବା ଖାଦ୍ୟ ମହୋତ୍ସବର ଗୁରୁବାର ତୃତୀୟ ସନ୍ଧ୍ୟାରେ ସମ୍ମାନିତ ଅତିଥି ଭାବେ ଲୋକସେବକ ମଣ୍ଡଳର ସମ୍ପାଦକ ଦୀପକ ମାଲବ୍ୟ କହିଲେ, ଓଡ଼ିଆ ଖାଦ୍ୟ ବାସ୍ତବରେ ଓଡ଼ିଆ ସଂସ୍କୃତିର ପରିଚାୟକ। ପାଶ୍ଚାତ୍ୟ ଖାଦ୍ୟରେ ପ୍ରଭାବିତ ହୋଇ ନାମଫଳକରେ ଆମେ ଓଡ଼ିଆ ଖାଦ୍ୟର ନାମ ରଖିଲେ ତାହା ଓଡ଼ିଆଙ୍କର ସ୍ୱାଭିମାନ ବୃଦ୍ଧି ପାଇବ। ସାମାଜିକ କର୍ମୀ ଶଶୀ ଶେଖର ସାହୁ କହିଲେ, ଓଡ଼ିଆ ଖାଦ୍ୟ ଓଡ଼ିଆ ସ୍ୱାଭିମାନ ସହିତ ଜଡ଼ିତ। ଅନେକ ସମୟରେ ବିଭିନ୍ନ ସ୍ଥାନରେ ମହୋତ୍ସବ କରି ଓଡ଼ିଆ ଖାଦ୍ୟକୁ କିଭଳି ପ୍ରାଧାନ୍ୟ ଦିଆଯିବ ସେଥିପାଇଁ ଉଦ୍ୟମ କରିବା ଦରକାର। ତେବେ ବିଶ୍ୱ ଓଡ଼ିଆ ପରିବାରର ଉଦ୍ୟମ ଯୁଗାନ୍ତକାରୀ ହେବ ବୋଲି ସେ କହିଥିଲେ। କାର୍ଯ୍ୟକ୍ରମରେ ଅନୁଷ୍ଠାନର ଅଧ୍ୟକ୍ଷ ସଜ୍ଜନ ଶର୍ମା ମହୋତ୍ସବ ସମ୍ବନ୍ଧରେ କହିଥିଲେ। ବିଶିଷ୍ଟ କବୟିତ୍ରୀ ଡ. ପ୍ରୀତିପ୍ରତିଭା ଭୋଳ ଅତିଥି ପରିଚୟ ତଥା କାର୍ଯ୍ୟ ସଂଚାଳନ କରିଥିଲେ।

# ୪ ଦିନ ପରେ ଆନ୍ଦୋଳନରୁ ଉଠିଲେ ଓୟୁଏଟି ଛାତ୍ରୀଛାତ୍ର

## ମୁଖ୍ୟମନ୍ତ୍ରୀଙ୍କୁ ଦାବିପତ୍ର ଦେଲେ, ମିଳିଲା ପ୍ରତିଶ୍ରୁତି

ଭୁବନେଶ୍ୱର, ୨୫।୧୨ (ସୁଚିସ୍ମିତା ସାହୁ)



ମାସିକ ଷ୍ଟାଇପେଣ୍ଡ୍ ଦାବିରେ ଶୀତ କାକରରେ ଓୟୁଏଟି ପରିସରରେ କୃଷି ଏବଂ ଆନୁଷଙ୍ଗିକ ଛାତ୍ରୀଛାତ୍ରମାନେ ୪ଦିନ ଧରି ଅହୋରାତ୍ର ଆମରଣ ଅନଶନରେ ବସିଥିଲେ। କୃଷି ଗବେଷଣାରେ ଉଚ୍ଚତର ଶିକ୍ଷା ଲାଭ କରୁଥିବା ପିଜି ଏବଂ ପିଏଚ୍‌ଡି ଛାତ୍ରୀଛାତ୍ରଙ୍କୁ ବିଶ୍ୱବିଦ୍ୟାଳୟରେ କୌଣସି ଷ୍ଟାଇପେଣ୍ଡ୍ ମିଳୁ ନ ଥିବାରୁ ୨ଶହରୁ ଅଧିକ ଛାତ୍ରଛାତ୍ରୀ ଆନ୍ଦୋଳନକୁ ଓହ୍ଲାଇଥିଲେ। ସରକାରଙ୍କଠାରୁ ପ୍ରତିଶ୍ରୁତି ନ ମିଳିବା ପର୍ଯ୍ୟନ୍ତ ସେମାନେ ଓହରିବେ ନାହିଁ ବୋଲି ମନା କରିଥିଲେ। ହେଲେ ଗୁରୁବାର ସୁଶାସନ ଦିବସରେ ଛାତ୍ରୀଛାତ୍ରମାନେ ସ୍ଥାନୀୟ ବିଧାୟକ ବାବୁ ସିଂଙ୍କ ଉପସ୍ଥିତିରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ଦାବିପତ୍ର ପ୍ରଦାନ କରିଥିଲେ। ମୁଖ୍ୟମନ୍ତ୍ରୀ ତାଙ୍କ ଦାବିକୁ ଯଥାଶୀଘ୍ର ପୂରଣ କରିବେ ବୋଲି ପ୍ରତିଶ୍ରୁତି ଦେଇଛନ୍ତି। ନୂଆବର୍ଷରେ ସରକାରଙ୍କଠାରୁ ନୂଆ ଘୋଷଣାର ଆଶାରଖି ଛାତ୍ରୀଛାତ୍ର ସାମୟିକ ଭାବେ ଆନ୍ଦୋଳନକୁ ସ୍ଥଗିତ ରଖିଥିବା ସୂଚନା ଦେଇଛନ୍ତି। ଛାତ୍ରୀଛାତ୍ରଙ୍କ ଅଭିଯୋଗ ଅନୁସାରେ, ଗବେଷଣା କାର୍ଯ୍ୟକ୍ରମ ପାଇଁ ବିଭିନ୍ନ ଗବେଷଣା ପ୍ରତିଷ୍ଠାନକୁ ଯାତାୟାତ ତଥା ଗବେଷଣାତ୍ମକ ସନ୍ଦର୍ଭ ପ୍ରକାଶ ପାଇଁ ବହୁ ପରିମାଣରେ ଅର୍ଥ ଖର୍ଚ୍ଚ କରିବାକୁ ପଡ଼ିଥାଏ। ଆସାମ, ତାମିଲନାଡୁ, ବିହାର, ତେଲଙ୍ଗାନା, ଆନ୍ଧ୍ରପ୍ରଦେଶ, ଗୁଜରାଟ ଭଳି ରାଜ୍ୟ ନିଜ କୃଷି ବିଶ୍ୱବିଦ୍ୟାଳୟ ଛାତ୍ରୀଛାତ୍ରଙ୍କୁ ଷ୍ଟାଇପେଣ୍ଡ ପ୍ରଦାନ କରୁଥିବା ବେଳେ ଓୟୁଏଟି ଭାରତର ଦ୍ୱିତୀୟ ସର୍ବପୁରାତନ ବିଶ୍ୱବିଦ୍ୟାଳୟ ହୋଇଥିଲେ ମଧ୍ୟ ଷ୍ଟାଇପେଣ୍ଡ ବ୍ୟବସ୍ଥା ନାହିଁ। ପ୍ରତିବର୍ଷ ୨୬୮ ଛାତ୍ରୀଛାତ୍ର ପିଜି ଏବଂ ପିଏଚ୍‌ଡିରେ ନାମଲେଖୁଥିବାବେଳେ କୌଣସି ଆର୍ଥିକ ସହାୟତା ନ ମିଳିବା ଛାତ୍ର ମହଲରେ ତୀବ୍ର ଅସନ୍ତୋଷ ସୃଷ୍ଟି କରିଥିଲା। ବାରମ୍ବାର ବିଶ୍ୱବିଦ୍ୟାଳୟ ଓ ସରକାରଙ୍କ ଦୃଷ୍ଟି ଆକର୍ଷଣ କରିବା ସତ୍ତ୍ୱେ ବିଶ୍ୱବିଦ୍ୟାଳୟରୁ ପ୍ରପୋଜାଲ ଯାଇଥିଲେ ମଧ୍ୟ କୌଣସି ସୁଫଳ ମିଳିପାରିନାହିଁ। ତେଣୁ ଛାତ୍ରୀଛାତ୍ର ଶାନ୍ତିପୂର୍ଣ୍ଣ ଭାବେ ଅହୋରାତ୍ର ଅନଶନରେ ବସିବାକୁ ବାଧ୍ୟ ହୋଇଥିଲେ ବୋଲି ଛାତ୍ର ନେତୃତ୍ୱମାନେ କହିଛନ୍ତି।






# ଜମି ଦେବାକୁ କହି ଠକେଇ, ଅଭିଯୁକ୍ତ ଗିରଫ

ଭୁବନେଶ୍ୱର, ୨୫।୧୨ (ତ୍ରିନାଥ ମହାନ୍ତି)

ଜମି ଦେବାକୁ କହି ଜଣେ ମହିଳାଙ୍କୁ ଠକେଇ କରିବା ଅଭିଯୋଗରେ ଭରତପୁର ଥାନା ପୋଲିସ ସମ୍ପୃକ୍ତ ଅଭିଯୁକ୍ତଙ୍କୁ ଗିରଫ କରିଛି। ସେ ହେଲେ ନୟାପଲ୍ଲୀ ନୂଆସାହିର ବିଶିକେଶନ ପ୍ରଧାନ। ଠକେଇର ଶିକାର ହୋଇଥିବା ମହିଳାଜଣକ ସ୍ୱାମୀଙ୍କ ମୃତ୍ୟୁପରେ ଜଣେ ପରିଚିତ ବ୍ୟକ୍ତିଙ୍କ ମାଧ୍ୟମରେ ଅଭିଯୁକ୍ତ କୁମୁଦାଙ୍କ ସମ୍ପର୍କରେ ଆସିଥିଲେ। କୁମୁଦା ତାଙ୍କ ଶ୍ୱଶୁର ବିଶିକେଶନଙ୍କୁ ଜମି ବିକ୍ରେତା ଭାବରେ ପରିଚୟ କରାଇ ଅଭିଯୋଗକାରିଣୀଙ୍କୁ ଗୋବିନ୍ଦପୁର ମୌଜାରେ ଶସ୍ତାରେ ଜମି ଯୋଗାଇ ଦେବାକୁ ପ୍ରତିଶ୍ରୁତି ଦେଇଥିଲେ। ଏଥିରେ ବିଶ୍ୱାସ କରି ମହିଳା ଜଣକ ବିଭିନ୍ନ ସମୟରେ ଅଭିଯୁକ୍ତ ବିଶିକେଶନଙ୍କୁ ବ୍ୟାଙ୍କ କାରବାର ଏବଂ ନଗଦ ଆକାରରେ ଜମି କ୍ରୟ ପାଇଁ ଟଙ୍କା ପ୍ରଦାନ କରିଥିଲେ। ଟଙ୍କା ଗ୍ରହଣ କରିବା ସତ୍ତ୍ୱେ ଅଭିଯୁକ୍ତମାନେ ଅଭିଯୋଗକାରୀଙ୍କ ନାମରେ ଜମି ପଞ୍ଜୀକରଣ କରି ନ ଥିଲେ କି ଟଙ୍କା ଫେରସ୍ତ ମଧ୍ୟ କରି ନ ଥିଲେ। ଟଙ୍କା ଫେରସ୍ତ ପାଇଁ କହିବାରୁ ଅଭିଯୁକ୍ତ ଅଭିଯୋଗକାରିଣୀ ଏବଂ ତାଙ୍କ ପରିବାର ସଦସ୍ୟଙ୍କୁ ଦୁର୍ବ୍ୟବହାର କରିବା ସହ ଧମକ ଦେଇଥିଲେ। ଶେଷରେ ମହିଳା ଜଣକ ଥାନାରେ ଏତଲା ଦେଇଥିଲେ।







## ଲକ୍ଷ୍ମୀଧର ବେହେରା ସ୍ମାରକୀ କ୍ରିକେଟ ଟୁର୍ନାମେଣ୍ଟ

### ବାଙ୍କୀ ଆଥ୍‌ଲେଟିକ ଆସୋସିଏଶନ, ଗୁରୁଜଙ୍ଗ ଟିମ୍ ବିଜୟୀ

ବାଙ୍କୀ,୨୫।୧୨(ଜ୍ଞାନେନ୍ଦ୍ର ମୋହନ ମିଶ୍ର): ବଙ୍କୀ କଚେରୀ ପଡିଆଠାରେ ଚାଲିଥିବା ଲକ୍ଷ୍ମୀଧର ବେହେରା ସ୍ମାରକୀ କ୍ରିକେଟ ଟୁର୍ନାମେଣ୍ଟର ୫ମ ଦିବସର ପ୍ରଥମ ମ୍ୟାଚ୍ ବାଙ୍କୀ ଆଥ୍‌ଲେଟିକ ଆସୋସିଏଶନ ଓ ପାନବରଜ ଦଳ ମଧ୍ୟରେ ହୋଇଥିଲା। ଏଥିରେ ବାଙ୍କୀ ଆଥେଲେଟିକ ଆସୋସିଏଶନ ବିଜୟ ହୋଇଥିବା ବେଳେ ଏହି ଦଳର ସୁବାସ ଖଟୁଆ ମ୍ୟାନ୍ ଅଫ୍ ଦି ମ୍ୟାଚ୍ ବିବେଚିତ ହୋଇଥିଲେ। ଦ୍ୱିତୀୟ ମ୍ୟାଚରେ ବେଗୁନିଆ ଅଠାରଙ୍ଗ ଓ ଗୁରୁଜଙ୍ଗ ମଧ୍ୟରେ ଖେଳ ଅନୁଷ୍ଠିତ ହୋଇଥିଲା। ଏହି ଖେଳରେ ଗୁରୁଜଙ୍ଗ ଦଳ ବିଜୟୀ ସହ ଏମ.ଡି. ଝାବରିଜ ମ୍ୟାନ୍ ଅଫ୍ ଦି ମ୍ୟାଚ୍ ହୋଇଥିଲେ। ମୁଖ୍ୟ ଅତିଥିଭାବେ ପୂର୍ବତନ ବିଧାୟକ ପ୍ରଭାତ କୁମାର ତ୍ରିପାଠୀ, ବାଙ୍କୀ କେନ୍ଦ୍ର ସମବାୟ ବ୍ୟାଙ୍କ ସଭାପତି ସୁବାସ ଚନ୍ଦ୍ର ପାଢ଼ୀ, ପ୍ରେସକ୍ଲବ ଉପସଭାପତି ସମରେନ୍ଦ୍ର ମହାପାତ୍ର, ଜିଲା ପରିଷଦ ସଦସ୍ୟ ଆଶିଷ କୁମାର ସାହୁ, ଉପନଗରପାଳ ତଥା ବାଙ୍କୀ ଆଥ୍‌ଲେଟିକ ଆସୋସିଏଶନର ସାଧାରଣ ସମ୍ପାଦକ ସନ୍ତୋଷ କୁମାର ରଣା, ଧର୍ମପ୍ରସାଦ ମଙ୍ଗରାଜ, ଶ୍ରୀନିବାସ ବେହେରା, ସୌମେନ୍ଦ୍ର ମିଶ୍ର, ଅନନ୍ତ ଚରଣ ଦାସ ପ୍ରମୁଖ ଯୋଗଦେଇ ସ୍ୱର୍ଗତ ଲକ୍ଷ୍ମୀଧର ବେହେରାଙ୍କ ଫଟୋ ଚିତ୍ରରେ ପୁଷ୍ପମାଲ୍ୟ ଦେଇ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ। ଶୁକ୍ରବାର ହେବାକୁ ଥିବା ମ୍ୟାଚ୍‌ରେ ମାଣିଆବନ୍ଧ ସହିତ କଲ୍ୟାଣପୁର ଏବଂ ପୁରୁଣା ତିଗିରିଆ ସହିତ ମେଣ୍ଢାଶାଳ ମଧ୍ୟରେ ଅନୁଷ୍ଠିତ ହେବ ବୋଲି ସତ୍ୟରଞ୍ଜନ ସାହୁ ପ୍ରକାଶ କରିଛନ୍ତି । ଏହି ମ୍ୟାଚ୍‌କୁ କେଶବ ମଙ୍ଗୁଆଳ ଓ ତପନ ନାୟକ ପରିଚାଳନା କରିଥିଲେ ।

# ପ୍ରାର୍ଥନା କଲେ, ପରସ୍ପରକୁ ଶୁଭେଚ୍ଛା ଜଣାଇଲେ



କ୍ୟାଣ୍ଟନମେଣ୍ଟ ରୋଡ୍‌ସ୍ଥିତ କ୍ୟାଥଲିକ୍ ଚର୍ଚ୍ଚରେ ଶ୍ରଦ୍ଧାଳୁ ।



ବଡ଼ଦିନ ଉପଲକ୍ଷେ ଶ୍ରଦ୍ଧାଳୁମାନେ ପରସ୍ପରକୁ ଶୁଭେଚ୍ଛା ଜଣାଉଛନ୍ତି ।

### ଚର୍ଚ୍ଚ ଉତ୍ସବମୁଖର

କଟକ,୨୫।୧୨(ଶିଲ୍ପା ପ୍ରିୟଦର୍ଶିନୀ): ବୁଧବାର ମଧ୍ୟରାତ୍ରରେ ପ୍ରଭୁ ଯିଶୁଙ୍କ ଧରାବତରଣ ପରେ ଗୁରୁବାର ଧୁମଧାମରେ ଉତ୍ସବ ମନାଇଛନ୍ତି ଖ୍ରୀଷ୍ଟ ଧର୍ମାବଲମ୍ବୀ। ଶାନ୍ତି, ପ୍ରେମ ଓ ମୈତ୍ରୀର ବାର୍ତ୍ତା ନେଇ ସେମାନେ ବଡ଼ଦିନ ପାଳନ କରିଛନ୍ତି। ଏଥିପାଇଁ କଟକ ମିଶନ ରୋଡ୍‌ରେ ଥିବା ଓଡ଼ିଆ ବାପ୍‌ଟିଷ୍ଟ ଚର୍ଚ୍ଚ, କ୍ୟାଣ୍ଟନମେଣ୍ଟ ରୋଡ୍‌ସ୍ଥିତ କ୍ୟାଥ୍‌ଲିକ୍ ଚର୍ଚ୍ଚ ସମେତ ଅନ୍ୟ ଚର୍ଚ୍ଚଗୁଡ଼ିକ ଉତ୍ସବମୁଖର ହୋଇଉଠିଥିଲା। ବହୁ ଶ୍ରଦ୍ଧାଳୁ ଚର୍ଚ୍ଚରେ ପହଞ୍ଚି ପ୍ରାର୍ଥନା କରିଥିଲେ। କ୍ୟାଥ୍‌ଲିକ୍ ଚର୍ଚ୍ଚରେ ଶ୍ରଦ୍ଧାଳୁମାନେ ସକାଳ ୮ଟାରେ ଓଡ଼ିଆ, ହିନ୍ଦୀ, ଇଂଲିଶ, ତେଲୁଗୁ ଓ ମାଲୟାଲମ୍ ଭାଷାରେ ପ୍ରାର୍ଥନା କରିଥିଲେ। ସେହିପରି ଓଡ଼ିଆ ବାପ୍‌ଟିଷ୍ଟ ଚର୍ଚ୍ଚରେ ସକାଳ ୯ଟା, ପୂର୍ବାହ୍ନ ୧୧ଟା ଓ ଅପରାହ୍ନ ୩ଟାରେ ଘଣ୍ଟାଏ ଲେଖାଏ ପ୍ରାର୍ଥନା କରାଯାଇଥିଲା। ସନ୍ଧ୍ୟାରେ ଚର୍ଚ୍ଚଗୁଡିକରେ ପ୍ରବଳ ଭିଡ଼ ଜମିଥିଲା। କ୍ରିସ୍‌ମାସ୍-ଟ୍ରି, ସାନ୍ତାକ୍ଲଜ୍, ଯିଶୁ ଜନ୍ମ ହୋଇଥିବା ଗୁହାଳ ଘର ସହ ଚର୍ଚ୍ଚକୁ ସୁସଜ୍ଜିତ କରାଯାଇଥିବାବେଳେ ରଙ୍ଗିନ ଆଲୋକମାଳାରେ ଝଲସି ଉଠିଥିଲା। ଶ୍ରଦ୍ଧାଳୁଙ୍କୁ ବିଭିନ୍ନ ପ୍ରକାରର କେକ୍ ବଣ୍ଟନ କରାଯାଇଥିଲା। ବିଭିନ୍ନ ଚର୍ଚ୍ଚରେ ପରିବାର ଓ ସାଙ୍ଗସାଥୀଙ୍କ ସହ ଶ୍ରଦ୍ଧାଳୁମାନେ ପ୍ରାର୍ଥନା କରିବା ସହ ଏହି ପବିତ୍ର ଦିନକୁ ଧୁମଧାମରେ ପାଳନ କରିଥିଲେ। ସମସ୍ତେ ଏକାଠି ହୋଇ କ୍ୟାରୋଲ ଗାନ କରିଥିଲେ। ପରେ ସମସ୍ତେ ହାତ ମିଳାଇ ଓ ଗୋଲାପ ଦେଇ ପରସ୍ପରକୁ ବଡ଼ଦିନର ଶୁଭେଚ୍ଛା ଜଣାଇଥିଲେ। ପରସ୍ପରକୁ କେକ୍ ଖୁଆଇ ଏହି ଦିନର ଶୁଭକାମନା ଜଣାଇବା ସହ ଉପହାର ମଧ୍ୟ ଦେଇଥିଲେ। ଶାନ୍ତିପୂର୍ଣ୍ଣ ଭାବେ ବଡ଼ଦିନ ପାଳନ ପାଇଁ କମିଶନରେଟ୍ ପୋଲିସ ପକ୍ଷରୁ ସହରର ସୁରକ୍ଷା ବ୍ୟବସ୍ଥା କଡ଼ାକଡ଼ି କରାଯାଇଥିଲା। ବିଭିନ୍ନ ଚର୍ଚ୍ଚ ଓ ଆଖପାଖରେ ପୋଲିସ ମୁତୟନ କରାଯାଇଥିଲା।

## ଅଗ୍ନିକାଣ୍ଡରେ ୩ ବଖରା ଜଳିଗଲା

ବଡ଼ମ୍ବା, ୨୫।୧୨(ମାୟାଧର ମଲ୍ଲିକ) ବଡ଼ମ୍ବା ବ୍ଲକ ଅନ୍ତର୍ଗତ ଗମେଇଁ ଗ୍ରାମରେ ଗୁରୁବାର ଅଗ୍ନିକାଣ୍ଡ ଘଟି ୩ ବଖରା ଜଳିଯାଇଛି। ଏଥିରେ ନୀଳମଣି ନାୟକ ଓ କାମଦେବ ନାୟକଙ୍କ ପରିବାର ସର୍ବସ୍ୱାନ୍ତ ହୋଇଛନ୍ତି। ସେମାନଙ୍କ ଘରର ସମସ୍ତ ଆସବାବପତ୍ର ସମେତ ଧାନ, ଚାଉଳ ଓ ଅନ୍ୟାନ୍ୟ ସାମଗ୍ରୀ ଜଳିପୋଡ଼ି ପାଉଁଶ ହୋଇଯାଇଛି। ନିଆଁ ଲାଗିବାର କାରଣ ସ୍ପଷ୍ଟ ହୋଇନାହିଁ। ଗ୍ରାମବାସୀ ନିଆଁକୁ ଲିଭାଇବାକୁ ଉଦ୍ୟମ କରିଥିଲେ ମଧ୍ୟ ଆୟତ୍ତ କରିପାରି ନ ଥିଲେ। ଖବରପାଇ ବଡ଼ମ୍ବା ଓ ବାଲିଝରୀ ଅଗ୍ନିଶମ କର୍ମଚାରୀ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ। କରଡ଼ିବନ୍ଧ ରାଜସ୍ୱ ନିରୀକ୍ଷକ ହୃଦାନନ୍ଦ ମୁଦୁଲି ଘଟଣା ସ୍ଥଳରେ ପହଞ୍ଚି କ୍ଷୟକ୍ଷତି ଆକଳନ କରି ଉଭୟ ବିପନ୍ନ ପରିବାରକୁ ପ୍ରାଥମିକ ସହାୟତାଭାବେ ପଲିଥିନ ଯୋଗାଇ ଦେଇଛନ୍ତି। ତୁରନ୍ତ ୨ ବିପନ୍ନ ପରିବାରକୁ ସରକାରୀ ସହାୟତା ଯୋଗାଇଦେବାକୁ ଦାବି ହୋଇଛି।

## ବେଆଇନ ଖଣି ମାଲିକ, ୨ କର୍ମଚାରୀଙ୍କୁ ଉଠାଇନେଲା ପୋଲିସ

ତିଗିରିଆ,୨୫।୧୨(ଜାଫର ଖାଁ): ତିଗିରିଆ ଥାନା ଅଞ୍ଚଳରେ ବେଆଇନ ଖଣି ଓ କ୍ରଶର ପାଇଁ ସରକାରଙ୍କର ଲକ୍ଷାଧିକ ଟଙ୍କାର ରାଜସ୍ୱ ହାନି ହେଉଛି। ଏହାଦ୍ୱାରା ଜନସାଧାରଣ ଅନେକ ସମସ୍ୟା ଭୋଗୁଛନ୍ତି। ଖଣି ମାଫିଆମାନେ ବଡ଼ ପାହାଡ଼ କାଟି ବେଆଇନ ଖଣି କରି ଲୁଟ କରୁଥିବା ବେଳେ ସମ୍ପୃକ୍ତ ଅଞ୍ଚଳକୁ ପୋଖରୀ, ଗାଡ଼ିଆରେ ପରିଣତ କରିଛନ୍ତି। ଏନେଇ ବାରମ୍ବାର ଅଭିଯୋଗପରେ ଗୁରୁବାର ପୋଲିସ ପକ୍ଷରୁ ଭେଜିଆ ସଂରକ୍ଷିତ ଜଙ୍ଗଲରେ ଚଢ଼ାଉ କରି ଜଣେ ଖଣି ମାଲିକ ଓ ଦୁଇଜଣ କର୍ମଚାରୀଙ୍କୁ ଉଠାଇ ନେଇ ଅଟକ ରଖିଥିବା ସୂଚନା ମିଳିଛି।

## ‘ଧର୍ମ ରୂପ ନିଏ ଆଦର୍ଶରେ’

କଟକ,୨୫।୧୨(କାର୍ତ୍ତିକ ସାହୁ) ଶ୍ରୀ ଶ୍ରୀ ଠାକୁର ଅନୁକୂଳ ଚନ୍ଦ୍ରଙ୍କ ୧୩୮ତମ ଆବିର୍ଭାବ ଉତ୍ସବ କଟକ ରେଲୱେ ଇନ୍‌ଷ୍ଟିଚ୍ୟୁଟ୍ ସଭାଗୃହରେ ୨ଦିନ ଧରି ଅନୁଷ୍ଠିତ ହୋଇଯାଇଛି। ଗୁରୁବାର ଆୟୋଜିତ ଆଲୋଚନାଚକ୍ରରେ ଶ୍ରୀ ଶ୍ରୀ ଠାକୁର ଅନୁକୂଳ ଚନ୍ଦ୍ରଙ୍କ ସମ୍ପର୍କରେ ତାଙ୍କ ଅଣନାତି ବିଦ୍ୟୁତ ରଞ୍ଜନ ଚକ୍ରବର୍ତ୍ତୀ ଯୋଗଦେଇ ଆଲୋଚନା କରିଥିଲେ। ଧର୍ମର ସହବ୍ୟାଖ୍ୟା ଦେବାକୁ ଯାଇ ଯୁଗାବତାର ଶ୍ରୀ ଶ୍ରୀ ଠାକୁର ଅନୁକୂଳ ଚନ୍ଦ୍ରଙ୍କ ବାଣୀ ଉଦ୍ଧାର କରି ସେ କହିଲେ- ଯାହା ଉପରେ ଯାହା କିଛି ସବୁ ତିଷ୍ଠି ରହିଛି, ତାହାହିଁ ଧର୍ମ, ଆଉ ସେ ହିଁ ପରମ ପୁରୁଷ। ଧର୍ମ କେବେହେଲେ ବହୁ ହୁଏନା, ଧର୍ମ ଏକ। ଆଉ ତା’ର କୌଣସି ପ୍ରକାର ନାହିଁ। ମତ ବହୁତ ହୋଇପାରେ, ଏପରିକି ଯେତେ ମଣିଷ ସେତେ ମତ ହୋଇପାରେ। ଧର୍ମ ଅନୁଭୂତିର ଉପରେ। ଧର୍ମ ରୂପ ନିଏ ଆଦର୍ଶରେ। ଧର୍ମ ସହିତ ସତ୍ୟ, ପ୍ରେମ, ଜ୍ଞାନ, ଶାନ୍ତି ଓ ଆନନ୍ଦ ଓତପ୍ରୋତ ଭାବେ ଜଡ଼ିତ। ଅବତାର ପୁରୁଷମାନେ ବିଭିନ୍ନ ଯୁଗରେ ଯୁଗୋପଯୋଗୀ ପ୍ରକାଶିତ ହୁଅନ୍ତି। ସେମାନେ ସମସ୍ତେ ଏକ ଓ ଅଭିନ୍ନ ବୋଲି ଚକ୍ରବର୍ତ୍ତୀ କହିଥିଲେ। କାର୍ଯ୍ୟକ୍ରମରେ ଡ. ଦେବେଶ୍ ପାତ୍ର, ଡ. ଉମେଶ ପାତ୍ର, ରଞ୍ଜନୀକାନ୍ତ ଦେ, ଶ୍ୟାମସୁନ୍ଦର ଦେଙ୍କ ସହିତ ରାଜ୍ୟରୁ ଅନେକ ଭକ୍ତ ଯୋଗଦେଇଥିଲେ।

## ଶିବଶଙ୍କର ସ୍ମାରକୀ କ୍ରିକେଟ: ନୂଆପାଟଣା ବିଜୟୀ

ଆଠଗଡ଼,୨୫।୧୨ (ସତ୍ୟ ପ୍ରସାଦ ରଥ)

ଷ୍ଟାର କ୍ରିକେଟ କ୍ଲବ ଆନୁକୂଲ୍ୟରେ ଆଠଗଡ଼ ଷ୍ଟାଡିୟମରେ ୨ୟ ଶିବଶଙ୍କର ସ୍ମାରକୀ କ୍ରିକେଟ୍ ଟୁର୍ନାମେଣ୍ଟର ୨ୟ ମ୍ୟାଚ ପୁରୁଣା ତିଗିରିଆ କ୍ରିକେଟ କ୍ଲବ ଓ ନୂଆପାଟଣା କ୍ରିକେଟ୍ କ୍ଲବ ମଧ୍ୟରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ନୂଆପାଟଣା ବିଜୟୀ ହୋଇ କ୍ୱାର୍ଟର ଫାଇନାଲରେ ପ୍ରବେଶ କରିଛି। ଟସ୍ ଜିତି ନୂଆପାଟଣା ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୨୦ ଓଭରରେ ୨୦୫ ରନ୍ ସଂଗ୍ରହ କରିଥିଲା। ଦଳ ପକ୍ଷରୁ ରାଜୀବ ଦାସ ୨୦ଟି ବଲରୁ ୬୧ ରନ୍ ସଂଗ୍ରହ କରିଥିଲେ। ଜବାବ୍‌ରେ ତିଗିରିଆ କ୍ଲବ ୧୮ ଓଭରରେ ସମସ୍ତ ଉଇକେଟ ହରାଇ ୧୭୦ ରନ କରି ପରାଜିତ ହୋଇଛି। ଉନ୍ନତ ପ୍ରଦର୍ଶନ କରି ନୂଆପାଟଣାର ଜଗଦୀଶ ଖଟୁଆ ମ୍ୟାନ ଅଫ୍ ଦି ମ୍ୟାଚ ବିବେଚିତ ହୋଇଛନ୍ତି। ଅମ୍ପାୟରଭାବେ ପର୍ଶୁରାମ ପ୍ରଧାନ,ଏମ୍‌ଡି ସୂରଜ ମ୍ୟାଚ ପରିଚାଳନା କରିଥିଲେ। ମୁଖ୍ୟ ଅତିଥିଭାବେ ସାମାଜିକ କର୍ମୀ ସଞ୍ଜୟ ମହାନ୍ତି ଯୋଗଦେଇ ଖେଳାଳିମାନଙ୍କୁ ପୁରସ୍କାର ବଣ୍ଟନ କରିଥିଲେ।

## ଓଲଟିଲା ଗୋଚାଲାଣ ଗାଡ଼ି: ୨ଗୋରୁ ମୃତ

ବାରଙ୍ଗ, ୨୫।୧୨(ଲିଙ୍ଗରାଜ ରାଉତ): ବାଙ୍କୀ ତ୍ରିଶୂଳିଆ ରାସ୍ତାର ଗୋଡିସାହି ହାଇସ୍କୁଲ ସମ୍ମୁଖରେରେ ଏକ ଗୋରୁ ଚାଲାଣ ପିକ୍‌ଅପ୍ ଭ୍ୟାନ୍ ଓଲଟି ପଡ଼ିଛି। ଫଳରେ ୨ ଗୋରୁଙ୍କ ମୃତ୍ୟୁ ଘଟି ୨ ଉଦ୍ଧାର କରାଯାଇଛି। ଆଉ ଏକ ଗୋରୁ ଘଟଣାସ୍ଥଳରୁ ଦୌଡ଼ି ପଳାଇ ଯାଇଛି। ଗୁରୁବାର ଭୋର ସମୟରେ ଏକ ପିକଅପ୍ ଭ୍ୟାନ(ଓଡି ୦୨ ଏଫ ୬୯୩୯)ଟି ଦୃତଗତିରେ ବାରଙ୍ଗ ପଟକୁ ଆସୁଥିଲା। ଏହି ସମୟରେ ଘନ କୁହୁଡ଼ି ଯୋଗୁ ଭାରସାମ୍ୟ ହରାଇ ଗାଡ଼ିଟି ଗୋଡିସାହି ହାଇସ୍କୁଲ ସମ୍ମୁଖ ରାସ୍ତା ଉପରେ ଓଲଟି ପଡ଼ିଥିବା ଆଶଙ୍କା କରାଯାଉଛି। ଦୁର୍ଘଟଣା ପରେ ଚାଲକ ସମେତ ଅନ୍ୟ ଗୋରୁ ମାଫିଆମାନେ ଫେରାର ହୋଇଯାଇଛନ୍ତି। ସ୍ଥାନୀୟ ଲୋକମାନେ ଘଟଣାସ୍ଥଳରେ ପହଞ୍ଚିବା ବେଳକୁ ଗାଡି ଆଗରେ ପରିବା ଝୁଡ଼ି ଓ ପଛପଟେ ୫ଟି ଗୋରୁ ରହିଥିବାର ଦେଖିବାକୁ ପାଇଥିଲେ। ସେଥିମଧ୍ୟରୁ ୨ଟି ଗୋରୁଙ୍କୁ ଉଧାର କରି ଅଗ୍ନିଶମ ବାହିନୀ ଓ ବାରଙ୍ଗ ଥାନା ପୁଲିସକୁ ସୂଚନା ଦେଇଥିଲେ। ପୋଲିସ ପହଞ୍ଚି ଉଦ୍ଧାର ଗାଈକୁ ସ୍ଥାନୀୟ ଗୋଶାଳାରେ ଛାଡି ଦେଇଛନ୍ତି।

## ପୂର୍ବତନ ବିଧାୟକଙ୍କ ଜୟନ୍ତୀ

ବାଙ୍କୀ,୨୫।୧୨(ଜ୍ଞାନେନ୍ଦ୍ର ମୋହନ ମିଶ୍ର): ବାଙ୍କୀ ସହରସ୍ଥ କଳା, ସାହିତ୍ୟ ଓ ସଂସ୍କୃତି ପରିଷଦ ଆନୁକୂଲ୍ୟରେ ପରିଷଦର ସଭାପତି ତଥା ପୂର୍ବତନ ବିଧାୟକ ପ୍ରଭାତ କୁମାର ତ୍ରିପାଠୀଙ୍କ ୭୩ତମ ଜୟନ୍ତୀ ପରିଷଦ ପରିସରରେ ଗୁରୁବାର ପାଳିତ ହୋଇଯାଇଛି। ଏହି ଅବସରରେ ବିଜୟ କୁମାର ଦୀକ୍ଷିତଙ୍କ ପରିଚାଳନାରେ ସ୍ୱାଗତ ସଙ୍ଗୀତ ଗାନ କରାଯାଇଥିଲା। ପରିଷଦ ଉପସଭାପତି ପ୍ରାଧାପକ ମନୋଜ ମହାପାତ୍ର ସଭାପତିତ୍ୱ କରିବା ସହ ସ୍ୱାଗତ ଭାଷଣ ଦେଇଥିଲେ। ମୁଖ୍ୟ ଅତିଥିଭାବେ ନଗରପାଳିକା ମାଣିକ ସାହୁ, ସମ୍ମାନିତ ଅତିଥିଭାବେ ମିନତୀ ମହାପାତ୍ର, ଆଶିଷ ସାହୁ ପ୍ରମୁଖ ଯୋଗଦେଇ ତ୍ରିପାଠୀଙ୍କ ଦ୍ୱାରା କରାଯାଇଥିବା ଜନହିତକର କାର୍ଯ୍ୟକ୍ରମ ସମ୍ପର୍କରେ ଆଲୋକପାତ କରିଥିଲେ।









# ନିମାପଡ଼ା ମହୋତ୍ସବ ସ୍ୱାଭିମାନର ପ୍ରତୀକ

ନିମାପଡ଼ା,୨୫।୧୨(ବିଚିତ୍ରାନନ୍ଦ ସାହୁ)

ନିମାପଡ଼ା ମହୋତ୍ସବ କମିଟି, ସ୍ୱେଚ୍ଛାସେବୀ ସଂଗଠନ ହେଲ୍ପ ଲାଇନ, ବ୍ଲକ କଳାସଂସ୍କୃତି ସଂଘ ପକ୍ଷରୁ ୨୫ତମ ନିମାପଡ଼ା ମହୋତ୍ସବ ସ୍ଥାନୀୟ ମୁକ୍ତାକାଶ ମଞ୍ଚରେ ଗୁରୁବାର ଉଦ୍‌ଘାଟିତ ହୋଇଯାଇଛି। ଉଦ୍‌ଘାଟନୀ ସମାରୋହରେ ମୁଖ୍ୟ ଅତିଥି ଭାବେ ନିମାପଡ଼ା ମହୋତ୍ସବ କମିଟି ସଭାପତି ତଥା ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ଯୋଗଦେଇ ନିମାପଡ଼ା ମହୋତ୍ସବ ସ୍ୱାଭିମାନର ପ୍ରତୀକ ବୋଲି କହିଛନ୍ତି। ସମ୍ମାନିତ ଅତିଥି ଭାବେ ବାଣିଜ୍ୟ ଓ ପରିବହନ ମନ୍ତ୍ରୀ ବିଭୁତି ଭୂଷଣ ଜେନା, ଏନ୍‌ଏସି ଅଧ୍ୟକ୍ଷା ସସ୍ମିତା ସାହୁ, ବିଶିଷ୍ଟ ଶିକ୍ଷାବିତ୍ ଅନ୍ୱେଷ ଦାସ, ନିମାପଡ଼ା ମହୋତ୍ସବ କମିଟିର ସମ୍ପାଦକ ନିଗମାନନ୍ଦ ସାହୁ, ଆବାହକ ଡ. ଅଭିଜିତ ଷଡ଼ଙ୍ଗୀ, ହେଲ୍ପ ଲାଇନର ସଭାପତି ଅକ୍ଷୟ କୁମାର ସାହୁ ପ୍ରମୁଖ ଉପସ୍ଥିତ ଥିଲେ। ଏହି ମହୋତ୍ସବ ଚଳିତ ବର୍ଷ ୨୫ବର୍ଷରେ ପଦାର୍ପଣ କରି ରୌପ୍ୟଜୟନ୍ତୀ ପାଳନ କରିଛି। ଅତିଥିମାନେ ମହୋତ୍ସବର ମୁଖପତ୍ର 'ସମୃଦ୍ଧି ପଥେ ନିମାପଡ଼ା'କୁ ଉନ୍ମୋଚନ କରିଥିଲେ। ଶିକ୍ଷା, କ୍ରୀଡ଼ା, ସମାଜ ସେବା କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ୭ଜଣ କୃତୀ ପ୍ରତିଭାଙ୍କୁ ମାନପତ୍ର ଓ ଉତ୍ତରୀୟ ଦେଇ ଅତିଥିମାନେ ସମ୍ବର୍ଦ୍ଧିତ କରିଥିଲେ।

ଉଦ୍‌ଘାଟନୀ ସନ୍ଧ୍ୟାରେ ଆୟୋଜିତ ସାଂସ୍କୃତିକ କାର୍ଯ୍ୟକ୍ରମରେ କଲିକତାର ସାୟନି ଚକ୍ରବର୍ତ୍ତୀ ଧ୍ରୁବା ଇନ୍‌ଷ୍ଟିଚ୍ୟୁଟ ପକ୍ଷରୁ ଆକର୍ଷଣୀୟ ଭାରତନାଟ୍ୟମ ନୃତ୍ୟ, ନିମାପଡ଼ା ନୃତ୍ୟାଳୟ ଡ୍ୟାନ୍ସ ଏକାଡେମୀ ପକ୍ଷରୁ ଚିତ୍ତାକର୍ଷକ ଓଡ଼ିଶୀ ନୃତ୍ୟ, ଡ୍ୟାନ୍ସ ଡ୍ରାମା, ଓଡ଼ିଶା ସରକାରଙ୍କ ସଂସ୍କୃତି ବିଭାଗ କୋଟପାଡ଼ କଳାବିକାଶ କେନ୍ଦ୍ରର କଳାକାରଙ୍କ ପକ୍ଷରୁ ଢେମସା ନୃତ୍ୟ, ଭୁବନେଶ୍ୱର ଏନ୍ ଏମ୍ ଗ୍ରୁପର କ୍ରିଏଟିଭ ନୃତ୍ୟ, ନିମାପଡ଼ା ନଟରାଜ ଡ୍ୟାନ୍ସ ଏକାଡେମୀର କଳାକାରଙ୍କ ଦ୍ୱାରା କ୍ରିଏଟିଭ୍ ନୃତ୍ୟ ପରିବେଷିତ ହୋଇଥିଲା। ମହୋତ୍ସବ ନିକଟରେ ଅନ୍ତର୍ଜାତୀୟ ବାଲୁକା ଶିଳ୍ପୀ ନାରାୟଣ ପ୍ରସାଦ ବେହେରାଙ୍କ ବାଲୁକାକଳା ଅଯୋଧ୍ୟାରେ ରାମମନ୍ଦିର ଆର୍ଟ ଦର୍ଶକଙ୍କୁ ମନ୍ତ୍ରମୁଗ୍ଧ କରିଥିଲା। ମହୋତ୍ସବସ୍ଥଳରେ ଜିଲା ଓରମାସ ପକ୍ଷରୁ ଆୟୋଜିତ ପଲ୍ଲିଶ୍ରୀ ମେଳା ଓ ଇନ୍‌ଡୋର ଷ୍ଟାଡିୟମ ଠାରେ ଆୟୋଜିତ ମୀନାବଜାର ଠାରେ ଦର୍ଶକଙ୍କର ପ୍ରବଳ ଭିଡ଼ ଜମିଥିଲା। ଏହି ମହୋତ୍ସବ ପରିପ୍ରେକ୍ଷୀରେ ନିମାପଡ଼ା ଏନ୍‌ଏସି ପକ୍ଷରୁ ଏକ ବିଶାଳ ସ୍ୱଚ୍ଛତା ଅଭିଯାନ ଶୋଭାଯାତ୍ରା ଓ ପଥ ଉତ୍ସବ ଅନୁଷ୍ଠିତ ହୋଇଥିଲା।



ମଞ୍ଚାସୀନ ଅତିଥିମାନେ ମହୋତ୍ସବର ମୁଖପତ୍ର ଉନ୍ମୋଚନ କରୁଛନ୍ତି।

# ଉଚ୍ଛେଦ ପାଇଁ ତହସିଲଦାରଙ୍କୁ ଚିଠି ଲେଖିଲେ ଥାନାଧିକାରୀ

## ଥାନା ଜମିରୁ ପାଚେରି ଭଙ୍ଗା, ଜବରଦଖଲ ଘଟଣା

ଗୋପ,୨୫।୧୨(ଭାରତୀ ଭୂଷଣ ଉପାଧ୍ୟାୟ)

ବୁଧବାର ଗୋପ ବ୍ଲକ ପ୍ରଶାସନ ପକ୍ଷରୁ ଗୋପ ବଜାର ମଧ୍ୟ ଭାଗରେ ଥିବା ଥାନା ଜମିର ପାଚେରିକୁ ବେଆଇନ ଭାବେ ଭାଙ୍ଗିବା ପରେ ଗୁରୁବାର ଗୋପ ଥାନାଧିକାରୀ ପ୍ରଶାନ୍ତ କୁମାର ପଢ଼ିହାରି ଥାନା ଜମିରେ ବେଆଇନ ଜବରଦଖଲ ଉଚ୍ଛେଦ ଲାଗି ଚିଠି ଲେଖଥିବା ଜଣାପଡ଼ିଛି।

ପ୍ରକାଶ ଯେ, ଦୀର୍ଘବର୍ଷ ହେବ ଅର୍ଥାତ୍ ଜମିଦାରୀ ଅମଳରୁ ଗୋପ ମୁଖ୍ୟ ବଜାର କଡ଼ରେ ଓ ଗୋପ ଥାନା ନିକଟରେ ଥାନା ନାମରେ କିଛି ଜମି ରହିଛି। ମୁଖ୍ୟ ବଜାର କଡ଼ରେ ଥିବା ଥାନା ଜମିକୁ ପୋଲିସ ହାଉସିଂ କର୍ପୋରେଶନ ପକ୍ଷରୁ ମଧ୍ୟ ଲକ୍ଷାଧିକ ଟଙ୍କା ଖର୍ଚ୍ଚ କରାଯାଇ ପାଚେରି କରାଯାଇଛି। ୨୦୧୮ ମସିହାରେ ଗୋପ ବଜାର ଉଚ୍ଛେଦ ହେବା ପରେ ପୂର୍ବତନ ମନ୍ତ୍ରୀ ତଥା ଭାଜପା ରାଜ୍ୟ ମୁଖପାତ୍ର ସମୀର ରଞ୍ଜନ ଦାଶଙ୍କ ସହଯୋଗରେ ଏହି ଥାନା ଜମିରେ କେତେଜଣ ବ୍ୟବସାୟୀ ପେଟପାଟଣା ପାଇଁ ବ୍ୟବସାୟ କରୁଥିଲେ। ଗୋପ ବ୍ଲକ ପ୍ରଶାସନ ପକ୍ଷରୁ ଥାନାକୁ ଅବଗତ କରା ନ ଯାଇ ବୁଧବାର ଅପରାହ୍ନରେ ବୁଲଡୋଜର ଲଗାଇ ହାଟ ହେବା ଲାଗି ନିର୍ମାଣ ହୋଇଥିବା ପାଚେରିକୁ ଭାଙ୍ଗିଥିଲା। ଥାନାଧିକାରୀ ପ୍ରଶାନ୍ତ କୁମାର ପଢ଼ିହାରି ଏହି ପାଚେରି ଭାଙ୍ଗିବା ଖବର ପାଇବା ପରେ ବୁଧବାର ସନ୍ଧ୍ୟାରେ ଘଟଣାସ୍ଥଳରେ ପହଞ୍ଚି ପାଚେରି କାହିଁକି ଭାଙ୍ଗିଲ, କାହିଁକି ଆମକୁ ସୂଚନା ଦେଇନାହଁ ବୋଲି ବିଡିଓ ଓ ତହସିଲ୍‌ଦାରଙ୍କୁ ପ୍ରଶ୍ନ କରିଥିଲେ। ଗୋପ ଥାନା ନାମରେ ରହିଥିବା ଜମିର ଖାତା ୧୮୮୬, ପ୍ଲଟ୍ ନମ୍ବର ୩୪୬୬, ୩୪୬୭, ୩୪୬୮ ଓ ୩୪୬୯ରୁ ତୁରନ୍ତ ବେଆଇନ ଭାବେ ଜବରଦଖଲରେ ଥିବା ସମ୍ପୃକ୍ତ ଦୋକାନୀମାନଙ୍କୁ ଉଚ୍ଛେଦ କରିବା ପାଇଁ ଗୁରୁବାର ଥାନାଧିକାରୀ ଗୋପ ତହସିଲ କାର୍ଯ୍ୟାଳୟକୁ ଥାନା ଚିଠି ନମ୍ବର ଡିଆର୍-୩୬୧୮ରେ ଚିଠି କରିଥିବା ଜଣାପଡ଼ିଛି। ଏହି ଉଚ୍ଛେଦ ପାଇଁ ଚିଠି ଲେଖିବା ପରେ ଗୁରୁବାର ସନ୍ଧ୍ୟାରେ ବେଆଇନ ଭାବେ ଦୋକାନ କରି ଭଡ଼ା ଦେଇଥିବା ୧୦ରୁ ଉର୍ଦ୍ଧ୍ୱ ଦୋକାନରେ ତାଲା ପକାଇ ଥିବା ଜଣାପଡ଼ିଛି। ଏହି ଅଭିଯୋଗ ସମ୍ପର୍କରେ ଗୋପ ଥାନାଧିକାରୀ ପ୍ରଶାନ୍ତ କୁମାର ପଢ଼ିହାରୀଙ୍କୁ ପଚାରିବାରେ ଥାନା ଜମିରୁ ପାଚେରି ଭାଙ୍ଗିବା ପରେ ଏପରି ପଦକ୍ଷେପ ନିଆଯାଇଛି, ଖୁବ୍‌ଶୀଘ୍ର ଉଚ୍ଛେଦ କରାଯିବ ବୋଲି କହିଛନ୍ତି।

# ଖଲିକୋଟ୍ ପୋଲିସ ହାତରେ ଧରାପଡ଼ିଲା ଠକ

## କଣାସ ଅଞ୍ଚଳରେ ଅଭିନବ ଉପାୟରେ ଠକେଇ

କଣାସ,୨୫।୧୨(ବିଭୂତି ଭୂଷଣ ତ୍ରିପାଠୀ)

ଦିନକୁ ଦିନ ସମାଜ ଆଧୁନିକ ଆଡ଼କୁ ଆଗେଇ ଥିବାବେଳେ ସଚେତନତା ଅଭାବରୁ ଗାଁ ଗହଳିର ମହିଳାମାନେ ସରଳ ବିଶ୍ୱାସୀ ହୋଇ ଠକମାନଙ୍କ ହାବୁଡ଼ରେ ବାରମ୍ବାର ଶିକାର ହେଉଛନ୍ତି। କଣାସ ବ୍ଲକ ଗଡ଼ିଶାଗୋଦା ଥାନା ପରିସରଭୁକ୍ତ ସାହୁପଡ଼ା ପଞ୍ଚାୟତ ବାଲିପଡ଼ା ଗ୍ରାମର ସୁଲୋଚନା ବେହେରା ଏକ ଠକ ହାବୁଡ଼ରେ ପଡ଼ି ମଙ୍ଗଳସୂତ୍ର, ସୁନାଚେନ୍, ଛୋଟଛୁଆଙ୍କ ସୁନା ଲକେଟ୍ ହରାଇ ଗଡିଶାଗୋଦା ଥାନାର ଦ୍ୱାରସ୍ଥ ହୋଇଥିଲେ।

ସୁଲୋଚନାଙ୍କ ଅଭିଯୋଗରୁ ପ୍ରକାଶ ଯେ, ଜଣେ ଯୁବକ ୨୨ ତାରିଖ ଦିନ ମଧ୍ୟାହ୍ନ ସମୟରେ ଆସି ତାଙ୍କର ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ଗୃହ ନିର୍ମାଣ ପାଇଁ ୪ଲକ୍ଷ ୫୦ହଜାର ଟଙ୍କା ମଞ୍ଜୁର ହୋଇଥିବା ଏକ ଭାରତୀୟ ଷ୍ଟେଟବ୍ୟାଙ୍କର ବ୍ଲାଙ୍କଚେକ୍ ଦେଖାଇଥିଲେ। ଦେଖାଇବା ସହିତ ତାଙ୍କୁ ତାଙ୍କ ଆକାଉଣ୍ଟରେ ଟଙ୍କା ନ ଥିବାରୁ ଚେକ୍ ପାସ୍ ହୋଇପାରିବନି ବୋଲି କହିବା ସହିତ ଟଙ୍କା ମାଗିଥିଲେ। ମହିଳା ଜଣଙ୍କ ପାଖରେ ଟଙ୍କା ନ ଥିବା କହିବାରୁ କ'ଣ ସୁନା ଜିନିଷ ଅଛି ଦିଅ ବୋଲି କହିଥିଲେ। ମହିଳା ମଙ୍ଗଳସୂତ୍ର ଦେବାରୁ ଏତିକି ହେବନାହିଁ, ଆଉଦିଅ କହିବାରୁ ମହିଳା ଜଣଙ୍କ ପିଲାଙ୍କ ସୁନାଚେନ୍ ଓ ସୁନାଲକେଟ୍ ଦେବାପରେ ଯୁବକ ଜଣଙ୍କ ବ୍ୟାଙ୍କ ପାଖକୁ ଆସବୋଲି କହି ଚମ୍ପଟ୍ ମାରିଥିଲେ। ମହିଳା ଜଣଙ୍କ ବ୍ୟାଙ୍କ ଯାଇ ଦେଖନ୍ତି ତ ଯୁବକ ଜଣକ ନାହାନ୍ତି। ବହୁ ଖୋଜାଖୋଜି ପରେ ଯୁବକଙ୍କୁ ନ ପାଇବାରୁ ସୁଲୋଚନା ବେହେରା ଗଡ଼ିଶାଗୋଦା ଥାନାରେ ଏକ ଲିଖିତ ଅଭିଯୋଗ କରିଥିଲେ। ଅଭିଯୋଗପାଇ ଗଡ଼ିଶାଗୋଦା ଥାନାଧିକାରୀ ସୁଧିର କୁମାର ଦାସ କେସ୍ ନଂ-୨୦୭/୨୫ରେ ଏକ ଠକେଇ ମୋକଦ୍ଦମା ରୁଜ କରିଥିବା ବେଳେ ଆଜି ବିଭିନ୍ନ ଗଣମାଧ୍ୟମରେ ଜଣେ ଯୁବକ ଖଲ୍ଲିକୋଟ ଅଞ୍ଚଳରୁ ଠକେଇ କରିଥିବା ଅଭିଯୋଗରେ ଖଲିକୋଟ ପୋଲିସ୍ ଉକ୍ତ ଯୁବକଙ୍କୁ ଧରିଥିଲେ। ସୁଲୋଚନା ଗଣମାଧ୍ୟମରୁ ଜାଣିବା ପରେ ଗଡ଼ିଶାଗୋଦା ଥାନା ଅଧିକାରୀଙ୍କୁ ଜଣାଇବାରୁ ଥାନାଧିକାରୀ ଉକ୍ତ ଯୁବକର ଫଟୋ ଖଲିକୋଟ ଥାନାରୁ ମଗାଇବାରୁ ସୁଲୋଚନା ଉକ୍ତ ଯୁବକଙ୍କୁ ଚିହ୍ନଟ କରିଥିଲେ। ଖଲିକୋଟ ଥାନାଧିକାରୀ ଉକ୍ତ ଯୁବକଙ୍କୁ ଗିରଫ କରି କୋର୍ଟଚାଲାଣ କରିଥିବାରୁ ଗଡ଼ିଶାଗୋଦା ଥାନାଧିକାରୀ ଉକ୍ତ ଯୁବକଙ୍କୁ କୋର୍ଟରୁ ରିମାଣ୍ଡରରେ ଆଣି ତଦନ୍ତ କରିବେ ବୋଲି କହିଛନ୍ତି।




୩୦ ତମ ଗୋପାଳଜୀଉ କ୍ରିକେଟ୍

# ସେମିଫାଇନାଲରେ ଆଦିତ୍ୟ ଏକାଡେମୀ

ଗୋପ,୨୫।୧୨
(ଭାରତୀ ଭୂଷଣ ଉପାଧ୍ୟାୟ)

ଗୋପ ବ୍ଲକ ଅନ୍ତର୍ଗତ ଗଣେଶ୍ୱର ହାଇସ୍କୁଲ ଖେଳପଡ଼ିଆରେ ୩୦ତମ ଗୋପାଳଜୀଉ କ୍ରିକେଟ ଟୁର୍ନାମେଣ୍ଟ ଗୁରୁବାର ଉଦ୍‌ଘାଟିତ ହୋଇଛି। ଏହି ଟୁର୍ନାମେଣ୍ଟକୁ ଗୋପ ବ୍ଲକ ଅଧ୍ୟକ୍ଷା ଝୁନୁ ମଲ୍ଲିକ ଉଦ୍‌ଘାଟନ କରିଥିବା ବେଳେ ଅତିଥି ଭାବେ ଶିକ୍ଷାବିତ୍ ପୂର୍ଣ୍ଣଚନ୍ଦ୍ର ଦାଶ ଉପସ୍ଥିତ ଥିଲେ। ପ୍ରଥମ କ୍ୱାର୍ଟର ଫାଇନାଲ ମ୍ୟାଚ୍‌ରେ ଟସ ଜିତି ଭୁବନେଶ୍ୱରର କିଶୋର ସ୍ପୋର୍ଟିଂ ନିର୍ଦ୍ଧାରିତ ୨୦ ଓଭରରେ ୭ ଉଇକେଟ ହରାଇ ଆୟୁସଜିତ୍ ମହାନ୍ତିଙ୍କ ୫୭ ରନ ଓ ପ୍ରତ୍ୟୁଷ ନାୟକଙ୍କ ୩୬ ରନ ବଳରେ ଦଳ ୧୪୪ ରନ୍ କରିଥିଲା। ଏହାର ଜବାବରେ ଭୁବନେଶ୍ୱରର ଆଦିତ୍ୟ ଏକାଡେମୀ ସ୍ପୋର୍ଟ୍ସ ୧୬.୩ ଓଭର ଖେଳି ୫ ଉଇକେଟ ହରାଇ ଆବଶ୍ୟକୀୟ ୧୪୫ ରନ କରି ବିଜୟୀ ହୋଇ ସେମିଫାଇନାଲ ଖେଳିବାକୁ ଯୋଗ୍ୟ ବିବେଚିତ ହୋଇଥିଲା। ମ୍ୟାଚ୍‌କୁ ଦେବେନ୍ଦ୍ର ନାଥ ମିଶ୍ର, ରଶ୍ମିକାନ୍ତ ଦାସ ପରିଚାଳନା କରିଥିବା ବେଳେ ଶୁକ୍ରବାର କଟକର ନିମପୁର ସ୍ପୋର୍ଟସ ଓ ପୁରୀ ଏକାଦଶ କ୍ଲବ ମଧ୍ୟରେ ଅନୁଷ୍ଠିତ ହେବ ବୋଲି ଜଣାପଡ଼ିଛି।



# ସ୍ତ୍ରୀଙ୍କୁ ଟାଙ୍ଗିଆରେ ହାଣି ହତ୍ୟା

## ମୃତଦେହ ନେଇ ପଳାଇ ଯାଉଥିବାବେଳେ ଧରାପଡ଼ିଲେ

ଦେଓଗାଁ,୨୫ା୧୨(କୃଷ୍ଣ ପ୍ରସାଦ ପାଣିଗ୍ରାହୀ)

ବଲାଙ୍ଗୀର ଜିଲା ଦେଓଗାଁ ଥାନା ବନ୍ଧପଡ଼ା ଫାଣ୍ଡିଅନ୍ତର୍ଗତ ଜୁର୍ଲାକାନୀ ଗ୍ରାମରେ ବୁଧବାର ବିଳମ୍ବିତ ରାତିରେ ସ୍ତ୍ରୀଙ୍କୁ ଟାଙ୍ଗିଆରେ ହାଣି ହତ୍ୟା କରିଛନ୍ତି ଜଣେ ଯୁବକ। ମୃତା ମହିଳା ହେଲେ ତପ ମଲ୍ଲିକ (୩୧)। ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରିଛି। ତପଙ୍କୁ ହତ୍ୟା କରାଯାଇଥିବାନେଇ ତାଙ୍କ ବାପା ଦେଓଗାଁ ଥାନାରେ ଅଭିଯୋଗ କରିବା ପରେ ପୋଲିସ ଏକ ହତ୍ୟା ମାମଲା(ନଂ.୪୧୫/୨୫) ରୁଜୁ କରିଛି। ଅଭିଯୁକ୍ତଙ୍କୁ ଅଟକ ରଖାଯାଇଛି। ହତ୍ୟାକାଣ୍ଡର କାରଣ ଅସ୍ପଷ୍ଟ ରହିଥିବାବେଳେ ପାରିବାରିକ କଳହକୁ କେନ୍ଦ୍ରକରି ହତ୍ୟାକାଣ୍ଡ ଘଟିଥିବା ଅନୁମାନ କରାଯାଉଛି ବୋଲି ତଦନ୍ତ ଦାୟିତ୍ୱରେ ଥିବା ବନ୍ଧପଡ଼ା ଫାଣ୍ଡି ଅଧିକାରୀ ମଳୟ ପଣ୍ଡା ସୂଚନା ଦେଇଛନ୍ତି।

ସୂଚନା ଅନୁଯାୟୀ, ବୁଧବାର ବିଳମ୍ବିତ ରାତିରେ ଜୁର୍ଲାକାନୀ ଗ୍ରାମର ମହାଦେବ ମଲ୍ଲିକ କୌଣସି କାରଣକୁ ନେଇ ସ୍ତ୍ରୀ ତପଙ୍କୁ ଟାଙ୍ଗିଆରେ ହାଣି ହତ୍ୟା କରିଥିଲେ। ପରେ ମୃତଦେହକୁ ନେଇ ପଳାଇ ଯାଉଥିବାବେଳେ ଗ୍ରାମବାସୀଙ୍କ ହାବୁଡ଼ରେ ପଡିଯାଇଥିଲେ। ଗ୍ରାମର ଲୋକମାନେ ମହାଦେବଙ୍କୁ କାବୁକରି ଏକ ଖୁଣ୍ଟରେ ବାନ୍ଧି ମାଡ଼ ମାରିବା ସହ ପୋଲିସକୁ ଖବର ଦେଇଥିଲେ। ପୋଲିସ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ବଲାଙ୍ଗୀର ପଠାଇବା ସହ ଅଭିଯୁକ୍ତଙ୍କୁ ଉଦ୍ଧାର କରି ଚିକିତ୍ସା ପାଇଁ ଭୀମଭୋଇ ମେଡିକାଲକୁ ପଠାଇଥିଲା। ସେଠାରେ ଚିକିତ୍ସା ଚାଲିଥିବାବେଳେ ସୁସ୍ଥହେବା ପରେ ତାଙ୍କୁ କୋର୍ଟ ଚାଲାଣ କରାଯିବ ବୋଲି ପୋଲିସ ସୂଚନା ଦେଇଛି। ଗୁରୁବାର ସକାଳେ ବଲାଙ୍ଗୀରରୁ ସାଇଣ୍ଟିଫିକ ଟିମ୍ ଘଟଣାସ୍ଥଳରେ ପହଞ୍ଚି ହତ୍ୟାକାଣ୍ଡରେ ବ୍ୟବହୃତ ଟାଙ୍ଗିଆକୁ ଜବତ କରିବା ସହ ସରଜମିନ ତଦନ୍ତ କରିଥିଲେ। ଅଭିଯୁକ୍ତଙ୍କ ବଡ଼ଭାଇ ଉଦ୍ଧବ କହିଛନ୍ତି, ମହାଦେବ ଘରଜ୍ୱାଇଁ ଭାବେ କଳାହାଣ୍ଡି ଜିଲା ମଦନପୁର ରାମପୁର ଥାନା ଅନ୍ତର୍ଗତ କୁନ୍ଦେଇପାଲି ଗ୍ରାମରେ ସ୍ତ୍ରୀ ଏବଂ ଏକ ଶିଶୁପୁତ୍ର ସହ ରହୁଥିଲେ। ମହାଦେବ ମାନସିକ ବିକାରଗ୍ରସ୍ତ ଥିବାରୁ ମଝିରେ ମଝିରେ ଜୁର୍ଲାକାନୀରେ ଥିବା ନିଜ ଘରେ ମଧ୍ୟ ରହୁଥିଲେ। କିଛିଦିନ ହେଲା ସେ ନିଜ ଘରେ ରହୁଥିବାବେଳେ ତାଙ୍କୁ ଚିକିତ୍ସା କରାଇବା ପାଇଁ ସ୍ତ୍ରୀ ଓ ଶ୍ୱଶୁର ମଧ୍ୟ ଏଠାକୁ ଆସିଥିଲେ। ବୁଧବାର ରାତିରେ କୌଣସି କାରଣରୁ ବନ୍ଦ କୋଠରି ମଧ୍ୟରେ ସ୍ତ୍ରୀଙ୍କୁ ଟାଙ୍ଗିଆରେ ହାଣି ହତ୍ୟା କରିବା ପରେ ମୃତଦେହ ନେଇ ଫେରାର ହୋଇଯାଉଥିଲେ। ହେଲେ ଗ୍ରାମବାସୀ ତାଙ୍କୁ କାବୁ କରିଥିବା ଉଦ୍ଧବ କହିଛନ୍ତି।



ଘଟଣାସ୍ଥଳରେ ପୋଲିସ ସାଇଣ୍ଟିଫିକ୍ ଟିମ୍ ସହାୟତାରେ ତଦନ୍ତ କରୁଛି।

# ପୁଣେରୁ ମାଷ୍ଟରମାଇଣ୍ଡଙ୍କୁ ଗିରଫକଲା ଇଓଡବ୍ଲ୍ୟୁ

## ପୋଲିସ ଚାକିରି ନାଁରେ ୧.୪୭ କୋଟି ଠକେଇ ଘଟଣା

- ଗୃହ ବିଭାଗର ବଡ଼ ଅଧିକାରୀ ପରିଚୟ ଦେଇ ଲୁଟୁଥିଲେ
- ୩୮ ଆଶାୟୀ ଫସିଥିଲେ, ପୂର୍ବରୁ ଗିରଫ ହୋଇଛନ୍ତି ୩

ଭୁବନେଶ୍ୱର,୨୫ା୧୨ (ସତ୍ୟଜିତ ରାଉତ)

ପୋଲିସ ଚାକିରି କରାଇଦେବାକୁ କହି ୧.୪୭ କୋଟି ଠକେଇ ଘଟଣାରେ କ୍ରାଇମବ୍ରାଞ୍ଚର ଅର୍ଥନୈତିକ ଅପରାଧ ଶାଖା (ଇଓଡବ୍ଲ୍ୟୁ) ମାଷ୍ଟରମାଇଣ୍ଡଙ୍କୁ ପୁଣେରୁ ଗିରଫ କରିଛି। ସେ ହେଲେ ମଞ୍ଚେଶ୍ୱର ଥାନା ଅଞ୍ଚଳରେ ରହୁଥିବା କାଳନ୍ଦୀ ରାଉତ ଓରଫ କୁନାଳ ଓରଫ କାଲିଆ। ପୁଣେରୁ ଗିରଫ ପରେ ଇଓଡବ୍ଲ୍ୟୁ ତାଙ୍କୁ ସ୍ଥାନୀୟ କୋର୍ଟରେ ହାଜର କରିଥିଲା। ପରେ ତାଙ୍କୁ ଟ୍ରାଞ୍ଜିଟ୍ ରିମାଣ୍ଡରେ ଓଡ଼ିଶା ଅଣାଯାଇ ଗୁରୁବାର କଟକ ଓପିଆଇଡି କୋର୍ଟକୁ ଚାଲାଣ କରାଯାଇଥିଲା। ଜାମିନ ନାମଞ୍ଜୁର ପରେ ଅଭିଯୁକ୍ତ କାଳନ୍ଦୀଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ଏହି ମାମଲାରେ ପୂର୍ବରୁ ସହଯୋଗୀ ବୈକୁଣ୍ଠନାଥ ନାୟକ, ଭୀମ୍‌ସେନ୍ ମହାରଣା ଓ ଅନ୍ୟ ଜଣେ ଅଭିଯୁକ୍ତଙ୍କୁ ଗିରଫ କରାଯାଇଥିବା ବେଳେ କାଳନ୍ଦୀ ଇଓଡବ୍ଲ୍ୟୁକୁ ଚକ୍‌ମା ଦେଇ ଫେରାର ହୋଇଯାଇଥିଲେ।

ସୂଚନା ଅନୁଯାୟୀ, ୨୦୧୩ରେ ଓଡ଼ିଶା ଷ୍ଟାଫ୍ ସିଲେକ୍ସନ୍ କମିଶନ ପକ୍ଷରୁ ସବ୍ ଇନ୍ସପେକ୍ଟର, ଡେପୁଟି ସୁବେଦାର ଆଦି ପଦବୀରେ ନିଯୁକ୍ତି ପାଇଁ ବିଜ୍ଞାପନ ପ୍ରକାଶ ପାଇଥିଲା। ୨୦୧୫ରୁ ୨୦୧୬ ମଧ୍ୟରେ ପ୍ରିଲିମିନାରି, ମେନ୍, ଫିଜିକାଲ୍ ଓ ଭାଇଭା ଆଦି ପରୀକ୍ଷା ହୋଇଥିଲା। ଆଶାୟୀ ବାଦଲ କୁମାର ରାଉଲଙ୍କ ସମେତ ୩୮ଜଣ ପରୀକ୍ଷାର ସମସ୍ତ ସୋପାନ ଅତିକ୍ରମ କରିଥିଲେ ମଧ୍ୟ ଭାଇଭାରେ ଅସଫଳ ହୋଇଥିଲେ। ତେବେ ଅଭିଯୁକ୍ତମାନେ ନିଜକୁ ଗୃହ ବିଭାଗର ଏଏସ୍ଓ ଏବଂ ବଡ଼ ଅଧିକାରୀ ପରିଚୟ ଦେଇ ସେମାନଙ୍କୁ ମିଛ କଥା କହି ଫସାଇଥିଲେ। ଏହାପରେ ଏକ ସପ୍ଲିମେଣ୍ଟାରି ତାଲିକା ବାହାରିବ ଏବଂ ସେଥିରେ ଏମାନଙ୍କ ନାଁ ରହିବ ବୋଲି ଆଶାୟୀଙ୍କ ମନରେ ବିଶ୍ୱାସ ଜନ୍ମାଇଥିଲେ। ଆହୁରି ମଧ୍ୟ ନକଲି ଆଇକାର୍ଡ ଆଦି ଦେଖାଇ ନେତା ମନ୍ତ୍ରୀଙ୍କ ସହ ଭଲ ସମ୍ପର୍କ ଥିବା ଆଶାୟୀମାନଙ୍କୁ କହି ଜାଲ ବିଛାଇଥିଲେ। ଆଶାୟୀମାନେ ଅଭିଯୁକ୍ତଙ୍କ କଥାରେ ପଡ଼ି ୨୦୨୦ରେ ବିଭିନ୍ନ ପର୍ଯ୍ୟାୟରେ ନଗଦ ଓ ଅନଲାଇନ୍ ମାଧ୍ୟରେ ମୋଟ୍ ୧ କୋଟି ୪୭ ଲକ୍ଷ ଟଙ୍କା ଦେଇଦେଇଥିଲେ। ତେବେ ଅଭିଯୁକ୍ତମାନେ ଟଙ୍କା ପାଇବା ପରେ ଆଉ ଧରାଛୁଆଁ ଦେଇ ନ ଥିଲେ। ଠକେଇର ଶିକାର ଆଶାୟୀମାନେ ଇଓଡବ୍ଲ୍ୟୁର ଦ୍ୱାରସ୍ଥ ହେବା ପରେ ୨୦୨୧ ନଭେମ୍ବର ୯ରେ ଏକ ମାମଲା (ନଂ.୧୫/୨୦୨୧) ରୁଜୁ କରାଯାଇ ତଦନ୍ତ ଆରମ୍ଭ ହୋଇଥିଲା। ୨ ଦିନ ପରେ ଅଭିଯୁକ୍ତ ବୈକୁଣ୍ଠନାଥ ଓ ଭୀମସେନ୍ ଏବଂ ପରେ ଅନ୍ୟ ଅଭିଯୁକ୍ତ ଜଣଙ୍କୁ ଗିରଫ କରିଥିଲା ଇଓଡବ୍ଲ୍ୟୁ।

# ୫ ବର୍ଷୀୟା ଶିଶୁଙ୍କୁ ବଳାତ୍କାର ଉଦ୍ୟମ, ଅଭିଯୁକ୍ତ ଫେରାର

ଭୋଗରାଇ,୨୫।୧୨(ପ୍ରଦୀପ ଦାସ)

ବାଲେଶ୍ୱର ଜିଲା ଭୋଗରାଇ ଥାନା ଅଞ୍ଚଳର ଜଣେ ୫ବର୍ଷୀୟା ଶିଶୁଙ୍କୁ ବଳାତ୍କାର ଉଦ୍ୟମ ହୋଇଛି। ପଡ଼ୋଶୀ ସମ୍ପର୍କୀୟ ଅଜା ପୀଡ଼ିତା ଶିଶୁଙ୍କୁ ପ୍ରଲୋଭନ ଦେଖାଇ ବଳାତ୍କାର କରିଥିବା ଥାନାରେ ଅଭିଯୋଗ ହୋଇଛି। ଅଭିଯୋଗକ୍ରମେ ପୋଲିସ ନାଇଦୋଳି ଗ୍ରାମର ସୁଧୀର ମଣ୍ଡଳଙ୍କ ନାମରେ ଏକ ମାମଲା(ନଂ. ୩୯୩/୨୫) ରୁଜୁ କରି ତଦନ୍ତ ଆରମ୍ଭ କରିଛି। ଏହି ଘଟଣା ପ୍ରଚାରିତ ହେବାପରେ ଅଭିଯୁକ୍ତ ଏବେ ଗାଁରୁ ପଳାଇଯାଇ ଅନ୍ୟ ସ୍ଥାନରେ ଆତ୍ମଗୋପନ କରିଥିବା ଜଣାପଡ଼ିଛି।

ପ୍ରକାଶ ଯେ, ସମ୍ପୃକ୍ତ ଶିଶୁ ପିଉସୀ ଘରକୁ ଯାଇ ଗତ ୧୮ତାରିଖ ସକାଳେ ଘରକୁ ଫେରିଥିଲେ। ସେହିଦିନ ଅପରାହ୍ନରେ ଅଭିଯୁକ୍ତ ଶିଶୁଙ୍କୁ ପ୍ରଲୋଭନ ଦେଖାଇ ଏକ କୁଣ୍ଡା ଦୋକାନ ଘରକୁ ନେଇ ବଳାତ୍କାର ଉଦ୍ୟମ କରିଥିଲେ। ଏହି ଘଟଣା ସମ୍ପର୍କରେ ଶିଶୁଟି ନିଜ ଜେଜେମା'ଙ୍କ ଆଗରେ କହିବାରୁ ଘରେ ସମସ୍ତେ ଶୁଣି ଗାଁଲୋକଙ୍କୁ ଜଣାଇଥିଲେ। ଗାଁରେ ଏହାକୁ ନେଇ ବୈଠକ କରାଯାଇଥିଲେ ମଧ୍ୟ ସମାଧାନର ବାଟ ଫିଟି ନ ବାହାରିବାରୁ ଶିଶୁଙ୍କ ମା' ନ୍ୟାୟ ପାଇଁ ଗୁରୁବାର ଏତଲା ଦେଇଛନ୍ତି। ଖୁବ୍‌ଶୀଘ୍ର ଅଭିଯୁକ୍ତଙ୍କୁ ଗିରଫ କରାଯିବ ବୋଲି ପୋଲିସ କହିଛି।

# ଚୋରି ରୋକିବାକୁ ଗନମ୍ୟାନ କରିଥିଲେ ଗୁଳି, ୫ ଗିରଫ

ଅନୁଗୋଳ,୨୫ା୧୨ (ଜ୍ୟୋତିରଞ୍ଜନ ସାହୁ)

ଅନୁଗୋଳ ଜିଲା ତାଳଚେର ଥାନା ୧୪୯ ନଂ. ଜାତୀୟ ରାଜପଥର ଲିଙ୍ଗରାକଟା ଗ୍ରାମ ନିକଟସ୍ଥ ନାଲ୍‌କୋ ପାଇପ୍‌ଲାଇନ ପାର୍ଶ୍ୱରୁ ବୁଧବାର ସକାଳେ ପୋଲିସ ୨ ମୃତଦେହ ଜବତ କରିବା ଘଟଣା ଉପରୁ ଗୁରୁବାର ପରଦା ହଟିଛି। ଇଲେକ୍ଟ୍ରିକ ଟାୱାର ସାମଗ୍ରୀ ଚୋରି ଉଦ୍ୟମ ରୋକିବାକୁ ସୁରକ୍ଷାରେ ନିଯୁକ୍ତ ଗନମ୍ୟାନ ଗୁଳି କରିବାରୁ ସମ୍ପୃକ୍ତ ୨ ଜଣଙ୍କ ମୃତ୍ୟୁ ଘଟିଥିଲା। ପୋଲିସ ଘଟଣାର ପର୍ଦ୍ଦାଫାସ କରିବା ସହ ଏହି ଘଟଣାରେ ଜଡ଼ିତ ୫ ଜଣଙ୍କୁ ଗିରଫ କରିଛି। ଏସ୍‌ପି ରାହୁଲ ଜୈନଙ୍କ ସୂଚନା ଅନୁସାରେ, ମଙ୍ଗଳବାର ମଧ୍ୟରାତ୍ରିରେ ୨୩ରୁ ଅଧିକ ଲୋକ ଏକ ଷ୍ଟକ୍‌ୟାର୍ଡରେ ରଖାଯାଇଥିବା ବିଦ୍ୟୁତ୍ ଟାୱାର ସାମଗ୍ରୀ ଚୋରି କରିବାକୁ ଉଦ୍ୟମ କରିଥିଲେ। ଏହି ସମୟରେ ରାତି ଡ୍ୟୁଟିରେ ଥିବା ସୁରକ୍ଷାକର୍ମୀମାନେ ସନ୍ଦେହଜନକ ଚଳାଚଳ ଦେଖି ଚେତାବନୀ ଦେଇଥିଲେ। ତଥାପି ଚୋରି ପାଇଁ ଆସିଥିବା ବ୍ୟକ୍ତିମାନେ ଆଗକୁ ବଢ଼ିବାରୁ ଗନ୍‌ମ୍ୟାନ ୧୨ ବୋର୍ ଡବଲ ବ୍ୟାରେଲ ବନ୍ଧୁକରୁ ଗୁଳିଚାଳନା କରିଥିଲେ।

# ଲୋକଲଜ୍ଜା ଭୟରେ ବିଷ ପିଇଲେ ପୀଡ଼ିତା

## ଧାମରାରେ ଯୁବତୀଙ୍କୁ ବଳାତ୍କାର

ଚାନ୍ଦବାଲି,୨୫ା୧୨(ଅଶୋକ ପଣ୍ଡା)

ଭଦ୍ରକ ଜିଲା ଚାନ୍ଦବାଲିରେ ଜଣେ ଦିବ୍ୟାଙ୍ଗ ନାବାଳିକାଙ୍କୁ ବଳାତ୍କାର ଓ ହତ୍ୟା ଘଟଣା ସାରା ରାଜ୍ୟରେ ଆଲୋଡ଼ନ ସୃଷ୍ଟି କରିଥିବା ବେଳେ ଚାନ୍ଦବାଲିରେ ୩ଦିନ ଧରି ନିଆଁ ଜଳୁଛି। ଏହି ତାତି ଥମି ନ ଥିବାବେଳେ ଆଉ ଏକ ଲଜ୍ଜାଜନକ ଘଟଣା ସାମ୍ନାକୁ ଆସିଛି। ଏହି ବ୍ଲକ ଅଧୀନ ଧାମରା ଥାନା ଅଞ୍ଚଳରେ ରୋଷେଇ ଘରେ ଜଣେ ବାପଛେଉଣ୍ଡ ଝିଅଙ୍କୁ ଜଣେ ଯୁବକ ବଳାତ୍କାର କରିଥିବା ନେଇ ଥାନାରେ ଅଭିଯୋଗ ହୋଇଛି। ଗତ ୧୭ ତାରିଖ ସନ୍ଧ୍ୟାରେ ଘଟଣାଟି ଘଟିଥିବା ବେଳେ ଲୋକଲଜ୍ଜା ଭୟରେ ବିଷପିଇ ପୀଡ଼ିତା ଆତ୍ମହତ୍ୟା ଉଦ୍ୟମ କରିଛନ୍ତି। ପୀଡ଼ିତାଙ୍କ ମା' ଏନେଇ ଗୁରୁବାର ଧାମରା ଥାନାରେ ଅଭିଯୋଗ କରିବା ପରେ ଘଟଣା ପଦାକୁ ଆସିଛି। ପୀଡ଼ିତାଙ୍କ ହାତଲେଖା ଚିଠି ଏବଂ ତାଙ୍କ ମା'ଙ୍କ ଅଭିଯୋଗ ଆଧାରରେ ପୋଲିସ ଉକ୍ତ ଯୁବକଙ୍କୁ ଥାନାରେ ଅଟକ ରଖି ପଚରାଉଚରା କରୁଛି।

ଅଭିଯୋଗ ଅନୁଯାୟୀ, ଯୁବତୀ ଜଣକ ଗତ ୧୭ ତାରିଖ ସନ୍ଧ୍ୟାରେ ଘରେ ରୋଷେଇ କରୁଥିବା ବେଳେ ସେହି ଗ୍ରାମର ଜଣେ ଯୁବକ ପହଞ୍ଚି ତାଙ୍କ ଓଢ଼ଣିକୁ ଯୁବତୀଙ୍କ ପାଟିରେ ଦେଇ ବଳାତ୍କାର କରିଥିଲେ। ଘଟଣାର ୨ ଦିନ ପରେ ଅର୍ଥାତ୍ ୨୦ ତାରିଖରେ ଯୁବତୀ ଜଣକ ଏକ କାଗଜରେ ଏ ସମ୍ପର୍କରେ ଲେଖି ଦେଇ ଆତ୍ମହତ୍ୟା ପାଇଁ ଦୁଦୁରା ମଞ୍ଜି ଖାଇ ଦେଇଥିଲେ। ଅବସ୍ଥା ଗୁରୁତର ହେବାରୁ ତାଙ୍କୁ ପ୍ରଥମେ ଧାମରା ସ୍ୱାସ୍ଥ୍ୟକେନ୍ଦ୍ର, ପରେ ଭଦ୍ରକ ଏବଂ କଟକର ଏକ ନର୍ସିଂହୋମ୍‌ରେ ଭର୍ତ୍ତି କରାଯାଇଛି। ଏହି ଘଟଣା ବାହାରେ ପ୍ରକାଶ କଲେ ତାଙ୍କର ଅନ୍ୟ ଭଉଣୀମାନଙ୍କ ସହ ଏପରି କରାଯିବ ବୋଲି ଯୁବକ ଜଣକ ଧମକ ଦେଇଥିବା ପୀଡ଼ିତା ଉକ୍ତ ଚିଠିରେ ଉଲ୍ଲେଖ କରିଛନ୍ତି। ଏନେଇ ଧାମରା ଥାନାଧିକାରୀ ଶୋଭନ କୁମାର ସ୍ୱାଇଁ କହିଛନ୍ତି, ଘଟଣାର ସତ୍ୟତା ଅଛି। ଲୋକଲଜ୍ଜା ଭୟରେ ପୀଡ଼ିତା ଏହି ଘଟଣାକୁ ବାହାରେ ପ୍ରକାଶ କରିପାରି ନ ଥିବାବେଳେ ଶେଷରେ ବିଷ ପିଇଦେଇଥିଲେ। ଏନେଇ ଏକ ମାମଲା(ନଂ.୫୬/୨୫) ରୁଜୁ କରାଯାଇ ଅଭିଯୁକ୍ତଙ୍କୁ ଥାନାରେ ଅଟକ ରଖି ତଦନ୍ତ ଜାରି ରହିଛି।

# ଛୁରାମାଡ଼ରେ ୨ ଆହତ, ଅଭିଯୁକ୍ତ ଗିରଫ

## ପୂଜା, ଭୋଜିଭାତକୁ କେନ୍ଦ୍ରକରି ଆକ୍ରମଣ

ଝାରସୁଗୁଡ଼ା,୨୫ା୧୨ (ଆଶିଷ ରଞ୍ଜନ ଦାଶ)

ଝାରସୁଗୁଡା ଜିଲା ବଡ଼ମାଲ ଥାନା ଅନ୍ତର୍ଗତ ଶ୍ରୀପୁରା ଗ୍ରାମରେ ଏକ ପୂଜା ଓ ଭୋଜିଭାତ କାର୍ଯ୍ୟକ୍ରମକୁନେଇ ବୁଧବାର ବିଳମ୍ବିତ ରାତିରେ ଛୁରାମାଡ଼ ହୋଇଛି। ଏଥିରେ ୨ ଜଣ ଆହତ ହୋଇଛନ୍ତି। ସେମାନେ ହେଲେ ଉକ୍ତ ଗ୍ରାମର ସୌଦାଗର ବାଗ ଏବଂ ଈଶ୍ୱର କିଷାନ। ଆହତଦ୍ୱୟଙ୍କ ଅଭିଯୋଗ କ୍ରମେ ବଡ଼ମାଲ ଥାନା ପୋଲିସ ନଂ.୪୦୪/୨୫ରେ ଏକ ମାମଲା ରୁଜୁ କରି ଅଭିଯୁକ୍ତ ମଦନ ସେଠଙ୍କୁ ଗିରଫ ପରେ ଗୁରୁବାର କୋର୍ଟଚାଲାଣ କରିଛି।

ପ୍ରକାଶ ଯେ, ବୁଧବାର ଶ୍ରୀପୁରା ଗ୍ରାମରେ ମା' ଦଶମତୀ ଖଳାପୂଜା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଠାକୁରଙ୍କ ପୂଜା ପାଇଁ ପ୍ରସାଦ ସେବନର ବ୍ୟବସ୍ଥା ମଧ୍ୟ କରାଯାଇଥିଲା। ଲୋକମାନେ ଶୃଙ୍ଖଳିତ ଭାବରେ ପ୍ରସାଦ ସେବନ କରିଥିଲେ। ମାତ୍ର କେତେଜଣ ନିଶାସକ୍ତ ଯୁବକ ଭୋଜିଭାତକୁ ନେଇ ପ୍ରଶ୍ନ ଉଠାଇବା ସହିତ ଆୟୋଜକଙ୍କ ସହିତ ଯୁକ୍ତିତର୍କ କରିଥିଲେ। ଫଳରେ ସେମାନଙ୍କ ମଧ୍ୟରେ ଗଣ୍ଡଗୋଳ ହୋଇଥିଲା। ଏଥିରେ ରାଗିଯାଇ ମଦନ ପାଖରେ ଥିବା ଏକ ଛୁରାରେ ସୌଦାଗର ଏବଂ ଈଶ୍ୱରଙ୍କୁ ଆକ୍ରମଣ କରିଥିଲେ। ଉପସ୍ଥିତ ଲୋକମାନେ ମଦନଙ୍କୁ କାବୁ କରିନେଇଥିବାରୁ ସୌଦାଗର ଏବଂ ଈଶ୍ୱର ଅଧିକ କ୍ଷତାକ୍ତରୁ ବର୍ତ୍ତି ଯାଇଥିଲେ। ଖବର ପାଇ ବଡ଼ମାଲ ପୋଲିସ ଘଟଣାସ୍ଥଳରେ ପହଞ୍ଚି ଆହତ ଦୁଇଜଣଙ୍କୁ ପ୍ରଥମେ ଶ୍ରୀପୁରା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ପରେ ଝାରସୁଗୁଡ଼ା ମୁଖ୍ୟ ଚିକିତ୍ସାଳୟ ନେଇ ଚିକିତ୍ସିତ କରାଇଥିଲା। ବର୍ତ୍ତମାନ ଆହତ ଦୁଇଜଣ ସୁସ୍ଥ ଥିବା ବେଳେ ବଡ଼ମାଲ ଥାନା ପୋଲିସ ମାମଲା ରୁଜୁକରି ଅଭିଯୁକ୍ତ ମଦନଙ୍କୁ ଧରିଥିଲା।

Business

# ଟାଟା ମୋଟର୍ସର ନୂଆ ସିଏରାର ବଜାର ପ୍ରବେଶ

ଭୁବନେଶ୍ୱର,୨୫ା୧୨(ଅନୁରାଧା ମହାରଣା)

ଟାଟା ମୋଟର୍ସ ପାସେଞ୍ଜର ଭେହିକଲ୍ସ ଲିମିଟେଡ୍, ଡିଅନ୍ ଅଟୋମୋଟିଭ୍ସ ପ୍ରାଇଭେଟ୍ ଲିମିଟେଡ୍ ସହ ମିଳିତ ଭାବରେ ବୁଧବାର ଭୁବନେଶ୍ୱରରେ ସମ୍ପୂର୍ଣ୍ଣ ନୂତନ ଟାଟା ସିଏରା ଲଞ୍ଚ କରିଛି। ଏକ ପ୍ରିମିୟମ ମିଡ୍-ଏସ୍‌ୟୁଭି ଭାବରେ ସ୍ଥାନିତ ନୂତନ ସିଏରାର ମୂଲ୍ୟ ୧୧.୪୯ ଲକ୍ଷ (ଏକ୍ସ-ଶୋ'ରୁମ୍)ରୁ ଆରମ୍ଭ ହେଉଥିବା ପ୍ରାରମ୍ଭିକ ମୂଲ୍ୟ ସହିତ ଏସ୍‌ୟୁଭି ସେଗ୍‌ମେଣ୍ଟରେ ଏକ ସ୍ୱତନ୍ତ୍ର ସ୍ଥାନ ସୃଷ୍ଟି କରିବାର ଲକ୍ଷ୍ୟ ରଖିଛି। ବଜାର ପ୍ରବେଶ କାର୍ଯ୍ୟକ୍ରମରେ ଏକାମ୍ର-ଭୁବନେଶ୍ୱରର ବିଧାୟକ ବାବୁ ସିଂ, ଟାଟା ମୋଟର୍ସ ପାସେଞ୍ଜର ଭେହିକଲ୍ସ ଏବଂ ଇଲେକ୍ଟ୍ରିକ ମୋବିଲିଟିର ରିଜିଓନାଲ ମ୍ୟାନେଜର ମହମ୍ମଦ ସୋଏବ, ସବ୍ୟସାଚୀ ମିଶ୍ର, ସ୍ଥାନୀୟ କର୍ପୋରେଟର ବିରଞ୍ଚି ନାରାୟଣ ମହାସୁପକାର ପ୍ରମୁଖ ଯୋଗଦେଇଥିଲେ। ଲଞ୍ଚ ସମୟରେ ଡିଅନ ଅଟୋମୋଟିଭ୍ସ ପ୍ରାଇଭେଟ୍ ଲିମିଟେଡ୍‌ର ନିର୍ଦ୍ଦେଶକ ମନୋଜ କୁମାର ସାହୁ କହିଛନ୍ତି, ନୂତନ ସିଏରା ସହ ଆମେ ଭାରତୀୟ ଗତିଶୀଳତା ପାଇଁ ଏକ ନୂତନ ମାନଦଣ୍ଡ ସ୍ଥାପନ କରୁଛୁ। ସିଏରା ଏକ ଆଇକନ୍ ଭାବରେ ବଜାରକୁ ଫେରିଛି। ଏହା ଗୌରବ, ବ୍ୟକ୍ତିତ୍ୱ ଏବଂ ପ୍ରଗତିକୁ ପ୍ରତିଫଳିତ କରୁଛି। ଏସ୍କେପ ମେଡିଓକର ବ୍ରାଣ୍ଡ ଦର୍ଶନ ଅଧୀନରେ, ଟାଟା ମୋଟର୍ସ ସିଏରାକୁ କେବଳ ଏକ ଏସ୍‌ୟୁଭି ଭାବରେ ନୁହେଁ - ଆକାଂକ୍ଷା ଏବଂ ପାର୍ଥକ୍ୟତାର ଏକ ବିବୃତି ଭାବରେ ସ୍ଥାନିତ କରେ। ପେଟ୍ରୋଲ ଭାରିଆଣ୍ଟର ମୂଲ୍ୟ ୧୧.୪୯ ଲକ୍ଷରୁ ଆରମ୍ଭ ହେଉଥିବାବେଳେ ଡିଜେଲ ଭାରିଆଣ୍ଟର ମୂଲ୍ୟ ୧୨.୯୯ ଲକ୍ଷ (ଏକ୍ସ-ଶୋ'ରୁମ୍)ରୁ ଆରମ୍ଭ ହେଉଛି। ଭୁବନେଶ୍ୱରରେ ଅନ୍-ରୋଡ୍ ମୂଲ୍ୟ ୧୪.୯୦ ଲକ୍ଷ ପର୍ଯ୍ୟନ୍ତ ବୃଦ୍ଧି ପାଏ।




# ହାତୀ ମୃତ୍ୟୁ ରୋକିବା ପାଇଁ ଇଣ୍ଡୋନେସିଆକୁ ବନ୍‌ତାରାର ସହଯୋଗ

ଭୁବନେଶ୍ୱର,୨୫ା୧୨

ଇଣ୍ଡୋନେସିଆରେ ବ୍ୟାପିଥିବା ଏକ ଗମ୍ଭୀର ରୋଗ ଇଇଏଚ୍‌ଭି ସୁମାତ୍ରା ହାତୀମାନଙ୍କ ଜୀବନକୁ ସଙ୍କଟାପନ୍ନ କରୁଛି। ଏହାର ମୁକାବିଲା କରିବା ପାଇଁ ଇଣ୍ଡୋନେସିଆର ବନ ମନ୍ତ୍ରଣାଳୟ ଭାରତର ଗୁଜରାଟରେ ଅବସ୍ଥିତ ବିଶ୍ୱସ୍ତରୀୟ ବନ୍ୟପ୍ରାଣୀ ସଂରକ୍ଷଣ କେନ୍ଦ୍ର ବନ୍‌ତାରାଠାରୁ ବୈଷୟିକ ସହାୟତା ନେଉଛି। ଅନନ୍ତ ଅମ୍ବାନୀଙ୍କ ଦ୍ୱାରା ପ୍ରତିଷ୍ଠିତ ବନ୍‌ତାରା ହାତୀମାନଙ୍କର ଚିକିତ୍ସା, ଠିକ୍ ସମୟରେ ରୋଗ ଚିହ୍ନଟ ଏବଂ ନିବାରଣଜନିତ ଯତ୍ନ କ୍ଷେତ୍ରରେ ଏହାର ବିଶେଷଜ୍ଞତା ମାଧ୍ୟମରେ ଇଣ୍ଡୋନେସିଆର ଅଧିକାରୀମାନଙ୍କୁ ସହାୟତା କରୁଛି ଯାହାଦ୍ୱାରା ଇଇଏଚ୍‌ଭି ଦ୍ୱାରା ହେଉଥିବା ହାତୀ ମୃତ୍ୟୁକୁ ଠିକ୍ ତଥା ପ୍ରଭାବୀ ଢଙ୍ଗରେ ନିୟନ୍ତ୍ରଣ କରାଯାଇପାରିବ। ସୁମାତ୍ରା ହାତୀମାନେ ପୂର୍ବରୁ ହିଁ ବିଲୁପ୍ତହେବାର ଗମ୍ଭୀର ବିପଦରେ ରହିଛନ୍ତି ଏବଂ ଆୟୁସିଏନ ଦ୍ୱାରା ସଙ୍କଟାପନ୍ନ ଶ୍ରେଣୀରେ ତାଲିକାଭୁକ୍ତ ହୋଇଛନ୍ତି। ରିଆଉ ପ୍ରଦେଶର ସେବାଙ୍ଗା ହାତୀ ସଂରକ୍ଷଣ କେନ୍ଦ୍ରରେ ଇଇଏଚଭିରେ ଏକ କମ ବୟସର ହାତୀର ମୃତ୍ୟୁ ହେବା ପରେ ଏହି ପଦକ୍ଷେପ ନିଆଯାଇଛି। ଏହାପରେ ଇଣ୍ଡୋନେସିଆ ସରକାର, ଏହାର ସ୍ଥାନୀୟ ସହଯୋଗୀ ଫଉନା ଲ୍ୟାଣ୍ଡ ଇଣ୍ଡୋନେସିଆ ମାଧ୍ୟମରେ ବନ୍‌ତାରାଠାରୁ ବୈଷୟିକ ସହାୟତା ଲୋଡ଼ିଥିଲେ, ଯାହାଦ୍ୱାରା ରୋଗକୁ ଶୀଘ୍ର ଚିହ୍ନଟ କରାଯାଇପାରିବ ଏବଂ ହାତୀମାନଙ୍କ ଉନ୍ନତ ଚିକିତ୍ସା କରାଯାଇପାରିବ। ଏହି ସହଯୋଗର ଆଧାରରେ ବନ୍‌ତାରାର ପ୍ରାଣୀ ଚିକିତ୍ସକ, ଜୀବବିଜ୍ଞାନୀ ଏବଂ ଅନ୍ୟ ବିଶେଷଜ୍ଞମାନେ ରିଆଉରେ ପହଞ୍ଚିଛନ୍ତି। ଏହି ବିଶେଷଜ୍ଞମାନେ ଇଣ୍ଡୋନେସିଆର ଅଧିକାରୀମାନଙ୍କ ସହ ମିଳିତ ଭାବରେ ହାତୀମାନଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରୁଛନ୍ତି ଏବଂ ରୋଗର ପ୍ରାରମ୍ଭିକ ଲକ୍ଷଣଗୁଡ଼ିକ ଉପରେ ଧ୍ୟାନ ଦେଇ ଚିକିତ୍ସା ଓ ଯତ୍ନ ପ୍ରଣାଳୀକୁ ସୁଦୃଢ଼କରିବା ଦିଗରେ କାମ କରୁଛନ୍ତି।



# ନିବେଶକଙ୍କ ଯୋଗଦାନ ସୁଦୃଢ଼ କରିଛି ଏନ୍‌ଏସ୍‌ଇ

ଭୁବନେଶ୍ୱର,୨୫ା୧୨

ନ୍ୟାଶନାଲ ଷ୍ଟକ୍ ଏକ୍ସଚେଞ୍ଜ ଅଫ୍ ଇଣ୍ଡିଆ (ଏଏସ୍‌ଇ) ଉତ୍ସାହର ସହ ୨୦୨୫କୁ ଶେଷ କରିବାକୁ ପ୍ରସ୍ତୁତ ରହିଛି। ଏହା ସ୍ଥିର ବଜାର ଅଭିବୃଦ୍ଧି, ବଜାରରେ ଅଧିକ ନିବେଶକଙ୍କ ଯୋଗଦାନ ଏବଂ ନୂତନ ଉତ୍ପାଦ ପ୍ରଚଳନ ଦ୍ୱାରା ସମ୍ଭବ ହୋଇଛି। ଏହିବର୍ଷ ମଧ୍ୟରେ ଭାରତରେ ଷ୍ଟକ୍‌ବଜାର ସ୍ଥିର ରହିଥିବାବେଳେ ନିଫ୍ଟି ୫୦ ସୂଚକାଙ୍କ ପ୍ରାୟ ୧୦% ବୃଦ୍ଧି ପାଇଛି ଏବଂ ଏନ୍‌ଏସ୍‌ଇରେ ତାଲିକାଭୁକ୍ତ କମ୍ପାନୀଗୁଡ଼ିକର ମୋଟ ମୂଲ୍ୟ ପ୍ରାୟ ଟ.୪୬୯ ଲକ୍ଷ କୋଟିକୁ ବୃଦ୍ଧି ପାଇଛି। ଏହା ନିବେଶକଙ୍କ ମଧ୍ୟରେ ନିରନ୍ତର ବିଶ୍ୱାସ ଏବଂ ସ୍ଥିର ସମ୍ପତ୍ତି ସୃଷ୍ଟିକୁ ଦର୍ଶାଉଛି। ୨୦୨୫ରେ କମ୍ପାନୀଗୁଡ଼ିକ ବଜାର ମାଧ୍ୟମରେ ଟଙ୍କା ସଂଗ୍ରହ କରିବା ଜାରି ରଖିଥିଲେ। ଏନ୍‌ଏସ୍‌ଇ ମାଧ୍ୟମରେ ସଂଗୃହୀତ ମୋଟ ପାଣ୍ଠି ପ୍ରାୟ ୭% ବୃଦ୍ଧି ପାଇ ୧୯ ଲକ୍ଷ କୋଟି ଟଙ୍କାରୁ ଅଧିକ ହୋଇଛି। କମ୍ପାନୀଗୁଡ଼ିକ ସେମାନଙ୍କର ଅଭିବୃଦ୍ଧି ଏବଂ ବ୍ୟବସାୟିକ ଆବଶ୍ୟକତାକୁ ପାଣ୍ଠି ଯୋଗାଇବା ପାଇଁ ଶେୟାର ଏବଂ ବଣ୍ଡ ଉଭୟକୁ ସକ୍ରିୟ ଭାବରେ ବ୍ୟବହାର କରିଛନ୍ତି। ଆଇପିଓ ବଜାର ମଧ୍ୟ ସକ୍ରିୟ ରହିଥିଲା। ଏନ୍‌ଏସ୍‌ଇର ମେନ୍‌ବୋର୍ଡ ଏବଂ ଏସ୍‌ଏମ୍‌ଇ ପ୍ଲାଟ୍‌ଫର୍ମରେ ଆଇପିଓଗୁଡ଼ିକ ମାଧ୍ୟମରେ ୨୦୦ରୁ ଅଧିକ କମ୍ପାନୀ ପାଣ୍ଠି ସଂଗ୍ରହ କରିଛନ୍ତି, ଯାହା ମିଳିତ ଭାବରେ ପ୍ରାୟ ୧.୭୭ ଲକ୍ଷ କୋଟି ଟଙ୍କା ସଂଗ୍ରହ କରିଥିଲା। ଏହା ନୂତନ ଏବଂ ବୃଦ୍ଧି ପାଉଥିବା କମ୍ପାନୀଗୁଡ଼ିକ ପ୍ରତି ନିବେଶକଙ୍କ ଆଗ୍ରହକୁ ଉଲ୍ଲେଖ କରୁଛି। ବାଣିଜ୍ୟ ପରିମାଣ ଅନୁସାରେ ଏନ୍‌ଏସ୍‌ଇ ବିଶ୍ୱର ସର୍ବବୃହତ୍ ଡେରିଭେଟିଭ୍ସ ଏକ୍ସଚେଞ୍ଜ ଭାବରେ ଏହାର ସ୍ଥାନ ବଜାୟ ରଖିଛି। ବିଶ୍ୱ ସ୍ତରରେ ଏନ୍‌ଏସ୍‌ଇ ଇଣ୍ଟରନ୍ୟାଶନାଲ ଏକ୍ସଚେଞ୍ଜ (ଏନ୍‌ଏସ୍‌ଇ ଆଇଏକ୍ସ) ଏହି ବର୍ଷ ମଧ୍ୟରେ ୧ ଟ୍ରିଲିୟନ ଆମେରିକୀୟ ଡଲାରରୁ ଅଧିକ ଆନୁମାନିକ କାରବାରର ଏକ ଗୁରୁତ୍ୱପୂର୍ଣ୍ଣ ମାଇଲଖୁଣ୍ଟ ଅତିକ୍ରମ କରିଛି। ସମଗ୍ର ଦେଶରୁ ଅଧିକ ଲୋକ ଏହି ବଜାରରେ ଅଂଶଗ୍ରହଣ କରିଥିଲେ। ୨୦୨୫ରେ ପ୍ରାୟ ୧.୫ କୋଟି ନୂତନ ନିବେଶକ ଯୋଡିହେବା ସହ ଅନ୍ୟ ପଞ୍ଜୀକୃତ ନିବେଶକଙ୍କ ସଂଖ୍ୟା ୧୨.୪ କୋଟି ଅତିକ୍ରମ କରିଥିଲା।

# ସେଣ୍ଟ୍ରାଲ ବ୍ୟାଙ୍କ ଅଫ୍ ଇଣ୍ଡିଆର ୧୧୫ତମ ପ୍ରତିଷ୍ଠା ଦିବସ




ଭୁବନେଶ୍ୱର,୨୫ା୧୨(ଅନୁରାଧା ମହାରଣା)

ସେଣ୍ଟ୍ରାଲ ବ୍ୟାଙ୍କ ଅଫ୍ ଇଣ୍ଡିଆ ପକ୍ଷରୁ ୧୧୫ତମ ପ୍ରତିଷ୍ଠା ଦିବସ ପାଳନ ଅବସରରେ ବିଭିନ୍ନ କାର୍ଯ୍ୟକ୍ରମ କରାଯାଇଛି। ଏହି ଅବସରରେ ଭାରତ ସରକାରଙ୍କ ଅର୍ଥ ମନ୍ତ୍ରଣାଳୟ ଅଧୀନ ଆର୍ଥିକ ସେବା ବିଭାଗ (ଡିଏଫ୍‌ଏସ୍)ର ସଚିବ ଆଇଏଏସ୍ ଏମ୍. ନାଗରାଜୁ ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ। ସୋରାବ୍‌ଜୀ ପୋଚଖାନାୱାଲାଙ୍କ ଉକ୍ତିକୁ ଉଦ୍ଧୃତକରି ନାଗରାଜୁ କହିଥିଲେ, ଏକ ଭଲ ବ୍ୟାଙ୍କର ଲାଭ କେବଳ ତାହାର ବ୍ୟାଙ୍କିଙ୍ଗ୍ ହଲ୍‌ର ଚାରିକାନ୍ଥ ମଧ୍ୟରେ ସୀମିତ ନୁହେଁ କିମ୍ବା ଏହାର ବ୍ୟାଙ୍କିଙ୍ଗ୍ ବ୍ୟବସାୟର ସୀମା ଦ୍ୱାରା ସୀମିତ ନୁହେଁ। ଏହା ବାଣିଜ୍ୟ, ଶାଖା ଏବଂ ଆର୍ଥିକ କାର୍ଯ୍ୟକଳାପର ପ୍ରତ୍ୟେକ କ୍ଷେତ୍ର ପର୍ଯ୍ୟନ୍ତ ବିସ୍ତାରିତ। ଋଣରେ ୭୨ ପ୍ରତିଶତ ରାମ (ରିଟେଲ, କୃଷି ଏବଂ ଏମ୍‌ଏସ୍‌ଏମ୍‌ଇ) ଶେୟାର ଦେଶର ସାଧାରଣ ଜନତାଙ୍କ ସେବା ପ୍ରତି ବ୍ୟାଙ୍କର ପ୍ରତିବଦ୍ଧତାକୁ ସ୍ପଷ୍ଟ କରୁଥିବା ସେ କହିଥିଲେ। ବ୍ୟାଙ୍କ ତାହାର ବ୍ୟବସାୟ ଓ ଅଭିବୃଦ୍ଧିରେ ସୁଧାର ଆଣିଛି। ସେଣ୍ଟ୍ରାଲ ବ୍ୟାଙ୍କ ଅଫ୍ ଇଣ୍ଡିଆର ପରିଚାଳନା ନିର୍ଦ୍ଦେଶକ ଓ ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ କଲ୍ୟାଣ କୁମାର, ଏମ୍. ନାଗାରାଜୁଙ୍କ ଦୀର୍ଘ ଓ ଗୌରବମୟ ଅଭିଜ୍ଞତା ଉପରେ ଆଲୋକପାତ କରିଥିଲେ। ଡିଏଫ୍‌ଏସ୍ ସଚିବ ଭାବରେ ଏମ୍. ନାଗରାଜୁ ଭାରତର ବ୍ୟାଙ୍କିଙ୍ଗ୍, ବୀମା ଏବଂ ଆର୍ଥିକ ଅନ୍ତର୍ଭୁକ୍ତିକୁ ମଜଭୁତ କରିବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରିଛନ୍ତି। କଲ୍ୟାଣ କୁମାର କହିଥିଲେ, ବ୍ୟାଙ୍କର ସାରା ଭାରତରେ ୨୧,୪୯୨ଟି ଟଚ୍ ପଏଣ୍ଟ ରହିଛି ଯାହା ମଧ୍ୟରେ ୪,୫୫୬ଟି ଶାଖା ଅନ୍ତର୍ଭୁକ୍ତ । ଏହାର ୬୫.୧୪% ଗ୍ରାମାଞ୍ଚଳ ଓ ଅର୍ଦ୍ଧ ସହରାଞ୍ଚଳ ଏରିଆରେ ଅବସ୍ଥିତ। ଚଳିତ ମାସ ୩୦ ତାରିଖ ସୁଦ୍ଧା ବ୍ୟାଙ୍କର ମୋଟ୍ ବ୍ୟବସାୟ ୭,୩୭,୯୩୮ କୋଟି ଟଙ୍କା ଥିବାବେଳେ କାସା ଜମା ମୋଟ୍ ଜମାର ୪୬.୮୩ ପ୍ରତିଶତ । ପ୍ରତିଷ୍ଠା ଦିବସ ଅବସରରେ 'ଫିଟ୍ ରୁହନ୍ତୁ-ସୁସ୍ଥ ରୁହନ୍ତୁ, ଗଛ ଲଗାନ୍ତୁ-ପୃଥିବୀକୁ ବଞ୍ଚାନ୍ତୁ, ସ୍ୱଚ୍ଛ ଭାରତ, ସେବା ହିଁ ସଂକଳ୍ପ ଏବଂ ସେଣ୍ଟ ଇଣ୍ଟେଲିକା ଆଦି କାର୍ଯ୍ୟକ୍ରମ ରହିଛି।ଏହି ପଦକ୍ଷେପ ଅନ୍ତର୍ଗତ ସାରା ଦେଶରେ ୨୫ ହଜାରରୁ ଊର୍ଦ୍ଧ୍ୱ ଚାରାରୋପଣ କରାଯାଇଛି। ଗ୍ରାହକ ଅଭିଯୋଗ ସମାଧାନ ସମ୍ପର୍କିତ ଏକ ହ୍ୟାଣ୍ଡ ବୁକ୍ ଉନ୍ମୋଚନ ହୋଇଥିଲା। ବ୍ୟାଙ୍କର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ଏମ୍ .ଭି .ମୁରଲୀ କ୍ରିଷ୍ଣା ଧନ୍ୟବାଦ ଦେଇଥିଲେ।

# କୁଆଖିଆ ମହୋତ୍ସବରେ ଫ୍ରିଡମ ଷ୍ଟଲ୍



ଭୁବନେଶ୍ୱର,୨୫ା୧୨(ଅନୁରାଧା ମହାରଣା)

ଯାଜପୁରରେ ଚାଲିଥିବା ୧୨ ଦିନିଆ କୁଆଖିଆ ମହୋତ୍ସବରେ ଭଳି କି ଭଳି ମନଲୋଭା ସମ୍ଭାର ସାଙ୍ଗକୁ ମିନାବଜାର ଯାତ୍ରୀଙ୍କ ବେଶ୍ ମନୋରଞ୍ଜନ କରୁଛି । ସଭାପତି ଅଜୟ କୁମାର ସାହୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ମହୋତ୍ସବରେ ଫ୍ରିଡମ ଅଏଲର ଏକ ଷ୍ଟଲ ଖୋଲାଯାଇଛି। ବିତରକ ଜଗନ୍ନାଥ ଏଣ୍ଟରପ୍ରାଇଜର୍ସର ମୁଖ୍ୟ ଦିଲୀପ ସାମଲଙ୍କ ସଂଯୋଜନାରେ ଏହା ଉଦ୍‌ଘାଟିତ ହୋଇଯାଇଛି। ପ୍ରତ୍ୟେକ ତେଲର କ୍ରୟ ଉପରେ ଆକର୍ଷଣୀୟ ରିହାତି ରହିଥିବା ବେଳେ ୫ଲିଟର ଜାର୍ କିଣିଲେ ଗୋଟିଏ ବାଲ୍‌ଟି ସମ୍ପୂର୍ଣ୍ଣ ଭାବେ ମାଗଣାରେ ଯୋଗାଇ ଦିଆଯାଉଛି ବୋଲି ଫ୍ରିଡମର ଓଡ଼ିଶା ହେଡ୍ ଅମିୟ କୁମାର ଧଳ ସୂଚନା ଦେଇଛନ୍ତି। ଉଦ୍‌ଘାଟନୀ ଉତ୍ସବରେ ସମ୍ପାଦକ ସନ୍ତୋଷ କୁମାର ରାଉତ, ପ୍ରକାଶ କୁମାର ପାତ୍ର, ଭାଗ୍ୟରଞ୍ଜନ ସେଠୀ, ବସନ୍ତ କୁମାର ଘଡ଼େଇ, ପ୍ରଦୀପ କୁମାର ଦେଓ ପ୍ରମୁଖ ଉପସ୍ଥିତ ଥିଲେ ।

**ଶିକ୍ଷକଙ୍କୁ ଗୁଳିକରି ହତ୍ୟା**

ଉତ୍ତରପ୍ରଦେଶର ଆଲିଗଡ଼ ମୁସ୍‌ଲିମ୍ ୟୁନିଭର୍ସିଟି କ୍ୟାମ୍ପସ୍‌ରେ ଜଣେ ଶିକ୍ଷକଙ୍କୁ ଗୁଳିକରି ହତ୍ୟା କରାଯାଇଛି। ଡାନିସ୍ ରାଓ ୧୧ବର୍ଷ ହେଲା ଏବିକେ ହାଇସ୍କୁଲ୍‌ରେ କମ୍ପ୍ୟୁଟର ସାଇନ୍ସ ପଢ଼ାଉଥିଲେ। ରାତି ୮ଟା ୫୦ ମିନିଟ୍‌ରେ ସେ ତାଙ୍କ ସହକର୍ମୀଙ୍କ ସହ ଭ୍ରମଣରେ ଯାଇଥିବାବେଳେ ୨ ଜଣ ସ୍କୁଟରରେ ଆସି ପିସ୍ତଲ ଦେଖାଇ ଭୟଭୀତ କରିଥିଲେ। ଗୁଳିକାଣ୍ଡ ପୂର୍ବରୁ ଡାନିଶଙ୍କୁ ଜଣେ କହିଥିଲେ, 'ମୋତେ ଆପଣ ଜାଣି ନ ଥିଲେ, ଏବେ ଜାଣିଯିବେ'।

CureBay KAVACH
ସୁସ୍ଥ ରୁହନ୍ତୁ, ଟେନସନ୍ ଛାଡ଼ନ୍ତୁ
₹499 ଟଙ୍କାରେ ଅସୀମିତ ଡାକ୍ତର ପରାମର୍ଶ 1 ବର୍ଷ ପାଇଁ
CureBay for a healthier India
ସ୍କାନ୍ କରନ୍ତୁ
ଡାଉନଲୋଡ୍ CureBay ଆପ୍
GET IT ON Google Play
Available on the App Store
8335 000 999 ରେ କଲ୍ କରନ୍ତୁ , ଆପଣଙ୍କର ନିକଟସ୍ଥ CureBay eClinic ପରିଦର୍ଶନ କରନ୍ତୁ
*ନିୟମ ଏବଂ ସର୍ତ୍ତାବଳୀ ପ୍ରଯୁଜ୍ୟ।




ପୂର୍ବତନ ପ୍ରଧାନମନ୍ତ୍ରୀ ଅଟଳ ବିହାରୀ ବାଜପେୟୀଙ୍କ ୧୦୧ତମ ଜନ୍ମବାର୍ଷିକୀରେ ଗୁରୁବାର ନୂଆଦିଲ୍ଲୀର ବିଜୟ ଘାଟସ୍ଥିତ ସଦୈବ ଅଟଳ ସ୍ମାରକୀରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଶ୍ରଦ୍ଧାଞ୍ଜଳି ଅର୍ପଣ କରୁଛନ୍ତି।(ଫଟୋ: ଚମନ ଗୌତମ)

## ଆଜିଠୁ ବର୍ଦ୍ଧିତ ରେଳଭଡ଼ା

### ଜାରି ହେଲା ବିଜ୍ଞପ୍ତି

ନୂଆଦିଲ୍ଲୀ,୨୫।୧୨(ପି.ଟି.)

ରେଳ ମନ୍ତ୍ରଣାଳୟ ଶୁକ୍ରବାରଠାରୁ ଦେଶରେ ବର୍ଦ୍ଧିତ ରେଳଭଡ଼ା ଲାଗୁ କରିବାକୁ ଯାଉଛି। ଏନେଇ ଗୁରୁବାର ମନ୍ତ୍ରଣାଳୟ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇଛି। ଉକ୍ତ ବିଜ୍ଞପ୍ତି ଅନୁଯାୟୀ, ସାଧାରଣ ଶ୍ରେଣୀ ଯାତ୍ରା ପାଇଁ ୨୧୫ କି.ମି. ବାହାରେ କି.ମି. ପ୍ରତି ୧ ପଇସା ଅଧିକ ଦେବାକୁ ପଡ଼ିବ। ସେହିପରି ଅଣବାତାନୁକୂଳିତ ମେଲ୍-ଏକ୍ସପ୍ରେସ୍ ଟ୍ରେନ୍ ଏବଂ ସବୁ ଶ୍ରେଣୀର ଏସି ଶ୍ରେଣୀ ପାଇଁ ଟିକେଟ ମୂଲ୍ୟ କି.ମି. ପ୍ରତି ୨ ପଇସା ବୃଦ୍ଧି କରାଯାଇଛି। ଏନେଇ ଗତ ୨୧ ତାରିଖରେ ମନ୍ତ୍ରଣାଳୟ ପକ୍ଷରୁ ଘୋଷଣା କରାଯାଇଥିଲା। ଗତ ୬ ମାସ ମଧ୍ୟରେ ଏହା ଦ୍ୱିତୀୟ ରେଳଭଡ଼ା ବୃଦ୍ଧି। ପୂର୍ବରୁ ଜୁଲାଇରେ ବର୍ଦ୍ଧିତ ରେଳଭଡ଼ା ଲାଗୁ ହୋଇଥିଲା।

## ବୁଡ଼ାଜାହାଜରୁ କେ-୪ ମିଶାଇଲର ସଫଳ ପରୀକ୍ଷା



ନୂଆଦିଲ୍ଲୀ,୨୫।୧୨

ବଙ୍ଗୋପସାଗରରେ ଭାରତୀୟ ବୁଡ଼ାଜାହାଜ ଆଇଏନ୍‌ଏସ୍ ଅରିଘାତରୁ ଆଣବିକ ଶକ୍ତିସମ୍ପନ୍ନ କେ-୪ କ୍ଷେପଣାସ୍ତ୍ରର ପରୀକ୍ଷା ସଫଳତାର ସହ କରାଯାଇଛି। ଏହି ସବ୍‌ମେରାଇନ ଲଞ୍ଚଡ ବାଲିଷ୍ଟିକ୍ ମିଶାଇଲ (ଏସ୍‌ଏଲ୍ ବିଏମ୍) ୩,୫୦୦ କିଲୋମିଟର ରହିଥିବା କେନ୍ଦ୍ର କହିଛି। ୨୦୨୪ ଅଗଷ୍ଟରେ ଆଇଏନ୍‌ଏସ୍ ଅରିଘାତ ଭାରତୀୟ ସେନାରେ ସାମିଲ ହୋଇଥିଲା। ଏହା ଭାରତର ସଦ୍ୟତମ ଆଣବିକ ଶକ୍ତିସମ୍ପନ୍ନ ବୁଡ଼ାଜାହାଜ। ଏଥିରେ କେ-୪ ମିଶାଇଲ୍ ସାମିଲ କରାଯାଇଥିବାରୁ ଏହା ଭାରତର ସାମରିକ ମୁକାବିଲା ସାମର୍ଥ୍ୟ ବଢ଼ାଇବ।

## ସେନ୍‌ଗାରଙ୍କ ଜେଲଦଣ୍ଡ ସ୍ଥଗିତ ନିର୍ଦ୍ଦେଶକୁ ସୁପ୍ରିମକୋର୍ଟରେ ଚ୍ୟାଲେଞ୍ଜ

### ଉନ୍ନାଓ ବଳାତ୍କାର ମାମଲା

ନୂଆଦିଲ୍ଲୀ,୨୫।୧୨(ପି.ଟି.)

୨୦୧୭ ଉନ୍ନାଓ ବଳାତ୍କାର ମାମଲାରେ ବହିଷ୍କୃତ ଭାଜପା ନେତା କୁଲଦୀପ୍ ସିଂ ସେନ୍‌ଗାରଙ୍କ ଜେଲଦଣ୍ଡକୁ ଦିଲ୍ଲୀ ହାଇକୋର୍ଟ ସ୍ଥଗିତ ରଖିଥିବାବେଳେ ଏହାକୁ ସୁପ୍ରିମକୋର୍ଟରେ ଚ୍ୟାଲେଞ୍ଜ କରାଯାଇଛି। ହାଇକୋର୍ଟଙ୍କ ନିର୍ଦ୍ଦେଶ ଉପରେ ସ୍ଥଗିତାଦେଶ ଲଗାଇବା ପାଇଁ ଆବେଦନକାରୀ ଅଞ୍ଜଲେ ପଟେଲ୍ ଏବଂ ପୂଜା ଶିଳ୍ପକର ପିଟିଶନରେ ନିବେଦନ କରିଛନ୍ତି। ବଳାତ୍କାର ମାମଲାରେ ତଳକୋର୍ଟ ସେନ୍‌ଗାରଙ୍କୁ ଆଜୀବନ ଜେଲ ଦଣ୍ଡାଦେଶ ଶୁଣାଇଥିଲେ। ତଳକୋର୍ଟଙ୍କ ରାୟକୁ ଅନୁଧ୍ୟାନ ନ କରି ହାଇକୋର୍ଟ ରାୟ ଦେଇଥିବା ଆବେଦନକାରୀ ଦର୍ଶାଇଛନ୍ତି। ସେନ୍‌ଗାରଙ୍କ ବିରୋଧରେ ପୂର୍ବରୁ ଗମ୍ଭୀର ଆପରାଧିକ ମାମଲା ଥିବା ଏବଂ ସେ ବଳାତ୍କାରରେ ସାମିଲ ଥିବା ପ୍ରମାଣିତ ହୋଇଥଲା। ଗତ ୨୩ରେ ହାଇକୋର୍ଟ ଦୋଷୀସାବ୍ୟସ୍ତ ସେନ୍‌ଗାରଙ୍କ ଜେଲ ଦଣ୍ଡାଦେଶକୁ ସ୍ଥଗିତ ରଖିଥିଲେ। ଅପରାଧୀ ୭ ବର୍ଷ ୫ ମାସ ଜେଲରେ କଟାଇସାରିଲେଣି ବୋଲି ହାଇକୋର୍ଟ କହିଥିଲେ।

# ବାଂଲାଦେଶରେ ଆଉ ଜଣେ ହିନ୍ଦୁଙ୍କୁ ପିଟି ହତ୍ୟା

ଢାକା,୨୫।୧୨

ବାଂଲାଦେଶରେ ୨୭ ବର୍ଷୀୟ ହିନ୍ଦୁ ଯୁବକ ଦୀପୁ ଚନ୍ଦ୍ର ଦାସ ହତ୍ୟା ଘଟଣାକୁ ନେଇ ଉତ୍ତେଜନା ଲାଗିରହିଥିବାବେଳେ ବୁଧବାର ରାତିରେ ରାଜବାରି ଜିଲାରେ ଆଉଜଣେ ହିନ୍ଦୁଙ୍କୁ ଗ୍ରାମବାସୀ ପିଟି ମାରିଦେଇଛନ୍ତି। ବଟି ଆଦାୟ ଅଭିଯୋଗରେ ତାଙ୍କୁ ହତ୍ୟା କରାଯାଇଥିବା ଜଣାପଡ଼ିଛି। ମୃତକ ଜଣକ ୩୦ ବର୍ଷୀୟ ଅମ୍ରିତ୍ ମଣ୍ଡଳ ଓରଫ ସମ୍ରାଟ। ଗୁରୁତର ଅବସ୍ଥାରେ ପୋଲିସ ତାଙ୍କୁ ହସ୍ପିଟାଲକୁ ନେଇଥିବାବେଳେ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ହତ୍ୟାକାଣ୍ଡ ପରେ ମଣ୍ଡଳଙ୍କ ଅଧିକାଂଶ ସହଯୋଗୀ ଫେରାର ହୋଇଯାଇଛନ୍ତି। ପୋଲିସ ସମ୍ରାଟଙ୍କ ଜଣେ ସହଯୋଗୀ ମହମ୍ମଦ ସେଲିମ୍‌ଙ୍କୁ ଅଟକ ରଖିବା ସହ ତାଙ୍କ ପାଖରୁ ୨ଟି ବନ୍ଧୁକ ଜବତ କରିଛି। ସମ୍ରାଟଙ୍କ ନାମରେ ହତ୍ୟା ସମେତ ୨ଟି ମାମଲା ରହିଥିଲା। ସେ ସମ୍ରାଟ ବାହିନୀ ନାମରେ ସଂଗଠନ ଗଢ଼ି ସ୍ଥାନୀୟ ଲୋକଙ୍କୁ ଧମକଚମକ ଦେଇ ବଟି ଆଦାୟ କରୁଥିଲେ।



ଅମ୍ରିତ୍ ମଣ୍ଡଳ

ଦୀର୍ଘଦିନ ଭାରତରେ ରହି ସେ ନିକଟରେ ବାଂଲାଦେଶ ଫେରିଥିବାବେଳେ ଉତ୍ତ୍ୟକ୍ତ ଗ୍ରାମବାସୀ ତାଙ୍କୁ ପିଟି ମାରିଦେଇଛନ୍ତି।

ସୂଚନାଯୋଗ୍ୟ, ଗତବର୍ଷ ଅଗଷ୍ଟରେ ବାଂଲାଦେଶରେ ଛାତ୍ରମାନଙ୍କ ନେତୃତ୍ୱରେ ଜୋର୍‌ଦାର ବିକ୍ଷୋଭ ପରେ ଶେଖ୍ ହାସିନା ସରକାର କ୍ଷମତାଚ୍ୟୁତ ହେବା ସହ ଭାରତ ପଳାଇଆସିଥିଲେ। ସେବେଠାରୁ ବାଂଲାଦେଶର ସଂଖ୍ୟାଲଘୁ ହିନ୍ଦୁମାନଙ୍କୁ ଟାର୍ଗେଟ କରାଯାଇ ଆକ୍ରମଣ କରାଯାଉଛି। ଗତ ୧୮ ତାରିଖରେ ଦୀପୁ ଦାସଙ୍କୁ ଲୋକେ ପିଟି ମାରିଦେଇଥିବାବେଳେ ଉକ୍ତ ମାମଲାରେ ୧୨ ଜଣଙ୍କୁ ଗିରଫ କରାଗଲାଣି। ହିନ୍ଦୁମାନେ ଇସ୍‌ଲାମ ବିରୋଧୀ କାର୍ଯ୍ୟରେ ଲିପ୍ତ ଅଛନ୍ତି। ତୁରନ୍ତ ଏହା ବନ୍ଦ ନ କଲେ ହିଂସାର ଗମ୍ଭୀର ପରିଣାମ ଭୋଗିବାକୁ ପଡ଼ିବ ବୋଲି ସେମାନେ ଚେତାବନୀ ଦେଇଥିଲେ।

ମୁଖ୍ୟ ଉପଦେଷ୍ଟା ମହମ୍ମଦ ୟୁନୁସ୍‌ଙ୍କ ଅନ୍ତରୀଣ ସରକାର ଦୀପୁଙ୍କ ନାବାଳକ ପିଲା, ସ୍ତ୍ରୀ ଓ ମା'ବାପାଙ୍କ ଯତ୍ନ ନେବେ ବୋଲି କହିଛନ୍ତି। ଅନ୍ତରୀଣ ସରକାରରେ ଅଣମୁସଲମାନମାନଙ୍କୁ ଅକଥନୀୟ ନିର୍ଯାତନାର ଶିକାର ହେବାକୁ ପଡୁଥିବା ବହିଷ୍କୃତ ପ୍ରଧାନମନ୍ତ୍ରୀ ଶେଖ୍ ହାସିନା କହିଛନ୍ତି। ବର୍ତ୍ତମାନର ଶାସକ ଗୋଷ୍ଠୀ ବେଆଇନ ଭାବେ କ୍ଷମତା ଅକ୍ତିଆର କରିବା ସହ ଧର୍ମୀୟ ସଂଖ୍ୟାଲଘୁଙ୍କୁ ଜାଳିଦେବା ଭଳି ଆତଙ୍କପ୍ରଦ ଘଟଣା ଘଟୁଛି। ହିନ୍ଦୁ ଯୁବକ ଦୀପୁ ଦାସଙ୍କ ହତ୍ୟା ଘଟଣାରେ ହାସିନା ଏହା କହିଛନ୍ତି।

ଗତବର୍ଷ ଅଗଷ୍ଟରୁ ସଂଖ୍ୟାଲଘୁ ହିନ୍ଦୁ ବାଂଲାଦେଶରେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଅନ୍ତରୀଣ ସରକାର ସଂଖ୍ୟାଲଘୁଙ୍କୁ ସୁରକ୍ଷା ଦେବାରେ ବିଫଳ ହୋଇଥିବା ଅଭିଯୋଗ କରି ଗ୍ରାମବାସୀ ସୋମବାର ଢାକାଠାରେ ବିକ୍ଷୋଭ କରିଥିଲେ।

## ଭାରତରେ ମ୍ୟାଲେରିଆ ମାମଲା କମିଛି: ଆଇସିଏମ୍‌ଆର୍ ରିପୋର୍ଟ

ନୂଆଦିଲ୍ଲୀ,୨୫।୧୨

ଭାରତରେ ମ୍ୟାଲେରିଆ ମାମଲା ୨୦୧୫ରେ ୧୧.୭ ଲକ୍ଷ ଥିବାବେଳେ ୨୦୨୪ରେ ତାହା ୨,୨୭,୦୦୦କୁ ହ୍ରାସ ପାଇଛି, ଅର୍ଥାତ୍ ୮୦ରୁ ୮୫ ପ୍ରତିଶତ କମିଥିବା ଆଇସିଏମ୍‌ଆର୍ (ଇଣ୍ଡିଆନ୍ କାଉନ୍‌ସିଲ ଅଫ୍ ମେଡିକାଲ ରିସର୍ଚ୍ଚ)ର ସଦ୍ୟତମ ରିପୋର୍ଟରେ କୁହାଯାଇଛି। ମ୍ୟାଲେରିଆଜନିତ ମୃତ୍ୟୁସଂଖ୍ୟା ଏହି ସମୟ ମଧ୍ୟରେ ୩୮୪ରୁ ୮୩କୁ ଖସିଛି ବା ୭୮ ପ୍ରତିଶତ ହ୍ରାସ ଘଟିଛି। ମ୍ୟାଲେରିଆ ସମସ୍ୟା କମାଇବାରେ ଭାରତ ଉଲ୍ଲେଖନୀୟ ଏବଂ ଲଗାତାର ପ୍ରଗତି କରିଥିବା ମ୍ୟାଲେରିଆ ବିନାଶ ଦିଗରେ ଭାରତର ଅଗ୍ରଗତି-ଟେକ୍ନିକାଲ ରିପୋର୍ଟ ୨୦୨୫ରେ କୁହାଯାଇଛି। ସମ୍ପ୍ରତି ୯୨ ପ୍ରତିଶତ ଜିଲାରେ ବାର୍ଷିକ ମ୍ୟାଲେରିଆ ସଂକ୍ରମଣ ୧ରୁ କମ୍ ରହିଛି। ଅର୍ଥାତ୍ ଭାରତ ମ୍ୟାଲେରିଆ ବିନାଶର ପ୍ରାରମ୍ଭିକ ପର୍ଯ୍ୟାୟରେ ପହଞ୍ଚି ଆଗାମୀ ଦିନରେ ଆହୁରି ଉନ୍ନତ ସ୍ଥାନରେ ରହିବାକୁ ଯାଉଛି ବୋଲି କେନ୍ଦ୍ର ସ୍ୱାସ୍ଥ୍ୟମନ୍ତ୍ରୀ ଜେ.ପି. ନଡ୍ଡା କହିଛନ୍ତି।

## ଅସଦାଚରଣର ନାଟକ କରି ୧୦ କୋଟି ଦାବି: ୨ ମହିଳା ଗିରଫ

ମୁମ୍ବାଇ,୨୫।୧୨

ମୁମ୍ବାଇର ୨ ମହିଳା ଅସଦାଚରଣର ଅଭିନୟ କରି ୧୦ କୋଟି ଟଙ୍କା ଦାବି କରୁଥିବା ଅଭିଯୋଗରେ ଗିରଫ ହୋଇଛନ୍ତି। ହେମଲତା ଆଦିତ୍ୟ ପାଟକର ଓରଫ୍ ହେମଲତା ବେନ୍ (୩୯) ଏବଂ ଆମ୍ରିନା ଇକ୍‌ମାଲ ଜାଭେରି ଓରଫ୍ ଆଲିସ୍ ଦାବି ଅର୍ଥ ଗ୍ରହଣ କରୁଥିବାବେଳେ ମୁମ୍ବାଇ ପୋଲିସ୍‌ର ବଟି ଆଦାୟ ନିରୋଧୀ ସେଲ୍ ଗିରଫ କରିଛି। ଗତ ୧୪ ତାରିଖରେ ବ୍ୟବସାୟୀଙ୍କ ପୁଅର ନିର୍ବନ୍ଧ ଉତ୍ସବ ଏକ ହୋଟେଲରେ ହୋଇଥିଲା। ୨ଟା ୪୦ ମିନିଟ୍‌ରେ ସେମାନେ ଲିଫ୍‌ଟରେ ତଳକୁ ଖସୁଥିବାବେଳେ ଜଣେ ଅଜଣା ମହିଳା ପ୍ରବେଶ କରି ରିତମ୍ ତାଙ୍କ ଉପରେ ଲେଜର ଲାଇଟ୍ ପକାଇଥିବା ଅଭିଯୋଗ କରିଥିଲେ। ଏହାକୁ ନେଇ ଯୁକ୍ତିତର୍କ ହୋଇଥିଲା। ତଳେ ପହଞ୍ଚିବା ପରେ ମହିଳା ଜଣଙ୍କ ଚିତ୍କାର କରି ଅସଦାଚରଣ ହୋଇଥିବା ନେଇ ନାଟକ କରିଥିଲେ। ପରେ ପୋଲିସ ରିତମ୍‌ଙ୍କ ନାଁରେ ଅସଦାଚରଣ ମାମଲା ଦାଏର କରିଥିଲା।

# ଦେଶର ବିକାଶ ଅଟଳଜୀଙ୍କ ଶ୍ରେୟ: ଯୋଗୀ

ଲକ୍ଷ୍ନୌ,୨୫।୧୨

ପୂର୍ବତନ ପ୍ରଧାନମନ୍ତ୍ରୀ ତଥା ଭାରତରତ୍ନ ଅଟଳ ବିହାରୀ ବାଜପେୟୀଙ୍କ ଜନ୍ମବାର୍ଷିକୀରେ ଗୁରୁବାର ଉତ୍ତରପ୍ରଦେଶ ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥ ଲୋକ ଭବନଠାରେ ତାଙ୍କ ପ୍ରତିମୂର୍ତ୍ତିରେ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଛନ୍ତି। ଏଥିସହିତ ମୁଖ୍ୟମନ୍ତ୍ରୀ ମହାମାନା ପଣ୍ଡିତ ମଦନ ମୋହନ ମାଳବ୍ୟ ଏବଂ ରାଜା ବିଜଲି ପାସିଙ୍କୁ ସେମାନଙ୍କ ଜନ୍ମଦିନରେ ଶ୍ରଦ୍ଧା ସୁମନ ଅର୍ପଣ କରିବା ସହ ଉକ୍ତ ସମ୍ପ୍ରଦାୟଙ୍କୁ କ୍ରିସ୍‌ମାସ ଅଭିନନ୍ଦନ ଜଣାଇଛନ୍ତି। ଅଟଳଜୀଙ୍କ ଜନ୍ମବାର୍ଷିକୀ ରାଷ୍ଟ୍ର ପାଇଁ ଏକ ଶୁଭ ଅବସର। ଲକ୍ଷ୍ନୌରୁ ପ୍ରତିନିଧିତ୍ୱ କରୁଥିବା ପୂର୍ବତନ ପ୍ରଧାନମନ୍ତ୍ରୀ ଅଟଳଜୀ ଦେଶକୁ ବିକାଶର ନୂଆ ଦୃଷ୍ଟିକୋଣ ଦେଇଥିଲେ ଏବଂ ଭାରତକୁ ପ୍ରଗତି ପଥରେ ସ୍ଥାପନ କରିଥିଲେ। ଚଳିତ ବର୍ଷ ତାଙ୍କର ଜନ୍ମ ଶତବାର୍ଷିକୀ ପାଳନ ହେଉଥିବାରୁ ଏହା ସ୍ୱତନ୍ତ୍ର ଭାବେ ଉଲ୍ଲେଖନୀୟ। ଏହାକୁ ମନେରଖିବା ପାଇଁ ସାରା ଦେଶର ଶିକ୍ଷା ଓ ପ୍ରଶିକ୍ଷଣ ପ୍ରତିଷ୍ଠାନଗୁଡ଼ିକରେ ଅଟଳଜୀଙ୍କ କବିତା, ଲେଖା ଉପରେ ଆଲୋଚନା ଏବଂ ସାମ୍ବାଦିକତା, ସଂସଦ ଏବଂ ଅନ୍ତର୍ଜାତୀୟ ଫୋରମ୍‌ରେ ସେ ଦେଇଥିବା ଗୁରୁତ୍ୱପୂର୍ଣ୍ଣ ବକ୍ତୃତାଗୁଡ଼ିକ ଉପରେ ବିଚାରବିମର୍ଶ କରାଯାଉଛି।

ଅଟଳଜୀ ସର୍ବାଧିକ ସମୟ ଉତ୍ତରପ୍ରଦେଶରୁ ପାର୍ଲାମେଣ୍ଟରେ ପ୍ରତିନିଧିତ୍ୱ କରିଥିଲେ। ତାଙ୍କର ଉତ୍ତୁଙ୍ଗ ବ୍ୟକ୍ତିତ୍ୱ, ରାଷ୍ଟ୍ର ନାୟକତ୍ୱ ଏବଂ ସଫଳତା ଦେଶର ଅନେକ ପିଢ଼ିଙ୍କୁ ଅନୁପ୍ରାଣିତ କରୁଥିବ ବୋଲି ଯୋଗୀ କହିଛନ୍ତି। ଅଟଳଜୀଙ୍କ ଲିଗାସିର ସଂରକ୍ଷଣ ଏବଂ ତାଙ୍କ ବିଚାରଧାରାକୁ ବଳବତ୍ତର ରଖିବା ଲାଗି ଡବଲ ଇଞ୍ଜିନ୍ ସରକାର ଲକ୍ଷ୍ନୌରେ ରାଷ୍ଟ୍ର ପ୍ରେରଣା ସ୍ଥଳ ନିର୍ମାଣ କରିଛନ୍ତି। ସେଠାରେ ୩ ଜଣ ମହାନ ରାଷ୍ଟ୍ରୀୟ ନେତାଙ୍କ ପ୍ରତିମୂର୍ତ୍ତି ସାଙ୍ଗକୁ ଡିଜିଟାଲ ମ୍ୟୁଜିୟମ୍ ରହିଛି। ଶ୍ୟାମ ପ୍ରସାଦ ମୁଖାର୍ଜୀଙ୍କ ପ୍ରତିମୂର୍ତ୍ତି ଜାତୀୟ ଏକତା ଓ ଅଖଣ୍ଡତାର ବାର୍ତ୍ତା ଦେଉଥିବାବେଳେ ପଣ୍ଡିତ ଦୀନଦୟାଲ ଉପାଧ୍ୟାୟଙ୍କ ଅନ୍ତ୍ୟୋଦୟ ଦର୍ଶନ ଏବଂ ଅଟଳ ବିହାରୀ ବାଜପେୟୀଙ୍କ ବିଚାରଧାରା ଏକତ୍ର ସୌହାର୍ଦ୍ଦ୍ୟ ଏବଂ ସମଗ୍ରତା ସହ 'ଏକ ଭାରତ-ଶ୍ରେଷ୍ଠ ଭାରତ' ଦୂରଦୃଷ୍ଟିକୁ ସୁଦୃଢ଼ କରିବା ପାଇଁ ନିର୍ଦ୍ଦେଶ ଦେଉଛି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ରାଷ୍ଟ୍ର ପ୍ରେରଣା ସ୍ଥଳର ଉଦ୍‌ଘାଟନ କରିଛନ୍ତି। ଏହି ଅବସରରେ ଉପମୁଖ୍ୟମନ୍ତ୍ରୀ ବ୍ରଜେଶ ପାଠକ, କୃଷିମନ୍ତ୍ରୀ ସୂର୍ଯ୍ୟପ୍ରତାପ ଶାହି, ଜଳଶକ୍ତି ମନ୍ତ୍ରୀ ସ୍ୱତନ୍ତ୍ର ଦେବ ସିଂ, ମେୟର ସୁଷମା ଖରକ୍ୱାଲ ଏବଂ ଏମ୍‌ଏଲ୍‌ସି ଗୋବିନ୍ଦ ନାରାୟଣ ଶୁକ୍ଲା ପ୍ରମୁଖ ଉପସ୍ଥିତ ଥିଲେ।

### ଜନ୍ମବାର୍ଷିକୀରେ ବାଜପେୟୀଙ୍କୁ ଶ୍ରଦ୍ଧାଞ୍ଜଳି ଜଣାଇଲେ ୟୁପି ମୁଖ୍ୟମନ୍ତ୍ରୀ



## ସାନ୍ତାଳୀ ଭାଷାରେ ସମ୍ବିଧାନକୁ ଉନ୍ମୋଚନକଲେ ରାଷ୍ଟ୍ରପତି

ନୂଆଦିଲ୍ଲୀ,୨୫।୧୨(ପି.ଟି.)

ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଗୁରୁବାର ସାନ୍ତାଳୀ ଭାଷାରେ ଭାରତର ସମ୍ବିଧାନକୁ ଉନ୍ମୋଚନ କରିଛନ୍ତି। ଆଇନରେ ସଂଶୋଧନ ଅଣାଯାଇ ସାନ୍ତାଳୀ ଭାଷାକୁ ଅଷ୍ଟମ ଅନୁଚ୍ଛେଦରେ ସାମିଲ କରାଯାଇଥିଲା। ଓଡ଼ିଶା, ଝାଡ଼ଖଣ୍ଡ, ପଶ୍ଚିମବଙ୍ଗ ଏବଂ ବିହାରର ଆଦିବାସୀ ଲୋକମାନେ ସାନ୍ତାଳୀ ଭାଷାକୁ ବହୁଳ ବ୍ୟବହାର କରିଥାନ୍ତି। ସାନ୍ତାଳୀ ଭାଷା ଏବଂ ଅଲ୍‌ଚିକି ଲିପିରେ ସମ୍ବିଧାନ ଲେଖାଯାଇଥିବାରୁ ଏହା ସାନ୍ତାଳୀ ଲୋକମାନଙ୍କ ପାଇଁ ଗର୍ବ ଓ ଆନନ୍ଦର ଦିନ ବୋଲି ରାଷ୍ଟ୍ରପତି କହିଛନ୍ତି। ଏହି କାର୍ଯ୍ୟ ପାଇଁ ରାଷ୍ଟ୍ରପତି କେନ୍ଦ୍ର ଆଇନ ମନ୍ତ୍ରୀ ଅର୍ଜୁନ ରାମ ମେଘୱାଲ ଓ ତାଙ୍କ ଟିମ୍‌କୁ ଉଚ୍ଚ ପ୍ରଶଂସା କରିଛନ୍ତି। ଉନ୍ମୋଚନ କାର୍ଯ୍ୟକ୍ରମରେ ଉପରାଷ୍ଟ୍ରପତି ସି.ପି. ରାଧାକ୍ରିଷ୍ଣନ ଏବଂ ମେଘୱାଲ ପ୍ରମୁଖ ଉପସ୍ଥିତ ଥିଲେ।




## ଫିଟିବ ପୂଜାଙ୍କ ଭାଗ୍ୟ

ଅଭିନେତ୍ରୀ ପୂଜା ହେଗ୍‌ଡେ ଦକ୍ଷିଣ ଭାରତୀୟ ଚଳଚ୍ଚିତ୍ରରେ ମଧ୍ୟ ବହୁତ ପ୍ରସିଦ୍ଧ। ୨୦୧୬ରେ ସେ ଫିଲ୍ମ ମହେଞ୍ଜୋଦାରୋ ସହିତ ଡେବ୍ୟୁ କରିଥିଲେ। ଏହା ବକ୍ସ ଅଫିସରେ ଭଲ ପ୍ରଦର୍ଶନ କରିଥିଲା। ତାଙ୍କର ବଲିଉଡ ଅପେକ୍ଷା ଦକ୍ଷିଣ ଭାରତୀୟ ଚଳଚ୍ଚିତ୍ର ଜଗତରେ ଅଧିକ ପ୍ରଭାବ ଥିବା ପରି ମନେହୁଏ। ୨୦୨୫ରେ, ସେ 'ଦେବା'ରେ ଶାହିଦ କପୁରଙ୍କ ବିପକ୍ଷରେ ନଜର ଆସିଥିଲେ। ରଜନୀକାନ୍ତଙ୍କ ଅଭିନୀତ 'କୁଲି' ଫିଲ୍ମରେ ଏକ ଡ୍ୟାନ୍ସ ନମ୍ବରରେ ମଧ୍ୟ ନଜର ଆସିଥିଲେ ସେ। ଯଦିଓ ୨୦୨୫ ତାଙ୍କ କ୍ୟାରିଅର ପାଇଁ ବିଶେଷ କିଛି ନ ଥିଲା, ମାତ୍ର ଏହି ଅଭିନେତ୍ରୀ ଏବେ ଭବିଷ୍ୟତ ପାଇଁ ପ୍ରସ୍ତୁତ ହେଉଛନ୍ତି। ଥଲପତି ବିଜୟଙ୍କ ସହ ପୂଜା ଏକ ଚଳଚ୍ଚିତ୍ରରେ ପ୍ରମୁଖ ଭୂମିକାରେ ଦେଖାଦେବେ। ଏହି ଚଳଚ୍ଚିତ୍ରଟି ସମଗ୍ର ଭାରତରେ ମୁକ୍ତିଲାଭ କରିବ ଏବଂ ନିର୍ମାତାମାନେ ଏହାକୁ ହିନ୍ଦୀରେ 'ଜନ ନେତା' ନାମରେ ନାମିତ କରିଛନ୍ତି। ପୂଜାଙ୍କ ବ୍ୟତୀତ ଏହି ଫିଲ୍ମରେ ବବି ଦେଓଲ ମଧ୍ୟ ନଜର ଆସିବେ, ଯିଏ ଖଳନାୟକ ଭୂମିକାରେ ଅଭିନୟ କରିବେ। ଫିଲ୍ମରେ ମମିତା ବୈଜୁ, ପ୍ରକାଶ ରାଜ, ନାରାୟଣ ଏବଂ ପ୍ରିୟମଣିଙ୍କ ଭଳି କଳାକାରମାନେ ମଧ୍ୟ ସାମିଲ ଅଛନ୍ତି। 'ଜନ ନାୟାଗନ' ଜାନୁଆରୀ ୯ ତାରିଖରେ ମୁକ୍ତିଲାଭ କରିବ।

# କାଫେ ଆଗରେ ପାର୍କିଂକୁ ନେଇ ଆକ୍ରମଣ

## ୨ ଯୁବକ, ଜଣେ ଯୁବତୀ ଆହତ

ଭୁବନେଶ୍ୱର,୨୫।୧୨(ତ୍ରିନାଥ ମହାନ୍ତି)

ଭରତପୁର ଥାନା ଅଞ୍ଚଳରେ ଥିବା ଏକ କାଫେ ସମ୍ମୁଖରେ ପାର୍କିଂକୁ ନେଇ ତୁମୁଳକାଣ୍ଡ ଘଟିଛି। ମାଲିକଙ୍କ ଆକ୍ରମଣରେ ୨ଜଣ ଯୁବକ ଏବଂ ଜଣେ ଯୁବତୀ ଆହତ ହୋଇଛନ୍ତି। ସେମାନଙ୍କୁ ମେଡିକାଲରେ ଭର୍ତ୍ତି କରାଯାଇଛି। ଏନେଇ ଦୁଇ ପକ୍ଷରୁ ଥାନାରେ ଅଭିଯୋଗ ହେବା ପରେ ପୋଲିସ ମାମଲା ରୁଜୁ କରି ତଦନ୍ତ କରୁଛି। କୋଳଥିଆ ଅଞ୍ଚଳରେ ପାଖାପାଖି ଦୁଇଟି କାଫେ ରହିଛି। ବୁଧବାର ରାତିରେ ୩ଜଣ ଯୁବକ ଓ ଯୁବତୀ ଗୋଟିଏ କାଫେକୁ ଯାଇଥିବାବେଳେ ଆଉ ଗୋଟିଏ କାଫେ ଆଗରେ ଗାଡ଼ି ପାର୍କିଂ କରିଥିଲେ। ସେହି ସମୟରେ କାଫେ ମାଲିକ ଜଣକ ପାର୍କିଂକୁ ବିରୋଧ କରିଥିଲେ। ହେଲେ ଆବଶ୍ୟକ ଜାଗା ଥିବାରୁ ସେମାନେ ଗାଡ଼ି ପାର୍କିଂ କରିଥିଲେ। ଏହାକୁ ନେଇ ସେମାନଙ୍କ ମଧ୍ୟରେ ବଚସା ହୋଇଥିଲା। କାଫେ ମାଲିକ ଓ ତାଙ୍କ ସହଯୋଗୀମାନେ ମିଶି ସେମାନଙ୍କୁ ଆକ୍ରମଣ କରିଥିଲେ।

# ପଦ୍ମଶ୍ରୀ ଇଲିଆନାଙ୍କୁ 'ଚଉଷଠି ଯୋଗିନୀ ନୃତ୍ୟ ପ୍ରତିଭା ସମ୍ମାନ'



ଉତ୍ସବରେ ଅତିଥିଙ୍କ ଗହଣରେ ପଦ୍ମଶ୍ରୀ ଇଲିଆନା ଚିତାରିସ୍ତିଙ୍କ ସହ ସମ୍ମାନ ପାଇଥିବା ଶ୍ରୁତିକୀର୍ତ୍ତି ତ୍ରିପାଠୀ, ଡ. ଇତିରାଣୀ ସାମନ୍ତ।

ଭୁବନେଶ୍ୱର/ପୁରୁଣା ଭୁବନେଶ୍ୱର,୨୫।୧୨ (ସୌମ୍ୟରଞ୍ଜନ ରାଉତ/ ସୁବାସ ଚନ୍ଦ୍ର ପ୍ରଧାନ)

## ୧୯ତମ ଚଉଷଠି ଯୋଗିନୀ ମହୋତ୍ସବ ଉଦ୍‌ଯାପିତ

ଓଡିଶା ସଙ୍ଗୀତ ନାଟକ ଏକାଡେମୀ, ସଂସ୍କୃତି ମନ୍ତ୍ରଣାଳୟ ଏବଂ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାକ ସହାୟତାରେ ଓଡିଶୀ ନୃତ୍ୟାନୁଷ୍ଠାନ ନୃତ୍ୟ ପ୍ରତିଭା ପକ୍ଷରୁ ଭାରତୀୟ ବିଦ୍ୟାଭବନଠାରେ ଚାଲିଥିବା ୧୯ତମ ଚଉଷଠି ଯୋଗିନୀ ମହୋତ୍ସବ ଗୁରୁବାର ଉଦ୍‌ଯାପିତ ହୋଇଯାଇଛି। ଅତିଥି ଭାବେ ଚଉଷଠି ଯୋଗିନୀ ମହୋତ୍ସବ ଅଧ୍ୟକ୍ଷ ଡ. ଅରବିନ୍ଦ ଢାଲି, ସାହିତ୍ୟିକ ପ୍ରଫେସର ଶାନ୍ତନୁ ଆଚାର୍ଯ୍ୟ, ଓଡିଶୀ ଗୁରୁ ଗଜେନ୍ଦ୍ର ପଣ୍ଡା, ନୃତ୍ୟ ପ୍ରତିଭାର ସଭାପତି ଡ. ରଜନୀ ରଞ୍ଜନ ଦାଶ, ଉପସଭାପତି ବଙ୍କିମ ନାୟକ, ନୃତ୍ୟ ପ୍ରତିଭାର ସମ୍ପାଦିକା ଗୁରୁ ପ୍ରତିଭା ପଣ୍ଡା, ଭାଜପା ନେତା ଜଗନ୍ନାଥ ପ୍ରଧାନ, ଅଭିନେତ୍ରୀ ଉଷସି ମିଶ୍ର, ସିନେ ତାରକା ଦେବଯାନୀ ଡେଗୁରିଆ ପ୍ରମୁଖ ଯୋଗଦେଇଥିଲେ। ଏହି ଅବସରରେ ଚଉଷଠି ଯୋଗାନୀଙ୍କ ତଥ୍ୟ ସମ୍ବଳିତ ଏକ ସ୍ମରଣିକା ଉନ୍ମୋଚିତ ହୋଇଥିଲା। ପରେ ଭାରତର ପୂର୍ବତନ ପ୍ରଧାନମନ୍ତ୍ରୀ ଅଟଳ ବିହାରୀ ବାଜପେୟୀଙ୍କ ୧୦୦ତମ ଜୟନ୍ତୀ ଉଦ୍ଦେଶ୍ୟରେ ନାଟ୍ୟକାର ଧୀରେନ୍ଦ୍ର ନାଥ ମଲ୍ଲିକଙ୍କ ନିର୍ଦ୍ଦେଶିତ ନାଟକ 'ରାଷ୍ଟ୍ର ପୁରୁଷ ଅଟଳ' ଶତାବ୍ଦୀର କଳାକାର ଦ୍ୱାରା ପରିବେଷଣ କରାଯିବା ସହ ପୂର୍ବତନ ବିଧାୟକ ଅରବିନ୍ଦ ଢାଲିଙ୍କୁ 'ଅଟଳ ସମ୍ମାନ'ରେ ସମ୍ମାନିତ କରାଯାଇଥିଲା। ଓଡିଶୀ ନୃତ୍ୟାଙ୍ଗନା ପଦ୍ମଶ୍ରୀ ଇଲିଆନା ଚିତାରିସ୍ତିଙ୍କୁ ସମ୍ମାନଜନକ 'ଚଉଷଠି ଯୋଗିନୀ ନୃତ୍ୟ ପ୍ରତିଭା ସମ୍ମାନ', ଲେଖିକା ଶ୍ରୁତିକୀର୍ତ୍ତି ତ୍ରିପାଠୀଙ୍କୁ 'ଯୁବ ସାହିତ୍ୟ ସମ୍ମାନ', ଡ. ଇତିରାଣୀ ସାମନ୍ତଙ୍କୁ 'ସୁରେଶ ବଳବନ୍ତରାୟଙ୍କ ସ୍ମୃତିରେ ଚଉଷଠି ଯୋଗିନୀ ସାହିତ୍ୟ ସମ୍ମାନ'ରେ ସମ୍ମାନିତ କରାଯାଇଥିଲା। ପରେ ଇଲିଆନା ଚିତାରିସ୍ତିଙ୍କ ଦ୍ୱାରା ଏକକ ଓଡିଶୀ ନୃତ୍ୟ ଏବଂ ପ୍ରଭାତ ସ୍ୱାଇଁ ଓ ଦଳଙ୍କ ଦ୍ୱାରା ଦଳଗତ ଓଡ଼ିଶୀ ନୃତ୍ୟ ଦର୍ଶକଙ୍କୁ ବିମୋହିତ କରିଥିଲା। କାର୍ଯ୍ୟକ୍ରମକୁ ଶ୍ରୀନିବାଶ ଘଟୁଆରୀ ପରିଚାଳନା କରିଥିଲେ।

# ସାନ୍ତା ଅଙ୍କଲ ବାଣ୍ଟିଲେ ଚାରା



ଭୁବନେଶ୍ୱର,୨୫।୧୨(ସୁଚିସ୍ମିତା ସାହୁ)

ବଡ଼ଦିନ ଓ କ୍ରିସ୍‌ମାସ୍‌କୁ ନିଆରା ଭାବେ ପାଳନ କରିଥିଲେ ରାଜଧାନୀରେ ରହୁଥିବା ଖ୍ରୀଷ୍ଟଧର୍ମାବଲମ୍ବୀ। ଏଥିପାଇଁ ସତ୍ୟନଗରସ୍ଥିତ କ୍ୟାଥୋଲିକ ଚର୍ଚ୍ଚଠାରେ ଦିନସାରା ଶ୍ରଦ୍ଧାଳୁଙ୍କ ଭିଡ଼ ଲାଗି ରହିଥିଲା। ଯେଉଁମାନେ ଭିତରେ ସାନ୍ତାକ୍ଲଜ ଦେଖିବାକୁ ପାଇ ନ ଥିଲେ ସେମାନେ ବାହାରେ ସାନ୍ତା ଅଙ୍କଲଙ୍କୁ ଦେଖିଥିଲେ। ଏହି ସାନ୍ତା ଲାଲ୍ ଓ ଧଳା ପୋଷାକ ପିନ୍ଧି ଦୁଇଟି ରିକ୍ସାରେ ଗଛ ଚାରା ନେଇ ଆସିଥିଲେ। ତାଙ୍କ ସହ ବକୁଳ ଫାଉଣ୍ଡେଶନର ସ୍ୱେଚ୍ଛାସେବକ ଆସିଥିଲେ। ସାନ୍ତା ପିଲାଙ୍କୁ ଗଛ ଚାରା ବାଣ୍ଟିବା ସହିତ ସେଲ୍‌ଫି ଓ ଉପହାର ଦେଇ ପରିବେଶ ଏବଂ ଚାରା ରୋପଣର ମହତ୍ତ୍ୱ ସମ୍ପର୍କରେ ବୁଝାଇଥିଲେ।

କଲେଜ ଛାତ୍ରୀଛାତ୍ର ଓ କାର୍ଯ୍ୟରତ ବୃତ୍ତିଜୀବୀଙ୍କ ସମେତ ପ୍ରାୟ ୧୫ ସ୍ୱେଚ୍ଛାସେବକ ବକୁଳ ଗଛ ନେବ ଗଛ, ସାନ୍ତା ଦେଉଛି ଗଛ ଧ୍ୱନି ଗୁଞ୍ଜରିତ ହୋଇ ଉଠୁଥିଲା। ସାଣ୍ଟା ନିଜେ ମଧ୍ୟ ସାଣ୍ଟା ହୋ ହୋ ହୋ ହୋ ବୋଲି କହି ଗୀତ ଗାଉଥିଲେ। ସାନ୍ତା କ୍ଲଜ ଓଡ଼ିଆରେ କଥା ହୁଅନ୍ତି ବୋଲି ଦେଖି ଅନେକ ଲୋକ ଆନନ୍ଦିତ ଓ ଆଶ୍ଚର୍ଯ୍ୟ ହୋଇଯାଇଥିଲେ। 'ଏହି ଗଛଟି ଆପଣମାନେ ନିଶ୍ଚିତ ଲଗାଇବେ ଏବଂ ସବୁଠାରୁ ଜରୁରୀ ଏହାକୁ ଯତ୍ନ କରି ପାଳନ କରିବେ। ନୂଆବର୍ଷରେ ମଧ୍ୟ ଗଛକୁ ଉପହାର ଭାବେ ଦେବେ' ବୋଲି ସାନ୍ତା ଅଙ୍କଲ କହିଥିଲେ। ବକୁଳ ଫାଉଣ୍ଡେଶନର ସୁଜିତ ମହାପାତ୍ର କହିଲେ, ଗଛ ସହିତ ବ୍ୟକ୍ତିଗତ ସମ୍ପର୍କ ସୃଷ୍ଟି କରି ଜଳବାୟୁ କାର୍ଯ୍ୟକୁ ଭାବନାତ୍ମକ ଭାବେ ଯୋଡ଼ିବା ପାଇଁ ସେମାନେ ଚେଷ୍ଟା କରୁଛନ୍ତି। ଏକ ନବଜାତ ଶିଶୁର ଯମଜ ଭାବେ ଗଛ କିମ୍ବା ଜଣେ ପିତାମାତାଙ୍କ ସ୍ମୃତିରେ ଗଛ ଲଗାଇବା ପରି ସାନ୍ତା ଦେଇଥିବା ଗଛରେ ମଧ୍ୟ ଏକ ବିଶେଷ ଭାବନାତ୍ମକ ସମ୍ପର୍କ ରହିଥିବା ସେ କହିଥିଲେ।

# ରାଜ୍ୟସ୍ତରୀୟ ଶିଶୁ ମହୋତ୍ସବ 'କିରଣ' ଉଦ୍‌ଯାପିତ

ବାରଙ୍ଗ,୨୫।୧୨(ଲିଙ୍ଗରାଜ ରାଉତ)

କାନନବିହାର ଫେଜ୍-୨ସ୍ଥିତ ଶ୍ରୀ ଜୟଦେବ ଶିକ୍ଷାକେନ୍ଦ୍ର ପରିସରରେ ଭାରତୀୟ ଶିକ୍ଷା ପରିଷଦ ଦ୍ୱାରା ଆୟୋଜିତ ରାଜ୍ୟସ୍ତରୀୟ ଶିଶୁ ମହୋତ୍ସବ 'କିରଣ' ବୁଧବାର ଉଦ୍‌ଯାପିତ ହୋଇଯାଇଛି। ଶିକ୍ଷାକେନ୍ଦ୍ର ସଭାପତି ଅନ୍ନପୂର୍ଣ୍ଣା ମିଶ୍ର ୨ଦିନ ଧରି ଚାଲିଥିବା ଏହି କାର୍ଯ୍ୟକ୍ରମକୁ ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରିଥିଲେ। ଏଥିରେ ମୁଖ୍ୟ ଅତିଥିଭାବେ ବିଶିଷ୍ଟ ଶିଶୁ ସାହିତ୍ୟିକ ଦିଗରାଜ ବ୍ରହ୍ମା ଯୋଗଦେଇଥିଲେ। ରାଜ୍ୟର କୋଣ ଅନୁକୋଣ ତଥା ଭାରତୀୟ ଶିକ୍ଷାପରିଷଦ ଦ୍ୱାରା ଅନୁବନ୍ଧିତ ବିଦ୍ୟାଳୟମାନଙ୍କରୁ ପ୍ରାୟ ୪୦୦ ଛାତ୍ରୀଛାତ୍ର ଓ ଶିକ୍ଷୟିତ୍ରୀ ଶିକ୍ଷକ ଏହି କାର୍ଯ୍ୟକ୍ରମରେ ଯୋଗଦେଇଥିଲେ। ସମସ୍ତ ଛାତ୍ରୀଛାତ୍ରଙ୍କୁ ବରିଷ୍ଠ, ଉପକନିଷ୍ଠ ଓ କନିଷ୍ଠ ଏହିପରି ୩ଟି ବିଭାଗରେ ବିଭକ୍ତ କରାଯାଇ ସେମାନଙ୍କ ମଧ୍ୟରେ ସାଧାରଣ ଜ୍ଞାନ, ଚିତ୍ରାଙ୍କନ, ଗୀତ, ଏକକ ନୃତ୍ୟ, ଦଳଗତ ନୃତ୍ୟ, ଓଡ଼ିଆ ବକ୍ତୃତା ଓ ଇଂରାଜୀ ବକ୍ତୃତା ଆଦି ପ୍ରତିଯୋଗିତା କରାଯାଇଥିଲା। କୃତୀ ପ୍ରତିଯୋଗୀମାନଙ୍କୁ ଅତିଥିମାନଙ୍କ ଦ୍ୱାରା ପୁରସ୍କୃତ କରାଯାଇଥିଲା। ପୁରସ୍କାର ବିତରଣି ସଭାରେ ପରିଷଦ ସମ୍ପାଦକ ରବିନାରାୟଣ ଜେନା, ସଭାପତି ହିମାଂଶୁ ଶେଖର ଆଚାର୍ଯ୍ୟ, କାର୍ଯ୍ୟ ପରିଚାଳକ ବାବାଜି କୁମାର, ଶ୍ରୀ ଜୟଦେବ ଶିକ୍ଷାକେନ୍ଦ୍ରର ପ୍ରଧାନ ଆଚାର୍ଯ୍ୟ ପ୍ରଦୀପ କୁମାର ପାଣି ଓ ଅନ୍ୟାନ୍ୟ ବିଦ୍ୟାଳୟରୁ ଆସିଥିବା ପ୍ରଧାନ ଶିକ୍ଷକ ଓ ସହକାରୀ ଶିକ୍ଷୟିତ୍ରୀ ଶିକ୍ଷକମାନେ ପିଲାମାନଙ୍କର ପ୍ରତିଭାକୁ ଭୂୟସୀ ପ୍ରଶଂସା କରିଥିଲେ।

# ସ୍ୱର ରଙ୍ଗ ପକ୍ଷରୁ ଶାସ୍ତ୍ରୀୟ ସଙ୍ଗୀତ ସମାରୋହ




ଭୁବନେଶ୍ୱର,୨୫।୧୨(ସୌମ୍ୟରଞ୍ଜନ ରାଉତ)

## କଣ୍ଠଶିଳ୍ପୀ ଅରୂପଲାଲଙ୍କୁ 'ପଣ୍ଡିତ ଡ. ଦାମୋଦର ହୋତା ସ୍ମୃତି ସମ୍ମାନ'

ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ, ଗୁରୁ କେଳୁଚରଣ ମହାପାତ୍ର ଓଡ଼ିଶୀ ଗବେଷଣା କେନ୍ଦ୍ର ଓ ସ୍ୱର ରଙ୍ଗ ଅନୁଷ୍ଠାନର ମିଳିତ ସହଯୋଗରେ ଶାସ୍ତ୍ରୀୟ ସଙ୍ଗୀତଜ୍ଞ ପଣ୍ଡିତ ଡ. ଦାମୋଦର ହୋତା (ସ୍ୱର ରଙ୍ଗ)ଙ୍କ ୯୦ତମ ଜୟନ୍ତୀ ଉତ୍ସବ ଓ ଶାସ୍ତ୍ରୀୟ ସଙ୍ଗୀତ ସମାରୋହ ଗୁରୁବାର ରବୀନ୍ଦ୍ର ମଣ୍ଡପରେ ଅନୁଷ୍ଠିତ ହୋଇଯାଇଛି। ଅତିଥି ଭାବେ ଏକାମ୍ର ବିଧାୟକ ବାବୁ ସିଂ, ପିପିଲି ବିଧାୟକ ଆଶ୍ରିତ ପଟ୍ଟନାୟକ, ଶ୍ରୀ ବିଶ୍ୱବିଦ୍ୟାଳୟର ଡିନ୍ ରତିକାନ୍ତ ମହାପାତ୍ର ପ୍ରମୁଖ ଯୋଗଦେଇଥିଲେ। ଏହି ଅବସରରେ ବର୍ଷିଆନ୍ ଓଡ଼ିଶୀ କଣ୍ଠଶିଳ୍ପୀ ପଣ୍ଡିତ ଅରୂପଲାଲ ଘୋଷଙ୍କୁ 'ପଣ୍ଡିତ ଡ. ଦାମୋଦର ହୋତା ସ୍ମୃତି ସମ୍ମାନ' ପ୍ରଦାନ କରାଯାଇଥିଲା। ଏଥିସହ ରାଜ୍ୟସ୍ତରୀୟ ହିନ୍ଦୁସ୍ଥାନୀ ଶାସ୍ତ୍ରୀୟ କଣ୍ଠ ସଙ୍ଗୀତ ପ୍ରତିଯୋଗିତାରେ କୃତିତ୍ୱ ଅର୍ଜନ କରିଥିବା ପ୍ରଥମ, ଦ୍ୱିତୀୟ ଓ ତୃତୀୟ ପ୍ରତିଯୋଗୀଙ୍କୁ ଅର୍ଥରାଶି ସହିତ ମାନପତ୍ର ଓ ସ୍ମାରକୀ ପ୍ରଦାନ ପୂର୍ବକ ପୁରସ୍କୃତ କରାଯାଇଥିଲା। ପରେ ବିଦୁଷୀ ପ୍ରିୟମ୍ବଦା ମିଶ୍ରଙ୍କ ପରିବେଷଣରେ ଥିଲା ରାଗ- ଯୋଗକୌଶ, ବିଲମ୍ବିତ ଏକତାଲରେ 'ସୁଘର ବର ପାୟୋ' ଏବଂ ଦ୍ରୁତ ତ୍ରିତାଲରେ 'କାହ୍ନା ଯାରେ ଯା'। ପଣ୍ଡିତ କରୁଣାକର ନାୟକ ରାଗ ଆଭୋଗରେ 'ଜୟ ମା କାଳୀକେ ଝାମ ତାଳରେ' ଓ ପରେ ତ୍ରିତାଲରେ 'ବାଂସୁରି ପୁକାରେ ରାଧା ରାଧା'ର ପରିବେଷଣ ଦର୍ଶକଙ୍କୁ ବିମୋହିତ କରିଥିଲା। ସେହିପରି ଶାସ୍ତ୍ରୀୟ ସଙ୍ଗୀତ ସମାରୋହରେ ପଣ୍ଡିତ ଡ. ଦାମୋଦର ହୋତା ରାଜ୍ୟସ୍ତରୀୟ ଶାସ୍ତ୍ରୀୟ ସଙ୍ଗୀତ ଗାୟନ ପ୍ରତିଯୋଗିତାରେ ଗତବର୍ଷ ପ୍ରଥମସ୍ଥାନ ଅଧିକାର କରିଥିବା ଯାଜପୁରର ଯୁବ ଶାସ୍ତ୍ରୀୟ ଗାୟକ ଶ୍ରୀମାନ୍ ଶୁଭଦାନନ୍ଦ ଦାଶ ରାଗ ମାରୱା ପରିବେଷଣ କରିଥିଲେ। ଅନ୍ୟ ଅତିଥି ଭାବେ ଅନୁଷ୍ଠାନର ସମ୍ପାଦକ ଗୁରୁ କୃଷ୍ଣଚନ୍ଦ୍ର ଦାଶ, ଅନୁଷ୍ଠାନ ଉପଦେଷ୍ଟା ପଣ୍ଡିତ ଡ. ଦେବେନ୍ଦ୍ର ନାରାୟଣ ଶତପଥୀ, ପଣ୍ଡିତ ଲକ୍ଷ୍ମୀକାନ୍ତ ପାଲିତ୍, ସଭାପତି ପ୍ରିୟମ୍ବଦା ମିଶ୍ର ଉପସ୍ଥିତ ଥିଲେ। ଡ.ମୃତ୍ୟୁଞ୍ଜୟ ରଥ କାର୍ଯ୍ୟକ୍ରମ ପରିଚାଳନା ଓ ଅନୁଷ୍ଠାନର କୋଷାଧ୍ୟକ୍ଷ ମାନସୀ ନନ୍ଦ ଧନ୍ୟବାଦ ଅର୍ପଣ କରିଥିଲେ।

# ସତ୍ୟବିହାରର ଏକ ବିଲ୍ଡିଂରେ ଅଗ୍ନିକାଣ୍ଡ

ଭୁବନେଶ୍ୱର,୨୫।୧୨(ସତ୍ୟଜିତ ରାଉତ)

## ଶର୍ଟସର୍କିଟ୍‌ରୁ ନିଆଁ ବ୍ୟାପିଥିବା ସନ୍ଦେହ

ସତ୍ୟବିହାରସ୍ଥିତ ଏକ ୪ ମହଲା ବିଲ୍ଡିଂରେ ଗୁରୁବାର ଅଗ୍ନିକାଣ୍ଡ ଘଟିଛି। କୋଠାର ତୃତୀୟ ମହଲାରେ ନିଆଁ ଲାଗିଥିଲାବେଳେ ଏଥିରେ କୌଣସି ବଡ଼ଧରଣର କ୍ଷୟକ୍ଷତି ହୋଇନାହିଁ। ଏହି କୋଠାରେ ବୀରେନ୍ଦ୍ର ବେତାଲା ଓ ତାଙ୍କ ଭାଇମାନେ ରହୁଛନ୍ତି। ମଧ୍ୟାହ୍ନରେ ତୃତୀୟ ମହଲାରେ କେହି ନ ଥିବା ବେଳେ ରୋଷେଇ ଘରୁ ନିଆଁ ଲାଗିଥିଲା। ଘରସାରା ଧୂଆଁମୟ ହୋଇ ବାହାରକୁ ଆସିବା ପରେ ଜଣାପଡିଥିଲା। ଖବରପାଇ ମଞ୍ଚେଶ୍ୱର, ପାହାଳ ଓ କଳ୍ପନା ଫାୟାର ଷ୍ଟେଶନର ୩ଟି ଟିମ୍ ପହଞ୍ଚି ନିଆଁ ଲିଭାଇଥିଲେ। ତେବେ ତୁରନ୍ତ ନିଆଁ ଲିଭାଯାଇଥିବାରୁ ରୋଷେଇ ଘରୁ ଅନ୍ୟ କୌଣସି ଘରକୁ ଏହି ନିଆଁ ବ୍ୟାପି ନ ଥିଲା। ତେବେ ରୋଷେଇ ଘରେ ଥିବା କିଛି ଆସବାବପତ୍ର ପୋଡ଼ିଯାଇଛି। ତେବେ ନବନିର୍ମିତ ଏହି କୋଠାରେ କୌଣସି ଅଗ୍ନି ନିରାପତ୍ତା ବ୍ୟବସ୍ଥା ନ ଥିବା ଦେଖିବାକୁ ମିଳିଛି। ଶର୍ଟସର୍କିଟ୍‌ରୁ ଏହି ଅଗ୍ନିକାଣ୍ଡ ଘଟିଥିବା ଅଗ୍ନିଶମ ବାହିନୀ ପକ୍ଷରୁ ସୂଚନା ଦିଆଯାଇଛି।

# ଖାଦ୍ୟ ପସରା, ସ୍ୱାସ୍ଥ୍ୟସେବା ଶିବିର

ଭୁବନେଶ୍ୱର,୨୫।୧୨(ସୁଚିସ୍ମିତା ସାହୁ)

## ଡ. ନିର୍ଲିପ୍ତା ଦାସଙ୍କୁ 'ପିପୁଲ୍ସ ଡାକ୍ତର ଆୱାର୍ଡ'

ଉଇ କ୍ୟାନ୍ ଚାରିଟେବୁଲ ଟ୍ରଷ୍ଟ ପକ୍ଷରୁ ନୀଳକଣ୍ଠନଗରସ୍ଥିତ ମହାବୀର ସଂସ୍ଥାନଠାରେ ଖ୍ରୀଷ୍ଟମାସ ଫିଡ଼ର ବା ଖାଦ୍ୟ ପସରା କାର୍ଯ୍ୟକ୍ରମ ଏବଂ ମାଗଣା ସ୍ୱାସ୍ଥ୍ୟସେବା ଶିବିର ଅନୁଷ୍ଠିତ ହୋଇଯାଇଛି। ଟ୍ରଷ୍ଟର ପ୍ରତିଷ୍ଠାତା ଚୈତାଳୀ ସୋମ ୨ଶହ ପିଲାଙ୍କୁ ଖାତା, କଲମ, କେକ, ବିସ୍କୁଟ ତଥା ବିରିୟାନୀ ବିତରଣ କରିଥି ଲେ। ଏଥିସହ ନିଗମ ହସ୍ପିଟାଲ ପକ୍ଷରୁ ଡ. ଅନୁପମ ବେହେରା, ଡ. ନିର୍ଲିପ୍ତା ଦାସ ମାଗଣା ସ୍ୱାସ୍ଥ୍ୟସେବା ଶିବିର ଆୟୋଜନ କରିଥିଲେ। ଏହି ଅବସରରେ ଟ୍ରଷ୍ଟ ପକ୍ଷରୁ ଡ. ନିର୍ଲିପ୍ତା ଦାସଙ୍କୁ 'ପିପୁଲ୍ସ ଡାକ୍ତର ଆୱାର୍ଡ'ରେ ସମ୍ମାନିତ କରାଯାଇଥିଲା। କାର୍ଯ୍ୟକ୍ରମରେ ବିଜୟ ସାମନ୍ତରାୟ, ସ୍ୱାତୀ ମିଶ୍ର, ଅଭିରାମ ଜେନା, ମାହେଶ୍ୱରୀ ନାୟକ ଓ ପ୍ରୀତା ଉପସ୍ଥିତ ଥିଲେ।



କାର୍ଯ୍ୟକ୍ରମରେ ପିଲାମାନଙ୍କୁ ଖାତାକଲମ ଓ ଖାଦ୍ୟ ବଣ୍ଟନ ପରେ ମାଗଣା ସ୍ୱାସ୍ଥ୍ୟ ପରୀକ୍ଷା କରାଯାଉଛି।

# ଯୁବ ମହୋତ୍ସବ ନେତୃତ୍ୱ ବିକାଶର ଭୂମିକା ନିର୍ବାହ କରୁଛି

ଭୁବନେଶ୍ୱର,୨୫।୧୨ (ସୌମ୍ୟରଞ୍ଜନ ରାଉତ)

## ରାଜ୍ୟ ଯୁବ ମହୋତ୍ସବର ଦ୍ୱିତୀୟ ଦିବସ

କ୍ରୀଡ଼ା ଓ ଯୁବସେବା ବିଭାଗ ପକ୍ଷରୁ କଳିଙ୍ଗ ଷ୍ଟାଡିୟମରେ ଚାଲିଥିବା ରାଜ୍ୟ ଯୁବ ମହୋତ୍ସବର ଗୁରୁବାର ଦ୍ୱିତୀୟ ଦିବସରେ ବିଭିନ୍ନ ପ୍ରତିଯୋଗିତା ଆୟୋଜନ କରାଯାଇଥିଲା। ବିଭାଗୀୟ ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ଯୋଗଦେଇ କହିଲେ, ରାଜ୍ୟ ଯୁବ ମହୋତ୍ସବ କେବଳ ପ୍ରତିଭାର ବିକାଶ ନୁହେଁ, ବରଂ ଯୁବ ନେତୃତ୍ୱ ବିକାଶ କରିବାରେ ଏକ ପ୍ରମୁଖ ଭୂମିକା ନିର୍ବାହ କରୁଛି। ମହୋତ୍ସବରେ ଯୋଗଦେଇଥିବା ପ୍ରତିଯୋଗୀଙ୍କ ମଧ୍ୟରେ ରହିଥିବା ଆଗ୍ରହ ଓ ଉତ୍ସାହକୁ ଦେଖି ମନ୍ତ୍ରୀ ଖୁସିବ୍ୟକ୍ତ କରିବା ସହ ସମସ୍ତ ପ୍ରତିଯୋଗୀଙ୍କ ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଥିଲେ। ପରେ ଅନୁଷ୍ଠିତ ଲୋକନୃତ୍ୟ ଓ ବକ୍ତୃତା ପ୍ରତିଯୋଗିତାରେ ଉପସ୍ଥିତ ରହି ପ୍ରତିଯୋଗୀଙ୍କୁ ଉତ୍ସାହିତ କରିଥିଲେ। ଏଥିସହ ମନ୍ତ୍ରୀ ବିଜ୍ଞାନ ମେଳା ବୁଲି ଦେଖିବା ସହ ପ୍ରଦର୍ଶିତ ପ୍ରକଳ୍ପଗୁଡ଼ିକ ସମ୍ବନ୍ଧରେ ଛାତ୍ରୀଛାତ୍ରଙ୍କଠାରୁ ପଚାରି ବୁଝିଥିଲେ।



ଯୁବ ମହୋତ୍ସବର ଦ୍ୱିତୀୟ ଦିବସରେ କ୍ରୀଡ଼ା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜଙ୍କ ସହ ଅନ୍ୟ ଅତିଥିମାନେ।

# ବ୍ୟାଙ୍କ ଅଫ୍ ମହାରାଷ୍ଟ୍ରର ୬୧ତମ ଶାଖା ଉଦ୍‌ଘାଟିତ



ଭୁବନେଶ୍ୱର,୨୫।୧୨(ଅନୁରାଧା ମହାରଣା)

ବ୍ୟାଙ୍କ ଅଫ୍ ମହାରାଷ୍ଟ୍ରର ଏକ ନୂତନ ଶାଖା କଟକ ଜିଲାର ଟାଙ୍ଗୀଠାରେ ଉଦ୍‌ଘାଟିତ ହୋଇଯାଇଛି। ଏହି ନୂତନ ଶାଖା ସହ ବ୍ୟାଙ୍କର କଟକ ଜିଲାରେ ମୋଟ୍ ଶାଖା ସଂଖ୍ୟା ୭ରେ ପହଞ୍ଚିଛି। ରାଜ୍ୟରେ ବ୍ୟାଙ୍କର ୬୧ଟି ଶାଖା ରହିଛି। ବ୍ୟାଙ୍କ ରାଜ୍ୟରେ ଏହାର ଉପସ୍ଥିତି ଏବଂ ଗ୍ରାହକଙ୍କ ପହଞ୍ଚକୁ ଆହୁରି ସୁଦୃଢ କରିବା ପାଇଁ ବିଭିନ୍ନ ଯୋଜନା ଘୋଷଣା କରିଛି। ଏହି ନୂତନ ଶାଖା ଟାଙ୍ଗୀ-ଚୌଦ୍ୱାର ବିଡିଓ ଏନ୍.ଏନ୍. ରାଜଲକ୍ଷ୍ମୀ ଓଝାଙ୍କ ଦ୍ୱାରା ଭୁବନେଶ୍ୱର ଅଞ୍ଚଳର ଅଞ୍ଚଳ ପ୍ରବନ୍ଧକ ଦିଲୀପ କୁମାର ରାଉଳ ଏବଂ ଟାଙ୍ଗୀ ଶାଖା ପ୍ରବନ୍ଧକ ରାକେଶ କୁମାର ନାୟକଙ୍କ ଉପସ୍ଥିତିରେ ଉଦ୍‌ଘାଟିତ ହୋଇଥିଲା। ଓଡ଼ିଶାରେ ସାମ୍ପ୍ରତିକ ଶାଖା ସମ୍ପ୍ରସାରଣ ବିଷୟରେ ମତ ପ୍ରକାଶ କରି ଅଞ୍ଚଳ ପ୍ରବନ୍ଧକ ରାଉଳ କହିଛନ୍ତି, ରାଜ୍ୟରେ ବ୍ୟବସାୟିକ ଅଭିବୃଦ୍ଧି ଏବଂ ରଣନୈତିକ ପ୍ରାଧାନ୍ୟ ରଖୁଥିବା କଟକ ଜିଲାରେ ଆଉ ଏକ ଶାଖା ଖୋଲାଯାଇଥିବାରୁ ସେ ଖୁସି। ଏହି ଶାଖା ଦ୍ରୁତ ବିସ୍ତାରିତ ନେଟ୍‌ୱର୍କ ଓ ଅନ୍ୟାନ୍ୟ ଚ୍ୟାନେଲ ମାଧ୍ୟମରେ ଗ୍ରାହକମାନଙ୍କୁ ଉତ୍ତମ ବ୍ୟାଙ୍କିଙ୍ଗ୍ ସେବା ପ୍ରଦାନ କରିବା ପାଇଁ ବ୍ୟାଙ୍କର ପ୍ରତିବଦ୍ଧତାକୁ ଆହୁରି ସୁଦୃଢ଼ କରିବ।

# ଶିଖରଚଣ୍ଡୀ ପାହାଡ଼ରେ ହାତୀପଲ

ଭୁବନେଶ୍ୱର, ୨୫।୧୨ (ଅନୁରାଧା ମହାରଣା)



ଶିଖରଚଣ୍ଡୀ ପାହାଡ଼ରେ ଏବେ ପର୍ଯ୍ୟଟକଙ୍କ ସମାଗମ ସହ ଭୋଜିଭାତର ଆସର ଜମୁଛି। ଏଭଳି ସମୟରେ ଚନ୍ଦକା ହାତୀ ଶିଖରଚଣ୍ଡି ମୁହାଁ ହୋଇଛନ୍ତି। ଚନ୍ଦକା ଡମପଡ଼ା ଅଭୟାରଣ୍ୟରୁ ୫ଟିକିଆ ହାତୀ ପଲ ଭରତପୁର ଜଙ୍ଗଲ ଦେଇ ଏଠାକୁ ଆସି ଆଣ୍ଡା ଜାଇଥିବା ଜଣାପଡିଛି। ୪ଟି ମାଇ ହାତୀ ଓ ଗୋଟିଏ ଦନ୍ତା ହାତୀ ପ୍ରାୟ ତିନିଦିନ ହେଲା ଶିଖରଚଣ୍ଡୀ ଛାଡି ଯାଉ ନ ଥିବାରୁ ପର୍ଯ୍ୟଟକ ଓ ସ୍ଥାନୀୟ ଲୋକଙ୍କ ମନରେ ଭୟ ସୃଷ୍ଟି ହୋଇଛି। ଶିଖରଚଣ୍ଡୀ ହନୁମାନ ପାହାଡ଼ରେ ତିଆରି ଚାଲିଥିବା ବଡ଼ ପାଣିଟାଙ୍କି ଆଖପାଖରେ ଚରାବୁଲା କରିବା ସହ ଦିନରେ ବଣ ଭିତରେ ବିଶ୍ରାମ ନେଉଛନ୍ତି। ପାହାଡ଼ ଟାଙ୍କିରେ ଗଚ୍ଛିତ ପାଣିକୁ ପିଉଛନ୍ତି ଏବଂ ଗାଧୋଉଛନ୍ତି। ରାତିରେ ହାତୀ ପଲ ଶିଖରଚଣ୍ଡି ପାହାଡ଼ ଚାଲିଆସି ଉତ୍ପାତ କରୁଥିବା ଦେଖିବାକୁ ମିଳିଛି। ଗୋଟିଏ ପାଣିଟାଙ୍କିର କିଛି ଅଂଶ ଭାଙ୍ଗିଦେଇଛନ୍ତି। ସ୍ୱତନ୍ତ୍ର ବନବିଭାଗ ଦଳ ଘଟଣାସ୍ଥଳରେ ପହଞ୍ଚି ହାତୀମାନଙ୍କୁ ଘଉଡାଇଥିଲା। ହେଲେ ହାତୀମାନେ ନିକଟ ହନୁମାନ ପାହାଡ଼ ଚାଲିଯାଇ ଦିନ ତମାମ ସେଠାରେ ରହିଥିଲେ। ଭରତପୁର ଟ୍ରେଞ୍ଚ ପୋତିହୋଇଯାଇଥିବାରୁ ହାତୀମାନେ ସେହିବାଟ ଦେଇ ବାହାରକୁ ଆସିଥିବା ସୂଚନା ମିଳିଛି। ଅନ୍ୟପକ୍ଷରେ ପନିପରିବା ଚାଷ ଏବଂ ହାଣ୍ଡିଆ ବାସ୍ନା ସହିତ ଶିଖରଚଣ୍ଡିରେ ପିଇବା ପାଣି ହାତୀମାନଙ୍କୁ ସେହି ସ୍ଥାନ ଛାଡି ଯିବା ପାଇଁ ଦେଉନାହିଁ। ଫଳରେ ସନ୍ଧ୍ୟା ହେଲେ ଶିଖରଚଣ୍ଡୀ ଖାଁ ଖାଁ ହୋଇଯାଉଥିବାବେଳେ ପଥରଗାଡ଼ିଆ, ଗଣେଶଘାଟ, କିସ ରୋଡ୍, ଚୁନୁକୋଳି ବସ୍ତି ଆଦିରେ ରହୁଥିବା ଲୋକେ ଏବଂ ମାଇଣ୍ଡ ଟ୍ରି ଆଖପାଖରେ ଥିବା ଘରୋଇ ଅନୁଷ୍ଠାନର କର୍ମଚାରୀ ଓ ଛାତ୍ରୀଛାତ୍ରମାନେ ସନ୍ଧ୍ୟା ହେଲେ ଘରୁ ବାହାରୁ ନାହାନ୍ତି।

# ଚାନ୍ଦବାଲି ପୀଡ଼ିତାଙ୍କୁ ନ୍ୟାୟ ଦାବିରେ ଏଆଇଏସ୍‌ଏଫ୍‌ର ବିକ୍ଷୋଭ

ଭୁବନେଶ୍ୱର,୨୫।୧୨(ସୁଚିସ୍ମିତା ସାହୁ)




ମାଷ୍ଟରକ୍ୟାଣ୍ଟିନ ଛକ ନିକଟରେ ଏଆଇଏସ୍‌ଏଫ୍ ପକ୍ଷରୁ ବିକ୍ଷୋଭ କରାଯାଉଛି।

ଅଖିଳ ଭାରତ ଛାତ୍ର ସଂଘ (ଏଆଇଏସ୍‌ଏଫ୍) ପକ୍ଷରୁ ଭଦ୍ରକ ଜିଲାର ଚାନ୍ଦବାଲିଠାରେ ଘଟିଥିବା ନାବାଳିକା ବଳାତ୍କାର ଓ ହତ୍ୟାର ନିରପେକ୍ଷ ତଦନ୍ତ, ଦୋଷୀଙ୍କୁ କଠୋର ଦଣ୍ଡ ବିଧାନ ଓ ପରିବାରକୁ ୫୦ ଲକ୍ଷ ଟଙ୍କା କ୍ଷତିପୂରଣ ଦାବି ନେଇ ଗୁରୁବାର ମାଷ୍ଟର କ୍ୟାଣ୍ଟିନ ଛକଠାରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ଛାତ୍ର ସଂଘର ରାଜ୍ୟ ସମ୍ପାଦକ କାହ୍ନୁ ଚରଣ ପରିଡ଼ା କହିଛନ୍ତି, ରାଜ୍ୟରେ ପ୍ରତିଦିନ ଛାତ୍ରୀ ତଥା ମହିଳାମାନେ ବଳାତ୍କାରର ଶିକାର ହେଉଛନ୍ତି। ଭାଜପା ସରକାରଙ୍କ ମହିଳା ବିରୋଧୀ ମାନସିକତାର ପ୍ରତିଫଳନ ହେଉଛି। ଗୋପାଳପୁର ଗଣବଳାତ୍କାରଠାରୁ ଆରମ୍ଭ କରି ଚାନ୍ଦବାଲି ଘଟଣା ମହିଳାଙ୍କ ସୁରକ୍ଷା ଉପରେ ପ୍ରଶ୍ନବାଚୀ ସୃଷ୍ଟି କରିଛି। ଭାଜପା ସରକାର ସମୟରେ ଘଟିଥିବା ବଳାତ୍କାର ଘଟଣାରେ ଦୋଷୀଙ୍କୁ କ୍ଷମତାର ଛାତ୍ରଛାୟାରେ ସୁରକ୍ଷିତ ରଖିବା ଓ ମହିଳା ବିରୋଧୀ ବିଚାରର ପ୍ରଚାରପ୍ରସାର କାରଣରୁ ଏଭଳି ଘଟଣା ବୃଦ୍ଧି ପାଉଥିବା ସେ କହିଛନ୍ତି। ଡବଲ ଇଞ୍ଜିନ ସରକାରରେ ମହିଳା ବିରୋଧୀ ହିଂସା ଦୁଇଗୁଣ ବଢ଼ିବା ସହ 'ବେଟି ବଚାଓ, ବେଟି ପଢ଼ାଓ' କେବଳ ଏକ ଦାମୀ ବିଜ୍ଞାପନ ଥିଲା ବୋଲି ରାଜ୍ୟ ସଭାପତି ସଂଘମିତ୍ରା ଜେନା କହିଛନ୍ତି। ଏଭଳି ସମ୍ବେଦନଶୀଳ ଘଟଣାରେ ସରକାରଙ୍କ ଉଦାସୀନତା ହିଁ ମହିଳା ବିରୋଧୀ ମାନସିକତାକୁ ଶକ୍ତି ଯୋଗାଉଛି। ଏଭଳି ପ୍ରତ୍ୟେକ ଅମାନୁଷିକ ହିଂସାରେ ଉଭୟ ବ୍ୟବସ୍ଥା ଏବଂ ସରକାର ପୀଡିତା ପକ୍ଷ ନେବା ବଦଳରେ ମହିଳାର ଚରିତ୍ର ସଂହାର ଓ ନୀତିଗତ ପଲିସିଂ କରିବା ପାଇଁ ପଛାଉନାହାନ୍ତି ବୋଲି ଛାତ୍ରସଂଘର ନେତୃତ୍ୱମାନେ କହିଛନ୍ତି। ବିକ୍ଷୋଭକୁ ମନୋରଞ୍ଜନ ରାଉତ, ଶୁଭ୍ରାଣୀ ସାହୁ, ଦେଶପ୍ରିୟ ପଣ୍ଡା, ରାଜରାମ ଡଙ୍ଗରି, ଡୋଲେଶ୍ୱର ଖମାରୀ, ପପୁ ରାଉତ, ସାଗର ପ୍ରଧାନ, ଅଭିଷେକ ପଣ୍ଡା, ରୁଚିସ୍ମିତା ବାରିକ, ମନୋଜ କୁମାର ଜାଲ, ସୁଚିସ୍ମିତା ଜେନା ପ୍ରମୁଖ ପରିଚାଳନା କରିଥିଲେ।

# ନାଗରିକଙ୍କ ଦାୟିତ୍ୱ, ପ୍ରଶାସନିକ ପ୍ରତିବଦ୍ଧତା ଜରୁରୀ


କାର୍ଯ୍ୟକ୍ରମରେ ବିଧାୟକ ପ୍ରଶାନ୍ତ ଜଗଦେବ ଏବଂ ଅଧିକାରୀମାନେ।

## ବାଜପେୟୀଙ୍କ ଜୟନ୍ତୀ ଓ ସୁଶାସନ ଦିବସ

**ଖୋର୍ଦ୍ଧା,୨୫ା୧୨(ପ୍ରଭାତ ପାଣିଗ୍ରାହୀ)**

ଖୋର୍ଦ୍ଧା ଜିଲା ପ୍ରଶାସନ ଏବଂ ଜିଲା ସୂଚନା ଓ ଲୋକ ସମ୍ପର୍କ ବିଭାଗ ଆନୁକୂଲ୍ୟରେ ଗୁରୁବାର ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷରେ ଅତିରିକ୍ତ ଜିଲାପାଳ(ରାଜସ୍ୱ) ସାଫଲ୍ୟ ମଣ୍ଡିତ ପ୍ରଧାନଙ୍କ ସଭାପତିତ୍ୱରେ ଭାରତର ପୂର୍ବତନ ପ୍ରଧାନମନ୍ତ୍ରୀ ଭାରତରତ୍ନ ଅଟଳ ବିହାରୀ ବାଜପେୟୀଙ୍କ ୧୦୧ତମ ଜୟନ୍ତୀ ଓ ସୁଶାସନ ଦିବସ ପାଳିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥି ଭାବେ ବିଧାୟକ ପ୍ରଶାନ୍ତ ଜଗଦ୍ଦେବ ଯୋଗଦେଇ କହିଥିଲେ ଯେ, ଅଟଳ ବିହାରୀ ବାଜପେୟୀ ଜଣେ ବିଶିଷ୍ଟ କବି, ସାହିତ୍ୟିକ, ଲେଖକ ଏବଂ ବିଚକ୍ଷଣ ରାଷ୍ଟ୍ରନୀତିଜ୍ଞ ଥିଲେ। ବହୁ ପ୍ରତିବନ୍ଧକ ସତ୍ତ୍ୱେ ଆଣବିକ ଶକ୍ତି ପରୀକ୍ଷଣ କରି ବିଶ୍ୱରେ ଭାରତକୁ ଏକ ଶକ୍ତିଶାଳୀ ରାଷ୍ଟ୍ର ଭାବେ ପରିଣତ କରିଥିଲେ। ଭାରତବର୍ଷରେ ଜନ୍ମ ନେଇଥିବା ପ୍ରତିଭା, ରାଷ୍ଟ୍ର ନିର୍ମାତାଙ୍କ ମଧ୍ୟରେ ଶ୍ରେଷ୍ଠତ୍ୱ ସ୍ଥାନରେ ଅଟଳଜୀ ଅନ୍ୟତମ। ସ୍ୱାଧୀନୋତର ଭାରତରେ ଶାସନ ବ୍ୟବସ୍ଥାକୁ ସୁଶାସନ ଅଭିମୁଖୀ ଯୋଜନାର ସେ ଯେଉଁ ଚିତ୍ର ଆଙ୍କି ଯାଇଛନ୍ତି, ତାହାକୁ ଆଧାର କରି ବିକାଶ ମାନଚିତ୍ର ପ୍ରୟାସ ଚାଲିଛି। କୃଷି ଓ ବିଜ୍ଞାନ କ୍ଷେତ୍ରରେ ତାଙ୍କ ଉଦ୍ୟମ ପ୍ରଶଂସନୀୟ। ପ୍ରତ୍ୟେକ ବ୍ୟକ୍ତି ସଚେତନ ନାଗରିକ ଭାବେ ନିଜ ଦାୟିତ୍ୱ, କର୍ତ୍ତବ୍ୟ ପାଳନ କଲେ ବିକଶିତ ଭାରତ ପରିକଳ୍ପନା ସମ୍ଭବ ହୋଇପାରିବ। ମୁଖ୍ୟ ବକ୍ତାଭାବେ ଅଧ୍ୟାପକ ସୁବୋଧ ଜଗଦେବ ଅଟଳ ବିହାରୀ ବାଜପେୟୀଙ୍କ ଜୀବନୀ ଆଦର୍ଶ, ରାଜନୈତିକ ପୃଷ୍ଠଭୂମି ଉପରେ କହିଥିଲେ। ବାଜପେୟୀଙ୍କ ଶାସନ ଇତିହାସରେ ଲିପିବଦ୍ଧ ହୋଇ ରହିବ। ଜିଲାପରିଷଦ ଅଧ୍ୟକ୍ଷ ରୁପଶ୍ରୀରାଣୀ ଗୁମାନସିଂ, ଉପାଧ୍ୟକ୍ଷ ଗୋପୀନାଥ ମହାରଣା ସମ୍ମାନିତ ଅତିଥିଭାବେ ଉପସ୍ଥିତ ଥିଲେ। ଜିଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ଜ୍ୟୋତିଶଙ୍କର ସାହୁ କହିଥିଲେ ଯେ, ସୁଶାସନ କହିଲେ କେବଳ ସରକାର କିମ୍ବା ପ୍ରଶାସନର କାର୍ଯ୍ୟକାରିତାକୁ ବୁଝାଏ ନାହିଁ ବରଂ ପ୍ରତ୍ୟେକ ନାଗରିକ, ଉପଭୋକ୍ତା ନିଜ ଦାୟିତ୍ୱ, କର୍ତ୍ତବ୍ୟ ପାଳନ କଲେ ଏହାର ଲକ୍ଷ୍ୟ ସାଧନ ହୋଇପାରିବ। ସ୍ୱାଗତ ଭାଷଣରେ ଅତିରିକ୍ତ ଜିଲାପାଳ ପ୍ରଧାନ କହିଥିଲେ ଯେ, ବାଜପେୟୀ ଜଣେ ମହାନ ରାଷ୍ଟ୍ରନାୟକ ଥିଲେ। ଦୁର୍ନୀତି ହଟାଇବା ସହ ସୁସ୍ଥ ସମାଜ ଗଠନ ଦିଗରେ ସମସ୍ତଙ୍କ ଉପର ଦାୟିତ୍ୱ ରହିଛି। ନାଗରିକମାନଙ୍କୁ ଉପଯୁକ୍ତ ସେବା ଯୋଗାଇବା ପାଇଁ ପ୍ରତିବଦ୍ଧତା ଜରୁରୀ। ବିଦ୍ୟାଳୟ, ମହାବିଦ୍ୟାଳୟସ୍ତରରେ ଆୟୋଜିତ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ଲକ୍ଷ୍ମଣ ବେହେରା କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ।

# ବୋଲଗଡ଼ ମହୋତ୍ସବ ଆଜି



ଖବରଦାତା ସମ୍ମିଳନୀରେ ସୂଚନା ଦିଆଯାଉଛି।

**ବୋଲଗଡ଼,୨୫ା୧୨(ଦେବବ୍ରତ ହୋତା)**

୨୨ତମ ବୋଲଗଡ଼ ମହୋତ୍ସବ ଆଶା-୨୦୨୫ ସ୍ଥାନୀୟ ମିନି ଷ୍ଟାଡିୟମ ସମ୍ମୁଖ ପଡ଼ିଆରେ ଶୁକ୍ରବାର ଉଦ୍‌ଘାଟିତ ହେବ। ଏନେଇ ସମସ୍ତ ପ୍ରସ୍ତୁତି ସରିଥିବା ବେଳେ ମହୋତ୍ସବ କମିଟି ପକ୍ଷରୁ ଗୁରୁବାର ଏକ ଖବରଦାତା ସମ୍ମିଳନୀ ଟାଉନ କ୍ଲବସ୍ଥିତ ମହୋତ୍ସବ କାର୍ଯ୍ୟାଳୟଠାରେ ଅନୁଷ୍ଠିତ ହୋଇଯାଇଛି। କମିଟି ଉପସଭାପତି ରବୀନ୍ଦ୍ର ପରିଡ଼ାଙ୍କ ଅଧ୍ୟକ୍ଷତାରେ ବରିଷ୍ଠ ଉପଦେଷ୍ଟା ପ୍ୟାରୀମୋହନଦାସ ଓ ଲଲାଟେନ୍ଦୁକେଶରୀ ସିଂ, ସମ୍ପାଦକ ନାରାୟଣ ମାଝୀ, ସାଧାରଣ ସମ୍ପାଦକ ବୀର ଦାସ ପ୍ରମୁଖ ମହୋତ୍ସବ ପ୍ରସ୍ତୁତି ସମ୍ପର୍କରେ ସୂଚନା ଦେଇଥିଲେ। ମହୋତ୍ସବ ସହ ସଂଶ୍ଳିଷ୍ଟ ଥିବା ଜାନକୀ ପାଢ଼ୀ ମେମୋରିଆଲ ଫୁଟବଲ ଟୁର୍ଣ୍ଣାମେଣ୍ଟ, ଆୟୁର୍ବେଦିକ ଚିକିତ୍ସା ଶିବିର ଓ ଅସହାୟଙ୍କୁ ୧୦୦୦ କମ୍ବଳ ବଣ୍ଟନ ଆଦି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇସାରିଥିବା ବେଳେ ୨୬ରୁ ୩୦ ତାରିଖ ପର୍ଯ୍ୟନ୍ତ ମୁକ୍ତାକାଶ ରଙ୍ଗମଞ୍ଚରେ ମହୋତ୍ସବ ଅନୁଷ୍ଠିତ ହେବ। ଉପଦେଷ୍ଟା ପ୍ୟାରୀ ଦାସ ଧନ୍ୟବାଦ ଅର୍ପଣ କରିଥିଲେ।

# ଅଟୋକୁ ଧକ୍କାଦେଲା ପିକ୍‌ଅପ୍ ଭ୍ୟାନ୍: ଜଣେ ମୃତ, ୫ ଗୁରୁତର

**ଟାଙ୍ଗୀ,୨୫ା୧୨(ରଘୁନାଥ ସାହୁ)**

୧୬ ନମ୍ବର ଜାତୀୟ ରାଜପଥର ଟାଙ୍ଗୀ ବାଇପାସ୍‌ରେ ଗୁରୁବାର ମର୍ମନ୍ତୁଦ ସଡ଼କ ଦୁର୍ଘଟଣା ଘଟିଛି। ଏକ ଯାତ୍ରୀବାହୀ ଅଟୋରିକ୍ସାକୁ ପିକ୍‌ଅପ୍ ଭ୍ୟାନ ଧକ୍କାଦେବାରୁ ଜଣଙ୍କର ମୃତ୍ୟୁ ଘଟିଥିବା ବେଳେ ୫ଜଣ ଆହତ ହୋଇଛନ୍ତି। ମୃତକ ହେଲେ ଆଇଗିଣିଆ ଫୁଲଝରିସ୍ଥିତ ନୂଆସାହିର ବ୍ରଜମୋହନ ସେନାପତି(୪୫)। ଗୁରୁତରମାନଙ୍କୁ ଚିକିତ୍ସା ପାଇଁ ଟାଙ୍ଗୀ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଛି। ଟାଙ୍ଗୀ ଥାନା ପୋଲିସ ଘଟଣାସ୍ଥଳରେ ପହଞ୍ଚି ଦୁର୍ଘଟଣାଗ୍ରସ୍ତ ଗାଡ଼ି ଦୁଇଟିକୁ ଜବତ କରିବା ସହ ଏକ ମାମଲା (ନଂ.୯୦୭/୨୫) ରୁଜୁକରି ଘଟଣାର ତଦନ୍ତ ଚଳାଇଛି। ସୂଚନା ମୁତାବକ, ଭୁବନେଶ୍ୱରରେ ରହୁଥିବା କେତେଜଣ ଶ୍ରମିକ ଅଟୋରିକ୍ସାରେ ଚିଲିକା ବୁଲିବାକୁ ଯାଇଥିଲେ। ବାଲୁଗାଁ ଅଭିମୁଖେ ଯାଉଥିବା ଏକ ପିକ୍‌ଅପ୍ ଭ୍ୟାନ ଟାଙ୍ଗୀ ବାଇପାସ୍ ନିକଟରେ ଉକ୍ତ ଅଟୋରିକ୍ସାକୁ ଧକ୍କା ଦେଇଥିଲା। ଫଳରେ ଅଟୋରେ ଥିବା ଶ୍ରମିକମାନେ ଗୁରୁତର ଆହତ ହୋଇଥିଲେ। ଖବରପାଇ ଟାଙ୍ଗୀ ପୋଲିସ ପହଞ୍ଚି ଗୁରୁତରମାନଙ୍କୁ ଉଦ୍ଧାର କରି ଟାଙ୍ଗୀ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପଠାଇଥିଲା। ସେଠାରେ ବ୍ରଜମୋହନଙ୍କୁ ଡାକ୍ତର ମୃତ ଘୋଷଣା କରିଥିଲେ। ଘନ କୁହୁଡ଼ି ଯୋଗୁ ରାସ୍ତା ଦେଖା ନ ଯିବାରୁ ଦୁର୍ଘଟଣା ଘଟିଥିବା ଜଣାପଡ଼ିଛି।


ବଡ଼ଦିନ ଅବସରରେ ଗୁରୁବାର ମା'କାଳିଜାଈଙ୍କ ପୀଠରେ ଶ୍ରଦ୍ଧାଳୁଙ୍କ ଭିଡ଼। (ଫଟୋ:କୈଳାସ ଚନ୍ଦ୍ର ପଟ୍ଟନାୟକ)

# ‘ସଶକ୍ତ ସମାଜ ଗଢ଼ିବାରେ ସାହିତ୍ୟର ଭୂମିକା ଅନନ୍ୟ’

**ବାଘମାରୀ,୨୫ା୧୨(ମିହିର ରଞ୍ଜନ ମହାପାତ୍ର)**

ବେଗୁନିଆ ବ୍ଲକ ବାଘମାରୀ ପଞ୍ଚାୟତ ତୃପ୍ତି କଲ୍ୟାଣ ମଣ୍ଡପ ପରିସରରେ ତ୍ରିଧାରା ସାଂସ୍କୃତିକ ପରିଷଦର ତୃତୀୟ ବାର୍ଷିକ ଉତ୍ସବ ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ପରିବେଶବିତ୍ ରାଜକିଶୋର ପାଣିଗ୍ରାହୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ସଭାରେ ଜିଲା ଶିଳ୍ପ କେନ୍ଦ୍ରର ପୂର୍ବତନ ସହକାରୀ ପରିଚାଳକ ସୁନୀଲ ପଟ୍ଟନାୟକ ମୁଖ୍ୟ ଅତିଥି, ସାମାଜିକ କର୍ମୀ ସନ୍ଦିପ୍ତ ଦାସ ମୁଖ୍ୟ ବକ୍ତା, ସାହିତ୍ୟିକ ତଥା ଶିକ୍ଷକ ଅଖିଳେଶ ମହାପାତ୍ର ସମ୍ମାନିତ ଅତିଥିଭାବେ ଯୋଗ ଦେଇଥିଲେ। ଜଗନ୍ନାଥ ପରିଡ଼ା, ଦୟାନିଧି ବେହେରା ଏବଂ ଦାଶରଥି ବେହେରା ସ୍ୱାଗତ ସଙ୍ଗୀତ ଗାନ କରିଥିବା ବେଳେ କଳ୍ପତରୁ ପଣ୍ଡା ସମ୍ପାଦକୀୟ ପାଠ କରିଥିଲେ। ସଶକ୍ତ ସମାଜ ଗଢ଼ିବାରେ ସାହିତ୍ୟର ଭୂମିକା ଅନନ୍ୟ ବୋଲି ମୁଖ୍ୟ ଅତିଥି ପଟ୍ଟନାୟକ କହିଥିଲେ। ପରେ କବି ଜଗଦୀଶ ପାତ୍ରଙ୍କ ସଂଯୋଜନାରେ ବଂଶୀଧର ପଣ୍ଡା, ଗଙ୍ଗାଧର ଓଝା, ସସ୍ମିତା ଗ୍ରହାଚାର୍ଯ୍ୟ, ପଦ୍ମାଳୟା ମହାପାତ୍ର, ଦେବାଶିଷ ସାହୁ, ବିଶ୍ୱଜିତ୍ ହୋତା ପ୍ରମୁଖ କବିତା ପାଠ କରିଥିଲେ। ଏହି ଅବସରରେ ରଜନୀକାନ୍ତ ପଣ୍ଡାଙ୍କ କ୍ରିଷ୍ଣା ବୁକ୍ସ ଦ୍ୱାରା ପ୍ରକାଶିତ ବିଭୁ ହୋତାଙ୍କ ଲିଖିତ ‘ରଙ୍ଗ ଛୁଆଁ’, ପଣ୍ଡିତ ରଘୁନାଥ ବିଶିଙ୍କ ‘ଉପନିଷଦ’ ଏବଂ ମଳୟ ଜୟସିଂହଙ୍କ ଲିଖିତ ‘ଅନନ୍ୟ ସେବକ’ ଓ ‘ଏଇତ ଜୀବନ’ ଉନ୍ମୋଚିତ ହୋଇଥିଲା। ଗାୟକ ପ୍ରଫୁଲ ସାମନ୍ତରାଙ୍କୁ ଗାୟକ ସମ୍ରାଟ ବିଶ୍ୱନାଥ ପଟଯୋଶୀ ସମ୍ମାନ, ଶିଳ୍ପୀ ଉପେନ ସାହୁଙ୍କୁ ଶିଳ୍ପୀ ଗୁରୁ କଳିଙ୍ଗ ମହାରଣା ସମ୍ମାନ, ପାହାନ୍ତି ଆକାଶ ବହି ପାଇଁ ମହାଦେବ ପ୍ରଧାନଙ୍କୁ ବିଭୁ ହୋତା ସମ୍ମାନ, ସ୍ଥପତି ସନାତନ ଦାସଙ୍କୁ ପୂଜ୍ୟପୂଜା ସମ୍ମାନ, ଜଗନ୍ନାଥ ପରିଡ଼ାଙ୍କୁ ସଙ୍ଗୀତ ଶ୍ରୀସମ୍ମାନ ଏବଂ ସରୋଜିନୀ ପାଟଶାଣୀଙ୍କୁ ସାହିତ୍ୟ ସମ୍ମାନ ପ୍ରଦାନ କରାଯାଇଥିଲା। ବାପିନା ମହାପାତ୍ର ଉଦ୍‌ଯାପନୀ ସଙ୍ଗୀତ ଗାନ କରିଥିଲେ।


ଉତ୍ସବରେ ଅତିଥିମାନେ ପୁସ୍ତକ ଉନ୍ମୋଚନ କରୁଛନ୍ତି।

# ଭିଏଚ୍‌ପି, ବଜରଙ୍ଗ ଦଳର ବିକ୍ଷୋଭ

## ବାଂଲାଦେଶରେ ଦୀପୁ ଚନ୍ଦ୍ର ଦାସ ହତ୍ୟା ପ୍ରସଙ୍ଗ

■ ଜିଲାରେ ଅନୁପ୍ରବେଶକାରୀଙ୍କୁ ଚିହ୍ନଟ ଦାବି




**ଖୋର୍ଦ୍ଧା,୨୫ା୧୨(ପ୍ରଭାତ ପାଣିଗ୍ରାହୀ)**

ବାଂଲାଦେଶରେ ହିନ୍ଦୁ ଯୁବକ ଦୀପୁଚନ୍ଦ୍ର ଦାସଙ୍କୁ ବିନା ଦୋଷରେ ଇସ୍‌ଲାମ କଟ୍ଟରପନ୍ଥୀମାନେ ଗଛରେ ବାନ୍ଧି ପିଟି ପିଟି ହତ୍ୟା କରିବା ପରେ ତାଙ୍କ ମୃତଦେହରେ ନିଆଁ ଲଗାଇ ଜାଳି ଦେଇଥିଲେ। ବିଶ୍ୱ ହିନ୍ଦୁ ପରିଷଦ, ବଜରଙ୍ଗ ଦଳ, ଖୋର୍ଦ୍ଧା ଜିଲା ଏହାକୁ ଦୃଢ଼ ନିନ୍ଦା କରଛି। ଏହି ହତ୍ୟା ଘଟଣାରେ ସମ୍ପୃକ୍ତ ବ୍ୟକ୍ତିବିଶେଷଙ୍କୁ ଚିହ୍ନଟ କରାଯାଇ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ। ଏନେଇ ଗୁରୁବାର ଭିଏଚ୍‌ପି, ବଜରଙ୍ଗ ଦଳର ଶତାଧିକ କର୍ମୀ ଜିଲାପାଳଙ୍କ କାର୍ଯ୍ୟାଳୟ ଆଗରେ ବିକ୍ଷୋଭ କରିଥିଲେ। ଖୋର୍ଦ୍ଧାରେ ରୋହିଙ୍ଗ୍ୟା ବାଂଲାଦେଶୀଙ୍କ ସଂଖ୍ୟା ବଢ଼ିଚାଲିଛି। ଜିଲାରେ ଏମାନଙ୍କୁ ଚିହ୍ନଟ କରି ହଟାଇବା ଦାବିରେ ଏସ୍‌ପିଙ୍କ କାର୍ଯ୍ୟାଳୟ ମଧ୍ୟ ଘେରାଉ କରିବା ସହ ବାଂଲାଦେଶୀ ହଟାଅ, ଦେଶ ବଞ୍ଚାଅ ସ୍ଲୋଗାନ ଦେଇଥିଲେ। ଜିଲାର ସବୁଠି ବାଂଲାଦେଶୀ ନକଲି ପ୍ରମାଣପତ୍ରରେ ଆଧାର ଓ ଭୋଟରକାର୍ଡ ହାତେଇ ସମସ୍ତ ସରକାରୀ ସୁବିଧା ପାଉଛନ୍ତି। ସରକାରୀ, ବେସରକାରୀ ଜମିରେ ଘର କରି ବିଭିନ୍ନ ଅସାମାଜିକ କାର୍ଯ୍ୟକଳାପରେ ଲିପ୍ତ ଅଛନ୍ତି। ତୁରନ୍ତ ଏମାନଙ୍କୁ ଚିହ୍ନଟ କରି ଜିଲାରୁ ହଟାଇବା ପାଇଁ ଦାବି ହୋଇଛି। ବହୁ ବାଂଲାଦେଶୀ ଅନୁପ୍ରବେଶକାରୀ ଫେରିବାଲା, ବେଲୁନବାଲା, ଘର ସାଜସଜ୍ଜା ଜିନିଷ ବିକ୍ରି ଆଳରେ ଟିଏଲ୍‌ସି ରୋଡ ସମେତ ସହର ସାରା ଫୁଟ୍‌ପାଥରେ ଆଡ୍ଡା ଜମାଇ ରହିଛନ୍ତି। ସହରର ଏକାଧିକ ଦୋକାନରୁ ଚୋରି ପଛରେ ଏମାନଙ୍କ ହାତ ରହିଥିବା ସନ୍ଦେହ କରାଯାଉଛି। ଏ ସମ୍ପର୍କରେ ପୂର୍ବରୁ ଜିଲା ପ୍ରଶାସନ, ପୋଲିସକୁ ବହୁବାର ଲିଖିତ ଜଣାଇବା ସତ୍ତ୍ୱେ କୌଣସି ପଦକ୍ଷେପ ଗ୍ରହଣ କରାଯାଉନାହିଁ। ଆଗାମୀ ସପ୍ତାହ ମଧ୍ୟରେ ପ୍ରଶାସନ ପକ୍ଷରୁ ଅନୁପ୍ରବେଶକାରୀଙ୍କ ଚିହ୍ନଟ ପ୍ରକ୍ରିୟା ଆରମ୍ଭ କରାନଗଲେ ରାଜରାସ୍ତାକୁ ଓହ୍ଲାଇବୁ ବୋଲି ସଙ୍ଗଠନ ପକ୍ଷରୁ ଚେତାବନୀ ଦିଆଯାଇଛି। ବିଶ୍ୱହିନ୍ଦୁ ପରିଷଦ ସହ ସମ୍ପାଦକ ସନ୍ତୋଷ କୁମାର ଶ୍ରୀଚନ୍ଦନ, କୋଷାଧ୍ୟକ୍ଷ ଅଭିମନ୍ୟୁ ଘଟୁଆଳ, ଆର୍‌ଏସ୍‌ଏସ୍ ସହ ନଗର ସଂଘଚାଳକ ସତ୍ୟବାନ ଶ୍ରୀଚନ୍ଦନ, ରାଷ୍ଟ୍ରୀୟ ସୁରକ୍ଷା ମଞ୍ଚ ଜିଲା ସଂଯୋଜକ ମିହିର ବିଧାର, ପ୍ରଖଣ୍ଡ ସଭାପତି ସୁଦର୍ଶନ ରଥ, ସମ୍ପାଦକ ଜିତେନ୍ଦ୍ର ବେହେରା, ବଜରଙ୍ଗ ଦଳ ବିଭାଗ ସଂଯୋଜକ ନୃତ୍ୟଜିତ ଚମ୍ପତି, ଜିଲା ସଂଯୋଜକ ଉଦିତ ପ୍ରହରାଜ, ସହ ଜିଲା ସଂଯୋଜକ ଏସ୍.ଏମ୍. ଦିବ୍ୟପ୍ରକାଶ, ପ୍ରଖଣ୍ଡ ସଂଯୋଜକ ସତ୍ୟଜିତ ବେହେରା, ସହ ସଂଯୋଜକ ଜ୍ୟୋତି ପ୍ରକାଶ ବାରିକ, ଶୁଭଙ୍କର ପାଇକରାୟଙ୍କ ସମେତ ଶତାଧିକ କର୍ମୀ ଉପସ୍ଥିତ ଥିଲେ।

# ରାଇଜିଂଷ୍ଟାର କ୍ରିକେଟ କ୍ଲବ ସେମିରେ

**ବେଗୁନିଆ,୨୫ା୧୨(ହର ପ୍ରସନ୍ନ ପଣ୍ଡା/ ସନ୍ଧ୍ୟାରାଣୀ ମିଶ୍ର)**

ବେଗୁନିଆ ବ୍ଲକ କଣ୍ଟାବାଡ଼ସ୍ଥିତ ନୀଳକଣ୍ଠ ସରକାରୀ ଉଚ୍ଚ ବିଦ୍ୟାଳୟ ଖେଳପଡ଼ିଆରେ ଚାଲିଥିବା ରାଜ୍ୟସ୍ତରୀୟ କ୍ରିକେଟ ଟୁର୍ଣ୍ଣାମେଣ୍ଟର ଗୁରୁବାର ତୃତୀୟ କ୍ୱାର୍ଟର ଫାଇନାଲ ମ୍ୟାଚ୍ କୁମାରବସ୍ତ ରାଇଜିଂଷ୍ଟାର କ୍ରିକେଟ କ୍ଲବ ଏବଂ ଅଷ୍ଟଶମ୍ଭୁ କ୍ରିକେଟ କ୍ଲବ ହାଜିପୁର ମଧ୍ୟରେ ହୋଇଥିଲା। ଟସ୍ ଜିତି କୁମାରବସ୍ତ ଟିମ୍ ପ୍ରଥମେ ବ୍ୟାଟିଂ କରି ୧୯.୨ ଓଭରରେ ସମସ୍ତ ଉଇକେଟ ବିନିମୟରେ ୨୦୫ରନ ସଂଗ୍ରହ କରିଥିଲା। ଜବାବରେ ହାଜିପୁର ଟିମ୍ ୧୮ଓଭରରେ ୯ଉଇକେଟ ବିନିମୟରେ ୧୮୫ରନ ସଂଗ୍ରହ କରି ପରାଜିତ ହୋଇଥିଲା। କୁମାରବସ୍ତ ଟିମର ମହମ୍ମଦ ସୁଲେମାନ ମ୍ୟାନ ଅଫ ଦି ମ୍ୟାଚ ବିବେଚିତ ହୋଇଥିଲେ।ଆୟୋଜିତ ପୁରସ୍କାର ବିତରଣୀ ଉତ୍ସବରେ ସେବାନିବୃତ୍ତ ପ୍ରଧାନ ଶିକ୍ଷୟିତ୍ରୀ ସୁଶ୍ରୀ ପ୍ରତିମା ପ୍ରଧାନ ମୁଖ୍ୟ ଅତିଥି, ମାନସ ରଞ୍ଜନ ଦାଶ ଓ ଶିକ୍ଷାବିତ୍ ରାଜକିଶୋର ପାଣିଗ୍ରାହୀ ସମ୍ମାନିତ ଅତିଥିଭାବେ ଉପସ୍ଥିତ ଥିଲେ। ରମାକାନ୍ତ ପାତ୍ର ଏବଂ ବିନୟ ପାଇକରାୟ ମ୍ୟାଚ ପରିଚାଳନା କରିଥିଲେ। ସିଦ୍ଧେଶ୍ୱର ବେହେରା, ସଞ୍ଜୟ କୁମାର ପାଣିଗ୍ରାହୀ ସ୍କୋରର, ମିହିର ରଞ୍ଜନ ମହାପାତ୍ର ଏବଂ ଶରତ କୁମାର ପାଇକରାୟ ଭାଷ୍ୟକାର ଦାୟିତ୍ୱ ତୁଲାଇଥିଲେ। ଦିଲୀପ ପାଣିଗ୍ରାହୀ, ମିଥୁନ ପ୍ରଧାନ, ଜ୍ଞାନ ରଞ୍ଜନ ଜେନା, ଶାସ୍ୱତ କର, ନରସିଂହ ପ୍ରଧାନ, ସୌମ୍ୟରଞ୍ଜନ ଦାସ, ଶ୍ରୀକାନ୍ତ ବାହିନୀପତି, ପ୍ରଭାତ ପଣ୍ଡା, ମାନସ ରଞ୍ଜନ ଦାଶ, ବଂଶୀଧର ପାଣିଗ୍ରାହୀ, ଶ୍ରୀବତ୍ସ ପାଣିଗ୍ରାହୀ, ଦୀପକ ରଞ୍ଜନ ଦାସ ପ୍ରମୁଖ ଯୋଗଦେଇ ଖେଳାଳିଙ୍କୁ ଉତ୍ସାହିତ କରିଥିଲେ। ଶୁକ୍ରବାର ବିଶ୍ରାମ ଦିବସ, ଶନିବାର ଢେଙ୍କାନାଳ ଏବଂ ଭାଲିଆବାଡି ଟିମ୍ ମଧ୍ୟରେ ମ୍ୟାଚ୍ ହେବ ବୋଲି ଆୟୋଜକ ଆସୋସିଏଶନ ପକ୍ଷରୁ କୁହାଯାଇଛି।

# ହାତୀପଲ ଉଜାଡ଼ିଲେ ୩୦ ବସ୍ତା ଧାନ

**ବେଗୁନିଆ,୨୫ା୧୨(ହର ପ୍ରସନ୍ନ ପଣ୍ଡା)**



ବେଗୁନିଆ ବ୍ଲକ୍ ଅଞ୍ଚଳରେ କିଛି ବର୍ଷ ହେବ ହାତୀପଲଙ୍କ ଉପଦ୍ରବ ବଢ଼ିବାରେ ଲାଗିଛି। ବିଶେଷକରି ହାତୀପଲ କ୍ଷେତକୁ ଆସି ବ୍ୟାପକ ଫସଲ ନଷ୍ଟ କରୁଥିବା ଅଭିଯୋଗ ହେଉଛି। ବୁଧବାର ବିଳମ୍ବିତ ରାତିରେ ହାତୀପଲ ବୋତଳମା ପଞ୍ଚାୟତ ଅନ୍ତର୍ଗତ ଛତ୍ରପଡ଼ା ଗ୍ରାମର ଚାଷୀ କିଶୋର ସାମନ୍ତସିଂହାରଙ୍କ ଅମଳ ଧାନ ନଷ୍ଟ କରିଛନ୍ତି। ସନ୍ଧ୍ୟାରେ ସେ ଅମଳ କରି ପ୍ରାୟ ୩୦ ବସ୍ତା ଧାନ ନିଜ କ୍ଷେତରେ ଜମା କରି ରଖିଥିଲେ। ଗୁରୁବାର ସକାଳେ ଘରକୁ ଆଣିବା ପାଇଁ ସ୍ଥିର କରିଥିଲେ। ହେଲେ ରାତିରେ ହାତୀପଲ ଆସି ଧାନ ବସ୍ତା ଦଳଚକଟି ନଷ୍ଟ କରିଥିବା ଦେଖିବାକୁ ମିଳିଛି। ଫଳରେ ବର୍ଷକର ଆହାର ଚିନ୍ତାରେ କିଶୋର ପଡିଯାଇଛନ୍ତି। କିଶୋରଙ୍କୁ କ୍ଷତିପୂରଣ ବାବଦରେ ସହାୟତା ଯୋଗାଇଦେବାକୁ ଗ୍ରାମବାସୀଙ୍କ ପକ୍ଷରୁ କୁହାଯାଇଛି।

# ଭୀମପଡ଼ାକୁ ହରାଇ କଳାମାଟିଆ ଚାମ୍ପିୟନ


ଅତିଥିଙ୍କଠାରୁ କପ୍ ଗ୍ରହଣ କରୁଛନ୍ତି ଖେଳାଳି।

**ବୋଲଗଡ଼,୨୫ା୧୨(ଦେବବ୍ରତ ହୋତା)**

ଭାରତର ପୂର୍ବତନ ପ୍ରଧାନମନ୍ତ୍ରୀ ଅଟଳ ବିହାରୀ ବାଜପେୟୀଙ୍କ ଜୟନ୍ତୀ ଉପଲକ୍ଷେ ବୋଲଗଡ଼ ବ୍ଲକ ଭିମପଡ଼ା ଗ୍ରାମର ପୂଜ୍ୟ ପୂଜା ସମିତି ଆନୁକୂଲ୍ୟରେ ଏକଦିବସୀୟ ଦିବାରାତ୍ର କ୍ରିକେଟ ଟୁର୍ଣ୍ଣାମେଣ୍ଟ ଅନୁଷ୍ଠିତ ହୋଇଯାଇଛି। ଭିମପଡ଼ା ପଡ଼ିଆରେ ଆୟୋଜିତ ଏହି ଟୁର୍ଣ୍ଣାମେଣ୍ଟକୁ ଶିକ୍ଷାବିତ୍ ପର୍ଶୁରାମ ମୁଦୁଲି ଉଦ୍‌ଘାଟନ କରିଥିଲେ। ଫାଇନାଲ ମ୍ୟାଚରେ ଭୀମପଡ଼ାକୁ ହରାଇ କଳାମାଟିଆ ଟିମ୍ ବିଜୟୀ ହେବା ସହ ଚାମ୍ପିୟନ ହୋଇଛି। ଜନ୍ମେଜୟ ମାଝୀ, ବିରଞ୍ଚି ସାହୁ ଏବଂ ପ୍ରଶାନ୍ତ ମହାନ୍ତି ମ୍ୟାଚ୍ ପରିଚାଳନା କରିଥିଲେ। ମଦନମୋହନ ପୃଷ୍ଟି ଓ ସନ୍ତୋଷ ସ୍ୱାଇଁ ସ୍କୋରର, ମଧୁସୂଦନ ବେହେରା ଓ ସନ୍ତୋଷ ମାଝୀ ମ୍ୟାଚ ଧାରା ବିବରଣୀ ପ୍ରଦାନ କରିଥିଲେ। ସରପଞ୍ଚ ପୁଷ୍ପଲତା ଭଟ୍ଟ, ଚନ୍ଦନ ପ୍ରଧାନ, ପ୍ରମୋଦ ପ୍ରଧାନ ପ୍ରମୁଖ ଅତିଭାବେ ଯୋଗଦେଇ ଚାମ୍ପିୟନ ଟିମ୍‌କୁ କପ୍ ସହିତ ୩ ହଜାର ଟଙ୍କା, ରନର୍ସଅପ୍ ଟିମ୍‌କୁ କପ୍ ସହ ୨ହଜାର ଟଙ୍କା ପ୍ରଦାନ କରିଥିଲେ। ଲୋତକବିନ୍ଦୁ ପଟ୍ଟନାୟକ, ବିନୋଦ ମହାରଣା, ଜଗବନ୍ଧୁ ମୁଦୁଲି, ଅଭିମନ୍ୟୁ ପଟ୍ଟନାୟକ ପ୍ରମୁଖ ଟୁର୍ଣ୍ଣାମେଣ୍ଟ ପରିଚାଳନାରେ ସହଯୋଗ କରିଥିଲେ।

# ଟାଇବ୍ରେକରରେ ଧାନବାଦ୍ ଏକାଡେମୀ ଝାଡ଼ଖଣ୍ଡ ବିଜୟୀ

**ନିରାକାରପୁର,୨୫ା୧୨ (ମାନସ ଚନ୍ଦ୍ର ପଟ୍ଟନାୟକ)**

ନିରାକାରପୁର ପଞ୍ଚାୟତର କ୍ଷେତ୍ରବାସୀ ଡିଏଭି ମହାବିଦ୍ୟାଳୟ ଖେଳପଡ଼ିଆରେ ସଖାସଂଘ କ୍ରୀଡ଼ା ସଂସଦ ଆନୁକୂଲ୍ୟରେ ଚାଲିଥିବା ୩୨ତମ ସର୍ବଭାରତୀୟ ଫୁଟ୍‌ବଲ ଟୁର୍ଣ୍ଣାମେଣ୍ଟରେ ଗୁରୁବାର ଟାଇବ୍ରେକରରେ ସେଞ୍ଚୁରିଆନ ଫୁଟ୍‌ବଲ କ୍ଲବ୍ (ନାଇଜେରିଆ)କୁ ୪-୨ ଗୋଲରେ ହରାଇ ଧାନବାଦ୍ ଏକାଡେମୀ ଝାଡ଼ଖଣ୍ଡ ବିଜୟୀ ହୋଇଛି। ଏହି ମ୍ୟାଚରେ ଅତିଥିଭାବେ ଉଚ୍ଚ ଶିକ୍ଷା ବିଭାଗର ଅତିରିକ୍ତ ସଚିବ ଧରଣୀଧର ନନ୍ଦ, ଲଳିତ କବି ଡ.ଆର୍ତ୍ତତ୍ରାଣ ସାହୁ, ସାହିତ୍ୟିକ ଡ.ପୂର୍ଣ୍ଣଚନ୍ଦ୍ର ଦାଶ, ଡ.ସଞ୍ଜୟ ମହାପାତ୍ର, ପୂର୍ବତନ ଜିଲାପରିଷଦ ସଭ୍ୟ ରବୀନ୍ଦ୍ର ରାଉତରାୟ, ରାମଦୟା ପରିଷଦର ସମ୍ପାଦକ ଗଙ୍ଗାଧର ତ୍ରିପାଠୀ ପ୍ରମୁଖ ଯୋଗଦେଇ ଖେଳାଳଙ୍କୁ ଉତ୍ସାହିତ କରିଥିଲେ। ରେଫରି ଭାବେ ମିକୁନ ମହାନ୍ତି ମ୍ୟାଚ୍ ପରିଚାଳନା କରିଥିଲେ। ସାଇରାମ ଡିସ୍କୋ ଓ ପ୍ରିୟବ୍ରତ ବାହିନୀପତି ଲାଇନ୍ସରେ ସହାୟତା କରିଥିଲେ। ଚତୁର୍ଥ ରେଫରିଭାବେ ଓମ୍ ପ୍ରକାଶ ମିଶ୍ର, ଭୀମସେନ ବିଶ୍ୱାଳ, ହୃଦାନନ୍ଦ ମହତରାୟ, କୋଚ ଭାବେ ଅବିନାଶ ପଟ୍ଟନାୟକ ସହଯୋଗ କରିଥିଲେ। କମଳ ଲୋଚନ ପ୍ରଧାନ ଓ ପ୍ରଶାନ୍ତ ପାଟଶାଣୀ ମଞ୍ଚ ପରିଚାଳନା କରିଥିଲେ। ଶୁକ୍ରବାର ହିନ୍ଦୁସ୍ଥାନ ହିରୋଜ ଫୁଟ୍‌ବଲ ଆସୋସିଏଶନ କୋଲକାତା ଏବଂ ସିଭିରମଣ ଆଫ୍ରିକାନ ମଧ୍ୟରେ ମ୍ୟାଚ୍ ହେବ ବୋଲି ଅନୁଷ୍ଠାନର ସଭାପତି ବିପିନ କୁମାର ଜୟସିଂହ ଓ ସମ୍ପାଦକ ଭାଗୀରଥି ପ୍ରଧାନ ସୂଚନା ଦେଇଛନ୍ତି।

# ଓଡ଼ିଶା ପୋଲିସ ସେମିଫାଇନାଲରେ

**ଟାଙ୍ଗୀ,୨୫ା୧୨(ରଘୁନାଥ ସାହୁ)**

କୁହୁଡ଼ି ଜନତା ଷ୍ଟାଡିୟମରେ ଚାଲିଥିବା ସର୍ବଭାରତୀୟ ମହାବୀର କପ୍ ଫୁଟ୍‌ବଲ ଟୁର୍ଣ୍ଣାମେଣ୍ଟରେ ଗୁରୁବାର ଓଡ଼ିଶା ପୋଲିସ ଏବଂ ମା'ମଙ୍ଗଳା କ୍ଲବ କଟକ ମଧ୍ୟରେ ମ୍ୟାଚ୍ ହୋଇଥିଲା। ମ୍ୟାଚ୍ ସଂଘର୍ଷପୂର୍ଣ୍ଣ ହୋଇଥିବା ବେଳେ ୨-୧ ଗୋଲରେ ଓଡ଼ିଶା ପୋଲିସ ଟିମ୍ ବିଜୟୀ ହୋଇ ସେମିଫାଇନାଲରେ ପ୍ରବେଶ କରିଛି। ଅତିଥିଭାବେ ଖୋର୍ଦ୍ଧା ଆଇନ କଲେଜ ସମ୍ପାଦକ ସୁଧିର ମାନସିଂହ, ବରିଷ୍ଠ ଶିକ୍ଷକ ରଘୁନାଥ ସ୍ୱାଇଁ, ଉପସଭାପତି ରାଜ କିଶୋର ବୈରିଗଞ୍ଜନ, ଶିକ୍ଷାବିତ୍ ହୃଷିକେଶ ପ୍ରଧାନ, କେଦାର ଦାସ ପ୍ରମୁଖ ଯୋଗଦେଇ ଖେଳାଳିଙ୍କୁ ଉତ୍ସାହିତ କରିଥିଲେ। ବିଜୟ କୁମାର ମଙ୍ଗରାଜ ମ୍ୟାଚ୍ ପରିଚାଳନା କରିଥିବା ବେଳେ ଗୋପାଳ ସାମନ୍ତରାୟ, ପ୍ରଫୁଲ ବେହେରା ଏବଂ ରାଜୁ ମହାନ୍ତି ସହଯୋଗ କରିଥିଲେ। ରତ୍ନାକର ସାମନ୍ତରାୟ, କେଦାର ପାତାଳସିଂ, ବାବୁ ବିଶ୍ୱାଳ, ତ୍ରିନାଥ ପାତ୍ର, ଲକ୍ଷ୍ମୀଧର ଦଳେଇ ପ୍ରମୁଖ ଉପସ୍ଥିତ ଥିଲେ। ଶୁକ୍ରବାର ପ୍ରଥମ ସେମିଫାଇନାଲ ମ୍ୟାଚ୍ ଧାନବାଦ ଫୁଟ୍‌ବଲ କ୍ଲବ ଏବଂ ନୟାଗଡ଼ କ୍ରୀଡ଼ା ଛାତ୍ରାବାସ ମଧ୍ୟରେ ହେବ ବୋଲି କମିଟି ସମ୍ପାଦକ ମନୋଜ କୁମାର ମାନସିଂହ କହିଛନ୍ତି।

# ସୁଆଙ୍ଗଙ୍କୁ ହରାଇ ପିବିସିଏ ଚାମ୍ପିୟନ

**ଯାଳା,୨୫ା୧୨(ବୁଲା ବାରିକ)**

ରାଜଧାନୀ ଉପକଣ୍ଠ ଭଗବାନପୁର ସ୍ପୋର୍ଟ୍ସ ଆଣ୍ଡ କଲ୍‌ଚରାଲ ଆସୋସିଏଶନ ଆନୁକୂଲ୍ୟରେ ଆୟୋଜିତ କ୍ରିକେଟ ଟୁର୍ଣ୍ଣାମେଣ୍ଟରେ ପାତ୍ରପଡ଼ା ଭଗବାନପୁର କ୍ରିକେଟ ଆସୋସିଏଶନ(ପିବିସିଏ) ଚାମ୍ପିୟନ ହୋଇଛି। ଗୁରୁବାର ଫାଇନାଲ ମ୍ୟାଚ୍ ସୁଆଙ୍ଗ ଏବଂ ପିବିସିଏ ଟିମ୍ ମଧ୍ୟରେ ହୋଇଥିଲା। ଟସ୍ ଜିତି ପିବିସିଏ ଟିମ୍ ପ୍ରଥମେ ବ୍ୟାଟିଂ କରି ୨୦ ଓଭରରେ ୧୪୫ ରନ ସଂଗ୍ରହ କରିଥିଲା। ଜବାବରେ ସୁଆଙ୍ଗ ଟିମ୍ ୧୮.୧ ଓଭରରେ ସମସ୍ତ ଉଇକେଟ ବିନିମୟରେ ୯୭ ରନ ସଂଗ୍ରହ କରି ପରାଜିତ ହୋଇଥିଲା। ଫଳରେ ପିବିସିଏ ଟିମ୍ ବିଜୟୀ ହେବାସହ ଚାମ୍ପିୟନ ହୋଇଥିଲା। ରୋମିତ୍ ଶ୍ରୀଚନ୍ଦନ ମ୍ୟାନ ଅଫ ଦି ମ୍ୟାଚ ଏବଂ ଶୁଭମ ମହାନ୍ତି ମ୍ୟାନ ଅଫ ଦି ସିରିଜ ବିବେଚିତ ହୋଇଥିଲେ। ଲଳିତ କୁମାର ସାହୁ ଓ ଆଦିତ୍ୟ ପଟ୍ଟନାୟକ ପରିଚାଳନା କରିଥିଲେ। ମୁଖ୍ୟ ଅତିଥିଭାବେ ଭୁବନେଶ୍ୱର ମହାନଗର ନିଗମ ମେୟର ସୁଲୋଚନା ଦାସ, ସମ୍ମାନିତ ଅତିଥିଭାବେ ସ୍ଥାନୀୟ କର୍ପୋରେଟର ରଶ୍ମି ରଂଜନ ପାଟଶାଣୀ, ଜାନକୀ ବଲ୍ଲଭ ପଟ୍ଟନାୟକ, ଦୁଃଶାସନ ରଥ, ଅଭିମନ୍ୟୁ ଚମ୍ପତି, ରବୀନ୍ଦ୍ର ନାଥ ସାହୁ, ଇଂ.ପ୍ରତାପ କୁମାର ସାହୁ ଏବଂ ଶୁଭ୍ରାଂଶୁ ପଟ୍ଟନାୟକ ଯୋଗଦେଇ ଖେଳାଳିଙ୍କୁ ଉତ୍ସାହିତ କରିଥିଲେ। ଚାମ୍ପିୟନ ଟିମ୍‌କୁ ୨୦ ହଜାର ଟଙ୍କା ସହିତ ଟ୍ରଫି ଏବଂ ରନର୍ସଅପ୍ ଟିମ୍‌କୁ ୧୫ ହଜାର ଟଙ୍କା ପ୍ରଦାନ କରାଯାଇଥିଲା।


ଟ୍ରଫି ସହ ଚାମ୍ପିୟନ ଦଳର ଖେଳାଳିମାନେ।

## ଶ୍ରୀମନ୍ଦିର ହୁଣ୍ଡିରୁ ଆୟ



୨୫।୧୨।୨୦୨୫

| | |
|---|---|
| ୬,୫୮,୩୫୩ ଟଙ୍କା | |
| ସୁନା | ୧୩.୫୦୦ ଗ୍ରାମ୍ |
| ରୁପା | ୬୪.୮୦୦ ଗ୍ରାମ୍ |

# ମଣିଷପଣିଆ ସହ ଆଗକୁ ବଢ଼ିବା ହିଁ ସୁଶାସନ

## ଜିଲାସ୍ତରୀୟ ସୁଶାସନ ଦିବସ ପାଳିତ

ପୁରୀ,୨୫।୧୨(ଅଜିତ୍ କୁମାର ମହାନ୍ତି)

ମଣିଷ ପଣିଆ ସହ ଆଗକୁ ବଢ଼ିବା ହିଁ ସୁଶାସନ। ସାଧାରଣ ଲୋକଙ୍କୁ ସାମାଜିକ ନ୍ୟାୟ ଓ ସୁରକ୍ଷା ପ୍ରଦାନ କ୍ଷେତ୍ରରେ ପୂର୍ବତନ ପ୍ରଧାନମନ୍ତ୍ରୀ ଭାରତରତ୍ନ ଅଟଳ ବିହାରୀ ବାଜପେୟୀ ଯେଉଁ ଅବଦାନ ରଖି ଯାଇଛନ୍ତି ତାହା ପ୍ରକୃତ ସୁଶାସନ। ଅଟଳଜୀ ସୁଶାସନର ମୂର୍ତ୍ତିମନ୍ତ ପ୍ରତୀକ ଥିଲେ ବୋଲି କହିଛନ୍ତି ପୁରୀ ଏମ୍ପି ଡ. ସମ୍ବିତ ପାତ୍ର। ଗୁରୁବାର ପୂର୍ବାହ୍ନରେ ସଂସ୍କୃତି ଭବନ ପରିସରରେ ଜିଲା ପ୍ରଶାସନ ସୂଚନା ଓ ଲୋକ ସମ୍ପର୍କ କାର୍ଯ୍ୟାଳୟ ପକ୍ଷରୁ ପୁରୀ ଜିଲାସ୍ତରୀୟ ସୁଶାସନ ଦିବସ ଓ ଭାରତ ରତ୍ନ ଅଟଳ ବିହାରୀ ବାଜପେୟୀଙ୍କ ଜୟନ୍ତୀ ସମାରୋହ ପାଳିତ ହୋଇଥିଲା।

ଏଥିରେ ମୁଖ୍ୟ ଅତିଥି ଭାବେ ଏମ୍ପି ଡ. ପାତ୍ର କହିଥିଲେ, ବାଜପେୟୀ ଜଣେ ବହୁବିଧ ପ୍ରତିଭାର ଅଧିକାରୀ, ରାଷ୍ଟ୍ରନୀତିଜ୍ଞ, ଧୈର୍ଯ୍ୟ ଓ ସହନଶୀଳତାର ପ୍ରତୀକ ଥିଲେ ବୋଲି କହିଥିଲେ।




ସମାରୋହରେ କୃତୀ ଛାତ୍ରୀଛାତ୍ରଙ୍କ ସହ ଅତିଥିମାନେ ।

ସମ୍ମାନିତ ଅତିଥି ଭାବେ ବିଧାୟକ ସୁନୀଲ କୁମାର ମହାନ୍ତି ସାଧାରଣ ଲୋକଙ୍କୁ ସମସ୍ତ ସୁବିଧା ଯୋଗାଇଦେବା ହିଁ ସୁଶାସନ ବୋଲି କହିଥିଲେ। ପୁରୀକୁ ବିକଶିତ କରିବା ଆମ ସମସ୍ତଙ୍କ ପ୍ରାଥମିକତା। ଅଟଳଜୀ କେବଳ ନାମରେ ନୁହେଁ ବ୍ୟକ୍ତିତ୍ୱ, ସଂକଳ୍ପ, ଦେଶପ୍ରେମ ଓ କାମରେ ବି ଅଟଳ ଥିଲେ ବୋଲି ସେ କହିବା ସହ ବାଜପେୟୀ ସୁଶାସନର ପ୍ରବର୍ତ୍ତକ ଥିଲେ ବୋଲି କହିଥିଲେ। ଜିଲାପାଳ ଦିବ୍ୟଜ୍ୟୋତି ପରିଡ଼ା ଏଥିରେ ଅଧକ୍ଷତା କରିବା ସହ ସମସ୍ତଙ୍କୁ ସ୍ୱାଗତ କରିଥିଲେ। ସୂଚନା ଓ ଲୋକ ସମ୍ପର୍କ ଉପ ନିର୍ଦ୍ଦେଶକ ସନ୍ତୋଷ କୁମାର ସେଠୀ ମଞ୍ଚ ପରିଚାଳନା ସହ ଶେଷରେ ସମସ୍ତଙ୍କୁ ଧନ୍ୟବାଦ ଦେଇଥିଲେ।

ଅନ୍ୟମାନଙ୍କ ମଧ୍ୟରେ ସିଡିଏମଓ ଡ. ଅକ୍ଷୟ କୁମାର ଶତପଥୀ, ପିକେଡିଏ ସଚିବ ଦିଲୀପ କୁମାର ମହାରଣା, ଜିଲା ସମାଜ କଲ୍ୟାଣ ଅଧିକାରୀ ତନୁପ୍ରଭା ବେଉରା, ଡ. ଶରତ କୁମାର ବେହେରା, ଅନ୍ୟାନ୍ୟ ଜିଲାସ୍ତରୀୟ ଅଧିକାରୀ, ବରିଷ୍ଠ ନାଗରିକ, ବୁଦ୍ଧିଜୀବୀ, ସାମାଜିକ କର୍ମୀ, ସ୍ୱେଚ୍ଛାସେବୀ, ଗଣମାଧ୍ୟମ ପ୍ରତିନିଧି ଓ ଜନସାଧାରଣ ଯୋଗ ଦେଇଥିଲେ। ଅତିଥିମାନେ ପ୍ରାରମ୍ଭରେ ମହାପ୍ରଭୁ ଓ ବାଜପେୟୀଙ୍କ ଫଟୋଚିତ୍ରରେ ମାଲ୍ୟାର୍ପଣ ସହ ପ୍ରଦୀପ ପ୍ରଜ୍ୱଳନ କରିଥିଲେ। ପୂର୍ବାହ୍ନରେ କବି ଓ କବୟିତ୍ରୀଙ୍କ ଦ୍ୱାରା ବାଜପେୟୀଙ୍କ ଲିଖିତ କବିତା, ଦେଶାତ୍ମବୋଧକ ଓ ଆଧ୍ୟାତ୍ମିକ କବିତା ପଠନ କରାଯାଇଥିଲା।



ବଡ଼ଦିନ ଅବସରରେ ମହାପ୍ରଭୁଙ୍କ ଦର୍ଶନ ପାଇଁ ସକାଳୁ ସକାଳୁ ସିଂହଦ୍ୱାରରେ ଭକ୍ତଙ୍କ ଭିଡ଼ । (ଫଟୋ- ଯଜ୍ଞେଶ୍ୱର ମହାନ୍ତି)

## ସଂକ୍ଷେପରେ

### ପିପିଲି ଠଣଠଣାରେ ସିରିଜ ଚୋରି

ପିପିଲି,୨୫।୧୨(ଦୁର୍ଗା ମାଧବ ମିଶ୍ର)

ପିପିଲି ଦୁର୍ଗାଦାଶପୁର ପଞ୍ଚାୟତ ଠଣଠଣା ଗ୍ରାମରେ ବୁଧବାର ବିଳମ୍ବିତ ରାତିରେ ସିରିଜ ଚୋରି ହୋଇଥିବା ଜଣାପଡ଼ିଛି। ବିଳମ୍ବିତ ରାତ୍ରିରେ ସୁବାସ ଚନ୍ଦ୍ର ମିଶ୍ର, ରାମଚନ୍ଦ୍ର ମିଶ୍ର, ବିପିନ ବିହାରୀ ମିଶ୍ର, ବିନାୟକ ମିଶ୍ର, ନିର୍ମଳ ମିଶ୍ର ଓ ଦ୍ୱିଜବର ପାତ୍ରଙ୍କ ଘର ବାଡ଼ିପଟ ଲୁହା ଗ୍ରିଲ୍ ଓ କବାଟ ଭାଙ୍ଗି ଘରେ ପଶି ଦୁର୍ବୃତ୍ତମାନେ ଚୋରି କରିଛନ୍ତି। ସୁବାସ ମିଶ୍ରଙ୍କ ଘରୁ ଦେଢ଼ ଲକ୍ଷ ଟଙ୍କା, ଦୁଇଟି କାନ ଫୁଲ ଓ ମହିଳାଙ୍କ ର କିଛି ବ୍ୟାଗ, ନିର୍ମଳ ମିଶ୍ରଙ୍କ ଘରୁ ତାଙ୍କ ମା'ଙ୍କ ବାର୍ଦ୍ଧକ୍ୟ ଭତ୍ତା ମିଳିଥିବା ୧୫୦୦ ଟଙ୍କା ଓ କିଛି ସାମଗ୍ରୀ ଏବଂ ଅନ୍ୟମାନଙ୍କ ଘରର ଗ୍ରିଲ ଓ କବାଟ ଭାଙ୍ଗିଥିବା ବେଳେ ଜିନିଷ ସବୁ ଏଣେତେଣେ ଫିଙ୍ଗାଫିଙ୍ଗି କରିଥିବା ଜଣାପଡ଼ିଛି। ଦୁର୍ବୃତ୍ତମାନେ ପ୍ରଥମେ ଘରର ଚାବି ଭାଙ୍ଗିବା ପରେ ଗ୍ରିଲ ତାଡ଼ିଛନ୍ତି। ପରେ ଘରର କବାଟରେ ହୋଲ କରି କବାଟ ଖୋଲି ଘରେ ପଶିଛନ୍ତି। ବିନାୟକ ମିଶ୍ରଙ୍କ ଘରେ ପଶି ଗଡ୍ରେଜ ଭାଙ୍ଗିଛନ୍ତି, ମାତ୍ର ଲକ ଖୋଲି ନ ପାରିବାରୁ ସୁନା ଅଳଙ୍କାର ନେଇପାରିନାହାନ୍ତି। ବିପିନ ମିଶ୍ରଙ୍କ ଘରୁ ନୂଆ ପ୍ୟାଣ୍ଟ ଶାର୍ଟ କପଡ଼ା ନେଇଛନ୍ତି। ଚୋରି କରିବା ପରେ ସୁବାସ ମିଶ୍ରଙ୍କ ଘର ବାଡ଼ିପଟେ କିଛି ବ୍ୟାଗ ଫିଙ୍ଗିଥିବା ଦେଖାଯାଇଛି। ଖବରପାଇ ପିପିଲି ଥାନା ଅଧିକାରୀ ସୌମ୍ୟେନ୍ଦୁ ତ୍ରିପାଠୀ, ଏସ୍‌ଡିପିଓ ଦେବାଶିଷ ମିଶ୍ର ପହଞ୍ଚି ସ୍ଥିତି ଅନୁଧ୍ୟାନ କରିଛନ୍ତି। ପୋଲିସ ସିସିଟିଭି ଫୁଟେଜର ଚିପ୍ ତାଡ଼ି ନେଇଛନ୍ତି। ଘଟଣାସ୍ଥଳରେ ପୁରୀରୁ ସାଇଣ୍ଟିଫିକ ଟିମ୍ ଏବଂ ପୋଲିସ ସନ୍ଧାନୀ କୁକୁର ମଧ୍ୟ ପହଞ୍ଚି ତଦନ୍ତ କରିଛନ୍ତି। ଚୋରି ହୋଇଥିବା ବ୍ୟକ୍ତିଙ୍କୁ ସ୍ଥାନୀୟ ସରପଞ୍ଚ ଭେଟିବା ସହ ସବୁ କିଛି ବୁଲି ଦେଖି ଏହାର ଠିକ ତଦନ୍ତ କରି ଯଥାଶୀଘ୍ର ଦୁର୍ବୃତ୍ତଙ୍କୁ ଧରିବା ପାଇଁ ପୋଲିସକୁ ଦାବି କରିଛନ୍ତି।

### ସିଦ୍ଧ ବକୁଳ ମଠରେ ସ୍କନ୍ଦ ପୁରାଣ

ପୁରୀ,୨୫।୧୨(ଅଜିତ୍ କୁମାର ମହାନ୍ତି)

ଶ୍ରୀଜଗନ୍ନାଥ ଚେତନାରେ ବିଶ୍ୱ ଅମୃତମୟ ହେଉ ବୋଲି କହିଛନ୍ତି ଶ୍ରୀମନ୍ଦିର ଛତିଶା ନିଯୋଗ ନାୟକ ଜନାର୍ଦ୍ଦନ ପାଟ୍ଟଯୋଶୀ ମହାପାତ୍ର। ମହନ୍ତ ଶ୍ରୀନିବାସ ଦାସଙ୍କ ଅଧ୍ୟକ୍ଷତାରେ ସନ୍ଥ ହରିଦାସଙ୍କ ସାଧନା ପୀଠ ସିଦ୍ଧବକୁଳ ମଠରେ ଅନୁଷ୍ଠିତ ସ୍କନ୍ଦ ପୁରାଣ ପ୍ରବଚନରେ ଯୋଗଦାନ କରି ଶ୍ରୀମହାପାତ୍ର, ଠାକୁରଙ୍କ ନୀତି ଓ ଯାନିଯାତ୍ରା ସମ୍ପର୍କରେ ମତବ୍ୟକ୍ତ କରିଥିବା ବେଳେ, ବଦ୍ରି ମିଶ୍ର କହିଥିଲେ ଯେ, ଶ୍ରୀଜଗନ୍ନାଥ ସଂସ୍କୃତି, ଧର୍ମଧାରା ଓ ପରମ୍ପରାରେ ଆମ ସମାଜ ଓ ସାହିତ୍ୟ ବିକାଶମୁଖୀ। ଏହାକୁ ରକ୍ଷା କରିବା ପ୍ରତିଟି ଜଗନ୍ନାଥ ଭକ୍ତର ଦାୟୀତ୍ୱ। କାର୍ଯ୍ୟକ୍ରମରେ ଓଡ଼ିଶା ର ବିଶିଷ୍ଟ ଯୁବ ପ୍ରବଚକ ପଣ୍ଡିତ ଇପ୍‌ସିତ ମିଶ୍ର, ସ୍କନ୍ଦ ପୁରାଣ ଉପରେ ଆଧାରିତ ତଥ୍ୟ ଓ ସୂଚନା ଉପରେ ଭକ୍ତମାନଙ୍କୁ ଉଦବୋଧନ ଦେଇଥିଲେ।

### ବାଜପେୟୀଙ୍କ ଜୟନ୍ତୀରେ କବିତା ପାଠୋତ୍ସବ

ପୁରୀ,୨୫।୧୨(ଅଜିତ୍ କୁମାର ମହାନ୍ତି)

ଜିଲା ପ୍ରଶାସନ ସୂଚନା ଓ ଲୋକସମ୍ପର୍କ କାର୍ଯ୍ୟାଳୟ ଆନୁକୂଲ୍ୟରେ ଜିଲାସ୍ତରୀୟ ସୁଶାସନ ଦିବସ ଓ ଅଟଳବିହାରୀ ବାଜପେୟୀଙ୍କ ଜୟନ୍ତୀ ଅବସରରେ କବିତା ପାଠ ଅନୁଷ୍ଠିତ ହୋଇଯାଇଛି। ସୂଚନା ଓ ଲୋକସମ୍ପର୍କ ଉପନିର୍ଦ୍ଦେଶକ ସନ୍ତୋଷ କୁମାର ସେଠୀଙ୍କ ଅଧକ୍ଷତାରେ କବିତା ପାଠ ଉତ୍ସବ ଅନୁଷ୍ଠିତ ହୋଇଥିଲା। କବିତା ପାଠକୁ ସଂଯୋଜନା କରିଥିଲେ ପ୍ରତିଭା ଦାଶ ଓ ସର୍ବାଣି ଦାସ। ଅଧିବକ୍ତା ରଚିତା ରାଉତରାୟ, ଶିକ୍ଷାବିତ୍ ବିଜୟ ପଣ୍ଡା ଆୟୋଜିତ କବିତା ପାଠ ଉତ୍ସବରେ ଆଶାଲତା ପ୍ରଧାନ, ଚିନ୍ମୟୀ ଗଜେନ୍ଦ୍ର, ଯୋଗେନ୍ଦ୍ର ସାହୁ, ଅନନ୍ତ ପ୍ରଧାନ, ଅଧ୍ୟାପକ ଭାରତୀ ଭୂଷଣ ଦାସ, ବିଚିତ୍ର ରଞ୍ଜନ ମହାପାତ୍ର, ବିଜୟ କୁମାର ପରିଡ଼ା, ଦୟାନିଧି ତ୍ରିପାଠୀ ଓ ମହେଶ୍ୱର ଜେନା ପ୍ରମୁଖ ଦେଶାତ୍ମବୋଧ କବିତା ପାଠ କରିଥିଲେ।

## ୩୬ତମ ରାଜ୍ୟସ୍ତରୀୟ ମଙ୍ଗଳା କପ

# ସେମିରେ ୟୁନିୟନ ସ୍ପୋର୍ଟିଂ

କାକଟପୁର/ ଅସ୍ତରଙ୍ଗ,୨୫।୧୨
(ଶୁଭଦର୍ଶନ ମିଶ୍ର/ପ୍ରଦୀପ୍ତ କୁମାର ଦୀକ୍ଷିତ)

କାକଟପୁର ହାଇସ୍କୁଲ ପଛ ପଡ଼ିଆରେ ୩୬ତମ ମଙ୍ଗଳା କପ୍‌ର ପ୍ରଥମ କ୍ୱାର୍ଟର ଫାଇନାଲ ମ୍ୟାଚ୍ ଗୁରୁବାର ଅନୁଷ୍ଠିତ ହୋଇଛି। ଏଥିରେ ଜୁଭେନାଇଲ୍ ସ୍ପୋର୍ଟିଂ କଟକ ବନାମ ୟୁନିୟନ ସ୍ପୋର୍ଟିଂ, କଟକ ମଧ୍ୟରେ କଡ଼ା ମୁକାବିଲା ହୋଇଥିଲା।

ଉଦ୍‌ଘାଟନୀ ମ୍ୟାଚ୍‌ରେ ଅତିଥି ଭାବେ ପୂର୍ବତନ କ୍ରୀଡ଼ାମନ୍ତ୍ରୀ ତଥା କାକଟପୁର ବିଧାୟକ ଇଂ. ତୁଷାରକାନ୍ତି ବେହେରା, ପୁରୀ ଜିଲା ପରିଷଦ ଉପାଧ୍ୟକ୍ଷ ସ୍ୱାଧୀନ କୁମାର ନାୟକ ଯୋଗଦେଇଥିଲେ। ପ୍ରଥମ କ୍ୱାର୍ଟର ଫାଇନାଲ୍ ମ୍ୟାଚ୍ ଜୁଭେନାଇଲ୍ ସ୍ପୋର୍ଟିଂ କଟକ ବନାମ ୟୁନିୟନ ସ୍ପୋର୍ଟିଂ, କଟକ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ପ୍ରଥମେ ଟସ୍ ଜିତି ଜୁଭେନାଇଲ୍ ସ୍ପୋର୍ଟିଂ ବ୍ୟାଟିଂ କରିବାକୁ ନିଷ୍ପତ୍ତି ନେଇଥିବା ବେଳେ ୧୫ ଓଭରରେ ସମସ୍ତ ଉଇକେଟ ହରାଇ ୫୦ ରନ୍ ସଂଗ୍ରହ କରିଥିଲେ। ସେଥିରେ ପ୍ରତୀକ ପୁହାଣ ୧୯ରନ, ପରାସ କିଶୋର ୧୦ ରନ୍ ସଂଗ୍ରହ କରିଥିଲେ। ୟୁନିଅନ ସ୍ପୋର୍ଟିଂ କଟକ ତରଫରୁ ସୌରଭ କାନରିଆଙ୍କ ୪ ଉଇକେଟ, ଗଣେଶ ଓ ତାପସ ରାଉତ ୨ ଉଇକେଟ ଅକ୍ତିଆର କରିଥିଲେ। ୟୁନିଅନ ସ୍ପୋର୍ଟିଂ ବୋଲରଙ୍କ ଚିତ୍ତାକର୍ଷକ ବୋଲିଂରେ ଜୁଭେନାଇଲ୍ ସ୍ପୋର୍ଟିଂ ଧରାଶାୟୀ ହୋଇଥିଲା। ୫୧ ରନ୍ ବିଜୟ ଲକ୍ଷ୍ୟକୁ ପିଛା କରି ୟୁନିଅନ ସ୍ପୋର୍ଟିଂ ନିର୍ଦ୍ଧାରିତ ୯ ଓଭରରେ ବିଜୟ ଘୋଷିତ ହୋଇଥିଲା। ସେଥିରେ ବିଶ୍ୱଦୀପ ପ୍ରଧାନ ଅପରାଜିତ ୧୭ ରନ, ଆଲ୍‌ଫା ଆସନ ଅପରାଜିତ ୧୨ ରନ୍ କରିଥିଲେ। ମ୍ୟାନ ଅଫ୍ ଦି ମ୍ୟାଚ ୟୁନିୟନ ସ୍ପୋର୍ଟିଂ ତରଫରୁ ସୌରଭ କାନରିଆଙ୍କୁ ଅତିଥି କାକଟପୁର ଖୁଣ୍ଟିଆ କନ୍‌ଭେନଶନର ମାଲିକ ସୌମ୍ୟକାନ୍ତ ଖୁଣ୍ଟିଆ ପୁରସ୍କୃତ କରିଥିଲେ। ନିର୍ମଳ କୁମାର ମିଶ୍ର ଓ ତ୍ରିଭୁବନ ଦାଶ ଖେଳ ପରିଚାଳନା କରିଥିଲେ। ଧାରା ବିବରଣୀ ପ୍ରଦୀପ୍ତ କୁମାର ଦୀକ୍ଷିତ, ଭାଗବତ ସ୍ୱାଇଁ, ଭବାନୀ ଶଙ୍କର ପ୍ରଦାନ କରିଥିଲେ। ଶ୍ୟାମସୁନ୍ଦର ରଣା, ସଞ୍ଜୟ ସାମଲ ପ୍ରମୁଖ ଖେଳ ପରିଚାଳନା ଦାୟିତ୍ୱ ନେଇଥିଲେ।



କ୍ରିକେଟ ଟୁର୍ଣ୍ଣାମେଣ୍ଟକୁ ବିଧାୟକ ତୁଷାରକାନ୍ତି ବେହେରା ଉଦ୍‌ଘାଟନ କରୁଛନ୍ତି ।

# ସେମିରେ ଜଗା ୟୁନାଇଟେଡ୍ ଭୁବନେଶ୍ୱର

- ମା' ଲଙ୍କେଶ୍ୱରୀ ଫୁଟ୍‌ବଲ ଟୁର୍ଣ୍ଣାମେଣ୍ଟ

ବଳଙ୍ଗା,୨୪।୧୨(କେଦାରେଶ୍ୱର ନନ୍ଦ)

ରାଜ୍ୟସ୍ତରୀୟ ୨୪ତମ ଲଙ୍କେଶ୍ୱରୀ କପ୍ ଫୁଟବଲ ଟୁର୍ଣ୍ଣାମେଣ୍ଟ ବଳଙ୍ଗା ମିନି ଷ୍ଟାଡିୟମ୍‌ରେ ଲଙ୍କେଶ୍ୱରୀ ସ୍ପୋର୍ଟସ କ୍ଲବ ବଳଙ୍ଗା ସହିତ ଜଗା ୟୁନାଇଟେଡ୍ ଭୁବନେଶ୍ୱର ମଧ୍ୟରେ ଅନୁଷ୍ଠିତ ହୋଇଯାଇଛି। ଗୁରୁବାର ଦ୍ୱିତୀୟ ଦିନରେ ଜଗା ୟୁନାଇଟେଡ ଭୁବନେଶ୍ୱର ୧-୦ ଗୋଲରେ ସ୍ଥାନୀୟ ବଳଙ୍ଗା ଲଙ୍କେଶ୍ୱରୀ ଫୁଟବଲ କ୍ଲବକୁ ହରାଇ ସେମିଫାଇନାଲରେ ପ୍ରବେଶ କରିଛି। ଜ୍ୟୋତିରଞ୍ଜନ ସ୍ୱାଇଁ, ସୁନୀଲ ହେମ୍ବ୍ରମ, ସମର ବରାଳ, ସୁଶାନ୍ତ କୁମାର ରାଉତ ଓ ସୁଦୀପ୍ତ ଦାସ ମ୍ୟାଚ୍ ପରିଚାଳନା କରିଥିଲେ। ଲଙ୍କେଶ୍ୱରୀ ଫୁଟ୍‌ବଲ କ୍ଲବର ସଭାପତି କୃପାସିନ୍ଧୁ ଦଉଙ୍କ ଅଧ୍ୟକ୍ଷତାରେ କାର୍ଯ୍ୟକ୍ରମରେ ପୁରୀ ଜିଲା ଫୁଟବଲ କୋଚ ଜିଗୁଲୁରୁ ମହମ୍ମଦ, ସ୍ଥାନୀୟ ସରପଞ୍ଚ ଅଞ୍ଜଳି ପ୍ରଧାନ, ୧୯୮୪ ବ୍ୟାଚ ତରଫରୁ ପ୍ରକାଶ ଚନ୍ଦ୍ର ପ୍ରଧାନ ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ।

# ସାଂସଦ ଖେଳ ମହୋତ୍ସବ ଉଦଯାପିତ

ପୁରୀ,୨୫।୧୨(ଅଜିତ୍ କୁମାର ମହାନ୍ତି)

ସାଂସଦ ଖେଳ ମହୋତ୍ସବ ଗୁରୁବାର ଅପରାହ୍ନରେ ଉଦ୍‌ଯାପିତ ହୋଇଯାଇଛି। ସେପ୍ଟେମ୍ବର ୨୧ରୁ ଗଣଦୌଡ଼ରୁ ଆରମ୍ଭ ହୋଇଥିବା ଏହି ମହୋତ୍ସବ କ୍ରିକେଟ ଫାଇନାଲ୍‌ରେ ଶେଷ ହୋଇଥିଲା। ପୁରୀ ଏମ୍ପି ଡ. ସମ୍ବିତ ପାତ୍ର ମୁଖ୍ୟଅତିଥି ଭାବେ ଏଥିରେ ଯୋଗଦେଇ ପ୍ରତିଟି ଯୁବବର୍ଗ ମଧ୍ୟରେ ଅଫୁରନ୍ତ ଶକ୍ତି, ପ୍ରତିଭା ଓ ଦକ୍ଷତା ରହିଛି ବୋଲି କହିଥିଲେ। ଏହାକୁ ଆହୁରି ପରିବର୍ଦ୍ଧିତ କରିବା ପାଇଁ ପ୍ରଧାନମନ୍ତ୍ରୀ ସାଂସଦ ଖେଳ ମହୋତ୍ସବର ପରିକଳ୍ପନା କରିଥିଲେ। ପୁରୀ ସଂସଦୀୟ କ୍ଷେତ୍ରରୁ ସର୍ବାଧିକ ପ୍ରତିଯୋଗୀ ପଞ୍ଜିକରଣ କରିଥିଲେ। କ୍ରିକେଟ ଫାଇନାଲରେ ରେଲ୍‌ୱେ ଦଳ ଚାମ୍ପିୟନ ହୋଇଥିବା ବେଳେ ତେଲୁଗୁ ୱାରିଅର୍ସ ରନର୍ସ ଅପ୍ ହୋଇ ପୁରସ୍କୃତ ହୋଇଥିଲେ।

# 'ଗ୍ରାମେ ଗ୍ରାମେ ଶ୍ରୀଜଗନ୍ନାଥ କଥା ପ୍ରଚାର' କାର୍ଯ୍ୟକ୍ରମ ଆରମ୍ଭ

ପୁରୀ,୨୫।୧୨(ଅଜିତ୍ କୁମାର ମହାନ୍ତି)

ଶ୍ରୀଜଗନ୍ନାଥ ଭକ୍ତ ସମାଜ ପକ୍ଷରୁ ମହାପ୍ରଭୁଙ୍କ ମହିମା ପ୍ରଚାର ଓ ପ୍ରସାର ଉଦ୍ଦେଶ୍ୟରେ 'ଗ୍ରାମେ ଗ୍ରାମେ ଶ୍ରୀଜଗନ୍ନାଥ କଥା ପ୍ରଚାର' କାର୍ଯ୍ୟକ୍ରମ ଅନୁଷ୍ଠାନର ଉପ-ସଭାପତି ଡ. ପ୍ରଦୀପ ଚନ୍ଦ୍ର ଆଚାର୍ଯ୍ୟଙ୍କ ସଭାପତିତ୍ୱରେ ଜଗତ୍‌ସିଂହପୁର ଜିଲା ବାଲିକୁଦା ବ୍ଲକ ଅନ୍ତର୍ଗତ ଫକୀରପଡ଼ା ଗ୍ରାମର ଗ୍ରାମଦେବତୀଙ୍କ ପୀଠରେ ଅନୁଷ୍ଠିତ ହୋଇଯାଇଛି। ସମ୍ପାଦକ ଡ. ଶଶିକାନ୍ତ ରଥ କାର୍ଯ୍ୟକ୍ରମର ଉଦ୍ଦେଶ୍ୟ ଉପସ୍ଥାପନା କରିବା ସହ ମହାପ୍ରଭୁ ଜଗତର ନାଥ ଓ ସେ ମାନବୀୟ ଲୀଳା ପ୍ରଦର୍ଶନ କରି ଶ୍ରୀକ୍ଷେତ୍ରରେ ବିରାଜମାନ କରିଛନ୍ତି। ମୁଖ୍ୟ ବକ୍ତା ଭାବେ ସୁଧୀର କୁମାର ସାହାଣୀ ଯୋଗଦେଇ ମହାପ୍ରଭୁଙ୍କ ମହିମା ଶ୍ରବଣ କରାଇଥିଲେ। ଡ. ପ୍ରଦୀପ ଚନ୍ଦ୍ର ଆଚାର୍ଯ୍ୟ କହିଥିଲେ ମହାପ୍ରଭୁ ପରଂବ୍ରହ୍ମ, ପୁରୁଷୋତ୍ତମ ତାଙ୍କ ନାମ, ଧାମ, ଲୀଳା ଦିବ୍ୟ ଅଟେ। ମନୁଷ୍ୟକୁ ଉଚିତ ମାର୍ଗରେ ନେବାପାଇଁ ମହାପ୍ରଭୁଙ୍କ ଲୀଳା, ମହିମାକୁ ଜାଣିବା ଆବଶ୍ୟକ ବୋଲି କହିଥିଲେ। ସୁରେଶ କୁମାର ଚୌଧୁରୀ ସଭା ପରିଚାଳନା କରିଥିଲେ। ସୁଧୀର କୁମାର ସାହାଣୀ, ଧରଣୀଧର ରାଉତ, ବ୍ରଜବନ୍ଧୁ ରାଉତ ଓ ପ୍ରଫୁଲ୍ଲ କୁମାର ବେହେରାଙ୍କୁ ମହାପ୍ରଭୁଙ୍କ ଫଟୋଚିତ୍ର ଓ ଉପଢ଼ୌକନ ଦେଇ ସମ୍ମାନିତ କରାଯାଇଥିଲା।

# ସମୁଦ୍ରରୁ ମହାପ୍ରଭୁଙ୍କ ମୂର୍ତ୍ତି ଉଦ୍ଧାରକରି ସେଲ୍ଫି ନେଲେ ପର୍ଯ୍ୟଟକ

## ଭକ୍ତଙ୍କ ଭାବବେଗକୁ ଆଘାତ

ପୁରୀ,୨୫।୧୨
(ଅଜିତ୍ କୁମାର ମହାନ୍ତି)



ଭାସି ଆସିଥିବା ମହାପ୍ରଭୁଙ୍କ ମୂର୍ତ୍ତି ।

ପୁଣି ମହାପ୍ରଭୁଙ୍କୁ ଅପମାନ। ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ମୂର୍ତ୍ତି ବେଳାଭୂମିରେ ଭାସିବାର ଦୃଶ୍ୟ ଏବେ ସୋସିଆଲ ମିଡିଆରେ ବେଶ୍ ଭାଇରାଲ ହେବାରେ ଲାଗିଛି। ଏହାକୁ ନେଇ କୋଟିକୋଟି ଜଗନ୍ନାଥ ପ୍ରେମୀଙ୍କ ଭାବାବେଗକୁ ଆଘାତ ପହଞ୍ଚାଇଛି। ଭିଡିଓଟି କେଉଁ ବେଳାଭୂମି ତାହା ସଠିକ୍ ଭାବେ ଜଣାପଡ଼ି ନ ଥିଲେ ମଧ୍ୟ ପୁରୀ ବେଳାଭୂମିର ଦୃଶ୍ୟ ବୋଲି ଭିଜୁଆଲକୁ ଦେଖିଲେ ଅନୁମାନ କରାଯାଉଛି। ତେବେ କିଏ ଓ କାହିଁକି ଶ୍ରୀଜଗନ୍ନାଥ ମହାପ୍ରଭୁଙ୍କ ମୂର୍ତ୍ତିବେଳାଭୂମିରେ ଭସେଇଛି, ସେ ନେଇ କିଛି ସ୍ପଷ୍ଟ ସୂଚନା ନ ଥିବା ବେଳେ ଏ ଦୃଶ୍ୟ ସମସ୍ତଙ୍କୁ ବ୍ୟଥିତ କରିଛି। ଭିଜୁଆଲରେ ଦେଖିବାକୁ ମିଳିଛି କି ବେଳାଭୂମିର ମହାପ୍ରଭୁଙ୍କ ମୂର୍ତ୍ତି ଭାସୁଥିବାର ଦେଖି କିଛି ପର୍ଯ୍ୟଟକ ମୂର୍ତ୍ତିକୁ ପାଣି ଭିତରୁ ଆଣୁଥିବା ବେଳେ ଆଉ କିଛି ପର୍ଯ୍ୟଟକମାନେ ସେଲ୍‌ଫି ନେଉଛନ୍ତି। ବେଳାଭୂମିରୁ ମହାପ୍ରଭୁଙ୍କ ମୂର୍ତ୍ତିକୁ ଉଦ୍ଧାର ସମୟରେ ସେଲ୍ଫିନେବାର ଦୃଶ୍ୟକୁ ସମସ୍ତଙ୍କ ଭାବାବେଗକୁ ଆଘାତ ପହଞ୍ଚାଇଛି। ଘଟଣାଟି କେଉଁଦିନର ତାହା ଜଣାପଡ଼ି ନାହିଁ।

# ଆଭାସି ମାଧ୍ୟମରେ କ୍ରୀଡ଼ାବିତଙ୍କ ସହ ବାର୍ତ୍ତାଳାପ କଲେ ପ୍ରଧାନମନ୍ତ୍ରୀ

ପୁରୀ,୨୫।୧୨(ଅଜିତ୍ କୁମାର ମହାନ୍ତି)

ଶ୍ରୀଜଗନ୍ନାଥ କ୍ରିକେଟ ଷ୍ଟାଡିୟମ ଠାରେ ଆଭାସି ମାଧ୍ୟମରେ କ୍ରୀଡ଼ାବିତ୍‌ଙ୍କ ସହ ଗୁରୁବାର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ବାର୍ତ୍ତାଳାପ କରିଛନ୍ତି। ଯୁବବର୍ଗ ଦେଶର ସମ୍ବଳ ଓ ସମ୍ଭାବନା। ସେମାନେ ସେମାନଙ୍କ ପ୍ରତିଭାର ବିକାଶ ପାଇଁ ପ୍ରଧାନମନ୍ତ୍ରୀ ଆହ୍ୱାନ ଦେଇଥିଲେ। କାର୍ଯ୍ୟକ୍ରମରେ ପୁରୀ ଏମ୍ପି ଡ. ସମ୍ବିତ ପାତ୍ର ଯୁବବର୍ଗ ସେମାନଙ୍କ ପ୍ରତିଭାର ବିକାଶ ପାଇଁ କ୍ରୀଡ଼ା ଏକ ଉତ୍କୃଷ୍ଟ ମାଧ୍ୟମ ବୋଲି କହିଥିଲେ। କ୍ରୀଡ଼ାକୁ କ୍ୟାରିଅର କରି ଆଗକୁ ବଢ଼ିବା, ଦେଶ ପାଇଁ ସୁନାମ ଆଣିବା ଓ ନିଜ ପାଇଁ ଏକ ପରିଚୟ ସୃଷ୍ଟି ପାଇଁ ସାଂସଦ ଖେଳ ମହୋତ୍ସବ ବେଶ୍ ସହାୟକ ହେବ ବୋଲି ଡ. ପାତ୍ର ଆଶାବ୍ୟକ୍ତ କରିଥିଲେ। କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ପିପିଲି ବିଧାୟକ ଆଶ୍ରିତ ପଟ୍ଟନାୟକ, ବ୍ରହ୍ମଗିରି ବିଧାୟିକା ଉପାସନା ମହାପାତ୍ର, ପୂର୍ବତନ ବିଧାୟକ ଜୟନ୍ତ କୁମାର ଷଡ଼ଙ୍ଗୀ, ଜିଲାପାଳ ଦିବ୍ୟଜ୍ୟୋତି ପରିଡ଼ା, କ୍ରୀଡ଼ା ଅଧିକାରୀ ଚନ୍ଦନ କୁମାର ସାହୁଙ୍କ ସମେତ କ୍ରୀଡ଼ାବିତ୍‌ମାନେ ଉପସ୍ଥିତ ଥିଲେ।

# ସୂର୍ଯ୍ୟମନ୍ଦିରରେ ପର୍ଯ୍ୟଟକଙ୍କ ଭିଡ଼

କୋଣାର୍କ,୨୫।୧୨
(ଜ୍ୟୋତିରାଜ ମହାନ୍ତି)



ପର୍ଯ୍ୟଟକମାନେ ଟିକେଟ ଦେଖାଇ ଭିତରକୁ ପ୍ରବେଶ କରୁଛନ୍ତି ।

ଯିଶୁଖ୍ରୀଷ୍ଟଙ୍କ ଜନ୍ମଦିନ ଅବସରରେ ସୂର୍ଯ୍ୟମନ୍ଦିର ପରିସରରେ ପର୍ଯ୍ୟଟକଙ୍କ ନାହିଁ ନ ଥିବା ଭିଡ଼ ଦେଖିବାକୁ ମିଳିଥିଲା। ସୂର୍ଯ୍ୟ ମନ୍ଦିରର ପ୍ରାଚୀନ କାରୁକାର୍ଯ୍ୟ ଓ କଳାକୃତି ବିଶ୍ୱରେ ଅନନ୍ୟ ଓ ଅଦ୍ୱିତୀୟ। ଏଠାକୁ ଦୈନିକ ହଜାର ହଜାର ସଂଖ୍ୟାରେ ପର୍ଯ୍ୟଟକେ ଦେଶବିଦେଶରୁ ସୂର୍ଯ୍ୟ ମନ୍ଦିର ପରିଦର୍ଶନ କରିବା ପାଇଁ ଆସିଥାନ୍ତି। ବଡ଼ଦିନ ଅବସରରେ ସୂର୍ଯ୍ୟ ମନ୍ଦିର ପର୍ଯ୍ୟଟକଙ୍କ ଆଶାତୀତ ଭିଡକୁ ଦୃଷ୍ଟିରେ ରଖି ଏଏସ୍‌ଆଇ କର୍ତ୍ତୃପକ୍ଷଙ୍କ ପକ୍ଷରୁ ଭିଡ଼ ନିୟନ୍ତ୍ରଣ କରିବା ପାଇଁ ସ୍ୱତନ୍ତ୍ର ବ୍ୟାରିକେଡ୍ ବ୍ୟବସ୍ଥା ସହ ପର୍ଯ୍ୟଟକଙ୍କ ସୁରକ୍ଷା ପାଇଁ ସୁରକ୍ଷା କର୍ମୀ ମୁତୟନ କରାଯାଇଥିଲା। ଶୃଙ୍ଖଳିତ ମନ୍ଦିର ପରିଦର୍ଶନ କରିବା ପାଇଁ ବ୍ୟାରିକେଡ୍‌ରେ ଧାଡ଼ିରେ ଯାଇ ପର୍ଯ୍ୟଟକମାନେ ଶୃଙ୍ଖଳିତ ଭାବେ ସୂର୍ଯ୍ୟମନ୍ଦିର ପରିଦର୍ଶନ କରିଥିଲେ। ପରେ ଚନ୍ଦ୍ରଭାଗା ଓ ଇକୋ ରି-ଟ୍ରିଟ୍ ସମୁଦ୍ର କୂଳରେ ବୁଲିବା ସହ ଜଳକ୍ରୀଡ଼ା କରି ଫଟୋ ଉତ୍ତୋଳନ କରିଥିଲେ। ପରେ ମା' ରାମଚଣ୍ଡୀଙ୍କୁ ଦର୍ଶନ କରିବା ସହ ସେଠାରେ ଭୋଜିଭାତର ଆସର ଜମାଇଥିଲେ। ସେଠାରେ ରାତ୍ରି ପର୍ଯ୍ୟନ୍ତ ନାହିଁ ନ ଥିବା ଭିଡ଼ ଜମିଥିଲା।

# ଶିକ୍ଷାବିତ୍ ସାବିତ୍ରୀ ମହାପାତ୍ରଙ୍କୁ 'ଶଶିମଣୀ ଦେବଦାସୀ' ସମ୍ମାନ

## 'ରୂପଶ୍ରୀ କଳା ମନ୍ଦିର'ର ଶ୍ରୀମନ୍ଦିର ମାହାରୀ ପରମ୍ପରା ଉତ୍ସବ

ପୁରୀ,୨୫।୧୨(ଅଜିତ୍ କୁମାର ମହାନ୍ତି)

'ରୂପଶ୍ରୀ କଳା ମନ୍ଦିର' ପୁରୀର ୧୩ ତମ ଶ୍ରୀମନ୍ଦିର ମାହାରୀ ପରମ୍ପରା ଉତ୍ସବ- ୨୦୨୫ ଅନ୍ନପୂର୍ଣ୍ଣା ରଙ୍ଗମଞ୍ଚରେ ମହାସମାରୋହରେ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମକୁ ଆଦିଗୁରୁ ପଦ୍ମଶ୍ରୀ ପଙ୍କଜ ଚରଣ ଦାସଙ୍କୁ ଉତ୍ସର୍ଗୀକୃତ କରାଯାଇଥିଲା। ଏଥିରେ ଲୋକ ସେବକ ମଣ୍ଡଳର କାର୍ଯ୍ୟକାରୀ ଅଧ୍ୟକ୍ଷ ଦୀପକ କୁମାର ମାଲବ୍ୟ ମୁଖ୍ୟଅତିଥି ଭାବେ ଯୋଗ ଦେଇଥିବା ବେଳେ ସମ୍ମାନିତ ଅତିଥି ଭାବେ କେନ୍ଦ୍ରୀୟ ତଦନ୍ତ ବ୍ୟୁରୋର ଅବସରପ୍ରାପ୍ତ ଉପ-ଆଇନ ପରାମର୍ଶଦାତା ରାଜଶ୍ରୀ ମହାପାତ୍ର ଏବଂ ବରିଷ୍ଠ ଆଇନଜୀବୀ ପୂର୍ଣ୍ଣଚନ୍ଦ୍ର ଦାସ ପ୍ରମୁଖ ଉପସ୍ଥିତ ଥିଲେ। ଏହି ଅବସରରେ ସଙ୍ଗୀତ ଗୁରୁ ଗୌରାଙ୍ଗ ଚରଣ ଖୁଣ୍ଟିଆ, ସାଂସ୍କୃତିକ ସଂଗଠକ ଜଗବନ୍ଧୁ ଜେନା ଓ ଶିକ୍ଷାବିତ୍ ସାବିତ୍ରୀ ମହାପାତ୍ରଙ୍କୁ 'ଶଶିମଣୀ ଦେବଦାସୀ ସମ୍ମାନ'ରେ ସମ୍ମାନିତ କରାଯାଇଥିଲା । କଳା ମନ୍ଦିରର ପ୍ରତିଷ୍ଠାତା ଗୁରୁ ରୂପଶ୍ରୀ ମହାପାତ୍ର ସ୍ୱାଗତ ଭାଷଣ ସହ କାର୍ଯ୍ୟକ୍ରମର ସୂଚନା ପ୍ରଦାନ କରିଥିଲେ । ଅନୁଷ୍ଠାନର ଉପଦେଷ୍ଟା ଦେବାଶିଷ ଦାସଗୁପ୍ତା ଧନ୍ୟବାଦ ଅର୍ପଣ କରିଥିଲେ । କାର୍ଯ୍ୟକ୍ରମର ପ୍ରଥମ ଅର୍ଘ୍ୟରେ ଗୁରୁ ରୂପଶ୍ରୀ ମହାପାତ୍ର ଓ ସାଥୀଙ୍କ ଦ୍ୱାରା ମାହାରୀ ନୃତ୍ୟ ପରିବେଷଣ କରାଯାଇଥିଲା। ପରେ ଆରାଧନା ନୃତ୍ୟ ଏକାଡେମୀ ପକ୍ଷରୁ ଗୁରୁ ଚିତ୍ରସେନ ସ୍ୱାଇଁଙ୍କ ନିର୍ଦ୍ଦେଶନାରେ ଗୋଟିପୁଅ ନୃତ୍ୟ, କୁମାର ଭୀମସେନ ଓ ଅମ୍ରିତା ଦାସଙ୍କ ଓଡ଼ିଶୀ ଦ୍ୱୈତ ନୃତ୍ୟ, ନୃତ୍ୟାଙ୍ଗନା ରୋଜାଲିନ ପଣ୍ଡାଙ୍କ ଏକକ ଓଡ଼ିଶୀ ନୃତ୍ୟରେ 'କିଏ ଲୋ ସଜନୀ କଦମ୍ବ ମୂଳେ' ପରିବେଷିତ ହୋଇଥିଲା। ଶେଷରେ ଗୁରୁ ବିବେକ ମହାନ୍ତି ଓ ସାଥୀ 'ବିମଳାଷ୍ଟକମ୍'ପରିବେଷଣ କରିଥିଲେ। ଉଦ୍‌ଘୋଷକ ଶ୍ୟାମ ପ୍ରକାଶ ସେନାପତି ଏବଂ ସ୍ୱୟଂସୁଦ୍ଧା ଦାସ ମଞ୍ଚ ସଞ୍ଚାଳନ କରିଥିଲେ।

# ଶିଶୁ ସାହିତ୍ୟରେ ଉନ୍ନତର ଗବେଷଣା ଉପରେ ଗୁରୁତ୍ୱାରୋପ

## ୩୩ତମ ରାଜ୍ୟସ୍ତରୀୟ ଶିଶୁ ସାହିତ୍ୟିକ ସମ୍ମିଳନୀ

ପୁରୀ,୨୫।୧୨(ଅଜିତ୍ କୁମାର ମହାନ୍ତି)



ସମ୍ମିଳନୀରେ ମଞ୍ଚାସୀନ ଅତିଥିମାନେ ।

ଶ୍ରୀକ୍ଷେତ୍ର ଶିଶୁ ସାହିତ୍ୟ ସଂସଦର ୩୩ତମ ବାର୍ଷିକ ଉତ୍ସବ ଅବସରରେ ଓଡ଼ିଶା ସାହିତ୍ୟ ଏକାଡେମୀ ସହଯୋଗରେ ସ୍ଥାନୀୟ ୟୁଥ୍ ହଷ୍ଟେଲ ସମ୍ମିଳନୀ କକ୍ଷରେ ରାଜ୍ୟସ୍ତରୀୟ ଶିଶୁ ସାହିତ୍ୟିକ ସମ୍ମିଳନୀ ଓ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। ସଂସଦର ସଭାପତି ବୀରେନ୍ଦ୍ର ମହାନ୍ତିଙ୍କ ଅଧ୍ୟକ୍ଷତାରେ ସମାରୋହକୁ ବିଶିଷ୍ଟ ଭାଷାବିତ୍ ଡକ୍ଟର କୈଳାସ ଚନ୍ଦ୍ର ଟିକାୟତରାୟ ଉଦ୍‌ଘାଟନ କରିଥିଲେ। ଉତ୍ସବରେ ମୁଖ୍ୟ ଅତିଥି ଭାବେ ପୂର୍ବତନ କେନ୍ଦ୍ରାଞ୍ଚଳ ରାଜସ୍ୱ ଆୟୁକ୍ତ ମହେନ୍ଦ୍ର କୁମାର ମଲ୍ଲିକ, ମୁଖ୍ୟ ବକ୍ତା ଭାବେ ବିଶିଷ୍ଟ କଥାକାର ପ୍ରଫେସର ଦାଶ ବେନହୁର, ସମ୍ମାନିତ ଅତିଥି ଭାବେ ଉତ୍କଳ ସାହିତ୍ୟ ସମାଜର ସାଧାରଣ ସମ୍ପାଦକ ରାଜୀବ କୁମାର ଷଡ଼ଙ୍ଗୀ ମଞ୍ଚାସୀନ ଥିଲେ। ଉପସଭାପତି ରାଇକିଶୋର ମହାନ୍ତି ସମ୍ମିଳନୀର ଆଭିମୁଖ୍ୟ ସମ୍ପର୍କରେ ଅବତାରଣା କରିଥିବା ବେଳେ ଅତିଥି ପରିଚୟ ଏବଂ ସ୍ୱାଗତ ଭାଷଣ ଦେଇଥିଲେ ଡକ୍ଟର ହେମନ୍ତ ଛୋଟରାୟ। ସମ୍ପାଦକ ମହେନ୍ଦ୍ର ବିଶୋଇ ସମ୍ପାଦକୀୟ ବିବରଣୀ ପାଠ କରି ଶିଶୁ ସାହିତ୍ୟର ବିଭିନ୍ନ ଦିଗ ଉପରେ ଆଲୋକପାତ କରିଥିଲେ। ଅଭ୍ୟର୍ଥନା ଅଭିଭାଷଣ ପ୍ରଦାନ କରିଥିଲେ ଉପସଭାପତି ରମେଶ ଚନ୍ଦ୍ର ଦାଶ। କଣ୍ଠଶିଳ୍ପୀ ପ୍ରୀତିଶା ମହାପାତ୍ର ଭକ୍ତି ସଙ୍ଗୀତ ପରିବେଷଣ କରିଥିବା ବେଳେ ଭଗବତୀ ବିଦ୍ୟା ନିକେତନର ବିଦ୍ୟାର୍ଥୀଙ୍କ ଦ୍ୱାରା କବିତା ଆବୃତ୍ତି କରାଯାଇଥିଲା। ଶିଶୁ ସାହିତ୍ୟକୁ ସବୁ ସାହିତ୍ୟର ମୂଳ ଉତ୍ସ ବୋଲି ବର୍ଣ୍ଣନା କରି ଶିଶୁ ସାହିତ୍ୟ ଉପରେ ଅଧିକରୁ ଅଧିକ ଗବେଷଣାର ଆବଶ୍ୟକତା ରହିଛି ବୋଲି ଅତିଥିମାନେ ମତପ୍ରକାଶ କରିଥିଲେ। ସମାରୋହରେ ପ୍ରଫେସର ଦାଶ ବେନହୁର, ଡ. ରଜନୀ ରଞ୍ଜନ ଦାଶ, ଇଂ ମାୟାଧର ସ୍ୱାଇଁ, ତୁଳସୀ ସ୍ୱାଇଁ, ପ୍ରଫୁଲ୍ଲ କୁମାର ସାହୁ, ଡ. ରଘୁନାଥ ସାହୁ, ଡ. ପ୍ରବୀଣା ପରିଡ଼ା, ଅଜୟ କୁମାର ସେଠୀ ଏବଂ ସୌରେନ୍ଦ୍ର ସେନାପତିଙ୍କୁ ଶିଶୁ ସାହିତ୍ୟ ସମ୍ମାନରେ ସମ୍ମାନିତ କରାଯାଇଥିଲା। ଶେଷରେ କୋଷାଧ୍ୟକ୍ଷ ଲକ୍ଷ୍ମୀଧର ମାଝୀ ଧନ୍ୟବାଦ ଦେଇଥିଲେ।

**ସଂଗ୍ରାମ ଜେନା ପାଇବେ 'ବିଶ୍ୱନାଥ ପଶାୟତ ସାରସ୍ୱତ ସମ୍ମାନ'**

କଟକ,(କାର୍ତ୍ତିକ ସାହୁ): ସାହିତ୍ୟିକ ଡ. ସଂଗ୍ରାମ ଜେନା ଚଳିତ ବର୍ଷର ମର୍ଯ୍ୟାଦା ଜନକ 'ବିଶ୍ୱନାଥ ପଶାୟତ ସାରସ୍ୱତ ସମ୍ମାନ' ପାଉଛେ। ଆସନ୍ତା ୩୦ ତାରିଖ ସନ୍ଧ୍ୟା ୬ଟାରେ କଟକ ବିନ୍ଦୁ ପଶାୟତ ଛକସ୍ଥିତ ସାରସ୍ୱତ ପାଠ ସାଲନା ଭବନରେ ସାରଳା ସଂସଦ ପକ୍ଷରୁ ଡ. ଜେନାଙ୍କୁ ଏହି ପୁରସ୍କାର ପ୍ରଦାନ କରାଯିବ। ପୁରସ୍କାର ସ୍ୱରୂପ ୫୦ ହଜାର ଟଙ୍କାର ଅର୍ଥରାଶି, ମାନପତ୍ର ଓ ଉତ୍ତରୀୟ ପିନ୍ଧାଇ ଦିଆଯିବ ବୋଲି ସଂସଦର ପ୍ରତିଷ୍ଠାତା ଓ ସଭାପତି ଡ. ପ୍ରଭାକର ସ୍ୱାଇଁ ଓ ସମ୍ପାଦକ ପ୍ରଫେସର ଡା. ନିରଞ୍ଜନ ତ୍ରିପାଠୀ ମିଳିତ ବିବୃତିରେ ଜଣାଇଛନ୍ତି।



# 'ଦେଶ ବିକାଶରେ ବାଜପେୟୀଙ୍କ ଅବଦାନ ଅତୁଳନୀୟ'



ଜିଲାସ୍ତରୀୟ ସୁଶାସନ ଦିବସ ପାଳନ କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥି।

**କଟକ,୨୫।୧୨(ଶିଳ୍ପା ପ୍ରିୟଦର୍ଶିନୀ)**

କଟକ ଜିଲା ପ୍ରଶାସନ ପକ୍ଷରୁ ଜିଲାପାଳଙ୍କ ସମ୍ମିଳନୀ କକ୍ଷରେ ଗୁରୁବାର ପୂର୍ବତନ ପ୍ରଧାନମନ୍ତ୍ରୀ ଭାରତରତ୍ନ ଅଟଳ ବିହାରୀ ବାଜପେୟୀଙ୍କ ଜୟନ୍ତୀ ସମାରୋହ ଓ ଜିଲାସ୍ତରୀୟ ସୁଶାସନ ଦିବସ ପାଳିତ ହୋଇଯାଇଛି। ସଭାରେ ମୁଖ୍ୟ ଅତିଥି ଭାବେ ସିଏମ୍‌ସି କମିଶନର କିରଣଦୀପ କୌର ସହୋତା ଯୋଗଦେଇ କହିଥିଲେ, ଦେଶର ବିକାଶରେ ବିଶିଷ୍ଟ ଜନନାୟକ ଅଟଳ ବିହାରୀ ବାଜପେୟୀଙ୍କ ଅବଦାନ ଅତୁଳନୀୟ। ଶାସନ ବ୍ୟବସ୍ଥାରେ ସୁଧାର ଆଣିବା ସହ ରାଜନୈତିକ କ୍ଷେତ୍ରରେ ସମସ୍ତଙ୍କ ସହ ସୁସମ୍ପର୍କ ତାଙ୍କୁ ଜଣେ ଆଦର୍ଶବାଦୀ ରାଷ୍ଟ୍ରନେତା ଭାବେ ପ୍ରତିଷ୍ଠିତ କରିପାରିଥିଲା। ତାଙ୍କ ଚିନ୍ତାଧାରା ଓ ଆଦର୍ଶରେ ଅନୁପ୍ରାଣିତ ହୋଇ ଆମେ ସାମିଲ ହୋଇ କାର୍ଯ୍ୟ କରିବା ଆବଶ୍ୟକ। ସମ୍ମାନିତ ଅତିଥି ଭାବେ ଅତିରିକ୍ତ ଜିଲାପାଳ ଶିବ ଟପ୍ପୋ କହିଛନ୍ତି, ବାଜପେୟୀ ଦଳମତ ନିର୍ବିଶେଷରେ ଉର୍ଦ୍ଧ୍ୱରେ ରହି ଦେଶର ହିତ ପାଇଁ ଯେଉଁ କାର୍ଯ୍ୟ କରିଯାଇଛନ୍ତି, ତାହା ଅବିସ୍ମରଣୀୟ। ଏହି ଅବସରରେ କବିତା ପାଠୋତ୍ସବ ଆୟୋଜନହେବା ସହ କବି ପ୍ରତିଭାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ସେହିପରି ଜିଲା ଶିଶୁ ସୁରକ୍ଷା, ସାମାଜିକ ଓ ଭିନ୍ନକ୍ଷମ, ଶ୍ରମ ମତ୍ସ୍ୟ ଓ ପ୍ରାଣିସମ୍ପଦ ବିକାଶ କାର୍ଯ୍ୟାଳୟ ପକ୍ଷରୁ ରାଜ୍ୟ ସରକାରଙ୍କ ଯୋଜନା ଅନ୍ତର୍ଗତ ହିତାଧିକାରୀଙ୍କୁ ସହାୟତା ପ୍ରଦାନ କରାଯାଇଥିଲା। ଜିଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଭବାନୀ ଶଙ୍କର ଭୂୟାଁ ସ୍ୱାଗତ ଭାଷଣ ଦେଇଥିବାବେଳେ ସହକାରୀ ସୂଚନା ଅଧିକାରୀ ସାଗରିକା ବେହେରା ସଭା କାର୍ଯ୍ୟ ପରିଚାଳନା କରିଥିଲେ। ଆଠଗଡ଼ ଉପଖଣ୍ଡ ସୂଚନା ଓ

**ଜିଲାସ୍ତରୀୟ ସୁଶାସନ ଦିବସ ପାଳିତ**

ଲୋକସମ୍ପର୍କ ଅଧିକାରୀ ଶାଶ୍ୱତୀ ପାଢ଼ୀ ଧନ୍ୟବାଦ ଦେଇଥିଲେ। ଜିଲା ସାମାଜିକ ସୁରକ୍ଷା ଅଧିକାରୀ ମନୋଜ କୁମାର ରଥ, ଜିଲା ଶ୍ରମ ଅଧିକାରୀ ପ୍ରତିରଞ୍ଜନ ଘଡ଼େଇ, ସହକାରୀ କୃଷି ନିର୍ଦ୍ଦେଶକ ଅସୀମ ମିଶ୍ରଙ୍କ ସମେତ ଅନ୍ୟ ଅଧିକାରୀ, ବିଭିନ୍ନ ସ୍ୱୟଂ ସହାୟକ ଗୋଷ୍ଠୀ ସଦସ୍ୟ ଉପସ୍ଥିତ ଥିଲେ। ପୂର୍ବାହ୍ନରେ ବେଲଭ୍ୟୁ ଛକସ୍ଥିତ ବାଜପେୟୀଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଇଥିଲା। କଟକ ଏମ୍‌ପି ଭର୍ତ୍ତୃହରି ମହତାବ, ସିଏମ୍‌ସି ମେୟର ସୁବାସ ଚନ୍ଦ୍ର ସିଂ, କମିଶନର କିରଣଦୀପ କୌର ସହୋତା, ଜିଲାପାଳ ଦତ୍ତାତ୍ରୟ ଭାଉସାହେବ ଶିନ୍ଦେ, ଅତିରିକ୍ତ ଜିଲାପାଳ ଶିବ ଟପ୍ପୋ, ବାଙ୍କୀ ଉପଜିଲାପାଳ ପ୍ରଣବ କୁମାର ବେହେରା, ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ଭବାନୀ ଶଙ୍କର ଭୂୟାଁ ପ୍ରମୁଖ ଉପସ୍ଥିତ ଥିଲେ।

# ବିଧାୟକଙ୍କୁ ଦାୟୀକରି ଏତଲା ଦେଲା କଂଗ୍ରେସ

**କଟକ ସଦର,୨୫।୧୨(ସୁଶାନ୍ତ କୁମାର ଜେନା)**



ବୟାଳିଶ ମୌଜା ଥାନା ଅଧିକାରୀଙ୍କୁ କଂଗ୍ରେସ ପକ୍ଷରୁ ଏତଲା ଦିଆଯାଉଛି।

ବୟାଳିଶ ମୌଜାର ବଳିବାମନ ପୀଠରେ ବାସିଖାଦ୍ୟ ଖାଇ ଗୋରୁ ମୃତ୍ୟୁ ଘଟଣାରେ କଟକ ସଦର ବିଧାୟକ ପ୍ରକାଶ ଚନ୍ଦ୍ର ସେଠୀଙ୍କୁ ଦାୟୀ କରିଛି କଂଗ୍ରେସ। ଏ ନେଇ ଗୁରୁବାର କଟକ ସଦର କଂଗ୍ରେସ ପକ୍ଷରୁ ବିଧାୟକ ସେଠୀଙ୍କ ନାମରେ ବୟାଳିଶମୌଜା ଥାନାରେ ଏତଲା ଦିଆଯାଇ କାର୍ଯ୍ୟାନୁଷ୍ଠାନ ଦାବି କରାଯାଇଛି। ଏତଲାରେ ଦର୍ଶାଯାଇଛି ଯେ, ଗତ ରବିବାର ବଳିବାମନ ପୀଠରେ ବିଧାୟକ ସେଠୀଙ୍କ ଦ୍ୱାରା ଏକ ବନ୍ଧୁମିଳନ କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ବହୁ ବଳକା ଖାଦ୍ୟକୁ ଚାଲୁଣି ନିକଟ ନଦୀବନ୍ଧରେ ଫିଙ୍ଗିଦିଆଯାଇଥିଲା। ପରଦିନ ସେହି ବାସିଖାଦ୍ୟକୁ ଖାଇ କେତେକ ଗୋରୁ ମୃତ୍ୟୁବରଣ କରିଥିବାବେଳେ ଅନେକ ଅସୁସ୍ଥ ହୋଇଛନ୍ତି। ତେଣୁ ବିଧାୟକ ସେଠୀଙ୍କ ବିରୋଧରେ ପ୍ରାଣୀ ସଂରକ୍ଷଣ ଆଇନ ଏବଂ ଭାରତୀୟ ନ୍ୟାୟ ସଂହିତା ଅନୁଯାୟୀ

**ବାସିଖାଦ୍ୟ ଖାଇ ଗୋରୁ ମୃତ୍ୟୁ ଘଟଣା**

କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ। ସେହିପରି ସମ୍ପୃକ୍ତ ଗୋରୁ ମାଲିକମାନଙ୍କୁ ପ୍ରଶାସନ ପକ୍ଷରୁ ଆର୍ଥିକ ସହାୟତା ଯୋଗାଇଦେବାକୁ ଦାବି କରାଯାଇଛି। ବରିଷ୍ଠ ନେତା ରାମଚନ୍ଦ୍ର ଗୋଚ୍ଛାୟତଙ୍କ ନେତୃତ୍ୱରେ ଏକ ପ୍ରତିନିଧିମଣ୍ଡଳୀ ଉକ୍ତ ଏତଲା ଦେଇଥିଲେ। ଏହି ଅବସରରେ ସଦର ବ୍ଲକ କଂଗ୍ରେସ କାର୍ଯ୍ୟକାରୀ ସଭାପତି ସୀତାକାନ୍ତ ପଣ୍ଡା, ମୁଖପାତ୍ର ମାନସ ପରିଡ଼ା, ଜିଲା କଂଗ୍ରେସର ପୂର୍ବତନ ଉପସଭାପତି ଶିଶିର ରଥ, ମନୋଜ ବିଶ୍ୱାଳ ଓ ରାଜେଶ ସ୍ୱାଇଁ, ପ୍ରାକ୍ତନ ଜିଲା ସାଧାରଣ ସମ୍ପାଦକ ରଞ୍ଜନ ସେନାପତି ଓ ଉପସେନ ଭୂୟାଁ, ଯୁବ ନେତା ମଧୁସୂଦନ ସେନାପତି, ମିହିର କୁମାର ଦାସ, ନିହାର ରଞ୍ଜନ ନନ୍ଦ, ସୁବ୍ରତ ଦାସ, ଋଷି କାନ୍ତି, ଡୋରା ଗୋଚ୍ଛାୟତ ପ୍ରମୁଖ ଉପସ୍ଥିତ ଥିଲେ। ଅନ୍ୟପକ୍ଷରେ କଟକ ସଦର ବିଧାୟକ ସେଠୀ ଏଭଳି ଅଭିଯୋଗକୁ ଖଣ୍ଡନ କରିଛନ୍ତି। ସେଠୀ କହିଛନ୍ତି, ସେହି ସ୍ଥାନରେ ପ୍ରତ୍ୟେକ ଦିନ ଭୋଜିଭାତ ଆୟୋଜନ ହେଉଥିବାରୁ ଗୋରୁ ବୁଲି ବୁଲି ଖାଉଛନ୍ତି। ଉକ୍ତ ଘଟଣାରେ ଆମର ସମ୍ପୃକ୍ତି ନାହିଁ।



କଳା ବିକାଶ କେନ୍ଦ୍ର ଅଡିଟୋରିୟମରେ ଗୁରୁବାର ପାୟଲ ଇନ୍‌ଷ୍ଟିଚ୍ୟୁଟ୍ ପକ୍ଷରୁ ଆୟୋଜିତ ଅନ୍ତର୍ଜାତୀୟ ପଞ୍ଚମୁଖୀ ମହୋତ୍ସବରେ ଅନୁଷ୍ଠାନର ନୃତ୍ୟଶିଳ୍ପୀମାନେ ଓଡ଼ିଶୀ ନୃତ୍ୟ ପରିବେଷଣ କରୁଛନ୍ତି। (ଫଟୋ: ରାଜକିଶୋର ମହନ୍ତି)

# 'ଆଦର୍ଶ ରାଜନୀତିର ମୂଳଦୁଆ ପକାଇଥିଲେ ବାଜପେୟୀ'

**ବାଙ୍କୀ,୨୫।୧୨**
**(ଜ୍ଞାନେନ୍ଦ୍ର ମୋହନ ମିଶ୍ର/ଶୁଭେନ୍ଦୁ ମହାପାତ୍ର)**

ବାଙ୍କୀ ଅଟଳ ସେନା ପକ୍ଷରୁ ନିର୍ବାଚନ ମଣ୍ଡଳୀସ୍ତରୀୟ ପୂର୍ବତନ ପ୍ରଧାନମନ୍ତ୍ରୀ ଅଟଳ ବିହାରୀ ବାଜପେୟୀଙ୍କ ୧୦୧ତମ ଜୟନ୍ତୀ ଗୁରୁବାର ପାଳିତ ହୋଇଯାଇଛି। ସ୍ଥାନୀୟ ମହାରଣା ମଣ୍ଡପରେ ଅନୁଷ୍ଠିତ ଉକ୍ତ କାର୍ଯ୍ୟକ୍ରମକୁ ଅଟଳ ସେନା ସଂଯୋଜକ ସିଦ୍ଧେଶ୍ୱର ପାଇକରାୟ ସଂଯୋଜନା କରିଥିଲେ। ଅତିଥିଭାବେ ପୂର୍ବତନ ବିଧାୟକ ପ୍ରଭାତ କୁମାର ତ୍ରିପାଠୀ, କେନ୍ଦ୍ର ସମବାୟ ବ୍ୟାଙ୍କ ସଭାପତି ସୁବାସ ଚନ୍ଦ୍ର ପାଢ଼ୀ, ନଗରପାଳ ମାଣିକ ସାହୁ, ଡମପଡ଼ା ବ୍ଲକ ଅଧ୍ୟକ୍ଷ ପ୍ରଣବ କିଶୋର ପଟେଲ ପ୍ରମୁଖ ଯୋଗଦେଇ ସ୍ୱର୍ଗତ ବାଜପେୟୀ ଆଦର୍ଶ ରାଜନୀତିର ମୂଳଦୁଆ ପକାଇଥିଲେ ବୋଲି ଅତିଥିମାନେ କହିଥିଲେ। ସତ୍ୟବ୍ରତ ମହାପାତ୍ର ଧନ୍ୟବାଦ ଦେଇଥିଲେ।

ସେହିପରି ଆଦର୍ଶ ଯୁବପରିଷଦ ଆନୁକୂଲ୍ୟରେ ବାଜପେୟୀଙ୍କ ଜୟନ୍ତୀ ଡମପଡ଼ା ବ୍ଲକ ଅନ୍ତର୍ଗତ କୁଶପଙ୍ଗି ଗ୍ରାମସ୍ଥ ଅନାହତ ଗୁମ୍ଫାଠାରେ ପାଳିତ ହୋଇଯାଇଛି। ବାଜପେୟୀଙ୍କ ଫଟୋଚିତ୍ରରେ ଅତିଥିମାନେ ପୁଷ୍ପମାଲ୍ୟ ଅର୍ପଣ କରି ଶ୍ରଦ୍ଧାଞ୍ଜଳି ଜଣାଇଥିଲେ। ମୁଖ୍ୟ ଅତିଥିଭାବେ ଶିକ୍ଷାବିତ୍ ପ୍ରାଧାପକ ମନୋଜ କୁମାର ମହାପାତ୍ର, ସମ୍ମାନିତ ଅତିଥିଭାବେ କୁମାର ଅମୀୟ, ବିଭୂତି ବେଉରା, କବି ଲଲାଟେନ୍ଦୁ ପଣ୍ଡା, ବିଶ୍ୱରଞ୍ଜନ ସ୍ୱାଇଁ, ଅର୍ପିତ ସାମଲ, ନିର୍ମଳ ଦାସ, ଓମ୍ ପ୍ରକାଶ ସାମଲ, ଶଙ୍କର କୁମାର ନାୟକ ପ୍ରମୁଖ ଯୋଗଦେଇ ସେମାନଙ୍କର ବକ୍ତବ୍ୟ ରଖିଥିଲେ। ପରିଷଦର ସଭାପତି ନିରଞ୍ଜନ ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ।

# ନବୀନବାବୁ ସମ୍ପୂର୍ଣ୍ଣ ସୁସ୍ଥ ଅଛନ୍ତି: ସୁବାସ ସିଂ



ମେୟର ସୁବାସ ସିଂ ଏବଂ ଜିଲା ବିଜେଡି ସଭାପତି ପ୍ରଫୁଲ୍ଲ ସିଂ ସୂଚନା ଦେଉଛନ୍ତି।

**କଟକ,୨୫।୧୨(ଶିଳ୍ପା ପ୍ରିୟଦର୍ଶିନୀ)**

ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ବିଜେଡି ସଭାପତି ନବୀନ ପଟ୍ଟନାୟକ ଏବେ ସମ୍ପୂର୍ଣ୍ଣ ସୁସ୍ଥ ଅଛନ୍ତି। ତାଙ୍କ ସ୍ୱାସ୍ଥ୍ୟ ସମ୍ପର୍କରେ ଅପପ୍ରଚାର କରାଯାଉଛି। ତାଙ୍କ ପ୍ରତି ରାଜ୍ୟବାସୀଙ୍କ ପୂର୍ଣ୍ଣ ସମର୍ଥନ ଓ ଆତ୍ମବିଶ୍ୱାସ ରହିଛି। ଅତୀତରେ ଏହା ଥିଲା, ଏବେ ମଧ ରହିଛି। ସେ ଯାହାଙ୍କୁ ଚାହିଁବେ, ତାଙ୍କୁ ପଦପଦବୀରେ ଅବସ୍ଥାପିତ କରିପାରିବେ। ସେହିପରି ରାଜ୍ୟରେ ମହିଳାଙ୍କ ସାମାଜିକ ଓ ଅର୍ଥନୈତିକ ବିକାଶ ଏବଂ ମହିଳା ସଶକ୍ତୀକରଣ କ୍ଷେତ୍ରରେ ସୁଜାତା କାର୍ତ୍ତିକେୟନ୍‌ଙ୍କ ଅବଦାନ ଅତୁଳନୀୟ ବୋଲି ଗୁରୁବାର କଟକ ମେୟର ସୁବାସ ସିଂ କହିଛନ୍ତି।

ଗଡ଼ଖାଇସ୍ଥିତ ମେୟରଙ୍କ ଆବାସିକ କାର୍ଯ୍ୟାଳୟରେ ଆୟୋଜିତ ଖବରଦାତା ସମ୍ମିଳନୀରେ ସିଂ ଆହୁରି କହିଛନ୍ତି ଯେ, ସୁଜାତା ଚାକିରି ଛାଡ଼ି ଜନସେବା ଲକ୍ଷ୍ୟ ରଖି ବିଜେଡିରେ ଯୋଗଦେଇଛନ୍ତି। ରାଜ୍ୟରେ ହିଂସା, ମହିଳାଙ୍କ ଉପରେ ଅତ୍ୟାଚାର, ଦରଦାମ୍ ବୃଦ୍ଧି ଏବେ ମୁଖ୍ୟ ପ୍ରସଙ୍ଗ ହୋଇଛି। ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନାରେ ରାଜ୍ୟରେ ୩ କୋଟି ୮୦ ଲକ୍ଷ ଲୋକ ଉପକୃତ ହୋଇପାରିଥିଲେ। ହେଲେ କେନ୍ଦ୍ର ସରକାରଙ୍କ ଆୟୁଷ୍ମାନ ଯୋଜନା କୌଣସି ପ୍ରକାର ଫଳପ୍ରଦ ହୋଇପାରୁନାହିଁ। ଲୋକେ ଏହି ଯୋଜନାରେ କୌଣସି ସୁବିଧା ସୁଯୋଗ ପାଇପାରୁନାହାନ୍ତି। ରାଜ୍ୟ ଚଳାଇବାରେ ଭାଜପା ସରକାର ସଂପୂର୍ଣ୍ଣ ଅସମର୍ଥ ହୋଇପଡ଼ିଛି। ଅନ୍ୟପଟେ ସମ୍ପ୍ରତି କଟକ ଜିଲା ବିଜେଡି ସୁଦୃଢ଼ ରହିଛି। ବିଜେଡିର ୨୮ତମ ସ୍ଥାପନ ଦିବସ କଟକରେ ଧୁମ୍‌ଧାମ୍‌ରେ ପାଳନ କରାଯିବ। ଏହି ଉପଲକ୍ଷେ ଶୁକ୍ରବାର ସାରଳା ଭବନରେ କଟକ ଜିଲା ବିଜେଡି ପକ୍ଷରୁ ଏକ ସଭା ହେବ। ରାଜ୍ୟରେ ହିଂସାକାଣ୍ଡ, ଦରଦାମ୍ ବୃଦ୍ଧି, ବେକାରି, ଚାଷୀଙ୍କ ସମସ୍ୟା ଆଦି ସମ୍ପର୍କରେ ଆଲୋଚନା କରାଯିବ। ଦଳର କର୍ମୀମାନେ ଘର ଘର ବୁଲି ଭାଜପା ସରକାରଙ୍କ ଅପାରଗତା ସମ୍ପର୍କରେ ଲୋକଙ୍କୁ ଅବଗତ କରିବେ ବୋଲି ସେ ପ୍ରକାଶ କରିଛନ୍ତି। ସେହିପରି ଜିଲା ବିଜେଡି ସଭାପତି ପ୍ରଫୁଲ୍ଲ ସିଂ କହିଛନ୍ତି, କଟକ ଜିଲାର ବିଭିନ୍ନ ନିର୍ବାଚନମଣ୍ଡଳୀରେ ଦଳର ପ୍ରତିଷ୍ଠା ଦିବସ ପାଳନ କରାଯିବ। ଦୋଳମୁଣ୍ଡାଇସ୍ଥିତ ଜିଲା କାର୍ଯ୍ୟାଳୟରେ ପ୍ରଥମ ଥର ଦଳର ପୁରୁଖା ନେତାଙ୍କୁ ସମ୍ମାନିତ କରାଯିବ।

## ସଂକ୍ଷେପରେ

### ଶିଶୁଭବନରେ କାର୍ଯ୍ୟକ୍ଷମ ହେଲା ମଡ୍ୟୁଲାର ଓଟି

**୨ବର୍ଷ ଶିଶୁର ଜଟିଳ ଅସ୍ତ୍ରୋପଚାର ସଫଳ**

**କଟକ,୨୫।୧୨(ଶିଳ୍ପା ପ୍ରିୟଦର୍ଶିନୀ)**

ସର୍ଦ୍ଦାର ବଲ୍ଲଭଭାଇ ପଟେଲ ସ୍ନାତକୋତ୍ତର ଶିଶୁରୋଗ ପ୍ରତିଷ୍ଠାନ (ଶିଶୁଭବନ)ରେ ମଡ୍ୟୁଲାର ଓଟି କାର୍ଯ୍ୟକ୍ଷମ ହୋଇଛି। ଏହି ଓଟି କାର୍ଯ୍ୟକାରୀ ହେବା ପରେ ପ୍ରଥମଥର ପାଇଁ ଜଣେ ୨ବର୍ଷ ୧୧ମାସ ଶିଶୁର ସିଷ୍ଟ ବା ଏନ୍‌ସିଷ୍ଟୋ ହାଇଡ୍ରୋସିଲ ଅସ୍ତ୍ରୋପଚାର କରାଯାଇଛି। ଚଳିତ ମାସ ୨୨ତାରିଖରେ ଅସ୍ତ୍ରୋପଚାର କରାଯାଇଥିବାବେଳେ ବୁଧବାର ସେ ସମ୍ପୂର୍ଣ୍ଣ ସୁସ୍ଥ ଥିବାରୁ ତାକୁ ଡିସ୍‌ଚାର୍ଜ କରାଯାଇଥିବା ମେଡିକାଲ ଅଧୀକ୍ଷକ ପ୍ରଫେସର ଡା. ପ୍ରଭାକର ମିଶ୍ର ସୂଚନା ଦେଇଛନ୍ତି। ଶିଶୁଭବନରେ ପ୍ରଥମ କରି ମଡ୍ୟୁଲାର ଓଟି କାର୍ଯ୍ୟକ୍ଷମ ହୋଇଛି। ତିନୋଟି ଓଟି ପ୍ରସ୍ତୁତ କରାଯାଇଥିବାବେଳେ ଏବେ ଗୋଟିଏ ଓଟିକୁ ଉଦ୍‌ଘାଟନ କରାଯାଇଛି। ଅନ୍ୟ ଦୁଇଟି ଓଟି ଆଗାମୀ ଦିନରେ କାର୍ଯ୍ୟକାରୀ କରାଯିବା ବୋଲି ସୂଚନା ମିଳିଛି।

### ବିକେ ଫାଉଣ୍ଡେଶନ ପକ୍ଷରୁ ବିଭିନ୍ନ ପ୍ରତିଯୋଗିତା

**କଟକ,୨୫।୧୨(ଶିଳ୍ପା ପ୍ରିୟଦର୍ଶିନୀ)**

ବିକେ ଫାଉଣ୍ଡେଶନ ପକ୍ଷରୁ ଛାତ୍ରୀଛାତ୍ରଙ୍କୁ ନେଇ ବିଭିନ୍ନ ପ୍ରତିଯୋଗିତା ସୟିଦ ସେମିନାରି ସ୍କୁଲ ପ୍ରାଙ୍ଗଣରେ ଅନୁଷ୍ଠିତ ହୋଇଯାଇଛି। ପ୍ରତିଯୋଗିତାରେ ବିଭିନ୍ନ ସ୍କୁଲର ୭୦ରୁ ଉର୍ଦ୍ଧ୍ୱ ପ୍ରତିଯୋଗୀ ଭାଗନେଇଥିଲେ। ମୁଖ୍ୟ ଅତିଥି ଭାବେ ସନ୍ତୋଷ କୁମାର ସାହୁ, ସମ୍ମାନିତ ଅତିଥି ଭାବେ ଏସ୍.କେ. ସଲ୍ଲାଉଦିନ୍, ସୁପ୍ରୀତି ଷଡ଼ଙ୍ଗୀ, ମମତା ମହାପାତ୍ର, ଦୀପ୍ତିମୟୀ ସାହୁ ଯୋଗଦେଇଥିଲେ। ଏଭଳି କାର୍ଯ୍ୟକ୍ରମ ଛାତ୍ରୀଛାତ୍ରଙ୍କ ମଧ୍ୟରେ ଥିବା ଲୁକ୍କାୟିତ ପ୍ରତିଭା ଲୋକଲୋଚନକୁ ଆଣିପାରିବ ବୋଲି ଅତିଥିମାନେ ମତବ୍ୟକ୍ତ କରିଥିଲେ। କୃତୀ ପ୍ରତିଯୋଗୀମାନଙ୍କୁ ପୁରସ୍କୃତ କରାଯାଇଥିଲା। ଫାଉଣ୍ଡେଶନର ସମ୍ପାଦିକା ସ୍ୱୟଂଶ୍ରୀ ଷଡ଼ଙ୍ଗୀ ଧନ୍ୟବାଦ ଦେଇଥିଲେ। ଫାଉଣ୍ଡେଶନର ସଦସ୍ୟ ସାହିଲ ପଟ୍ଟନାୟକ, ଜ୍ୟୋତି ସାହୁ, କେ. ଶକ୍ତି ଗୌରବ ପ୍ରମୁଖ ଉପସ୍ଥିତ ଥିଲେ।

# ସ୍ୱାସ୍ଥ୍ୟର ଯତ୍ନ ନେବା ପ୍ରତ୍ୟେକ ନାଗରିକଙ୍କ କର୍ତ୍ତବ୍ୟ

**ଖୁଣ୍ଟୁଣୀ,୨୫।୧୨(ସଚ୍ଚିଦାନନ୍ଦ ପଣ୍ଡା)**

ଖୁଣ୍ଟୁଣୀ ଥାନା ଅଧୀନ ଭୋଗରାଠାରେ ଥିବା ସୁପ୍ରିମ ପ୍ଲାଷ୍ଟିକ ଇଣ୍ଡଷ୍ଟ୍ରିଜ କମ୍ପାନୀ ପକ୍ଷରୁ ଶ୍ରମିକଙ୍କ ସ୍ୱାସ୍ଥ୍ୟ ପରୀକ୍ଷା ଉପଲକ୍ଷେ ବୁଧବାର ଏକ ସ୍ୱାସ୍ଥ୍ୟ ଚିକିତ୍ସା ଶିବିର ଅନୁଷ୍ଠିତ ହୋଇଯାଇଛି। ଉପଜିଲାପାଳ ପ୍ରହଲ୍ଲାଦ ନାରାୟଣ ଶର୍ମା ଯୋଗଦେଇ ଆନୁଷ୍ଠାନିକ ଭାବେ ଶିବିରକୁ ଉଦ୍‌ଘାଟନ କରିଥିଲେ। ସ୍ୱାସ୍ଥ୍ୟ ହେଉଛି ଅମୂଲ୍ୟ ସମ୍ପଦ, ଏହାର ଯତ୍ନ ନେବା ପ୍ରତ୍ୟେକ ନାଗରିକଙ୍କ ପ୍ରଧାନ କର୍ତ୍ତବ୍ୟ ବୋଲି ଉପଜିଲାପାଳ ଶର୍ମା ମତବ୍ୟକ୍ତ କରିଥିଲେ। କାରଖାନା ଜେନେରାଲ ମ୍ୟାନେଜର ରଞ୍ଜନ କୁମାର ପାଢ଼ୀଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଏହି ଶିବିରରେ ଚୌଦ୍ୱାର ଉପଖଣ୍ଡ ଆରକ୍ଷୀ ଅଧୀକ୍ଷକ ଉମାକାନ୍ତ ନାୟକ,



ସ୍ୱାସ୍ଥ୍ୟସେବା ଶିବିରରେ ଯୋଗଦେଇଥିବା ଅତିଥିବୃନ୍ଦ।

**ସ୍ୱାସ୍ଥ୍ୟସେବା ଶିବିର: ୫୧୨ ରୋଗୀଙ୍କ ସ୍ୱାସ୍ଥ୍ୟ ପରୀକ୍ଷା**

ଖୁଣ୍ଟୁଣୀ ଥାନା ଭାରପ୍ରାପ୍ତ ଅଧିକାରୀ ରଞ୍ଜନ କୁମାର ପ୍ରଧାନ ଓ ଚୌଦ୍ୱାର ଇଏସଆଇ ଯୁଗ୍ମ ନିର୍ଦ୍ଦେଶକ ଡ. ଶ୍ରୀକାନ୍ତ ଦେବତା ପ୍ରମୁଖ ଯୋଗଦେଇ ସ୍ୱାସ୍ଥ୍ୟ ରକ୍ଷା ଓ ଏହା ଉପରେ ସବୁ ବର୍ଗର ଲୋକ ସଚେତନ ହେବା ଜରୁରୀ ବୋଲି କହିଥିଲେ। ଶିବିରରେ ଖୁଣ୍ଟୁଣୀ, ଚୌଦ୍ୱାର, କଟକ ଓ ଢେଙ୍କାନାଳ ଇଏସଆଇ ଡାକ୍ତରଖାନାର ଡାକ୍ତର ବିନତୀ ମାଝୀ, ଡ. ସଂଘମିତ୍ର ଜେନା, ଡ. ରଞ୍ଜନ ବାରିକ ପ୍ରମୁଖ ଯୋଗଦେଇଥିଲେ। ଏହି ଅବସରରେ କାରଖାନାର ୫୧୨ କର୍ମଚାରୀଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରି ଔଷଧ ପ୍ରଦାନ କରାଯାଇଥିଲା। ମ୍ୟାନେଜର ମାନବ ସମ୍ବଳ ରାମ ଶଙ୍କର ଖଟୁଆ ଧନବାଦ ଦେଇଥିଲେ।

# ନୀତା ଫୁଟ୍‌ବଲ ଏକାଡେମୀର ବିଜୟ ଅଭିଯାନ

**ଖୁଣ୍ଟୁଣୀ,୨୫।୧୨(ସଚ୍ଚିଦାନନ୍ଦ ପଣ୍ଡା)**

**ଇଣ୍ଡିଆନ୍ ଓମେନ୍ସ ଲିଗ୍**

କୋଲକାତାର ନ୍ୟାଶନାଲ ସେଣ୍ଟର ଅଫ୍ ଏକ୍ସଲେନ୍ସ ନ୍ୟୁ ଗ୍ରାଉଣ୍ଡରେ ବୁଧବାର ଇଣ୍ଡିଆନ ଓମେନ୍ସ ଫୁଟ୍‌ବଲ ଲିଗ୍ ୨୦୨୫-୨୬ ସଂସ୍କରଣର ଦ୍ୱିତୀୟ ଦିବସ ମ୍ୟାଚ୍ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଓଡ଼ିଶାର ଡାଇନାମିକ୍ ମହିଳା ଫୁଟ୍‌ବଲ ଟିମ୍ ନୀତା ଫୁଟବଲ ଏକାଡେମୀ ୬-୧ ଗୋଲ୍‌ରେ ସେସା ଫୁଟବଲ ଏକାଡେମୀ ଗୋଆକୁ ହରାଇଛି। ଏନ୍‌ସିଇ ନ୍ୟୁ ଗ୍ରାଉଣ୍ଡରେ ଅନୁଷ୍ଠିତ ଏହି ମ୍ୟାଚ୍‌ରେ ନିତା ଫୁଟବଲ ଏକାଡେମୀ ଦଳର ଅଧିନାୟିକା ପ୍ୟାରୀ ଖାକା ୩ଟି ଗୋଲ ସ୍କୋର କରିଥିବାବେଳେ ଅନ୍ୟତମ ଖେଳାଳି ଅମିରାଟୌ ଏନ୍ ଧାମରା ୨ ଗୋଲ ଏବଂ କୁମୁକଚାମ ଭୂମିକା ଦେବୀ ଖେଳର ୬ମିନିଟରେ ଗୋଟିଏ ଗୋଲ ଦେଇ ଦଳକୁ ଏକ ବଡ଼ ବିଜୟ ଭେଟି ଦେଇଥିଲେ। ଗତ ୨୦ ତାରିଖରେ କୋଲକାତାର କଲ୍ୟାଣୀ ଷ୍ଟାଡିୟମରେ ନୀତା ଏକାଡେମୀ ତା'ର ପ୍ରଥମ ମ୍ୟାଚ୍ ୩ ଥର ଆଇଡବ୍ଲ୍ୟୁଏଲ୍ ଚାମ୍ପିୟନ ହୋଇଥିବା କେରଳର ଗୋକୁଲମ ଫୁଟବଲ କ୍ଲବ ସହିତ ଖେଳି ୧-୧ଗୋଲରେ ମ୍ୟାଚ୍ ଅମୀମାଂସିତ ରଖିଥିଲା। ଆସନ୍ତା ୨୭ତାରିଖରେ ନୀତା ଫୁଟବଲ ଏକାଡେମୀ ତା'ର ପରବର୍ତ୍ତୀ ମ୍ୟାଚ୍ କିକ୍‌ଷ୍ଟାର ଏଫ୍‌ସି ବିପକ୍ଷରେ ଖେଳିବ ବୋଲି ନୀତା ଫୁଟବଲ ଏକାଡେମୀ ଅଧ୍ୟକ୍ଷ ଇଂ. ସୁବ୍ରତ କୁମାର ଦାସ ସୂଚନା ଦେଇଛନ୍ତି। ଏକାଡେମୀ ପକ୍ଷରୁ କୋଚ୍ ଭାବେ ପରମିତା ସିଟ ଓ ମ୍ୟାନେଜର ଭାବେ ଅଭିଜିତ କାନୁନଗୋ ପ୍ରତିନିଧିତ୍ୱ କରୁଛନ୍ତି। ପ୍ରକାଶ ଯେ, ସର୍ବଭାରତୀୟ ସ୍ତରରେ ଶ୍ରେଷ୍ଠ ୮ଟି ଦଳ ମଧ୍ୟରେ ଇଣ୍ଡିଆନ ଓମେନ୍ସ ଲିଗ୍ ଅନୁଷ୍ଠିତ ହେଉଛି। ଓଡ଼ିଶାରୁ ଏକମାତ୍ର ଦଳ ଭାବେ ନୀତା ଫୁଟବଲ ଏକାଡେମୀ ଏହି ଲିଗ୍‌ରେ ସ୍ଥାନ ପାଇଛି। ଏକାଡେମୀର ଏହି ବିଜୟ ପାଇଁ ଅଧ୍ୟକ୍ଷ ଇଂ. ସୁବ୍ରତ ଦାସ, ବୈଷୟିକ ଉପଦେଷ୍ଟା ମହମ୍ମଦ ଶାହିଦ ଜାବର ଓ ସମ୍ପାଦକ ଇଂ. ଅରୁଣ ପରିଜା ଅଭିନନ୍ଦନ ଜଣାଇଛନ୍ତି।



ନୀତା ଫୁଟବଲ ଏକାଡେମୀର ଖେଳାଳିମାନେ ଖୁସି ମନାଉଛନ୍ତି।

# କ୍ରୀଡ଼ା ପାରିଦର୍ଶିତା ବୃଦ୍ଧି କରୁଛି ସାଂସଦ ଖେଳ ମହୋତ୍ସବ

**କଟକ,୨୫।୧୨(ଶିଳ୍ପା ପ୍ରିୟଦର୍ଶିନୀ)**



ସମାରୋହରେ କ୍ରୀଡ଼ା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ, ଏମ୍‌ପି ଭର୍ତ୍ତୃହରି ମହତାବ, ଜିଲାପାଳ ଦତ୍ତାତ୍ରୟ ଭାଉସାହେବ ଶିନ୍ଦେଙ୍କ ସମେତ ଅନ୍ୟ ଅତିଥି।

କଟକ ଜିଲା ପ୍ରଶାସନ ପକ୍ଷରୁ ଆୟୋଜିତ ସାଂସଦ ଖେଳ ମହୋତ୍ସବ ଗୁରୁବାର ଉଦ୍‌ଯାପିତ ହୋଇଯାଇଛି। କଟକ ଏମ୍‌ପି ଭର୍ତ୍ତୃହରି ମହତାବଙ୍କ ଅଧ୍ୟକ୍ଷତା ଓ ଜିଲାପାଳ ଦତ୍ତାତ୍ରୟ ଭାଉସାହେବ ଶିନ୍ଦେଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ଉଦ୍‌ଯାପନୀ ସମାରୋହ ୨୦ତାରିଖରୁ ଆରମ୍ଭ ହୋଇଥିବାବେଳେ ବିଭିନ୍ନ ବର୍ଗର କ୍ରୀଡା ପ୍ରତିଯୋଗିତାର ଫାଇନାଲ ଖେଳ କଟକ ବାରବାଟୀ କମ୍ପଲେକ୍ସ, ନିମପୁର ଷ୍ଟାଡିୟମ ଓ ବାରବାଟୀ ଷ୍ଟାଡିୟମ କବାଡି କମ୍ପ୍ଲେକ୍ସରେ ଅନୁଷ୍ଠିତ ହୋଇଥିଲା। ସମାରୋହରେ ମୁଖ୍ୟ ଅତିଥି ଭାବେ କ୍ରୀଡ଼ା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ଯୋଗଦେଇ କହିଥିଲେ, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଦୂରଦୃଷ୍ଟି ଓ ପଦକ୍ଷେପ ସ୍ୱରୂପ ପ୍ରଥମ କରି ସାଂସଦ ଖେଳ ମହୋତ୍ସବ ଅନୁଷ୍ଠିତ ହୋଇଛି। ଏହାଦ୍ୱାରା ସଂସଦୀୟ କ୍ଷେତ୍ର ଅଞ୍ଚଳରେ କ୍ରୀଡ଼ା କ୍ଷେତ୍ରରେ ଯୁବ ପ୍ରତିଭାଙ୍କୁ ସୁଯୋଗ ମିଳିବା ସହ ଛାତ୍ରୀଛାତ୍ରଙ୍କ ମଧ୍ୟରେ କ୍ରୀଡ଼ା ପାରଦର୍ଶିତା ବୃଦ୍ଧି ପାଉଛି। ସ୍ପୋର୍ଟସ ଇକୋ ସିଷ୍ଟମକୁ ସହଯୋଗ କରିବା ଉଦ୍ଦେଶ୍ୟ ନେଇ ଆୟୋଜିତ ଏହି ମହୋତ୍ସବ ତୃଣମୂଳସ୍ତରରେ ଆଦୃତି ଲାଭ କରିପାରିଛି ବୋଲି ସେ କହିଥିଲେ। କଟକ ସଦର ବିଧାୟକ ଇଂ. ପ୍ରକାଶ ଚନ୍ଦ୍ର ସେଠୀ, ବାରବାଟୀ-କଟକ ବିଧାୟିକା ଇଂ. ସୋଫିଆ ଫିର୍‌ଦୋସ୍, ଖଣ୍ଡପଡ଼ା

**ବଡ଼ମ୍ବା ବିଧାନସଭା ନିର୍ବାଚନ ମଣ୍ଡଳୀ ଚାମ୍ପିୟନ ଅଫ୍ ଚାମ୍ପିୟନ୍ସ**

ବିଧାୟକ ଦୁଷ୍ମନ୍ତ ସ୍ୱାଇଁ, ବରିଷ୍ଠ ଭାଜପା ନେତା ନୟନ କିଶୋର ମହାନ୍ତି, ଜିଲା ଭାଜପା ସଭାପତି ସୁକାନ୍ତ ବିଶ୍ୱାଳ, ଲଲାଟେନ୍ଦୁ ବସ୍ତୁ, ଅଭିନେତା ଶ୍ରୀତମ ଦାସ, ଅରିନ୍ଦମ ରାଏ ଯୋଗଦେଇଥିଲେ। ଏହି ଅବସରରେ ସକାଳେ ଯୋଗ ଶିବିର ଅନୁଷ୍ଠିତ ହୋଇଥିଲା। ଏଥିରେ ଜିଲାପାଳଙ୍କ ସମେତ ସିଏମ୍‌ସି କମିଶନର କିରନଦୀପ କୌର ସହୋତା, ଅତିରିକ୍ତ ଜିଲାପାଳ ଶିବ ଟପ୍ପୋ ଯୋଗଦେଇଥିଲେ। ଏହି ପରିପ୍ରେକ୍ଷୀରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଆଭାସି ମାଧ୍ୟମରେ ସମସ୍ତ ରାଜ୍ୟରେ ଉଦଯାପିତ ହେଉଥିବା ସାଂସଦ ଖେଳ ମହୋତ୍ସବକୁ ସମ୍ବୋଧିତ କରିଥିଲେ। ଅତିରିକ୍ତ ଜିଲାପାଳ ଡ. ଇପ୍ସିତା ପ୍ରିୟଦର୍ଶିନୀ ମିଶ୍ର କାର୍ଯ୍ୟକ୍ରମ ପରିଚାଳନା କରିଥିବାବେଳେ ବାଙ୍କୀ ଉପଜିଲାପାଳ ପ୍ରଣବ କୁମାର ବେହେରା, ଜିଲା ଶିକ୍ଷା ଅଧିକାରୀ ନିତ୍ୟାନନ୍ଦ ବାରିକ, ଜିଲା କ୍ରୀଡ଼ା ଅଧିକାରୀ ଅଜୟ କୁମାର ବେହେରା ସମାରୋହକୁ ସଂଚାଳନ କରିଥିଲେ। ଏହି ଅବସରରେ ଫୁଟବଲ ଓ ଖୋଖୋ ଖେଳ ହୋଇଥିଲା। ସମସ୍ତ ବର୍ଗର କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ବିଭିନ୍ନ ପ୍ରତିଯୋଗିତାରେ ସର୍ବୋତ୍କୃଷ୍ଟ ପ୍ରଦର୍ଶନ କରିଥିବାରୁ ବଡ଼ମ୍ବା ବିଧାନସଭା ନିର୍ବାଚନମଣ୍ଡଳୀ ଚାମ୍ପିୟନ ଅଫ୍ ଚାମ୍ପିୟନ୍ସ ଭାବେ ବିବେଚିତ ହୋଇଛି। ଖୋ ଖୋ ୧୭ ବର୍ଷରୁ କମ୍ ବାଳକ, ୧୭ ବର୍ଷରୁ କମ୍ ବାଳିକା, ୨୫ ବର୍ଷରୁ କମ୍ ବାଳକ, ୨୫ ବର୍ଷରୁ ଉର୍ଦ୍ଧ୍ୱ ବାଳିକା ଓ ବାଳକ ବର୍ଗରେ ଆଠଗଡ଼ ଚାମ୍ପିୟନ ହୋଇଛି। କବାଡ଼ି ୧୭ ବର୍ଷରୁ କମ୍ ବାଳକ ଓ ବାଳିକା ବର୍ଗରେ ବଡ଼ମ୍ବା, ୨୫ ବର୍ଷରୁ କମ ବାଳକ ଓ ବାଳିକା ଏବଂ ୨୫ ବର୍ଷରୁ ଉର୍ଦ୍ଧ୍ୱ ବାଳକ ବର୍ଗରେ ବାରବାଟୀ କଟକ ଚାମ୍ପିୟନ ହୋଇଛି। ସେହିପରି ଭଲିବଲ ୧୭ ବର୍ଷରୁ କମ୍ ବାଳକ ବର୍ଗରେ ବାଙ୍କୀ, ୨୫ ବର୍ଷରୁ କମ୍ ବାଳକ ବର୍ଗରେ ଖଣ୍ଡପଡ଼ା, ୨୫ ବର୍ଷରୁ ଉର୍ଦ୍ଧ୍ୱ ବାଳକ ବର୍ଗରେ ଆଠଗଡ଼ ଚାମ୍ପିୟନ ହୋଇଛି। ୧୭ ବର୍ଷରୁ କମ ବାଳକ ଓ ବାଳିକା ଫୁଟବଲରେ ବାରବାଟୀ-କଟକ ଚାମ୍ପିୟନ ହୋଇଥିବାବେଳେ ୨୫ ବର୍ଷରୁ କମ୍ ବାଳକ ବର୍ଗରେ ଚୌଦ୍ୱାର-କଟକ ଚାମ୍ପିୟନ ଆଖ୍ୟା ଅର୍ଜନ କରିଛି। କ୍ରିକେଟ ୧୭ ବର୍ଷରୁ କମ୍ ବାଳକ ବର୍ଗରେ ବଡ଼ମ୍ବା, ୨୫ ବର୍ଷରୁ କମ୍ ବର୍ଗରେ କଟକ ସଦର ଏବଂ ୨୫ ବର୍ଷରୁ ଉର୍ଦ୍ଧ୍ୱ ବର୍ଗରେ ଚୌଦ୍ୱାର-କଟକ ଚାମ୍ପିୟନ ହୋଇଛି। ସେହିପରି ଆଥଲେଟିକ୍ସ ବିଭିନ୍ନ ବର୍ଗ ଏବଂ ପାରମ୍ପରିକ ଖେଳ ପୁଚି ଓ ସ୍କିପିଂ ରେ ପ୍ରଥମ, ଦ୍ୱିତୀୟ ଓ ତୃତୀୟ ସ୍ଥାନ ଅଧିକାର କରିଥିବା କ୍ରୀଡ଼ାବିତଙ୍କୁ ପୁରସ୍କୃତ କରାଯାଇଥିଲା।

## ଓଲଟିଲା ଗୋଚାଲାଣ ଗାଡ଼ି: ୨ଗୋରୁ ମୃତ

ବାରଙ୍ଗ, ୨୫।୧୨(ଲିଙ୍ଗରାଜ ରାଉତ): ବାଙ୍କୀ ତ୍ରିଶୂଳିଆ ରାସ୍ତାର ଗୋଡିସାହି ହାଇସ୍କୁଲ ସମ୍ମୁଖରେରେ ଏକ ଗୋରୁ ଚାଲାଣ ପିକ୍‌ଅପ୍ ଭ୍ୟାନ୍ ଓଲଟି ପଡ଼ିଛି। ଫଳରେ ୨ ଗୋରୁଙ୍କ ମୃତ୍ୟୁ ଘଟି ୨ ଉଦ୍ଧାର କରାଯାଇଛି। ଆଉ ଏକ ଗୋରୁ ଘଟଣାସ୍ଥଳରୁ ଦୌଡ଼ି ପଳାଇ ଯାଇଛି।

ଗୁରୁବାର ଭୋର ସମୟରେ ଏକ ପିକଅପ୍ ଭ୍ୟାନ(ଓଡି ୦୨ ଏଫ ୬୯୩୯)ଟି ଦ୍ରୁତଗତିରେ ବାରଙ୍ଗ ପଟକୁ ଆସୁଥିଲା। ଏହି ସମୟରେ ଘନ କୁହୁଡ଼ି ଯୋଗୁ ଭାରସାମ୍ୟ ହରାଇ ଗାଡ଼ିଟି ଗୋଡିସାହି ହାଇସ୍କୁଲ ସମ୍ମୁଖ ରାସ୍ତା ଉପରେ ଓଲଟି ପଡ଼ିଥିବା ଆଶଙ୍କା କରାଯାଉଛି। ଦୁର୍ଘଟଣା ପରେ ଚାଲକ ସମେତ ଅନ୍ୟ ଗୋରୁ ମାଫିଆମାନେ ଫେରାର ହୋଇଯାଇଛନ୍ତି। ସ୍ଥାନୀୟ ଲୋକମାନେ ଘଟଣାସ୍ଥଳରେ ପହଞ୍ଚିବା ବେଳକୁ ଗାଡି ଆଗରେ ପରିବା ଝୁଡ଼ି ଓ ପଛପଟେ ୫ଟି ଗୋରୁ ରହିଥିବାର ଦେଖିବାକୁ ପାଇଥିଲେ। ସେଥିମଧ୍ୟରୁ ୨ଟି ଗୋରୁଙ୍କୁ ଉଧାର କରି ଅଗ୍ନିଶମ ବାହିନୀ ଓ ବାରଙ୍ଗ ଥାନା ପୁଲିସକୁ ସୂଚନା ଦେଇଥିଲେ। ପୋଲିସ ପହଞ୍ଚି ଉଦ୍ଧାର ଗାଈକୁ ସ୍ଥାନୀୟ ଗୋଶାଳାରେ ଛାଡି ଦେଇଛନ୍ତି।

# ଦେଶ ନିର୍ମାଣରେ ବାଜପେୟୀଙ୍କ ମହନୀୟ ଅବଦାନ ରହିଛି

ଭୁବନେଶ୍ୱର,୨୫।୧୨(ସୁଚିସ୍ମିତା ସାହୁ)

ଦେଶ ନିର୍ମାଣରେ ପୂର୍ବତନ ପ୍ରଧାନମନ୍ତ୍ରୀ ଭାରତରତ୍ନ ଅଟଳ ବିହାରୀ ବାଜପେୟୀଙ୍କ ମହନୀୟ ଅବଦାନ ରହିଛି। ଭାରତର ବିକାଶ ଯାତ୍ରାରେ ବିଶେଷକରି ଭିତ୍ତିଭୂମି, ସଂଯୋଗ ଏବଂ ସୁଶାସନ ପ୍ରତିଷ୍ଠା କ୍ଷେତ୍ରରେ ବାଜପେୟୀଙ୍କ ପ୍ରଧାନମନ୍ତ୍ରୀତ୍ୱ ସମୟ ଏକ ରୂପାନ୍ତରକାରୀ ପର୍ଯ୍ୟାୟ ଥିଲା ବୋଲି ରାଜ୍ୟପାଳ ଡ. ହରି ବାବୁ କମ୍ଭମପାଟି କହିଛନ୍ତି। ଗୁରୁବାର ଲୋକ ଭବନର ଅଭିଷେକ ହଲ୍‌ଠାରେ ଅଟଳ ବିହାରୀ ବାଜପେୟୀଙ୍କ ଜୟନ୍ତୀ ଓ ସୁଶାସନ ଦିବସ ପାଳନ କରାଯାଇଥିଲା। ଏହି ଅବସରରେ ବାଜପେୟୀଙ୍କ ଫଟୋଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ କରି ରାଜ୍ୟପାଳ କହିଲେ, ସ୍ୱର୍ଣ୍ଣ ଚତୁର୍ଭୁଜ ପ୍ରକଳ୍ପ, ଜାତୀୟ ରାଜପଥର ବ୍ୟାପକ ସମ୍ପ୍ରସାରଣ ଓ ସାରା ଦେଶରେ ଚାରି ଲେନ୍ ବିଶିଷ୍ଟ ରାସ୍ତା ନିର୍ମାଣ ଭଳି ଯୁଗାନ୍ତକାରୀ ପଦକ୍ଷେପ ସହ ସ୍ୱର୍ଗତ ବାଜପେୟୀଙ୍କ ନାମ ଅଙ୍ଗାଙ୍ଗୀ ଭାବେ ଜଡ଼ିତ। ଏହି ପଦକ୍ଷେପ କେବଳ ଯୋଗାଯୋଗକୁ ବୃଦ୍ଧି କରିନାହିଁ, ବରଂ ଅନେକ କ୍ଷେତ୍ରରେ ଆର୍ଥିକ ବିକାଶକୁ ତ୍ୱରାନ୍ୱିତ କରିଛି। ଏହି ରାଜପଥଗୁଡ଼ିକ ସହିତ ଜଡ଼ିତ ଅଞ୍ଚଳର ଲୋକମାନେ ନିଜର ଅର୍ଥନୈତିକ ଅଭିବୃଦ୍ଧି ଏବଂ ଉନ୍ନତ ଗତିଶୀଳତାକୁ ପୂର୍ବତନ ପ୍ରଧାନମନ୍ତ୍ରୀ ସ୍ୱର୍ଗତ ବାଜପେୟୀଙ୍କ ଦୂରଦୃଷ୍ଟିସମ୍ପନ୍ନ ଦୃଷ୍ଟିଭଙ୍ଗୀ ସହିତ ଯୋଡ଼ି ଦେଖନ୍ତି। ଗ୍ରାମାଞ୍ଚଳ ବିକାଶ ପାଇଁ ବାଜପେୟୀଙ୍କ ପ୍ରତିବଦ୍ଧତା ଉପରେ ଆଲୋକପାତ କରି ରାଜ୍ୟପାଳ କହିଲେ, ପ୍ରଧାନମନ୍ତ୍ରୀ ଗ୍ରାମ ସଡ଼କ ଯୋଜନାରେ ଗାଁକୁ ସବୁଦିନିଆ ରାସ୍ତା ସଂଯୋଗୀକରଣ ସୁନିଶ୍ଚିତ କରିବା ସହିତ ଗ୍ରାମାଞ୍ଚଳ ଅର୍ଥନୀତିରେ ପରିବର୍ତ୍ତନ ଆଣିବା ଏବଂ ଦୁର୍ଗମ ଅଞ୍ଚଳକୁ ବିକାଶର ମୁଖ୍ୟ ସ୍ରୋତରେ ସାମିଲ କରିବାରେ ତାଙ୍କର ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଛି। ନଦୀ ସଂଯୋଗୀକରଣ ପ୍ରକଳ୍ପ ସମେତ ଦୀର୍ଘମିଆଦୀ ବିକାଶମୂଳକ ଯୋଜନାରେ ବାଜପେୟୀଙ୍କ ଭୂମିକା ରହିଥିଲା। ଏଥିପାଇଁ ଏକ ସମର୍ପିତ ଟାସ୍କଫୋର୍ସ ଗଠନ କରାଯାଇଥିଲା ଏବଂ ରାଜ୍ୟପାଳ ନିଜେ ଏହି ଟାସ୍କ ଫୋର୍ସର ସଦସ୍ୟ ହେବାର ସୌଭାଗ୍ୟ ପାଇଥିଲେ ବୋଲି କହିଥିଲେ । ରାଜ୍ୟପାଳଙ୍କ କମିଶନର ରୂପା ରୋଶନ ସାହୁଙ୍କ ସମେତ ଲୋକ ଭବନର ଅଧିକାରୀ ଏବଂ କର୍ମଚାରୀମାନେ ଉପସ୍ଥିତ ଥିଲେ।

### ଲୋକ ଭବନରେ ସୁଶାସନ ଦିବସ


ରାଜ୍ୟପାଳ ଡ. ହରି ବାବୁ କମ୍ଭମପାଟି ବାଜପେୟୀଙ୍କ ଫଟୋଚିତ୍ରରେ ଶ୍ରଦ୍ଧାସୁମନ ଅର୍ପଣ କରୁଛନ୍ତି।

# ମହାପ୍ରଭୁଙ୍କୁ ଦର୍ଶନ କଲେ ଅନୁ ଗର୍ଗ


ମହାପ୍ରଭୁଙ୍କୁ ଦର୍ଶନ ସାରି ଅନୁ ଗର୍ଗ ଶ୍ରୀମନ୍ଦିରରୁ ବାହାରୁଛନ୍ତି।

ପୁରୀ,୨୫।୧୨(ଅଜିତ୍ କୁମାର ମହାନ୍ତି)

ଚଳିତମାସ ୩୧ ତାରିଖରେ ବର୍ତ୍ତମାନର ମୁଖ୍ୟ ଶାସନ ସଚିବ ମନୋଜ ଆହୁଜାଙ୍କ କାର୍ଯ୍ୟକାଳ ଶେଷ ହେବାକୁ ଯାଉଛି। ତାଙ୍କ ସ୍ଥାନରେ ରାଜ୍ୟ ସରକାର ଅନୁ ଗର୍ଗଙ୍କୁ ନୂତନ ମୁଖ୍ୟ ଶାସନ ସଚିବ ଭାବେ ଘୋଷଣା କରିଛନ୍ତି। ଦାୟିତ୍ୱ ଗ୍ରହଣ କରିବା ପୂର୍ବରୁ ରାଜ୍ୟର ପ୍ରଥମ ମହିଳା ଶାସନ ସଚିବ ଅନୁ ଗର୍ଗ ଗୁରୁବାର ଶ୍ରୀମନ୍ଦିର ଆସି ମହାପ୍ରଭୁଙ୍କ ଦର୍ଶନ କରିବା ସହ ଆଶୀର୍ବାଦ ନେଇଛନ୍ତି। ଶ୍ରୀମନ୍ଦିର ନିକଟରେ ପହଞ୍ଚିବା ପରେ ଗର୍ଗଙ୍କୁ ଜିଲାପାଳ ଦିବ୍ୟଜ୍ୟୋତି ପରିଡ଼ା, ଏସ୍‌ପି ପ୍ରତୀକ ସିଂ ଶ୍ରୀମନ୍ଦିର ପ୍ରଶାସନିକ ଅଧିକାରୀମାନେ ସ୍ୱାଗତ କରିଥିଲେ। ଗର୍ଗ ଶ୍ରୀମନ୍ଦିରକୁ ଯାଇ ରତ୍ନସିଂହାସନରେ ବିରାଜିତ ଶ୍ରୀବିଗ୍ରହଙ୍କ ଦର୍ଶନ କରି ଆଶୀର୍ବାଦ ନେଇଥିଲେ। ପରେ ଶ୍ରୀମନ୍ଦିର ଭିତର ବେଢ଼ାରେ ଥିବା ପାର୍ଶ୍ୱ ଦେବଦେବୀଙ୍କ ଦର୍ଶନ କରି ଶ୍ରୀମନ୍ଦିର ପରିସରରେ କିଛି ସମୟ ରହି ଶ୍ରୀମନ୍ଦିରରୁ ପ୍ରସ୍ଥାନ କରିଥିଲେ। ଏତେ ବଡ଼ଦାୟିତ୍ୱ ତାଙ୍କୁ ମିଳିଥିବାରୁ ରାଜ୍ୟର ଉନ୍ନତି ପାଇଁ ସେ ମହାପ୍ରଭୁଙ୍କ ନିକଟରେ ପ୍ରାର୍ଥନା କରିଥିଲେ।

# ଗେଷ୍ଟହାଉସରୁ ଛାତ୍ରୀଙ୍କ ଝୁଲନ୍ତା ମୃତଦେହ ଠାବ

ଭୁବନେଶ୍ୱର,୨୫।୧୨(ତ୍ରିନାଥ ମହାନ୍ତି)

ଖଣ୍ଡଗିରି ଥାନା ଜାଗମରାସ୍ଥିତ ଏକ ଗେଷ୍ଟ ହାଉସରୁ ଜଣେ ଛାତ୍ରୀଙ୍କ ଝୁଲନ୍ତା ମୃତଦେହ ଉଦ୍ଧାର ହୋଇଛି। ସେ ହେଲେ ଝାଡ଼ଖଣ୍ଡ ଜାମସେଦପୁରର ପାୟଲ ଦାସ (୨୧)। ନିର୍ଯାତନା ଚାପରେ ଝିଅ ଆତ୍ମହତ୍ୟା କରିଥିବା ନେଇ ବାପା ଦୀପକ ଦାସ ଖଣ୍ଡଗିରି ଥାନାରେ ଏଜାଲ ଦେଇଛନ୍ତି। ଅଭିଯୋଗ ଆଧାରରେ ପୋଲିସ ଆତ୍ମହତ୍ୟା ପାଇଁ ପ୍ରରୋଚିତ କରିବା ଅଭିଯୋଗରେ ଜୀବନ ରାଜଙ୍କ ନାଁରେ ମାମଲା ରୁଜୁ କରିଛି। ଅଭିଯୋଗ ଅନୁଯାୟୀ, ପାୟଲ ଦୁଇବର୍ଷ ହେବ ଖଣ୍ଡଗିରି ଥାନା ଅଞ୍ଚଳର ଘରୋଇ କଲେଜରେ ପଢ଼ିବା ସହ ସ୍ଥାନୀୟ ଅଞ୍ଚଳରେ ଥିବା ସ୍ମୃତି ହୋମ୍ ନାମକ ଗେଷ୍ଟ ହାଉସ୍‌ରେ ରହୁଥିଲେ। ସୋମବାର ସନ୍ଧ୍ୟାରେ ଘରକୁ କଲ୍ କରି କଥାବାର୍ତ୍ତା ହେବା ସହ କେହି ଜଣେ ନିର୍ଯାତନା ଦେଉଥିବା କହିଥିଲେ। ମଙ୍ଗଳବାର ଗେଷ୍ଟ ହାଉସ ମାଲିକ ଦୀପକଙ୍କୁ କଲ୍ କରି ପାୟଲ ଆତ୍ମହତ୍ୟା କରିଥିବା ଜଣାଇଥିଲେ। ବାପା ଦୀପକ ପହଞ୍ଚିବା ବେଳକୁ ପାୟଲଙ୍କୁ ଫ୍ୟାନରେ ଝୁଲୁଥିବା ଦେଖିବାକୁ ପାଇଥିଲେ। ପାୟଲଙ୍କ ରୁମ୍ ଭିତରୁ ଏକ ଡାଏରୀ ମିଳିଥିଲା, ସେଥିରେ ଜୀବନଙ୍କ ନାମ ଲେଖାଥିବାବେଳେ ଆପତ୍ତିଜନକ ସାମଗ୍ରୀ ମିଳିଥିଲା। ଜୀବନଙ୍କ ଅତ୍ୟାଚାରରେ ଅସହ୍ୟ ହୋଇ ପାୟଲ ଆତ୍ମହତ୍ୟା କରିଥିବା ବାପା ଅଭିଯୋଗ କରିଛନ୍ତି।

# ୟୁଟ୍ୟୁବର ଦମ୍ପତି ଗୁଲୁଆ-ବର୍ଷା କଳି ପଦାରେ

ଭୁବନେଶ୍ୱର,୨୫।୧୨(ତ୍ରିନାଥ ମହାନ୍ତି)

- ସ୍ତ୍ରୀ, ଶ୍ୱଶୁରଙ୍କ ନାମରେ ନିର୍ଯାତନା ଅଭିଯୋଗ ଆଣିଲେ ଗୁଲୁଆ
- ଗୁଲୁଆଙ୍କ ଏକାଧିକ ଝିଅଙ୍କ ସହ ସମ୍ପର୍କ ଥିବା ପ୍ରମାଣ ରହିଛି: ବର୍ଷା
- ଅଭିଯୋଗର ତଦନ୍ତ ଚାଲିଛି, ଦୋଷୀ ଦଣ୍ଡ ପାଇବେ: ପୋଲିସ

ଲୋକପ୍ରିୟ ଓଡ଼ିଆ ହାସ୍ୟ ଅଭିନେତା ତଥା ୟୁଟ୍ୟୁବର ଗୁଲୁଆ ଓରଫ ଆଶିଷ କୁମାର ଦାଶ ଏବଂ ତାଙ୍କ ସ୍ତ୍ରୀଙ୍କ ମଧ୍ୟରେ ଥିବା ପାରିବାରିକ କଳି ପଦାରେ ପଡ଼ିଛି। ଗୁରୁବାର ସକାଳେ ଗୁଲୁଆ ସୋସିଆଲ ମିଡିଆରେ ଏକ ଭିଡିଓ ଜାରି କରି ତାଙ୍କ ଜୀବନ ପ୍ରତି ବିପଦ ଥିବା ନେଇ କହିଥିଲେ। ଏପରି କି କେତେଜଣ ଲୋକ ତାଙ୍କୁ ଧମକ ଦେଇ ବ୍ଲାକ୍‌ମେଲିଂ କରୁଛନ୍ତି। ପ୍ରଥମେ କୋଟିଏ ଟଙ୍କା ମାଗିଥିଲେ। ପରେ ୫୦ ଲକ୍ଷ ଟଙ୍କା ଦାବି କରୁଛନ୍ତି। ଟଙ୍କା ନ ଦେଲେ ହତ୍ୟା କରିଦେବେ କିମ୍ବା ଗାଡ଼ି ଚଢ଼ାଇ ଅକ୍ଷମ କରିଦେବେ ବୋଲି ଚେତାବନୀ ଦେଇଛନ୍ତି। ତେବେ ତାଙ୍କୁ ଧମକ ଦେଉଥିବା ଲୋକଙ୍କ ପୋଲିସ ସହିତ ସମ୍ପର୍କ ଥିବାରୁ ଭୟ ଏବଂ ଅସୁରକ୍ଷିତ ଯୋଗୁଁ ସେ ଆଉ ପୋଲିସ ଷ୍ଟେଶନକୁ ଯିବା ପାଇଁ ସୁରକ୍ଷିତ ମଣୁନାହାନ୍ତି ବୋଲି କହିଛନ୍ତି। ସେ ଆହୁରି କହିଛନ୍ତି ଯେ, ତାଙ୍କ ସୁରକ୍ଷା ପାଇଁ ସେ ଏକ ଅଜ୍ଞାତ ସ୍ଥାନକୁ ଚାଲିଯାଇଛନ୍ତି। କେବଳ ତାଙ୍କୁ ନୁହେଁ ବରଂ ତାଙ୍କ କର୍ମଚାରୀମାନଙ୍କୁ ଏପର୍ଯ୍ୟନ୍ତ ତିନିଥର ଧମକ ଦିଆଗଲାଣି। ଏକ ଭାବପ୍ରବଣ ଆବେଦନରେ, ଗୁଲୁଆ ପ୍ରଶାସନ, ଜନସାଧାରଣ ଏବଂ ଗଣମାଧ୍ୟମକୁ ନିବେଦନ କରି ତାଙ୍କ ବାର୍ତ୍ତାକୁ ହାଲୁକା ଭାବରେ ନ ନେବାକୁ କହି ପ୍ରଶାସନର ସହାୟତା ଲୋଡ଼ିଛନ୍ତି। ତେବେ କେଉଁମାନେ ଧମକ ଦେଇଛନ୍ତି ସେମାନଙ୍କ ନାମ ସେ ଏକ ପୃଥକ ଭିଡିଓରେ ଉଲ୍ଲେଖ କରିଥିବା ଦାବି କରିଛନ୍ତି। ଗୁଲୁଆଙ୍କ ଭିଡିଓ ଛାଡ଼ିବା ପୂର୍ବରୁ ବୁଧବାର ବାଲିଅନ୍ତା ଥାନାକୁ ଯାଇ ସ୍ତ୍ରୀ ଏବଂ ଶ୍ୱଶୁର ନାମରେ ଏକ ଅଭିଯୋଗ କରିଛନ୍ତି। ସେମାନେ ତାଙ୍କୁ ଶାରୀରିକ ଏବଂ ମାନସିକ ନିର୍ଯାତନା ଦେଉଛନ୍ତି। ତାଙ୍କ ପତ୍ନୀ ତାଙ୍କୁ ମାଡ଼ ମାରୁଥିବା ସହ ଶାରୀରିକ ସମ୍ପର୍କ ରଖିବାକୁ ମନା କରୁଥିଲେ। ଆହୁରି ମଧ୍ୟ ସ୍ତ୍ରୀ ବର୍ଷା ତାଙ୍କ ଘରୁ ସୁନା ଏବଂ ଟଙ୍କା ନେଇ ଚମ୍ପଟ ମାରିଛନ୍ତି। ଏପରି କି ବର୍ଷା ତାଙ୍କ ନାମରେ ୨୦୨୪ ଦେଇଥିବା ମାମଲା ଉଠାଇବା ପାଇଁ ୫୦ ଲକ୍ଷ ବ୍ଲାକ୍‌ମେଲ୍ କରୁଥିବା ଅଭିଯୋଗରେ ଦର୍ଶାଇଛନ୍ତି।



ଗୁଲୁଆଙ୍କ ଅଭିଯୋଗ ପରେ ମୁହଁ ଖୋଲିଛନ୍ତି ତାଙ୍କ ସ୍ତ୍ରୀ ବର୍ଷା। ଗୁଲୁଆଙ୍କ ପରକୀୟା ପ୍ରୀତି ସମ୍ପର୍କରେ ଅଭିଯୋଗ ଆଣିଛନ୍ତି ବର୍ଷା। ଗୁଲୁଆଙ୍କ ଏକାଧିକ ଝିଅଙ୍କ ସହ ସମ୍ପର୍କ ଥିବା ନେଇ ମଧ୍ୟ ସେ କହିଛନ୍ତି। ବର୍ଷା ଅଭିଯୋଗ କରିଛନ୍ତି ଯେ, ଗୁଲୁଆଙ୍କୁ ତାଙ୍କ ବାପା ଘର, ଟଙ୍କା ଏବଂ ଗାଡ଼ି ଦେଇଛନ୍ତି। ବିବାହ ପରେ ତାଙ୍କୁ ଗୁଲୁଆ ଏବଂ ତାଙ୍କ ପରିବାର ଲୋକେ ନିର୍ଯାତନା ଦେଇଛନ୍ତି। ନ୍ୟାୟ ପାଇଁ ସେ କୋର୍ଟକୁ ଯିବେ ଏବଂ ସମସ୍ତ ତଥ୍ୟ ପ୍ରମାଣ ଦାଖଲ କରିବେ ବୋଲି କହିଛନ୍ତି। ବାଲିଅନ୍ତା ଥାନା ଅଧିକାରୀ ଅନିଲ କୁମାର ପରିଡ଼ା କହିଛନ୍ତି ଯେ, ବୁଧବାର ଗୁଲୁଆ କରିଥିବା ଅଭିଯୋଗ ଆଧାରରେ ଏକ ମାମଲା(ନଂ.୬୩୨/୨୫) ରୁଜୁ କରାଯାଇଛି। ତଦନ୍ତ ପରେ ଗୁଲୁଆଙ୍କ ଅଭିଯୋଗର ସତ୍ୟାସତ୍ୟ ଜଣାପଡ଼ିବ। ଅଭିଯୋଗର ସତ୍ୟତା ମିଳିଲେ ଆଇନ ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଥାନାଧିକାରୀ ପରିଡ଼ା କହିଛନ୍ତି।

## ସେଲ୍ଫି କର୍ଣ୍ଣର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି

metroselfie@gmail.com


@ ଅଶୋକ


@ ବିଶ୍ୱରଞ୍ଜନ


@ ରାଜେଶ


@ ସ୍ମୃତି


@ ସୁସ୍ମିତା

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

# ‘ଖୋର୍ଦ୍ଧା ପୂର୍ବୋଦୟର ଭାରତର ସର୍ବାଗ୍ରେ ରହିବ’

### ଖୋର୍ଦ୍ଧା ମହୋତ୍ସବ ରୌପ୍ୟ ଜୟନ୍ତୀ ଉଦ୍‌ଯାପିତ

### ୫୧୬ କୋଟି ଟଙ୍କାର ୩୨ ପ୍ରକଳ୍ପର ଭିତ୍ତିପ୍ରସ୍ତର, ୭ ପ୍ରକଳ୍ପ ଉଦ୍‌ଘାଟନ କଲେ ମୁଖ୍ୟମନ୍ତ୍ରୀ

ଖୋର୍ଦ୍ଧା,୨୫।୧୨(ପ୍ରଭାତ ପାଣିଗ୍ରାହୀ)

ଖୋର୍ଦ୍ଧା ବୀରତ୍ୱ ସଂଗ୍ରାମର ମାଟି। ସ୍ୱାଧୀନତା ସଂଗ୍ରାମରେ ଏହି ମାଟିର ସ୍ଥାନ ସ୍ୱତନ୍ତ୍ର। ଖୋର୍ଦ୍ଧା ହେଉଛି ପାଇକ ବିଦ୍ରୋହର ପ୍ରାଣକେନ୍ଦ୍ର। ବ୍ରିଟିଶ୍ ବିରୋଧରେ ଜୟୀ ରାଜଗୁରୁ ଏବଂ ବକ୍ସି ଜଗବନ୍ଧୁଙ୍କ ନେତୃତ୍ୱ, ଦୟାନଦୀ କୂଳରେ କଳିଙ୍ଗ ଯୁଦ୍ଧ ଏହି ମାଟିର ସଂଗ୍ରାମର ପରିଚୟ ବହନ କରେ। ପାଇକ ବୀରଙ୍କ ବୀରତ୍ୱର ଗାଥା ବହନ କରୁଛି ପାଇକ ବିଦ୍ରୋହ। ସେମାନଙ୍କ ତ୍ୟାଗ, ବଳିଦାନ, ଏହି ମାଟି ପାଇଁ ସର୍ବଦା ସ୍ମରଣୀୟ ହୋଇ ରହିବ। ଖୋର୍ଦ୍ଧା ଜିଲାର ସର୍ବାଙ୍ଗୀନ ବିକାଶକୁ ଆହୁରି ଗତିଶୀଳ କରିବା ପାଇଁ ରାଜ୍ୟ ସରକାର ଦୃଢ଼ ପ୍ରତିବଦ୍ଧ। ୨୦୩୬ ବିକଶିତ ଓଡ଼ିଶା ଗଠନ ଦିଗରେ ଖୋର୍ଦ୍ଧା ଏକ ନମ୍ବର ଏବଂ ବିକଶିତ ପୂର୍ବୋଦୟ ଭାରତର ସର୍ବାଗ୍ରେ ରହିବ ବୋଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କହିଛନ୍ତି। ଗୁରୁବାର ସ୍ଥାନୀୟ ବିଡିଏ ପଡ଼ିଆରେ ଚାଲିଥିବା ଖୋର୍ଦ୍ଧା ମହୋତ୍ସବର ରୌପ୍ୟ ଜୟନ୍ତୀ ଉଦ୍‌ଯାପନୀ ଦିବସରେ ମୁଖ୍ୟମନ୍ତ୍ରୀ ଯୋଗଦେଇ ଏହା ପ୍ରକାଶ କରିଛନ୍ତି। ଏହି ଅବସରରେ ମୁଖ୍ୟମନ୍ତ୍ରୀ ୫୧୬ କୋଟି ଟଙ୍କାର ୩୨ଟି ପ୍ରକଳ୍ପର ଭିତ୍ତିପ୍ରସ୍ତର ସ୍ଥାପନ ଏବଂ ୭ ପ୍ରକଳ୍ପ ଉଦ୍‌ଘାଟନ କରିଥିଲେ।

ମୁଖ୍ୟମନ୍ତ୍ରୀ ଆହୁରି କହିଥିଲେ ଯେ, ଖୋର୍ଦ୍ଧାକୁ ସମୃଦ୍ଧ କରିବା ପାଇଁ ଆଗାମୀ ଦିନରେ ଏହି ମାଟିର ଯୁବପିଢ଼ିଙ୍କ ହାତରେ ସେମିକଣ୍ଡକ୍ଟର ଚପ୍ ତିଆରି ହେବ ଏବଂ ସେଗୁଡ଼ିକ ଅଗ୍ନି, ପୃଥ୍ୱୀ, ଆକାଶ ଭଳି ମିସାଇଲରେ ବ୍ୟବହାର କରାଯିବ। ସେହିପରି ଭୁବନେଶ୍ୱର ଏମ୍‌ପି ଅପରାଜିତା ଷଡ଼ଙ୍ଗୀ ସଂସଦୀୟ କ୍ଷେତ୍ରର ଦ୍ରୁତ ବିକାଶ ଉପରେ ଗୁରୁତ୍ୱ ଦେଇଥିବା ବେଳେ ବିଧାୟକ ପ୍ରଶାନ୍ତ ଜଗଦେବ ସ୍ୱାଗତ ଭାଷଣରେ ଐତିହାସିକ ଖୋର୍ଦ୍ଧାଗଡ଼, ପାଇକ ବିଦ୍ରୋହର ଗୌରବ ଇତିହାସ ସମ୍ପର୍କରେ କହିଥିଲେ। ମହୋତ୍ସବ କମିଟି ସଭାପତି ଦିଲୀପ ଶ୍ରୀଚନ୍ଦନଙ୍କ ସଭାପତିତ୍ୱରେ ଆୟୋଜିତ ଏହି ମହୋତ୍ସବରେ ପୂର୍ବତନ ବିଧାୟକ ଜ୍ୟୋତିରୀନ୍ଦ୍ର ନାଥ ମିତ୍ର, ବିଏମ୍‌ସି କମିଶନର ଚଞ୍ଚଳ ରାଣା, ଜିଲାପାଳ ଅମ୍ରିତ ଋତୁରାଜ, ଜିଲା ଆରକ୍ଷୀ ଅଧୀକ୍ଷକ ବିବେକାନନ୍ଦ ଶର୍ମା, ଜିଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ଜ୍ୟୋତିଶଙ୍କର ସାହୁ, ଚଳଚ୍ଚିତ୍ର ଅଭିନେତ୍ରୀ ଶୀତଳ ପାତ୍ର ପ୍ରମୁଖ ସମ୍ମାନିତ ଅତିଥିଭାବେ ଯୋଗଦେଇ ମହୋତ୍ସବ କଳା, ସଂସ୍କୃତି, ପରମ୍ପରାକୁ ଉଜ୍ଜୀବିତ କରିଥାଏ ବୋଲି କହିଥିଲେ। ଏହି ଅବସରରେ ମୁଖ୍ୟମନ୍ତ୍ରୀଙ୍କୁ ଅନୁଷ୍ଠାନ ପକ୍ଷରୁ ଖୋର୍ଦ୍ଧାର ଖଡ୍ଗ, ମହୋତ୍ସବ ସ୍ମୃତି ଫଳକ, ଉପଢୌକନ ଦିଆଯାଇ ସମ୍ବର୍ଦ୍ଧିତ କରାଯାଇଥିଲା। ସେହିପରି ବିଏମ୍‌ସି କମିଶନର ଚଞ୍ଚଳ ରାଣାଙ୍କୁ ଖୋର୍ଦ୍ଧା ଗୌରବ ସମ୍ମାନ, ଜିଲାପାଳ ଅମ୍ରିତ ଋତୁରାଜଙ୍କୁ କବି ସଚ୍ଚି ରାଉତରାୟ ସମ୍ମାନ, ବରିଷ୍ଠ ସାମ୍ବାଦିକ କିଶୋର ଦ୍ୱିବେଦୀଙ୍କୁ ଉପେନ୍ଦ୍ର ପାହାଡ଼ସିଂହ ସମ୍ମାନ, ଏସ୍‌ପି ବିବେକାନନ୍ଦ ଶର୍ମାଙ୍କୁ କୃତ୍ତିବାସ ପାଟ୍ଟଶାଣୀ ସମ୍ମାନରେ ସମ୍ମାନିତ କରାଯାଇଛି। ସେହିପରି ଜିଲାପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ଜ୍ୟୋତିଶଙ୍କର ସାହୁ, ମଞ୍ଚ ଉପସ୍ଥାପକ ଶ୍ରୀକାନ୍ତ ନାୟକ, ଉପସ୍ଥାପିକା ମୁନ୍‌ମୁନ ସିଂ, ବାସନ୍ତୀ ମହାପାତ୍ର, ଅଶୋକ ପାଲଟାସିଂହ, ବରିଷ୍ଠ ସାମ୍ବାଦିକ ବଳରାମ ଲେଙ୍କାଙ୍କ ସମେତ ଅନେକ ପ୍ରତିଭାଙ୍କୁ କମିଟି ପକ୍ଷରୁ ସମ୍ମାନିତ କରାଯାଇଛି। କମିଟି ସମ୍ପାଦକ ନରେନ୍ଦ୍ର ପୃଷ୍ଟି ଧନ୍ୟବାଦ ଅର୍ପଣ କରିଥିଲେ। ପରେ ଆୟୋଜିତ ସାଂସ୍କୃତିକ କାର୍ଯ୍ୟକ୍ରମରେ କଳାକାରମାନେ ପାରମ୍ପରିକ ନୃତ୍ୟ ପରିବେଷଣ କରିଥିଲେ।



ଖୋର୍ଦ୍ଧା ମହୋତ୍ସବ ରୌପ୍ୟ ଜୟନ୍ତୀ ଉଦ୍‌ଯାପନୀ ଦିବସରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ମହୋତ୍ସବ ସ୍ମୃତି ଫଳକ ପ୍ରଦାନ କରାଯାଉଛି।

# ଅମିତ୍‌ଙ୍କୁ ରିମାଣ୍ଡରେ ନେଇ ମାରାଥନ ଜେରା କରୁଛି ସିବିଆଇ

ଭୁବନେଶ୍ୱର,୨୫।୧୨(ତ୍ରିନାଥ ମହାନ୍ତି)

### ପୋଲିସ ଏସ୍‌ଆଇ ପରୀକ୍ଷା ଜାଲିଆତି ମାମଲା

- ମଧ୍ୟସ୍ଥ ସାଜି ପରୀକ୍ଷାର୍ଥୀଙ୍କୁ ଯୋଗାଡ଼ କରୁଥିଲେ ଅମିତ
- ଲିଙ୍କରେ ଥିବା ଆଇପିଏସ୍ ନାମକୁ ନେଇ ଖୋଳତାଡ଼

ପୋଲିସ ଏସ୍‌ଆଇ ପରୀକ୍ଷା ଜାଲିଆତି ମାମଲାରେ ସିବିଆଇ ବିହାରରୁ ଗିରଫ ହୋଇଥିବା ଅମିତ୍ ଭାରଦ୍ୱାଜଙ୍କୁ ମାରାଥନ୍ ଜେରା କରୁଛି। ବୁଧବାରଠାରୁ ୩ଦିନିଆ ରିମାଣ୍ଡରେ ଆଣି ପଚରାଉଚରା କରାଯାଉଛି। ବିହାରରୁ ଓଡ଼ିଶାକୁ ଲମ୍ୱିଥିବା ଦୁର୍ନୀତିରେ ଭୂମିକା କ’ଣ ସେନେଇ ଖୋଳତାଡ଼ କରାଯାଉଛି। ମଧ୍ୟସ୍ଥ ସାଜି ଅମିତ୍ ପରୀକ୍ଷାର୍ଥୀଙ୍କୁ ଯୋଗାଡ଼ କରୁଥିଲେ। ପରୀକ୍ଷାର୍ଥୀ ଯୋଗାଡ଼ ହେବା ପରେ ୨୫ଲକ୍ଷ ଟଙ୍କାରୁ ୩୦ଲକ୍ଷ ଟଙ୍କା ଯାଏଁ ଡିଲ୍ ହେଉଥିଲା। ଅମିତ୍ ବିହାରରେ ରହି ଓଡ଼ିଶାର ଏସ୍‌ଆଇ ପରୀକ୍ଷା ଦେଉଥିବା ଆଶାୟୀଙ୍କୁ ଯୋଗାଡ଼ କରୁଥିଲେ। ବିଶେଷ କରି ଯେଉଁମାନେ ପୋଲିସ ଏସ୍‌ଆଇ ପରୀକ୍ଷା ପାଇଁ ପଢୁଥିଲେ ସେମାନଙ୍କ ଫୋନ୍ ନମ୍ବର ଯୋଗାଡ଼ କରୁଥିଲେ। ପରେ ଉକ୍ତ ଫୋନ୍‌କୁ କଲ୍ କରି ଏସ୍‌ଆଇ ପରୀକ୍ଷାରେ ନିଶ୍ଚିତ ଚାକିରି ହେବାକୁ କହୁଥିଲେ। ଏହିଭଳି ପାଖାପାଖି ୩ ଶହ ପରୀକ୍ଷାର୍ଥୀଙ୍କ ଠାରୁ ଟଙ୍କା ଆଦାୟ କରିଥିଲେ। ସିବିଆଇ ଏହି ରାକେଟ୍ ସମ୍ପର୍କରେ ଅଧିକ ଜାଣିବା ପାଇଁ ଅମିତଙ୍କୁ ପଚରାଉଚରା କରୁଛି। ବଡ଼କଥା ହେଲା ଏହି ରାକେଟ୍ ପଛରେ ଜଣେ ଆଇପିଏସ୍ ଅଧିକାରୀଙ୍କ ହାତ ରହିଛି। ତେଣୁ ଉକ୍ତ ଆଇପିଏସ୍ ଲିଙ୍କକୁ ପଦାକୁ ଆଣିବା ପାଇଁ ସିବିଆଇ ଲାଗି ପଡ଼ିଛି।

**ଦିବ୍ୟାଙ୍ଗ ନାବାଳିକାଙ୍କୁ ବଳାତ୍କାର, ହତ୍ୟା ଘଟଣା**

# ୬ ଘଣ୍ଟିଆ ଚାନ୍ଦବାଲି ବନ୍ଦ



ଚାନ୍ଦବାଲି ବଜାରରେ ବାମପନ୍ଥୀ ଦଳର କର୍ମକର୍ତ୍ତା ବନ୍ଦ ପାଳନ କରୁଛନ୍ତି।

ଚାନ୍ଦବାଲି,୨୫।୧୨(କିଷାନ ପାତ୍ର/ଅଶୋକ ପଣ୍ଡା)

ଭଦ୍ରକ ଜିଲା ଚାନ୍ଦବାଲିରେ ଜଣେ ଦିବ୍ୟାଙ୍ଗ ନାବାଳିକାଙ୍କୁ ବଳାତ୍କାର ପରେ ହତ୍ୟା ଘଟଣାକୁ ନେଇ ଗତ ୨ ଦିନ ଧରି ଚାନ୍ଦବାଲି ବଜାର ଅଶାନ୍ତ ରହିଛି। ଏହି ଲଜ୍ଜାଜନକ ଘଟଣା ସାରା ରାଜ୍ୟରେ ଆଲୋଡ଼ନ ସୃଷ୍ଟି କରିଥିବା ବେଳେ ଏହାକୁ ନେଇ ବିଭିନ୍ନ ରାଜନୈତିକ ଦଳ ପକ୍ଷରୁ ଗୁରୁବାର ୬ ଘଣ୍ଟିଆ ଚାନ୍ଦବାଲି ବନ୍ଦ କରାଯାଇଥିଲା। ବିଜେଡି, କଂଗ୍ରେସ ଓ ବାମପନ୍ଥୀ ଦଳ ପକ୍ଷରୁ ସକାଳ ୬ଟାଠାରୁ ମଧ୍ୟାହ୍ନ ୧୨ଟା ପର୍ଯ୍ୟନ୍ତ ବନ୍ଦ ପାଳନ କରାଯାଇଥିଲା। ଫଳରେ ବଜାର, ଘାଟ ବନ୍ଦ ସାଙ୍ଗକୁ ପରିବହନ ବାଧାପ୍ରାପ୍ତ ହୋଇଛି। ରାସ୍ତାରେ ଟାୟାର ଜାଳି ରାସ୍ତା ଅବରୋଧ କରାଯାଇଥିଲା।

ଖେରଙ୍ଗଠାରେ ସରପଞ୍ଚ ଜିତେନ୍ଦ୍ର ବିଶ୍ୱାଳ ଓ ଦିଗଛିଆଠାରେ ବ୍ଲକ ବିଜେଡି ସଭାପତି ପ୍ରତାପ ଚନ୍ଦ୍ର ଧଳଙ୍କ ନେତୃତ୍ୱରେ ବନ୍ଦ ପାଳନ କରାଯାଇଥିଲା। ଚାନ୍ଦବାଲି ବିଜେଡି କାର୍ଯ୍ୟାଳୟଠାରେ ବିଧାୟକ ଡ. ବ୍ୟୋମକେଶ ରାୟଙ୍କ ନେତୃତ୍ୱରେ ବ୍ଲକ ଅଧ୍ୟକ୍ଷା ମିନତି ସୂତାର, ଏନ୍ଏସି ଅଧ୍ୟକ୍ଷା ଶାନ୍ତିଲତା ସେଠୀ, ବରିଷ୍ଠ ନେତା ବିଶ୍ୱକେଶରୀ ମହାନ୍ତି, ନିର୍ବାଚନ ମଣ୍ଡଳୀ ଯୁବ ସଭାପତି ପ୍ରଭାସ ନାୟକ, ଜିଲା ପରିଷଦ ସଭ୍ୟ ପ୍ରିନ୍ସ ରାକେଶ ନାୟକ ପ୍ରମୁଖ ଏଥିରେ ସାମିଲ ଥିଲେ। ସେହିପରି କଂଗ୍ରେସ ବ୍ଲକ ସଭାପତି ତ୍ରୈଲୋଚନ ପଣ୍ଡାଙ୍କ ନେତୃତ୍ୱରେ ରମେଶ ନାୟକ, ଯୁବନେତା ସତ୍ୟାନନ୍ଦ ରାଉତ, ପୂର୍ବତନ ସରପଞ୍ଚ ଅଭୟ ସାହୁ, ସମିତିସଭ୍ୟ ରାଜେଶ ସ୍ୱାଇଁଙ୍କ ସମେତ କର୍ମୀମାନେ ବାଇକ୍ ଶୋଭାଯାତ୍ରାରେ ସରକାର ବିରୋଧୀ ସ୍ଲୋଗାନ ଦେଇ ସହର ପରିକ୍ରମା ସହ ପିକେଟିଂ କରି ଦୋକାନ ବଜାର ବନ୍ଦ କରିଥିଲେ। ମିଳିତ ବାମପନ୍ଥୀ ଦଳ (ସିପିଆଇ, ସିପିଏମ୍ ) ପକ୍ଷରୁ ଏନ୍ଏସିର ମଧୁବାବୁ ଛକଠାରେ କର୍ମୀମାନେ ବନ୍ଦ ପାଳନ କରିଥିଲେ। ସିପିଆଇଏମ୍ ଜିଲା କମିଟି ସଭ୍ୟ ବିକାଶ ନାଥ, ଆଞ୍ଚଳିକ କମିଟି ସମ୍ପାଦକ ଗୌରାଙ୍ଗ ଜେନା, ସଭ୍ୟ ମଳୟ ଭୋଇ, ତିହିଡ଼ି ଆଞ୍ଚଳିକ କମିଟି ସମ୍ପାଦକ ବିଷ୍ଣୁ ଦାସ, କୃଷକ ସଭା ସମ୍ପାଦକ ଅଶୋକ ବେହେରା, ମହିଳା ସଭାନେତ୍ରୀ ମଧୁସ୍ମିତା ପାକଳଙ୍କ ସମେତ ଦଳୀୟ କର୍ମୀମାନେ ବନ୍ଦ ପାଳନରେ ସାମିଲ ହୋଇଥିଲେ। ଘଟଣାକୁ ନିନ୍ଦା କରିବା ସହ ରାଜ୍ୟରେ ଆଇନଶୃଙ୍ଖଳା ପରିସ୍ଥିତି ବିପର୍ଯ୍ୟସ୍ତ ହୋଇଥିବା ବିଧାୟକ ରାୟ କହିଥିଲେ। ମୃତ ନାବାଳିକାଙ୍କ ପରିବାରକୁ ୫୦ଲକ୍ଷ ଟଙ୍କାର ଅନୁକମ୍ପା ସହାୟତା ରାଶି ପ୍ରଦାନ ସହ ଦୋଷୀଙ୍କୁ କଠୋର ଦଣ୍ଡ ପାଇଁ ଦାବି କରାଯାଇଛି। ଚାନ୍ଦବାଲି ବଜାର ଓ ବିଭିନ୍ନ ଛକରେ ବ୍ୟାପକ ପୋଲିସ ଫୋର୍ସ ମୁତୟନ ରହିଥିଲେ। ଏସ୍‌ଡିପିଓ ତ୍ରିଲୋଚନ ସେଠୀଙ୍କ ନେତୃତ୍ୱରେ ଚାନ୍ଦବାଲି ଥାନାଧିକାରୀ ପରେଶ ମହାନ୍ତି, ବାଂଶଡ଼ା ଥାନାଧିକାରୀ ମହମ୍ମଦ ହାଫିଜ୍, ତିହିଡ଼ି ଥାନା ଅଧିକାରୀ ସତ୍ୟବ୍ରତ ଗ୍ରହାଚାର୍ଯ୍ୟ, ପୀରହାଟ ଥାନାଧିକାରୀ ରୋଜାଲିନ ବେହେରା, ଧାମରା ସାମୁଦ୍ରିକ ଥାନାଧିକାରୀ ପ୍ରିୟଦର୍ଶନୀ ଖଟୁଆ, ମତୋ ଫାଣ୍ଡି ଅଧିକାରୀ ସତୀଶ ଚନ୍ଦ୍ର ଗୋଛି ନିୟୋଜିତ ଥିଲେ। ୪ ପ୍ଲାଟୁନ ପୋଲିସ ଫୋର୍ସ ମୁତୟନ କରାଯାଇଥିଲା। ତେବେ ଏହି ବନ୍ଦ ଶାନ୍ତିପୂର୍ଣ୍ଣ ଥିଲା। ପ୍ରକାଶଥାଉ କି, ଏହି ଘଟଣାର ଅଭିଯୁକ୍ତ ରାମପଲ୍ଲୀ ଗ୍ରାମର ସତ୍ୟବ୍ରତ ଦାସ(ବବୁଲ୍)ଙ୍କୁ ସେହିଦିନ ରାତିରେ ଜଗତସିଂହପୁରରୁ ପୋଲିସ ଗିରଫ କରିଥିବା ବେଳେ ଗୁରୁବାର ସନ୍ଧ୍ୟାରେ କୋର୍ଟଚାଲାଣ କରାଯାଇଛି। ମୃତ ନାବାଳିକାଙ୍କ ପରିବାରକୁ ୧୦ଲକ୍ଷ ଟଙ୍କାର ସହାୟତା ରାଶି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଘୋଷଣା କରିଛନ୍ତି।

## ଘଟଣାକୁ ରେଡ୍‌ଫ୍ଲାଗ୍ ଶ୍ରେଣୀ ଅନ୍ତର୍ଭୁକ୍ତ କଲା କ୍ରାଇମବ୍ରାଞ୍ଚ

ଭୁବନେଶ୍ୱର,୨୫।୧୨(ସତ୍ୟଜିତ ରାଉତ)

ଭଦ୍ରକ ଜିଲା ଚାନ୍ଦବାଲି ଥାନା ଅନ୍ତର୍ଗତ ବାଲିଗାଁଠାରେ ଜଣେ ଦିବ୍ୟାଙ୍ଗ ନାବାଳିକାଙ୍କୁ ବଳାତ୍କାର ପରେ ହତ୍ୟା ଘଟଣାକୁ ରାଜ୍ୟ ପୋଲିସ ବିଭାଗ ଗୁରୁତ୍ୱର ସହ ନେଇଛି। ଏହି ଘଟଣାରେ ପୋଲିସ ପକ୍ଷରୁ ଅଭିଯୁକ୍ତ ବବୁଲୁ ଦାସଙ୍କୁ ଗିରଫ କରାଯାଇଥିବା ବେଳେ ସେ ଜେଲରେ ଅଛନ୍ତି। ତେବେ ଏହା ଏକ ସମ୍ବେଦନଶୀଳ ଘଟଣା ହୋଇଥିବାରୁ କ୍ରାଇମବ୍ରାଞ୍ଚ ବଡ଼ ପଦକ୍ଷେପ ନେଇଛି। କ୍ରାଇମବ୍ରାଞ୍ଚ ପକ୍ଷରୁ ଏହି ମାମଲାକୁ ରେଡଫ୍ଲାଗ୍ ଶ୍ରେଣୀ ଅନ୍ତର୍ଭୁକ୍ତ କରାଯାଇଛି। କମିଶନରେଟ୍ ପୋଲିସକୁ ତଦନ୍ତ ପ୍ରକ୍ରିୟାରେ କ୍ରାଇମବ୍ରାଞ୍ଚ ପକ୍ଷରୁ ସହଯୋଗ କରାଯିବ। ଏପରି କି କ୍ରାଇମବ୍ରାଞ୍ଚ ଡିଜିଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ମାମଲାର ଟିକିନିକି ତଦନ୍ତ କରାଯିବ ବୋଲି ଜଣାପଡ଼ିଛି। କ୍ରାଇମବ୍ରାଞ୍ଚର ମହିଳା ଓ ଶିଶୁ ଅପରାଧ ନିରାକରଣ ଶାଖା (ସିଡବ୍ଲ୍ୟୁ ଆଣ୍ଡ୍ ସିଡବ୍ଲ୍ୟୁ) ଆଇଜି ପୋଲିସକୁ ତଦନ୍ତରେ ସହଯୋଗ କରିବେ। ଏଥିସହ ତଦନ୍ତ ଆରମ୍ଭରୁ ଚାର୍ଜଶିଟ୍ ଯାଏ ଅଭିଯୁକ୍ତଙ୍କୁ କିଭଳି ଉପଯୁକ୍ତ ଦଣ୍ଡବିଧାନ କରାଯାଇପାରିବ ସେହି ଦିଗରେ କ୍ରାଇମବ୍ରାଞ୍ଚ ଧ୍ୟାନଦେଇ କାର୍ଯ୍ୟ କରିବ ବୋଲି ସୂଚନା ଦିଆଯାଇଛି। ଉଲ୍ଲେଖଯୋଗ୍ୟ, ରାଜଧାନୀରେ କିଛିଦିନ ତଳେ ଧଉଳି ଓ ଶହୀଦନଗରରେ ଘଟିଥିବା ନାବାଳିକା ଗଣବଳାତ୍କାର ଘଟଣାକୁ ମଧ୍ୟ କ୍ରାଇମବ୍ରାଞ୍ଚ ପକ୍ଷରୁ ରେଡଫ୍ଲାଗ୍ ଶ୍ରେଣୀ ଅନ୍ତର୍ଭୁକ୍ତ କରାଯାଇଥିଲା।



ମନ୍ଦିର ବେଢ଼ାରେ ମା'ଙ୍କ ଦର୍ଶନ ପାଇଁ ଅପେକ୍ଷା କରିଥିବା ଭକ୍ତ।

## ବଡ଼ଦିନରେ ମା' ତାରିଣୀଙ୍କ ପୀଠରେ ଭିଡ଼

ଘଟଗାଁ,୨୫।୧୨
(ରାଜେନ୍ଦ୍ର କୁମାର ପଟ୍ଟନାୟକ)

କେନ୍ଦୁଝର ଜିଲା ଘଟଗାଁ ମା' ତାରିଣୀଙ୍କ ପୀଠରେ ବଡ଼ଦିନ ଉପଲକ୍ଷେ ଗୁରୁବାର ଲକ୍ଷାଧିକ ଭକ୍ତଙ୍କ ସମାଗମ ହୋଇଥିଲା। ଭିଡ଼କୁ ନଜରରେ ରଖି ମନ୍ଦିର ପ୍ରଶାସନ ପକ୍ଷରୁ ଶୃଙ୍ଖଳା ଦର୍ଶନ ପାଇଁ ବ୍ୟାରିକେଡ୍ ବ୍ୟବସ୍ଥା କରାଯାଇଥିଲା। ପ୍ରତ୍ୟୁଷରୁ ମା'ଙ୍କ ପୂଜକମାନେ ଉପସ୍ଥିତ ରହି ମାର୍ଜନା, ବଡ଼ସିଂହାରବେଶ, ମଙ୍ଗଳ ଆଳତି ସହ ପୂଜାର୍ଚ୍ଚନା ପରେ ଭକ୍ତ ଭିତରକୁ ପ୍ରବେଶ କରିଥିଲେ। ଭକ୍ତ ୪ଟି ଲାଇନ୍‌ରେ ଭୋଗ ଡାଲା ନେବା ସହ ୨ଟିରେ ସାଧାରଣ ଦର୍ଶନ ପାଇଁ ଭିତରକୁ ପ୍ରବେଶ କରୁଥିଲେ। ସେହିପରି ଦୁଆରସୁଣୀ ମନ୍ଦିରରେ ୧୦୮ ମାନସିକ ନଡ଼ିଆ ଭୋଗ ପାଇଁ ବ୍ୟବସ୍ଥା ହୋଇଥିଲା। ଭିଡ଼ ଦୃଷ୍ଟିରୁ ଯାନବାହାନଗୁଡ଼ିକ ମନ୍ଦିର ପାର୍ଶ୍ୱ ରାସ୍ତାରେ ଛଡ଼ା ନ ଯାଇ ବାଇପାସ ରାସ୍ତା ଦେଇ ଯିବା ପାଇଁ ବ୍ୟବସ୍ଥା ହୋଇଥିଲା। ହରିଚନ୍ଦନପୁରରୁ ଆସୁଥିବା ଯାନବାହାନ ଗୋପୀନାଥପୁର ଦେଇ ତରାଛକରେ ବାହାରୁଥିଲା। ଭକ୍ତ ମା'ଙ୍କ ଦର୍ଶନ ସାରି ଗୁଣ୍ଡିଚାଘାଗୀ, ସାନଘାଗରା, ବଡଘାଗରା, ଭୀମକୁଣ୍ଡ ଆଦି ଦର୍ଶନୀୟସ୍ଥାନ ବୁଲିବା ଉଦ୍ଦେଶ୍ୟରେ ଯାଇଥିଲେ।

## ଦଣ୍ଡାଧର ଡ୍ୟାମ୍ ଟାପୁରେ ଫସିଛନ୍ତି ୨୫ ହାତୀ

**୫ ଦିନ ହେଲା ବାହାରିପାରୁନାହାନ୍ତି**

କେନ୍ଦୁଝର,୨୫।୧୨
(ନରେଶ ଚନ୍ଦ୍ର ପଟ୍ଟନାୟକ)

କେନ୍ଦୁଝର ଜିଲା ତେଲକୋଇ ରେଞ୍ଜ କାଳିଆହତା ଫରେଷ୍ଟ ବିଟ୍ ବିରିପାଳ ଗାଁ ନିକଟ ଦଣ୍ଡାଧର ଡ୍ୟାମ ହାଡ଼ିସାହି ରଗଡ଼ା ଟାପୁରେ ୫ ଦିନ ହେଲା ୨୫ ଟିକିଆ ହାତୀପଲ ଫସିରହିଛନ୍ତି। ଅଧିକ ପାଣି ଯୋଗୁ ହାତୀପଲ ବାହାରି ପାରୁ ନ ଥିବା ଜଣାପଡ଼ିଛି।

ସୂଚନା ଅନୁଯାୟୀ, ଗତ ରବିବାର ସନ୍ଧ୍ୟା ପ୍ରାୟ ୮ଟା ସମୟରେ ହାତୀପଲ ଡ୍ୟାମ୍ ନିକଟ ବିରିପାଳ ଗାଁକୁ ଖାଦ୍ୟ ଅନ୍ୱେଷଣରେ ଆସିଥିଲେ। ଲୋକେ ହାତୀପଲଙ୍କୁ ଘଉଡ଼ାଇବା ପାଇଁ ଗିଣ ଓ ନିଆଁହୁଳା ଦେଖାଇ ସବୁପଟୁ ଘେରି ଯାଇଥିଲେ। ଫଳରେ ଭୟଭୀତ ହୋଇ ହାତୀପଲ ଡ୍ୟାମ ଭିତରେ ପଶି ଯାଇ ଟାପୁକୁ ପଳାଇଗଲେ। ମାତ୍ର ଅତ୍ୟଧିକ ପାଣି ଥିବାରୁ ଆଉ ବାହାରି ପାରୁନାହାନ୍ତି। ଭୋକ ଉପାସରେ ପାଞ୍ଚ ଦିନ ହେବ ଟାପୁରେ ଫସିରହିଛନ୍ତି। କେବଳ ୨ ଜଣ ହାତୀ ସ୍କ୍ୱାଡଙ୍କୁ ସେଠାରେ ବନବିଭାଗ ଜଗାଇଥିବା ଜଣାପଡିଛି। ହାତୀପଲ କିଭଳି ସେଠାରୁ ବାହାରିବେ, ସେ ନେଇ କୌଣସି ପଦକ୍ଷେପ ଗ୍ରହଣ କରାଯାଇନାହିଁ। ଏ ସମ୍ପର୍କରେ ବନାଞ୍ଚଳ ଅଧିକାରୀ ଅଶୋକ କୁମାର ମାଝୀ କହିଛନ୍ତି, ସେଠାରେ ହାତୀ ମଯ୍ୟୀଗଛ, ଘାସ ଖାଇ ରହିଛନ୍ତି। ଗୁରୁବାର ରାତିରେ ପ୍ରାୟ ପାର ହେବେ ବୋଲି ପ୍ରକାଶ କରିଥିଲେ।

## ଆଜି ବିଜେଡି ପ୍ରତିଷ୍ଠା ଦିବସ

ଭୁବନେଶ୍ୱର,୨୫।୧୨(ସୁନିତ୍ ମିଶ୍ର)

- **ନୂଆ ଲୋକକୁ ଦାୟିତ୍ୱ ଦେଲେ ଦଳ ଭାଗ ଭାଗ ହୋଇଯିବ: ଭୂପିନ୍ଦର**
- **ଭୂପିନ୍ଦରବାବୁ ସବୁବେଳେ ଗଣମାଧ୍ୟମରେ କହୁଛନ୍ତି: ଦେବୀ**

ବିଜେଡିର ପ୍ରତିଷ୍ଠା ଦିବସ ଶୁକ୍ରବାର ରାଜ୍ୟବ୍ୟାପୀ ପାଳନ କରିବ। ଶଙ୍ଖ ଭବନଠାରେ ଦଳର ରାଜ୍ୟସ୍ତରୀୟ ପ୍ରତିଷ୍ଠା ଦିବସ ପାଳନ ହେବାକୁ ଥିବାବେଳେ ସବୁ ବିଧାନସଭା କ୍ଷେତ୍ରରେ ପାଳିବାକୁ ଦଳର ସଭାପତି ନବୀନ ପଟ୍ଟନାୟକ ନିର୍ଦ୍ଦେଶ ଦେଇଛନ୍ତି। ପ୍ରତିଷ୍ଠା ଦିବସ ପାଳନର ଦିନକ ପୂର୍ବରୁ ବିଜେଡି ବରିଷ୍ଠ ନେତା ଭୂପିନ୍ଦର ସିଂ ସାଙ୍ଗଠନିକ କାର୍ଯ୍ୟକ୍ରମକୁ ନେଇ ପୁଣି ଥରେ ବର୍ଷିଛନ୍ତି। ପାଣ୍ଡିଆନ୍‌ଙ୍କ ସ୍ତ୍ରୀ ସୁଜାତା କାର୍ତ୍ତିକେୟନ୍ ବିଜେଡିରେ ଯୋଗଦେବାକୁ ଚାଲିଥିବା ଭିତିରିଆ ଉଦ୍ୟମକୁ ସେ ଟାର୍ଗେଟ କରିଛନ୍ତି। ଭୂପିନ୍ଦର କହିଛନ୍ତି, ଯଦି ନବୀନ ପଟ୍ଟନାୟକଙ୍କୁ ଛାଡ଼ି କୌଣସି ନୂଆ ଲୋକଙ୍କୁ ଦଳର ନେତୃତ୍ୱ ଦିଆଯାଏ, ତେବେ ବିଜେଡି ଭାଗ ଭାଗ ହୋଇଯିବ। ଦଳ ଭିତରେ କିଛି ନିର୍ଦ୍ଦିଷ୍ଟ ଗୋଷ୍ଠୀ ନୂଆ ଲୋକଙ୍କୁ ଆଣିବାକୁ ଚେଷ୍ଟା କରୁଛନ୍ତି, ଯାହା ବିଷୟରେ ନବୀନ ଭଲ ଭାବେ ଅବଗତ ଅଛନ୍ତି। କିନ୍ତୁ ଏଭଳି ପ୍ରୟାସ ସଫଳ ହେବ ନାହିଁ। ବର୍ତ୍ତମାନ ବିଜେଡି ମାତ୍ର ୩ରୁ ୪ ଜଣ ବ୍ୟକ୍ତିଙ୍କ ଦ୍ୱାରା ପରିଚାଳିତ ହେଉଛି, ଯାହା ଆଦୌ ଠିକ୍ ନୁହେଁ। ଏହି କାରଣରୁ ଉଭୟ ବରିଷ୍ଠ ଓ କନିଷ୍ଠ ନେତାମାନଙ୍କ ମଧ୍ୟରେ ଅସନ୍ତୋଷ ରହିଛି। ସେମାନେ ଏକାଠିହୋଇ ବାରମ୍ବାର ବୈଠକ କରୁଛନ୍ତି। ଦଳରେ କୌଣସି ଏକଚାଟିଆ ଶାସନ ନୁହେଁ, ବରଂ ଗୋଟିଏ ସମ୍ପୂର୍ଣ୍ଣ 'ଟିମ୍' ଭାବେ କାମ ହେବା ଆବଶ୍ୟକ ବୋଲି ଭୂପିନ୍ଦର କହିଛନ୍ତି। ଭୂପିନ୍ଦରଙ୍କ ପ୍ରତିକ୍ରିୟା ଉପରେ ଜବାବ ରଖି ଦଳର ବରିଷ୍ଠ ନେତା ଦେବୀ ମିଶ୍ର କହିଛନ୍ତି, ସେ ସବୁବେଳେ ଗଣମାଧ୍ୟମରେ କହୁଛନ୍ତି। ଯଦି ଦଳ ୩ରୁ ୪ ଜଣଙ୍କୁ ନେଇ ପରିଚାଳିତ ହେଉଛି ତେବେ ନିର୍ଦ୍ଦିଷ୍ଟ ଭାବେ ଠିକ୍ ଫୋରମରେ କୁହନ୍ତୁ। ଦଳ ସଙ୍ଗଠିତ ଅଛି, ସମସ୍ତଙ୍କୁ ନେଇ ଚାଲିଛି।

## ଭାରତକୁ ବିଶ୍ୱଗୁରୁ କରିବା ମୂଳଦୁଆ ବାଜପେୟୀ ପକାଇଥିଲେ: ମୁଖ୍ୟମନ୍ତ୍ରୀ



ଭାଜପା ରାଜ୍ୟ କାର୍ଯ୍ୟାଳୟଠାରେ ସ୍ୱର୍ଗତ ବାଜପେୟୀଙ୍କ ଜନ୍ମ ଶତବାର୍ଷିକ ଅବସରରେ ଆୟୋଜିତ କାର୍ଯ୍ୟକ୍ରମରେ ଜଣେ ଯୁବତୀଙ୍କୁ ଅଟଳ ସମ୍ମାନ-୨୦୨୫ ପ୍ରଦାନ କରୁଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ। ନିକଟରେ ଅଛନ୍ତି ରାଜ୍ୟ ସଭାପତି ମନମୋହନ ସାମଲ, ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂଦେଓ, ପ୍ରଭାରୀ ବିଜୟପାଲ ସିଂ ତୋମାର, ପୂର୍ବତନ ସଭାପତି ସମୀର ମହାନ୍ତି ଓ ଦଳୀୟ ନେତ୍ରୀ ପିଙ୍କି ପ୍ରଧାନ।

ଭୁବନେଶ୍ୱର,୨୫।୧୨(ସୁନିତ୍ ମିଶ୍ର)

ଭାରତ ବିଶ୍ୱଗୁରୁ ହେବ ବୋଲି ସ୍ୱାମୀ ବିବେକାନନ୍ଦ ଦିନେ କହିଥିଲେ। ବାସ୍ତବରେ ଏହାର ମୂଳଦୁଆ ଭାରତର ପୂର୍ବତନ ପ୍ରଧାନମନ୍ତ୍ରୀ ଭାରତ ରତ୍ନ ଅଟଳ ବିହାରୀ ବାଜପେୟୀ ପକାଇଥିଲେ। ଏହାକୁ ବାସ୍ତବତାରେ ପରିଣତ କରିବାକୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ପଣ କରିଛନ୍ତି। ନିରନ୍ତର ପ୍ରୟାସ ଫଳରେ ଆମେ ଏହି ସ୍ୱପ୍ନକୁ ବାସ୍ତବତାର ରୂପ ଦେଇପାରିବା ବୋଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କହିଛନ୍ତି।

ରାଜ୍ୟ ଭାଜପା କାର୍ଯ୍ୟାଳୟ ପରିସରରେ ଗୁରୁବାର ସ୍ୱର୍ଗତ ବାଜପେୟୀଙ୍କ ୧୦୧ତମ ଜନ୍ମଦିବସ ତଥା ଜନ୍ମ ଶତବାର୍ଷିକ ଅବସରରେ ଆୟୋଜିତ ୧୦ମ ଅଟଳ ସମ୍ମାନ-୨୦୨୫ କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ କହିଛନ୍ତି, ପ୍ରତିକୂଳ ପରିସ୍ଥିତିରେ ବାଜପେୟୀ ଅସାଧାରଣ ବ୍ୟକ୍ତିତ୍ୱ ପ୍ରଦର୍ଶନ କରିଥିଲେ। କ୍ଷମତାରେ ରହିବା ପାଇଁ କେବେ ନୈତିକତା ଓ ଆଦର୍ଶ ସହ ସାଲିସ କରି ନ ଥିବା ବାଜପେୟୀ କୃଷକଙ୍କ ଦୁଃଖକୁ ଭଲଭାବେ ହୃଦୟଙ୍ଗମ କରିପାରିଥିଲେ। ସେ କୃଷକମାନଙ୍କ ପାଇଁ କିଷାନ କ୍ରେଡିଟ୍ କାର୍ଡ ଓ ଫସଲବୀମା ଯୋଜନା ଆରମ୍ଭ କରିଥିଲେ। ତାଙ୍କ ସ୍ୱପ୍ନ ବାସ୍ତବରେ ପରିଣତ ହୋଇଛି, ସେଥିପାଇଁ ପ୍ରତିବର୍ଷ ଡିସେମ୍ବର ୨୫କୁ ସୁଶାସନ ଦିବସ ଭାବେ ପାଳନ କରାଯାଉଛି।

ରାଜ୍ୟ ଭାଜପା ସଭାପତି ମନମୋହନ ସାମଲ କହିଛନ୍ତି, ବାଜପେୟୀ ଏକାଧାରାରେ ଥିଲେ ଦୂରଦ୍ରଷ୍ଟା, ରାଷ୍ଟ୍ରନୀତିଜ୍ଞ, ରାଜନୀତିଜ୍ଞ, କବି, ଦାର୍ଶନିକ, ସାମାଜିକ କର୍ମୀ ଓ ଦେଶଭକ୍ତ। ତାଙ୍କ ପଦାଙ୍କ ଅନୁସରଣକରି ଓଡ଼ିଶାକୁ ଦେଶର ୧ ନମ୍ବର ରାଜ୍ୟଭାବେ ଗଢି ତୋଳିବା ପାଇଁ ଆମ ସମସ୍ତଙ୍କୁ ନିରନ୍ତର ଉଦ୍ୟମ କରିବାକୁ ପଡ଼ିବ। ଭାଜପା ରାଜ୍ୟ ପ୍ରଭାରୀ ବିଜୟପାଲ ସିଂ ତୋମାର କହିଛନ୍ତି, ବିକଶିତ ଭାରତ ଗଢ଼ିବା ପାଇଁ ଅଟଳଜୀ ଯେଉଁ ପ୍ରୟାସ କରିଥିଲେ ପ୍ରଧାନମନ୍ତ୍ରୀ ତାକୁ ପୂରଣକରି ଚାଲିଛନ୍ତି ବୋଲି ସେ କହିଛନ୍ତି। ବାଜପେୟୀ ଦେଖାଇଥିବା ବାଟରେ ଆଗକୁ ବଢ଼ିଲେ ଜୀବନରେ ସଫଳତା ନିଶ୍ଚୟ ମିଳିବ ବୋଲି ପୂର୍ବତନ ରାଜ୍ୟ ସଭାପତି ସମୀର ମହାନ୍ତି କହିଛନ୍ତି। ଏହି ଅବସରରେ କୁଞ୍ଜବିହାରୀ ପାଣିଗ୍ରାହୀଙ୍କୁ ଅଟଳ ସମ୍ମାନ ୨୦୨୫ରେ ସମ୍ମାନିତ କରାଯାଇଛି। କାର୍ଯ୍ୟକ୍ରମ ଅବସରରେ ବାଜପେୟୀଙ୍କ ଜୀବନୀ ଉପରେ ଆଧାରିତ ପ୍ରଦର୍ଶନୀ ଏବଂ ବାଲୁକା କୃତିକୁ ମୁଖ୍ୟମନ୍ତ୍ରୀ, ମନମୋହନ, ତୋମାର, ସମୀର ପ୍ରମୁଖ ଉଦ୍‌ଘାଟନ କରିଥିଲେ।

## ଏଆଇ ଭିଡିଓରେ ଫକୀରମୋହନ ଗାଇଲେ 'କେନେ କିସ ଜିଲାର ଛୁଆ ଆମେରେ'

ବାଲେଶ୍ୱର,୨୫।୧୨(ବାଞ୍ଛାନିଧି ଦେ)

ଏଆଇ ଧୀରେ ଧୀରେ ସବୁ କ୍ଷେତ୍ରକୁ କବଳିତ କରିବାକୁ ବସିଛି। ଦିବଙ୍ଗତ ମହାପୁରୁଷଙ୍କ ଚଳମାନ ଭିଡିଓ ମଧ୍ୟ ତିଆରି କରାଯିବା ସମସ୍ତଙ୍କୁ ଚକିତ କରୁଛି। ଏବେ ସୋସିଆଲ ମିଡିଆରେ ବ୍ୟାସକବି ଫକୀରମୋହନ ସେନାପତିଙ୍କ ଗୀତ ଗାଇବାର ଏକ ସୁନ୍ଦର ଭିଡିଓ ଭାଇରାଲ ହେଉଛି। ଭିଡିଓଟିରେ ଫକୀରମୋହନ ଶିଳ୍ପୀ କେଶୁଦାସଙ୍କ ରଚିତ ବହୁ ପ୍ରଶଂସିତ ୬ ମିନିଟର 'କେନେ କିସ ଜିଲାର ଛୁଆ ଆମେରେ' ଗୀତଟିକୁ ୧୦ ସେକେଣ୍ଡରେ ସୁନ୍ଦର ଢଙ୍ଗରେ ଗାଉଛନ୍ତି। ଏହି ଏଆଇ ଭିଡିଓକୁ ଶିଳ୍ପୀ କେଶୁଦାସ ପ୍ରଯୋଜନା କରୁଥିବା ବେଳେ ଯୁବଶିଳ୍ପୀ ଆୟୁଷ୍ମାନ ଯାଦବ ଜୀବନ୍ତ ଭାବରେ ଏଡିଟିଂ କରିଛନ୍ତି। ଓଡ଼ିଶାର ଦିବଙ୍ଗତ ମହାପୁରୁଷଙ୍କୁ ପ୍ରଥମ ଏଆଇ ଭିଡିଓ ବୋଲି ଶିଳ୍ପୀ କେଶୁଦାସ ଦାବି କରିଛନ୍ତି। 'କେନେ କିସ ଜିଲାର ଛୁଆ ଆମେରେ' ଗୀତଟି ସମ୍ପୂର୍ଣ୍ଣ ୬ ମିନିଟରେ ପ୍ରସ୍ତୁତ କରାଯିବ। ଟୀକାକାର ଶ୍ରୀଧର ସ୍ୱାମୀ, ଦୀନକୃଷ୍ଣ ଦାସ, ଫକୀରମୋହନ, ରାଧାନାଥ ରାୟ, ମନୋଜ ଦାସ, ମନ୍ମଥ ଦାସ, ଶାନ୍ତି ଦାସ, ଗୋଦାବରୀ ଦେବୀ ପ୍ରମୁଖ ଗୀତଟି ଗାଇବାର ଦୃଶ୍ୟ ରହିବ ବୋଲି ଶିଳ୍ପୀ କେଶୁ ଦାସ କହିଛନ୍ତି।



ଫକୀରମୋହନ ଗୀତ ଗାଉଥିବା ଦୃଶ୍ୟ।

## ଓଡ଼ିଶା ମେଡିକାଲ ସର୍ଭିସ୍ ଆସୋସିଏଶନ ଦାବିର ଅନୁଧ୍ୟାନ ପାଇଁ କମିଟି ହେବ: ସ୍ୱାସ୍ଥ୍ୟମନ୍ତ୍ରୀ

ଭୁବନେଶ୍ୱର,୨୫।୧୨(ସୁନିତ୍ ମିଶ୍ର)

**ବୈଠକ ଡାକି ସ୍ୱାସ୍ଥ୍ୟସେବା ଅବାଧ ରଖିବାକୁ ମନ୍ତ୍ରୀଙ୍କ ଅନୁରୋଧ**

ରାଜ୍ୟର ସାଧାରଣ ଜନତାଙ୍କ ସ୍ୱାସ୍ଥ୍ୟସେବା ଅବାଧ ରଖିବା ଓ ଜନସ୍ୱାର୍ଥକୁ ସର୍ବୋପରି ଧ୍ୟାନଦେଇ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ନିର୍ଦ୍ଦେଶରେ ଗୁରୁବାର ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ ମୁକେଶ ମହାଲିଙ୍ଗ ଓଡ଼ିଶା ମେଡିକାଲ ସର୍ଭିସ ଆସୋସିଏଶନ ସହ ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ କରିଛନ୍ତି। ବୈଠକରେ ଆଲୋଚନା ଫଳାଫଳ ସକାରାତ୍ମକ ରହିଥିବା ସ୍ୱାସ୍ଥ୍ୟମନ୍ତ୍ରୀ କହିଛନ୍ତି। ଆସୋସିଏଶନ ରଖିଥିବା ଦାବିଗୁଡ଼ିକୁ ନେଇ ସ୍ୱାସ୍ଥ୍ୟମନ୍ତ୍ରୀ କହିଛନ୍ତି, ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶରେ ଏକ କମିଟି ଗଠନ କରାଯାଇ ଦାବିଗୁଡ଼ିକର ଅନୁଧ୍ୟାନ ପରେ ସକାରାତ୍ମକ ପଦକ୍ଷେପ ନିଆଯିବ। ସଂଘ ପକ୍ଷରୁ କରାଯାଉଥିବା ଆନ୍ଦୋଳନରୁ ନିବୃତ ରହିବାକୁ ସେ ଅନୁରୋଧ କରିଛନ୍ତି। ବୈଠକ ଶେଷରେ ଡାକ୍ତର ସଂଘ ପକ୍ଷରୁ ସରକାରଙ୍କ ସହ ଆଲୋଚନା ଜାରି ରଖିବା ଏବଂ ସ୍ୱାସ୍ଥ୍ୟସେବା ବଜାୟ ରଖିବା ଦିଗରେ ସକାରାତ୍ମକ ମନୋଭାବ ପ୍ରକାଶ କରାଯାଇଛି। ବୈଠକରେ ସ୍ୱାସ୍ଥ୍ୟ ବିଭାଗ ସଚିବ ଅଶ୍ୱଥି ଏସ୍., ସ୍ୱତନ୍ତ୍ର ସଚିବ ବିଜୟ ମହାପାତ୍ର ଓ ଅନ୍ୟ ବରିଷ୍ଠ ଅଧିକାରୀ ଉପସ୍ଥିତ ଥିଲେ।

## ତ୍ୟାଗ, ତିତିକ୍ଷା, ବଳିଦାନର ମୂର୍ତ୍ତିମନ୍ତ ପ୍ରତୀକ ବାଜପେୟୀ

**ଅଟଳ ବିହାରୀ ବାଜପେୟୀଙ୍କ ଜୟନ୍ତୀ ସମାରୋହ, ସୁଶାସନ ଦିବସ**

ଭୁବନେଶ୍ୱର,୨୫।୧୨(ସୌମ୍ୟରଞ୍ଜନ ରାଉତ)



କାର୍ଯ୍ୟକ୍ରମରେ ସଂସ୍କୃତି ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜଙ୍କ ସହ ଅନ୍ୟ ଅତିଥିମାନେ।

ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ଆନୁକୂଲ୍ୟରେ ଓଡ଼ିଶା ସାହିତ୍ୟ ଏକାଡେମୀ ପକ୍ଷରୁ ଭାରତର ପୂର୍ବତନ ପ୍ରଧାନମନ୍ତ୍ରୀ ଭାରତରତ୍ନ ଅଟଳ ବିହାରୀ ବାଜପେୟୀଙ୍କ ଜୟନ୍ତୀ ସମାରୋହ ଓ ସୁଶାସନ ଦିବସ ଗୁରୁବାର ସଂସ୍କୃତି ଭାବନ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ 'ପୂଜ୍ୟ ଅଟଳ ଶତାବ୍ଦୀର ଶତଦଳ' ଶୀର୍ଷକରେ ରାଜ୍ୟସ୍ତରୀୟ କବିତା ପାଠୋତ୍ସବ ଆୟୋଜିତ ହୋଇଥିଲା। କାର୍ଯ୍ୟକ୍ରମରେ ୧୦୦ରୁ ଊର୍ଦ୍ଧ୍ୱ କବି ଅଂଶଗ୍ରହଣ କରି ବାଜପେୟୀଙ୍କ ସ୍ମୃତିଚାରଣ କରିଥିଲେ। ମୁଖ୍ୟ ଅତିଥି ଭାବେ ସଂସ୍କୃତି ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ଯୋଗଦେଇ ବାଜପେୟୀଙ୍କ ଫଟୋଚିତ୍ରରେ ଶ୍ରଦ୍ଧାସୁମନ ଅର୍ପଣ କରିବା ସହ ତାଙ୍କର ଅମର ଓ ଅମ୍ଳାନ କୀର୍ତ୍ତିକୁ ସ୍ମରଣ କରିଥିଲେ। ସେ କହିଲେ, ବାଜପେୟୀ ହେଉଛନ୍ତି ତ୍ୟାଗ, ତିତିକ୍ଷା ଓ ବଳିଦାନର ମୂର୍ତ୍ତିମନ୍ତ ପ୍ରତୀକ। ତାଙ୍କ ସାରସ୍ୱତ ଚେତନା ଆମ ସମସ୍ତଙ୍କୁ ଆହ୍ଲାଦିତ କରେ। ସେହି ଅଜୟ, ଅଟଳ ଓ ଅମ୍ଳାନ ବ୍ୟକ୍ତିତ୍ୱଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରିବା ଉପଲକ୍ଷେ ଆଜି ଓଡ଼ିଶାର ଶତାଧିକ କବି ଏକତ୍ରିତ ହୋଇ କବିତା ପାଠୋତ୍ସବ କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିଛନ୍ତି। ଅଟଳଜୀଙ୍କ ଭାବନା, ଚେତନା, ଶବ୍ଦ ସଂରଚନା ଓ ସାହିତ୍ୟ ସର୍ଜନାରେ ଦର୍ଶନ ତତ୍ତ୍ୱ ଦେଖିବାକୁ ମିଳେ। ତାଙ୍କର ପ୍ରତ୍ୟେକ ସାରସ୍ୱତ କୃତିରେ ଉଭୟ ବିନମ୍ରତା ଓ ନିର୍ଭୀକତାର ଭାବନା ପ୍ରସ୍ଫୁଟିତ ହୋଇଥାଏ। ଅଟଳଜୀଙ୍କ ଅମର ବ୍ୟକ୍ତିତ୍ୱ ଆମ ସମସ୍ତଙ୍କ ପାଇଁ ଆଦର୍ଶ। ତାଙ୍କ ଆଦର୍ଶରେ ଆଜିର ଯୁବପିଢ଼ି ଅନୁପ୍ରାଣିତ ହୋଇ ଏକ ସଶକ୍ତ ରାଷ୍ଟ୍ର ନିର୍ମାଣରେ ଯୋଗଦାନ ଦେବେ ବୋଲି ମତ ରଖିଥିଲେ। ସମସ୍ତ କବିଙ୍କୁ ଏକାଡେମୀ ପକ୍ଷରୁ ଉପଢୌକନ, ମାନପତ୍ର ଓ ଅଟଳଜୀଙ୍କ ସ୍ମୃତି ସ୍ମାରକୀ ପ୍ରଦାନ ପୂର୍ବକ ସମ୍ବର୍ଦ୍ଧିତ କରାଯାଇଥିଲା। ସାହିତ୍ୟିକ ହରପ୍ରସାଦ ଦାସ, ସଂସ୍କୃତି ବିଭାଗ ସଚିବ ବିଜୟ କେତନ ଉପାଧ୍ୟାୟ, ଏକାଡେମୀ ସଚିବ ଡ. ଚନ୍ଦ୍ରଶେଖର ହୋତା ପ୍ରମୁଖ ଉପସ୍ଥିତ ଥିଲେ।

## ୧୩ ଦିନ ହେଲା ଏମ୍‌ଆର୍‌ଆଇ ମେସିନ ଅଚଳ

କଟକ,୨୫।୧୨(ଶିଳ୍ପା ପ୍ରିୟଦର୍ଶିନୀ)



ରୋଗୀ ତାଲିକା ସମ୍ପର୍କରେ ରୋଗୀଙ୍କ ସମ୍ପର୍କୀୟ ପଚାରି ବୁଝୁଛନ୍ତି।

**ଏସ୍‌ସିବି ମେଡିକାଲ**

**ରୋଗୀ ଯାଉଛନ୍ତି ଆଚାର୍ଯ୍ୟ ହରିହର କର୍କଟ କେନ୍ଦ୍ର**

ଶ୍ରୀରାମ ଚନ୍ଦ୍ର ଭଞ୍ଜ ମେଡିକାଲ କଲେଜ ଆଣ୍ଡ ହସ୍ପିଟାଲ (ଏସ୍‌ସିବି)ରେ ଏମ୍‌ଆର୍‌ଆଇ ମେସିନ ଅଚଳକୁ ନେଇ ରୋଗୀଙ୍କ ଚିନ୍ତା ବଢ଼ିଛି। ଏଥିସହ ଆହୁରି ଯନ୍ତ୍ରଣା ଦେଉଛି ଲମ୍ବାଧାଡ଼ିରେ ଅପେକ୍ଷା କରିବା। ଗତ ୧୩ଦିନ ହେବ ଏମ୍‌ଆର୍‌ଆଇ ମେସିନ ଅଚଳ ହୋଇଯାଇଛି। ସେଠାରେ ଏମ୍‌ଆର୍‌ଆଇ ପାଇଁ ରୋଗୀଙ୍କ ନାମ ଏଲଇଡି ସ୍କ୍ରିନ୍‌ରେ ଲେଖା ଯାଉଥିବାବେଳେ ରୋଗୀଙ୍କୁ ଆଚାର୍ଯ୍ୟ ହରିହର କର୍କଟ କେନ୍ଦ୍ରକୁ ପଠାଯାଉଛି। ଏହାଦ୍ୱାରା ରୋଗୀ ହଇରାଣ ହେଉଛନ୍ତି। ଏପରିକି କେଉଁଠାରେ କ'ଣ ସେବା ଯୋଗାଇ ଦିଆଯାଉଛି ସେ ବିଷୟରେ ରୋଗୀ ଜାଣି ପାରୁ ନ ଥିବାରୁ ସେମାନଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି।

ସୂଚନା ଅନୁଯାୟୀ, ଏସ୍‌ସିବିକୁ ଦୂରଦୂରାନ୍ତରୁ ରୋଗୀ ଚିକିତ୍ସା ପାଇଁ ଆସିଥାନ୍ତି। ଡାକ୍ତରଙ୍କ ପରାମର୍ଶ ଅନୁଯାୟୀ ରୋଗୀ ଏମ୍‌ଆର୍‌ଆଇ କରାଇଥାନ୍ତି। ଏଥିପାଇଁ ମେଡିକାଲର ନିଦାନକେନ୍ଦ୍ର ପରିସରରେ ଏକ ଏମ୍‌ଆର୍‌ଆଇ ମେସିନ ବ୍ୟବସ୍ଥା କରାଯାଇଥିଲା। ଏଠାରେ ପ୍ରତ୍ୟେକ ଦିନ ୩୦ରୁ ଅଧିକ ରୋଗୀ ଏମ୍‌ଆର୍‌ଆଇ କରାଇଥାନ୍ତି ଏବଂ ପରୀକ୍ଷା ପାଇଁ ପ୍ରାୟ ୨୦ରୁ ୨୫ ମିନିଟ ସମୟ ଲାଗିଥାଏ। ହେଲେ ଗତ ୧୩ ଦିନ ହେବ ଏହି ସେବା ବନ୍ଦ ରହିଛି। ରାଜନଗର ଅଞ୍ଚଳର ଜଣେ ରୋଗୀଙ୍କ ସମ୍ପର୍କୀୟ କହିଛନ୍ତି, ମେଡିକାଲରେ ଏମ୍‌ଆର୍‌ଆଇ କରିବାକୁ ଚାରିଦିନ ହେବ ଧାଉଁଛୁ। ହେଲେ ମେସିନ ଖରାପ ଥିବାରୁ କର୍କଟ କେନ୍ଦ୍ରକୁ ପଠାଯାଉଛି। ସେଠାରେ ଅସୁବିଧାର ସମ୍ମୁଖୀନ ହେବାକୁ ପଡୁଛି ବୋଲି ସେ ପ୍ରକାଶ କରିଛନ୍ତି। ତେବେ ମେଡିକାଲରେ ଜଣେ କର୍ମଚାରୀ କହିଛନ୍ତି, ରୋଗୀ ସଂଖ୍ୟା ଅଧିକ ହେବା ଏବଂ ଏମ୍‌ଆର୍‌ଆଇ ମେସିନ ପୁରୁଣା ହୋଇଯିବାରୁ ଏପରି ସମସ୍ୟା ହୋଇଛି। ପ୍ରତିଦିନ ୩୦ରୁ ଅଧିକ ରୋଗୀଙ୍କୁ ଆଚାର୍ଯ୍ୟ ହରିହର କର୍କଟ କେନ୍ଦ୍ରକୁ ପରୀକ୍ଷା ପାଇଁ ପଠାଯାଉଛି। ରୋଗୀ ସେଠାରେ ପରୀକ୍ଷା କରାଇବା ସହ ରିପୋର୍ଟ ସଂଗ୍ରହ କରିବାକୁ ମେଡ଼ିକାଲ କର୍ତ୍ତୃପକ୍ଷ ନିର୍ଦ୍ଦେଶ ଦେଇଛନ୍ତି। ତେବେ ମେଡିକାଲକୁ ଗତ କିଛି ମାସ ପୂର୍ବେ ନୂତନ ଏମ୍‌ଆର୍‌ଆଇ ମେସିନ ଅଣାଯାଇଥିଲେ ମଧ୍ୟ ଅଦ୍ୟାବଧି କାର୍ଯ୍ୟକାରୀ ହୋଇପାରିନାହିଁ। ଏ ସମ୍ପର୍କରେ ମେଡିକାଲ ଅତିରିକ୍ତ ଅଧୀକ୍ଷକ ଡା. ଜ୍ୟୋତିର୍ମୟ ନାୟକଙ୍କୁ ପଚାରିବାରୁ କହିଛନ୍ତି, ଏସ୍‌ସିବିରେ ଏମ୍‌ଆର୍‌ଆଇ କାର୍ଯ୍ୟ କରୁଅଛି। ମେଡିକାଲରେ ଏମ୍‌ଆର୍‌ଆଇ ସମେତ ଅନ୍ୟାନ୍ୟ ପରୀକ୍ଷାର ମଧ୍ୟ ସୁବିଧା ରହିଛି, ଏଠାରେ ରୋଗୀଙ୍କୁ ସେବା ଯୋଗାଇ ଦେବାର ସମସ୍ତ ବ୍ୟବସ୍ଥା କରାଯାଇଛି। ଏମ୍‌ଆର୍‌ଆଇ ପାଇଁ ପୂର୍ବରୁ ମଧ୍ୟ ଆଚାର୍ଯ୍ୟ ହରିହର କର୍କଟ କେନ୍ଦ୍ରକୁ ରୋଗୀଙ୍କୁ ପଠାଯାଏ ବୋଲି ସେ କହିଛନ୍ତି।

# ଠେଲି ଦେଇଥିଲେ ପ୍ରେମିକ

## ନାବାଳିକା ବୈତରଣୀକୁ ଡେଇଁବା ଘଟଣା

ଭଦ୍ରକ,୨୫ା୧୨
(ସନାତନ ରାଉତ)

ଭଦ୍ରକ ଜିଲା ଚାନ୍ଦବାଲିଠାରେ ବୁଧବାର ସନ୍ଧ୍ୟାରେ ଜଣେ ନାବାଳିକା ବୈତରଣୀ ନଦୀକୁ ଡେଇଁବା ଘଟଣା ଗୁରୁବାର ନୂଆ ମୋଡ଼ ନେଇଛି। ଭଦ୍ରକ ଜିଲା ମୁଖ୍ୟ ଚିକିତ୍ସାଳୟରେ ଚିକିତ୍ସାଧୀନ ଥିବା ନାବାଳିକା ଗଣମାଧ୍ୟମ ଆଗରେ ଚାଞ୍ଚଲ୍ୟକର ବୟାନ ଦେଇଛନ୍ତି। ହତ୍ୟା ଉଦ୍ଦେଶ୍ୟରେ ତାଙ୍କ ପ୍ରେମିକ ତାଙ୍କୁ ନଦୀକୁ ଠେଲି ଦେଇଥିବା ସେ ପ୍ରକାଶ କରିଛନ୍ତି। ପ୍ରକାଶ ଯେ, ବାଣପୁର ଅଞ୍ଚଳର ନାବାଳିକା ଗତ ମଙ୍ଗଳବାର ସନ୍ଧ୍ୟାରୁ ନିଖୋଜ ଥିଲେ। ପରିବାର ଲୋକେ ଖୋଜାଖୋଜି କରି ତାଙ୍କର କୌଣସି ସନ୍ଧାନ ନ ପାଇବାରୁ ବୁଧବାର ସକାଳେ ନାବାଳିକାଙ୍କ ମା' ଚାନ୍ଦବାଲି ଥାନାରେ ଝିଅ ନିଖୋଜ ନେଇ ଅଭିଯୋଗ କରିଥିଲେ। ପ୍ରେମିକ ନାବାଳିକାଙ୍କ ମା'ଙ୍କୁ ଫୋନ୍‌ରେ ତାଙ୍କ ଝିଅ ଚାନ୍ଦବାଲିରେ ଥିବା ଜଣାଇବା ପରେ ସେ ପୋଲିସ ସହ ଘଟଣାସ୍ଥଳକୁ ଯାଇଥିଲେ। ସେରପୁର ଅଞ୍ଚଳର ଉକ୍ତ ଯୁବକ ନାବାଳିକାଙ୍କୁ ନଦୀକୁ ଠେଲି ଦେଇ ଖସି ପଳାଇ ଯାଉଥିବା ସମୟରେ ପୋଲିସ ତାଙ୍କୁ କାବୁ କରିଥିଲା ବୋଲି ନାବାଳିକାଙ୍କ ମା' କହିଛନ୍ତି। ଅପରପକ୍ଷେ ନାବାଳିକାଙ୍କ କହିବା ଅନୁଯାୟୀ, ଯୁବକ ଜଣକ ତାଙ୍କୁ ବିବାହ ପ୍ରଲୋଭନ ଦେଖାଇ ଦୀର୍ଘଦିନ ଧରି ଶାରୀରିକ ସମ୍ପର୍କ ରଖିଆସୁଥିଲେ। ମଙ୍ଗଳବାର ରାତିରେ ତାଙ୍କୁ ଚାନ୍ଦବାଲି ଆଣି ଶାରୀରିକ ସମ୍ପର୍କ ରଖିବା ପରେ ତାଙ୍କୁ ଅଜାଙ୍କ ଘରେ ଛାଡ଼ି ଦେଇଥିଲେ। ବୁଧବାର ସକାଳେ ବାରମ୍ବାର ଫୋନ୍ କରିଥିଲେ ମଧ୍ୟ ସେ ଉଠାଇ ନ ଥିଲେ। ଅପରାହ୍ନ ୪ଟାରେ ଚାନ୍ଦବାଲିରେ ଯୁବକ ଥିବା ଖବରପାଇ ସେ ତାଙ୍କ ପାଖକୁ ଯାଇଥିଲେ। ଉଭୟଙ୍କ ମଧ୍ୟରେ ଯୁକ୍ତିତର୍କ ପରେ ସେ ତାଙ୍କୁ ନଦୀକୁ ଠେଲି ଦେଇଥିଲେ। ପୋଲିସ ଉକ୍ତ ଯୁବକଙ୍କୁ ଅଟକ ରଖି ପଚରାଉଚରା କରୁଛି।

# ଝାଡ଼ଖଣ୍ଡ, ପଶ୍ଚିମବଙ୍ଗରୁ ଯାଜପୁରକୁ ଆସୁଛି ଧାନ

- ଧାନ ସଂଗ୍ରହ ପୂର୍ବରୁ ମିଲ୍‌ରେ ଗଦା ହେଲାଣି
- ସୀମାନ୍ତ କେନ୍ଦୁଝର, ମୟୂରଭଞ୍ଜ, ବାଲେଶ୍ୱର ଜିଲାରେ ନିୟନ୍ତ୍ରଣ ଅଭାବ

ଯାଜପୁର,୨୫ା୧୨
(ହର୍ଷବର୍ଦ୍ଧନ ବେହେରା)



ଖରିଫ ଧାନ ସଂଗ୍ରହ କାର୍ଯ୍ୟକୁ ଆଉ ମାତ୍ର ୨ ସପ୍ତାହ ବାକିରହିଥିବାବେଳେ ଝାଡ଼ଖଣ୍ଡ ଏବଂ ପଶ୍ଚିମବଙ୍ଗର ନିକଟବର୍ତ୍ତୀ ଜିଲାଗୁଡ଼ିକରୁ ଯାଜପୁର ଜିଲାକୁ ବେଆଇନ ଭାବେ ଧାନ ଆସୁଛି। କାରଣ ନିକଟବର୍ତ୍ତୀ ରାଜ୍ୟଗୁଡ଼ିକ ତୁଳନାରେ ଓଡ଼ିଶା ଧାନର ସର୍ବନିମ୍ନ ସହାୟକ ମୂଲ୍ୟ ଅଧିକ। ତେଣୁ ଝାଡ଼ଖଣ୍ଡ ଓ ପଶ୍ଚିମବଙ୍ଗ ସୀମାନ୍ତ ପଏଣ୍ଟଗୁଡ଼ିକରୁ କେନ୍ଦୁଝର, ମୟୂରଭଞ୍ଜ, ଭଦ୍ରକ ଓ ବାଲେଶ୍ୱର ଜିଲା ଦେଇ ଯାଜପୁରକୁ ସଂଯୋଗକାରୀରା ସ୍ତାରେ ବେଆଇନ ଧାନ ପରିବହନ ହେଉଥିବା ସୂଚନା ମିଳିଛି। ରାଜ୍ୟ ସରକାରଙ୍କ ପକ୍ଷରୁ ଓଡ଼ିଶା–ଝାଡ଼ଖଣ୍ଡ ଏବଂ ପଶ୍ଚିମବଙ୍ଗ ସୀମାର ପଲାସମୁଣ୍ଡଳି, ତୁକପଲାସିଆ, ଧୁମସାହି, ସରକଣା, ଦେଉଳି, ଚାନ୍ଦୁଆ, ଯଦୁନାଥପୁର, ତିରିଙ୍ଗ, ନନ୍ଦବସା, ଭାଲୁପାଣି ଆଦି ସ୍ଥାନରେ ବେଆଇନ ଧାନ ପରିବହନ ନିୟନ୍ତ୍ରଣ ପାଇଁ ପୂର୍ବରୁ ସିସିଟିଭି କ୍ୟାମେରା ଲଗାଯାଇଛି। ତଥାପି ଏହି ବେଆଇନ କାର୍ଯ୍ୟ ନିୟନ୍ତ୍ରଣ ହୋଇପାରୁ ନ ଥିବା ଅଭିଯୋଗ ହୋଇଛି। ଫଳରେ ଧାନ ସଂଗ୍ରହ ପ୍ରକ୍ରିୟା ଆରମ୍ଭ ହେବା ପୂର୍ବରୁ ଯାଜପୁର ସମେତ ଉପରୋକ୍ତ ସୀମାନ୍ତ ଜିଲାର ମିଲଗୁଡ଼ିକରେ ବେଆଇନ ଧାନ ବହୁ ପରିମାଣରେ ଗଦା ହୋଇଥିବା ଚାଷୀ ମହଲରେ ଚର୍ଚ୍ଚା ହେଉଛି। ତେଣୁ ଧାନ ସଂଗ୍ରହ ପୂର୍ବରୁ ଦାୟିତ୍ୱରେ ଥିବା ମିଲଗୁଡ଼ିକର ଉପଯୁକ୍ତ ଯାଞ୍ଚ କରାଗଲେ ଅଭିଯୋଗର ବାସ୍ତବତା ଲୋକଲୋଚନକୁ ଆସି ପାରିବ ବୋଲି ଦାବି ହୋଇଛି।

ଯାଜପୁର ଜିଲାରେ ଶୀଘ୍ର ଧାନ ଉଠାଇବାକୁ ପଦକ୍ଷେପ ନେବାକୁ ଜିଲାପାଳ ଗୁରୁତ୍ୱାରୋପ କରିଛନ୍ତି। ଚଳିତ ବର୍ଷ ଏଏଫ୍‌କ୍ୟୁ ମାନର ଧାନ କୁଇଣ୍ଟାଲ ପିଛା ଦର ୨୩୬୯ ଟଙ୍କା ଓ ଗ୍ରେଡ୍ ଏ–ଧାନର ମୂଲ୍ୟ ୨୩୮୯ ଟଙ୍କା ରହିଛି। ରାଜ୍ୟ ସରକାର ଘୋଷଣା କରିଥିବା ୮୦୦ ଟଙ୍କା ଇନ୍‌ପୁଟ୍ ସହାୟତା ଚାଷୀ ପାଇବେ। ଚଳିତ ଖରିଫ ଧାନ ସଂଗ୍ରହ ବିଳମ୍ବ ଯୋଗୁ ଚାଷୀ ନିଜର ଆବଶ୍ୟକତା ମେଣ୍ଟାଇବାକୁ ମଧ୍ୟସ୍ଥଙ୍କ ହାତରେ ସରକାରଙ୍କ ନିର୍ଦ୍ଧାରିତ ମୂଲ୍ୟଠାରୁ ପ୍ରାୟ ୧୦୦୦ଟଙ୍କା କମରେ ଧାନ ଟେକି ଦେଉଛନ୍ତି। ମଧ୍ୟସ୍ଥମାନେ ଏହି ବେଆଇନ ଧାନକୁ ନେଇ ଜିଲାର ବିଭିନ୍ନ ମିଲରେ ବିକ୍ରି କରୁଥିବା ସୂଚନା ମିଳିଛି। ତେଣୁ ଧାନ ସଂଗ୍ରହ ପୂର୍ବରୁ ଯଦି ଦାୟିତ୍ୱରେ ଥିବା ମିଲଗୁଡ଼ିକରେ ଧାନ ମିଳେ, ତେବେ ସେହି ଧାନକୁ ଜବତ କରିବା ସହ ସମ୍ପୃକ୍ତ ମିଲ୍ ମାଲିକଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଦାବି ହୋଇଛି। ଏ ସଂକ୍ରାନ୍ତରେ ଯାଜପୁର ଏଆର୍‌ସିଏସ୍ ଅମୂଲ୍ୟ ସେଠୀଙ୍କୁ ପଚାରିବାରେ ସେ କହିଛନ୍ତି, ଧାନ ସଂଗ୍ରହ ପାଇଁ ସମସ୍ତ ବ୍ୟବସ୍ଥା ହୋଇଛି। ବାହାର ରାଜ୍ୟରୁ ଧାନ ପରିବହନ ହେଉଥିବା ନେଇ ତାଙ୍କ ପାଖରେ କୌଣସି ଅଭିଯୋଗ ହୋଇନାହିଁ। ଯଦି ସେଭଳି ଚାଲିଥାଏ ତେବେ ଆବଶ୍ୟକ ପଦକ୍ଷେପ ଗ୍ରହଣ କରାଯିବ।

## ୨୭ରେ ଚାନ୍ଦବାଲି ଯିବ ଭକ୍ତଙ୍କ ଟିମ୍

ଭୁବନେଶ୍ୱର,୨୫ା୧୨ (ରବିନାରାୟଣ ଜେନା)

ଭଦ୍ରକ ଚାନ୍ଦବାଲିଠାରେ ଜଣେ ନାବାଳିକାଙ୍କ ପ୍ରତି ହୋଇଥିବା ଅମାନବୀୟ ଘଟଣାରେ ପୀଡ଼ିତାଙ୍କ ପରିବାରକୁ ଭେଟିବା ଏବଂ ଘଟଣାର ଅନୁସନ୍ଧାନ ପାଇଁ ପିସିସି ସଭାପତି ଭକ୍ତ ଚରଣ ଦାସଙ୍କ ନେତୃତ୍ୱରେ ଏକ ଟିମ୍ ଡିସେମ୍ବର ୨୭ରେ ଉକ୍ତ ଅଞ୍ଚଳ ଗସ୍ତ କରିବ। ଏହି ପ୍ରତିନିଧି ଦଳରେ ଜୟଦେବ ଜେନା, ପ୍ରସାଦ ହରିଚନ୍ଦନ, ଶ୍ରୀକାନ୍ତ ଜେନା, ଜଗନ୍ନାଥ ପଟ୍ଟନାୟକ, ପଞ୍ଚାନନ କାନୁନ୍‌ଗୋ, ଅନନ୍ତ ପ୍ରସାଦ ସେଠୀ, ପିସିସି ଦେବାଶିଷ ପଟ୍ଟନାୟକ, ବିଧାୟକ ଅଶୋକ ଦାସ ପ୍ରମୁଖ ଗସ୍ତ କରିବେ ବୋଲି ଦଳ ପକ୍ଷରୁ କୁହାଯାଇଛି।

# ଭାଜପାର ଉତ୍ସବ ଗୋମାତାଙ୍କୁ କାଳ:ଭକ୍ତ

ଭୁବନେଶ୍ୱର,୨୫ା୧୨
(ରବିନାରାୟଣ ଜେନା)

ଭାଜପା ପକ୍ଷରୁ ହେଉଥିବା ବିଭିନ୍ନ କାର୍ଯ୍ୟକ୍ରମ ଗୋ–ମାତାଙ୍କ ପାଇଁ କାଳ ବୋଲି ପିସିସି ସଭାପତି ଭକ୍ତ ଚରଣ ଦାସ କହିଛନ୍ତି। ଭକ୍ତ କହିଛନ୍ତି, ପୂର୍ବରୁ ନୂଆପଡ଼ା ଉପନିର୍ବାଚନ ବେଳେ ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟକ୍ରମ ଅବସରରେ ୮ଟିରୁ ଅଧିକ ଗୋରୁଙ୍କ ବାସିଖାଦ୍ୟ ଖାଇ ମୃତ୍ୟୁ ହୋଇଥିବାବେଳେ ଏବେ କଟକ ସଦର ବିଧାୟକଙ୍କ ଦ୍ୱାରା ବୟାଳିଶ ମୌଜାଠାରେ ଆୟୋଜିତ ବନ୍ଧୁମିଳନ କାର୍ଯ୍ୟକ୍ରମ ଅବସରରେ ଗୋରୁଙ୍କ ସମାନ ଅବସ୍ଥା ଦେଖିବାକୁ ମିଳିଛି। ଯେଉଁ ଦଳ ନିଜକୁ ଗୋମାତାଙ୍କ ସୁରକ୍ଷା ପାଇଁ ସମର୍ପିତ ବୋଲି କହୁଛି ଏବଂ ତାଙ୍କ ନାମରେ ଭୋଟ ରାଜନୀତି କରୁଛି ସେହି ଦଳର କର୍ମକର୍ତ୍ତା କାହିଁକି ଏଭଳି ଦାୟିତ୍ୱହୀନ କାର୍ଯ୍ୟ କରୁଛନ୍ତି ବୋଲି ସେ କହିଛନ୍ତି।

# ନଦୀକୁ ଖସିପଡ଼ିଲା ବାଇକ୍: ୨ ମୃତ, ୨ ଗୁରୁତର

ନୂଆପଡ଼ା,୨୫ା୧୨ (ମକାରୁ ବେମାଲ)

ଧନୁଯାତ୍ରା ଦେଖି ଫେରୁଥିବାବେଳେ ଏକ ବାଇକ୍ ଭାରସାମ୍ୟ ହରାଇ ବ୍ରିଜ୍‌ରୁ ନଦୀକୁ ଖସିପଡିଥିଲା। ଫଳରେ ବାଇକ୍‌ରେ ଥିବା ଦୁଇଜଣଙ୍କ ମୃତ୍ୟୁ ଘଟିଥିବାବେଳେ ଅନ୍ୟ ଦୁଇଜଣ ଗୁରୁତର ହୋଇଛନ୍ତି। ଗୁରୁବାର ଭୋର ସମୟରେ ନୂଆପଡ଼ା ଜିଲା କୋମନା ବ୍ଲକ୍ ତରବୋଡ଼ ଉଙ୍ଗାଘାଟ ବ୍ରିଜ ନିକଟରେ ଏପରି ଦୁଃଖଦ ଘଟଣା ଘଟିଛି। ମୃତକମାନେ ହେଲେ କୋମନା ଥାନା ଦର୍ଲିପଡ଼ା ପଞ୍ଚାୟତ ହାଡିସରା ଗାଁର ହରିଶ୍ଚନ୍ଦ୍ର ପଟେଲ (୧୭) ଓ ଜଟଗଡ଼ ପଞ୍ଚାୟତ ବାବେଘାଟି ଗାଁର ଶୋଭାରାମ ମାଝି (୧୭)। ୨ ଆହତ ବାବେଘାଟି ଗାଁର ରଞ୍ଜିତ ହଂସ (୧୮) ଓ ଭାଗବତ ମାଝି (୧୫)ଙ୍କୁ ଚିକିତ୍ସା ପାଇଁ ଜିଲା ମୁଖ୍ୟ ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି। ସୂଚନା ଅନୁଯାୟୀ, ବୁଧବାର ସନ୍ଧ୍ୟାରେ ବାବେଘାଟି ଗାଁର ଲକ୍ଷ୍ମୀଧର ହଂସଙ୍କ ସମେତ ରଞ୍ଜିତ, ଭାଗବତ ଓ ଶୋଭାରାମ ଓଡି୨୬ସି–୯୧୬୬ନଂ. ବିଶିଷ୍ଟ ବାଇକ୍‌ରେ ତରବୋଡ ଧନୁଯାତ୍ରା ଦେଖିବାକୁ ଯାଇଥିଲେ। ଧନୁଯାତ୍ରା ପଡ଼ିଆରେ ହାଡିସରା ଗାଁର ହରିଶ୍ଚନ୍ଦ୍ର ପଟେଲଙ୍କ ସହ ସେମାନଙ୍କ ଭେଟ ହୋଇଥିଲା। ପରେ ସେମାନେ ଭୋର ୪ଟାରେ ସେହି ବାଇକ୍‌ରେ ହରିଶ୍ଚନ୍ଦ୍ରଙ୍କୁ ଛାଡିବାକୁ ହାଡିସରା ଯିବାବେଳେ ତରବୋଡ ସୁନ୍ଦର ନଦୀ ଉଙ୍ଗାଘାଟ ବ୍ରିଜରେ ପିଚିହୋଇ ନଦୀ ପାଣିରେ ପଡିଯାଇଥିଲେ। ଫଳରେ ଶୋଭାରାମ ଓ ହରିଶ୍ଚନ୍ଦ୍ରଙ୍କ ପାଣିରେ ବୁଡି ମୃତ୍ୟୁ ଘଟିଥିବାବେଳେ ରଞ୍ଜିତ ଓ ଭାଗବତ ପାଣିରେ ପହଁରି ରାସ୍ତା ଉପରକୁ ଉଠି ଆସିଥିଲେ। ଧନୁଯାତ୍ରାରେ ରହିଥିବା ଅନ୍ୟ ସାଙ୍ଗ ଲକ୍ଷ୍ମୀଧର ଏହି ଖବର ପାଇ ସେଠାରେ ପହଞ୍ଚିଥିଲେ। ସାଙ୍ଗମାନଙ୍କୁ ଚିହ୍ନିପାରି ସେ ପରିବାର ଲୋକଙ୍କୁ ଖବର ଦେଇଥିଲେ। ଏ ନେଇ କୋମନା ଥାନାରେ ପୋଲିସ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଥିବା ତଦନ୍ତକାରୀ ପୋଲିସ ଅଧିକାରୀ ମୀନତି ବଡନାୟକ କହିଛନ୍ତି ।

# ଟ୍ରାକ୍ଟର ଧକ୍କାରେ ଶିଶୁପୁତ୍ର ମୃତ, ମା' ଗୁରୁତର

ବଣ୍ଡା,୨୫ା୧୨(ପରିକ୍ଷିତ ସାହୁ)

ଘର ସମ୍ମୁଖରେ ବସିଥିବାବେଳେ ଟ୍ରାକ୍ଟର ମାଡ଼ି ଯିବାରୁ ୩ ବର୍ଷର ଶିଶୁପୁତ୍ରଙ୍କ ମୃତ୍ୟୁ ହୋଇଥିବାବେଳେ ମା' ଗୁରୁତର ହୋଇଛନ୍ତି। ଅନୁଗୋଳ ଜିଲା କିଶୋରନଗର ଥାନା କରମଳକଟା ଗ୍ରାମରେ ଗୁରୁବାର ଏହି ଦୁର୍ଘଟଣା ଘଟିଛି। ସୂଚନା ଅନୁଯାୟୀ, କରମଳକଟା ଗ୍ରାମର ଦୁତି ଦେହୁରୀ ପୁଅ ଶ୍ରୀରାମ ଦେହୁରୀଙ୍କୁ ଧରି ଘର ସମ୍ମୁଖ ରାସ୍ତା ନିକଟରେ ବସିଥିବାବେଳେ ଏକ ଟ୍ରାକ୍ଟର (ନଂ. ଓଆର ୧୯ ଇ ୬୭୭୦) ଭାରସ୍ୟାମ ହରାଇ ଉଭୟଙ୍କୁ ଧକ୍କା ଦେଇଥିଲା। ଫଳରେ ଘଟଣାସ୍ଥଳରେ ଶିଶୁପୁତ୍ର ଶ୍ରୀରାମଙ୍କ ମୃତ୍ୟୁ ହୋଇଥିବାବେଳେ ଦୁତି ଗୁରୁତର ହୋଇଥିଲେ। ତାଙ୍କୁ ପରିବାର ଲୋକେ ଉଦ୍ଧାର କରି କିଶୋରନଗର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ସେଠାରୁ ତାଙ୍କୁ ରେଢ଼ାଖୋଲ ଡାକ୍ତରଖାନାକୁ ପଠାଇ ଦିଆଯାଇଥିଲା। ଖବରପାଇ କିଶୋରନଗର ପୋଲିସ ଘଟଣାସ୍ଥଳରେ ପହଞ୍ଚି ଦୁର୍ଘଟଣା ଘଟାଇଥିବା ଟ୍ରାକ୍ଟରକୁ ଜବତ କରିବା ସହ ଏ ନେଇ ନମ୍ବର ୩୫୧/୨୫ରେ ଏକ ମାମଲା ରୁଜୁ କରିଛି। ଗାଡ଼ି ଚାଳକ ଅନିଲ ଦେହୁରୀଙ୍କୁ ଗିରଫ କରାଯାଇଛି।

# ସାହସିକତାକୁ ସମ୍ମାନ

## ବୀର୍ ବାଲ୍ ଦିବସ



ଭାରତର ଶିଶୁ ବୀରଙ୍କ ସାହସ, ତ୍ୟାଗ ଏବଂ ଅନୁକରଣୀୟ ମୂଲ୍ୟବୋଧକୁ ସ୍ମରଣ କରାଯିବା ଉଦ୍ଦେଶ୍ୟରେ ଡିସେମ୍ବର ୨୬ରେ ପାଳିତ ହୋଇଆସୁଛି ବୀର୍ ବାଲ୍ ଦିବସ। ମହିଳା ଏବଂ ଶିଶୁ ବିକାଶ ମନ୍ତ୍ରଣାଳୟ ପକ୍ଷରୁ ଏହି ଜାତୀୟ ଦିବସ ୨୦୨୨ରୁ ପାଳିତ ହୋଇଆସୁଛି। ସୂଚନାଯୋଗ୍ୟ, ଗୁରୁ ଗୋବିନ୍ଦ ସିଂହଙ୍କ ସାନ ପୁଅ ସାହିବଜାଦା ଜୋରାୱାର ସିଂହ ଏବଂ ସାହିବଜାଦା ଫତେହ ସିଂହଙ୍କ ବଳିଦାନକୁ ସ୍ମରଣ କରାଇଥାଏ ଏହି ଦିବସ। ଏ ଦୁହେଁ ୧୭୦୫ ମସିହାରେ ଇସ୍‌ଲାମ ଧର୍ମ ଗ୍ରହଣ କରିବାକୁ ମନା କରିବାରୁ ଏମାନଙ୍କୁ କଞ୍ଚା ଇଟାରେ ପୋତି ଜିଅନ୍ତା ମାରିଦିଆଯାଇଥିଲା। ଏହି ଦିବସ ସେମାନଙ୍କ ସାହସିକତା ଏବଂ ସେମାନଙ୍କ ନୀତି ପ୍ରତି ଅଟଳ ବିଶ୍ୱାସକୁ ପ୍ରକାଶ କରେ। ତେବେ ଉକ୍ତ ଦିନ ସାହସ, କଳା ଓ ସଂସ୍କୃତି, ପରିବେଶ, ସମାଜସେବା, ବିଜ୍ଞାନ ଓ ପ୍ରଯୁକ୍ତିବିଦ୍ୟା ଏବଂ କ୍ରୀଡ଼ାରେ ଅସାଧାରଣ ଉତ୍କର୍ଷ ହାସଲ କରିଥିବା ପିଲାମାନଙ୍କୁ ପ୍ରଧାନମନ୍ତ୍ରୀ ରାଷ୍ଟ୍ରୀୟ ବାଲ୍ ପୁରସ୍କାର ପ୍ରଦାନ କରାଯାଉଛି। ଚଳିତ ବର୍ଷ ୧୮ଟି ରାଜ୍ୟ ଏବଂ କେନ୍ଦ୍ରଶାସିତ ଅଞ୍ଚଳରୁ ୨୦ ଜଣ ପିଲାଙ୍କୁ ଏହି ସମ୍ମାନ ପାଇଁ ଚୟନ କରାଯାଇଛି। ଚଳିତ ମାସ ୨୬ତାରିଖରେ ନୂଆଦିଲ୍ଲୀର ବିଜ୍ଞାନ ଭବନରେ ଅନୁଷ୍ଠିତ ଏକ ସ୍ୱତନ୍ତ୍ର ସମାରୋହରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଏହି ପୁରସ୍କାର ପ୍ରଦାନ କରିବେ। ଅପରପକ୍ଷେ ବୀର୍ ବାଲ୍ ଦିବସ ଜାତୀୟ ସ୍ତରୀୟ କାର୍ଯ୍ୟକ୍ରମ ନୂଆଦିଲ୍ଲୀର ଭାରତ ମଣ୍ଡପମ୍‌ରେ ଆୟୋଜିତ ହେବ। ଏଥିରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଯୋଗଦେଇ ଭାରତର ଶିଶୁ ଓ ଯୁବକମାନଙ୍କୁ ସମ୍ବୋଧିତ କରିବେ। ଏଥିସହ ସେ ରାଷ୍ଟ୍ର ନିର୍ମାଣରେ ଯୁବ ନାଗରିକଙ୍କ ଭୂମିକା ଉପରେ ମଧ୍ୟ ଗୁରୁତ୍ୱାରୋପ କରିବେ।


## OFFICE OF THE PANCHAYAT SAMITI, GANJAM

Phone: 06811-254345(O), E-Mail: oribganjam@gramsat.nic.in

No. i-436 **TENDER CALL NOTICE**

**BID IDENTIFICATION No. - GJMPS - 01/2025-26 Dt.22.12.2025**

1. Name of the Work : Construction of 50MT Godown & Office Building
2. No. of Work : 03 Nos. i.e.
   i. Lunguri SCS, GP-Malada
   ii. Kartikadhi SCS, GP-Santoshpur
   iii. Santoshpur SCS, GP-Santoshpur
3. No. of Covers : Single Cover
4. Estimated Cost : Rs.23,81,992/- for each
5. Period of Completion : Six Calendar Months
6. Date & time of availability of bid documents in portal : From 11.00 A.M. of Dated: 30.12.2025
7. Last date/time for receipt of bids in the portal : Upto 5.00 P.M. of 12.01.2026
8. Date of opening of Online bid documents : At 11.30 A.M. of 13.01.2026
9. Class of Contractor : "B" & "C" Class Contractor
10. Name & address of Officer Inviting Bid : Panchayat Samiti, Ganjam

Further, details can be seen from the e-procurement portal **www.tenderodisha.gov.in**. The Addendum/Corrigendum if any will be hosted in the website only.

OIPR-19440/11/0003/2526 Sd./- Block Development Officer, Ganjam

## ପୂର୍ବ ତଟ ରେଳପଥ

ଟେଣ୍ଡର ବିଜ୍ଞପ୍ତି ସଂ. 52-SBP-TRD-OT-2025-26, ତା. 19.12.2025 ରିଖ

କାର୍ଯ୍ୟର ନାମ : "ଡୁଙ୍ଗୁରିପାଲି ଷ୍ଟେସନ ଠାରେ ଇଞ୍ଜିନକୁ ପଛକୁ ନେବାପାଇଁ R/4କୁ ଉଭୟ ପାର୍ଶ୍ୱରେ 100 ମିଟର S/NECK ଉପଲବ୍ଧ କରାଇବା" କାର୍ଯ୍ୟ ସହିତ ଜଡିତ TRD ସମ୍ବନ୍ଧୀୟ କାର୍ଯ୍ୟ।

ଆନୁମାନିକ ମୂଲ୍ୟ (₹): 34,83,240.98, EMD (₹) : 69,700.00, ଶେଷହେବା ଅବଧି: 09 ମାସ।

ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ : ତା.12.01.2026ରିଖ 1530 ଘଟିକା।

ଏହି ଇ-ଟେଣ୍ଡରଗୁଡ଼ିକ ନିମନ୍ତେ ଡାକ / କୋରିୟର / ଫାକ୍ସ ଜରିଆରେ କିମ୍ବା ବ୍ୟକ୍ତିଗତ ରୂପେ ପଠାଯାଇଥିବା କୌଣସି ମାନୁଆଲ ପ୍ରସ୍ତାବ ଅଫର ଗ୍ରହଣଯୋଗ୍ୟ ହେବ ନାହିଁ, ଯଦ୍ୟପି ଏଗୁଡ଼ିକ ଫାର୍ମ (Firm)ର ଲେଟର ହେଡ୍‌ରେ ଦାଖଲ କରାଯାଇଥିବ। ଏହିଭଳି ସମସ୍ତ ମାନୁଆଲ ଅଫରଗୁଡ଼ିକ ଅବୈଧ ବୋଲି ଧରାଯିବ ଏବଂ କୌଣସି ବିଚାର ବିନା ବିଧିବଦ୍ଧ ରୂପେ ନାକଚ କରାଯିବ। ଉପରୋକ୍ତ ଇ-ଟେଣ୍ଡରର ସମସ୍ତ ବିବରଣୀ ଇ-ଟେଣ୍ଡର ନଥିପତ୍ର ସହିତ ୱେବ୍‌ସାଇଟ୍ http://www.ireps.gov.in ରେ ଉପଲବ୍ଧ ଅଟେ।

ଦ୍ରଷ୍ଟବ୍ୟ : ଏହି ଇ-ଟେଣ୍ଡର ନିମନ୍ତେ ଜାରି କରାଯାଇଥିବା କୌଣସି ପରିବର୍ତ୍ତନ / ଶୁଦ୍ଧିପତ୍ରକୁ ଧ୍ୟାନ ଦେବା ନିମନ୍ତେ ଟେଣ୍ଡର ବନ୍ଦ ହେବା ତାରିଖର 15 (ପନ୍ଦର) ଦିନ ପୂର୍ବରୁ ୱେବ୍‌ସାଇଟକୁ ପୁନଃ ପରିଦର୍ଶନ କରିବା ପାଇଁ ଆଶାୟୀ ଟେଣ୍ଡରଦାତାମାନଙ୍କୁ ପରାମର୍ଶ ଦିଆଯାଉଅଛି।

ବରିଷ୍ଠ ମଣ୍ଡଳ ବିଦ୍ୟୁତ୍ ଯନ୍ତ୍ରୀ (TRD), ସମ୍ବଲପୁର

PR-935/Q/25-26

## GOVERNMENT OF CHHATTISGARH
## WATER RESOURCES DEPARTMENT
## OFFICE OF THE SUPERINTENDING ENGINEER M.R.P. DAM CIRCLE, RUDRI (CHHATTISGARH)
## e-PROCUREMENT TENDER NOTICE

eProcurement Portal: https://eproc.cgstate.gov.in

**(First Call)**

**System Tender No. 182190/NIT No. 03/SAC/25-26 Dated: 23.12.2025**

Online Tenders are invited for the following works upto 13.01.2026 at 17.30 hours.

Name of Work: Construction of Cross Regulator at R.D. 1220m of Sondur Feeder Canal for Sankara and Ghatula Group Water Supply Scheme in Block Nagri, District Dhamtari.

Probable Amount of Contract: Rs.192.35 Lakhs (Excluding G.S.T.).

(As per S.O.R. Enforced from Dated: 01.05.2025 and amended on dated 08.08.2025).

The details can be viewed and downloaded online directly from the Government of Chhattisgarh Integrated e-Procurement Portal **(https://eproc.cgstate.gov.in) from Date: 30.12.2025 at 17.31 hours (IST) onwards**.

**NOTE:** All eligible/interested contractors/bidders are mandated to get enrolled on the Integrated e-procurement portal **(https://eproc.cgstate.gov.in)** and get approval on specific vendor class from PWD under Centralized Contractor/Supplier Registration in order to download the tender documents and participate in the subsequent bidding process. Prequalification Certificates issued by Water Resources Department whose validity is upto 30.09.2026 is applicable in this tender.

**Sd./- Executive Engineer**
**Water Management Division, Rudri, Code No. 38**
**For, Superintending Engineer**
**M.R.P. Dam Circle, Rudri (C.G.)**

G-252605684/3

## कार्यालय बनमण्डलाधिकारी, जशपुर बनमण्डल, जशपुर

### नीलाम सूचना

सर्व साधारण को सूचनार्थ प्रकाशित किया जाता है, कि जशपुर वनमंडल के अन्तर्गत काष्ठागार गम्हरिया (जशपुर) में उपलब्ध निम्नांकित ईमारती एवं जलाऊ काष्ठ का दर्शित तिथि एवं समय में ई-ऑक्शन द्वारा निर्वर्तन किया जावेगा। इच्छुक पंजीकृत व्यापारियों को सलाह दी जाती है कि ई-ऑकसन में अवश्य भाग लेवें। ई-आवशन की शर्ते एवं अन्य जानकारी कार्यालयन दिवस व समय पर वनमण्डल कार्यालय अथवा काष्ठागार गम्हरिया से प्राप्त की जा सकती है।

डिपो का नाम - काष्ठागार गम्हरिया (जशपुर)
नीलाम दिनांक - 31.12.2025
नीलामी प्रारंभ - प्रातः 09.00 बजे से

| प्रजाति | नीलाम में प्रस्तावित अनुमानित मात्रा | | | | | | मिश्रित जलाऊ चट्टा |
|---|---|---|---|---|---|---|---|
| | नया लाट | | पुराना लाट | | योग | | |
| | लट्ठा घ.मी. | बल्ली + डेंगरी (नग) | लट्ठा घ.मी. | बल्ली + डेंगरी (नग) | लट्ठा घ.मी. | बल्ली + डेंगरी नग | |
| 1 | 2 | 3 | 4 | 5 | 6 | 7 | 8 |
| सागौन | 0.000 | 0 | 145.292 | 2659 | 145.292 | 2659 | पुराना |
| साल | 228.265 | 2 | 2381.228 | 7933 | 2609.493 | 7935 | 116 |
| बीजा, शीशम, खम्हार | 0.000 | 0 | 19.931 | 726 | 19.931 | 726 | नया |
| अन्य प्रजाति | 0.000 | 0 | 81.342 | 1889 | 81.342 | 1889 | 0 |
| चिरान काष्ठ | 0.000 | 0 | 2.418 | 0 | 2.418 | 0 | |
| **योग** | **228.265** | **2** | **2630.211** | **13207** | **2858.476** | **13209** | **116** |

**उपरोक्त मात्रा में परिवर्तन संभावित है।**

टीप: (1) क्रेताओं को ई-ऑक्सन के पूर्व एम.एस.टी.सी. ई-कार्मस पोर्टल में रजिस्ट्रेशन करना अनिवार्य हैं।
(2) क्रेताओं को ई-ऑक्सन के पूर्व क्रय लॉटों के अपसेट प्राईज मूल्य के 10 प्रतिशत की राशि अपने वॉलेट में रखना अनिवार्य है। सफल बोलीदार को एक सप्ताह के भीतर शेष 15 प्रतिशत ई.एम.डी. की राशि जमा करना अनिवार्य है।
(3) लॉट की थप्पी एवं फोटो एम.एस.टी.सी. ई-ऑक्शन पोर्टल में अपने आई.डी से लॉगईन करके देख सकते है।
(4) इ-ऑक्सन में लॉट क्रय के पश्चात् प्रथम क्रेता को 30 सेंकड का समय प्राप्त होगा, उसी लॉट में अन्य क्रेताओं द्वारा 30 सेकण्ड के पूर्व क्रय करने पर 20 सेकण्ड का समय प्राप्त होगा।

G-252605640/3 स्वा./- वनमंडलाधिकारी, जशपुर बनमण्डल, जशपुर


## ଓଡ଼ିଶା ସରକାର
## ମାଲକାନଗିରି ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ,ମାଲକାନଗିରି

### ଘୋଷଣା

File No.2179/2025 Date:26.7.2025

**No.XXVII-19**: ସର୍ବସାଧାରଣଙ୍କ ଅବଗତି ନିମନ୍ତେ, ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ-ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ, ୨୦୧୩ (RFCTLAR & R Act.2013)ର ଧାରା ୧୯ର ଅଧିନିୟମ ୧ ଅନୁଯାୟୀ ଏହି ଘୋଷଣାନାମା ଦିଆଯାଉଛି ଯେ, ଉକ୍ତ ଆଇନର ଧାରା ୧୫(୨) ଅନୁସାରେ ଜିଲାପାଳଙ୍କ ଦ୍ୱାରା ପ୍ରଦତ୍ତ ରିପୋର୍ଟକୁ ବିବେଚନା କରି ରାଜ୍ୟ ସରକାରଙ୍କୁ ଏହି ଆଇନର ଧାରା ୨(୧) ପ୍ରକାରେ ପ୍ରତୀତ ହେଉଅଛି ଯେ, ମୌଜା-**ବୋଡ଼ାଗୁଡା**, ଥାନା-ମାଥିଲି, ତହସିଲ-ମାଥିଲି, ଜିଲ୍ଲା-ମାଲକାନଗିରିରେ ନିମ୍ନସୂଚିତ 'କ' ତଫସିଲ ଜମି ଏକ ସାର୍ବଜନୀନ ଉଦ୍ଦେଶ୍ୟରେ ଯଥା ଜୟପୁର-ମାଲକାନଗିରି ନୂତନ ଓସାରିଆ ରେଳ ସଂଯୋଗୀକରଣ ପ୍ରକଳ୍ପ ନିମନ୍ତେ ଭୂମି ଅଧିଗ୍ରହଣ ଆବଶ୍ୟକ ହେଉଅଛି ।

ଏହି ଭୂମି ଅଧିଗ୍ରହଣ ସମ୍ବନ୍ଧୀୟ ପ୍ରାରମ୍ଭିକ ବିଜ୍ଞପ୍ତି ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ-ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ,୨୦୧୩ (RFCTLAR & R Act.2013)ର ଧାରା ୧୧ (୧) ଅନୁଯାୟୀ ବିଜ୍ଞପ୍ତି ସଂଖ୍ୟା ୩୮୯/୨୦୨୩, ତା.୧୬.୦୬.୨୦୨୩ ରିଖରେ ପ୍ରକାଶିତ ହୋଇଅଛି । ପୁନଶ୍ଚ ଏହା ଘୋଷଣା କରାଯାଉଅଛି ଯେ ମୌଜା-**ବୋଡାଗୁଡା, ଥାନା-ମାଥିଲି**, ତହସିଲ-ମାଥିଲି, ଜିଲ୍ଲା-ମାଲକାନଗିରିର ଜୟପୁର-ମାଲକାନଗିରି ନୂତନ ଓସାରିଅ ରେଳ ସଂଯୋଗୀକରଣ ପ୍ରକଳ୍ପ ନିମନ୍ତେ କୌଣସି ବିସ୍ଥାପିତ ପରିବାର ନଥିବାରୁ ପୁନର୍ବାସ ଓ ଥଇଥାନ ନିମନ୍ତେ କୌଣସି ଜମି ଚିହ୍ନଟ ଓ ପୁନର୍ବାସ ଓ ଥଇଥାନ ଯୋଜନା ରୂପରେଖର ସାରମର୍ମ ସଂଲଗ୍ନ କରାଯାଇନାହିଁ । ଏହା ମଧ୍ୟ ଜିଲ୍ଲା ୱେବସାଇଟ୍ www.malkangiri.odisha.gov.in ରେ ସର୍ବସାଧାରଣଙ୍କ ଅବଲୋକନ ପାଇଁ ଅପଲୋଡ କରାଯାଇଅଛି । ପୁନର୍ବାସ ଓ ଥଇଥାନ ଯୋଜନାର ଭୂମି ନକ୍ସା ସ୍ୱତନ୍ତ୍ର ଭୂ-ଅର୍ଜନ ଅଧିକାରୀ, ଜୟପୁର-ମାଲକାନଗିରି ନୂତନ ଓସାରିଆ ରେଳ ସଂଯୋଗୀକରଣ ପ୍ରକଳ୍ପ-ତଥା-ତହସିଲଦାରଙ୍କ କାର୍ଯ୍ୟାଳୟ, ମାଥିଲିଠାରେ କାର୍ଯ୍ୟଦିବସ ମାନଙ୍କରେ ଦେଖିବାକୁ ମିଳିପାରିବ ।

ତଫସିଲ-କ
(ପ୍ରସ୍ତାବିତ ଭୂମି ଅଧିଗ୍ରହଣ ଅନୁସୂଚୀ)

ଜିଲ୍ଲା-ମାଲକାନଗିରି ତହସିଲ:ମାଥିଲି

| ଗ୍ରାମର ନାମ | ଗ୍ରାମାଞ୍ଚଳ/ ସହରାଞ୍ଚଳ | ଖାତା ନଂ | ପ୍ଲଟ ନଂ. | କିସମ | ପ୍ଲଟର ମୋଟ ରକବା | ଅଧିଗ୍ରହଣ ହେବାକୁ ଥିବା ଜମିର ରକବା | ରୟତଙ୍କ ନାମ |
|---|---|---|---|---|---|---|---|
| ୧ | ୨ | ୩ | ୪ | ୫ | ୬ | ୭ | ୮ |
| ବୋଡାଗୁଡା | ଗ୍ରାମାଞ୍ଚଳ | ଅଧିଗ୍ରହଣ ହେବାକୁ ଥିବା ଜମିର ସମ୍ପୂର୍ଣ୍ଣ ବିବରଣୀ ଏଥିସହ ସଂଲଗ୍ନ କରାଗଲା | | | | | |

ତଫସିଲ-ଖ
(ପୁନର୍ବାସ ନିମିତ୍ତ ଚିହ୍ନଟ ଭୂମି ଅନୁସୂଚୀ)

ଜିଲ୍ଲା-ମାଲକାନଗିରି ତହସିଲ:ମାଥିଲି

| ଗ୍ରାମର ନାମ | ଗ୍ରାମାଞ୍ଚଳ/ ସହରାଞ୍ଚଳ | ଖାତା ନଂ | ପ୍ଲଟ ନଂ. | କିସମ | ପ୍ଲଟର ମୋଟ ରକବା | ଅଧିଗ୍ରହଣ ହେବାକୁ ଥିବା ଜମିର ରକବା | ରୟତଙ୍କ ନାମ |
|---|---|---|---|---|---|---|---|
| ୧ | ୨ | ୩ | ୪ | ୫ | ୬ | ୭ | ୮ |
| ପ୍ରଯୁଜ୍ୟ ନୁହେଁ | | | | | | | |

ଅଧିସୂଚନା ବୈଧ ତାରିଖ: ଅଧିସୂଚନା ପ୍ରକାଶିତ ହେବାର ୩୦ ଦିନ ଠାରୁ ଛଅ ମାସ ମଧ୍ୟରେ ।

ରାଜ୍ୟପାଳଙ୍କ ଆଦେଶକ୍ରମେ
ସ୍ୱା./- ଜିଲ୍ଲାପାଳ, ମାଲକାନଗିରି

## ଭୂମି ଅନୁସୂଚୀ

### ମୌଜା:ବୋଡାଗୁଡା, ଥାନା-ମାଥିଲି ନଂ.-୧୦୨, ତହସିଲ-ମାଥିଲି, ଜିଲ୍ଲା-ମାଲକାନଗିରି
### ଜୟପୁର-ମାଲକାନଗିରି ନୂତନ ଓସାରିଆ ରେଳପଥ ପ୍ରକଳ୍ପ, ଜୟପୁର ନିର୍ମାଣ ନିମନ୍ତେ

| କ୍ର. ନଂ. | ଗ୍ରାମର ନାମ ଓ ମୌଜା | ରୟତଙ୍କ ନାମ | ଖାତା ନଂ. | ପ୍ଲଟ ନଂ. | କିସମ | ମୋଟ ରକବା (ଏକର) | ଅଧିଗ୍ରହଣ ରକବା (ଏକର) |
|---|---|---|---|---|---|---|---|
| ୧ | ୨ | ୩ | ୪ | ୫ | ୬ | ୭ | ୮ |
| ୧ | ବୋଡାଗୁଡା | ଅର୍ଜୁନ ଚାଲାଣ, ରାମ ଚାଲାଣ, ଶୁକ୍ରା ଚାଲାଣ, ପି-ନରସିଂହ ଚାଲାଣ, ଜା-ଭୂମିଆ, ବା-ନିଜଗାଁ | ୨ | ୬୧ | ଧାନ-୨ | ୧.୦୧୧ | ୧.୦୧୧ |
| ୨ | ଏଜନ | ଅର୍ଜୁନ ଚାଲାଣ, ରାମୁ ଚାଲାଣ, ଶୁକ୍ରା ଚାଲାଣ, ପି-ନରସିଂହ ଚାଲାଣ, ଦୁପତା ଚାଲାଣ, ସ୍ୱା-ନରସିଂହ ଚାଲାଣ, ଗୋବିନ୍ଦ ଚାଲାଣ, ପି-ଶୁକ୍ରା ଚାଲାଣ, ନରସିଂହ ଚାଲାଣ, ସନ୍ୟାସୀ ଚାଲାଣ, ପି-ବଳରାମ ଚାଲାଣ, ସନାମଣି ଚାଲାଣ, ସ୍ୱା-ବଳରାମ ଚାଲାଣ, ଜା:ଭତରା, ବା-ନିଜଗାଁ | ୩ | ୪୩୦ | ଡଙ୍ଗର-୨ | ୦.୮୦୧ | ୦.୭୪୫୦ |
| ୩ | ଏଜନ | ଗଣପତି ଚୌଧୁରି, ପି-ଗାଙ୍ଗାନା ଚୌଧୁରି, ଜା-ପାଙ୍ଗାମ, ବା-ନିଜଗାଁ | ୧୪ | ୪୨୫ | ଧାନ-୧ | ୩.୦୧୨ | ୧.୨୦୪୧ |
| | | | | ୪୨୩ | ଧାନ-୨ | ୧.୩୯୧ | ୦.୧୨୮୦ |
| ୪ | ଏଜନ | ଗୋବିନ୍ଦ ଚାଲାଣ, ପି-ଶୁକ୍ରା ଚାଲାଣ, ନରସିଂହ ଚାଲାଣ, ସନ୍ୟାସି ଚାଲାଣ, ପି-ବଳରାମ ଚାଲାଣ, ଜା-ଭୂମିଆ,ବା-ନିଜଗାଁ | ୧୫ | ୫୬ | ଧାନ-୨ | ୦.୯୬୧ | ୦.୦୫୪୫ |
| | | | | ୬୪ | ଧାନ-୨ | ୦.୯୬୪ | ୦.୮୫୬୯ |
| | | | | ୫୫୩ | ଡଙ୍ଗର-୧ | ୦.୮୧୫ | ୦.୮୧୫ |
| | | | | ୪୨୯ | ଧାନ-୨ | ୦.୮୬୦ | ୦.୭୩୫୦ |
| ୫ | ଏଜନ | ଗୋବିନ୍ଦ ଭୂମିଆ, ପି-ଲାଲସିଂହ ଭୂମିଆ,ଜା-ଭୂମିଆ,ବା-ନିଜଗାଁ | ୧୭ | ୬୯ | ଧାନ-୧ | ୧.୪୩୩ | ୧.୨୫୨୬ |
| | | | | ୭୦ | ଧାନ-୨ | ୦.୧୧୧ | ୦.୧୦୮୪ |
| | | | | ୧୬୮ | ଧାନ-୨ | ୧.୦୬୩ | ୦.୦୭୭୪ |
| ୬ | ଏଜନ | ଡମ୍ବୁ ନାୟକ, ପି-ଘାସି ନାୟକ, ଜା-ଭୂମିଆ, ବା-ନିଜଗାଁ | ୨୮ | ୬୪୧ | ଧାନ-୧ | ୨.୨୭୩ | ୦.୨୧୯୯ |
| | | | | ୬୩୮ | ଧାନ-୧ | ୧.୫୫୯ | ୦.୪୦୩୩ |
| | | | | ୬୩୨ | ଧାନ-୧ | ୦.୯୮୧ | ୦.୩୦୧୩ |
| ୭ | ଏଜନ | ପଦଲାମ ନାଏକ, ପି-ସୁନାଧର ନାଏକ, ଜା-ଭୂମିଆ, ବା-ଖଲିଆଗୁଡା | ୩୮ | ୬୩୬ | ଧାନ-୧ | ୧.୧୪୨ | ୦.୬୩୧୩ |
| ୮ | ଏଜନ | ପଦ୍ମ ନାୟକ, ଜଗନ୍ନାଥ ନାୟକ, ପି-ସନାତନ ନାୟକ, ଜା-ଭୂମିଆ,ବା-ଚାଉଲମେଦି | ୩୯ | ୫୫୧ | ଧାନ-୨ | ୧.୧୩୨ | ୦.୨୩୭୯ |
| ୯ | ଏଜନ | ବଳଭଦ୍ର ନାୟକ, ପି-ଅର୍ଜୁନ ନାୟକ, ଜା-ଭୂମିଆ, ବା-ନିଜଗାଁ | ୪୦ | ୭୪ | ଧାନ-୧ | ୦.୮୪୦ | ୦.୭୯୯୪ |
| | | | | ୧୬୭ | ଧାନ-୧ | ୦.୬୦୦ | ୦.୬୦୦୪ |
| ୧୦ | ଏଜନ | ବୁରୁଷୁ ବଟେ, ଭଗତ ବଟେ, ପି-ଜଗନ୍ନାଥ ବଟେ, ସୁନ୍ଦୁରା ବଟେ, ସ୍ୱା-ଜଗନ୍ନାଥ ବଟେ, ଜା-ଭୂମିଆ, ବା-ନିଜଗାଁ | ୪୭ | ୬୧୯ | ଧାନ-୨ | ୦.୯୯୮ | ୦.୪୫୬୮ |
| | | | | ୬୧୮ | ଡଙ୍ଗର-୨ | ୦.୯୩୯ | ୦.୫୧୦୫ |
| | | | | ୬୧୭ | ଧାନ-୧ | ୩.୨୬୨ | ୦.୪୨୧୮ |
| ୧୧ | ଏଜନ | ବୁର୍ଷୁ ଭୂମିଆ, ଗୁରୁ ଭୂମିଆ, ପି-ଲାଲସିଂ ଭୂମିଆ, ବା-ନିଜଗାଁ, ରଙ୍ଗିନଗୁଡା | ୪୮ | ୫୫ | ଡଙ୍ଗର-୨ | ୦.୬୫୫ | ୦.୦୭୫୮ |
| | | | | ୭୧ | ଡଙ୍ଗର-୨ | ୦.୯୦୨ | ୦.୮୫୩୧ |
| | | | | ୭୨ | ଧାନ-୧ | ୦.୬୨୦ | ୦.୬୨୦ |
| | | | | ୭୮ | ଧାନ-୧ | ୧.୯୦୦ | ୧.୫୩୭୪ |
| ୧୨ | ଏଜନ | ବୃହସ୍ପତି ନାୟକ, ପି-ସମୁନ୍ଦୁ ନାୟକ, ଜା-ଭୂମିଆ, ବା-ଚାଉଲମେଦି | ୫୦ | ୧୬୧ | ଧାନ-୨ | ୩.୦୮୮ | ୩.୦୮୮୮ |
| ୧୩ | ଏଜନ | ରାମଚନ୍ଦ୍ର ନାୟକ, ପି-ଅର୍ଜୁନ ନାୟକ, ଜା-ଭୂମିଆ, ବା-କାଟିଗୁଡା | ୬୩ | ୬୨୦ | ଧାନ-୧ | ୦.୮୯୦ | ୦.୮୧୬୪ |
| ୧୪ | ଏଜନ | ରୁପଧର ଖରା, ପି-ସୁନାଧର ଖରା, ଜା-ଡମ, ବା-ନିଜଗାଁ | ୬୭ | ୬୪୮ | ଧାନ-୧ | ୨.୬୦୨ | ୦.୫୩୮୩ |
| | | | | ୬୩୪ | ଧାନ-୨ | ୦.୨୦୦ | ୦.୧୪୦୮ |
| | | | | ୬୩୩ | ଧାନ-୨ | ୦.୨୦୦ | ୦.୨୦୦ |
| ୧୫ | ଏଜନ | ଲଇଖଣ ନାଏକ, କୁସୁମା ନାଏକ, ଗଙ୍ଗାଦେଇ ନାଏକ, ପି-ରାମସୁନ୍ଦର ନାଏକ,ମୁକୁତା ନାଏକ, ସ୍ୱା-ରାମ ସୁନ୍ଦର ନାଏକ, ଲଛମନ ନାଏକ, ଭାଗିରଥୀ ନାଏକ, ପି-ନରସିଂ ନାଏକ, ଜା-ଭୂମିଆ, ବା-ନିଜଗାଁ | ୬୮ | ୬୦୬ | ଧାନ-୨ | ୦.୦୪୦ | ୦.୦୨୦୦ |
| | | | | ୬୦୫ | ଧାନ-୨ | ୦.୨୨୦ | ୦.୦୦୮୧ |
| ୧୬ | ଏଜନ | ଲଇଖଣ ଚଲାଣ, ପି-ଅର୍ଜୁନ ଚଲାଣ, ଜା-ଭୂମିଆ, ବା-ନିଜଗାଁ | ୭୦ | ୫୫୮ | ଘରବାରି | ୦.୧୩୧ | ୦.୦୯୬୮ |
| ୧୭ | ଏଜନ | ଲଇଖଣ ଚାଲାଣ, ବୁଦ୍ରା ଚାଲାଣ, ପି-ଅର୍ଜୁନ ଚାଲାଣ, ଜା-ଭୂମିଆ, ବା-ନିଜଗାଁ | ୭୧ | ୫୫୭ | ଡଙ୍ଗର-୧ | ୦.୩୦୯ | ୦.୩୦୮୫ |
| | | | | ୪୨୮ | ଡଙ୍ଗର-୨ | ୦.୭୧୯ | ୦.୭୧୯୦ |
| ୧୮ | ଏଜନ | ଲଇଖଣ ଭୂମିଆ, ଜଗନ୍ନାଥ ଭୂମିଆ, ପି-ଚକ୍ର ଭୂମିଆ, ଜା-ଭୂମିଆ, ବା-ନିଜଗାଁ | ୭୨ | ୧୬୩ | ଧାନ-୨ | ୦.୨୦୦ | ୦.୧୬୫୨ |
| ୧୯ | ଏଜନ | ଲକ୍ଷ୍ମୀଧର ବଟେ, ପି-ମୁକୁନ୍ଦ ବଟେ, ଜା-ଭୂମିଆ, ବା-ନିଜଗାଁ | ୭୩ | ୬୨୧ | ଧାନ-୧ | ୧.୯୩୨ | ୦.୩୪୫୦ |
| ୨୦ | ଏଜନ | ଲଛମନ ଦଳାଇ, ପି-ରାମଚନ୍ଦ୍ର ଦଳାଇ, ଜା-ଡମ, ବା-ପାଙ୍ଗାମ | ୭୪ | ୭୬ | ଧାନ-୧ | ୦.୪୯୯ | ୦.୪୪୦୯ |
| | | | | ୧୬୬ | ଧାନ-୧ | ୦.୩୨୧ | ୦.୩୨୧୨ |
| ୨୧ | ଏଜନ | ଲଛମନ ନାଏକ, ଭାଗିରଥି ନାଏକ, ସମନ୍ଦ ନାଏକ, ପି-ନରସିଂ ନାଏକ, ଲଇଖଣ ନାଏକ, କୁଶୁମା ନାଏକ, ଗଙ୍ଗାଦେଇ ନାଏକ, ପି-ରାମଚନ୍ଦ୍ର ନାଏକ, ମୁକ୍ତା ନାଏକ, ସ୍ୱା-ରାମଚନ୍ଦ୍ର ନାଏକ, ଜା-ଭୂମିଆ, ବା-ନିଜଗାଁ | ୭୫ | ୬୦୧ | ଧାନ-୧ | ୦.୯୬୪ | ୦.୦୪୦୫ |
| ୨୨ | ଏଜନ | ଲଛମି ଧର ମଲ୍ଲି, ପି-ବୁର୍ଷୁ ମୁଣ୍ଡା ମଲ୍ଲି, ଜା-ଭୂମିଆ, ବା-ଚାଉଲମେଦି | ୭୬ | ୬୪୦ | ଧାନ-୧ | ୧.୨୦୧ | ୦.୮୬୪୫ |
| ୨୩ | ଏଜନ | ସନାଦର ବଟେ, ପି-ହରି ବଟେ, ଗୁରୁବାରି ବଟେ, ସ୍ୱା-ହରି ବଟେ, ଜା-ଭୂମିଆ, ବା-ନିଜଗାଁ ଗୁଡା ଘେନା ଗୁଡା | ୭୮ | ୨୯୦ | ଧାନ-୧ | ୧.୫୮୧ | ୦.୧୫୬୭ |
| ୨୪ | ଏଜନ | ସନ୍ୟା ବଟେ, ରାମ ବଟେ, ସନା ବଟେ, ପି-ଅର୍ଜୁନ ବଟେ, ଜା-ଭୂମିଆ, ବା-ନିଜଗାଁ | ୭୯ | ୨୯୨ | ଧାନ-୧ | ୧.୭୩୦ | ୦.୮୨୬୭ |
| | | | | ୨୯୩ | ଧାନ-୧ | ୧.୦୬୦ | ୦.୯୧୫୧ |
| ୨୫ | ଏଜନ | ସମାରୁ ବଟେ, ଭଲା ବଟେ, ଲଳିତା ବଟେ, ପି-ବୁରୁଷୁ ବଟେ, ସନି ବଟେ, ସ୍ୱା-ବୁରୁଷୁ ବଟେ, ସମ୍ବାରୁ ବଟେ, ଅଦି ବଟେ, ପି-ସନ୍ୟାସି ବଟେ, ସନାଦି ବଟେ, ସ୍ୱା-ସନ୍ୟା ବଟେ ସୁକ୍ରି ବଟେ, ବିମଳା ବଟେ, ପି-ମତିସିଂ ବଟେ, ବଳା ବଟେ, ସ୍ୱା-ମତିସିଂ ବଟେ, ବନ୍ଧୁ ବଟେ, ପି-ଗଙ୍ଗାଧର ବଟେ, ଜା-ଭୂମିଆ, ବା-ଖଲିଆଗୁଡା | ୮୩ | ୧୮୬ | ଧାନ-୨ | ୧.୬୮୦ | ୦.୬୨୮୫ |
| ୨୬ | ଏଜନ | ହର ବଟେ, ପି-ତିଳ ବଟେ, ରଘୁନାଥ ବଟେ, ମଙ୍ଗଳା ବଟେ, ପି-ସନା ବଟେ, ରଘୁନାଥ ବଟେ, ସମ୍ବଳ ବଟେ, ବଳରାମ ବଟେ, ପି-ଚୈତନ୍ୟ ବଟେ, ଜା-ଭୂମିଆ,ବା-ନିଜଗାଁ | ୯୩ | ୧୮୨ | ଧାନ-୨ | ୦.୯୮୮ | ୦.୯୨୬୦ |
| | | | | ୨୯୯ | ଧାନ-୧ | ୧.୬୯୦ | ୦.୫୬୭୦ |
| ୨୭ | ଏଜନ | ହରି ଭୂମିଆ, ପି-ଅର୍ଜୁନ ଭୂମିଆ, ଜା-ଭୂମିଆ, ବା-ନିଜଗାଁ | ୯୪ | ୬୩୦ | ଧାନ-୧ | ୧.୫୮୧ | ୦.୨୪୯୨ |
| ୨୮ | ଏଜନ | ହରିପଦ ସାହା, ପି-ଦିଗାମ୍ବର ସାହା, ଜା-ବୈଶ୍ୟ, ବା-ପାଙ୍ଗାମ | ୯୫ | ୬୩୯ | ଧାନ-୧ | ୧.୩୧୨ | ୧.୦୧୦୮ |
| ୨୯ | ଏଜନ | ସନିଆ ଗଡିଙ୍ଗି, ପି-ମଙ୍ଗଳା ଗଡିଙ୍ଗି, ସମ୍ବାରି ଗଡିଙ୍ଗି, ସ୍ୱା-ସନିଆ ଗଡିଙ୍ଗି, ଜା-ଭୂମିଆ, ବା-ବୋଡାଗୁଡା | ୯୮/୧୫ | ୫୫୪ | ଡଙ୍ଗର-୧ | ୧.୯୦୩ | ୦.୪୨୧୮ |
| ୩୦ | ଏଜନ | ଚୈତନ ଜାଲି, ପି-ନରସିଂହ ଜାଲି, ଜା-ଭୂମିଆ, ବା-ଚାଉଲମେଦି | ୯୮/୫୧ | ୬୦୨ | ଧାନ-୨ | ୧.୮୨୧ | ୦.୭୪୧୦ |
| ୩୧ | ଏଜନ | ବନ୍ଧୁ ମଲ୍ଲି, ପି-ଲଛମି ମଲ୍ଲି, ଜା-ଭୂମିଆ, ବା-ମଲ୍ଲିଗୁଡା | ୯୮/୫୯ | ୬୩୫ | ଧାନ-୧ | ୧.୯୨୦ | ୦.୫୨୧୧ |
| ୩୨ | ଏଜନ | ଆମ୍ବି ଖରା, ପି-ରଘୁ ଖରା, ଜା-କନ୍ଧ, ବା-ପୋଡାଗୁଡା | ୯୮/୬ | ୬୪୩ | ଧାନ-୧ | ୧.୫୮୧ | ୦.୦୨୩୧ |
| ୩୩ | ଏଜନ | ନରସିଂହ ଚାଲାଣ, ପି-ବଳରାମ ଚାଲାଣ, ଜା-ଭୂମିଆ,ବା-ବୋଡାଗୁଡା | ୯୮/୬୮ | ୫୫୯/୧୦୪୨ | ଘରବାରି | ୦.୦୪୦ | ୦.୦୩୯୫ |
| ୩୪ | ଏଜନ | ମଙ୍ଗଳା ଚାଲାଣ, ପି-ନରସିଂ ଚାଲାଣ,ଜା-ଭୂମିଆ,ବା-ନିଜଗାଁ | ୧୧୦ | ୧୬୨ | ଜଙ୍ଗଲ | ୧.୨୨୧ | ୦.୪୬୯୫ |
| ୩୫ | ଏଜନ | ସମଲା ଚାଲାଣ,ସ୍ୱା-ଉଦ୍ଧବ ଚାଲାଣ,ଜା-ଭୂମିଆ, ବା-ନିଜଗାଁ | ୧୦୯ | ୧୬୪/୦୨ | ଜଙ୍ଗଲ | ୦.୩୭୦ | ୦.୩୭୦୬ |
| ୩୬ | ଏଜନ | ଜଗନ୍ନାଥ ଭୂମିଆ, ପି-ଚକ୍ର ଭୂମିଆ, ଜା-ଭୂମିଆ, ବା-ନିଜଗାଁ | ୧୧୧ | ୧୬୪/୦୧ | ଜଙ୍ଗଲ | ୧.୦୦୦ | ୧.୦୦୦ |
| ୩୭ | ଏଜନ | ସମଲା ଚାଲାଣ, ସ୍ୱା-ଉଦ୍ଧବ ଚାଲାଣ, ଜା-ଭୂମିଆ, ବା-ନିଜଗାଁ | ୧୦୦ | ୧୬୫ | ଜଙ୍ଗଲ | ୦.୧୯୩ | ୦.୧୯୨୭ |
| ୩୮ | ଏଜନ | ରାମକୃଷ୍ଣ ଚାଲାଣ, ପି-ନରସିଂହ ଚାଲାଣ, ଜା-ଭୂମିଆ,ବା-ନିଜଗାଁ | ୧୦୭ | ୧୭୦/୦୧ | ଜଙ୍ଗଲ | ୧.୩୮୩ | ୧.୩୮୩୭ |
| ୩୯ | ଏଜନ | ରାମକୃଷ୍ଣ ଚାଲାଣ, ପି-ନରସିଂହ ଚାଲାଣ, ଜା-ଭୂମିଆ,ବା-ନିଜଗାଁ | ୧୦୦ | ୧୭୫/୧ | ଜଙ୍ଗଲ | ୧.୩୮୩ | ୦.୬୯୧୮ |
| ୪୦ | ଏଜନ | ରାମକୃଷ୍ଣ ଚାଲାଣ, ପି-ନରସିଂହ ଚାଲାଣ, ଜା-ଭୂମିଆ,ବା-ନିଜଗାଁ | ୧୦୦ | ୧୭୮/୦୧ | ଜଙ୍ଗଲ | ୩.୦୧୪ | ୦.୦୮୮୯ |
| ୪୧ | ଏଜନ | ନାରାୟଣ ବଟେ, ପି-ବୁରୁଷୁ ବଟେ, ଜା-ଭୂମିଆ,ବା-ନିଜଗାଁ | ୧୦୫ | ୬୧୬/୦୨ | ଜଙ୍ଗଲ | ୧.୨୩୧ | ୦.୫୯୩୦ |
| ୪୨ | ଏଜନ | ଭରତ ବଟେ, ପି-ଜଗନ୍ନାଥ ବଟେ, ଜା-ଭୂମିଆ, ବା-ନିଜଗାଁ | ୧୦୪ | ୬୧୬/୦୧ | ଜଙ୍ଗଲ | ୧.୨୨୮ | ୦.୨୮୦୮ |
| ୪୩ | ଏଜନ | ଟମ୍ପୁ ଚାଲାଣ, ପି-ସମନ୍ଧ ଚାଲାଣ, ଜା-ଭୂମିଆ, ବା-ନିଜଗାଁ | ୧୦୬ | ୪୩୮/୦୨ | ଜଙ୍ଗଲ | ୦.୪୩୨ | ୦.୦୧୪୧ |
| ୪୪ | ଏଜନ | ସମଦ ଚାଲାଣ, ପି-ଶଶି ଚାଲାଣ, ଜା-ଭୂମିଆ, ବା-ନିଜଗାଁ | ୧୦୮ | ୪୩୧/୦୧ | ଜଙ୍ଗଲ | ୦.୪୧୫ | ୦.୦୬୯୧ |
| | | | | ମୋଟ | | ୬୪.୪୯୮ | ୩୪.୯୫୩ |

OIPR-24074/14/0018/2526

**ଜନ୍ମଦିନର ଶୁଭେଚ୍ଛା**

ନାମ: .................................

ବୟସ:.................................

ଜନ୍ମ ତାରିଖ: ..............................



ଗୁନ୍‌ଗୁନ୍
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।

# ଓଡ଼ିଶା ଦିବ୍ୟାଙ୍ଗ କ୍ରିକେଟ ଦଳ ଘୋଷିତ



ପୂର୍ବାଞ୍ଚଳ କ୍ରିକେଟ ପ୍ରତିଯୋଗିତା ଲାଗି ମନୋନୀତ ଓଡ଼ିଶା ଦିବ୍ୟାଙ୍ଗ କ୍ରିକେଟ ଦଳ।

**ଭୁବନେଶ୍ୱର, ୨୫।୧୨ (ତପନ ସ୍ୱାଇଁ)**

କୋଲକାତାଠାରେ ଗୁରୁବାରଠାରୁ ପୂର୍ବାଞ୍ଚଳ ଦିବ୍ୟାଙ୍ଗ କ୍ରିକେଟ ପ୍ରତିଯୋଗିତା ଆରମ୍ଭ ହୋଇଛି। ଏଥିରେ ଓଡ଼ିଶା, ବିହାର, ଝାଡଖଣ୍ଡ ଓ ପଶ୍ଚିମ ବଙ୍ଗ ଦଳ ଅଂଶଗ୍ରହଣ କରୁଛନ୍ତି। ଏହି ପ୍ରତିଯୋଗିତାରେ ଅଂଶଗ୍ରହଣ ଲାଗି ଓଡ଼ିଶା ଦଳ କୋଲକାତା ଯାତ୍ରା କରିଛି। ରାଖାଲ କୁମାର ସେଠୀ ଦଳର ଅଧିନାୟକ ମନୋନୀତ ହୋଇଛନ୍ତି। ଓଡ଼ିଶା କ୍ରିକେଟ ଆସୋସିଏଶନ ଫର ଫିଜିକାଲି ଚ୍ୟାଲେଞ୍ଜ୍‌ଡ ଚାରିଟେବଲ ଟ୍ରଷ୍ଟ ସଭାପତି ତନୁଜା ମହାନ୍ତି, ସମ୍ପାଦକ ବେଲା ଜୟ ସ୍ୱାଲ ଏବଂ ଅନ୍ୟ କର୍ମକର୍ତ୍ତା ଦଳକୁ ଶୁଭେଚ୍ଛା ଜଣାଇଛନ୍ତି। **ଓଡ଼ିଶା ଦିବ୍ୟାଙ୍ଗ କ୍ରିକେଟ ଦଳ:** ରାଖାଲ କୁମାର ସେଠୀ (ଅଧିନାୟକ), ଭରତ ଚେତନ ପଣ୍ଡା, ଦେବେନ୍ଦ୍ର ମେହେର, ସୋମନାଥ ଦାସ, ଅକ୍ଷୟ କୁମାର ସାହୁ, ଜଗଜୀତ ମହାନ୍ତି, ରାଜେଶ ପ୍ରଧାନ, ମହମ୍ମଦ ସୋହେଲ ଖାଁ, ବଳରାମ ବସ୍ତିଆ, ମୁନା ମହାପାତ୍ର, ବିକାଶ ହାତୀ, ପ୍ରଫୁଲ୍ଲ ତରେଇ, ସାଇ ନୃସିଂହ ପାଢ଼ୀ, ଓମ୍ ପ୍ରକାଶ ସାହୁ, ଅଭିଷେକ ଶୁକ୍ଳା।

**TO-LET**

A 5000 SFT 1st Floor Morden Office Premises available for long term rent at Main Road, Mancheswar Industrial Estate, Bhubaneswar. Plug & Play with all facilities like 5 Glass Cabins, Conference Hall, 40 Seat Capacity Hall, AC, Ceiling Lights, with well finished corporate style, ready to move office. Suitable for Elite business houses, Corporates/IT companies. Lift facility can be arranged.

**Contact No.: 9437011130**
Email: malla@magnum-india.com

# ପୂର୍ବାଞ୍ଚଳ ବାଳିକା ହକି: ଓଡ଼ିଶା ଚାମ୍ପିୟନ

**ଭୁବନେଶ୍ୱର, ୨୫।୧୨ (ତପନ ସ୍ୱାଇଁ)**

ଗୁଆହାଟୀର ମହମ୍ମଦ ତୟବୁଲ୍ଲା ହକି ଷ୍ଟାଡିୟମରେ ଅନୁଷ୍ଠିତ ଅସ୍ମିତା ପୂର୍ବାଞ୍ଚଳ ସବ୍‌ଜୁନିୟର ବାଳିକା ହକି ଲିଗ୍‌ରେ ଓଡ଼ିଶା ଚାମ୍ପିୟନ ହୋଇଛି। ଗୁରୁବାର ଅନୁଷ୍ଠିତ ସଂଘର୍ଷପୂର୍ଣ୍ଣ ଫାଇନାଲରେ ଓଡ଼ିଶା ୪-୩ ଗୋଲରେ ମିଜୋରାମକୁ ପରାସ୍ତ କରିଛି। ଓଡ଼ିଶା ପକ୍ଷରୁ ଅସୀମା ଏକ୍କା ୨୩ ଓ ୫୩ତମ ମିନିଟରେ ୨ଟି ଏବଂ ଅଧିନାୟିକା ସଞ୍ଜନା କିରୋ ୨୩ ଓ କିରଣ ଏକ୍କା ୪୩ତମ ମିନିଟରେ ଗୋଟିଏ ଲେଖାଏ ଗୋଲ ଦେଇଥିଲେ। ମିଜୋରାମ ପକ୍ଷରୁ କେ. ଭାନଲାଲପେକି ୨ଟି ଓ ଅଧିନାୟିକା ଭାନଲାଲରିନଲୁଇ ଗୋଟିଏ ଗୋଲ ପରିଶୋଧ କରିଥିଲେ। ଫ୍ଲୋରେନ୍ସିଆ ଏକ୍କା ଓଡ଼ିଶା ଦଳର କୋଚ୍ ଓ ରେସମା ଲାକ୍ରା ମ୍ୟାନେଜର ଥିଲେ। ପ୍ରକାଶଯୋଗ୍ୟ, ଓଡ଼ିଶା ଏହି ପ୍ରତିଯୋଗିତାରେ ତ୍ରିପୁରାକୁ ୫୦-୦ରେ ହରାଇ ଅଭିଯାନ ଆରମ୍ଭ କରିଥିବାବେଳେ ପରବର୍ତ୍ତୀ ୨ଟି ଲିଗ୍ ମ୍ୟାଚରେ ଯଥାକ୍ରମେ ଆସାମକୁ ୧୪-୧ ଓ ମିଜୋରାମକୁ ୫-୧ ଗୋଲରେ ହରାଇ ଦେଇଥିଲା। ଚାମ୍ପିୟନ ଓଡ଼ିଶା ବାଳିକା ଦଳକୁ ହକି ଇଣ୍ଡିଆ ସଭାପତି ଦିଲୀପ ତିର୍କୀ, ହକି ଆସୋସିଏଶନ ଅଫ୍ ଓଡ଼ିଶା ସମ୍ପାଦକ ସନାତନ ସାହୁ ଓ ଅନ୍ତର୍ଜାତୀୟ ହକି ଟେକ୍ନିକାଲ ଅଫିସିଆଲ ନିଶାନଜ୍ୟୋତି ମହାନ୍ତି ଅଭିନନ୍ଦନ ଜଣାଇଛନ୍ତି।




ଅସ୍ମିତା ପୂର୍ବାଞ୍ଚଳ ସବ୍‌ଜୁନିୟର ବାଳିକା ହକି ଲିଗ୍‌ରେ ଚାମ୍ପିୟନ ଓଡ଼ିଶା ଦଳ ଅତିଥିଙ୍କ ଗହଣରେ।

# ମୁମ୍ବାଇ ସିଟି ଏଫ୍‌ସିଠାରୁ ଅଲଗା ହେଲା ସିଟି ଗ୍ରୁପ୍

**ନୂଆଦିଲ୍ଲୀ, ୨୫।୧୨**

ଇଣ୍ଡିଆନ ସୁପର ଲିଗ୍ (ଆଇଏସ୍‌ଏଲ୍)ର ଭବିଷ୍ୟତକୁ ନେଇ ଅନିଶ୍ଚିତତା ଲାଗି ରହିଥିବା ବେଳେ ଇଂଲିଶ ପ୍ରିମିୟର ଲିଗ୍ କ୍ଲବ ମାଞ୍ଚେଷ୍ଟର ସିଟି ସମେତ ବିଶ୍ୱର ଅନେକ ଶୀର୍ଷ ସ୍ତରର କ୍ଲବର ମାଲିକାନା ରଖିଥିବା ସିଟି ଫୁଟବଲ ଗ୍ରୁପ ମୁମ୍ବାଇ ସିଟି ଏଫ୍‌ସି ସହ ସମ୍ପର୍କ ଛିନ୍ନ କରିଛି। ସିଟି ଗ୍ରୁପ୍ ୨୦୧୯ରେ ମୁମ୍ବାଇ ସିଟି ଏଫ୍‌ସିର ୬୫ ପ୍ରତିଶତ ଅଂଶ ଅଧିଗ୍ରହଣ କରିଥିଲା। ମୁମ୍ବାଇ କ୍ଲବ ଆଇଏସ୍‌ଏଲ୍ ଇତିହାସର ଅନ୍ୟତମ ସଫଳ କ୍ଲବ। ଏହି କ୍ଲବ ଦୁଇ ଥର ଶିଲ୍ଡ ଓ ଦୁଇ ଥର ଆଇଏସ୍‌ଏଲ୍ କପ ଜିତିଛି। ସିଟି ଫୁଟବଲ ଗ୍ରୁପ ସମ୍ପର୍କ ଛିନ୍ନା କରିଥିବାରୁ ମୁମ୍ବାଇ ସିଟି ଏଫ୍‌ସି କ୍ଲବର ମାଲିକାନା ବଲିଉଡ୍ ଷ୍ଟାର ରଣବୀର କପୁର ଓ ବ୍ୟବସାୟୀ ବିମଳ ପାରେଖଙ୍କ ପାଖକୁ ଫେରିଯାଇପାରେ।

# ବିଗ୍ ଅରେଞ୍ଜ୍ ବାଶ୍ ବାସ୍କେଟବଲ୍ ଲିଗ୍ ଉଦ୍‌ଯାପିତ




୧୪ ବର୍ଷରୁ ଉର୍ଦ୍ଧ୍ୱ ବର୍ଗରେ ଚାମ୍ପିୟନ ଗ୍ଲୋବାଲ ଫିଜିଓ ସେଲ୍ ଦଳର ଖେଳାଳିମାନେ ଅତିଥିଙ୍କଠାରୁ ପୁରସ୍କାର ଗ୍ରହଣ କରୁଛନ୍ତି।

**ଭୁବନେଶ୍ୱର, ୨୫।୧୨ (ବିଜୟ ରଣା)**

ଶିକ୍ଷା ଓ ଅନୁସନ୍ଧାନ ଆନୁକୂଲ୍ୟରେ (ସୋଆ) ଡ୍ରିମ୍ସ ଟୁ ବି ବିଶ୍ୱବିଦ୍ୟାଳୟର ବସ୍କେଟବଲ୍ କୋର୍ଟ ବିଗ୍ ଅରେଞ୍ଜ ବାଶ୍ ୩X୩ ବାସ୍କେଟବଲ୍ ଲିଗ୨୦୨୫ ସଫଳତାର ସହିତ ସମ୍ପନ୍ନ ହୋଇଛି। ଏହି ଟୁର୍ନମେଣ୍ଟକୁ ରାଜ୍ୟ ସରକାରଙ୍କ କ୍ରୀଡ଼ା ଓ ଯୁବ ସେବା ବିଭାଗ ଏବଂ ଓଡ଼ିଶା ବାସ୍କେଟବଲ୍ ସଂଘ ତରଫରୁ ସହଯୋଗ ଓ ସହାୟତା କରାଯାଇଥିଲା। ୩X୩ ବାସ୍କେଟବଲ୍ ଲିଗ୍‌ର ୪ଟି ଶ୍ରେଣୀରେ ୪୪ଟି ଦଳର ୧୭୬ ଦଳ ଅଂଶଗ୍ରହଣ କରିଥିଲେ। ଏହି ଉପଲକ୍ଷେ ଆୟୋଜିତ ଉଦ୍‌ଯାପନୀ ଉତ୍ସବରେ ସୋଆ ବିଶ୍ୱ ବିଦ୍ୟାଳୟର ଡିନ୍ ତଥା ଷ୍ଟୁଡେଣ୍ଟ ୱେଲ୍‌ଫେୟାର ପ୍ରଫେସର ଡା. ଜ୍ୟୋତିରଞ୍ଜନ ଦାସ, ଆଇବିସିଏସ୍ ଡିନ୍ ପ୍ରଫେସର ଡା. ଆୟସକାନ୍ତ ମହାନ୍ତି ଓ ସିନିୟର ବାସ୍କେଟ ବଲ୍ କୋଚ୍ ଅରୁଣ ମିଶ୍ର ପ୍ରମୁଖ ସମ୍ମାନିତ ଅତିଥି ଭାବେ ଉପସ୍ଥିତି ରହି ବିଜେତା ଦଳକୁ ଟ୍ରଫି ଏବଂ ନଗଦ ଆର୍ଥିକ ପୁରସ୍କାର ପ୍ରଦାନ କରିଥିଲେ।

● **୧୪ ବର୍ଷରୁ ଉର୍ଦ୍ଧ୍ୱ (ବାଳକ)**
ଚାମ୍ପିୟନ- ଟ୍ରପିଲ ଥ୍ରେଟ୍
ରନର-ଅପ୍-ଟେରିଫିକ୍ ଟେରରୀ

● **୧୪ ବର୍ଷରୁ ଉର୍ଦ୍ଧ୍ୱ (ବାଳିକା)**
ଚାମ୍ପିୟନ: ଗ୍ଲୋବାଲ ଫିଜିଓ ସେଲ୍ ବାସ୍କେଟବଲ କ୍ଲବ।
ରନରଅପ୍: ଓଡ଼ିଶା ବାସ୍କେଟବଲ ଏକାଡ଼େମୀ

● **୧୪ ବର୍ଷରୁ କମ୍ (ବାଳକ)**
**ଚାମ୍ପିୟନ:** ଦି କିଙ୍ଗ୍; ରପର ଅପ୍-ଟାଇଗଲ 'ଏ'।

● **୧୪ ବର୍ଷରୁ କମ୍ (ବାଳିକା)**
ଚାମ୍ପିୟନ-ଏମ୍‌ପିଏସ୍
ରନରଅପ୍- ଓଡ଼ିଶା ବାସ୍କେଟବଲ୍ ଏକାଡ଼େମୀ

# ଶ୍ରେୟସଙ୍କ ବ୍ୟାଟିଂ ଅଭ୍ୟାସ ଆରମ୍ଭ

**ବେଙ୍ଗାଲୁରୁ, ୨୫।୧୨**

ଭାରତର ଦିନିକିଆ ଉପ ଅଧିନାୟକ ଶ୍ରେୟସ ଆୟାର ଅଷ୍ଟ୍ରେଲିଆ ବିପକ୍ଷ ଦିନିକିଆ ସିରିଜ୍‌ରେ ଆହତ ହେବା ପରେ ପ୍ରଥମ ଥର ପାଇଁ ବ୍ୟାଟିଂ ପ୍ରାକ୍ଟିସ କରିଛନ୍ତି। ସେ ଏବେ ପ୍ରତିଦ୍ୱନ୍ଦ୍ୱିତାମୂଳକ କ୍ରିକେଟକୁ ଫେରିବା ପାଇଁ ପ୍ରସ୍ତୁତ ହେଉଛନ୍ତି। ମିଳିଥିବା ସୂଚନା ମୁତାବକ, ଶ୍ରେୟସ ବିନା କୌଣସି ଅସୁବିଧାରେ ଏକ ଘଣ୍ଟା ଧରି ବ୍ୟାଟିଂ କରିଥିଲେ ଏବଂ ସେ ଏବେ ବେଙ୍ଗାଲୁରୁସ୍ଥିତ ବିସିସିଆଇ ସେଣ୍ଟର ଅଫ୍ ଏକ୍ସିଲେନ୍ସ(ସିଓଇ)ରେ ଯୋଗଦେବାକୁ ଯାଉଛନ୍ତି। ଗତ ଅକ୍ଟୋବରରେ ଅଷ୍ଟ୍ରେଲିଆ ବିପକ୍ଷ ମ୍ୟାଚ୍‌ରେ ଶ୍ରେୟସଙ୍କର ପିଞ୍ଜରାରେ ଆଘାତ ଲାଗିଥିଲା। ଏଥିଯୋଗୁ ସେ ଦକ୍ଷିଣ ଆଫ୍ରିକା ବିପକ୍ଷ ଦିନିକିଆ ସିରିଜ୍ ଓ ପୂରା ସୟଦ ମୁସ୍ତାକ ଅଲୀ ଟି୨୦ ଟୁର୍ନାମେଣ୍ଟରୁ ବାଦ୍ ପଡ଼ିଥିଲେ। କିନ୍ତୁ ୩୧ ବର୍ଷୀୟ ବ୍ୟାଟର ବିଜୟ ହଜାରେ ଟ୍ରଫି ଜରିଆରେ ପ୍ରତିଦ୍ୱନ୍ଦ୍ୱିତାମୂଳକ କ୍ରିକେଟକୁ ଫେରିବେ ବୋଲି ଆଶା କରାଯାଉଛି। ଜଣେ ବିସିସିଆଇ ଅଧିକାରୀ କହିଛନ୍ତି ଯେ, ଶ୍ରେୟସ ଇଞ୍ଜୁରି କାରଣରୁ ଅନେକ ପ୍ରତିଦ୍ୱନ୍ଦ୍ୱିତାମୂଳକ କ୍ରିକେଟ୍ ମିସ କରିଛନ୍ତି। ସେ ଏବେ ବିନା ଯନ୍ତ୍ରଣାରେ ପ୍ରାକ୍ଟିସ କରିବା ଏକ ଭଲ ସଙ୍କେତ। କିନ୍ତୁ ତାଙ୍କ ପାଇଁ ନ୍ୟୁଜିଲାଣ୍ଡ ବିପକ୍ଷ ସିରିଜ୍ ଲାଗି ଭାରତୀୟ ଦଳକୁ ଫେରିବା କଷ୍ଟକର ହେବ। ମାତ୍ର ଚଳିତ ବିଜୟ ହଜାରେ ଟ୍ରଫିର ପରବର୍ତ୍ତୀ ପର୍ଯ୍ୟାୟରେ ତାଙ୍କର ଖେଳିବାର ସମ୍ଭାବନା ରହିଛି। ସେ ସମ୍ଭବତଃ ୪ରୁ ୬ ଦିନ ସିଓଇଠାରେ ବିତାଇବେ। ଏହି ସମୟ ମଧ୍ୟରେ ସେ କେବେ ଉପଲବ୍ଧ ହେବେ, ତାହା ସ୍ପଷ୍ଟ ହେବ। ସେ ଏବେ ଜିମରେ ନିୟମିତ ଟ୍ରେନିଂ କରୁଛନ୍ତି। ଏଣୁ ବର୍ତ୍ତମାନ କିଛି ଚିନ୍ତାର ବିଷୟ ନାହିଁ। କିନ୍ତୁ ସବୁକିଛି ସିଓଇର ମୂଲ୍ୟାଙ୍କନ ଉପରେ ନିର୍ଭର କରେ। ଭାରତୀୟ ଦଳ ଆସନ୍ତା ୧୧ ତାରିଖରୁ ନ୍ୟୁଜିଲାଣ୍ଡ ବିପକ୍ଷରେ ଦିନିକିଆ ସିରିଜ୍ ଖେଳିବ। ଏଥିଲାଗି ଜାନୁଆରୀ ପ୍ରଥମ ସପ୍ତାହ ତଥା ୨ କିମ୍ବା ୩ ତାରିଖରେ ଦଳ ଘୋଷଣା କରାଯିବ।

**Classified Everyday**
**0674-2580101, 9692975378**



**REAL ESTATE**

**SALE**

ସୁନ୍ଦରପଦାରେ ବାଉଣ୍ଡାରିୱାଲ ଥାଇ ଘରବାରି ପ୍ଲଟ୍ ବର୍ଗଫୁଟ ଟ2800/-ରେ ବିକ୍ରିହେବ। Loan available. Contact: 9668674258.
ଧ-୨୯୧୦

କଟକ, ଭୁବନେଶ୍ୱର ମଧ୍ୟଭାଗରେ ନିର୍ମିତ "Sum Hospital-2" ଓ Grand Bazar ସମ୍ମୁଖରେ NH-16 ଠାରୁ 1Km. ଦୂରତାରେ ଘରବାରି ପ୍ଲଟ କିଣନ୍ତୁ ଓ ନବନିର୍ମିତ କଲୋନୀ ଭିତରେ ଗୃହ ନିର୍ମାଣ କରନ୍ତୁ। ସନ୍ତୋଷ- 9438362273
D-2877

Retanga Railway Station ପାଖରେ 46000 Sqft. Yellowzone Gharabari Plot Sale ହେବ। Contact: 9778928492.
D-2888




3500sqft. Godown space available at Rasulgarh, beside Esplanade Mall, Bhubaneswar. 9040019183.
D-2777

**Email** ମାଧ୍ୟମରେ କ୍ଲାସିଫାଏଡକୁ ବିଜ୍ଞାପନ ପଠାଇବାର ଠିକଣା:-
classifieddharitri@gmail.com




All types of physiotherapy with massage, Contact number 9556924059/ 7656969134.
D-2766

**AFFIDAVIT**

I, Amarendra Guru, S/o.- Lingaraj Guru, Resident of At/P.O.- Naharakanta, P.S.- Pahala, Dist.- Khurda declare by this affidavit No. 647911 sworn before the Executive Magistrate, Bhubaneswar, dated- 15.12.2005 that my name has been wrongly inserted in my Aadhaar card vide No.- xxxx xxxx 4060 mentioned as Amrendra Guru istead of Amarendra Guru, Amarendra and Amarendra is one and same person. Henceforth, I shall be known as Amarendra Guru for all purposes.
D-2931

**ପାଠକଙ୍କ ପାଇଁ ସୂଚନା**

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

**ମନେ ପଡ଼ନ୍ତି**

ଏକଦଶାହ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି



୰ ଅଭିନବ ପ୍ରଧାନ
ଆବିର୍ଭାବ: ୨୧।୧୨।୧୯୩୩
ତିରୋଧାନ: ୧୬।୧୨।୨୦୨୫
ଆଜି ଆପଣଙ୍କ ଏକାଦଶାହ ଅବସରରେ ଆପଣଙ୍କ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ଆମେ ଶୋକାକୁଳ ପରିବାର ବିନମ୍ର ଶ୍ରଦ୍ଧାଞ୍ଜଳି ଜଣାଉଛୁ।
-:ଶୋକସନ୍ତପ୍ତ:-
ପୁଅ, ବୋହୂ, ଝିଅ, ଜ୍ୱାଇଁ, ନାତିନାତୁଣୀବୃନ୍ଦ।
D-2931

ଦ୍ୱାଦଶାହ ଉପଲକ୍ଷେ



୰ ଚିତ୍ତ ରଂଜନ ପାଲ୍
ଶୀର୍ଷା, ମୟୂରଭଞ୍ଜ
ଆବିର୍ଭାବ: ୧୫।୦୩।୧୯୩୬
ତିରୋଧାନ: ୧୫।୧୨।୨୦୨୫
ଆପଣଙ୍କ ପବିତ୍ର ଅମର ଆତ୍ମାର ଶାନ୍ତି ଓ ସଦ୍‌ଗତି ନିମନ୍ତେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଶ୍ରୀଚରଣରେ ବିନମ୍ର ପ୍ରାର୍ଥନା କରୁଅଛୁ।
-:ଶୋକସନ୍ତପ୍ତ:-
ପାଲ୍ ପରିବାରବର୍ଗ ଓ ଆତ୍ମୀୟସ୍ୱଜନ
D-2932

ଦ୍ୱାଦଶାହ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି
ନୈନଂ ଛିନ୍ଦନ୍ତି ଶସ୍ତ୍ରାଣି ନୈନଂ ଦହତି ପାବକଃ।
ନ ଚୈନଂ କ୍ଳେଦୟନ୍ତ୍ୟାପୋ ନ ଶୋଷୟତି ମାରୁତଃ ॥



୰ ଗଙ୍ଗା ଦେବୀ
ମାଁସଡା, ବିଞ୍ଝାରପୁର, ଯାଜପୁର
ଆବିର୍ଭାବ- ୦୫।୧୦।୧୯୩୦
ତିରୋଧାନ- ୧୫।୧୨।୨୦୨୫
ବୋଉଲୋ, ତୁ ଆମକୁ ଏମିତି ଛାଡ଼ି ଚାଲିଯିବୁ ବୋଲି ବିଶ୍ୱାସ ହେଉନି। ତୋର ଅନୁପସ୍ଥିତିକୁ ପ୍ରତିଟି ମୁହୂର୍ତ୍ତରେ ଆମ୍ଭେ ଅନୁଭବ କରୁଛୁ। ଭୁଲିହେଉନି ତୋର ବାତ୍ସଲ୍ୟ ମମତା,ସ୍ନେହ,ଶ୍ରଦ୍ଧା ତ୍ୟାଗ। ତୋର କରୁଣର ଆଶୀର୍ବାଦ ଆମ ପାଇଁ ଚିର ପାଥେୟ ହେଉ। ତୋର ଅମର ଆତ୍ମାର ଶାନ୍ତି ଓ ସଦ୍‌ଗତି ନିମନ୍ତେ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା କରୁଛୁ।
ହତଭାଗ୍ୟ ପୁତ୍ର- ସୁଶାନ୍ତ, ପୁତ୍ରବଧୂ- ସ୍ନେହଲତା, ଶାନ୍ତିଲତା, ସୁନନ୍ଦା, ପୁତୁରା- ଦିଲୀପ, ଝିଅ- ହରପ୍ରିୟା, ବିଷ୍ଣୁପ୍ରିୟା, ଉର୍ବଶୀ, ଜ୍ୱାଇଁ- ସୀତାରାମ,ଦାମୋଦର, ନାତି- ପ୍ରତୀକ, ସ୍ୱସ୍ତିକ, ଗିରିଜା,ବିରଜା, ନାତୁଣୀ- ପଲ୍ଲବୀ, ଅନନ୍ୟା, ସ୍ୱୟଂସିଦ୍ଧା,ସୋନାଲୀ, ନାତୁଣୀଜ୍ୱାଇଁ- ଦକ୍ଷପ୍ରସାଦ, ଗୋପୀନାଥ, କାଳନ୍ଦୀ, ବନ୍ଧୁ ଓ ପରିବାରବର୍ଗ।
D-2933

ଦ୍ୱାଦଶାହ ଉପଲକ୍ଷେ



୰ପ୍ରଳୟ କୁମାର ମିଶ୍ର
(ଗୌଡ଼ସାହି, ବିଂଝାରପୁର, ଯାଜପୁର)
ଆବିର୍ଭାବ- ୧୦।୦୬।୧୯୮୨
ତିରୋଧାନ- ୧୫।୧୨।୨୦୨୫
ତୁମ ଅମ୍ଳାନ ସ୍ମୃତିକୁ ଚିରଦିନ ସାଇତି ରଖିଥିବୁ। ଈଶ୍ୱର ତୁମର ଅମର ଆତ୍ମାର ସଦ୍‌ଗତି କରନ୍ତୁ ଏତିକି ପ୍ରାର୍ଥନା।
-:ଶୋକସନ୍ତପ୍ତ:-
ମା, ବାପା, ସହଧର୍ମିଣୀ, କନ୍ୟା, ପୁତ୍ର, ଭାଇ, ଭାଉଜ, ଭଉଣୀ, ଭିଣୋଇ, ଜ୍ଞାତି, କୁଟୁମ୍ବ, ସଖା, ବନ୍ଧୁ ଓ ପରିବାର।
D-2934

ଧରିତ୍ରୀ DHARITRI
**Scan & Pay**
ଧରିତ୍ରୀ କ୍ଲାସିଫାଏଡ୍ ବିଜ୍ଞାପନ ବାବଦୀୟ ଦେୟକୁ ନିମ୍ନପ୍ରଦତ୍ତ **QR Code** ସ୍କାନ୍ କରି ଯେକୌଣସି **UPI App** ମାଧ୍ୟମରେ ସହଜରେ ପୈଠ କରନ୍ତୁ।
Q199723846@ybl | T&C Apply
BHIM BHARAT INTERFACE FOR MONEY | UPI UNIFIED PAYMENTS INTERFACE
ଦେୟ ପୈଠ ହେଲାପରେ ରସିଦ୍‌ର Screenshotକୁ
classifieddharitri@gmail.com
ରେ ଇମେଲ୍ କରନ୍ତୁ।

ଦଶାହ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି



୰ଡଃ ଶୈଳ କୁମାରୀ ଦେବୀ
ଆବିର୍ଭାବ: ୧୨।୦୮।୧୯୫୨
ତିରୋଧାନ: ୧୭।୧୨।୨୦୨୫
ଆପଣଙ୍କ ଅମର ଆତ୍ମାର ଶାନ୍ତି ଓ ସଦ୍‌ଗତି ନିମନ୍ତେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ବିନମ୍ର ପ୍ରାର୍ଥନା କରୁଛୁ।
-:ଶୋକସନ୍ତପ୍ତ:-
ପୁଅ- ବୋହୂ : ବର୍ଣ୍ଣି- ସୂଚୀ, ଝିଅ- ଜ୍ୱାଇଁ : ମିଲି- ପ୍ରଦୀପ, ଝିଲି- ରାଜେଶ, ମେଘା, ଖୁସୀ, ଆୟାନ, ଯାନା, ବନ୍ଧୁ ଓ ପରିବାରବର୍ଗ।
D-2935

# ଜାତୀୟ ରୋଲ ବଲ୍ ପାଇଁ ଓଡ଼ିଶା ଦଳ



ଜାତୀୟ ୧୪ ବର୍ଷରୁ କମ୍ ରୋଲ ବଲ ପାଇଁ ଚୟନ ହୋଇଥିବା ଓଡ଼ିଶା ଦଳ।

**ଭୁବନେଶ୍ୱର, ୨୫।୧୨ (ତପନ ସ୍ୱାଇଁ)**

ଚଳିତମାସ ୨୮ରୁ ଜାନୁଆରୀ ୧ ପର୍ଯ୍ୟନ୍ତ ୧୭ଶ ଜାତୀୟ ୧୪ ବର୍ଷରୁ କମ୍ ରୋଲ ବଲ୍ ଚାମ୍ପିୟନଶିପ୍ ଜମ୍ମୁରେ ଅନୁଷ୍ଠିତ ହେବ। ଏହି ସମ୍ମାନଜନକ ପ୍ରତିଯୋଗିତାରେ ଅଂଶଗ୍ରହଣ ଲାଗି ଓଡ଼ିଶା ଦଳ ଗୁରୁବାର ଜମ୍ମୁ ଯାତ୍ରା କରିଛି। ସାଇ ଶ୍ରୀୟାଂଶୁ ରାଉତ ଅଧିନାୟକ ଓ ପ୍ରତୀକ ଅର୍ନବ ଜେନା ଉପ ଅଧିନାୟକ ମନୋନୀତ ହୋଇଛନ୍ତି। ଓଡ଼ିଶା ଦଳରେ ସ୍ଥାନ ପାଇଥିବା ଅନ୍ୟ ଖେଳାଳିମାନେ ହେଲେ ସୁଶୀଲ ମହାନ୍ତି, ଆୟୁଷ୍ମାନ ପାତ୍ର, ଶୁଭମ୍ ଦୋରା, ଆୟୁଷ ଜେନା, ବୀରେନ ଦାସ, ରୁଦ୍ର ନାରାୟଣ ମହାନ୍ତି ଓ ଭିଭାନ ଟିକମନି। ଦଳକୁ ବିଦାୟୀ ଶୁଭେଚ୍ଛା ଜଣାଇବା ଲାଗି ଅନୁଷ୍ଠିତ କାର୍ଯ୍ୟକ୍ରମରେ ଓଡ଼ିଶା ରୋଲ ବଲ୍ ଆସୋସିଏଶନ ସମ୍ପାଦକ ସୌଦାମିନୀ ପାତ୍ର, ଟିମ୍ ମ୍ୟାନେଜର ସୌମ୍ୟରଞ୍ଜନ ଜୟସିଂ ଓ ଅନ୍ୟ କର୍ମକର୍ତ୍ତାମାନେ ଉପସ୍ଥିତ ଥିଲେ।

# ସିନିୟର ଥ୍ରୋ ବଲ୍‌ରେ ଭାଗନେବ ଓଡ଼ିଶା



କର୍ମକର୍ତ୍ତାଙ୍କ ଗହଣରେ ଓଡ଼ିଶା ମହିଳା ଓ ପୁରୁଷ ଥ୍ରୋ ବଲ ଦଳ।

**ଭୁବନେଶ୍ୱର, ୨୫।୧୨ (ତପନ ସ୍ୱାଇଁ)**

କେରଳର କୋଟ୍ଟାୟାମାଠାରେ ଚଳିତ ମାସ ୨୮ରୁ ୩୧ ପର୍ଯ୍ୟନ୍ତ ଜାତୀୟ ସିନିୟର ଥ୍ରୋ ବଲ୍ ପ୍ରତିଯୋଗିତା ଅନୁଷ୍ଠିତ ହେବ। ଏଥିରେ ଅଂଶଗ୍ରହଣ ଲାଗି ୩୪ ଜଣିଆ ଓଡ଼ିଶା ମହିଳା ଓ ପୁରୁଷ ଦଳ ଶୁକ୍ରବାର କେରଳ ଯାତ୍ରା କରିବ। ସୁଧାସିନ୍ଧୁ ସାହୁ ମହିଳା ଦଳର ଅଧିନାୟିକା ଓ ମନିସୀମା ରାଉତ ଉପଅଧିନାୟିକା ମନୋନୀତ ହୋଇଛନ୍ତି। ସେହିପରି ପୁରୁଷ ଦଳରେ ସୁଶାନ୍ତ ଦାସ ଅଧିନାୟକ ଏବଂ ଦୀପ୍ତିରଞ୍ଜନ ସାମନ୍ତରାୟ କୋଚ୍ ଓ ଅଭିଜିତ ମହାନ୍ତି ମ୍ୟାନେଜର ଅଛନ୍ତି। ଆଗାମୀ ପ୍ରତିଯୋଗିତା ଲାଗି ଓଡ଼ିଶା ଥ୍ରୋ ବଲ୍ ସମ୍ପାଦକ ଜୀତେନ୍ଦ୍ର ନାଥ ଦାସ, ସଭାପତି ଭୁପେନ୍ଦ୍ର ସିଂ, ପ୍ରୋଗ୍ରାମିଂ ଅଫିସର ହରେଶ କୁମାର ମିଶ୍ର, ସାମାଜିକକର୍ମୀ ମଞ୍ଜୁଲତା ବରାଳ ଖେଳାଳି ଓ ସପୋର୍ଟ ଷ୍ଟାଫ୍‌ଙ୍କୁ ଶୁଭେଚ୍ଛା ଜଣାଇଛନ୍ତି।

# ସିରିଜ ଆଗୁଆ ଜିତିବା ଲକ୍ଷ୍ୟରେ ଭାରତ

**ଥିରୁଭାନନ୍ତପୁରମ, ୨୫।୧୨ (ପି.ଟି.)**

ଶୁକ୍ରବାର ଏଠାରେ ଭାରତ ଓ ଶ୍ରୀଲଙ୍କା ମହିଳା କ୍ରିକେଟ ଦଳ ମଧ୍ୟରେ ତୃତୀୟ ଅନ୍ତର୍ଜାତୀୟ ଟି୨୦ କ୍ରିକେଟ ମ୍ୟାଚ ଖେଳାଯିବ। ଘରୋଇ ଦଳ ପ୍ରଥମ ଦୁଇଟି ମ୍ୟାଚରେ ଉଭୟ ବ୍ୟାଟିଂ ଓ ବୋଲିଂରେ ଉଲ୍ଲେଖନୀୟ ପ୍ରଦର୍ଶନ କରିଛି। ବିଶାଖାପାଟଣାରେ ଖେଳାଯାଇଥିବା ଏହି ମ୍ୟାଚ୍ ଦୁଇଟିରେ ଭାରତ ଯଥାକ୍ରମେ ୮ଉଇକେଟ ଓ ୭ ଉଇକେଟରେ ବିଜୟ ଲାଭ କରିଛି। ଶ୍ରୀଲଙ୍କା ବିପକ୍ଷରେ ଭାରତ ଖେଳିଥିବା ଗତ ୧୧ଅନ୍ତର୍ଜାତୀୟ ଟି୨୦ ମଧ୍ୟ ୯ଟିରେ ବିଜୟ ଲାଭ କରିଛି। ଶ୍ରୀଲଙ୍କା ଗତଥର ୨୦୨୪ ଜୁଲାଇରେ ଦାମ୍ବୁଲାଠାରେ ଜୁଲାଇ ୨୪ରେ ଆୟୋଜକ ଦେଶ ବିପକ୍ଷରେ ବିଜୟ ହାସଲ କରିଥିଲା। ଏଥର ଭାରତର ବ୍ୟାଟିଂ ଲାଇନ୍-ଅପ୍ ଖୁବ୍ ଶକ୍ତିଶାଳୀ ମନେ ହେଉଛନ୍ତି। ଗତ ଦୁଇଟି ଗେମ୍‌ରେ ପୃଥକ ପୃଥକ ଖେଳାଳି ଚମତ୍କାର ବ୍ୟାଟିଂ କରିଛନ୍ତି। ଦିଲ୍ଲୀ କ୍ୟାପିଟାଲ୍ସର ନିବନିଯୁକ୍ତ ଅଧିନାୟିକା ଜେମିମା ରୋଡ୍ରିଗ୍ସ ଓପନିଂ ଟି୨୦ ଏବଂ ଦ୍ୱିତୀୟ ଟି୨୦ରେ ଶେଫାଳି ବର୍ମା ସେମାନଙ୍କ ଦାୟିତ୍ୱ ତୁଲାଇଛନ୍ତି।

୨୦୨୫ରେ ଘଟି ଯାଇଛି ଅନେକ ଅପରାଧ। ଦ୍ୱୈତ ନଗରୀ କଟକ, ଭୁବନେଶ୍ୱର ସମେତ ଖୋର୍ଦ୍ଧା ଏବଂ ପୁରୀ ଜିଲାରେ ଏମିତି ଅନେକ ଘଟଣା ଘଟିଛି, ଯାହାକି ସମସ୍ତଙ୍କ ମନକୁ ଆନ୍ଦୋଳିତ କରିପକାଇଥିଲା। ବର୍ଷର ପ୍ରାରମ୍ଭରେ ନିଶା କାରବାରକୁ ବିରୋଧ କରୁଥିବା ସଫେଇ କର୍ମଚାରୀ ସଂଘର ସଭାପତି ସହଦେବ ନାୟକଙ୍କୁ ରାଜଧାନୀର ରାଜ ରାସ୍ତାରେ ମୁଣ୍ଡରୁ ଗଣ୍ଡି ଅଲଗା କରିଦେଇଥିଲେ ଅଭିଯୁକ୍ତ। ସେହିପରି ବୀମା ଟଙ୍କା ପାଇଁ ଟ୍ରାଫିକ୍ କନଷ୍ଟେବଲ ଶୁଭମିତ୍ରାଙ୍କୁ ତାଙ୍କ ସ୍ୱାମୀ ହତ୍ୟା କରି ମାଟିରେ ପୋତିଦେବା ଘଟଣା, ଜମିଜମା ବିବାଦରୁ ଏମ୍ସ କର୍ମଚାରୀଙ୍କୁ ଗୁଳି କରି ହତ୍ୟା, ସ୍ନାନ ଯାତ୍ରାରେ ସେବାୟତଙ୍କୁ ହତ୍ୟା ଏବଂ ୪୨ମୌଜାରେ ବନ୍ଧୁକ କାରଖାନା ଠାବ ଆଦି ଘଟଣା ବିଦାୟୀ ବର୍ଷରେ ବେଶ୍ ଚର୍ଚ୍ଚାର ବିଷୟ ପାଲଟିଥିଲା।

## ଜମି ବିବାଦରୁ ବିଲ୍ଟୁରଙ୍କୁ ହତ୍ୟା



ଜମି ବିବାଦକୁ କେନ୍ଦ୍ର କରି ଏପ୍ରିଲ ୧୧ରେ ଏୟାରଫିଲ୍ଡ ଥାନା ଅଞ୍ଚଳରେ ବିଲ୍ଟୁର ସସ୍ମିତ ବିଶ୍ୱାଳ ଓରଫ ଚିନୁ (୪୭)ଙ୍କୁ ହତ୍ୟା କରାଯାଇଥିଲା। ଭିମ୍ପୁର ଅଞ୍ଚଳର ସସ୍ମିତ ପ୍ରଧାନସାହି ମୌଜାରେ ଜମି ବ୍ୟବସାୟ କରୁଥିଲେ। ଜମି ବିବାଦକୁ ନେଇ ପାର୍ଟନର ଟୁଲୁଙ୍କ ସହ ତାଙ୍କର ବିବାଦ ହୋଇଥିଲା। ମୁଖ୍ୟ ଅଭିଯୁକ୍ତ ଟୁଲୁ, ହୋମଗାର୍ଡ ସୁକାନ୍ତ ବେହେରାଙ୍କ ସମେତ ୫ରୁ ଊର୍ଦ୍ଧ୍ୱ ଅଭିଯୁକ୍ତ ସସ୍ମିତଙ୍କୁ ପିଟିପିଟି ହତ୍ୟା କରିଥିଲେ।

## ୪୨ ମୌଜାରେ ବେଆଇନ ବନ୍ଧୁକ କାରଖାନା

ଭୁବନେଶ୍ୱର-କଟକ କମିଶନରେଟ ପୋଲିସର ୪୨ ମୌଜା ଥାନା ଅନ୍ତର୍ଗତ ଧୂଳିଶ୍ୱର ଗ୍ରାମରେ ମାର୍ଚ୍ଚ ୧୩ ତାରିଖରେ ଏକ ବେଆଇନ ବନ୍ଧୁକ କାରଖାନା ଠାବ କରିଥିଲା। କୋଲକାତା ଓ ଭୁବନେଶ୍ୱର ଏସ୍‌ଟିଏଫ୍ ସହ ୪୨ ମୌଜା ଥାନା ପୋଲିସ ମିଳିତ ଭାବେ ଚଢ଼ାଉ କରି କାରଖାନାରେ ଥିବା ୩୦ଟି ମାଉଜର ସାଙ୍ଗକୁ ବନ୍ଧୁକ ତିଆରି ସରଞ୍ଜାମ ଓ ଲେଦ ମେଶିନ ଜବତ କରାଯାଇଛି। ବେଆଇନ ବନ୍ଧୁକ ତିଆରି କରିବା ଅଭିଯୋଗରେ ପୋଲିସ ୪ ଜଣଙ୍କୁ ଉଠାଇ ନେଇଛି। ଅଭିଯୁକ୍ତମାନେ ହେଲେ ବନ୍ଧୁକ କାରଖାନା ଚାଲିଥିବା ଘରର ମାଲିକ ତଥା ଧୂଳିଶ୍ୱର ଗ୍ରାମର ଶରତ ବେହେରା(୫୮), ବିହାର ମୁଙ୍ଗେରର ସମଶେର ଆଲମ ଓ ମହମ୍ମଦ ଆବିଦ ହୁସେନ ଏବଂ ପଶ୍ଚିମବଙ୍ଗର ମହମ୍ମଦ ଆଜମ୍। ଅଭିଯୁକ୍ତମାନଙ୍କୁ ସ୍ଥାନୀୟ କୋର୍ଟରେ ହାଜର କରାଇବା ପରେ କୋଲକାତା ପୋଲିସ ସେମାନଙ୍କୁ ରିମାଣ୍ଡରେ ନେଇଥିଲା।

## ପାତ୍ରପଡ଼ାରେ ହିଟ୍ ଆଣ୍ଡ୍ ରନ୍; ମା', ଝିଅଙ୍କ ଜୀବନ ଗଲା



ଖଣ୍ଡଗିରି ଥାନା ଅଧୀନ ପାତ୍ରପଡ଼ା ଜାତୀୟ ରାଜପଥରେ ଅଗଷ୍ଟ ୯(ରାଖୀ ପୂର୍ଣ୍ଣିମା)ରେ ଭୟଙ୍କର ଥାର୍ ଦୁର୍ଘଟଣାରେ ମା' ରେବତୀ ନାୟକ ଓ ୮ବର୍ଷୀୟା ଝିଅ ରେଶମାଙ୍କ ଜୀବନ ଯାଇଥିବାବେଳେ ଦୁଇ ବର୍ଷର ପୁଅ ଗୁରୁତର ହୋଇଥିଲେ। ରେବତୀ ତାଙ୍କ ଭାଇଙ୍କ ହାତରେ ରାଖୀ ବାନ୍ଧିବାକୁ ଦୁଇ ପିଲାଙ୍କୁ ନେଇ ପଟିଆ ଯାଇ ଏକ ବସ୍‌ରେ ଫେରି ଅପରାହ୍ନରେ ପାତ୍ରପଡ଼ାରେ ଓହ୍ଲାଇଥିଲେ। ଫୁଲେଶ୍ୱରୀ ବସ୍ତିସ୍ଥିତ ଘରକୁ ଯିବା ପାଇଁ ଏନ୍‌ଏଚ୍ ପାରି ହେଉଥିବାବେଳେ ୫ଜଣ ସାଙ୍ଗ ସ୍କର୍ପିଓ ଓ ଥାର୍‌ରେ ଗୋଡ଼ାଗୋଡ଼ି ହୋଇ ଦ୍ରୁତ ଗତିରେ ଖୋର୍ଦ୍ଧା ଆଡ଼କୁ ଯାଉଥିଲେ। ଥାର୍ ଟିମ୍ ସେମାନଙ୍କୁ ଧକ୍କା ଦେଇଥିଲା। ଘଟଣାରେ ପୋଲିସ ଥାର୍ ମାଲିକ ଜଟଣୀ ଥାନା ଅନ୍ତର୍ଗତ ଚଣାଘର ଗାଁର ସୋମନାଥ ବେହେରାଙ୍କ ସମେତ ୬ଜଣଙ୍କୁ ଗିରଫ କରିଥିଲା।




## ସଫେଇ କର୍ମଚାରୀ ସଂଘ ସଭାପତି ସହଦେବଙ୍କୁ ହତ୍ୟା

ନିଶା କାରବାରକୁ ବିରୋଧ ଏବଂ ପୂର୍ବ ଶତ୍ରୁତାକୁ କେନ୍ଦ୍ର କରି ଜାନୁଆରୀ ୮ ସକାଳ ସମୟରେ ବିଏମ୍‌ସି ସଫେଇ କର୍ମଚାରୀ ସଂଘ ସଭାପତି ସହଦେବ ନାୟକଙ୍କୁ ଅଭିଯୁକ୍ତମାନେ ହତ୍ୟା କରିଥିଲେ। ବାଣୀବିହାର ରେଲ୍‌ୱେ ଓଭରବ୍ରିଜ୍ ଉପରେ ଅଭିଯୁକ୍ତମାନେ ସହଦେବଙ୍କ ମୁଣ୍ଡରୁ ଗଣ୍ଡି ଅଲଗା କରିଦେଇଥିଲେ। କେଦାରପଲ୍ଲୀ ବସ୍ତିରେ ଅଭିଯୁକ୍ତଙ୍କ ନିଶା କାରବାରକୁ ସହଦେବ ବିରୋଧ କରିବାରୁ ଶତ୍ରୁତା ବଢ଼ିଥିଲା। ମୁଖ୍ୟ ଷଡ଼ଯନ୍ତ୍ରକାରୀ ରମା ନାୟକଙ୍କ ଦୁଇ ପୁଅ ଓ ଅନ୍ୟମାନେ ସହଦେବଙ୍କୁ ମାରିବାକୁ ଷଡ଼ଯନ୍ତ୍ର କରିଥିଲେ। ଘଟଣା ଦିନ ସକାଳେ ୨ ବାଇକ୍‌ରେ ୪ ଅଭିଯୁକ୍ତ ସହଦେବଙ୍କୁ ପିଛା କରି ତାଙ୍କୁ ବିଭିନ୍ନ ମାରଣାସ୍ତ୍ରରେ ହତ୍ୟା କରିଥିଲେ। ପୋଲିସ ଏହି ଘଟଣାରେ ୯ଜଣଙ୍କୁ ଗିରଫ କରିଥିଲା।



## ଜମିଜମା ବିବାଦରୁ ଏମ୍ସ କର୍ମଚାରୀଙ୍କୁ ଗୁଳି



ଖଣ୍ଡଗିରି ଥାନା ଅନ୍ତର୍ଗତ ସରକନ୍ତରା ଗାଁରେ ଜମିଜମା ବିବାଦକୁ କେନ୍ଦ୍ର କରି ଅକ୍ଟୋବର ୧୩ରେ ଏମ୍ସର ଲାବ ଆଟେଣ୍ଡାଣ୍ଟ ସୁଧାଂଶୁ ଖୁଣ୍ଟିଆ ଓରଫ ରବି (୩୦)ଙ୍କୁ ଗୁଳି କରି ହତ୍ୟା କରାଯାଇଥିଲା। ଘର ଡିହ ଜମି ପାଇଁ ରକ୍ତର ସମ୍ପର୍କକୁ ଭୁଲିଯାଇ ଦାଦାପୁଅ ଭାଇ ଶିବା ପ୍ରଧାନ ଏହି କାଣ୍ଡ ଘଟାଇଥିଲେ। ପୋଲିସ ଷଡ଼ଯନ୍ତ୍ରକାରୀ ଦାଦା ସୁକାନ୍ତ, ବଡ଼ପୁଅ ଶୁଭେନ୍ଦୁ, ଶିବାଙ୍କ ସମେତ ୫ଜଣଙ୍କୁ ଗିରଫ କରିଥିଲା।

## ହୋଲିରେ ରକ୍ତର ହୋଲି — ରାଜଧାନୀରେ ୨ ହତ୍ୟା

ହୋଲିରେ ରାଜଧାନୀରେ ଅପରାଧୀମାନେ ରକ୍ତର ହୋଲି ଖେଳି ୨ଜଣଙ୍କୁ ହତ୍ୟା କରିଥିଲେ। ଶହୀଦନଗର ଥାନା ଶାନ୍ତିପଲ୍ଲୀ ବସ୍ତିରେ ଗୋପୀ ଗୁନିଙ୍କୁ ହତ୍ୟା କରାଯାଇଥିଲା। ମାର୍ଚ୍ଚ ୧୫ରେ ଶାନ୍ତିପଲ୍ଲୀ ବସ୍ତିରେ ହୋଲି ଉତ୍ସବବେଳେ ବାନା ଗୁଣୀ, ପିଙ୍କୁ ଗୁଣି ଏବଂ ଜଣେ ନାବାଳକଙ୍କ ସହ ରଙ୍ଗ ଲଗାଲଗିକୁ ନେଇ ଗୋପିଙ୍କ ବଚସା ହୋଇଥିଲା। ସେମାନେ ଗୋପୀଙ୍କୁ ଛୁରି ଭୁସି ହତ୍ୟା କରିଥିଲେ। ଏହି ଘଟଣାରେ ପୋଲିସ ୩ ଅଭିଯୁକ୍ତଙ୍କୁ ଧରିଥିଲା। ସେହିପରି ମଞ୍ଚେଶ୍ୱର ଶିଳ୍ପାଞ୍ଚଳରେ ସମେଇଗାଡ଼ିଆ ଗାଁର ଆୟୁଷ୍ମାନ ପତିଙ୍କୁ ପୂର୍ବ ଶତ୍ରୁତାକୁ ନେଇ ପୁରୀ ଜିଲା ବେଗୁନିଆର ତନ୍ମୟ ବେହେରା ଛୁରି ଭୁସି ହତ୍ୟା କରିଥିଲେ। ଏହି ଘଟଣାରେ ପୋଲିସ ମିଲୁଙ୍କୁ ଗିରଫ କରିଥିଲା। ଏଥି ସହ ମିଲୁଙ୍କୁ ଫେରାର କରାଇବା ଅଭିଯୋଗରେ ତାଙ୍କ ଦୁଇ ଭାଇ ଓ ଡ୍ରାଇଭରଙ୍କୁ ମଧ୍ୟ ଗିରଫ କରାଯାଇଥିଲା।



## ଦୃଷ୍ଟିବାଧିତ ମା' ପାଖରୁ ଚୋରି କରିନେଲେ ଶିଶୁପୁତ୍ର

ଭୁବନେଶ୍ୱର ରାମ ମନ୍ଦିର ସାମ୍ନାରେ ଭିକ୍ଷାବୃତ୍ତି କରୁଥିବା ଜଣେ ଦୃଷ୍ଟିବାଧିତ ମା' ଜୟନ୍ତୀ ମଲ୍ଲିକଙ୍କ ପାଖରୁ ୧ବର୍ଷ ୭ ମାସର ପୁଅ ଶୁଭମ୍‌କୁ ଜଣେ ଯୁବକ ଚୋରି କରିନେଇଥିଲେ। ଏପ୍ରିଲ ୧୨ତାରିଖ (ଶନିବାର) ରାତିରେ ଅଭିଯୁକ୍ତ କେଦାର ପଣ୍ଡା କୁନିପୁଅକୁ କିଛି ଖାଦ୍ୟ ଦେବା ସହ ଜୁସ୍ ପିଇବାକୁ ଦେଇ ତାକୁ ନେଇଯାଇଥିଲେ। ଏହି ଘଟଣା ରାଜଧାନୀ ସମେତ ରାଜ୍ୟରେ ଆଲୋଡ଼ନ ସୃଷ୍ଟି କରିଥିଲା। ମୁଖ୍ୟମନ୍ତ୍ରୀଙ୍କ ହସ୍ତକ୍ଷେପ ପରେ ୪୮ଘଣ୍ଟାର ଅପରେଶନ କରି ପୋଲିସ ଶିଶୁପୁତ୍ରକୁ ବାଲେଶ୍ୱରରୁ ଉଦ୍ଧାର କରିଥିଲା। କେଦାର ଶିଶୁକୁ ନେଇ ବାଲେଶ୍ୱର ଜିଲା ଖନ୍ତପଡ଼ା ଥାନା ଅଧୀନ ବୋଇତା ଗାଁର ଝେଲମ ରାଣୀ ପଣ୍ଡାଙ୍କୁ ଦେଇଥିଲେ। ମିଳିତ ପୋଲିସ ଟିମ୍ ବୋଇତା ଗାଁରେ ଚଢ଼ାଉ କରି ଶିଶୁକୁ ଉଦ୍ଧାର କରିବା ସହ ଜଣେ ମହିଳାଙ୍କୁ ଉଠାଇ ଆଣିଥିଲା।

## ସୁନା ଦୋକାନରୁ ଲୁଟିଲେ / ୧୬କେଜିରୁ ଊର୍ଦ୍ଧ୍ୱ ଅଳଙ୍କାର

ଖୋର୍ଦ୍ଧା ଜିଲା ଜଙ୍କିଆ ଥାନା ଅଧୀନ ଛଣଗିରି କ୍ଷେତ୍ରବ୍ୟାଙ୍କ ପାର୍ଶ୍ୱ ସାଇସୋନୁ ସୁନା ଅଳଙ୍କାର ଦୋକାନରୁ ଅଗଷ୍ଟ ୨୪ରେ ଦୁର୍ବୃତ୍ତମାନେ ୧୧କେଜି ୫ଶହ ଗ୍ରାମ ସୁନା ଏବଂ ୫ କେଜି ରୁପା ଅଳଙ୍କାର ଲୁଟି ନେଇଥିଲେ। ଏହି ଘଟଣା ସେହି ସମୟରେ ସ୍ଥାନୀୟ ଅଞ୍ଚଳରେ ଚର୍ଚ୍ଚାର ବିଷୟ ପାଲଟିଥିଲା। ଦୋକାନ ମାଲିକ ପୁଷ୍ପରଞ୍ଜନ ସାହୁଙ୍କ ସ୍ତ୍ରୀ ଅରୁନ୍ଧତିଙ୍କ ଅଭିଯୋଗକୁ ଭିତ୍ତିକରି ପୋଲିସ ତଦନ୍ତ ଚଳାଇ ଦୁଇଟି ପର୍ଯ୍ୟାୟରେ ମୋଟ ୬ଜଣଙ୍କୁ ଗିରଫ କରିଥିବା ବେଳେ ୧୯୧୩ ଗ୍ରାମ ୬୫୦ ମିଲିଗ୍ରାମ ସୁନାଗହଣା ଏବଂ ୪୫୯୪ ଗ୍ରାମ ୯୪୦ ମିଲିଗ୍ରାମ ରୁପା ଅଳଙ୍କାର ଜବତ କରିଛି। ତେବେ ଏହି ଘଟଣାରେ ସମ୍ପୃକ୍ତ ଥିବା ଅନ୍ୟ ଅଭିଯୁକ୍ତମାନେ କେବେ ଧରାପଡ଼ିବେ ତାହାକୁ ନେଇ ସାଧାରଣରେ ଆଲୋଚନାର ବିଷୟ ପାଲଟିଛି।

## ବୀମା ଟଙ୍କା ପାଇଁ ମାରି ପୋତିଦେଲେ

ଇନ୍‌ସ୍ୟୁରାନ୍ସ ଟଙ୍କାକୁ ନେଇ ସୃଷ୍ଟି ହୋଇଥିବା ବିବାଦରୁ ଟ୍ରାଫିକ୍ କନ୍‌ଷ୍ଟେବଲ ଶୁଭମିତ୍ରାଙ୍କୁ ତାଙ୍କ ସ୍ୱାମୀ(କୋର୍ଟରେ ବିବାହିତ) ତଥା କନ୍‌ଷ୍ଟେବଲ ଦୀପକ ରାଉତ ତଣ୍ଟିଚିପି ହତ୍ୟା କରିଥିଲେ। ଏପରି କି ପ୍ରମାଣ ନଷ୍ଟ କରିବା ଉଦ୍ଦେଶ୍ୟରେ ମୃତଦେହକୁ ଭୁବନେଶ୍ୱରରୁ କାର୍ ଯୋଗେ ଘଟଗାଁ ନେଇ ସେଠାରେ ଏକ ଜଙ୍ଗଲରେ ଜଣେ ସମ୍ପର୍କୀୟଙ୍କ ସହଯୋଗରେ ମାଟି ତଳେ ପୋତିଥିଲେ। ଶୁଭମିତ୍ରା ନିଖୋଜ ହେବାର ୧୧ଦିନ ପରେ ସେପ୍ଟେମ୍ବର ୧୭ରେ ଘଟଣାର ପର୍ଦ୍ଦାଫାଶ ହୋଇଥିଲା। ଏହି ମାମଲାରେ ମୁଖ୍ୟ ଦୀପକଙ୍କ ସମେତ ୩ଜଣଙ୍କୁ ପୋଲିସ ଗିରଫ କରିଥିଲା। ଏପରିକି ୩ ବର୍ଷ ତଳେ ଦୀପକ ତାଙ୍କ ପ୍ରଥମ ସ୍ତ୍ରୀ ଅପର୍ଣ୍ଣା ପ୍ରିୟଦର୍ଶିନୀଙ୍କୁ ହତ୍ୟା କରି ଦୁର୍ଘଟଣାର ରୂପ ଦେଇଥିଲେ ବୋଲି ପୋଲିସ ତଦନ୍ତରୁ ଜାଣିବାକୁ ପାଇଥିଲା।

## ଡିଜିଟାଲ ଆରେଷ୍ଟ — ସିଏଙ୍କଠାରୁ ଦେଢ଼ କୋଟି ଲୁଟିନେଲେ



ରାଜଧାନୀରେ ସାଇବର ଅପରାଧର ଏକ ଚାଞ୍ଚଲ୍ୟକର ଘଟଣା ଘଟିଥିଲା। ସାଇବର ଠକମାନେ ଶହୀଦନଗର ଥାନା ଅନ୍ତର୍ଗତ ଭିଏସ୍‌ଏସ୍‌ନଗର ହାଉସିଂବୋର୍ଡ କଲୋନୀରେ ରହୁଥିବା ବରିଷ୍ଠ ନାଗରିକ ତଥା ଚାର୍ଟାର୍ଡ ଆକାଉଣ୍ଟାଣ୍ଟ (ସିଏ) ବିଜୟ କୁମାର ସାହୁଙ୍କଠାରୁ ଦେଢ଼ କୋଟି ଟଙ୍କା ଠକି ନେଇଥିଲେ। ଏପରିକି ବିଜୟ ଓ ତାଙ୍କ ସ୍ତ୍ରୀଙ୍କୁ ଡିଜିଟାଲ ଆରେଷ୍ଟ କରାଯାଇଥିବା ଧମକ ଦେଇ ଅପରାଧୀମାନେ ଉଭୟଙ୍କୁ ୧୦ ଦିନ ଧରି ଗୃହବନ୍ଦୀ କରି ରଖିଥିଲେ। ନିର୍ଯାତନାର ଶିକାର ବନ୍ଦୀ ଦମ୍ପତିଙ୍କୁ ପୋଲିସ ଉଦ୍ଧାର କରିବା ପରେ ନଭେମ୍ବର ୭ରେ ଘଟଣା ପଦାକୁ ଆସିଥିଲା।

## ପୋଲିସ ହେପାଜତରେ ଅଭିଯୁକ୍ତଙ୍କ ମୃତ୍ୟୁ



ଖୋର୍ଦ୍ଧା ଜିଲା ବାଣପୁର ଥାନା ପୋଲିସ ହେପାଜତରେ ଅଭିଯୁକ୍ତ ଛବୀନ୍ଦ୍ର ନାୟକଙ୍କ ଡିସେମ୍ବର ୧୪ରେ ମୃତ୍ୟୁ ହୋଇଥିବା ନେଇ ତାଙ୍କ ସ୍ତ୍ରୀ ରୀତା ନାୟକ ଅଭିଯୋଗ ଆଣିଥିଲେ। ଚୋରା ମଦ କାରବାର ଅଭିଯୋଗରେ ପୋଲିସ ଛବୀନ୍ଦ୍ରଙ୍କୁ ପଚରାଉଚରା ପାଇଁ ଉଠାଇ ନେଇଥିଲା। ପରେ ତାଙ୍କୁ ଗିରଫ କରିଥିଲା। ପୋଲିସ ହେପାଜତରେ ଥିବା ଛବୀନ୍ଦ୍ର ଅସୁସ୍ଥ ଅନୁଭବ କରିବାରୁ ପୋଲିସ ତାଙ୍କୁ ବାଣପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲା। ତାଙ୍କ ସ୍ୱାସ୍ଥ୍ୟାବସ୍ଥା ଅଧିକ ଖରାପ ହେବାରୁ ଡାକ୍ତରଙ୍କ ପରାମର୍ଶକ୍ରମେ ପୋଲିସ ତାଙ୍କୁ କ୍ୟାପିଟାଲ ହସ୍ପିଟାଲକୁ ସ୍ଥାନାନ୍ତର କରିଥିଲା। ପୋଲିସ ଭ୍ୟାନରେ ତାଙ୍କୁ ନିଆଯାଉଥିବା ବେଳେ ବାଟରେ ତାଙ୍କର ମୃତ୍ୟୁ ଘଟିଥିଲା। ପୋଲିସ ଛବୀନ୍ଦ୍ରଙ୍କୁ ପିଟି ମାରିଦେଇଥିବା ତାଙ୍କ ସ୍ତ୍ରୀ ରୀତା ଅଭିଯୋଗ ଆଣିଥିଲେ।



## ଗୁଣିଆଙ୍କୁ ହତ୍ୟା କରି ଚନ୍ଦକା ଜଙ୍ଗଲରେ ପୋତିଦେଲେ

ଜଣେ ଗୁଣିଆଙ୍କୁ ହତ୍ୟା କରି ଚନ୍ଦକା ଜଙ୍ଗଲରେ ପୋତି ଦିଆଯାଇଥିଲା। ଅକ୍ଟୋବର ୩୧ରେ ନରକଙ୍କାଳ ଉଦ୍ଧାର ହେବାପରେ ଘଟଣା ପଦାକୁ ଆସିଥିଲା। ଜବତ ନରକଙ୍କାଳ ଘଟଣାର ମାସେ ତଳେ ନିଖୋଜ ଥିବା ଚନ୍ଦକାଥାନା ଅଧୀନ ପିତାଗାଡ଼ିଆ ଗ୍ରାମର ଗୁଣିଆ ବଳରାମ ଦେଓଗାମଙ୍କ ବୋଲି ସ୍ପଷ୍ଟ ହୋଇଥିଲା। ଏହି ଘଟଣାରେ ପୋଲିସ ଉକ୍ତ ଗାଁର ଦୁଇ ସାଙ୍ଗ କହ୍ନେଇ ହେମ୍ବ୍ରମ ଓ ରାମ ସାମ୍‌ଦାଙ୍କୁ ଗିରଫ କରିଥିଲା। ବଳରାମଙ୍କ ଗୁଣିଗାରେଡ଼ି ପାଇଁ ଉଭୟଙ୍କ ବାପାଙ୍କ ମୃତ୍ୟୁ ହୋଇଥିଲା ବୋଲି ସେମାନେ ଭାବି ନେଇଥିଲେ। ଏହାକୁ ନେଇ ଜାତ ହୋଇଥିବା ସନ୍ଦେହରୁ ପ୍ରତିଶୋଧ ନିଆଁରେ ଜଳୁଥିବା ଦୁଇ ସାଙ୍ଗ ବଳରାମଙ୍କୁ ହତ୍ୟା କରିଥିଲେ।

## ସ୍ନାନଯାତ୍ରାରେ ସେବାୟତଙ୍କୁ ହତ୍ୟା

ପବିତ୍ର ସ୍ନାନଯାତ୍ରା ଅବସରରେ ଜୁନ୍ ୧୧ରେ ପୁରୀ ସହରରେ ଜଣେ ୮୦ ବର୍ଷୀୟ ସେବାୟତ ହତ୍ୟାର ଶିକାର ହୋଇଥିଲେ। ଟାଉନ ଥାନା ଅନ୍ତର୍ଗତ ମହାସୁଆର ସାହି ବାସିନ୍ଦା ତଥା ଶ୍ରୀମନ୍ଦିର ସେବାୟତ ଜଗନ୍ନାଥ ଦୀକ୍ଷିତଙ୍କୁ ଗୁଡ଼ିଆ ସାହିର ରାବେଣି ଚଉରା ନିକଟରେ ନିର୍ମମ ଭାବେ ହତ୍ୟା କରାଯାଇଥିଲା। ଜଗନ୍ନାଥ ସ୍ନାନଯାତ୍ରାରେ ତାଙ୍କର ସେବା ସାରି ଫେରିବାବେଳକୁ ଏହି ଘଟଣା ଘଟିଥିଲା। ପୂର୍ବ ଶତ୍ରୁତା ଓ ଟଙ୍କା କାରବାର ଏହି ଘଟଣା ପଛର କାରଣ ବୋଲି ଜଣାପଡ଼ିଥିଲା। ତଦନ୍ତ ପରେ ଅଭିଯୁକ୍ତ ଗୁଡ଼ିଆ ସାହିର ଏନ୍. ପାଇଯୋଶୀଙ୍କୁ ପୋଲିସ ଗିରଫ କରିଥିଲା।

ଧରିତ୍ରୀ 52 Years
ଧରିତ୍ରୀ DHARITRI
www.orissakhabar.com/ www.dharitri.com ପୃଷ୍ଠା ୧୬ Press Regd. No. R.N. 21326/74 Postal Regd. No. BN/42/24-26. ଭୁବନେଶ୍ୱର, ଶୁକ୍ରବାର, ଡିସେମ୍ବର ୨୬/୨୦୨୫ Bhubaneswar, Friday, December 26/ 2025




# ପେସରଙ୍କୁ ନେଇ ଖେଳିବ ଅଷ୍ଟ୍ରେଲିଆ

**ମେଲବୋର୍ନ,୨୫।୧୨(ଏପି)**

ଶୁକ୍ରବାରଠାରୁ ମେଲବୋର୍ନ କ୍ରିକେଟ ଗ୍ରାଉଣ୍ଡ (ଏମ୍‌ସିଜି)ଠାରେ ଅଷ୍ଟ୍ରେଲିଆ ଓ ଇଂଲଣ୍ଡ ମଧ୍ୟରେ ଚତୁର୍ଥ ଆଶେସ ଟେଷ୍ଟ ଖେଳାଯିବ। ଏହି ମ୍ୟାଚ୍‌ରେ ଘରୋଇ ଅଷ୍ଟ୍ରେଲିଆ ଦଳ ବିନା ସ୍ପିନରରେ ଓହ୍ଲାଇବ। ଆଡିଲେଡ୍ ଟେଷ୍ଟରେ ଦଳର ଭେଟେରାନ ସ୍ପିନର ନାଥନ ଲାୟନ ହାମଷ୍ଟ୍ରିଙ୍ଗ ଇଞ୍ଜୁରିର ସମ୍ମୁଖୀନ ହୋଇଥିଲେ। ପରେ ତାଙ୍କର ସର୍ଜରି ମଧ୍ୟ କରାଯାଇଥିଲା। ତାଙ୍କ ବଦଳରେ

## ଆଜିଠୁ ଚତୁର୍ଥ ଆଶେସ

ଅଫ୍ ସ୍ପିନର ଟଡ୍ ମର୍ଫିଙ୍କୁ ଦଳରେ ସାମିଲ କରାଯାଇଥିଲା। କିନ୍ତୁ ଏମ୍‌ସିଜି ପିଚ୍‌ରେ ପ୍ରଚୁର ଘାସ ଥିବାରୁ ଅଷ୍ଟ୍ରେଲିଆ ଦଳ ମର୍ଫିଙ୍କ ବିନା ଖେଳିବାକୁ ନିଷ୍ପତ୍ତି ନେଇଛି। ମ୍ୟାଚ୍ ଲାଗି ଷ୍ଟିଭ ସ୍ମିଥଙ୍କ ନେତୃତ୍ୱରେ ୧୨ ଜଣିଆ ଅଷ୍ଟ୍ରେଲିଆ ଦଳ ଘୋଷଣା କରାଯାଇଛି, ଯେଉଁଥିରେ ପେସରଙ୍କୁ ପ୍ରାଧାନ୍ୟ ଦିଆଯାଇଛି। ଏମ୍‌ସିଜିରେ ଟେଷ୍ଟ ଖେଳିବା ପାଇଁ ଅଷ୍ଟ୍ରେଲିଆ ଦଳ କୌଣସି ସ୍ପିନରଙ୍କୁ ଚୟନ ନ କରିବା ସାଧାରଣ କଥା ନୁହେଁ। କାରଣ ଏହି ଗ୍ରାଉଣ୍ଡରେ ଶେନ ୱର୍ନ ଓ ଲାୟନ ସଫଳ ହୋଇଛନ୍ତି।

'ବର୍ତ୍ତମାନ ଆମେ ଖେଳୁଥିବା ପ୍ରାୟତଃ ପିଚ୍ ସ୍ପିନରଙ୍କ ଅପେକ୍ଷା ପେସରଙ୍କୁ ସୁହାଉଛି। ଗତ ସପ୍ତାହରେ ଖେଳାଯାଇଥିବା ମ୍ୟାଚ୍‌ରେ ବ୍ୟବହୃତ ଆଡିଲେଡ ପିଚ୍ ଭିନ୍ନ ଥିଲା। ସେଠାରେ ପିଚ୍‌ରେ ରଫ ସୃଷ୍ଟି ହେବା ପରେ ଆମେ ଲାୟନଙ୍କୁ ବ୍ୟବହାର କରିଥିଲୁ। କିନ୍ତୁ ଏମ୍‌ସିଜି ପିଚ୍ ମୁଖ୍ୟତଃ ପେସରଙ୍କୁ ସୁହାଇବ ଆମେ ଆଶା କରୁଛୁ' ବୋଲି ସ୍ମିଥ ଖବରଦାତା ସମ୍ମିଳନୀରେ କହିଛନ୍ତି। ଉଇକେଟକିପର ବ୍ୟାଟର ଜୋଶ ଇଙ୍ଗଲିଶଙ୍କ ବଦଳରେ ଭେଟେରାନ ଉସ୍ମାନ ଖ୍ୱାଜାଙ୍କୁ ଚୟନ କରାଯାଇଥିବା ବେଳେ ଦୀର୍ଘ ୪ ବର୍ଷର ବ୍ୟବଧାନ ପରେ ରିଚାର୍ଡସନ ପ୍ରଥମ ଟେଷ୍ଟ ଖେଳିପାରନ୍ତି। ଦ୍ୱିତୀୟ ଟେଷ୍ଟରେ ଖେଳିଥିବା ବ୍ରେଣ୍ଡନ ଡଗେଟ ଓ ମାଇକେଲ ନେସରଙ୍କୁ ଦଳରେ ସାମିଲ କରାଯାଇଛି। ଦୁହେଁ ତୃତୀୟ ଟେଷ୍ଟରେ ଖେଳି ନ ଥିଲେ। ସେମାନଙ୍କ ବଦଳରେ ଲାୟନ ଓ କମିନ୍ସ ଖେଳିଥିଲେ। ଅନ୍ୟପକ୍ଷରେ ଇଂଲଣ୍ଡ ପକ୍ଷରୁ ଚୂଡ଼ାନ୍ତ ଏକାଦଶ ଘୋଷଣା କରାଯାଇଛି।


ଝେ ରିଚାର୍ଡସନ

# ଆଜିଠୁ ରାଜ୍ୟସ୍ତରୀୟ ସବ୍‌ଜୁନିୟର ଖୋଖୋ

**ଭୁବନେଶ୍ୱର, ୨୫।୧୨ (ତପନ ସ୍ୱାଇଁ)**

ଓଡ଼ିଶା ଖୋଖୋ ଆସୋସିଏଶନ, ଜଗତସିଂହପୁର ଜିଲା କ୍ରୀଡ଼ା ସଂସଦ ଏବଂ ରାଜ୍ୟ କ୍ରୀଡା ବିଭାଗ ସହଯୋଗରେ ୨୬ ଶୁକ୍ରବାରଠାରୁ ଜଗତସିଂହପୁରଠାରେ ଆରମ୍ଭ ହେବାକୁ ଯାଉଛି ୧୭ଶ ରାଜ୍ୟସ୍ତରୀୟ ସବ୍‌ଜୁନିୟର (ବାଳିକା ଓ ବାଳକ) ଖୋଖୋ ଚାମ୍ପିୟନଶିପ୍। ତିର୍ତ୍ତୋଲର ଏମଏସ ଏକାଡେମୀ ପରିସରରେ ଏହା ୨୮ ତାରିଖ ପର୍ଯ୍ୟନ୍ତ ଚାଲିବ। ଏହି ଟୁର୍ନାମେଣ୍ଟରୁ ମନୋନୀତ ଶ୍ରେଷ୍ଠ ୨୫ ଖେଳାଳି ଚଳିତ ମାସ ୩୦ରୁ ପୁରୀରେ ହେବାକୁ ଥିବା ରାଜ୍ୟ ସବ୍‌ଜୁନିୟର ଖୋ ଖୋ ପ୍ରଶିକ୍ଷଣ ଶିବିରରେ ଭାଗନେବେ। ମନୋନୀତ ଖେଳାଳିଙ୍କୁ ରାଜ୍ୟ ମୁଖ୍ୟ ପ୍ରଶିକ୍ଷକ ଅନିଲ ଲଖମନ ଗଞ୍ଜିଭିଏଙ୍କ ନିକଟରେ ରିପୋର୍ଟ କରିବାକୁ ପଡ଼ିବ ବୋଲି ରାଜ୍ୟ ଖୋଖୋ ସଙ୍ଘ ସମ୍ପାଦକ ତଥା ଭାରତୀୟ ଖୋଖୋ ମହାସଂଘର ଉପସଭାପତି ପ୍ରଦ୍ୟୁମ୍ନ ମିଶ୍ର ଓ କାର୍ଯ୍ୟକାରିଣୀ ସଦସ୍ୟ ତଥା ଆୟୋଜକ କମିଟି ସମ୍ପାଦକ ଭୁବନମୋହନ ଦାସ ସୂଚନା ଦେଇଛନ୍ତି।

# ଓଡ଼ିଶା ଆଜି ସର୍ଭିସେସକୁ ଭେଟିବ

**ଭୁବନେଶ୍ୱର, ୨୫।୧୨ (ତପନ ସ୍ୱାଇଁ)**

ଚଳିତ ବିଜୟ ହଜାରେ ଘରୋଇ ଟ୍ରଫି ଦିନିକିଆ କ୍ରିକେଟ ଟୁର୍ନାମେଣ୍ଟରେ ଓଡ଼ିଶା ଶୁକ୍ରବାର ସର୍ଭିସେସକୁ ଭେଟିବ। ବେଙ୍ଗାଲୁରର ଅଲୁରଠାରେ ସକାଳ ୯ଟାରୁ ଏହି ଏଲିଟ ଗ୍ରୁପ୍ 'ଡି' ମ୍ୟାଚ ଆରମ୍ଭ ହେବ। ଚଳିତ ସିଜନରେ ଉଭୟ ଓଡ଼ିଶା ଓ ସର୍ଭିସେସ ପରାଜୟ ସହ ଅଭିଯାନ ଆରମ୍ଭ କରିଛନ୍ତି। ଓଡ଼ିଶା ଏହାର ପ୍ରଥମ ମ୍ୟାଚରେ ସ୍ୱସ୍ତିକ ସାମଲଙ୍କ ଦ୍ୱିଶତକ ସହାୟତାରେ ୬ ଉଇକେଟ ହରାଇ ୩୪୫ ରନ କରିଥିଲେ ମଧ୍ୟ ସୌରାଷ୍ଟ୍ରଠାରୁ ହାରି ଯାଇଥିଲା। ଓଡ଼ିଶାର ପ୍ରଥମ ଖେଳାଳିଭାବେ ସ୍ୱସ୍ତିକ ବିଜୟ ହଜାରେ ଟ୍ରଫିରେ ଦ୍ୱିଶତକ ହାସଲ କରିଥିଲେ। ସ୍ୱସ୍ତିକଙ୍କ ବ୍ୟତୀତ ଅଧିନାୟକ ବିପ୍ଳବ ସାମନ୍ତରାୟ ଏହି ମ୍ୟାଚରେ ଶତକ ପୂରଣ କରିଥିଲେ। ମାତ୍ର ଏହି ଦୁଇ ଖେଳାଳିଙ୍କ ଆଉଟ ହୋଇଥିବା ଅନ୍ୟ ୪ ଜଣଯାକ ବ୍ୟାଟର ଦୁଇଅଙ୍କ ସ୍ପର୍ଶ କରି ନ ପାରିବା ଟିମ୍ ମ୍ୟାନେଜମେଣ୍ଟର ଚିନ୍ତା ବଢ଼ାଇଛି। ବୋଲିଂରେ ମଧ୍ୟ ଓଡ଼ିଶାର ପ୍ରାୟ ସମସ୍ତ ବୋଲର ମହଙ୍ଗା ସାବ୍ୟସ୍ତ ହୋଇଥିଲେ। ଦୁଇ ଷ୍ଟ୍ରାଇକ୍ ବୋଲର ରାଜେଶ ମହାନ୍ତି ଓ ଦେବବ୍ରତ ପ୍ରଧାନ ଯଥାକ୍ରମେ ୯ ଓଭରରେ ୬୧ ଓ ୯ ଓଭରରେ ୭୩ ରନ ବ୍ୟୟ କରିଥିଲେ। ଅନ୍ୟ ବୋଲରମାନେ ମଧ୍ୟ ପ୍ରଭାବହୀନ ରହିଥିଲେ। ତେଣୁ ଆଗାମୀ ମ୍ୟାଚରେ ଓଡ଼ିଶାକୁ ସ୍ୱତନ୍ତ୍ର ରଣନୀତି ସହ ପଡ଼ିଆକୁ ଓହ୍ଲାଇବାକୁ ପଡ଼ିବ।

ଅନ୍ୟପକ୍ଷରେ ସର୍ଭିସେସ ଏହାର ପ୍ରଥମ ମ୍ୟାଚରେ ଗୁଜରାଟଠାରୁ ପରାସ୍ତ ହୋଇଛି। ଟପ୍ ଅର୍ଡର ବ୍ୟାଟିଂ ବିପର୍ଯ୍ୟୟ ସହ ସର୍ଭିସେସ ୪୨.୨ ଓଭରରେ ମାତ୍ର ୧୮୪ ରନକରି ଅଲ୍‌ଆଉଟ ହୋଇଥିଲା। ଦଳ ପକ୍ଷରୁ ଉଇକେଟ କିପର ନକୁଲ ଶର୍ମା ସର୍ବାଧିକ ୩୯ ରନ କରିଥିଲେ। ୧୮୫ ରନ ବିଜୟ ଲକ୍ଷ୍ୟକୁ ଗୁଜରାଟ ୩୪.୫ ଓଭରରେ ମାତ୍ର ୨ ଉଇକେଟ ହରାଇ ହାସଲ କରି ନେଇଥିଲା। ବ୍ୟାଟିଂ ପରି ସର୍ଭିସେସ ବୋଲରମାନେ ମଧ୍ୟ ପ୍ରଭାବୀ ପ୍ରଦର୍ଶନରେ ବିଫଳ ହୋଇଥିଲେ। ଆଗାମୀ ମ୍ୟାଚରେ ଏଥିରୁ ଓଡ଼ିଶା ଦଳ ଫାଇଦା ଉଠାଇବାକୁ ଚେଷ୍ଟା କରିବା ଉଚିତ।




# ଜାତୀୟ ଦୃଷ୍ଟିବାଧିତ ଜୁଡୋରେ ଓଡ଼ିଶାକୁ ୧୫ ପଦକ

**ପାରାଦୀପ ୨୫।୧୨(ଶରତ ରାଉତ)**

ରାଜସ୍ଥାନଠାରେ ଗତ ୧୯ ରୁ ୨୩ ପର୍ଯ୍ୟନ୍ତ ଅନୁଷ୍ଠିତ ଜାତୀୟ ପାରା ଜୁଡୋ ଚାମ୍ପିୟନଶିପରେ ଓଡ଼ିଶା ୧୫ ପଦକ ପାଇବା ସହ ରନର୍ସଅପ୍ ହୋଇଛି। ଉକ୍ତ ୨୫ ଜଣିଆ ଓଡ଼ିଶା ଟିମ୍ ପଦକ ସହ ଗୁରୁବାର ସନ୍ଧ୍ୟାରେ ପାରାଦୀପ ପହଞ୍ଚିଛନ୍ତି। ଏହି ପଦକ ମଧ୍ୟରେ ୪ ସ୍ୱର୍ଣ୍ଣ, ୩ ରୌପ୍ୟ ଓ ୮ବ୍ରୋଞ୍ଜ ରହିଛି ବୋଲି କୋଚ ଲୋପାମୁଦ୍ରା ପତି କହିଛନ୍ତି। ଗତବର୍ଷ ଏହି ଟିମ୍ ଜାତୀୟ ଖେଳରେ ୧୦ ପଦକ ଜିତିଥିଲେ। ସୂଚନାଯୋଗ୍ୟ, ଓଡ଼ିଶା ଟିମ ପାଇଁ ରାଜ୍ୟର ୨୫ ଜଣ ଦୃଷ୍ଟିବାଧିତ ଖେଳାଳୀଙ୍କୁ ପାରାଦୀପ ବନ୍ଦର କର୍ତ୍ତୃପକ୍ଷ ଆବଶ୍ୟକ ଭିତ୍ତିଭୂମି ଯୋଗାଇଥିଲେ।



ପ୍ରତୀକ ପ୍ରଧାନ ପୁରସ୍କାର ଗ୍ରହଣ କରୁଛନ୍ତି।

# ସେମିରେ ପାରାମାଉଣ୍ଟ

**ଭୁବନେଶ୍ୱର, ୨୫।୧୨ (ତପନ ସ୍ୱାଇଁ)**

ମୁକ୍ତେଶ୍ୱର କ୍ରିକେଟ କ୍ଲବ ଆନୁକୂଲ୍ୟରେ ଚାଲିଥିବା ୧୬ ବର୍ଷରୁ କମ୍ କ୍ରିକେଟ ଟୁର୍ନାମେଣ୍ଟର ଗୁରୁବାର ଅନୁଷ୍ଠିତ ପ୍ରଥମ ସେମିଫାଇନାଲରେ ନିମପୁରର ରାଇଜିଂ ଷ୍ଟାରକୁ ୧୯ ରନରେ ହରାଇ ପାରାମାଉଣ୍ଟ କ୍ଲବ ସେମିଫାଇନାଲରେ ପ୍ରବେଶ କରିଛି। ଟସ୍ ଜିତି ବ୍ୟାଟିଂ କରିଥିବା ପାରାମାଉଣ୍ଟ ୩୦ ଓଭରରେ ୭ ଉଇକେଟ ହରାଇ ୧୩୯ ରନ କରିଥିଲା। ଦଳ ପକ୍ଷରୁ ପ୍ରତୀକ ପ୍ରଧାନ ସର୍ବାଧିକ ୬୨ ରନ ସ୍କୋର କରିଥିଲେ। ଜବାବରେ ରାଇଜିଂ ଷ୍ଟାର କ୍ଲବ ୨୯.୨ ଓଭରରେ ୧୨୦ ରନରେ ଅଲ୍‌ଆଉଟ ହୋଇଯାଇଥିଲା। ଶୈଳେଶ କୁମାର ନାୟକ ୩୬ ରନ କରିଥିଲେ। ପାରାମାଉଣ୍ଟର ସ୍ୱାଧୀନ ଓ ଶୁଭମ ୩ ଉଇକେଟ ଲେଖାଏ ନେଇଥିଲେ। ଆୟୁଷଙ୍କୁ ୨ ଉଇକେଟ ମିଳିଥିଲା। ପ୍ରତୀକ ପ୍ରଧାନଙ୍କୁ ପ୍ଲେୟର ଅଫ୍ ଦି ମ୍ୟାଚ ପୁରସ୍କାରରେ ବିବେଚିତ କରାଯାଇଥିଲା। ଆଉଟଷ୍ଟାଣ୍ଡିଂ କ୍ୟାଚ ଅଫ୍ ମ୍ୟାଚ ପୁରସ୍କାର ପାଇଥିଲେ ରାଇଜିଂ ଷ୍ଟାରର ପୁଣ୍ୟଜିତ ତ୍ରିପାଠୀ। ପୂର୍ବତନ ରଣଜୀ ଖେଳାଳି ତଥା ବର୍ତ୍ତମାନ ଓଡ଼ିଶା ଜୁନିୟର ଦଳର ବୋଲିଂ କୋଚ୍ ପ୍ରୀତମଜିତ ଦାଶ ଅତିଥିଭାବେ ଯୋଗଦେଇ ପୁରସ୍କାର ପ୍ରଦାନ କରିଥିଲେ।

## କଳପଡ଼ା ପଞ୍ଚାୟତ କପ୍ ଫୁଟ୍‌ବଲ ଟୁର୍ନାମେଣ୍ଟ

# ସାଇରାମ ମର୍ନିଂ ଟିମ୍ ଚାମ୍ପିୟନ

**କଟକ ସଦର,୨୫।୧୨ (ସୁଶାନ୍ତ କୁମାର ଜେନା)**

ବୟାଳିଶ ମୌଜା ଅନ୍ତର୍ଗତ କଳପଡ଼ା ବିଜୁ ପଟ୍ଟନାୟକ ମିନି ଷ୍ଟାଡିୟମରେ ଗୁରୁବାର ଅଷ୍ଟମ କଳପଡ଼ା ପଞ୍ଚାୟତ କପ୍ ଫୁଟ୍‌ବଲ ଟୁର୍ନାମେଣ୍ଟ ଉଦ୍‌ଯାପିତ ହୋଇଯାଇଛି। ଏହି ଟୁର୍ନାମେଣ୍ଟର ଫାଇନାଲ ମ୍ୟାଚ୍‌ରେ ଦେଉଳି ଟିମ୍‌କୁ ହରାଇ କଟକର ସାଇରାମ ମର୍ନିଂ ଟିମ୍ ଚାମ୍ପିୟନ ହୋଇଛି। ପୁରସ୍କାର ବିତରଣ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଅବସରପ୍ରାପ୍ତ ପୋଲିସ ଅଧିକାରୀ ତଥା ଓଡ଼ିଶା ଫୁଟ୍‌ବଲ ଆସୋସିଏଶନର କୋଷାଧ୍ୟକ୍ଷ ଭକ୍ତବଲ୍ଲଭ ଦାସ, ସମ୍ମାନିତ ଅତିଥି ଭାବେ କ୍ରୀଡ଼ା ସଙ୍ଗଠକ ଡାକ୍ତର ଅନଙ୍ଗ ମୋହନ ଦ୍ୱିବେଦୀ, ଚଳଚ୍ଚିତ୍ର ଅଭିନେତ୍ରୀ ଭୂମିକା ଦାସ, ସନ୍ତୋଷ ଟ୍ରଫି ଚୟନକର୍ତ୍ତା ମାନସ ରଞ୍ଜନ ସାମଲ, ଫୁଟ୍‌ବଲ ଆସୋସିଏଶନ ଉପସଭାପତି ମହମ୍ମଦ ସହିଦ ଜବାର ଯୋଗଦେଇ ଉଭୟ ଟିମ୍‌କୁ ପୁରସ୍କୃତ କରିଥିଲେ। ଚାମ୍ପିୟନ ଦଳକୁ କପ୍ ସହ ୨୫ ହଜାର ଟଙ୍କା ଏବଂ ରନର୍ସ ଅପ୍ ଦଳକୁ କପ୍ ସହ ୨୦ ହଜାର ଟଙ୍କା ପ୍ରଦାନ କରାଯାଇଥିଲା। କଳପଡ଼ା ପଞ୍ଚାୟତ ସମିତି ସଭ୍ୟା ପିଙ୍କି ଭୋଇ, ପୂର୍ବତନ ସରପଞ୍ଚ ସରୋଜ କୁମାର ନାୟକ, ବିଜୟ କୁମାର ନାୟକ, ଦୀପାଞ୍ଜଳି ସାହୁ, ସୁନିଲ ମୁଦୁଲି, ଅଶୋକ ସ୍ୱାଇଁ, ଶେଷଦେବ ଦାସ, ସୁଶାନ୍ତ ପରିଡ଼ା, ସଞ୍ଜୀବ ବିଶ୍ୱାଳ ଏବଂ ପଞ୍ଚାୟତବାସୀ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିବାବେଳେ ପ୍ରଫେସର ମନୋଜ କୁମାର ନାୟକ ଟୁର୍ନାମେଣ୍ଟ ପରିଚାଳନା କରିଥିଲେ।



ଅତିଥିମାନେ ଚାମ୍ପିୟନ ସାଇରାମ ମର୍ନିଂ ଟିମ୍‌କୁ ପୁରସ୍କୃତ କରୁଛନ୍ତି।

# ମ୍ୟାଚ୍ ବେଳେ ଖେଳାଳିଙ୍କ ନୀରବ ପ୍ରତିବାଦ

**ନୂଆଦିଲ୍ଲୀ,୨୫।୧୨(ଏପି)**

ପଣ୍ଡିତ ଜବାହରଲାଲ ନେହେରୁ ଷ୍ଟାଡିୟମରେ ଇଣ୍ଟିକ୍ଲୋଲ ବିପକ୍ଷରେ ଖେଳାଯାଇଥିବା ଏଏଫ୍‌ସି ଚାମ୍ପିୟନ୍ସ ଲିଗ୍-୨ ମ୍ୟାଚ୍ ବେଳେ ଏଫ୍‌ସି ଗୋଆ ଦଳର ଖେଳାଳିମାନେ ନୀରବ ପ୍ରତିବାଦ କରିଥିଲେ। ମ୍ୟାଚ୍ ଆରମ୍ଭ ଲାଗି ରେଫରୀ ହ୍ୱିସିଲ ବଜାଇବା ପରେ ଏଫ୍‌ସି

## ଆଇଏସ୍‌ଏଲ୍ ସଙ୍କଟ

ଗୋଆର ଖେଳାଳିମାନେ କିଛି ସେକେଣ୍ଡ ପାଇଁ ନ ଖେଳି ପୂର୍ବରୁ ଧାର୍ଯ୍ୟ ଯୋଜନା ମୁତାବକ ଗ୍ରାଉଣ୍ଡରେ ବସି ପ୍ରତିବାଦ କରିଥିଲେ। ଏହି ପ୍ରତିବାଦର ଉଦ୍ଦେଶ୍ୟ ଥିଲା, ଭାରତୀୟ ଫୁଟବଲ ଇକୋ ବ୍ୟବସ୍ଥା ପ୍ରତି ଘନେଇଥିବା ଅନିଶ୍ଚିତତାକୁ ପ୍ରଦର୍ଶିତ କରିବା।

ପ୍ରଶାସନିକ ଓ ଆର୍ଥିକ ବିଷୟ ଯୋଗୁ ଇଣ୍ଡିଆନ ସୁପର ଲିଗ୍ ଓ ଆଇ-ଲିଗ୍ ଭଳି ଦେଶର ଶୀର୍ଷ ସ୍ତରୀୟ ଘରୋଇ ଫୁଟବଲ ପ୍ରତିଯୋଗିତାରେ ବିଳମ୍ବ ହୋଇଛି। ଏଭଳି ପରିସ୍ଥିତି ଯୋଗୁ ପ୍ରତ୍ୟେକ ଦଳର ଖେଳାଳି, କୋଚ୍ ଓ ଷ୍ଟାଫ ପ୍ରଭାବିତ ହୋଇଛନ୍ତି। ଆମ ଘରୋଇ ଫୁଟବଲ ଇକୋସିଷ୍ଟମ ସମ୍ମୁଖୀନ ହେଉଥିବା ବଡ଼ ଚ୍ୟାଲେଞ୍ଜ ପ୍ରତି ଦୃଷ୍ଟି ଆକର୍ଷଣ କରିବା ପାଇଁ ଖେଳାଳିମାନେ ଫିଲ୍ଡ ମଧ୍ୟରେ ମ୍ୟାଚ୍ ବେଳେ ବିକ୍ଷୋଭ ପ୍ରଦର୍ଶିତ କରିଥିଲେ। ଏହି ବିକ୍ଷୋଭ ପ୍ରତିପକ୍ଷ ଦଳ କିମ୍ବା ଏସିଆନ ଫୁଟବଲ କନ୍‌ଫେଡେରେଶନ (ଏଏଫ୍‌ସି) ଲାଗି କରାଯାଇ ନ ଥିଲା ବୋଲି ଏଫ୍‌ସି ଗୋଆ ପକ୍ଷରୁ ଜାରି କରାଯାଇଥିବା ବିବୃତିରେ କୁହାଯାଇଛି। ମ୍ୟାଚ୍‌ରେ ଭଲ ପ୍ରଦର୍ଶନ ସତ୍ତ୍ୱେ ଗୋଆ ୨-୧ ଗୋଲରେ ଇଣ୍ଟିକ୍ଲୋଲଠାରୁ ପରାସ୍ତ ହୋଇଥିଲା। ଏହି ପରାଜୟ ସହ ଏଫ୍‌ସି ଗୋଆ ଗ୍ରୁପ୍-ଡି'ରେ ୬ ମ୍ୟାଚ୍‌ରେ ବିନା ପଏଣ୍ଟ ସହ ଅଭିଯାନ ଶେଷ କରିଛି।




4-Printed and published by Adyasha Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ